# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୨୭/୨୦୧୮ (୨୦ ପୃଷ୍ଠା+ ମେଟ୍ରୋ ମିଜାଜ) | Bhubaneswar, Thursday, September 27/ 2018 | ★★★★★★

୪୪ଶ ଭାଗ ୩୦୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ପୂର୍ଣ୍ଣିମାଙ୍କୁ ବ୍ରୋଞ୍ଜ ପଦକ**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସରେ ବ୍ରୋଞ୍ଜ ପଦକ ପାଇଛନ୍ତି ଓଡ଼ିଆ ଆଥଲେଟ୍ ପୂର୍ଣ୍ଣିମା ହେମ୍ବ୍ରମ। ୧୯

୧୬ **ପରିଣିତିଙ୍କ ଫିଟ୍‌ନେସ ଚିନ୍ତା**

ବଲିଉଡ୍ ଅଭିନେତ୍ରୀ ପରିଣିତି ଚୋପ୍ରା ଏବେ ନିଜ ଫିଟ୍‌ନେସ ଉପରେ ଗୁରୁତ୍ୱ ଦେବା ସହ ଅନ୍ୟମାନଙ୍କୁ କେତେକ ଫର୍ମୁଲା ଶିଖାଉଛନ୍ତି।



# ଆଧାର ବୈଧ, କିନ୍ତୁ...

ନୂଆଦିଲ୍ଲୀ,୨୬।୯(ପି.ଟି.)

ଆଧାର ବୈଧ। ଏହାର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରାଯାଇ ପାରିବ ନାହିଁ ବୋଲି ବୁଧବାର ସୁପ୍ରିମକୋର୍ଟ ଏକ ଐତିହାସିକ ରାୟ ଦେଇଛନ୍ତି। ସର୍ବୋଚ୍ଚ ଅଦାଲତ ସାମାଜିକ ଯୋଜନାଗୁଡ଼ିକର ସୁବିଧା ହାସଲ ପାଇଁ ଆଧାରର ବୈଧତାକୁ ସୀମିତ ରଖିଛନ୍ତି। କିନ୍ତୁ ମୋବାଇଲ୍ ଫୋନ୍, ବ୍ୟାଙ୍କ ଅକାଉଣ୍ଟ ଓ ସ୍କୁଲରେ ନାମଲେଖା ଭଳି କ୍ଷେତ୍ରରେ ଏହାର ଆବଶ୍ୟକତା ନାହିଁ ବୋଲି ସ୍ପଷ୍ଟ କରିବା ସହ ଏଥିରେ ଥିବା କେତେକ ନିୟମକୁ ବାଦ୍ ଦେଇଛନ୍ତି। ୫ ବିଚାରପତି ବିଶିଷ୍ଟ ସାମ୍ବିଧାନିକ ପୀଠ 'ବାଡ଼ି ନ ଭାଙ୍ଗୁ କି ସାପ ନ ମରୁ' ନ୍ୟାୟରେ ଦେଇଥିବା ଏହି ସନ୍ତୁଳିତ ରାୟକୁ ନେଇ ବିଭିନ୍ନ ମହଲରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଭାଜପା ରାୟକୁ କେନ୍ଦ୍ର ସରକାରଙ୍କ ବିଜୟ ବୋଲି ଅଭିହିତ କରିଥିବାବେଳେ କଂଗ୍ରେସ ଏହାକୁ ଭିନ୍ନ ଦୃଷ୍ଟିକୋଣରୁ ସ୍ୱାଗତ କରିଛି।

ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼, ଅଶୋକ ଭୂଷଣ, ଏ.ଏମ୍. ଖାନ୍‌ୱିଲକର ଏବଂ ଜେ. ସିକ୍ରିଙ୍କୁ ନେଇ ଗଠିତ ପୀଠ ବୁଧବାର ଆଧାରର ବୈଧତାକୁ ବଜାୟ ରଖିଛନ୍ତି। ଏହାକୁ ଚ୍ୟାଲେଞ୍ଜ କରି ଦାଏର ହୋଇଥିବା ଏକାଧିକ ପିଟିଶନର ଶୁଣାଣି କରି ପୀଠ ୫୬୭ ପୃଷ୍ଠାର ସଂଖ୍ୟାଗରିଷ୍ଠ (୪:୧) ରାୟରେ କହିଛନ୍ତି, ଆୟକର (ଆଇଟି) ରିଟର୍ନ ଦାଖଲ ଓ ପର୍ମାନେଣ୍ଟ ଆକାଉଣ୍ଟ ନମ୍ବର (ପାନ୍) ହାସଲ କ୍ଷେତ୍ରରେ ଆଧାର ଜରୁରୀ। ତେବେ ବ୍ୟାଙ୍କ ଆକାଉଣ୍ଟ ସହିତ ଏହାର ସଂଯୋଗୀକରଣକୁ ବାଧ୍ୟତାମୂଳକ କରାଯାଇ ପାରିବ ନାହିଁ। ସେହିପରି ଟେଲିକମ୍ ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକ ମଧ୍ୟ ମୋବାଇଲ ସଂଯୋଗ ପାଇଁ ଆଧାର ଦାବି କରିପାରିବେ ନାହିଁ। ଅନୁରୂପ ଭାବେ ସ୍କୁଲରେ ନାମଲେଖା, କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ), ମେଡିକାଲ୍ ଏଣ୍ଟ୍ରାନ୍ସ ସକାଶେ ଜାତୀୟ ଯୋଗ୍ୟତା ପ୍ରବେଶିକା ପରୀକ୍ଷା(ଏନ୍‌ଇଇଟି) ଏବଂ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଦ୍ୱାରା ପରିଚାଳିତ ପରୀକ୍ଷାଗୁଡ଼ିକ ପାଇଁ ଆଧାରର ବ୍ୟବହାର ସ୍ୱେଚ୍ଛାକୃତ ବୋଲି ପୀଠ ସ୍ପଷ୍ଟ କରିଛନ୍ତି।

ଏଥିସହ ପୀଠ ଆଧାର ଆଇନ, ୨୦୧୬ ଅଧୀନରେ ଜାତୀୟ ନିରାପତ୍ତା ବ୍ୟତିକ୍ରମକୁ ହଟାଇଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଆଧାରର ଆବଶ୍ୟକତା ସମ୍ପର୍କରେ ପୀଠ ଅବତାରଣା କରି କହିଛନ୍ତି, ଆଧାରର ତାତ୍ପର୍ଯ୍ୟ ହେଉଛି ସ୍ୱତନ୍ତ୍ର। ଏହା ସମାଜର ବଞ୍ଚିତ ବର୍ଗର ଲୋକଙ୍କ ନିକଟରେ ସୁବିଧା ପହଞ୍ଚାଇବା ପାଇଁ ଉଦ୍ଦିଷ୍ଟ। ଏହି ଯୋଜନା କେବଳ ବ୍ୟକ୍ତିଗତ ଦୃଷ୍ଟିରୁ ନୁହେଁ, ବରଂ ସାମୂହିକ ଓ ବୃହତ୍ ଜନସ୍ୱାର୍ଥ ଦୃଷ୍ଟିରୁ ଲୋକଙ୍କ ମର୍ଯ୍ୟାଦା ରକ୍ଷା କରୁଛି। ସେହିପରି ଆଧାର ପ୍ରମାଣୀକରଣ ତଥ୍ୟକୁ ୬ ମାସରୁ ଊର୍ଦ୍ଧ୍ୱ ସମୟ ସଂରକ୍ଷିତ ରଖାଯାଇ ପାରିବ ନାହିଁ ବୋଲି ପୀଠ ସ୍ପଷ୍ଟ କରିବା ସହ ବେଆଇନ ପ୍ରବାସୀଙ୍କୁ ଆଧାର ନ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆଧାର ଆଇନରେ ଜଣେ ବ୍ୟକ୍ତିଙ୍କ ବ୍ୟକ୍ତିଗତ ଗୋପନୀୟତା (ପ୍ରିଭେସି) ଅଧିକାର ଉଲ୍ଲଂଘନ ହେବା ଭଳି କିଛି ନାହିଁ ବୋଲି ପୀଠ କହିଛନ୍ତି।

ଏହି ପ୍ରସଙ୍ଗରେ ତିନୋଟି ରାୟ ପ୍ରକାଶ ପାଇଛି। ପ୍ରଥମେ ନିଜ ତଥା ସିଜେଆଇ ମିଶ୍ର ଏବଂ ଜଷ୍ଟିସ୍ ଖାନ୍‌ୱିଲକରଙ୍କ ପାଇଁ ଲେଖିଥିବା ରାୟକୁ ଜଷ୍ଟିସ୍ ସିକ୍ରି ପଢ଼ିଥିଲେ। ଜଷ୍ଟିସ୍ ଚନ୍ଦ୍ରଚୂଡ଼ ଏବଂ ଜଷ୍ଟିସ୍ ଭୂଷଣ ସେମାନଙ୍କ ବ୍ୟକ୍ତିଗତ ରାୟ ଲେଖିଥିଲେ। ଜଷ୍ଟିସ୍ ଚନ୍ଦ୍ରଚୂଡ଼ ୩ ବିଚାରପତିଙ୍କ ରାୟଠାରୁ ଭିନ୍ନମତ ଦେଇଥିବାବେଳେ ଜଷ୍ଟିସ୍ ଭୂଷଣ ସଂଖ୍ୟାଗରିଷ୍ଠ ରାୟ ସହ ସହମତ ବୋଲି କହିଥିଲେ। ଟେଲିକମ୍ କମ୍ପାନୀ ବା ଅନ୍ୟ କର୍ପୋରେଟ୍ ଭଳି ଘରୋଇ ସଂସ୍ଥାଗୁଡ଼ିକୁ ଆଧାର ତଥ୍ୟ ହାସଲ ପାଇଁ ଅନୁମତି ପ୍ରଦାନ କରୁଥିବା ଧାରା ୫୭କୁ ଜଷ୍ଟିସ୍ ସିକ୍ରି ହଟାଇ ଦେଇଛନ୍ତି। ପ୍ରକାଶ ଯେ, ଆଧାରର ବୈଧତାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଥିଲା। ୩୮ ଦିନର ଶୁଣାଣି ପରେ ସର୍ବୋଚ୍ଚ ଅଦାଲତ ମେ' ୧୦ରେ ଏହାର ରାୟ ସଂରକ୍ଷିତ ରଖିଥିଲେ।

## ସୁପ୍ରିମକୋର୍ଟଙ୍କ ସନ୍ତୁଳିତ ରାୟ



- ଆଧାରର ସାମ୍ବିଧାନିକ ବୈଧତା ରହିଛି
- ଏହା ପ୍ରିଭେସିକୁ ଉଲ୍ଲଂଘନ କରୁନାହିଁ
- ଘରୋଇ ସଂସ୍ଥା ନେଇପାରିବେନି ଆଧାର ତଥ୍ୟ



**ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ ଭିନ୍ନ ମତ**

ପୃଷ୍ଠା ୯

### କେଉଁଠି ବାଧ୍ୟତାମୂଳକ

୧. ପାନ୍ କାର୍ଡ ତିଆରି କରିବା ଲାଗି ଆଧାର କାର୍ଡ ଆବଶ୍ୟକ।

୨. ଆୟକର ରିଟର୍ନ ଦାଖଲ କରିବା ବେଳେ ଆଧାର ନମ୍ବର ଜରୁରୀ।

୩.ସରକାରଙ୍କ ସମସ୍ତ ଯୋଜନା ଏବଂ ସବ୍‌ସିଡି ଲାଭ ପାଇବା ଲାଗି ମଧ୍ୟ ଆଧାର କାର୍ଡ ବାଧ୍ୟତାମୂଳକ ହେବ।

### କେଉଁଠି ଜରୁରୀ ନୁହେଁ

୧. ମୋବାଇଲ ସିମ୍ ପାଇଁ କମ୍ପାନୀ ଆଧାର କାର୍ଡ ଦେବାକୁ ବାଧ୍ୟ କରିପାରିବେ ନାହିଁ।

୨. ବ୍ୟାଙ୍କ ମଧ୍ୟ ଆକାଉଣ୍ଟ ଖୋଲିବା ଲାଗି ଆଧାର ନମ୍ବର ମାଗି ପାରିବେ ନାହିଁ।

୩. ସ୍କୁଲ କର୍ତ୍ତୃପକ୍ଷ ଆଡମିଶନ୍ ବେଳେ ୬ରୁ ୧୪ ବର୍ଷ ପିଲାର ଆଧାର ନମ୍ବର ମାଗି ପାରିବେ ନାହିଁ।

୪.ସିବିଏସ୍‌ଇ, ନିଟ୍ ଏବଂ ୟୁଜିସି ପରୀକ୍ଷା ଲାଗି ଆଧାର ଜରୁରୀ ନୁହେଁ। ପୂର୍ବରୁ ଏଥିପାଇଁ ଆଧାର ଦେବାକୁ ବାଧ୍ୟ କରାଯାଉଥିଲା।

୫.ସିବିଏସ୍‌ଇ, ବୋର୍ଡ ପରୀକ୍ଷାରେ ସାମିଲ ହେବା ପାଇଁ ଛାତ୍ରୀଛାତ୍ରଙ୍କ ଠାରୁ ଆଧାର ମଗାଯାଇପାରିବ ନାହିଁ।

୬.୧୪ ବର୍ଷରୁ କମ ବୟସର ପିଲାଙ୍କ ନିକଟରେ ଆଧାର ନ ଥିଲେ ତାଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଦିଆଯାଉଥିବା ଅତ୍ୟାବଶ୍ୟକ ସେବାଗୁଡ଼ିକରୁ ବଞ୍ଚିତ କରାଯାଇପାରିବ ନାହିଁ।

୭.ଟେଲିକମ କମ୍ପାନୀ, ଇ-କମର୍ସ ଫାର୍ମ, ଘରୋଇ ବ୍ୟାଙ୍କ ଏବଂ ଅନ୍ୟ ଏଭଳି ସଂସ୍ଥା ଆଧାର ମାଗି ପାରିବେ ନାହିଁ।

## ନ୍ୟାୟିକ ପ୍ରକ୍ରିୟାର ସିଧା ପ୍ରସାରଣ ହେବ

ନୂଆଦିଲ୍ଲୀ,୨୬।୯(ପି.ଟି.)

ଏଣିକି ଘରେ ବସି କ୍ରିକେଟ ଖେଳ ଭଳି କୋର୍ଟରେ ଚାଲିଥିବା ନ୍ୟାୟିକ ପ୍ରକ୍ରିୟାର ସିଧା ପ୍ରସାରଣ ଟିଭି ଚ୍ୟାନେଲରେ ଦେଖିହେବ। ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ବୁଧବାର ଏନେଇ ଅନୁମତି ପ୍ରଦାନ କରିଛନ୍ତି। ଜନସାଧାରଣଙ୍କ ଅଧିକାରରେ ସନ୍ତୁଳନ ଆଣି ଆବେଦନକାରୀଙ୍କ ଗରିମା ସୁରକ୍ଷିତ ରଖିବା ଓ ବିଚାର ପ୍ରକ୍ରିୟାକୁ ଅଧିକ ନିରପେକ୍ଷ କରିବା ଲାଗି କୋର୍ଟ ପ୍ରସିଡିଂର ସିଧା ପ୍ରସାରଣ ଏବଂ ଭିଡିଓ ରେକର୍ଡିଂ ଜରୁରୀ ବୋଲି ସୁପ୍ରିମକୋର୍ଟ ରାୟ ଦେଇଛନ୍ତି। (ରିପୋର୍ଟ :ପୃଷ୍ଠା-୭)

## ଅଯୋଧ୍ୟା ମାମଲାର ରାୟ ଆଜି

ନୂଆଦିଲ୍ଲୀ,୨୬।୯(ପି.ଟି.)

ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ୍ ମାମଲାର ବହୁ ପ୍ରତୀକ୍ଷିତ ରାୟ ସୁପ୍ରିମକୋର୍ଟରେ ଗୁରୁବାର ଅପରାହ୍ନ ୨ଟାରେ ପ୍ରକାଶ ପାଇବ। ଏହାକୁ ନେଇ ସାରା ଦେଶରେ ଉତ୍କଣ୍ଠା ଲାଗିରହିଛି। ଉତ୍ତରପ୍ରଦେଶସ୍ଥିତ ଅଯୋଧ୍ୟାର ଉକ୍ତ ବିବାଦୀୟ ଜମିକୁ ୩ ଭାଗ କରି ତିନି ପକ୍ଷ ମଧ୍ୟରେ ବାଣ୍ଟି ଦିଆଯାଉ ବୋଲି ୨୦୧୦ରେ ଆଲ୍ଲାହାବାଦ ହାଇକୋର୍ଟ ରାୟ ଦେଇଥିଲେ। ଉକ୍ତ ରାୟକୁ ଚ୍ୟାଲେଞ୍ଜ କରି ☞ ପୃଷ୍ଠା-୪

**ଏସ୍‌ସି/ଏସ୍‌ଟି କର୍ମଚାରୀଙ୍କ ପଦୋନ୍ନତିରେ ସଂରକ୍ଷଣ**

**ପରିବର୍ତ୍ତନ ସହ ପୂର୍ବ ରାୟ ବଳବତ୍ତର**

୭

**ଆପଣଙ୍କ ଏହି କପି ସହିତ ପାଇବେ ମେଟ୍ରୋ ମିଜାଜ**



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

ବିପଦରେ ଗଧବଂଶ

**ଆଜିର ମନ୍ତବ୍ୟ**

"ଛାତ୍ରୀଛାତ୍ର ବିତର୍କରେ ସାମିଲ ହୁଅନ୍ତୁ, ପକ୍ଷଭୁକ୍ତ ହୁଅନ୍ତୁ ନାହିଁ।

-ସଦ୍‌ଗୁରୁ ଜଗ୍ଗି ବାସୁଦେବ, ଆଧ୍ୟାତ୍ମିକ ଗୁରୁ

**କିଛି ତଥ୍ୟ**

ବର୍ତ୍ତମାନ ଭାରତରେ ବର୍ଷକୁ ପ୍ରାୟ ୨୬ ନିୟୁତ ଟନ ଚିନି ଆବଶ୍ୟକ ହେଉଥିବା ବେଳେ ୨୦୧୭-୧୮ରେ ୩୨ ନିୟୁତ ଟନ ଉତ୍ପାଦନ ହୋଇଥିଲା। ଆଗକୁ ଏହା ୩୫ ନିୟୁତ ଟନକୁ ବୃଦ୍ଧି ପାଇବା ଆଶା କରାଯାଉଛି। -ଖାଦ୍ୟ ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE 26.09.2018 Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 58 | 103 | 113 |
| CTC | 59 | 105 | 115 |
| DKL | 60 | 106 | 116 |
| BDK | 61 | 107 | 117 |
| BLS | 62 | 109 | 119 |
| ANG | 60 | 106 | 116 |

Eggs Retail Price- 47/-Dozen
Issued in the Interest of Consumers
*Conditions Apply







# ନବୀନଙ୍କୁ ଭେଟିଲେ କମଲ ହାସନ୍



ଏମ୍‌ଏନ୍‌ଏମ୍ ସଭାପତି କମଲ ହାସନଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

**ରାଜନୀତି ପାଇଁ ପରାମର୍ଶ ନେଲେ**

ଚେନ୍ନାଇ,୨୬।୯(ପି.ଟି.)

ଅଭିନୟ ଜଗତରୁ ରାଜନୀତିରେ ପାଦ ଦେଇଥିବା ମକ୍କଲ ନିଧି ମଇଅମ୍ (ଏମ୍‌ଏନ୍‌ଏମ୍)ର ପ୍ରତିଷ୍ଠାତା-ସଭାପତି କମଲ ହାସନ ବୁଧବାର ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ୍ କରିଛନ୍ତି। ତାମିଲନାଡୁ ଗସ୍ତରେ ଥିବା ବିଜେଡି ସୁପ୍ରିମୋ ନବୀନଙ୍କୁ କମଲ ଭେଟି ତାଙ୍କଠାରୁ ରାଜନୈତିକ ପରାମର୍ଶ ଗ୍ରହଣ କରିଛନ୍ତି। ନିଜକୁ ସେ ନବୀନଙ୍କ ପ୍ରଶଂସକ ବିବେଚନା କରିଛନ୍ତି। ନୂଆକରି ରାଜନୀତିରେ ପାଦ ଥାପିଥିବାରୁ ଏ କ୍ଷେତ୍ରରେ ନିଜ ଆଇକନ୍‌ଙ୍କଠାରୁ ପରାମର୍ଶ ଆଶାରେ ତାଙ୍କୁ ଭେଟିଥିବା କମଲ କହିଛନ୍ତି। ☞ ପୃଷ୍ଠା-୪

# ୧୯ ସାମଗ୍ରୀର ସୀମା ଶୁଳ୍କ ବଢ଼ିଲା

**ବଢ଼ିବ ଏସି, ଫ୍ରିଜ୍, ଜୋତା ଦାମ**

ନୂଆଦିଲ୍ଲୀ,୨୬।୯

କେନ୍ଦ୍ର ସରକାର ବିଦେଶରୁ ଆସୁଥିବା ୧୯ ପ୍ରକାର ଅଣ ଆବଶ୍ୟକ ସାମଗ୍ରୀ ଉପରେ ସୀମା ଶୁଳ୍କ ବୃଦ୍ଧି କରିଛନ୍ତି। ଏଭଳି ପଦକ୍ଷେପ ଦ୍ୱାରା ଚଳନ୍ତି ଜମା ନିଅଣ୍ଟକୁ ହ୍ରାସ କରିବା ସହ ଟଙ୍କାର ମୂଲ୍ୟ ହ୍ରାସକୁ ନିୟନ୍ତ୍ରଣରେ ଆଣିବା ସରକାରଙ୍କ ଲକ୍ଷ୍ୟ ରହିଛି। ବୁଧବାର ରାତିରୁ ଏହା ତତ୍କାଳ ଲାଗୁ ହୋଇଯିବ। ଫଳରେ ବିଦେଶୀ ଏସି, ଫ୍ରିଜ, ଟିଭି ସମେତ ଜୋତା ଆଦି ମହଙ୍ଗା ହେବାକୁ ଯାଉଛି। ଖାଲି ସେତିକି ନୁହେଁ ବିଦେଶରୁ ଆମଦାନୀ ହେଉଥିବା ଟରବାଇନ ଫୁଏଲ ବା ବିମାନ ଇନ୍ଧନ ମଧ୍ୟ ମହଙ୍ଗା ହେବ। ☞ ପୃଷ୍ଠା-୪



ପରବର୍ତ୍ତୀ ପ୍ରଧାନ ବିଚାରପତି ଭାବେ ଜଷ୍ଟିସ୍ ରଞ୍ଜନ ଗୋଗୋଇଙ୍କ ନିଯୁକ୍ତିକୁ ବିରୋଧ କରି ଦାଏର ହୋଇଥିବା ଆବେଦନକୁ ବୁଧବାର ସୁପ୍ରିମକୋର୍ଟର ଖାରଜ କରିଦେଇଛନ୍ତି। ଏଥିରେ ସର୍ବୋଚ୍ଚ ଅଦାଲତ ହସ୍ତକ୍ଷେପ କରିବା ଭଳି ପରିସ୍ଥିତି ନାହିଁ ବୋଲି ପ୍ରଧାନ ବିଚାରପତି ଦୀପକ ମିଶ୍ର, ଜଷ୍ଟିସ୍ ଏ.ଏମ୍. ଖାନ୍ୱିଲକର ଏବଂ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ।



# ଡିସେମ୍ବରରେ ସାଇନା-କାଶ୍ୟପଙ୍କ ବିବାହ

ହାଇଦ୍ରାବାଦ,୨୬।୯

ଭାରତୀୟ ବ୍ୟାଡ୍‌ମିଣ୍ଟନ ଜଗତର ଦୁଇ ଷ୍ଟାର ଖେଳାଳିଙ୍କ ମଧ୍ୟରେ ଦୀର୍ଘଦିନ ହେଲା ଚାଲିଥିବା ହାଇପ୍ରୋଫାଇଲ ରୋମାନ୍ସ ଏବେ ବିବାହର ପରିଣତ ହେବାକୁ ଯାଉଛି। ମହିଳା ସିଙ୍ଗଲ୍ସ ଖେଳାଳି ସାଇନା ନେହ୍ୱାଲ ଓ ପୁରୁଷ ଖେଳାଳି ପାରୁପଲ୍ଲୀ କାଶ୍ୟପ ଚଳିତ ବର୍ଷର ଅନ୍ତିମ ଭାଗରେ ବିବାହ ବନ୍ଧନରେ ଆବଦ୍ଧ ହେବେ। ଭାରତୀୟ ବ୍ୟାଡ୍‌ମିଣ୍ଟନ ଜଗତର ଏହି ହାଇପ୍ରୋଫାଇଲ ବିବାହ ଡିସେମ୍ବର ୧୬ ତାରିଖରେ ସମ୍ପନ୍ନ ହେବ। ଏଥିରେ କେବଳ ୧୦୦ ଜଣ ଅତିଥି ଯୋଗଦେବେ ବୋଲି ଯୋଜନା କରାଯାଇଛି। ଏହାପରେ ଡିସେମ୍ବର ୨୧ ତାରିଖରେ ଏକ ବଡ଼ ଭୋଜିର ଆୟୋଜନ କରାଯିବ। ଗତ ଦଶନ୍ଧି ହେଲା ଦୁଇ ହାଇଦ୍ରାବାଦ ଖେଳାଳିଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା। କିନ୍ତୁ ଉଭୟ ଏହାକୁ ଲୁଚାଇ ରଖିଥିଲେ। ଏପରି କି ସାଥୀ ଖେଳାଳି କିଦାମ୍ବି ଶ୍ରୀକାନ୍ତ, ଏଚ୍. ଏସ୍ ପ୍ରଣୟ ଓ ଗୁରୁସାଇଦତ୍ତ ମଧ୍ୟ ଏସମ୍ପର୍କରେ ଅବଗତ ନ ଥିଲେ। ଯଦି କେହି ସେମାନଙ୍କ ପ୍ରେମ ସମ୍ପର୍କରେ ପ୍ରଶ୍ନ କରୁଥିଲେ, ଉଭୟେ ତାକୁ ଖଣ୍ଡନ କରୁଥିଲେ। ତେବେ ଚଳିତବର୍ଷ ହୋଇଥିବା କ୍ରୀଡ଼ାବିତଙ୍କ ବିବାହ ତାଲିକାରେ କାଶ୍ୟପ-ସାଇନା ସାମିଲ ହେବାକୁ ଯାଉଛନ୍ତି। ଏ ପର୍ଯ୍ୟନ୍ତ ସ୍କ୍ୱାଶ୍ ଖେଳାଳି ଦୀପିକା ପାଲିକଲ ଓ କ୍ରିକେଟର ଦୀନେଶ କାର୍ତ୍ତିକ, କ୍ରିକେଟର ଈଶାନ୍ତ ଶର୍ମା ଓ ପ୍ରତିମା ସିଂ, ରେସଲର ଗୀତା ଫୋଗତ ଓ ପାୱନ କୁମାର ଏବଂ ସାକ୍ଷୀ ମଲିକ ଓ ସତ୍ୟବର୍ତ୍ତ କାଦିଆନ ବିବାହ ବନ୍ଧନରେ ଆବଦ୍ଧ ହୋଇ ସାରିଛନ୍ତି। ଉଭୟେ ୨୦୦୫ରେ କୋଚ୍ ପୁଲ୍ଲେଲା ଗୋପିଚାନ୍ଦଙ୍କ ନିକଟରେ ପ୍ରଶିକ୍ଷଣ ଆରମ୍ଭ କରିବା ବେଳେ ପରସ୍ପରକୁ ଭେଟିଥିଲେ। ଏହାପରେ ସାଇନା ୨୦ ମେଜର ଟାଇଟଲ ସହ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ଓ ବିଶ୍ୱ ଚାମ୍ପିୟନଶିପ ରୌପ୍ୟ ପଦକ ଜିତିଥିଲେ। କିନ୍ତୁ ବିଶ୍ୱ ର୍ୟାଙ୍କିଙ୍ଗ୍‌ରେ ଷଷ୍ଠସ୍ଥାନ ଅଧିକାର କରିବା ପରେ କାଶ୍ୟପ ଦୀର୍ଘଦିନ ଧରି ଆହତ ସମସ୍ୟାରେ ଛନ୍ଦି ହୋଇଥିଲେ। ଏଥିଯୋଗୁ ୩୨ ବର୍ଷୀୟ ଶଟଲର କ୍ୟାରିୟରେ ଆଶାନୁଯାୟୀ ସଫଳତା ହାସଲ କରିପାରି ନାହାନ୍ତି।



# ପୂର୍ବତନ କର୍ପୋରେଟରଙ୍କ ୫ ଗାଡ଼ି ଜାଳିଦେଲେ ଦୁର୍ବୃତ୍ତ



ଦୁର୍ବୃତ୍ତମାନେ ଜାଳି ଦେଇଥିବା ଗାଡ଼ି ।



## ରାଜନୈତିକ ଶତ୍ରୁତାରୁ କାଣ୍ଡ ଭିଆଇଥିବା ସନ୍ଦେହ

ଭୁବନେଶ୍ୱର, ୨୬।୯(ବ୍ୟୁରୋ)

ଖାରବେଳନଗର ଥାନା ଅନ୍ତର୍ଗତ ୟୁନିଟ୍-୩ ଲେବର କଲୋନୀର ପ୍ଲଟ ନଂ.ବି-୨/୬ରେ ରହୁଥିବା ପୂର୍ବତନ କର୍ପୋରେଟର ଲାଲା ଅଶୋକ ରାୟଙ୍କର ୫ଟି ଗାଡ଼ିକୁ କେହି ଦୁର୍ବୃତ୍ତ ପୋଡ଼ିଦେଇଛନ୍ତି। ମଙ୍ଗଳବାର ରାତି ପ୍ରାୟ ୧ଟା ୩୦ରୁ ୨ଟା ମଧ୍ୟରେ ଏହି ଘଟଣା ଘଟିଥିବା ଅନୁମାନ କରାଯାଉଛି। ଏଥିରେ ଗୋଟିଏ ମାରୁତି ୮୦୦ କାର୍, ଗୋଟିଏ ସ୍କୁଟି ଏବଂ ୨ଟି ବାଇକ୍ ପୋଡ଼ି ନଷ୍ଟ ହୋଇଯାଇଛି। ରାଜନୈତିକ ଶତ୍ରୁତାକୁ ନେଇ କେହି ଏପରି କାଣ୍ଡ ଘଟାଇଥିବା ସନ୍ଦେହ କରାଯାଉଛି। ଘଟଣା ସମ୍ପର୍କରେ ଅଶୋକଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ଉକ୍ତ ଗାଡ଼ିଗୁଡ଼ିକ ନିକଟରେ ଅଶୋକଙ୍କର ଗୋଟିଏ ଅଡି ଏବଂ ଅନ୍ୟ ଏକ ବିଏମ୍‌ଡବ୍ଲ୍ୟୁ ଭଳି ଦାମୀ କାର ଥିବାବେଳେ ସେଥିରେ ନିଆଁ ଲଗାଯାଇ ନ ଥିବା ଦେଖିବାକୁ ମିଳିଛି।

ସୂଚନା ମୁତାବକ, ସବୁଦିନ ଭଳି ମଙ୍ଗଳବାର ରାତିରେ ମଧ ଅଶୋକଙ୍କ ଗାଡ଼ିଗୁଡ଼ିକ ଘର ବାହାରେ ରହିଥିଲା। ପରିବାର ଲୋକେ ଖାଇପିଇ ଶୋଇଥିଲେ। ବିଳମ୍ବିତ ରାତିରେ ହଠାତ୍ ଏକ ଶବ୍ଦ ହେବାରୁ ଅଶୋକଙ୍କ ପରିବାର ଲୋକଙ୍କ ସମେତ ସ୍ଥାନୀୟ ଲୋକେ ନିଦରୁ ଉଠି ବାହାରକୁ ଆସିଥିଲେ। ସେତେବେଳକୁ ୫ଟି ଗାଡ଼ି ଜଳୁଥିବା ଦେଖିବାକୁ ମିଳିଥିଲା। ନିଆଁ ଲାଗିବା ପରେ ବାଇକ୍‌ର ତେଲ ଟାଙ୍କି ଫାଟିଯିବାରୁ ଉକ୍ତ ଶବ୍ଦ ହୋଇଥିବା ଜଣାପଡ଼ିଥିଲା। ପରେ ସ୍ଥାନୀୟ ଲୋକଙ୍କ ସହଯୋଗରେ ନିଆଁକୁ ଆୟତ୍ତ କରାଯାଇଥିଲା। ଥାନା ଅଧିକାରୀ ଜ୍ଞାନେନ୍ଦ୍ର ସାହୁ କହିଛନ୍ତି, ପୋଲିସ ପକ୍ଷରୁ ଘଟଣାସ୍ଥଳରେ ଅନୁଧ୍ୟାନ କରାଯାଇଛି। ଉକ୍ତ ଅଞ୍ଚଳରେ ରହିଥିବା ସିସିଟିଭି କ୍ୟାମେରାର ଫୁଟେଜକୁ ଆଧାର କରି କେଉଁ ଉଦ୍ଦେଶ୍ୟରେ କିଏ ଏବଂ କାହିଁକି ନିଆଁ ଲଗାଇଲା ତାହାର ତଦନ୍ତ କରାଯାଉଛି। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି।

# ବଜ୍ରପାତ ବିପଦ
# ୯ ଜିଲ୍ଲାକୁ ସତର୍କ କଲା ପାଣିପାଗ ବିଭାଗ

**ଭୁବନେଶ୍ୱର,୨୬।୯ (ବ୍ୟୁରୋ):** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଅଳ୍ପ କେତୋଟି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ରାଜ୍ୟର ୯ଟି ଜିଲାରେ ଘଡଘଡି ସହ ଝଡ଼ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସତର୍କ କରାଯାଇଛି। ସେହି ଜିଲାଗୁଡିକ ହେଲା କଳାହାଣ୍ଡି, କନ୍ଧମାଳ, ରାୟଗଡା, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ, ଢେଙ୍କାନାଳ ଏବଂ ଯାଜପୁର। ଏଥିସହିତ ଉପକୂଳବର୍ତ୍ତୀ କେତେକ ଜିଲାରେ ମଧ ଘଡଘଡି ସହ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ଗତ ୪୮ ଘଣ୍ଟା ମଧ୍ୟରେ ରାଜ୍ୟର ଅଳ୍ପ କେତେକ ସ୍ଥାନରେ ବର୍ଷା ହୋଇଛି।

# ଆଜି ଉଦ୍‌ଘାଟନ ହେବ ଆଚାର୍ଯ୍ୟକୁଳମର ନୂତନ କ୍ୟାମ୍ପସ୍

ନୂଆଦିଲ୍ଲୀ, ୨୬।୯

ହରିଦ୍ୱାରଠାରେ ଯୋଗଗୁରୁ ବାବା ରାମଦେବଙ୍କ ଦ୍ୱାରା ପରିଚାଳିତ ଆବାସିକ ଶିକ୍ଷାନୁଷ୍ଠାନ ଆଚାର୍ଯ୍ୟକୁଳମର ନୂତନ କ୍ୟାମ୍ପସ୍ ଗୁରୁବାର ଉଦ୍‌ଘାଟିତ ହେବ। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିବେ। ହରିଦ୍ୱାରସ୍ଥିତ ପତଞ୍ଜଳି ଯୋଗପୀଠରେ ଗୁରୁବାରଠାରୁ ଦୁଇଦିନ ବ୍ୟାପୀ ହେବାକୁ ଥିବା ଏକାଧିକ କାର୍ଯ୍ୟକ୍ରମରେ ଶାହ ସାମିଲ ହେବେ। ପତଞ୍ଜଳି ପକ୍ଷରୁ ଏକ ପ୍ରେସ୍ ବିବୃତିରେ ଏହା କୁହାଯାଇଛି। ନୂତନ କ୍ୟାମ୍ପସ୍ ଉଦ୍‌ଘାଟନ ସହିତ ସାଧାରଣ ସଭାରେ ଶାହ ଉଦ୍‌ବୋଧନ ଦେବେ। ସେଠାରେ ପତଞ୍ଜଳିର ଫୁଡ୍ ପାର୍କ, ଯୋଗ ଗ୍ରାମ, ଗୋଶାଳା, ପତଞ୍ଜଳି ବିଶ୍ୱବିଦ୍ୟାଳୟ, ଗବେଷଣା ପ୍ରତିଷ୍ଠାନ, ପତଞ୍ଜଳି ଯୋଗପୀଠ, ବୈଦିକ ଗୁରୁକୁଲମ୍, କନ୍ୟା ଗୁରୁକୁଲମ୍ ଆଦି ବିଭିନ୍ନ ସ୍ଥାନ ପରିଦର୍ଶନ କରିବେ। ପତଞ୍ଜଳିର ସୂଚନା ଅନୁସାରେ ୨୦୧୩ ରେ ଆଚାର୍ଯ୍ୟକୁଳମ ଆରମ୍ଭ ହୋଇଥିଲା। ୨୦୦୦ ଛାତ୍ରୀଛାତ୍ରଙ୍କ ପାଇଁ ଏଠାରେ ଆବାଶିକ ଶିକ୍ଷାଗ୍ରହଣର ସୁବିଧା ରହିଛି। ଗୁରୁବାର ଉଦ୍‌ଘାଟନୀ ଅବସରରେ ବାବା ରାମଦେବ, ପତଞ୍ଜଳି ଆୟୁର୍ବେଦର ସିଇଓ ଆଚାର୍ଯ୍ୟ ବାଳକୃଷ୍ଣ, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ତ୍ରିଭେନ୍ଦ୍ର ସିଂ ରାୱତ ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଭି. ଯୋଶୀ ପ୍ରମୁଖ ଉପସ୍ଥିତ ରହିବେ।

# ଏନ୍‌ଇଇଟି ଆଶାୟୀଙ୍କ ଆତ୍ମହତ୍ୟା

କୋଟା,୨୬।୯(ପି.ଟି.)

ଜୀବନ ହାରିରେ ଆଉ ଜଣେ ଏନ୍‌ଇଇଟି ଆଶାୟୀ। ବିହାରର ସିପ୍ରା ରଞ୍ଜନ ନାମ୍ନୀ ଜଣେ ୧୬ ବର୍ଷୀୟା ଏନ୍‌ଇଇଟି ଆଶାୟୀ ଛାତ୍ରୀ ରାଜସ୍ଥାନର କୋଟା ଅନ୍ତର୍ଗତ ଆଦର୍ଶଶୀଳା ଅଞ୍ଚଳରେ ନଦୀକୁ ଡେଇଁ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସିପ୍ରା ହେଉଛନ୍ତି ବିହାରର ମଧୁବଣି ଜିଲାର ଏବଂ କୋଟାରେ ରହି ମେଡିକାଲ ପାଠ୍ୟକ୍ରମ ପାଇଁ ଉଦ୍ଦିଷ୍ଟ ପ୍ରବେଶିକା ପରୀକ୍ଷା ଏନଇଇଟି ଲାଗି କୋଚିଂ ନେଉଥିଲେ। ବୁଧବାର ସକାଳ ୭ଟାରେ ସେ ଚମ୍ବଲ ନଦୀକୁ ଡେଇଁ ପଡ଼ିଥିଲେ। ପୋଲିସ ଏହାର ତଦନ୍ତ କରୁଛି।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର ।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ଘଡଘଡି ସହ ବର୍ଷା ହେବା ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୮ | ୨୪.୦ |
| ଚାନ୍ଦବାଲି | ୩୫.୧ | ୨୬.୬ |
| କଟକ | ୩୩.୪ | ୨୪.୦ |
| ପାରାଦ୍ୱୀପ | ୩୨.୯ | ୨୭.୯ |
| ଭୁବନେଶ୍ୱର | ୩୩.୩ | ୨୪.୦ |
| ଗୋପାଳପୁର | ୩୩.୬ | ୨୫.୯ |
| ପୁରୀ | ୩୪.୪ | ୨୭.୪ |
| ଅନୁଗୋଳ | ୩୨.୭ | ୨୩.୦ |
| ବାରିପଦା | ୩୩.୪ | ୨୬.୦ |
| ଝାରସୁଗୁଡ଼ା | ୩୪.୫ | ୨୪.୬ |
| କେନ୍ଦୁଝର | ୩୧.୫ | ୨୪.୬ |
| ସମ୍ବଲପୁର | ୩୪.୪ | ୨୫.୦ |
| ସୁନ୍ଦରଗଡ଼ | ୩୩.୫ | ୨୨.୦ |
| ହୀରାକୁଦ | ୩୪.୩ | ୨୬.୧ |
| ତାଳଚେର | ୩୪.୨ | ୨୫.୦ |
| ଭବାନୀପାଟଣା | ୩୩.୪ | ୨୩.୦ |
| ବଲାଙ୍ଗୀର | ୩୪.୬ | ୨୫.୦ |
| କୋରାପୁଟ | ୩୦.୬ | ୧୯.୦ |
| ଫୁଲବାଣୀ | --- | ୨୦.୫ |
| ଟିଟିଲାଗଡ଼ | ୩୪.୫ | ୨୨.୫ |
| ମାଲକାନଗିରି | ୩୩.୦ | --- |
| ସୋନପୁର | ୩୫.୪ | ୨୪.୦ |
| ଦାରିଙ୍ଗିବାଡ଼ି | ୨୬.୦ | ୧୯.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍





ଜାପାନର ଟୋକିଓରେ ଘଟିଛି ଏକ ଅଭାବନୀୟ ଘଟଣା। ଏଠାରେ ନବଜାତ ଶିଶୁର ମୃତ୍ୟୁ ହେବାରୁ ମା' ଶିଶୁର ମୃତଦେହକୁ ୫ ବର୍ଷ ପର୍ଯ୍ୟନ୍ତ ୟୁଗୁସୁଡାନୀ ଷ୍ଟେଶନ ଲକରରେ ରଖିଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ପୋଲିସ ଉକ୍ତ ମହିଳାଙ୍କୁ ଗିରଫ କରିଛି। ଜନ୍ମ ହେବାର କିଛି ସମୟ ପରେ ଶିଶୁର ମୃତ୍ୟୁ ଘଟିଥିଲା। ତେବେ ମହିଳା ଜଣକ ଶିଶୁର ମୃତଦେହକୁ ନିଜଠାରୁ ଅଲଗା କରିବାକୁ ଚାହୁଁ ନ ଥିଲେ। ତେଣୁ ଏପରି କରିଥିବା ସ୍ୱୀକାର କରିଛନ୍ତି।



## ପାନ୍‌କାର୍ଡରେ ଆଧାର ସଂଯୋଗ ବାଧ୍ୟତାମୂଳକ




# 'ବିଜ୍ଞାପନ ଜରିଆରେ ଚଞ୍ଚକତା କରିଛନ୍ତି ରାଜ୍ୟ ସରକାର'

ଭୁବନେଶ୍ୱର,୨୬।୯ (ବ୍ୟୁରୋ)

ଖବରକାଗଜରେ ମିଥ୍ୟା ଏବଂ ବିଭ୍ରାନ୍ତିକର ବିଜ୍ଞାପନ ଦେଖାଇ ବାହାବା ନେବା ପ୍ରୟାସରୁ ନିବୃତ୍ତ ରୁହନ୍ତୁ। ସରକାର କେବଳ ମିଛ ପ୍ରଚାର କରୁଥିବା ଅଭିଯୋଗ କରିଛି କଂଗ୍ରେସ। ପିସିସି ପକ୍ଷରୁ ଏନେଇ କଂଗ୍ରେସ ଭବନରେ ବୁଧବାର ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ପିସିସି ଗଣମାଧ୍ୟମ ପ୍ରମୁଖ ସତ୍ୟପ୍ରକାଶ ନାୟକ କହିଛନ୍ତି ଯେ, ପୁଷ୍ଟିହୀନତା ଦୂର, ମାତୃ ଓ ଶିଶୁ ମୃତ୍ୟୁହାର ରୋକିବା ଦିଗରେ ଉଲ୍ଲେଖନୀୟ ସଫଳତା ସମ୍ପର୍କିତ ଇଂଲିଶ୍ ଦୈନିକଗୁଡ଼ିକରେ ଦିଆଯାଇଥିବା ବିଜ୍ଞାପନ ତଥ୍ୟ ଉପରେ ଆଧାରିତ ନୁହେଁ । ଏଥିରେ ଚଞ୍ଚକତା ଭରି ରହିଛି। ମାତୃ ମୃତ୍ୟୁହାର ୨୦୧୧-୧୨ରୁ ୨୦୧୪-୧୬ ଯାଏ ଜାତୀୟ ଓ ରାଜ୍ୟର ତଥ୍ୟ ଦିଆଯାଇଛି। ୨୦୧୨-୧୩ ରେ ଜାତୀୟ ହାର ୧୬୭ ପ୍ରତି ଏକ ଲକ୍ଷରେ ଥିବା ବେଳେ ଓଡ଼ିଶାରେ ଥିଲା ୨୨୨। ଏହା ୨୦୧୪-୧୬ରେ ହ୍ରାସ ପାଇ ୧୮୦ରେ ପହଞ୍ଚିଛି ବୋଲି କୁହାଯାଇଛି। ହେଲେ ଜାତୀୟ ହାର ଯାହାକି ୧୩୦ ରହିଛି ତାହାକୁ ସରକାର ବିଜ୍ଞାପନରେ ଦର୍ଶାଯାଇ ନ ଥିବା ସତ୍ୟପ୍ରକାଶ କହିଛନ୍ତି। ରାଜ୍ୟର ପ୍ରସୂତି ମହିଳା ଏବଂ ନବଜାତ ଶିଶୁଙ୍କ ଦୁର୍ଦ୍ଦଶାର ମୁଖ୍ୟ କାରଣ ହେଲା ଆବଶ୍ୟକ ଡାକ୍ତରଙ୍କ ଅଭାବ। ୨୦୧୮ମାର୍ଚ୍ଚ ୨୨ରେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ବିଧାନସଭାରେ ଦେଇଥିବା ଉତ୍ତରରୁ ରାଜ୍ୟ ସରକାରଙ୍କ ବିଫଳତା ଦର୍ଶାଉଥିବା କଂଗ୍ରେସ ପକ୍ଷରୁ କୁହାଯାଇଛି। ରାଜ୍ୟରେ ୬୭୧୯ ଜଣ ଡାକ୍ତରଙ୍କ ଆବଶ୍ୟକ ଥିବା ବେଳେ ବର୍ତ୍ତମାନ ମାତ୍ର ୫୩୫୧ ଜଣ ଅଛନ୍ତି । ସେହିପରି ଭେଷଜ ବିଶେଷଜ୍ଞଙ୍କ ସଂଖ୍ୟା ୪୮୨ ଥିବା ବେଳେ ଅବସ୍ଥାପିତ ଡାକ୍ତରଙ୍କ ସଂଖ୍ୟା ମାତ୍ର ୧୬୦ ଓ ଖାଲିଥିବା ଡାକ୍ତରଙ୍କ ସଂଖ୍ୟା ୩୨୨। ଅର୍ଥାତ୍ ୬୬.୮୦ ପ୍ରତିଶତ ଖାଲି ପଡିଛି। ଅନୁରୂପ ଭାବେ ଶିଶୁରୋଗ ବିଶେଷଜ୍ଞ ଡାକ୍ତରଙ୍କ ସଂଖ୍ୟା ୫୯୫ ଥିବାବେଳେ ଅବସ୍ଥାପିତ ଡାକ୍ତରଙ୍କ ସଂଖ୍ୟା ୧୮୯ ଓ ଖାଲିଥିବା ଡାକ୍ତରଙ୍କ ସଂଖ୍ୟା ୪୦୬। ଯାହାକି ୬୮.୨୩ ପ୍ରତିଶତ ଖାଲି ପଡିଛି ବୋଲି ସତ୍ୟପ୍ରକାଶ କହିଛନ୍ତି।




# ଇସିଏଫ୍‌ଏ ଜୁରୀ ପ୍ୟାନେଲରେ ଓଡ଼ିଆ ପ୍ରଯୋଜକ

## ପ୍ରଥମ ଭାରତୀୟ ସଦସ୍ୟ ହେବାର ସୌଭାଗ୍ୟ ଆଣିଲେ ଜିତେନ୍ଦ୍ର

ଭୁବନେଶ୍ୱର,୨୬।୯(ବ୍ୟୁରୋ)


ଜିତେନ୍ଦ୍ର ମିଶ୍ର

ଓଡ଼ିଶା ଜନ୍ମିତ ଚଳଚ୍ଚିତ୍ର ନିର୍ମାତା ତଥା ପ୍ରଯୋଜକ ଜିତେନ୍ଦ୍ର ମିଶ୍ର ପୁଣିଥରେ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାର ନାମକୁ ଗୌରବାନ୍ୱିତ କରିଛନ୍ତି। ଚଳିତବର୍ଷ ପାଇଁ ସେ ସମ୍ମାନଜନକ ୟୁରୋପିଆନ୍ ଚିଲ୍‌ଡ୍ରେନ୍ ଫିଲ୍ମ ଆସୋସିଏଶନ(ଇସିଏଫ୍‌ଏ)ର ଜୁରୀ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଏଥିପାଇଁ ଆସନ୍ତା ସପ୍ତାହରେ ସେ ଜର୍ମାନୀର ସେମିଞ୍ଜ୍ ସହରରେ ଅନୁଷ୍ଠିତ ହେବାକୁ ଥିବା ୨୩ତମ ସିଲିଞ୍ଜେଲ୍ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲରେ ଯୋଗଦେବାକୁ ଜର୍ମାନୀ ଯାତ୍ରା କରିବେ। ତେବେ ଜିତେନ୍ଦ୍ର ପ୍ରଥମ ଭାରତୀୟ ଭାବେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିବେ।

ଓଡ଼ିଶାର ଟିଟିଲାଗଡ଼ରେ ଜନ୍ମିତ ଜିତେନ୍ଦ୍ର ପୂର୍ବରୁ ଇଣ୍ଟରନ୍ୟାଶନାଲ ସେଣ୍ଟର ଅଫ୍ ଫିଲ୍ମସ ଫର୍ ଚିଲ୍‌ଡ୍ରେନ୍ ଆଣ୍ଡ ୟଙ୍ଗ୍ ପିପୁଲ(ସିଆଇଏଫ୍‌ଇଜେ)ର ବୋର୍ଡ ଅଫ୍ ଡାଇରେକ୍ଟର୍ସଙ୍କୁ ନିର୍ବାଚିତ ହୋଇଛନ୍ତି। ଏହାସହ ମୋଷ୍ଟ୍ରା ଇଣ୍ଟରନ୍ୟାଶନାଲ ସିନେମା ଏଜୁକେଶନ(ଏମ୍‌ଆଇସିଇ) ଫିଲ୍ମ ଫେଷ୍ଟିଭାଲର ଜୁରୀ ସଦସ୍ୟ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ସେହିଭଳି ସ୍କାଇଲ୍ ଫାଉଣ୍ଡେଶନ ପକ୍ଷରୁ ହେଉଥିବା ସିଫ୍‌କି(ଏସ୍‌ଆଇଏଫ୍‌ଏଫ୍‌ସିୱାଇ)ର ଫେଷ୍ଟିଭାଲ ଡାଇରେକ୍ଟର ରହିଛନ୍ତି। ଗତବର୍ଷ ନଭେମ୍ବରରେ ଗୋଆରେ ଅନୁଷ୍ଠିତ ହୋଇଥିବା ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ ଅଫ୍ ଇଣ୍ଡିଆ(ଆଇଏଫ୍‌ଏଫ୍‌ଆଇ)ର ଇଣ୍ଡିଆନ୍ ପାନୋରମା ଜୁରୀ କମିଟିରେ ମଧ୍ୟ ଜିତେନ୍ଦ୍ର ରହିଥିଲେ। ଫିଲ୍ମ ପ୍ରଯୋଜନା, ଆବଣ୍ଟନ ଏବଂ ପ୍ରମୋଶନର ନୂତନ ଉପାୟ ଆବିଷ୍କାର କରି ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ଜିତେନ୍ଦ୍ର ବିଭିନ୍ନ ବିଭାଗରେ ୧୧୦ରୁ ଅଧିକ ଫିଲ୍ମ ସହ କାମ କରିଛନ୍ତି। ସେଥିରୁ ଅଧିକାଂଶ ଫିଲ୍ମ ବିଶ୍ୱସ୍ତରରେ ଭଲ ପ୍ରଦର୍ଶନ କରିଛି। ଖୁବ୍‌ଶୀଘ୍ର ତାଙ୍କ ପ୍ରଯୋଜିତ ଫିଲ୍ମ 'ଦି ଲାଷ୍ଟ କଲର୍' ବିଶ୍ୱସ୍ତରରେ ରିଲିଜ୍ ହେବାକୁ ଯାଉଛି। ସେଲିବ୍ରିଟି ସେଫ୍ ବିକାଶ ଖାନ୍ନାଙ୍କ ଅଭିନୀତ ଏହି ଫିଲ୍ମର ନିର୍ଦ୍ଦେଶନା ମିଚେଲିନ୍ ଦେଇଥିବା ବେଳେ ଗତ କାନ୍‌ସ ଫିଲ୍ମ ଫେଷ୍ଟିଭାଲରେ ଏହାର ପ୍ରଥମ ଝଲକ ପ୍ରଦର୍ଶିତ ହୋଇଥିଲା।





ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଅପରାଧ ସହ ଜଡ଼ିତ ଥିବା ଅଭିଯୋଗ ଆଣି ବିଭିନ୍ନ କୋର୍ଟରେ କେସ୍ ଦାଏର କରିଥିବା ଜଣେ ୬୪ ବର୍ଷୀୟ ସାମାଜିକ କର୍ମୀ ଅଡୁଆରେ ପଡ଼ିଛନ୍ତି। ମହିଳାଙ୍କୁ ବଳାତ୍କାର କରିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି ।


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



କାହ୍ନା
ପରିବାରବର୍ଗ



ରୂପ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified





### SALE

Ford Ikon, owner driven, showroom condition, sparingly used, Bhubaneswar. 8763802787. D-63849





### SALE

Book duplex (ready to move) Tankapani road, near BJEM-2 school, Ranga bazar. Cost-55 lakhs with bank finance. 8917360040, 7077074156. D-64176

ଭୁବନେଶ୍ୱର ବାଳକାଟି ବଜାରରୁ 3km. ଦୂରତାରେ 30' road, eletricity ସୁବିଧାଥାଇ ଘରବାରି ପାଚେରି ପ୍ଲଟ୍ ପିଚୁରୋଡକୁ ଲାଗି sqft. 450/-ରେ ବିକ୍ରିହେବ। 9438855652, 9090053827. D-64330

Book SC plots at Patia Bhubaneswar walkable distance from Patia Station immediate possession/ registration. 6371034524. D-64325

Core house completed 2BHK/ 3BHK flat at Kalinga Vihar, Bhubaneswar. Price: 37/ 47 lakh onwards. Contact: 7381087905. D-64182

ଭୁବନେଶ୍ୱର ପିତାପଲି NH-5 ଠାରୁ 100' ଦୂରତାରେ BDA yellowzone ପ୍ଲଟ ମିଳୁଅଛି। 8338932027. D-64324

2BHK flat near ZEE School Kateni, Bhubaneswar is immediae for sale. 9937162220. D-62798





Duplex house 1st floor, Sailashree vihar infront of DAV School, Bhubaneswar. Three bedrooms, large dining, kitchen and living room, two bathrooms, small lobby, back terrace. Rent, Rs. 22,000/- (negotiable), Contact: 06742548621. Mobile: 9971200489 (Bank, Insurance, Govt. employee prefrred). D-8563

Ladies hostel seats available, 1050/- monthly, Matrubhawan, Jaydev-vihar, Bhubaneswar (behind SBI). 8895585537.D-47988





Fully refreshed/ relaxed body massage by expert therapist, Shastrinagar. 7377984773. D-64116

Rejuvenate and Ayurvedic full body massage by smart therapist. 9114402304. D-64118

Pamper yourself this Mansoon profesional massage. Contact Purple Orchid. 9776598888.D-64117

Newly open herbal full body massage with refreshment well trained therapist. 7381239385.D-8556

Newly opening ayurvedic body massage in joint pains, smart therapist. 9776383819. D-64177

Newly opening ayurvedic body massage smart therapist, Shree Herbal. 7750020754. D-64178

Opening newly ayurvedic full body massage ladies, gents. 7609923705, 7438851534. D-38532

All type of massage and good therapy full body massage Sai herbal spa. 7609005923. D-64205

Madam Monalisa massage club-50% discount full body massage by hiprofile smart lady therapist. 9708545108. D-8565

Experience full body massage with us by experts. Enquiry: 7377048581.D-64161

### LOST

I, Ramesh Chandra Sahoo, S/o- Late Harihara Sahoo declare that my original Saledeed No.-5068 Dt.- 08.10.2004 has been misplaced somewhere else. I have not mortgaged in any Bank. If someone has got this please inform me on my contact. 09007638896.D-58697

### AFFIDAVIT

I, Manoranjan Dalai rectified my name as Manoranjan Dash through affidavit. D-8583

### Birthday Wish



**Roop Ratan Banerjee**
D/o: Ratan Banerjee & Monika Banerjee
***Happy Birthday to my Little daughter GOD bless you.***
Best wishess from: **Maa, Mama, Dadu, Rimpi, Bhalodida,Mimi,Tuktuk**.
D-59837

### ସପ୍ତମ ଜନ୍ମବାର୍ଷିକ ଶୁଭେଚ୍ଛା



(କାହ୍ନା)
**ବିଶ୍ୱରଞ୍ଜନ ନାୟକ**
**ରାଜମୁକୁନ୍ଦପୁର, ଭଦ୍ରକ**
**ବାପା: ଅଲେଖ ପ୍ରସାଦ ନାୟକ**
ଓଁ ମା' ଭଦ୍ରକାଳୀ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥକୁ କୁସୁମିତ କରନ୍ତୁ। ଶୁଭେଚ୍ଛା ସହ: ଜେଜେମା, ବାପା, ମା, ସାନବାପା, ସାନମାଆ ଏବଂ ସମସ୍ତ ବନ୍ଧୁ ଓ ପରିବାରବର୍ଗ। ଧ-୮୫୬୬


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଖଟିରେ ଖଟିରେ...

### ସମ୍ମାନ ଟିକେ ମିଳୁ

ହଇଓ ବାବୁ, ତୁମକୁ କିଛି ଜଣା ଅଛି ନା ନାହିଁ। ତୁମେ ଗୋଟେ ଏତେବଡ ଭୁଲ୍ କରିଦବ ସେକଥା ମୁଁ କଳ୍ପନା ବି କରି ନ ଥିଲି। ନାହିଁ ନାହିଁ, ତୁମେ ଆଉ ଏଠାକୁ ଫୋନ୍ କରନି। କ'ଣ ଭାବିଚ କି ମୋତେ? ମୁଁ କ'ଣ ଗୋଟେ ସାଧାରଣ ଲୋକ ନା ତୁମ ବାଡି ତଳ ରଇତ ହୋ। ଆଜିଠୁ ତୁମ ସହ ସବୁ ବନ୍ଦ ହେଲା, ଯାଓ ହୋ ନମସ୍କାର। ଆମ ରାଇଜର ମାଲ୍ ପାଣି କଥା ବୁଝାବୁଝି କରୁଥିବା ବାବୁଙ୍କ ଏମିତି ରାଗ ଦେଖି କିଛି ବୁଝାପଡୁ ନ ଥାଏ। ଇରେ ହେଲା କ'ଣ, କାହିଁକି ବାବୁ ଏତେ ଫାୟାର୍ ବୋଲି ଲୋକଙ୍କ ଭିତରେ ଫୁସୁଫାସ ଆରମ୍ଭ ହେଇଗଲା। ସେଥିରୁ ବାବୁଙ୍କ ଜଣେ ଖାସ୍ ଲୋକ ପଚାରିଦେଲେ, ଆଜ୍ଞା କ'ଣ ହେଲା କି? ବାବୁ ତ ପୂରା ରାଗି ପାଚିଥାଆନ୍ତି, କହିବାକୁ ଲାଗିଲେ, ଆହେ ଶୁଣ ହୋ, ନିମନ୍ତ୍ରଣ ଆସିଲା, ନାଁ ଲେଖା ଥିଲା ହେଲେ ପଦବୀ ରହିଲାନି। ଏଇଟା କ'ଣ ମୋତେ ସମ୍ମାନ। ପଚାରିବାରୁ ସେ ଲୋକ କହୁଛି କ'ଣ ନା, ଭୁଲ୍ ହେଇଗଲା। ଆଗକୁ ଏ ପଦ ଥିବ କି ନାହିଁ ଏବେ ତ ସମ୍ମାନ ଟିକେ ମିଳୁ।

### ଖଟି ମାଷ୍ଟର

ରାଜ୍ୟ ରାଜନୀତିରେ ତାଙ୍କ କଥାର ଅଲଗା ଡିମାଣ୍ଡ। ସେହି କଥା ପାଇଁ ତାଙ୍କୁ ସୁନାମ ସହ ବହୁ ଦୁର୍ନାମ ମଧ୍ୟ ମିଳିଛି। ତଥାପି ତାଙ୍କ କଥାରେ ବାଟୁଳି ବାଜୁନି। କେତେବେଳେ ଲଗାତାର ବାଣ ମାରୁଛନ୍ତି ତ କେତେ ବେଳେ ଧାଡିଏ। ଘାଇଲା କରୁଛନ୍ତି ରାଜ୍ୟ ସରକାରଙ୍କୁ। ଦିନ ଥିଲା ସବୁ ଖଟିରେ ତାଙ୍କ ବାକ୍ୟବାଣ ସମ୍ପର୍କରେ ଚର୍ଚ୍ଚା ଜୋର ଧରିଥାଏ। ଏବେ କିନ୍ତୁ ତାଙ୍କ ରାଜଧାନୀ ବାସଭବନ ଖଟି ପାଲଟିଛି। ଟାଣୁଆ ମାନ୍ୟବର ବର୍ତ୍ତମାନ ରାଜନୈତିକ ଛୁଟିରେ ଥିବାରୁ ଶଙ୍ଖଦଳ ନେତା ପାଖରେ ପଶୁ ନାହାନ୍ତି। ତେଣୁ ମାନ୍ୟବର ପ୍ରାୟ ଫାଙ୍କା, ତାଙ୍କର ଫାଙ୍କାପଣ ଗଣମାଧ୍ୟମ ପ୍ରତିନିଧିଙ୍କୁ ଭଲ ଖୋରାକ ଯୋଗାଉଛି। ରାଜଧାନୀରେ ଏମିତି ଖଟି ନାହିଁ, ଯେଉଁଠି ତାଙ୍କ ବିଷୟରେ ଆଲୋଚନା ହେଉନି। ବାକ୍ୟବୀର ମାନ୍ୟବର ବି କାହାକୁ ମନା କରୁନାହାନ୍ତି, ଯିଏ ପାଖକୁ ଆସୁଛି ଗପ ମାରୁଛନ୍ତି। ତାଙ୍କର ଏ ଅବତାର ଦେଖି ତାଙ୍କ ନାତିନାତୁଣୀ କୁଆଡେ ତାଙ୍କୁ ଖଟି ମାଷ୍ଟର କହିଲେଣି।

# ଭଉଣୀଙ୍କୁ ବଞ୍ଚାଇବାକୁ ଯାଇ ଖରସ୍ରୋତାରେ ଭାସିଗଲେ ଭାଇ

ବିଞ୍ଝାରପୁର, ୨୬।୯(ଡି.ଏନ.ଏ)

ଭଉଣୀକୁ ବଞ୍ଚାଇବାକୁ ଯାଇ ଖରସ୍ରୋତା ନଦୀରେ ଭାସିଗଲେ ଜଣେ ଭାଇ। ଏହି ଘଟଣା ସମଗ୍ର ବିଞ୍ଝାରପୁର ଅଞ୍ଚଳରେ ଏକ ଶୋକାକୂଳ ପରିବେଶ ସୃଷ୍ଟି କରିଛି। ସୂଚନା ଅନୁସାରେ, ଯାଜପୁର ସଦର ଥାନା ଅନ୍ତର୍ଗତ ସାନସୁଅର ପଞ୍ଚାୟତ କପାସୀ ଗ୍ରାମର ଉପେନ୍ଦ୍ର ଜେନାଙ୍କ ୧୫ବର୍ଷିୟା ଝିଅ ଛବି ଜେନା ମାନସିକ ଅନଗ୍ରସର। ବହୁ ସ୍ଥାନରେ ତାଙ୍କର ଚିକିତ୍ସା କରାଯିବା ପରେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ତେବେ ବିଞ୍ଝାରପୁରଠାରେ ଖରସ୍ରୋତା ନଦୀକୂଳରେ ଥିବା ଯଜ୍ଞ ପଡ଼ିଆରେ ବରୀ ଥାନା ରତ୍ନଗିରି ଅଞ୍ଚଳର ଜଣେ ଯାଦୁଗର ନିଜର କଳାକୌଶଳ ଦେଖାଉଥିଲେ। ମାନସିକ ଅନଗ୍ରସର ନାବାଳିକା ଝିଅକୁ ସେହି ଯାଦୁଗର କୁଆଡେ ଭଲ କରିଦେବେ ବୋଲି ଉପେନ୍ଦ୍ରଙ୍କୁ କେହି ଖବର ଦେଇଥିଲେ। ଭଉଣୀ ଭଲ ହୋଇଯିବା ଆଶା ନେଇ ଭାଇ ହେମନ୍ତ ଜେନା ବୁଧବାର ମଧ୍ୟାହ୍ନରେ ବିଞ୍ଝାରପୁର ଯଜ୍ଞ ପଡ଼ିଆକୁ ତାଙ୍କୁ ନେଇଥିଲେ। ଏହି ସମୟରରେ ହେମନ୍ତ ସାମାନ୍ୟ ଅନ୍ୟମନସ୍କ ଥିବାବେଳେ ଭଉଣୀ ଖରସ୍ରୋତା ନଦୀକୁ ଡେଇଁ ପଡ଼ିଥିଲେ। ଖରସ୍ରୋତାରେ ସ୍ରୋତ ପ୍ରଖର ଥିବାରୁ ନାବାଳିକା ଜଣକ ଭାସି ଯାଇଥିଲେ। ତେବେ ନିଜ ଆଖି ଆଗରେ ଭଉଣୀ ଭାସିଯାଉଥିବା ଦେଖି ହେମନ୍ତ ଖରସ୍ରୋତା ନଦୀକୁ ଡେଇଁ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲେ। ହେଲେ ତାଙ୍କୁ ଉଦ୍ଧାର କରୁଥିବାବେଳେ ନିଜେ ହେମନ୍ତ ପ୍ରଖର ସ୍ରୋତରେ ଭାସି ଯାଇଥିଲେ। ସେଠାରେ ଉପସ୍ଥିତ ଥିବା ଜରୀ ଗ୍ରାମର ଅର୍ଜୁନ ସାମଲ ନାମକ ଜଣେ ଯୁବକ ସାହସର ସହ ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ଶହ ଶହ ଲୋକଙ୍କ ଆଗରେ ହେମନ୍ତ ଭାସି ଯାଉଥିବାବେଳେ ନଦୀର ପ୍ରଖର ସ୍ରୋତରେ କେହି ବଞ୍ଚାଇବାକୁ ସାହସ କରି ନ ଥିଲେ। ଖବର ପାଇ ଦମକଳ ବିଭାଗର ଗାଡି ସେଠାରେ ପହଞ୍ଚିଥିଲା। ହେଲେ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁ ଅଗ୍ନିଶମ ବିଭାଗର କୌଣସି କର୍ମଚାରୀ ଆସି ନ ଥିଲେ। ପରେ ସ୍ଥାନୀୟ ଲୋକମାନେ ଖୋଜାଖୋଜି କରିଥିଲେ ମଧ୍ୟ ହେମନ୍ତଙ୍କ କୌଣସି ପତ୍ତା ମିଳି ନ ଥିଲା।



ଧରିତ୍ରୀ ଏବଂ ଓଡ଼ିଶାପୋଷ୍ଟର 'ପ୍ଲାଷ୍ଟିକ ଫ୍ରି ଓଡ଼ିଶା' ଅଭିଯାନରେ ସମର୍ଥନ ଜଣାଉଥିବା ଖୋର୍ଦ୍ଧା ଜିଲା ବାଲିଅନ୍ତାସ୍ଥିତ ନୋଡାଲ ହାଇସ୍କୁଲର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ ।

# ହିମାଚଳରେ ବର୍ଷା ବିଭ୍ରାଟ

ଶିମ୍‌ଲା,୨୬।୯(ପି.ଟି.)

ଲଗାଣ ବର୍ଷା ଏବଂ ତୁଷାରପାତ ଯୋଗୁ ଅସ୍ତବ୍ୟସ୍ତ ହୋଇପଡ଼ିଛି ସମଗ୍ର ଉତ୍ତର ଭାରତ। ହିମାଚଳପ୍ରଦେଶର ନଦୀଗୁଡ଼ିକ ଫୁଲି ଉଠିବା ସହ ତୁଷାରପାତ ଏବଂ ଭୂସ୍ଖଳନ ଯୋଗୁ ରାସ୍ତାଘାଟ ବନ୍ଦ ହୋଇଯାଇଛି। ସ୍ଥାନେ ସ୍ଥାନେ ବାଦଲଫଟା ବର୍ଷା ଯୋଗୁ ଘରଦ୍ୱାର ଏବଂ ଯାନବାହନ ଧୋଇ ହୋଇଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ପର୍ଯ୍ୟଟକମାନେ ଫସି ରହିଥିବା ଜଣାପଡ଼ିଛି। ଲାହାଉଲ୍ ଏବଂ ସ୍ପିତି ଜିଲାରୁ ବୁଧବାର ସୁଦ୍ଧା ୬୪୧ ଲୋକଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର କାର୍ଯ୍ୟରେ ଉଭୟ ବିଆର୍‌ଓ ଏବଂ ବାୟୁସେନା ମୁତୟନ ରହିଛନ୍ତି। ବାୟୁସେନା ହେଲିକପ୍ଟର ଯୋଗେ ଏବଂ ଶିଶୁ ଟନେଲ୍ ଜରିଆରେ ସେମାନଙ୍କୁ ମନାଲିକୁ ଅଣାଯାଇଥିବା ଜଣେ ବାୟୁସେନା ଅଧିକାରୀ ସୂଚନା ଦେଇଛନ୍ତି। ବିପଜ୍ଜନକ ଅଞ୍ଚଳରେ ଆହୁରି ୪୦ ଜଣ ପର୍ଯ୍ୟଟକ ଫସି ରହିଛନ୍ତି ଏବଂ ସେମାନଙ୍କ ଉଦ୍ଧାର ଲାଗି ଉଦ୍ୟମ ଜାରି ରହିଛି ବୋଲି ଅଧିକାରୀ ଜଣକ ସ୍ପଷ୍ଟ କରିଛନ୍ତି।


## ମନେ ପଡ଼ନ୍ତି

### ତ୍ରୟୋଦଶତମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ବଂଶୀଧର ମିଶ୍ର**
ଆବିର୍ଭାବ: ୧୦।୦୭।୧୯୫୦
ତିରୋଧାନ: ୨୧।୦୯।୨୦୦୫
ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଶ୍ରୀ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଶୋକସନ୍ତପ୍ତ: ଆତ୍ମୀୟସ୍ୱଜନମାନେ।
ଧ-୮୫୮୨

### ଏକାଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତା ଜ୍ୟୋତ୍ସ୍ନାରାଣୀ ମହାପାତ୍ର**
ହାଡଗଡିଆସାହି, ଯମୁନାଲେନ୍, ପୁରୀ
ଆବିର୍ଭାବ: ୨୨।୦୪।୧୯୬୨
ତିରୋଧାନ: ୨୯।୦୯।୨୦୦୭
ଏକାଦଶତମ ଶ୍ରାଦ୍ଧବାର୍ଷିକୀରେ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା। ଶୋକସନ୍ତପ୍ତ ପରିବାରବର୍ଗ।
ଧ-୬୪୦୧୩

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତ ହରିବଲ୍ଲଭ ପତି**
ମଥୁରାପୁର, ଜିଲ୍ଲା- ଯାଜପୁର
ଆବିର୍ଭାବ: ୨୬।୦୩।୧୯୪୦
ତିରୋଧାନ: ୧୪।୦୯।୨୦୧୧
ସମସ୍ତ ବନ୍ଧୁବର୍ଗ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନଙ୍କର ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଅଶ୍ରୁଳ ପ୍ରାର୍ଥନା ଜଣାଉଛୁ। ପତ୍ନୀ- ପ୍ରମୋଦିନୀ, ଝିଅଜ୍ୱାଇଁ, ପୁଅବୋହୂ, ନାତି- ତୀର୍ଥବାସ (ବାବା), ବନ୍ଧୁ, ପରିବାରବର୍ଗ। ଧ-୮୫୭୯


## ପ୍ରଥମ ପୃଷ୍ଠାରୁ...

### ନବୀନଙ୍କୁ ଭେଟିଲେ ...

ପ୍ରକାଶ ଯେ, ଓଡ଼ିଶା ଭବନ ଉଦ୍‌ଘାଟନ ସାଙ୍ଗକୁ ଅନ୍ୟାନ୍ୟ ସରକାରୀ କାର୍ଯ୍ୟକ୍ରମ ପାଇଁ ମୁଖ୍ୟମନ୍ତ୍ରୀ ଚେନ୍ନାଇ ଗସ୍ତ କରିଛନ୍ତି।

ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପରେ ସାଉଥ୍ ସୁପରଷ୍ଟାର୍ କହିଛନ୍ତି, ନବୀନ ଜଣେ ସୁଶାସକ। ପ୍ରାଥମିକ ସ୍ତରରେ ନବାଗତ ତଥା ଅନଭିଜ୍ଞ ରାଜନେତା ଭାବେ ତାଙ୍କୁ ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା। କିନ୍ତୁ ସମୟକ୍ରମେ ରାଜନୀତିରେ ସେ ଅନେକ ଉପଲବ୍ଧି ହାସଲ କରିପାରିଛନ୍ତି। ରାଜନୀତି ବିଷୟରେ ତାଙ୍କର ବିସ୍ତୃତ ଅଭିଜ୍ଞତା ଏବଂ ଦୂରଦୃଷ୍ଟି ରହିଛି। ଲୋକଙ୍କ ପାଇଁ ସେ ଅନେକ ଅଭିନବ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ସେଥିମଧ୍ୟରୁ କେତେକ ସର୍ବଭାରତୀୟ ସ୍ତରରେ ପ୍ରଶଂସିତ ହୋଇପାରିଛି। ବିପର୍ଯ୍ୟୟ ପରିଚାଳନା ଦିଗରେ ତାଙ୍କ ପଦକ୍ଷେପ ଶ୍ରେଷ୍ଠ। ଏଣୁ ନବୀନଙ୍କ ନିକଟରୁ ଅନେକ ଶିକ୍ଷା ଲାଭ କରିବାକୁ ସେ ଚାହାନ୍ତି। ଜଣେ ପ୍ରଶଂସକ ଭାବରେ ତାଙ୍କୁ ଭେଟି କିଛି ଉପଦେଶ ଗ୍ରହଣ କରିବାକୁ ଚେଷ୍ଟା କରିଥିଲେ ବୋଲି କମଲ କହିଛନ୍ତି।

### ୧୯ ସାମଗ୍ରୀର ...

ଏହାଦ୍ୱାରା ଆଗାମୀ ଦିନରେ ବିମାନ ଯାତ୍ରୀଙ୍କୁ ଟିକେଟ ବାବଦରେ ଅଧିକ ବ୍ୟୟ କରିବାକୁ ପଡିବ। ଗତ ଆର୍ଥିକ ବର୍ଷରେ ୮୬୦୦୦ କୋଟି ଟଙ୍କାର ୧୯ ପ୍ରକାର ସାମଗ୍ରୀ ବିଦେଶରୁ ଆମଦାନୀ ହୋଇଥିଲା ବୋଲି ସରକାରଙ୍କ ପକ୍ଷରୁ ଜାରି ତଥ୍ୟ କହୁଛି। ସରକାରଙ୍କ ଏହି ନିଷ୍ପତ୍ତି ଯୋଗୁ ଅଣ-ଜରୁରୀ ସାମଗ୍ରୀ ଆମଦାନୀ ହ୍ରାସ ପାଇବା ସହ ଡଲାର ଚାହିଦା କମିବ। ସେହିପରି ମେକ୍ ଇନ୍ ଇଣ୍ଡିଆ ଅଭିଯାନକୁ ଅଧିକ ପ୍ରୋତ୍ସାହନ ମିଳିବ। ଭାରତର ଏହି ନିଷ୍ପତ୍ତିର ପ୍ରଭାବ ସିଧାସଳଖ ଚାଇନାର ମାନଫ୍ୟାକଚରିଂ ଶିଳ୍ପ ଉପରେ ପଡିବ। କାରଣ ସେ ଦେଶରୁ ବ୍ୟାପକ ହାରରେ ଉପରୋକ୍ତ ସାମଗ୍ରୀ ଦେଶକୁ ଆମଦାନୀ କରାଯାଇଥାଏ।

### ଅଯୋଧ୍ୟା ମାମଲାର ...

ସୁପ୍ରିମକୋର୍ଟଙ୍କ ବୃହତ୍ ପୀଠକୁ ସ୍ଥାନାନ୍ତର କରିବା ଲାଗି ମୁସଲ୍‌ମାନ ସମ୍ପ୍ରଦାୟ ପକ୍ଷରୁ ଆବେଦନ କରାଯାଇଥିଲା। ଜୁଲାଇ ୨୦ରେ ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧକ୍ଷତାରେ ଗଠିତ ୫ ଜଣିଆ ପୀଠ ଏହାର ଶୁଣାଣି କରି ରାୟ ସଂରକ୍ଷିତ ରଖିଛନ୍ତି। ପ୍ରକାଶ ଯେ, ୧୯୯୨ ଡିସେମ୍ବର ୬ରେ ବାବ୍ରୀ ମସ୍‌ଜିଦ୍‌କୁ ହିନ୍ଦୁ କର ସେବକମାନେ ଭାଙ୍ଗିଦେଇଥିଲେ। ସେବେଠୁ ପ୍ରାୟ ୨୬ ବର୍ଷ ହେଲା ଏହି ବିବାଦୀୟ ଭୂମିକୁ ନେଇ ଆଇନଗତ ଲଢ଼େଇ ଜାରି ରହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଘାତଚନ୍ଦ୍ର ହେତୁ କର୍ମକ୍ଷେତ୍ରରେ ଅପ୍ରୀତିକର ପରିସ୍ଥିତିର ହଠାତ୍ ସାମ୍ନା କରିବାକୁ ପଡ଼ିପାରେ। ସମ୍ମୁଖରେ ଭଲ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ ପ୍ରକାରର କଥା କହୁଥିବାର ଶୁଣିବାକୁ ପାଇବେ। ଆର୍ଥିକ ସ୍ଥିତି ଦୁର୍ବଳ ହେତୁ ଚିନ୍ତାର କାରଣ ହୋଇପାରେ । ପରିବାରରେ ଅବସ୍ଥା ଦେଖି ବ୍ୟବସ୍ଥା ନ କଲେ ପରେ ଅନୁତାପ କରିବାକୁ ପଡ଼ିବ।

**ବୃଷ** ଅଫିସରେ କିମ୍ବା ଆଲୋଚନା କ୍ଷେତ୍ରରେ କାର୍ଯ୍ୟବ୍ୟସ୍ତ ଯୋଗୁ କେତେକ କାମ ଠିକ୍ ସମୟରେ କରି ପାରିବେ ନାହିଁ। ଅପରାହ୍ନରେ ଆନୁଷ୍ଠାନିକ କାମରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ମାତ୍ର ଘରୋଇ କ୍ଷେତ୍ରରେ ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗି ନ ପାରେ। ଆଗାମୀ ରାଜନୈତିକ, ଆନୁଷ୍ଠାନିକ କାମ ସକାଶେ ବ୍ୟସ୍ତ ରହିପାରନ୍ତି।

**ମିଥୁନ** ଏକାଦଶସ୍ଥ ଚନ୍ଦ୍ର ପ୍ରଭାବରୁ ଭାବପ୍ରବଣତାକୁ ନିଜର ନିୟନ୍ତ୍ରଣ ମଧ୍ୟରେ ନ ରଖି ଅନ୍ୟ ଉପରେ ଯୁଝାଇଲେ ତିକ୍ତତା ସୃଷ୍ଟି ହୋପାରେ। ନୂତନ କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ ଓ କାମଟି ମଧ୍ୟ କରିବେ । ବିଶେଷ ଭାବରେ ପ୍ରଶାସନ, ସଂଗଠନ, ସଭାସମିତି କ୍ଷେତ୍ରରେ ନୂତନ କାମ ଆରମ୍ଭ କରି ପ୍ରଶଂସିତ ହେବେ।

**କର୍କଟ** ରାହୁଜନିତ ପ୍ରତ୍ୟେକ କ୍ଷେତ୍ରରେ ଭାରସାମ୍ୟ ରକ୍ଷା କରି ନ ଚଳିଲେ ଅଶାନ୍ତିର ବାତାବରଣ ସୃଷ୍ଟି ହେବ। ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଆତ୍ମବିଭୋର ହୋଇପାରନ୍ତି। ମାଲିମକଦ୍ଦମାରେ ଜୟଲାଭ କରିବାର ଆଶା କ୍ରମଶଃ ବୃଦ୍ଧି ପାଇପାରେ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ବିଦ୍ରୋହ ଓ ଅଶାନ୍ତି ବଢ଼ିବ।

**ସିଂହ** ଶନି ଓ ରାହୁଙ୍କ କୁପ୍ରଭାବରେ ବିଭିନ୍ନ ପ୍ରକାରର ସମସ୍ୟା ଭିତରେ ଗତିକରି ମଧ୍ୟ ପଛକୁ ଫେରିବା ଚିନ୍ତା କରିବେ ନାହିଁ। ବନ୍ଧୁ କିମ୍ବା ସହକର୍ମୀଙ୍କ କଥାରେ ପ୍ରଭାବିତ ହୋଇ କୌଣସି ନୂତନ କାମ କରିପାରନ୍ତି। କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ । କଚେରି ମାମଲାର ଶୁଣାଣିରୁ ମନ ଖୁସୀ ରହିବ।

**କନ୍ୟା** ବୁଧାଦିତ୍ୟ ଯୋଗରୁ ଆଜି ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ଭଲରେ କଟିବ। ଦୀର୍ଘ ଦିନରୁ ଜମା ପଡୁନଥିବା ବନ୍ଧୁ କିମ୍ବା ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ଦେଇପାରେ। ଆଜିର ଯାତ୍ରାରେ ଅଭିଳଷିତ କାମ ମଧ୍ୟ ହୋଇଯିବ।

**ତୁଳା** ବୃହସ୍ପତି ରାଶିସ୍ଥ ହେତୁ କୌଣସି ବନ୍ଧୁଙ୍କୁ ଅନୁରୋଧ କରି କାମ ହାସଲ କରିବାର ଚେଷ୍ଟା କରିବେ। ଅବଶ୍ୟ ଶତ୍ରୁଠାରୁ ଦୂରତା ରଖି କାମ କରିବା ଭଲ ହେବ, ନତୁବା ହଇରାଣ ହେବାକୁ ପଡ଼ିପାରେ। ଅଫିସ୍ କାମରେ ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହେବ ମାତ୍ର ଆପଣଙ୍କୁ ଅନ୍ୟମାନେ ସାହାଯ୍ୟ କରିବେ। ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବ।

**ବିଛା** ଶୁଭ ଚନ୍ଦ୍ର ପ୍ରଭାବରୁ ଅଟକି ରହିଥିବା କାମଗୁଡ଼ିକ ଆଜି ଆକସ୍ମିକ ଭାବରେ ତାହା ହୋଇଯିବ। ପରିବହନ, ଶିଳ୍ପ ଓ ବ୍ୟବସାୟ, ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କରିବେ ଓ ସଫଳ ମଧ୍ୟ ହେବେ। ନିଜ ପରିବାର କିମ୍ବା ସହକର୍ମୀ ମାନଙ୍କ ତରଫରୁ ସମସ୍ୟା ଆସିପାରେ। ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବାର ସୂଚନା ରହିଛି।

**ଧନୁ** ଶନିଙ୍କ ପ୍ରଭାବଜନିତ କୌଣସି ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆପଣଙ୍କ କର୍ମ କ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ। ଆର୍ଥିକ ଦିଗରୁ କିଛିଟା ସମସ୍ୟା ଲାଗି ରହିବ,ଅବଶ୍ୟ ସମାଧାନର ପନ୍ଥା ଖୋଜି ପାଇବେ। ଅଫିସରେ ସହକର୍ମୀମାନଙ୍କ ସହ ମିଷ୍ଟାଳାପରେ ମାତିରହିବେ ଓ ସମୟ ଅବଶ୍ୟ ଖୁସୀରେ କଟିଯିବ।

**ମକର** ଆଜି କୌଣସି ବ୍ୟକ୍ତି ଠାରୁ ହଠାତ୍ କୌଣସି ଖବର ପାଇ ଖୁସୀ ହୋଇଯିବେ। ଯେ କୌଣସି କ୍ଷେତ୍ରରେ ହେଉନା କାହିଁକି, ଆପଣଙ୍କ ଶତ୍ରୁମାନେ ଚେଷ୍ଟା କଲେ ମଧ୍ୟ କିଛି କ୍ଷତି କରିପାରିବେ ନାହିଁ। ବନ୍ଧୁମାନଙ୍କ ସାହାଯ୍ୟରୁ ଆର୍ଥିକ ଦୁଃସ୍ଥିତି ଦୂର ହୋଇଯିବ। ଶିଳ୍ପ, ବ୍ୟବସାୟ, ପରିବହନ,ନିର୍ମାଣ,ସଭାସମିତିରୁ ସୁଫଳ ପାଇବେ।

**କୁମ୍ଭ** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବା କାରଣରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ। ଅଫିସରେ ସାଧାରଣ କଥାରେ ହଠାତ୍ କଳହ ସୃଷ୍ଟି ହୋଇପାରେ। ଧନହାନି, ପରିବହନରେ ତର୍କବିତର୍କ ଓ ସାଧାରଣ କଥାକୁ କେନ୍ଦ୍ରକରି ପାଟିତୁଣ୍ଡ ଲାଗି ରହିବ। କଳା, କ୍ରୀଡା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ରାଜନୀତି କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ମୀନ** ମାନସିକ ସ୍ଥିତି ପ୍ରାୟତଃ ଭଲ ରହିବ। କଅଁଳ କଥା କହି ଅସଜଡ଼ା ପରିସ୍ଥିତିକୁ ସଜାଡ଼ି ନେବେ। ବାଣିଜ୍ୟ, ବ୍ୟବସାୟ, ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ, ନତୁବା ସମସ୍ୟା ଉପୁଜିପାରେ। କୌଣସି ଅପରିଚିତ ବ୍ୟକ୍ତିକୁ ବିଶ୍ୱାସ କରି ଖାଲରେ ପଡ଼ିପାରନ୍ତି। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରିବେ।

ଆଜି ଆଶ୍ୱିନ କୃଷ୍ଣ ଦ୍ୱିତୀୟା ଯୁକ୍ତ ତୃତୀୟା ଗୁରୁବାର, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ସେପ୍ଟେମ୍ବର୨୭ ତାରିଖ,ବିଶ୍ୱପର୍ଯ୍ୟଟନ ଦିବସ, ରାଶିନକ୍ଷତ୍ର-ଅଶ୍ୱିନୀ/ମେଷ, ମେଷ ରାଶିର ଘାତଚନ୍ଦ୍ର, ତୃତୀୟାର ଶ୍ରାଦ୍ଧ, ଦିବା ଘ୧୦।୧୧ମି. ଗତେ ଘ୧୧।୪୧ମି. ମଧ୍ୟେ, ଘ୧।୧୧ମି. ଗତେ ଘ୨।୪୧ମି. ମଧ୍ୟେ ଅମୃତବେଳା। ଦିବା ଘ୭।୧୧ମି. ମଧ୍ୟେ ଘ୧୧।୪୧ମି. ଗତେ, ଘ୧।୧୦ମି. ମଧ୍ୟେ ମାହେନ୍ଦ୍ର ବେଳା। ଅପରାହ୍ନ ଘ୧।୦୭ମି. ଗତେ ଘ୨।୩୭ମି. ମଧ୍ୟେ ରାହୁକାଳ।



ଆମେରିକା ଚାଲଷ୍ଟନ କାଉଣ୍ଟି ସ୍କୁଲରେ ଘଟିଛି ଏକ ଅଭାବନୀୟ ଘଟଣା। ୨୭ ବର୍ଷ ବୟସ୍କା ଜେନିଫର ଓଲାଜିରେ-ଆରୋ ନାମକ ଜଣେ ଗଣିତ ଶିକ୍ଷୟିତ୍ରୀ ୧୭ ବର୍ଷ ବୟସ୍କ ଛାତ୍ରଙ୍କ ସହ ଶାରୀରିକ ସମ୍ପର୍କ ରକ୍ଷା କରିବାକୁ ବାଧ୍ୟ କରିଥିଲେ। ଏଥିରେ ଛାତ୍ର ଜଣକ ରାଜି ନ ହେବାରୁ ତାଙ୍କର ନମ୍ବର ୯୮ ପରିବର୍ତ୍ତେ ୮୯ କରି ଦେଇଥିଲେ। ଏନେଇ ଛାତ୍ର ଏବଂ ତାଙ୍କ ମାତା ଦକ୍ଷିଣ କାରୋଲିନା ପୋଲିସକୁ ଜଣାଇଥିଲେ। ପୋଲିସ ତଦନ୍ତ କରି ଶିକ୍ଷୟିତ୍ରୀଙ୍କୁ ଗିରଫ କରିଛି।






## ■ ଚେନ୍ନାଇରେ ଓଡ଼ିଶା ନିବେଶକ ସମ୍ମିଳନୀ

# ହସ୍ପିଟାଲ ପ୍ରକଳ୍ପ ପ୍ରତି ନିବେଶକ ଆଗ୍ରହୀ

ଭୁବନେଶ୍ୱର, ୨୬।୯(ବ୍ୟୁରୋ)

ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍ ୨୦୧୮ ଅଧୀନରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଚେନ୍ନାଇରେ ଭାରତୀୟ ବାଣିଜ୍ୟ ଓ ଶିଳ୍ପ ସଂଘ(ଏଫଆଇସିସିଆଇ) ସହଯୋଗରେ ବୁଧବାର ନିବେଶକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟରେ ହସ୍ପିଟାଲ ପ୍ରକଳ୍ପରେ ପୁଞ୍ଜି ନିବେଶ ଲାଗି ନିବେଶକମାନେ ଆଗ୍ରହ ପ୍ରକାଶ କରିଛନ୍ତି। ଗତ ଦିଲ୍ଲୀ ରୋଡ୍ ଶୋ'ରେ ନିବେଶ ପାଇଁ ଆଗ୍ରହ ଦେଖାଇଥିବା ଆପୋଲୋ, କାବେରୀ, ଡକ୍ଟର ଆଇ ଇନଷ୍ଟିଚ୍ୟୁଟ୍, ମେଡାଲମଙ୍ଗ ଆଦି ସ୍ୱାସ୍ଥ୍ୟ ସେବା କମ୍ପାନୀ ସହିତ ଆଲୋଚନା ହୋଇଥିଲା। ବୁଧବାର ମାକ୍ସ ହେଲ୍ଥକେୟାର, ମଣିପାଲ ଗ୍ରୁପ୍, ଗ୍ଲୋବାଲ ହେଲ୍ଥକେୟାର, ଭିପିଏସ୍ ହେଲଥ୍ କେୟାର, ଯଶୋଦା ହସ୍ପିଟାଲ, ସିଗ୍ନସ ମେଡିକେୟାର ଆଦି ୫୨ରୁ ଅଧିକ କମ୍ପାନୀ ସହିତ ଆଲୋଚନା ହୋଇଥିଲା। ଏଥିରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବା କ୍ଷେତ୍ରର ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ଘରୋଇ ସରକାରୀ ସହଭାଗିତା(ପିପିପି)ରେ ରାଜ୍ୟ ସରକାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିକାଶ ପାଇଁ ଉଦ୍ୟମ ଜାରି ରଖିଛନ୍ତି।



ଚେନ୍ନାଇରେ ଅନୁଷ୍ଠିତ ଓଡ଼ିଶା ନିବେଶ ସମ୍ମିଳନୀରେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଓ ଅନ୍ୟମାନେ।

- ■ ୨୫ ସ୍ଥାନରେ ୨୯୦୦ ଶଯ୍ୟାର ହସ୍ପିଟାଲ ନିର୍ମାଣ ହେବ
- ■ ୧୩୦୦ କୋଟି ନିବେଶ କରାଯିବ
- ■ ଝାରସୁଗୁଡ଼ାରେ ନିର୍ମାଣ ହେବ କ୍ୟାନ୍ସର ହସ୍ପିଟାଲ

ରାଜ୍ୟର ପ୍ରମୁଖ ଜିଲାଗୁଡ଼ିକରେ ଏହା କାର୍ଯ୍ୟକାରୀ ହେବ। ରାଜ୍ୟ ସରକାରଙ୍କ ୨୦୧୬ ହେଲ୍ଥକେୟାର ନିବେଶକ ବିକାଶ ନୀତି ଅନୁସାରେ ଏହା କାର୍ଯ୍ୟକାରୀ ହେବ ବୋଲି ମନ୍ତ୍ରୀ ଜେନା କହିଛନ୍ତି।

ଓଡ଼ିଶାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିପୁଳ ସୁଯୋଗ ରହିଛି। ରାଜ୍ୟର ୨୫ଟି ସ୍ଥାନରେ ୧,୩୦୦ କୋଟି ଟଙ୍କା ନିବେଶ ସହାୟତାରେ ୨,୯୦୦ ଶଯ୍ୟାର ନୂତନ ହସ୍ପିଟାଲ ନିର୍ମାଣର ପ୍ରସ୍ତାବ ରହିଛି। ଏହାଦ୍ୱାରା ଆସନ୍ତା କିଛିବର୍ଷ ମଧ୍ୟରେ ଛୋଟ ସହରରେ ମଧ୍ୟ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ଉପଲବ୍ଧ ହୋଇପାରିବ। ରାଜ୍ୟରେ ୧୦,୦୦୦ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି ହୋଇପାରିବ ବୋଲି ମନ୍ତ୍ରୀ କହିଛନ୍ତି। ଏଥିସହିତ ରାଜ୍ୟର ଆର୍ଥିକ ଅନଗ୍ରସର ପରିବାର ବିନା ମୂଲ୍ୟରେ ଚିକିତ୍ସା ସୁଯୋଗ ପାଇପାରିବେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସକେୱାଇ) ଅନ୍ତର୍ଗତ ଏହା କାର୍ଯ୍ୟକାରୀ ହେବ। ଏହି ଯୋଜନା ଅନୁସାରେ ଝାରସୁଗୁଡ଼ାରେ ପିପିପି ମୋଡ୍‌ରେ କ୍ୟାନ୍ସର ହସ୍ପିଟାଲ ନିର୍ମାଣ ହେବ। ଫଳରେ ପଶ୍ଚିମ ଓଡ଼ିଶାର ୮୩ ଲକ୍ଷ ଲୋକଙ୍କୁ କ୍ୟାନ୍ସର ଚିକିତ୍ସା ସେବା ମିଳିପାରିବ। ଘରୋଇ ନିବେଶକଙ୍କୁ ରକ୍ଷଣାବେକ୍ଷଣ ଏବଂ ପରିଚାଳନା ଦାୟିତ୍ୱ ଦିଆଯିବ। ଏ କ୍ଷେତ୍ରରେ ଆପୋଲୋ ହସ୍ପିଟାଲ, କେୟାର ହସ୍ପିଟାଲ, ଆମ୍ରି ହସ୍ପିଟାଲ, ଏଲଭି ପ୍ରସାଦ ଆଇ ଇନଷ୍ଟିଚ୍ୟୁଟ୍, ସନ୍‌ସାଇନ୍ ହସ୍ପିଟାଲ ଆଦି ଜାତୀୟସ୍ତରୀୟ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ହସ୍ପିଟାଲ ରହିଛନ୍ତି। ଏହି ନିବେଶକ ସମ୍ମିଳନୀରେ ରାଜ୍ୟ ପିପିପି ଏବଂ ପିଏମ୍, ପିଆଣ୍ଡସି ବିଭାଗ ସଚିବ ପ୍ରଦୀପ ଜେନା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା, ଓଏସ୍‌ଏମ୍‌ସିଏଲ୍ ପରିଚାଳନା ନିର୍ଦ୍ଦେଶକ ଅର୍ଚ୍ଚନା ପଟ୍ଟନାୟକଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ଆଧାର ରାୟକୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱାଗତ

ଭୁବନେଶ୍ୱର, ୨୬।୯(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ସୁପ୍ରିମକୋର୍ଟଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଆଧାର ସମ୍ପର୍କିତ ରାୟକୁ ସ୍ୱାଗତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଟୁଇଟ୍ କରି ଏହା ଦର୍ଶାଇଛନ୍ତି। ସେ କହିଛନ୍ତି, ବିଭିନ୍ନ ଯୋଜନା ପାଇଁ ଏହାର ବ୍ୟବହାର ହେଉଥିବାରୁ ସୁପ୍ରିମକୋର୍ଟଙ୍କ ରାୟ ସକାରାତ୍ମକ। ଏହି ଶୁଣାଣି ବିଭିନ୍ନ ଯୋଜନାର ହିତାଧିକାରୀଙ୍କ ପାଇଁ ଲାଭଦାୟକ ହେବା ସହ ଲୋକସେବା ପାଇଁ ଉପାଦେୟ। ମୁଖ୍ୟମନ୍ତ୍ରୀ ଦୁଇଦିନିଆ ଚେନ୍ନାଇ ଗସ୍ତରେ ଥିବା ସମୟରେ ବୁଧବାର ଅପରାହ୍ନରେ ଏହି ଟୁଇଟ୍

### ଚେନ୍ନାଇରୁ ଫେରିଲେ

କରିଥିଲେ। ପ୍ରକାଶ ଯେ, ମୁଖ୍ୟମନ୍ତ୍ରୀ ଚେନ୍ନାଇ ଗସ୍ତରେ ମଙ୍ଗଳବାର ଯାଇ ଓଡ଼ିଶା ଭବନ ଲୋକାର୍ପିତ କରିଛନ୍ତି। ସେହିପରି ବୁଧବାର ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ପାଇଁ ଇନ୍‌ଭେଷ୍ଟର୍ସ ମିଟ୍‌ରେ ଯୋଗଦେବା ସହ ରୋଡ୍ ଶୋ'ରେ ଭାଗ ନେଇଥିଲେ। ସେଠାରେ ତାଙ୍କୁ ଅଭିନେତା କମଲ୍ ହାସନ ସୌଜନ୍ୟମୂଳକ ସାକ୍ଷାତ୍ କରିଥିଲେ। ଦୁଇଦିନିଆ ଚେନ୍ନାଇ ଗସ୍ତ ସାରି ମୁଖ୍ୟମନ୍ତ୍ରୀ ବୁଧବାର ସନ୍ଧ୍ୟାରେ ଭୁବନେଶ୍ୱର ଫେରିଛନ୍ତି।

## 'କାମ ନାହିଁ ତ ଦରମା ନାହିଁ'

ଭୁବନେଶ୍ୱର, ୨୬।୯(ବ୍ୟୁରୋ)

କାମ ନାହିଁ ତ, ଦରମା ନାହିଁ। ଏପରି ଆଭିମୁଖ୍ୟ ଗ୍ରହଣ କରିଛି ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ। ଆନ୍ଦୋଳନରତ ଶିକ୍ଷୟିତ୍ରୀଶିକ୍ଷକଙ୍କ ବିରୋଧରେ ଏପରି କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଏନେଇ ବୁଧବାର ସନ୍ଧ୍ୟାରେ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଦୀର୍ଘଦିନ ଧରି ଆନ୍ଦୋଳନ ଲାଗି ରହିଥିବାରୁ ସରକାର ଏପରି ଆଭିମୁଖ୍ୟ ଗ୍ରହଣ କରିଥିବା କୁହାଯାଉଛି। ଗୁରୁଦିବସ, ଗଣେଶ ପୂଜା ଭଳି ଦିନଗୁଡ଼ିକରେ ଶିକ୍ଷକମାନେ ରାଜରାସ୍ତାରେ ଆନ୍ଦୋଳନ କରିଥିଲେ। ଖରା, ବର୍ଷାକୁ ଖାତିର ନ କରି ଆନ୍ଦୋଳନ ଜାରି ରହିଛି। ଅନ୍ୟ ପଟେ ସଂଖ୍ୟାଧିକ ବିଦ୍ୟାଳୟରେ ଶିକ୍ଷକ ଅନୁପସ୍ଥିତ ଯୋଗୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଏକାଧିକଥର ସଂଘ ଏବଂ ରାଜ୍ୟ ପ୍ରଶାସନ ମଧ୍ୟରେ ଆଲୋଚନା ହୋଇଥିଲେ ମଧ୍ୟ ତାହାର କୌଣସି ସୁଫଳ ବାହାରି ପାରିନାହିଁ।







ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର 'ପ୍ଲାଷ୍ଟିକ ଫ୍ରି ଓଡ଼ିଶା' ଅଭିଯାନକୁ ସମର୍ଥନ ଜଣାଉଛନ୍ତି କଟକ ମହାନଗର ନିଗମ (ସିଏମ୍‌ସି) ମେୟର ମିନାକ୍ଷୀ ବେହେରା, ଡେପୁଟି ମେୟର ଅଜୟ ବାରିକ, କମିଶନର ଶରତ ଚନ୍ଦ୍ର ନାୟକ, ହେଲ୍‌ଥ ଷ୍ଟାଣ୍ଡିଂ କମିଟି ଅଧକ୍ଷ ରଞ୍ଜନ ବିଶ୍ୱାଳ ଓ କର୍ପୋରେଟରମାନେ।

## ■ କାର୍ଯ୍ୟରେ ଅବହେଳା

# ୬ ଅଗ୍ନିଶମ କର୍ମଚାରୀ ନିଲମ୍ବିତ

କଟକ ଅଫିସ, ୨୬।୯

ପୋଲିସ କର୍ମଚାରୀଙ୍କ ଭଳି ସମାନ ଦରମା ସହ ୬ ଦଫା ଦାବି ନେଇ ରାଜ୍ୟ ଅଗ୍ନିଶମ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ଏଥିଯୋଗୁ ରାଜ୍ୟରେ ଆପତକାଳୀନ ସେବା ବ୍ୟାହତ ହୋଇଛି। ମଙ୍ଗଳବାର ବିଭିନ୍ନ ସ୍ଥାନରେ ଦୁର୍ଘଟଣା ସମୟରେ ଅଗ୍ନିଶମ ବାହିନୀ ପହଞ୍ଚି ନ ଥିଲା। ଏ ନେଇ ଅଭିଯୋଗ ଆସିବା ପରେ ଅଗ୍ନିଶମ ଡିଜି ବିଜୟ କୁମାର ଶର୍ମା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। କାର୍ଯ୍ୟରେ ଅବହେଳା କରିଥିବା ୬ଜଣ କର୍ମଚାରୀଙ୍କୁ ନିଲମ୍ବିତ କରିଛନ୍ତି। ସେମାନେ ହେଲେ ନୟାଗଡ଼ ଜିଲା ଦଶପଲ୍ଲା ଅଗ୍ନିଶମ କେନ୍ଦ୍ରର ହାବିଲଦାର ସତ୍ୟରଞ୍ଜନ ସ୍ୱାଇଁ, ଡ୍ରାଇଭର ମିଟୁ କୁମାର ନାହାକ, ବାଲେଶ୍ୱର ଜିଲା ବାଲିଆପାଳ ଅଗ୍ନିଶମ କେନ୍ଦ୍ରର ହାବିଲ୍‌ଦାର ଉପେନ୍ଦ୍ରନାଥ ସିଂ, ଡ୍ରାଇଭର ଯୁଧିଷ୍ଠିର ବଳିଆରସିଂ, ମୟୂରଭଞ୍ଜ ଜିଲା ଚିତ୍ରଡ଼ା ଅଗ୍ନିଶମ କେନ୍ଦ୍ରର ଫାୟାରମ୍ୟାନ ବିଜୟ କୁମାର ମଲ୍ଲିକ ଓ ଡ୍ରାଇଭର ନରେନ୍ଦ୍ର କୁମାର ମଲ୍ଲିକ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ମିଳିଥିବା ସୂଚନାନୁସାରେ, ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଡାକୋଇ ଗାଁରେ ଜଣେ ଶିଶୁ କୂଅରେ ପଡିଯାଇଥିଲେ। ସ୍ଥାନୀୟ ଲୋକେ ସହାୟତା ପାଇଁ ଅଗ୍ନିଶମ ବିଭାଗକୁ ବାରମ୍ବାର ନିବେଦନ କରିଥିଲେ ମଧ୍ୟ କୌଣସି କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିଲେ। ଶେଷରେ ବହୁ କଷ୍ଟରେ ସ୍ଥାନୀୟ ଲୋକେ ଉକ୍ତ ଶିଶୁଙ୍କୁ ଉଦ୍ଧାର କରିଥିଲେ। ସେହିପରି ଦଶପଲ୍ଲା ଥାନା ଅନ୍ତର୍ଗତ ଶ୍ରୀରାମପୁର ଗାଁରେ ନିଆଁ ଲାଗିଯାଇ ଥିଲା। ଖବର ପାଇବା ସତ୍ତ୍ୱେ ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚି ନ ଥିଲା। ଲୋକେ ନିଜ ଉଦ୍ୟମରେ ଦୀର୍ଘ ସମୟ ପରେ ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସେତେବେଳକୁ ଉକ୍ତ ଗାଁର ୮ ବଖରା ଘର ଜଳିପୋଡି ପାଉଁଶ ହୋଇଯାଇଥିଲା। ସେହିପରି ବାଲିଆପାଳ ଅଞ୍ଚଳର ଏକ ଗାଁରେ ନିଆଁ ଲାଗିଥିବାବେଳେ ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ହେଲେ କୌଣସି ଅଗ୍ନିଶମ କର୍ମଚାରୀ ନ ପହଞ୍ଚିବାରୁ ବ୍ୟାପକ କ୍ଷୟକ୍ଷତି ଘଟିଛି।

## ଦେଶୀ ମଦଭାଟି ଶ୍ରମିକଙ୍କୁ ହତ୍ୟା

ପାଟଣାଗଡ଼, ୨୬।୯(ଡି.ଏନ୍.ଏ.): ବଲାଙ୍ଗୀର ଜିଲା ପାଟଣାଗଡ଼ ସହର ନିକଟ ସୁବର୍ଣ୍ଣରେଖା ନଦୀକୂଳରେ ଥିବା ଏକ ଦେଶୀ ମଦଭାଟିର ଜଣେ ଶ୍ରମିକଙ୍କୁ ହତ୍ୟା କରାଯାଇଛି। ମୃତ ଶ୍ରମିକ ଜଣକ ହେଲେ ସ୍ଥାନୀୟ ଭାଟିଶାଳପଡ଼ାର ନାରାୟଣ ମୁଣ୍ଡା(୪୦)। ମଙ୍ଗଳବାର ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା।


**THE MAYURBHANJ CENTRAL CO-OPERATIVE BANK LTD.**
**BARIPADA, ODISHA**
**Fax No. 06792-254844,**
**Email : secymccb@rediffmail.com**
**Website : www.mccbank.org.in**
**Notification No. 2502** **Date : 25.09.2018**

The Mayurbhanj Central Co-operative Bank Ltd., Baripada seeks offers from Security Agencies for deployment of Seven Nos. of guards / Support Staff and one Electirician at the Branches / Head Office of the Bank.
The offer alongwith terms and conditions should reach the undersigned within seven days from the date of publication of notification.
The Bank reserve the right to accept / reject the offers without assigning any reason thereof.
By order of the Committee of Management.
**Sd./- Chief Executive Officer**

**କମିଟି ଗୋଲ୍‌ଡେନ୍ ଫରେଷ୍ଟ୍ସ (ଇଣ୍ଡିଆ) ଲିମିଟେଡ୍**
**ନିବେଶକମାନଙ୍କ ପାଇଁ ନୋଟିସ**

ଭାରତର ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ୩୦ ଜୁଲାଇ ୨୦୧୮ ତାରିଖର ନିର୍ଦ୍ଦେଶ ସମେତ ପଠନ ପୂର୍ବକ ୫ ସେପ୍ଟେମ୍ବର ୨୦୧୮ର ଆଦେଶ ମାଧ୍ୟମରେ ଜିଏଫ୍‌ଆଇଏଲ୍ ଓ ଜିପିଏଲ୍‌ର ନିବେଶକମାନଙ୍କୁ ପ୍ରଧାନ ଅର୍ଥରାଶିର ୭୦% ବଣ୍ଟନ କରିବା ସଂକ୍ରାନ୍ତରେ ନିର୍ଦ୍ଦେଶ ଦେଇଥିଲେ।
"ଏହି ପରିସ୍ଥିତିରେ, ଆମେ ନିର୍ଦ୍ଦେଶ ଦେଉଛୁ ଯେ ସାତ ଶହ କୋଟି ଟଙ୍କା ମଧ୍ୟରୁ ପ୍ରଧାନ ଅର୍ଥରାଶିର ୭୦% ପ୍ରତ୍ୟେକ ନିବେଶକଙ୍କୁ ବଣ୍ଟନ କରାଯିବ, ଯେଉଁମାନଙ୍କ ଦାବି କମିଟି ଦ୍ୱାରା ପ୍ରାପ୍ତ ହୋଇଛି...."
ଉପରୋକ୍ତ ନିର୍ଦ୍ଦେଶାବଳୀ ଅନୁଯାୟୀ, କମିଟି ଜିଏଫ୍‌ଆଇଏଲ୍ ନିବେଶକମାନଙ୍କୁ ଅର୍ଥରାଶି ବଣ୍ଟନ କରିବା ପାଇଁ ଏକ ଏଜେନ୍ସିର ସେବା ନିୟୋଜିତ କରିଛି। ନିବେଶକମାନଙ୍କୁ ଏହି ନୋଟିସ ମାଧ୍ୟମରେ ସୂଚିତ କରାଯାଉଛି ଯେ ସମସ୍ତ ଅର୍ଥ ବଣ୍ଟନ ଲାଗି ଯୋଗ୍ୟ ଦାବିଦାରଙ୍କ ପାଇଁ ୱେବ୍‌ପୋର୍ଟାଲ୍ କମିଟିର ୱେବ୍‌ସାଇଟ୍: www.goldenforestcommittee.comରେ ୧ ଅକ୍ଟୋବର, ୨୦୧୮ ଦିନ ଖୋଲିବ ଏବଂ ୩୧ ଅକ୍ଟୋବର ୨୦୧୮ ଦିନ ବନ୍ଦ ହେବ। କମିଟି ଡାକ ଯୋଗେ ବ୍ୟକ୍ତିଗତ ନୋଟିସ ପଠାଇବ ନାହିଁ।
*୨୬।୦୯।୨୦୧୮* *କମିଟି ଗୋଲ୍‌ଡେନ୍ ଫରେଷ୍ଟ୍ସ (ଇଣ୍ଡିଆ) ଲିମିଟେଡ୍, ଚଣ୍ଡିଗଡ଼*

ଆମେ ଯାହାକୁ ହିନ୍ଦୁ ଧର୍ମ କହୁ- ତାହା ହେଉଛି ପ୍ରକୃତରେ ଶାଶ୍ୱତ ବା ସନାତନ ଧର୍ମ। କାରଣ- ଏହା ହେଉଛି ବିଶ୍ୱଜନୀକ ଧର୍ମ, ଯାହାକି ଅନ୍ୟ ସମସ୍ତ ଧର୍ମକୁ ଆଲିଙ୍ଗନ କରେ। କୌଣସି ଧର୍ମ ଯଦି ବିଶ୍ୱଜନୀନ ନୁହେଁ- ତେବେ ତାହା ସନାତନ ହୋଇ ପାରେନା। - ଶ୍ରୀଅରବିନ୍ଦ





## ପରିବେଶ ପରିଚିନ୍ତା

**ମାନେକା ଗାନ୍ଧୀ**

# ବିପଦରେ ଗଧବଂଶ

ପ୍ରତି କିଛି ବର୍ଷ ବ୍ୟବଧାନରେ ଚାଇନିଜ୍‌ମାନେ ଗୋଟିଏ ପ୍ରାଣୀ ସମ୍ପର୍କରେ ଧରିନେଇ ଥାଆନ୍ତି ଯେ ଏହି ପ୍ରାଣୀର ମାଂସ ଓ ଅଙ୍ଗପ୍ରତ୍ୟଙ୍ଗ ସାଧାରଣ ବ୍ରଣରୋଗଠାରୁ ଆରମ୍ଭ କରି କ୍ୟାନ୍‌ସର ପର୍ଯ୍ୟନ୍ତ ଭଲ କରିପାରିବ। ସେହି ପ୍ରାଣୀଟି ପୃଥିବୀର ଯେଉଁ ସ୍ଥାନରେ ମିଳୁ, ସେଥିରେ କିଛି ଯାଏ ଆସେ ନାହିଁ। ହୋଇଥାଉ ନା କାହିଁକି ସେ ମେକ୍ସିକୋର ଏକ ହ୍ରଦରେ ମିଳୁଥିବା ଏକ ମାଛ। ଚାଇନିଜ୍‌ମାନେ ଏହି ମାଛର ସ୍ୱିମ୍ ବ୍ଲାଡର ଆବଶ୍ୟକ କରୁଥିବାରୁ ଉକ୍ତ ମାଛମାନେ ଏକ ପ୍ରକାର ଲୋପ ପାଇଗଲେଣି। ସେହିପରି ଗଣ୍ଡା ନାକର ବାଳ (ଏହି ଗଣ୍ଡାଙ୍କ ଗୋଟିଏ ପ୍ରଜାତି ଚଳିତବର୍ଷ ପୂରା ଲୋପ ପାଇଯାଇଛନ୍ତି ଏବଂ ଆଉ ଗୋଟିଏ ପ୍ରଜାତିର ଅଳ୍ପ କେଇ ଶହ ମାତ୍ର ବଞ୍ଚିଛନ୍ତି), ଭାରତୀୟ ଭାଲୁଙ୍କ ଅଗ୍ନ୍ୟାଶୟ, ବଜ୍ରକାପ୍ତାଙ୍କ କାତି ଇତ୍ୟାଦିକୁ ଚାଇନିଜ୍‌ମାନେ ତାଙ୍କ ପାରମ୍ପରିକ ଔଷଧରେ ବ୍ୟବହାର କରନ୍ତି। ବଜ୍ରକାପ୍ତାଙ୍କ କାତିରୁ ତିଆରି ଔଷଧ ଅତିଶୟ ଭୟ ଓ ଉନ୍ମାଦ ରୋଗରେ ପିଲାମାନେ କାନ୍ଦିବା, ମହିଳାମାନଙ୍କ ଦେହରେ ଭୂତ ଲାଗିବା, ମ୍ୟାଲେରିଆ ଜ୍ୱର ଓ ବଧିରତା ଆଦି ଭଲ କରିପାରେ ବୋଲି ସେମାନେ ଦାବି କରନ୍ତି। ଭାରତ ସମେତ ଅନେକ ଦେଶର କେତେକ ପ୍ରାଣୀଙ୍କୁ ଚାଇନିଜ୍‌ମାନେ ପୂରା ଲୋପ କରିସାରିଲେଣି। ଚାଇନିଜ୍‌ମାନଙ୍କ ଚାହିଦା ଲାଗି ଭାରତରେ ବାଘ ଓ ଶାର୍କ ଶିକାର କରାଯାଉଛି। ଆଫ୍ରିକାର ହାତୀବଂଶ ଏକ ପ୍ରକାର ଲୋପ ପାଇଗଲେଣି ଏବଂ ଚାଇନାର କାମୋତ୍ତେଜକ ବସ୍ତୁ ଲୋଭୀ (fetish-es)ମାନଙ୍କ ପାଇଁ ଅଷ୍ଟ୍ରେଲିଆ ନିୟୁତ ନିୟୁତ ଦେଶୀ ପକ୍ଷୀଙ୍କୁ ହରାଉଛି। ଏହି ପକ୍ଷୀଙ୍କୁ ଚାଇନିଜ୍‌ମାନେ ନେଇ ପଞ୍ଜୁରିରେ ରଖି ନିଜର ବାସନା ପୂରଣ କରିଥାନ୍ତି। ଆବେଲୋନୀ (ଏକ ପ୍ରକାର ସାମୁଦ୍ରିକ ଶମ୍ବୁକ ଜାତୀୟ ପ୍ରାଣୀ) ଶୁଖୁଆ ହେଉଛି ଚାଇନାର ଏକ ମର୍ଯ୍ୟାଦାଜନକ ଖାଦ୍ୟ, ଯାହା ଏକ ପାଉଣ୍ଡ (ପ୍ରାୟ ୪୫୩.୬ ଗ୍ରାମ୍) ପିଛା ୯୦ ଡଲାରରେ ବିକ୍ରି ହୁଏ। ଏହାର ଚୋରା କାରବାର ଫଳରେ ଦକ୍ଷିଣ ଆଫ୍ରିକାରେ କଳାଧନର ଏକ ଭଣ୍ଡାର ସୃଷ୍ଟି ହେଉଛି। ମନି ଲଣ୍ଡରିଂ ଓ ଡ୍ରଗ୍ କାରବାର ସହ ମଧ୍ୟ ଏହାର ସମ୍ପର୍କ ରହିଛି। ସବାଖିଆ ଚାଇନିଜ୍‌ମାନେ ନିଜ ଦେଶରେ ପ୍ରାୟ ସବୁ ପ୍ରାଣୀଙ୍କୁ ମାରି ଖାଇ ସାରିବା ପରେ ପରିବେଶ ପ୍ରତି ସଚେତନ ଦେଶଗୁଡ଼ିକ ଉପରେ ଆଖି ପକାଇଛନ୍ତି।

ବର୍ତ୍ତମାନ ପାଳି ପଡ଼ିଛି ଗଧର। ଗଧ ଚମଡ଼ାରୁ ସେମାନେ ଜେଲାଟିନ୍ ପ୍ରସ୍ତୁତ କରୁଛନ୍ତି। ପୁରୁଣା ଚାଇନିଜ୍ ଔଷଧରେ ଏକ ନୂଆ ଉପାଦାନ ଭାବେ ସେମାନେ ଏହାକୁ ବ୍ୟବହାର କରୁଛନ୍ତି। ଏହି ଉପାଦାନକୁ କୁହାଯାଉଛି ଏଜିଆଓ। ଏହି ଜେଲାଟିନ୍‌କୁ ୩-୪ ଇଞ୍ଚର ଚତୁଷ୍କୋଣାକାର ଖଣ୍ଡ ଆକାରରେ ବିକ୍ରି କରାଯାଏ। ଏହା କଠିନ, ଭଙ୍ଗୁର, ବାଦାମୀ ଓ ଉଜ୍ଜ୍ୱଳ, ସ୍ୱଚ୍ଛ ଏବଂ ଶୁଖିଲା ଅଠା ପରି ଈଷତ୍ ମିଠା। ଏହା ରକ୍ତକୁ ସମୃଦ୍ଧ କରିବା (ସେଥିରୁ ଯାହା ବି ବୁଝିପାରନ୍ତି), ଅସ୍ଥିକୁ ମଜଭୁତ କରିବା ସହ ମୁଣ୍ଡବୁଲା, ରକ୍ତହୀନତା, ନିଦ୍ରାହୀନତା, କ୍ୟାନ୍‌ସର ପ୍ରଭୃତି ଭଲ କରେ ବୋଲି ଦାବି କରାଯାଏ। ପୁଣି ଏହା ଗର୍ଭସ୍ରାବକୁ ରୋକିବା ସହ ରକ୍ତସ୍ରାବକୁ ବନ୍ଦ କରିବା, ଶୁଖିଲା କାଶ ଭଲ କରିବା, ଯକୃତ, ଫୁସ୍‌ଫୁସ୍ ଓ ବୃକ୍କର କ୍ରିୟାରେ ସାହାଯ୍ୟ କରିବା, କ୍ଳାନ୍ତି ଦୂର କରିବା, ପୁରୁଣା ହଇଜା ଭଲ କରିବା, ବିଭିନ୍ନ ଭୟ ଓ ଅଭିଭୂତି ଦୂର କରିବା, ଉଦ୍‌ବିଗ୍ନତା ଦୂର କରିବା ଇତ୍ୟାଦିରେ ସାହାଯ୍ୟ କରେ ବୋଲି ବିଶ୍ୱାସ କରାଯାଏ। ଚାଇନିଜ୍‌ମାନେ ମଧ୍ୟ ଗଧ ଚମଡ଼ାରୁ ପ୍ରସ୍ତୁତ ଅଠାକୁ ଜଳଖିଆରେ ମିଶାଇ ଖାଆନ୍ତି। ଏହାକୁ କୁହାଯାଏ ଗୁ ୟୁଆନ୍ ଗାଓ। ଏଜିଆଓକୁ ମଦରେ ମିଶାଯାଏ। ଏହାକୁ କ୍ରିମ୍ ସହ ମିଶାଇ ଖାଇଲେ ପାଦ ଘାଆ ଭଲ କରିବା, ବୟସ ଚିହ୍ନ ଦୂର ହେବା ସହ ଏହା ଗାଲ ଓ ଚମଡ଼ାକୁ ଉଜ୍ଜ୍ୱଳ କରେ ବୋଲି ବିଶ୍ୱାସ କରାଯାଏ। କିନ୍ତୁ ଏ ସବୁ କେବଳ ଅନ୍ଧବିଶ୍ୱାସ ଛଡ଼ା ଆଉ କିଛି ନୁହେଁ। ଐତିହାସିକ ତଥ୍ୟ ଅନୁଯାୟୀ ଏଜିଆଓ ଜେଲାଟିନ୍ କଥା କୁଆଡ଼େ ଶେନ୍ ନଙ୍ଗଙ୍କ ମେଟେରିଆ ମେଡ଼ିକାରେ ଅଛି, ଯାହା କିନ୍ (ଖ୍ରୀଷ୍ଟପୂର୍ବ ୨୨୧ରୁ ୨୦୬) ଏବଂ ହାନ୍ (ଖ୍ରୀଷ୍ଟପୂର୍ବ ୨୦୬ରୁ ୨୨୦ ଖ୍ରୀଷ୍ଟାବ୍ଦ) ରାଜବଂଶ ଅମଳରେ ଲେଖାଯାଇଥିଲା। ସେତେବେଳେ ଏଜିଆଓ ଯେକୌଣସି ପ୍ରାଣୀ ଚମଡ଼ାରୁ ପ୍ରସ୍ତୁତ ହେଉଥିଲା। କିନ୍ତୁ ଚାଇନାର ଫାର୍ମାକୋପିଆ କେବଳ ଗଧ ଚମଡ଼ାରୁ ପ୍ରସ୍ତୁତ ଜେଲାଟିନ୍‌କୁ ଏକମାତ୍ର ଏଜିଆଓ ଉପାଦାନ ଭାବେ ସ୍ୱୀକୃତି ଦେଇଛି। ୧୯୯୦ ଦଶକରେ ଏଜିଆଓକୁ ଏକ ଖାଉଟି ଉପାଦାନ ଓ ସୌନ୍ଦର୍ଯ୍ୟ ଉତ୍ପାଦ ଭାବେ ଗ୍ରହଣ କରାଗଲା। ସେଥିପାଇଁ ଗଧ ଚମଡ଼ାର ଚାହିଦା ହୁହୁ ବଢ଼ିଚାଲିଲା। ଫଳରେ ଚାଇନାରେ କୋଟି କୋଟି ଗଧଙ୍କୁ ହତ୍ୟା କରାଗଲା। ଗଧସଂଖ୍ୟା ଅତି ନଗଣ୍ୟ ସ୍ତରକୁ ଚାଲିଆସିଲା। ଗଧ ଚମଡ଼ା ବିରଳ ଓ ବ୍ୟୟବହୁଳ ହୋଇଗଲା- କିଲୋ ପ୍ରତି ଦର ୩୦୦ ପାଉଣ୍ଡ ପର୍ଯ୍ୟନ୍ତ। ଚାଇନାରେ ବିଦେଶରୁ ପ୍ରାଣୀ ଚମଡ଼ା ଆମଦାନି କରିବାରେ ମଧ୍ୟ କଟକଣା ଥିଲା। ତେଣୁ ବ୍ୟବସାୟୀମାନେ ପ୍ରଥମେ ସରକାରଙ୍କ ଉପରେ ଚାପ ପକାଇ ତା' ଉପରୁ କଟକଣା ଉଠାଇଦେଲେ। ତା'ପରେ ମଙ୍ଗୋଲିଆ, ଆଫ୍ରିକା, ଦକ୍ଷିଣ ଆମେରିକା ପ୍ରଭୃତି ବିଭିନ୍ନ ଦେଶରୁ ଶିକାର କରି ସେମାନେ ଚମଡ଼ା ଆମଦାନି କରିବାକୁ ଲାଗିଲେ।

ଗତ ଦଶ ବର୍ଷ ଭିତରେ ସାରା ପୃଥିବୀରେ ଗଧ ଦାମ୍ ବ୍ୟାପକ ବୃଦ୍ଧି ପାଇଛି। ଆଫ୍ରିକୀୟ ଦେଶଗୁଡ଼ିକରେ ଆଉ ପ୍ରାୟ ଗଧ ନାହାନ୍ତି। ଉଗାଣ୍ଡା, ତାଞ୍ଜାନିଆ, ବଟ୍‌ସ୍ୱାନା, ନାଇଜର, ବୁରକିନା ଫାସୋ, ମାଲି ଓ ସେନେଗାଲ ନିଜ ଦେଶରୁ ଚାଇନାକୁ ଗଧ ରପ୍ତାନି କରିବା ଉପରେ ନିଷେଧାଦେଶ ଲଗାଇଛନ୍ତି। ତା' ସତ୍ତ୍ୱେ ଗଧ ବଧ କମିନାହିଁ। କଳାବଜାରରେ ଗଧ ଚମଡ଼ା ଏକ ଗରମାଗରମ ମାଲ ଭାବେ ବିବେଚିତ ହେଉଛି। ଚାଇନାର ଏଜେଣ୍ଟମାନେ ଗାଁ ଗାଁ ବୁଲୁଛନ୍ତି, ପ୍ରାଣୀମାନଙ୍କୁ ରାତିରେ ଚୋରି କରି ତାଙ୍କ ଚମଡ଼ା ଉତାରି ନେଇଯାଉଛନ୍ତି। ନଭେମ୍ବର ୨୦୧୭ରେ ଏପରି ଘଟଣାର ପ୍ରତ୍ୟକ୍ଷଦର୍ଶୀ ଫୁଟେଜ୍ (ଭିଡିଓ) ପ୍ରକାଶ ପାଇଛି।

ଭାରତ ମଧ୍ୟ ସେମାନଙ୍କ ବେଆଇନ କାମରୁ ବର୍ତ୍ତିପାରି ନାହିଁ। ଆପଣ କେତେ ବର୍ଷ ତଳେ ଗଧଟିଏ ଦେଖିଥିଲେ? ଗତ ଦୁଇବର୍ଷ ଭିତରେ ଭାରତରେ ପ୍ରାୟ ୩ ନିୟୁତ ଗଧଙ୍କୁ ହତ୍ୟା କରାଯିବା ଫଳରେ ଗଧସଂଖ୍ୟା ପ୍ରାୟ ୪୦ ପ୍ରତିଶତ କମିଯାଇଛି। ଯେଉଁ ବନ୍ୟଜନ୍ତୁ ମାଫିଆ ଆଗରୁ ବାଘ ଚମଡ଼ା ଚୋରାଚାଲାଣ କରୁଥିଲେ, ସେମାନେ ଏବେ ଗଧ ଚମଡ଼ା ଚୋରା ଚାଲାଣ କରୁଛନ୍ତି। ଚାଇନାରେ ଏଜିଆଓ ବିକ୍ରି ପରିମାଣ ୨୦୦୮ରେ ୬.୪ ବିଲିୟନ ୟୁଆନରୁ ୨୦୧୬ରେ ୩୪୨.୨ ବିଲିୟନ ୟୁଆନକୁ ବୃଦ୍ଧି ପାଇଛି। ଚାଇନାର ଗଧ ସଂଖ୍ୟା ୧୯୯୦ରେ ୧୧ ନିୟୁତ ଥିବାବେଳେ ତାହା ଏବେ ୧ ନିୟୁତକୁ ହ୍ରାସ ପାଇଛି। ପ୍ରତିବର୍ଷ ଚାଇନାକୁ ବାହାର ଦେଶଗୁଡ଼ିକରୁ ୨ରୁ ୩ ନିୟୁତ ଗଧ ଚମଡ଼ା ଆସୁଛି ଏବଂ ବର୍ତ୍ତମାନ ସେମାନଙ୍କର ବାର୍ଷିକ ଚାହିଦା ହେଉଛି ୧୦ ନିୟୁତ। ଯେଉଁସବୁ ସ୍ଥାନରେ ଲୋକମାନେ ପରିବହନ କାମରେ ଗଧଙ୍କୁ ଲଗାଇ ଜୀବିକା ନିର୍ବାହ କରୁଥିଲେ, ବର୍ତ୍ତମାନ ଗଧମାନଙ୍କର ଆକାଶଛୁଆଁ ଦରବୃଦ୍ଧି ଯୋଗୁ ସେମାନେ ଆଉ ତାହା କରିପାରୁ ନାହାନ୍ତି। ତେଣୁ ସେମାନେ ଜୀବିକାର୍ଜନରୁ ବଞ୍ଚିତ ହେଉଛନ୍ତି। ଉଦାହରଣସ୍ୱରୂପ ବୁରକିନା ଫାସୋରେ ଗୋଟିଏ ଗଧର ଦାମ୍ ୨୦୧୪ରେ ୬୦ ପାଉଣ୍ଡ ଥିବାବେଳେ ୨୦୧୬ରେ ତାହା ୧୦୮ ପାଉଣ୍ଡରେ ପହଞ୍ଚିଛି। ନାଇଜରରେ ଗଧ ଦାମ୍ ୩୪ରୁ ୧୪୫ ପାଉଣ୍ଡକୁ ବୃଦ୍ଧି ପାଇଛି। କେନିଆରେ ଆହୁରି ଅଧିକା।

ଅନେକ ଦେଶରେ ମାଫିଆ ଗୋଷ୍ଠୀ ସୃଷ୍ଟି ହୋଇଛନ୍ତି। ବେଆଇନ ବା 'ବୁଶ୍' ସ୍ଲଟର (ଗଧଙ୍କୁ ଚୋରାଇ ନେଇ ମାରି ଚମଡ଼ା ଉତାରି ବୁଦା ଭିତରେ ଫୋପାଡ଼ିଦେବା) ଘଟଣା ଇଜିପ୍ଟ, ଦକ୍ଷିଣ ଆଫ୍ରିକା ଓ ତାଞ୍ଜାନିଆ, ବ୍ରାଜିଲ, ମେକ୍ସିକୋ ଓ ପେରୁ ପ୍ରଭୃତି ଅଞ୍ଚଳରେ ଘଟୁଥିବାର ରିପୋର୍ଟ ପ୍ରକାଶ ପାଉଛି। ଏହି ଗଧମାନେ ସାଧାରଣତଃ ପରିବହନ କାମରେ ଲାଗିଥାନ୍ତି। ସେମାନେ ବଜାରକୁ ଜିନିଷପତ୍ର ନେବା, ପାଣି ବୋହି ଆଣିବା ବା ପିଲାଙ୍କୁ ସ୍କୁଲ ନେବା ଆଣିବା କରିବା ଇତ୍ୟାଦି କାମରେ ଲାଗିଥାନ୍ତି। ଏମାନଙ୍କୁ ନେଇ ଜୀବିକା ନିର୍ବାହ କରୁଥିବା ଲୋକମାନେ ଜୀବିକା ହରାଇଥାନ୍ତି, କାରଣ ଗଧ ଚୋରିଗଲା ପରେ ଚଢ଼ା ଦାମ୍ ଯୋଗୁ ସେମାନେ ଆଉ ଗଧ କିଣିପାରି ନ ଥାନ୍ତି। ଚାଇନା ଏଭଳି ଗଧମାନଙ୍କ ଗଣହତ୍ୟା ଭଳି କାର୍ଯ୍ୟରୁ ନିବୃତ୍ତ ରହିବା ସକାଶେ ଅନ୍ୟ ଦେଶଗୁଡ଼ିକ ତଥା ଜାତିସଂଘ ତା' ଉପରେ ଚାପ ପ୍ରୟୋଗ କରିବା ଦରକାର।

Email: gandhim@nic.in

# ଓଡ଼ିଶାର ଜାଲିଆନାୱାଲାବାଗ୍



**ଅଭୟ ସୂତାର**

ସ୍ୱାଧୀନତା ସଂଗ୍ରାମ ଇତିହାସରେ ମହାତ୍ମା ଗାନ୍ଧୀଙ୍କ ଭାରତ ଛାଡ଼ ଆନ୍ଦୋଳନ ସର୍ବଶେଷ ଏବଂ ସର୍ବଶ୍ରେଷ୍ଠ ଆନ୍ଦୋଳନ ଭାବେ ଖ୍ୟାତିଲାଭ କରିଥିଲା, ବିଶ୍ୱ ଇତିହାସରେ ଯେଉଁ ବିପ୍ଳବର ପଟାନ୍ତର ନ ଥିଲା। ଗାନ୍ଧିଜୀଙ୍କ ଡାକରାରେ ସେତେବେଳେ ତେଜି ଉଠିଥାଏ ସାରା ଭାରତ। ଗାଁରୁ ସହର, ପଲ୍ଲୀରୁ ଜଙ୍ଗଲ ଓ ସମୁଦ୍ରରୁ ପାହାଡ଼ ପର୍ଯ୍ୟନ୍ତ ସମଗ୍ର ଅଞ୍ଚଳ ବିପ୍ଳବର ସ୍ୱର ଉତ୍ତୋଳନ କରି ବ୍ରିଟିଶ ବିରୋଧରେ ଚଳାଇଥାନ୍ତି ସଂଗ୍ରାମ। ସବୁଆଡ଼େ ସେହି ଗୋଟିଏ କଥା- କର ବା ମର।

କିଏ ଜାଣିଥିଲା, ଏ ପ୍ରତିଜ୍ଞା ଓଡ଼ିଶା ମାଟିର ଏକ ବଣଜଙ୍ଗଲ, ନଦୀନାଳଘେରା ଅନୁଚ୍ଚ ଅଖ୍ୟାତ ପଲ୍ଲୀ ଇରମର ଅନାମଧେୟ ନିରୀହ ଜନସାଧାରଣଙ୍କ ମନରେ ଶତସିଂହର ସାହସ ଭରିଦେଇ ଏକ ନୂଆ ଇତିହାସ ସୃଷ୍ଟି କରିବ ବୋଲି? ବ୍ରିଟିଶ ଶାସନରେ ଇରମ କହିଲେ ଅବିଭକ୍ତ ବାଲେଶ୍ୱର ଜିଲା ବାସୁଦେବପୁର ଅନ୍ତର୍ଗତ ସହରଠୁ ବହୁ ଦୂରରେ ଥିବା ଏକ ନଈପଠା, ବଣଗୋହିରୀ ପରିବେଷ୍ଟିତ ଶାନ୍ତ, ଅଜ୍ଞାତ, ନଗଣ୍ୟ ପଲ୍ଲୀ ଅଞ୍ଚଳ, ଯେଉଁଠାରୁ ସ୍ୱତଃସ୍ଫୂର୍ତ୍ତ ଭାବେ ପ୍ରତିଧ୍ୱନିତ୍ୱ ହେଉଥିଲା- ଆମେ ଚାହୁଁ ପୂର୍ଣ୍ଣ ସ୍ୱାଧୀନତା। ଇରମର ମାଟି, ପାଣି, ପବନରେ ଆମେ ଗଢ଼ା ସତ୍ୟାଗ୍ରହୀ ସନ୍ତାନ। ମର୍‌ତେ ତକ୍- ଲଢେଙ୍ଗେ ହମ୍।

## ୨୮।୯ ଇରମ ଶହୀଦ ଦିବସ ଉପଲକ୍ଷେ

ଜାତୀୟ କଂଗ୍ରେସର ଅସହଯୋଗ ଆନ୍ଦୋଳନଠାରୁ ଆରମ୍ଭ କରି ଐତିହାସିକ ଲାହୋର ଅଧିବେଶନରେ ଆଇନ ଅମାନ୍ୟ ଆନ୍ଦୋଳନର ସିଦ୍ଧାନ୍ତ ପ୍ରତିଧ୍ୱନିତ୍ୱ ହେଉଥିଲା ଏହି ଇରମରେ। ସ୍ୱାଧୀନତା ଆନ୍ଦୋଳନର ଇରମ ଥିଲା ଅନ୍ୟତମ ପ୍ରାଣକେନ୍ଦ୍ର। ବିପ୍ଳବର ଲେଲିହାନ ଶିଖା ଆସ୍ତେ ଆସ୍ତେ ତେଜି ଉଠୁଥାଏ ଇରମରେ ଏବଂ ଏଥିପାଇଁ ୧୯୪୨, ସେପ୍ଟେମ୍ବର ୨୮ ତାରିଖରେ ଇଂରେଜ ସରକାରଙ୍କ ବିରୋଧରେ ଏକ ବିରାଟ ସଭା ଆହୂତ ହେଲା। ନିରୀହ, ଶାନ୍ତ, ସରଳ, ଶୃଙ୍ଖଳିତ ସତ୍ୟାଗ୍ରହୀମାନେ ଅହିଂସା ମନ୍ତ୍ରରେ ଦୀକ୍ଷିତ ହୋଇ ମେଳନ ପଡ଼ିଆରେ ସମବେତ ହେଲେ। ଚାଲିଲା ବ୍ରିଟିଶ ବିରୋଧୀ ସ୍ଲୋଗାନ। ସଂଗ୍ରାମୀମାନଙ୍କର ଓଜସ୍ୱିନୀ ଏବଂ ଲୋମହର୍ଷଣକାରୀ ବକ୍ତବ୍ୟରେ ମେଳନ ପଡ଼ିଆର ବାୟୁମଣ୍ଡଳ ସରଗରମ ହେଉଥାଏ। ସମସ୍ତେ ଅତିଷ୍ଠ, ଅଶାନ୍ତ। ସମସ୍ତେ ଅନ୍ୟାୟ ବିରୋଧରେ ସଂଗ୍ରାମ ଭୂଇଁରେ ଅବତୀର୍ଣ୍ଣ। ସ୍ୱାଧୀନତାର ବାସ୍ନା ପାଇଁ ସମସ୍ତେ ପାଗଳ- କି ବୁଢ଼ା, କି ପିଲା, କି ନେତା, କି ଜନତା।

ହଠାତ୍ ଗୋଧୂଳି ଲଗ୍ନର ଲାଲିମା ମଳିନ ପଡ଼ିଗଲା। ଗୁଡୁମ୍ ଗୁଡୁମ୍ ଆୱାଜରେ ଇରମ ଭୂଇଁ ମୁହୂର୍ତ୍ତକ ମଧ୍ୟରେ ରକ୍ତାକ୍ତ ହୋଇଗଲା। ଆକାଶରେ ମେଘମାଳାର ବିଜୁଳି ଚମକ, ଗୁଳିର ଝଲକ ଲୋକମାନଙ୍କୁ କିଂକର୍ତ୍ତବ୍ୟବିମୂଢ଼ କରିଦେଲା। ଗୁଳିକାଣ୍ଡରେ ୨୯ ଜଣ ସଂଗ୍ରାମୀ ଟଳିପଡ଼ିଲେ, ୫୬ ଜଣ କ୍ଷତବିକ୍ଷତ ହେଲେ। ରକ୍ତସ୍ନାତ ମୃତଦେହ ଓ ଆହତଙ୍କର କରୁଣ କ୍ରନ୍ଦନ ବାୟୁମଣ୍ଡଳକୁ ଭାରାକ୍ରାନ୍ତ କରିଦେଲା। ପତିହରା ପତ୍ନୀ, ପୁତ୍ରହରା ମାତାଙ୍କର ସେହି କାଳରାତ୍ରିର ବୁକୁଫଟା କ୍ରନ୍ଦନ ଏବଂ ଆକୁଳ ଆର୍ତ୍ତନାଦ ଅତୀବ ମର୍ମସ୍ପର୍ଶୀ ଏବଂ ହୃଦୟବିଦାରକ। ବର୍ବରୋଚିତ ଗୁଳିକାଣ୍ଡରେ ସ୍ତ୍ରୀ ତା'ର ସ୍ୱାମୀକୁ ହରାଇ ସୀମନ୍ତରୁ ସିନ୍ଦୂର ପୋଛିଦେଇଛି, ବାପା-ମା' ପୁତ୍ରକୁ ହରାଇ ପାଗଳ ହୋଇଛନ୍ତି, ଭାଇ ତା'ର ଭଉଣୀକୁ ହରାଇ କରୁଣ ଆଘାତରେ ମ୍ରିୟମାଣ ହୋଇଛି, କିନ୍ତୁ ସେମାନଙ୍କର ଦାୟାଦ ଆଜି ପାଇଛନ୍ତି କ'ଣ?

ଯେଉଁ ବୀର ଶହୀଦଙ୍କ ଆତ୍ମବଳି ଯୋଗୁ ଆମେ ଆଜି ସ୍ୱାଧୀନ ହେଲୁ, ସେହି କଷ୍ଟଲବ୍ଧ ରକ୍ତକ୍ଷୟୀ ସ୍ୱାଧୀନତା ଆମକୁ ବିପଥଗାମୀ କରାଇଛି। ନୀତିହୀନ ବ୍ୟକ୍ତିମାନଙ୍କର ସଙ୍ଗଠନ ଆଜି ପ୍ରଭାବପ୍ରମତ୍ତ, ବହୁ ଦୁଶ୍ଚରିତ୍ର ସମାଜସେବା ନାମରେ ଅରାଜକତା ସୃଷ୍ଟି କରିବାରେ ନିୟୋଜିତ। ନେତୃତ୍ୱ କେଉଁଠାରେ ନାହିଁ। ଅସତ୍ୟ ସ୍ୱାଭାବିକ ହୋଇପଡ଼ିଛି। ଦେଶ ପ୍ରତି କର୍ତ୍ତବ୍ୟରେ ଘୋର ଅବହେଳା ପରିଲକ୍ଷିତ ହେଉଛି। ତଥାପି ସମୟ ଅଛି, ଦେଶକୁ ସ୍ୱାଧୀନ କରିବା ପାଇଁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଯେପରି ଦିନେ ଏକଜୁଟ ହୋଇଥିଲେ, ଠିକ୍ ସେହିପରି ଦେଶକୁ ଉନ୍ନତ ପଥରେ ଆଗେଇନେବା ପାଇଁ ବ୍ୟକ୍ତିଗତ ସଂକୀର୍ଣ୍ଣ ମନୋଭାବ ତଥା ପାରସ୍ପରିକ ମତଭେଦ ତ୍ୟାଗ କରି ଦେଶପ୍ରେମରେ ଉଦ୍‌ବୁଦ୍ଧ ହେବା ଉଚିତ। ଅଶେଷ କଷ୍ଟଲବ୍ଧ ସ୍ୱାଧୀନତାର ସଂରକ୍ଷଣ ନିମନ୍ତେ ତ୍ୟାଗ ଓ ସେବା ମନୋବୃତ୍ତି ନିତାନ୍ତ ପ୍ରୟୋଜନ। ଆମର ଭବିଷ୍ୟତ ବଂଶଧର ତଥା ଦେଶର ଭାବୀ ନାଗରିକମାନଙ୍କୁ କିପରି ଦେଶପ୍ରେମର ନୂତନ ଦିଗ୍‌ଦର୍ଶନ ଦିଆଯାଇପାରିବ, ତାହା ଚିନ୍ତା କରାଯିବା ଉଚିତ। ଯାହାଫଳରେ ନିଷ୍ପେଷିତ, ଦରିଦ୍ର, ନିରକ୍ଷର ଜନସାଧାରଣଙ୍କ ଉନ୍ମାଦନା, ତ୍ୟାଗ, ଜାତୀୟତାଭାବ, କଷ୍ଟ ବରଣ ଓ ଆତ୍ମ ଉତ୍ସର୍ଗର ଜ୍ୱଳନ୍ତ ନିଦର୍ଶନ ହୋଇ କାଳକାଳକୁ ରହିଥିବ ଏହି ରକ୍ତତୀର୍ଥ ଇରମ।

ଭଦ୍ରକ, ମୋ:୯୪୩୭୩୭୬୯୬୭

## ଏଇ ଭାରତରେ

ଆଜିକାଲି ମୋବାଇଲ ପାଇଁ ଯୁବଗୋଷ୍ଠୀ ବାଇଆ। କ୍ଷଣେ ହେଲେ ମୋବାଇଲକୁ ହାତଛଡ଼ା କରିବାକୁ ଚାହାନ୍ତିନି କେହି। କିନ୍ତୁ ମୋବାଇଲରୁ ଯଦି ବ୍ୟାଟେରୀ ଚାର୍ଜ ସରିଯାଏ, ତେବେ ତାହା ପାଖରେ ଥାଇ ବି କିଛି କାମରେ ଆସେ ନାହିଁ। ଏପରି ଅବସ୍ଥାରେ ଚାର୍ଜ କରିବାର ସୁବିଧା ନ ଥିଲେ କଥା ସରିଲା। କିନ୍ତୁ ଯଦି ସୁବିଧା ଥାଏ ଏବଂ ତାହା ସାଧାରଣଙ୍କ ପାଇଁ ନିଷିଦ୍ଧାଞ୍ଚଳ ହୋଇଥାଏ, ତେବେ ଏ ମୋବାଇଲ-ପାଗଳମାନେ ସେ ବାରଣ ସହଜରେ ମାନିବାକୁ ରାଜି ହୁଅନ୍ତି ନାହିଁ। ସୋମବାର ଏପରି ଏକ ଘଟଣା ଘଟିଛି ମୁମ୍ବାଇରୁ କୋଲକାତା ଯିବାକୁ ଅପେକ୍ଷାରତ ଇଣ୍ଡିଗୋ ଯାତ୍ରୀବାହୀ ବିମାନରେ। ଜଣେ ମଦ୍ୟପ ଯାତ୍ରୀ ମୋବାଇଲ ଚାର୍ଜ କରିବା ପାଇଁ ବିମାନ ଚାଳକଙ୍କ ପ୍ରକୋଷ୍ଠ (କକ୍‌ପିଟ୍) ଭିତରକୁ ପ୍ରବେଶ କରିଥିଲେ। ବିମାନଟି କୋଲକାତା ଅଭିମୁଖେ ଯାତ୍ରା ଆରମ୍ଭ କରିବା ପୂର୍ବରୁ ଏହି ଘଟଣା ଜଣାପଡ଼ିବା ପରେ ଯାତ୍ରୀ ଜଣଙ୍କୁ ସୁରକ୍ଷା ନିୟମ ଭଙ୍ଗ କରିବା ଅଭିଯୋଗରେ ବିମାନରୁ ଓହ୍ଲାଇଦେଇ ପୋଲିସ ଜିମା ଦିଆଯାଇଥିଲା। ତାଙ୍କୁ ପଚରାଉଚରା ପରେ ଛାଡ଼ିଦିଆଯାଇଥିବା ପୋଲିସ ପ୍ରକାଶ କରିଛି।

## ଚିରନ୍ତନୀ

ବଂଶୀ କାନ୍ଦିଗଲା ଦୂର ବିଲବନପଥେ
ସ୍ୱର ରହିଗଲା ଏ ମୋର ମରମଗତେ,
ଦୂର ଅତୀତର ଶୁଭୁଥିଲା ଭାଷା
କି ଗହନ ବ୍ୟଥା ଦୂରନ୍ତ ଦୂରାଶା
ସନ୍ଧ୍ୟା ସୁନ୍ଦରୀ ସ୍ୱର୍ଣ୍ଣ ମେଘର ରଥେ
ସଜଳ ନୟନେ ଚାହିଁଥିଲା ବନପଥେ।
(ଲୋହିତ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

**୨୭ ସେପ୍ଟେମ୍ବର ୧୯୯୩**

- ଆସନ୍ତା ଅକ୍ଟୋବରରେ ଅନୁଷ୍ଠିତ ହେବାକୁ ଯାଉଥିବା ସାଧାରଣ ନିର୍ବାଚନରେ ପାକିସ୍ତାନ ପିପୁଲ୍‌ସ ପାର୍ଟି ଏବଂ ପାକିସ୍ତାନ ମୁସ୍‌ଲିମ୍ ଲିଗ୍ ମିଳିତ ଭାବେ ନିର୍ବାଚନ ଲଢ଼ିବା ନେଇ ଘୋଷଣା କରିଛନ୍ତି।
- ଫତା ସଙ୍ଗଠନର ଅଟକ ଥିବା ପ୍ରାୟ ୪ ହଜାର ପାଲେଷ୍ଟିନୀୟଙ୍କୁ ମୁକ୍ତ କରିଦେବା ପାଇଁ ଇସ୍ରାଏଲ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | A | | | | 3 | 8 | 0 | | | | C | | | 4 |
| | D | 5 | E | 8 | | 4 | | | | | | 1 | | 2 |
| | | | 2 | A | | D | B | | | 7 | 0 | | | |
| 7 | 3 | | | 0 | | | | 2 | | | | | | |
| | | | B | 1 | | | E | | 4 | | | | 7 | |
| 0 | | 6 | | 3 | | | | | | | | | | 7 |
| 8 | 1 | | | | | 5 | | | | | A | 9 | B | |
| 5 | C | | 9 | | 6 | | | | | | 2 | 0 | 8 | E |
| 9 | | 7 | 1 | 4 | | 3 | | 0 | | B | | | A | 5 |
| | B | 3 | | | | | | | | 9 | D | | | |
| B | | | | | | 7 | | | | | 6 | | 5 | 8 |
| | | | 4 | C | | | 1 | | | A | | | | |
| | 8 | | | E | 0 | 6 | | | | | 7 | | 1 | |
| | | | 5 | B | | 2 | C | | | | 9 | D | | 6 |
| 4 | 7 | | | | | | | | | 5 | 1 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | B | 9 | 3 | 4 | 7 | E | C | 0 | D | A | 5 | 8 | 6 | 2 |
| 2 | A | 4 | 9 | 5 | B | 1 | 8 | 6 | 7 | C | 0 | D | 3 | E |
| 5 | 8 | E | C | D | 1 | 2 | 7 | B | 4 | 3 | 6 | 9 | 0 | A |
| D | C | 0 | 6 | 2 | A | 3 | 5 | 9 | 8 | E | B | 1 | 7 | 4 |
| 3 | 7 | 6 | 8 | 0 | E | A | 4 | D | 9 | 1 | 2 | B | C | 5 |
| B | D | 8 | 4 | 1 | 0 | 9 | E | 3 | 5 | 7 | A | 6 | 2 | C |
| 0 | 5 | C | A | 6 | 3 | 7 | B | 8 | E | 2 | D | 4 | 1 | 9 |
| 6 | 9 | 7 | 5 | E | C | 0 | 2 | 1 | 3 | 8 | 4 | A | D | B |
| A | 3 | 2 | D | B | 8 | C | 6 | 4 | 1 | 0 | 9 | 5 | E | 7 |
| 4 | E | 1 | 2 | 7 | 9 | D | A | 5 | B | 6 | C | 3 | 8 | 0 |
| E | 1 | 5 | B | C | 6 | 8 | 3 | 2 | A | 9 | 7 | 0 | 4 | D |
| 7 | 6 | B | 0 | 8 | 2 | 5 | D | A | C | 4 | 1 | E | 9 | 3 |
| C | 0 | A | E | 9 | 5 | 4 | 1 | 7 | 6 | D | 3 | 2 | B | 8 |
| 8 | 2 | D | 1 | 3 | 4 | B | 9 | C | 0 | 5 | E | 7 | A | 6 |
| 9 | 4 | 3 | 7 | A | D | 6 | 0 | E | 2 | B | 8 | C | 5 | 1 |

ଗତକାଲିର ଉତ୍ତର

# କାହା ସ୍ୱାର୍ଥରେ ସରକାର



**ବିଚିତ୍ର ବିଶ୍ୱାଳ**

ଆଇନ କ'ଣ ସମସ୍ତଙ୍କ ପାଇଁ ସମାନ ହୋଇଥାଏ? ଆଇନକୁ ଲାଗୁ କରିବା ବେଳେ ବ୍ୟକ୍ତିର ସାମାଜିକ ଓ ଆର୍ଥିକ ପରିସ୍ଥିତି କିମ୍ବା ତା'ର ପୃଷ୍ଠଭୂମିକୁ କ'ଣ ବିଚାରକୁ ନିଆଯାଏ ନାହିଁ? ଜଣେ ଧନୀ ଲୋକ ପାଇଁ ଆଇନ ଯାହା, ଜଣେ ଗରିବ ଲୋକ ପାଇଁ ଆଇନ କ'ଣ ତାହା? ନେତା, ମନ୍ତ୍ରୀଙ୍କ କାନକୁ ସୁନ୍ଦର ଶୁଭୁଥିବା କଥା ତଥା ସମ୍ବିଧାନରେ ଲେଖା ହୋଇଥିବା ନୀତି ନିୟମକୁ ନ ଦେଖି ଯଦି ଆମେ ବାସ୍ତବ ସ୍ଥିତିକୁ ଦେଖିବା ତେବେ ହଲପ କରି କୁହାଯାଇପାରେ, ଆଇନ କଦାପି ସମସ୍ତଙ୍କ ପାଇଁ ସମାନ ହୋଇ ନ ଥାଏ। ସେମିତି ହୋଇଥିଲେ ୯ ହଜାର ଟଙ୍କା ଋଣ କରୁଥିବା ଚାଷୀ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଥିବା ବେଳେ ୯ ହଜାର କୋଟି ଟଙ୍କା ଋଣ ଶୁଝୁ ନ ଥିବା ବିଜୟ ମାଲ୍ୟା ବିଦେଶରେ ଅୟସ କରୁ ନ ଥାନ୍ତେ। କେବଳ ବିଜୟ ମାଲ୍ୟା ନୁହନ୍ତି, ଏପରି ଆହୁରି ଅନେକ ଉଦାହରଣ ଅଛି। ଧନୀମାନଙ୍କ ପାଇଁ ଆଇନ ଯେତିକି ହୁଗୁଳା, ଗରିବମାନଙ୍କ ପାଇଁ ଆଇନ ସେତିକି କଡ଼ାକଡ଼ି।

ମଦବେପାରୀ ବିଜୟ ମାଲ୍ୟା ବ୍ୟାଙ୍କ୍‌ଗୁଡ଼ିକରୁ ୯ ହଜାର କୋଟି ଟଙ୍କା ଋଣ ଖିଲାପି କରି ଦେଶ ଛାଡ଼ି ପଳାୟନ କରିବାର ସୁଯୋଗ ପାଇଲେ କିପରି? ସେ ତ ଆଉ ଲୁଚି ଲୁଚି ତାଙ୍କ ନିଜ କାର୍‌ରେ ଲଣ୍ଡନ ଚାଲି ଯାଇନାହାନ୍ତି। ସେ ବିମାନ ବନ୍ଦରରୁ ସରକାରୀ ନିୟମ ଅନୁସାରେ ପାସ୍‌ପୋର୍ଟ ଭିଜା ଆଦି ବ୍ୟବହାର କରି ବିଦେଶ ଯାଇଛନ୍ତି। ଯେତେବେଳେ କି ଦେଶ ଛାଡ଼ିବାର ଯଥେଷ୍ଟ ପୂର୍ବରୁ ତାଙ୍କ ନାମରେ ଋଣ ଖିଲାପିର ଅଭିଯୋଗ ସ୍ପଷ୍ଟ ଥିଲା। ତା'ହେଲେ ତାଙ୍କୁ ବିମାନ ବନ୍ଦରରେ ଅଟକାଗଲା ନାହିଁ କାହିଁକି? ତାଙ୍କ ପରେ ଆଉ କେତେଜଣ ମଧ୍ୟ ଦେଶକୁ ଲୁଟି ବିଦେଶ ଚାଲିଗଲେଣି। ନିଜକୁ ଦୁର୍ନୀତିଠାରୁ ଶହେ କୋଷ ଦୂରରେ ବୋଲି ବାହୁସ୍ଫୋଟ ମାରୁଥିବା ପ୍ରଧାନମନ୍ତ୍ରୀ ଓ ଅର୍ଥମନ୍ତ୍ରୀ ଏହାର କି ଉତ୍ତର ଦେବେ। ବିଜୟ ମାଲ୍ୟା ଦେଶ ଛାଡ଼ି ଚାଲିଯିବା ପରେ ଉଭୟେ କହିଲେ ଯେ, ସେମାନେ କିଛି ଜାଣିନାହାନ୍ତି। କିନ୍ତୁ ସମ୍ପ୍ରତି ବିଜୟ ମାଲ୍ୟା ଲଣ୍ଡନର ଗଣମାଧ୍ୟମ ସାମ୍ନାରେ ପ୍ରକାଶ କରିଛନ୍ତି ଯେ, ସେ ଦେଶ ଛାଡ଼ିବା ପୂର୍ବରୁ ଅରୁଣ ଜେଟ୍‌ଲୀଙ୍କୁ ଦେଖାକରିଛନ୍ତି। ନିଜ ଦୋଷ ଲୁଚେଇବାକୁ ଭାଜପା ସମ୍ପ୍ରତି ଏହି ଘଟଣାକୁ କଂଗ୍ରେସ ଆଡ଼କୁ ଠେଲୁଛି। ହେଲେ ଲୋକେ ଦିନେ ନା ଦିନେ ମୁଖା ତଳର ମୁହଁକୁ ଚିହ୍ନିବେ। ଭାଜପା ସରକାରରେ ଥିବା ବେଳେ ମାଲ୍ୟା ଫେରାର୍ ହୋଇଯିବାରୁ ଯେତେବେଳେ ସରକାରଙ୍କୁ ଉତ୍ତରଦାୟୀ କରାଯାଉଛି, ସେତେବେଳେ କୁହାଯାଉଛି, ମାଲ୍ୟା କଂଗ୍ରେସ ସରକାର ସମୟରେ ଓ କଂଗ୍ରେସ ସରକାର ସୁପାରିସ୍‌ରେ ବ୍ୟାଙ୍କ୍‌ରୁ ଋଣ ପାଇଛନ୍ତି। ଏହା ନିଜ ଦୋଷକୁ ପର ମୁଣ୍ଡରେ ଲଦିବା ପରି କଥା ନୁହେଁ କି?

ମୋଟାମୋଟି ଭାବେ ଦେଖିଲେ ବିଜୟ ମାଲ୍ୟାଙ୍କ ପ୍ରତି ସରକାର ଯେପରି ମନୋଭାବ ଦେଖାଇଲେ ଦେଶର ଜଣେ ସାଧାରଣ ନାଗରିକ ପ୍ରତି ସେପରି ମନୋଭାବ ଦେଖାଇବେ କି? ଏହା ସତ୍ୟ ଯେ ଉପା ସରକାର ସେତେବେଳେ ବିଜୟ ମାଲ୍ୟାଙ୍କୁ ଋଣ ଦେବା ପାଇଁ ବ୍ୟାଙ୍କ୍‌ଗୁଡ଼ିକୁ ସୁପାରିସ କରିଥିଲେ। କିନ୍ତୁ ଏହାର ଅର୍ଥ ନୁହେଁ ଯେ, ମାଲ୍ୟା ଦେଶ ଛାଡ଼ିବାର ଉତ୍ତରଦାୟିତ୍ୱକୁ ଭାଜପା ସରକାର ଫାଙ୍କି ଦେବେ। କାରଣ ୨୦୧୫ ଜୁଲାଇରେ ସିବିଆଇ ଠକେଇ ଅଭିଯୋଗରେ ନିଜ ଆଡ଼ୁ ମାଲ୍ୟାଙ୍କ ବିରୋଧରେ ମାମଲା ରୁଜୁ କରିସାରିଥିଲା। କିନ୍ତୁ କୌଣସି ବ୍ୟାଙ୍କ୍ ତରଫରୁ ବିଧିବଦ୍ଧ ଅଭିଯୋଗ ହୋଇ ନ ଥିବାରୁ ତାଙ୍କ ବିରୋଧରେ ଗିରଫ ପରୱାନା ଜାରି ହୋଇ ନ ଥିଲା। ଇତିମଧ୍ୟରେ ମାଲ୍ୟା ଫେରାର୍ ହୋଇଯିବା ଆଶଙ୍କା ଥିବାରୁ ସେ ବିମାନ ବନ୍ଦରକୁ ଆସିଲେ ତାଙ୍କୁ ଅଟକ ରଖିବାକୁ ସିବିଆଇ ତାଙ୍କ ବିରୋଧରେ ନୋଟିସ୍ ଜାରିକଲା। କିନ୍ତୁ ପୁଣି ୨୦୧୫ ନଭେମ୍ବରରେ ସେହି ନୋଟିସ୍‌କୁ ବଦଳାଇ ଦିଆଗଲା। ନୂଆ ନୋଟିସ୍ ଅନୁଯାୟୀ, ମାଲ୍ୟା ବିମାନ ବନ୍ଦରକୁ ଆସିଲେ ତାଙ୍କୁ ଅଟକ ନ ରଖି ଖାଲି ସୂଚନା ଦେବାକୁ କୁହାଗଲା। ଏଠାରେ ପ୍ରଶ୍ନ ଉଠୁଛି, ସିବିଆଇର ଏହି ନୋଟିସ୍‌କୁ ବଦଳାଗଲା କାହିଁକି? ମାଲ୍ୟାଙ୍କୁ ଅଟକ ରଖାଯାଇଥିଲେ କାହାକୁ ଅସୁବିଧା ହେଉଥିଲା? ୨୦୧୫ରେ ଯେହେତୁ ମୋଦି ପ୍ରଧାନମନ୍ତ୍ରୀ ଓ ଜେଟ୍‌ଲୀ ଅର୍ଥମନ୍ତ୍ରୀ ଥିଲେ, ତେଣୁ ସେ ଜବାବ୍ ଦେବେ କି ବିଜୟ ମାଲ୍ୟାଙ୍କ ନୋଟିସ୍‌କୁ କୋହଳ କଲା କିଏ ଓ କାହିଁକି? ବର୍ତ୍ତମାନ ମୋଦି ଓ ଜେଟ୍‌ଲୀ ଯେତେ କୁମ୍ଭୀର କାନ୍ଦଣା କାନ୍ଦିଲେ ବି ଅସଲରେ ସେଇମାନେ ହିଁ ମାଲ୍ୟାଙ୍କୁ ବିଦେଶକୁ ଉଡ଼ିଯିବାକୁ କ୍ଷେତ୍ର ପ୍ରସ୍ତୁତ କରିଥିଲେ। ଅନ୍ୟପକ୍ଷରେ ଦ୍ୱିତୀୟ ପ୍ରଶ୍ନ ଉଠୁଛି, ମାଲ୍ୟା ହଜାର ହଜାର କୋଟି ଟଙ୍କା ଋଣ ନେଇ ଶୁଝୁ ନ ଥିବା ବେଳେ ତାଙ୍କୁ ପୁଣି ଅଧିକରୁ ଅଧିକ ଋଣ ବ୍ୟାଙ୍କ୍‌ଗୁଡ଼ିକ ଦେଉଥିଲେ କିପରି? ସାଧାରଣ ଚାଷୀଟିଏ ୫ ହଜାର ଟଙ୍କା ଋଣ ନ ଶୁଝିବା ବେଳକୁ ବ୍ୟାଙ୍କ୍ ତା' ଘରକୁ ବାଉନ୍‌ସର ପଠାଉଛନ୍ତି ବା ଥାନାରେ କେସ୍ ଦେଉଛନ୍ତି। କିନ୍ତୁ ବିଜୟ ମାଲ୍ୟା ୯ ହଜାର କୋଟି ଟଙ୍କା ଋଣ ନେଇ ନ ଶୁଝିବା ବେଳକୁ ବ୍ୟାଙ୍କ୍ ତାଙ୍କୁ ଆହୁରି ଅଧିକ ଋଣ ଦେଲେ ଓ ସିବିଆଇ ନିଜଆଡ଼ୁ କେସ୍ କରିବାର ଛଅ ମାସ ଯାଏ ବି ବ୍ୟାଙ୍କ୍‌ଗୁଡ଼ିକ ମାଲ୍ୟାଙ୍କ ବିରୋଧରେ ବିଧିବଦ୍ଧ ଅଭିଯୋଗ କଲେ ନାହିଁ କାହିଁକି? ଏଥିରୁ କ'ଣ ବୁଝାପଡୁନାହିଁ କି ବ୍ୟାଙ୍କ୍‌ଗୁଡ଼ିକର ବି ଧନୀମାନଙ୍କ ପାଇଁ ଗୋଟିଏ ନୀତି ଓ ଗରିବଙ୍କ ପାଇଁ ଆଉ ଗୋଟିଏ ନୀତି! ସେହିପରି ବିଜୟ ମାଲ୍ୟାଙ୍କୁ ରାଜ୍ୟ ସଭାକୁ ଯିବା ପାଇଁ ଉଭୟ କଂଗ୍ରେସ ଓ ଭାଜପା ସାହାଯ୍ୟ କରିଛନ୍ତି। ୨୦୦୨ରେ ଏହି ମଦ ବ୍ୟବସାୟୀ କର୍ନାଟକରୁ କଂଗ୍ରେସ ଓ ଜେଡିୟୁ ସହଯୋଗରେ ରାଜ୍ୟ ସଭାକୁ ଯାଇଥିବା ବେଳେ ୨୦୧୦ରେ ଭାଜପା ସହାୟତାରେ ରାଜ୍ୟ ସଭା ସଦସ୍ୟ ହୋଇଥିଲେ। ତେଣୁ ସବୁ ସମୟରେ ମାଲ୍ୟାଙ୍କ ଭଳି ଧନିକମାନଙ୍କୁ ସରକାର ଘଣ୍ଟ ଘୋଡ଼େଇ ରଖିଛନ୍ତି ଓ ରଖିଆସୁଛନ୍ତି। ଏବେ ମୋଦି ଓ ଜେଟ୍‌ଲୀ ଯେତେ କୁମ୍ଭୀର କାନ୍ଦଣା କାନ୍ଦିଲେ ବି ଅସଲ ଘଟଣା ଲୋକେ ବୁଝିଲେଣି।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର,
bichitrabiswal@gmail.com

## ପାଠକ ଶ୍ରେଷ୍ଠ ବିଚାରକ

### ରାଜନୈତିକ ଜାତିଭେଦ

ମହାଶୟ,

ସମାଜରେ ବ୍ରାହ୍ମଣମାନେ ଶ୍ରେଷ୍ଠ କର୍ମରେ ନିଯୁକ୍ତ ଥା'ନ୍ତି। ସଂସାରୀ ଲୋକଙ୍କୁ ଉଚିତ ମାର୍ଗରେ ନେବା ପାଇଁ ସେମାନେ ନାନା ଶାସ୍ତ୍ରପୁରାଣ ଆଧାରରେ ଉପଦେଶ ଦେଇଥାନ୍ତି। ସ୍ୱୟଂ ଭଗବାନ ବ୍ରାହ୍ମଣମାନଙ୍କୁ ଅତ୍ୟନ୍ତ ଭଲ ପାଆନ୍ତି। ତେଣୁ ସେ କହିଛନ୍ତି-''ବ୍ରାହ୍ମଣ ମୁଖେ ମୋ ଆହାର।'' ଶ୍ରୀବତ୍ସ ବ୍ରାହ୍ମଣଙ୍କ ପାଦଚିହ୍ନ ଭଗବାନ୍ ହୃଦୟରେ ଧାରଣ କରିଛନ୍ତି। ହେଲେ ଆଜି ସମାଜରେ ପୂଜକ ବ୍ରାହ୍ମଣମାନଙ୍କ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନୁହେଁ। ଜଣେ ଦିନମଜୁରିଆର ଦୈନିକ ମଜୁରି ୩୦୦ଟଙ୍କାରୁ କମ୍ ନୁହେଁ। ମାତ୍ର ଜଣେ ପୂଜକ ମନ୍ଦିରରେ ଦିଅଁମାନଙ୍କ ପୂଜାର୍ଚ୍ଚନା ପାଇଁ ମାସିକ ପାଏ ୩୦୦୦ଟଙ୍କା। ଅର୍ଥାତ୍ ତାଙ୍କର ଦୈନିକ ମଜୁରି ୧୦୦ଟଙ୍କା। ଏପରି ପୂଜକ ଅଛନ୍ତି, ଯେଉଁମାନଙ୍କର ବାର୍ଷିକ ପୂଜା ପାଉଣା ମାତ୍ର ୨୦୦୦ଟଙ୍କା, ନଚେତ୍ କେଇ ଗୁଣ୍ଠ ନିଷ୍କର ଜମି। ସେହି ଜମିରୁ ଆୟ ଫସଲ ମୂଲ୍ୟରେ ନିଜର ବେତନ ଓ ଠାକୁରଙ୍କ ପୂଜାସାମଗ୍ରୀ ମଧ୍ୟ ଭରଣା ହୋଇଥାଏ। ସମାଜରେ ବ୍ରାହ୍ମଣମାନଙ୍କ ପ୍ରତି ଅବହେଳାର ମୂଳ କାରଣ ହେଉଛି 'ରାଜନୈତିକ ଜାତିଭେଦ'।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

### ଶିଶୁଗୃହ ପଞ୍ଜୀକରଣ ଜରୁରୀ

ସମ୍ପ୍ରତି ଆମ ଦେଶ ହେଉ ବା ରାଜ୍ୟରେ ଶିଶୁମାନଙ୍କୁ ଥଇଥାନ ପାଇଁ ଯେଉଁ ସିସିଆଇ(ଶିଶୁ ସୁରକ୍ଷା ଅନୁଷ୍ଠାନ) ରହିଛି, ସେସବୁ କିଶୋର ନ୍ୟାୟ ଆଇନ-୨୦୧୫ ଅନୁସାରେ ପଞ୍ଜୀକୃତ ହେବା କଥା। କିନ୍ତୁ ବହୁ ଅନୁଷ୍ଠାନ ସ୍ୱେଚ୍ଛାସେବୀ ସଂସ୍ଥା ଦ୍ୱାରା ପରିଚାଳିତ ହେଉଛି, ଯେଉଁମାନେ ପିଲାଙ୍କ ନାମରେ ବିଦେଶରୁ ଅର୍ଥ ଆଣି ହରିଲୁଟ କରିଥାନ୍ତି। କେତେକ ସ୍ଥାନରେ ଶିଶୁଙ୍କୁ ଶାରୀରିକ ଓ ମାନସିକ ଯନ୍ତ୍ରଣା ଦିଆଯାଉଛି। ବର୍ତ୍ତମାନ ଦେଶରେ କେତେକ ଶିଶୁଗୃହରେ ଯୌନ କେଳେଙ୍କାରୀ ଘଟଣା ପଦାକୁ ଅସିବା ପରେ କେନ୍ଦ୍ର ସରକାରଙ୍କ ଚେତା ପଶିଛି। ବର୍ତ୍ତମାନ ପରିସ୍ଥିତିରେ ସମସ୍ତ ଅଣପଞ୍ଜୀକୃତ ଶିଶୁଗୃହକୁ ପଞ୍ଜୀକୃତ କରାଯିବା ଉଚିତ।

ବିନୋଦ ଚନ୍ଦ୍ର ଜେନା, ପାରଳାଖେମୁଣ୍ଡି, ଗଜପତି

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଯୁବପିଢ଼ି ଏକତାକୁ ପ୍ରାଧାନ୍ୟ ଦେବା ସହ ପରିବର୍ତ୍ତନର ସ୍ୱରରେ ସାମିଲ ହୁଅନ୍ତୁ। ସେମାନେ ଏଭଳି ଏକ ବିଶ୍ୱ ସମାଜ ଗଠନ କରନ୍ତୁ, ଯେଉଁଠି ଜଣେ ମଧ ବ୍ୟକ୍ତି ପଛୁଆ ହୋଇ ରହି ନ ଥିବେ।

- ପ୍ରଣବ ମୁଖାର୍ଜୀ, ପୂର୍ବତନ ରାଷ୍ଟ୍ରପତି




## ସଂକ୍ଷେପରେ

### ଏସ୍‌ପି ହତ୍ୟା ଘଟଣା ଦୁଇ ମାଓବାଦୀଙ୍କୁ ମୃତ୍ୟୁ ଦଣ୍ଡାଦେଶ

ଦୁମ୍‌କା,୨୬।୯(ପି.ଟି.): ପୋଲିସ ଅଧିକାରୀଙ୍କ ହତ୍ୟା ଘଟଣାରେ ସମ୍ପୃକ୍ତ ୨ ମାଓବାଦୀଙ୍କୁ ବୁଧବାର ଝାଡ଼ଖଣ୍ଡର ଦୁମ୍‌କା ଜିଲା କୋର୍ଟ ମୃତ୍ୟୁ ଦଣ୍ଡାଦେଶ କରିଛନ୍ତି। ସିପିଏମ୍ ମାଓବାଦୀ ସଙ୍ଗଠନର ଦୁଇ ସଦସ୍ୟ ସନାତନ ବକ୍‌ସୀ ଏବଂ ସୁଖ୍‌ଲାଲ ମୁର୍ମୁ ଓରଫ ପ୍ରବୀର ଦା ୫ବର୍ଷ ପୂର୍ବେ ତତ୍କାଳୀନ ପାକୁର୍ ଏସ୍‌ପି ଅମର୍‌ଜିତ ବଲିହାର ଏବଂ ୫ ଜଣ ପୋଲିସ କର୍ମଚାରୀଙ୍କୁ କାଠିକୁଣ୍ଡଠାରେ ହତ୍ୟା କରିଥିଲେ। ମାମଲାରେ ସମ୍ପୃକ୍ତ ଅନ୍ୟ ୫ ଜଣଙ୍କୁ ପ୍ରମାଣ ଅଭାବରୁ କୋର୍ଟ ଦୋଷମୁକ୍ତ କରିଛନ୍ତି। ପ୍ରବୀର ହେଉଛନ୍ତ ସଙ୍ଗଠନର ବିହାର ଏବଂ ଝାଡ଼ଖଣ୍ଡ ସ୍ପେଶାଲ୍ ଏରିଆ କମିଟି ସଦସ୍ୟ। ଅନ୍ୟ ଏକ ହତ୍ୟା ଘଟଣାରେ ଦୋଷୀ ପ୍ରମାଣିତ ହେବା ପରେ ୨୦୧୬ ଅଗଷ୍ଟ ୯ରୁ ସେ ଆଜୀବନ ଜେଲଦଣ୍ଡ ଭୋଗୁଛନ୍ତି।

### ଦିଲ୍ଲୀରେ କୋଠା ଭୁଶୁଡ଼ି ୭ମୃତ

ନୂଆଦିଲ୍ଲୀ,୨୬।୯(ପି.ଟି.): ଦିଲ୍ଲୀର ଅଶୋକ ବିହାର ଅଞ୍ଚଳରେ ବୁଧବାର ଏକ ୫ ମହଲା କୋଠା ଭୁଶୁଡ଼ି ୭ ଜଣଙ୍କର ମୃତ୍ୟୁ ହୋଇଛି । ଅନ୍ୟ ୭ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୪ ଶିଶୁ ଥିବା ଜଣାପଡ଼ିଛି । ମୃତ ଶିଶୁଙ୍କ ବୟସ ୫ରୁ ୧୦ ବର୍ଷ ମଧ୍ୟରେ ରହିଛି। ସକାଳ ପ୍ରାୟ ୯ ଟା ବେଳେ କୋଠାଟି ଭୁଶୁଡି ପଡିଥିଲା। ଭଗ୍ନାବଶେଷ ତଳେ ଆହୁରି କେତେ ଲୋକ ଚାପି ହୋଇ ରହିଥିବା ଆଶଙ୍କା କରାଯାଇଛି। ଦିଲ୍ଲୀ ଅଗ୍ନିଶମ ବିଭାଗ ଏବଂ ଏନ୍‌ଡିଆରଏଫ୍ ଟିମ୍ ଉଦ୍ଧାର କାର୍ଯ୍ୟରେ ମୁତୟନ ଅଛନ୍ତି। ଉତ୍ତର ଦିଲ୍ଲୀ ନଗର ନିଗମର ଜଣେ ଅଧିକାରୀ କହିଛନ୍ତି, ଏହା ୨୦ ବର୍ଷ ତଳର କୋଠା। ନିର୍ମାଣକାର୍ଯ୍ୟ ଦୁର୍ବଳ ହୋଇଥିବାରୁ ଭୁଶୁଡି ପଡିଛି। ଘରର ମାଲିକ ଧର୍ମେନ୍ଦ୍ରଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି।

## ଏସ୍‌ସି/ଏସ୍‌ଟି କର୍ମଚାରୀଙ୍କ ପଦୋନ୍ନତିରେ ସଂରକ୍ଷଣ

# ପରିବର୍ତ୍ତନ ସହ ପୂର୍ବ ରାୟ ବଳବତ୍ତର

ନୂଆଦିଲ୍ଲୀ,୨୬।୯(ପି.ଟି.)

ସରକାରୀ ଚାକିରିରେ ପଦୋନ୍ନତି ବେଳେ ଅନୁସୂଚିତ ଜାତି/ଜନଜାତି ବର୍ଗଙ୍କ ପାଇଁ ସଂରକ୍ଷଣ ମାମଲାରେ ବୁଧବାର ସୁପ୍ରିମକୋର୍ଟଙ୍କ ସାମ୍ବିଧାନିକ ପୀଠ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏହାର ନିଷ୍ପତ୍ତି ରାଜ୍ୟ ଉପରେ ଛାଡ଼ିବା ସହ ରାଜ୍ୟ ସରକାରଗୁଡ଼ିକ ଏସ୍‌ସି/ଏସ୍‌ଟିଙ୍କୁ ପଛୁଆ ବର୍ଗର ପ୍ରମାଣ ମାଗିପାରିବେ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି। କିନ୍ତୁ ସମଗ୍ର ଏସ୍‌ସି/ଏସ୍‌ଟି ବର୍ଗର କର୍ମଚାରୀଙ୍କୁ ପଦୋନ୍ନତି ବେଳେ ସଂରକ୍ଷଣ ଦେବାକୁ ନେଇ କେନ୍ଦ୍ର ସରକାରଙ୍କ ଆବେଦନକୁ ସୁପ୍ରିମକୋର୍ଟ ଅଗ୍ରାହ୍ୟ କରିଛନ୍ତି। ୧୨ ବର୍ଷ ପୁରୁଣା ଏମ୍. ନାଗରାଜ ମାମଲାର ରାୟକୁ ବଳବତ୍ତର ରଖି ଏହାର ଶୁଣାଣି ୭ ଜଣିଆ ସାମ୍ବିଧାନିକ ପୀଠ ନିକଟକୁ

- ୭ ଜଣିଆ ପୀଠକୁ ଯିବନାହିଁ ମାମଲା
- ଅନୁସୂଚିତ ଜାତି/ଜନଜାତି ବର୍ଗର କର୍ମଚାରୀଙ୍କୁ ପ୍ରମାଣ ମାଗିପାରିବେ ନାହିଁ ସରକାର



ସ୍ଥାନାନ୍ତର କରିବାର କୌଣସି ଆବଶ୍ୟକତା ନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ପ୍ରକାଶ ଯେ, ୨୦୦୬ରେ ଏମ୍. ନାଗରାଜ ମାମଲାର ରାୟ ଦେଇ ସୁପ୍ରିମକୋର୍ଟ ସରକାରୀ ଚାକିରିରେ ପଦୋନ୍ନତି ବେଳେ ଏସ୍‌ସି/ଏସ୍‌ଟି କର୍ମଚାରୀଙ୍କୁ ପଦୋନ୍ନତିରେ ସଂରକ୍ଷଣ ପ୍ରଦାନ କରିବା ବେଳେ କେନ୍ଦ୍ର ସରକାରଙ୍କ ପାଇଁ କେତେକ ସର୍ତ୍ତାବଳୀ ରଖିଥିଲେ। ଏଥିରେ ସାମାନ୍ୟ ପରିବର୍ତ୍ତନ ଆଣି ବୁଧବାର ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତା ବିଶିଷ୍ଟ ସୁପ୍ରିମକୋର୍ଟର ୫ ଜଣିଆ ସାମ୍ବିଧାନିକ ପୀଠ ରାୟ ଦେଇଛନ୍ତି। କେଉଁ ପଦରେ ସଂରକ୍ଷଣ ଦିଆଯିବ ଏବଂ କେଉଁଥିରେ ଦିଆଯିବ ନାହିଁ, ତାହା ସରକାର ହିଁ ନିଷ୍ପତ୍ତି ନେବେ ଏବଂ ପଦୋନ୍ନତିରେ ସଂରକ୍ଷଣ ଦେବାବେଳେ ଶାସନ ପ୍ରକ୍ରିୟାରରେ ଯେଭଳି ଏହାର ନକାରାତ୍ମକ ପ୍ରଭାବ ନ ପଡ଼େ, ସେଥିପ୍ରତି ସରକାର ଯତ୍ନବାନ ହେବେ ବୋଲି ନାଗରାଜ ମାମଲାରେ ଦିଆଯାଇଥିବା ଉକ୍ତି ବିଷୟରେ ପୀଠ କିଛି କହିନାହାନ୍ତି। ସୁପ୍ରିମକୋର୍ଟଙ୍କ ଏହି ରାୟ ସହ ଏସ୍‌ସି/ଏସ୍‌ଟି ବର୍ଗର କର୍ମଚାରୀଙ୍କୁ ପଦୋନ୍ନତି ବେଳେ ସଂରକ୍ଷଣର ସୁବିଧା ଦେବା ଲାଗି କେନ୍ଦ୍ର ସରକାରଙ୍କ ଆଗରେ ରହିଥିବା ଦ୍ୱନ୍ଦ୍ୱ ଦୂର ହୋଇଯାଇଛି।

ପୀଠର ଅନ୍ୟତମ ସଦସ୍ୟ ଜଷ୍ଟିସ କୁରିଏନ୍ ଜୋଶେଫ୍, ଜଷ୍ଟିସ ରୋହିଙ୍ଗଟନ୍, ଏଫ୍. ନରିମାନ୍, ଜଷ୍ଟିସ ଏସ୍.କେ. କୌଲ୍ ଏବଂ ଜଷ୍ଟିସ ଇନ୍ଦୁ ମାଲ୍‌ହୋତ୍ରା ମଧ ୫୮ ପୃଷ୍ଠାର ଉକ୍ତ ରାୟରେ ଏକମତ ହୋଇଥିଲେ।

ଏହି ରାୟକୁ କେତେକାଂଶରେ ସ୍ୱାଗତ କରାଯାଇପାରେ ବୋଲି ବିଏସ୍‌ପି ସୁପ୍ରିମୋ ମାୟାବତୀ ପ୍ରକାଶ କରିଛନ୍ତି। ପଦୋନ୍ନତିରେ ସଂରକ୍ଷଣ ଦେବାବେଳେ ଏହି ଆଇନ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ସ୍ୱାଧୀନତା ପ୍ରଦାନ କରିବ ବୋଲି ମାୟାବତୀ କହିଛନ୍ତି।

## ନ୍ୟାୟିକ ପ୍ରକ୍ରିୟାର ସିଧା ପ୍ରସାରଣକୁ ଅନୁମତି



ନୂଆଦିଲ୍ଲୀ,୨୬।୯(ପି.ଟି.)

ଏଣିକି ଅଦାଲତରେ ନ୍ୟାୟିକ ପ୍ରକ୍ରିୟାର ସିଧା ପ୍ରସାରଣ ଏବଂ ଭିଡିଓ ରେକର୍ଡିଂ କରାଯାଇ ପାରିବ। ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଦୀପକ ମିଶ୍ର, ଜଷ୍ଟିସ ଏ.ଏମ୍. ଖାନ୍‌ୱିଲ୍‌କର ଏବଂ ଜଷ୍ଟିସ ଡି.ୱାଇ. ଚନ୍ଦ୍ରଚୁଡ଼ଙ୍କୁ ନେଇ ଗଠିତ ପୀଠ ବୁଧବାର ଏହାକୁ ବୈଧ ଘୋଷଣା କରିଛନ୍ତି। ଜନସାଧାରଣଙ୍କ ଅଧିକାରରେ ସନ୍ତୁଳନ ଆଣିବା ଏବଂ ଆବେଦନକାରୀଙ୍କ ଗରିମା ସୁରକ୍ଷିତ ରଖିବା ଲାଗି କୋର୍ଟ ପ୍ରସିଡିଂର ସିଧା ପ୍ରସାରଣ ଏବଂ ଭିଡିଓ ରେକର୍ଡିଂ ଜରୁରୀ। କେବଳ ସେତିକି ନୁହେଁ ଏହା ଲୋକଙ୍କ ଜାଣିବା ଅଧିକାରକୁ ପ୍ରଭାବଶାଳୀ କରିବା ସହ ନ୍ୟାୟିକ ପ୍ରକ୍ରିୟାକୁ ଅଧିକ ନିରପେକ୍ଷ କରିବ ବୋଲି ପୀଠ କହିଛନ୍ତି। ଏହି ଅବସରରେ ସୂର୍ଯ୍ୟକିରଣ ସବୁଠୁ ବଡ଼ ଜୀବାଣୁନାଶକ ବୋଲି ପୀଠ କହିଛନ୍ତି। ଜଷ୍ଟିସ ମିଶ୍ର ଏବଂ ଜଷ୍ଟିସ ଖାନ୍‌ୱିଲ୍‌କର ଏକତ୍ର ରାୟ ଶୁଣାଇଥିବାବେଳେ ଜଷ୍ଟିସ ଚନ୍ଦ୍ରଚୂଡ଼ ସହମତି ପ୍ରକାଶ କରିଥିଲେ ସୁଦ୍ଧା ଭିନ୍ନ ଭାବେ ରାୟ ଶୁଣାଇଥିଲେ। ଅଦାଲତରେ ନ୍ୟାୟିକ ପ୍ରକ୍ରିୟାର ସିଧା ପ୍ରସାରଣ କରିବା ପାଇଁ ସୁପ୍ରିମକୋର୍ଟରେ ଏକାଧିକ ଜନସ୍ୱାର୍ଥ ଆବେଦନ (ପିଆଇଏଲ୍) ହୋଇଥିଲା। ଏହାର ଶୁଣାଣି କରି ସର୍ବୋଚ୍ଚ ଅଦାଲତ ଉପରୋକ୍ତ ରାୟ ଦେଇଛନ୍ତି।

## ନିଜକୁ ଦୂରେଇ ରଖିଲେ ମାକ୍ରଁ

ମିଳିତ ଜାତିସଂଘ,୨୬।୯(ପି.ଟି.)

**ରାଫାଲ୍ ଦୁର୍ନୀତି ବିବାଦ**



ରାଫାଲ୍ ଚୁକ୍ତି ଦୁର୍ନୀତିକୁ ନେଇ ବିବାଦ ଚରମ ସୀମାରେ ପହଞ୍ଚିଥିବା ବେଳେ ପ୍ରସଙ୍ଗଠାରୁ ନିଜକୁ ଦୂରେଇ ରଖିଛନ୍ତି ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ୍ ମାକ୍ରଁ। ବିବାଦରେ ପ୍ରଥମକରି ମୁହଁ ଖୋଲିଛନ୍ତି ଫ୍ରାନ୍ସ ରାଷ୍ଟ୍ରପତି। ୨୦୧୫ରେ ଭାରତ ଏବଂ ଫ୍ରାନ୍ସ ମଧ୍ୟରେ ହୋଇଥିବା ଏହି ଚୁକ୍ତି ବେଳେ ସେ ଶାସନ ଗାଦିରେ ନ ଥିଲେ ବୋଲି ବୁଧବାର ମାକ୍ରଁ କହିଛନ୍ତି। ପ୍ରକାଶ ଯେ, ରାଫାଲ୍ ନିର୍ମାଣ ପାଇଁ ଫ୍ରେଞ୍ଚ୍ କମ୍ପାନୀ ଡାସଲ୍ଟ ସହ ଅନିଲ ଅମ୍ବାନୀଙ୍କ କମ୍ପାନୀକୁ ଅଂଶୀଦାର କରିବା ନିଷ୍ପତ୍ତି ଭାରତ ସରକାରଙ୍କ ଥିଲା ବୋଲି ଫ୍ରାନ୍ସର ପୂର୍ବତନ ରାଷ୍ଟ୍ରପତି ଫ୍ରାଁସୁଆ ଓଲାନ୍ଦଙ୍କ ମନ୍ତବ୍ୟ ଭାରତରେ ରାଜନୈତିକ ଉଷ୍ମତା ବଢ଼ାଇ ଦେଇଛି।

ତେବେ ମିଳିତ ଜାତିସଂଘ ବାର୍ଷିକ ଜେନେରାଲ୍ ଆସେମ୍ବ୍ଲିରେ ଯୋଗଦେଇ ଫ୍ରାନ୍ସ ରାଷ୍ଟ୍ରପତି କହିଛନ୍ତି, ଏହି ପ୍ରସଙ୍ଗରେ ତାଙ୍କ ଆଭିମୁଖ୍ୟ ଏକ୍‌ଦମ ସ୍ପଷ୍ଟ। ଏହା ଦୁଇଦେଶର ସରକାରଙ୍କ ନିଷ୍ପତ୍ତି। ପ୍ରତିରକ୍ଷା ଏବଂ ସାମରିକ କ୍ଷେତ୍ରରେ ବିସ୍ତୃତ ଫ୍ରେମ୍‌ୱାର୍କରେ ଏହି ଚୁକ୍ତି ହୋଇଛି। ରାଫାଲ୍ ଚୁକ୍ତି କେବଳ ଶିଳ୍ପ କ୍ଷେତ୍ରରେ ସହଭାଗିତା ନୁହେଁ, ରଣନୈତିକ ଅଂଶୀଦାର ଦୃଷ୍ଟିକୋଣରୁ ମଧ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ। ଏଥିରେ ମୋର କିଛି କହିବାର ନାହିଁ। ଯେହେତୁ ସେତେବେଳେ ମୁଁ କ୍ଷମତାରେ ନ ଥିଲି, ଏ ବିଷୟରେ କିଛି କହିପାରିବି ନାହିଁ ବୋଲି ମାକ୍ରଁ କହିଛନ୍ତି।

## ରାହୁଲଙ୍କ ଟାର୍ଗେଟ୍‌ରେ ମୋଦିଙ୍କ 'ସ୍କିଲ୍ ଇଣ୍ଡିଆ'

ନୂଆଦିଲ୍ଲୀ,୨୬।୯(ପି.ଟି.)



ରାଫାଲ୍ ଚୁକ୍ତିକୁ ନେଇ ବୁଧବାର ପୁଣିଥରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ତାଙ୍କର 'ସ୍କିଲ୍ ଇଣ୍ଡିଆ' ଯୋଜନାକୁ ଟାର୍ଗେଟ୍ କରିଛନ୍ତି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ। ରାହୁଲ ଏହାକୁ ମୋଦିଙ୍କ 'ଏସ୍-କିଲ୍ ଇଣ୍ଡିଆ' ଯୋଜନା ବିବେଚନା କରିଛନ୍ତି। ରାଫାଲ୍ ଚୁକ୍ତିରେ ମୋଦି ହାଲ୍‌ଠାରୁ ୩୦,୦୦୦ କୋଟି ଟଙ୍କା ଚୋରିକରି ବିମାନ ତିଆରି ପାଇଁ ଦକ୍ଷତା ନ ଥିବା ଜଣେ ବ୍ୟକ୍ତି ଅନିଲ ଅମ୍ବାନୀଙ୍କୁ ଦେଇଛନ୍ତି ବୋଲି ରାହୁଲ ଅଭିଯୋଗ ଆଣିଛନ୍ତି। ଗତ ୨୦ ବର୍ଷ ହେଲା ଦେଶର ଦକ୍ଷ ଯୁବଗୋଷ୍ଠୀ ବେକାର ହେବାକୁ ବାଧ ହୋଇଥିବା ରାହୁଲ କହିଛନ୍ତି।

## ୨ ଆତଙ୍କବାଦୀ ନିହତ

ଶ୍ରୀନଗର, ୨୬।୯(ପି.ଟି.)

ଉତ୍ତର କଶ୍ମୀରର ସୋପାରରେ ସୁରକ୍ଷାକର୍ମୀଙ୍କ ସହ ସଂଘର୍ଷ ବେଳେ ବୁଧବାର ଦୁଇ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନେ ହେଲେ ଅବୁ ମାଜା ଏବଂ ଅବଦୁଲ ମାଜିଦ୍ ଓରଫ୍ ସମୀର। ପାକିସ୍ତାନୀ ନାଗରିକ ଅବୁ ଆତଙ୍କବାଦୀ ସଙ୍ଗଠନ ଲଶ୍କର-ଇ-ତୋଇବାର ଶୀର୍ଷସ୍ତରର କମାଣ୍ଡର ଥିଲେ। ୩ ବର୍ଷ ହେଲା ଉତ୍ତର କଶ୍ମୀରରେ ସକ୍ରିୟ ରହିବା ସହ ଲଶ୍କରର କମାଣ୍ଡରଙ୍କୁ ସେ ପରିଚାଳିତ କରୁଥିଲେ। ସେନାର ମେଜର ସତୀଶ ଡାହିଆଙ୍କ ହତ୍ୟାକାଣ୍ଡ ସହ ଅବୁଙ୍କ ବିରୋଧରେ ଏକାଧିକ ମାମଲା ରହିଛି। ସଦ୍ୟ ଏନ୍‌କାଉଣ୍ଟର ପରେ କଶ୍ମୀରରେ ଗତ ୧୨ ଦିନ ମଧ୍ୟରେ ୧୮ ଜଣ ଆତଙ୍କବାଦୀ ନିହତ ହୋଇଥିବା ସୂଚନା ମିଳିଛି।



### ଇତିହାସର ଆଇନାରେ

**ସେପ୍ଟେମ୍ବର ୨୭ର ପ୍ରମୁଖ ଘଟଣା**

୨୦୦୭ ସେପ୍ଟେମ୍ବର ୨୭ରେ ଆମେରିକାର ନାସା ମହାକାଶରେ କ୍ଷୁଦ୍ରତମ ଗ୍ରହର ଅନୁସନ୍ଧାନ କରିବା ପାଇଁ 'ଡନ୍'(ମହାକାଶ ଯାନ)କୁ ପ୍ରେରଣ କରିଥିଲା। ଏହାର ଲକ୍ଷ୍ୟ ଥିଲା ସୌରମଣ୍ଡଳର କ୍ଷୁଦ୍ରତମ ଗ୍ରହ ଭେସ୍ତା ଏବଂ ସେରେସ୍ ସମ୍ପର୍କରେ ଅଧ୍ୟୟନ କରିବା। ୧୬ ଜୁଲାଇ ୨୦୧୧ରେ ଡନ୍ ଭେସ୍ତାର କକ୍ଷପଥରେ ପ୍ରବେଶ କରି ୧୪ ମାସ ପର୍ଯ୍ୟନ୍ତ ଅନୁସନ୍ଧାନ କରିଥିଲା। ଏହାପରେ ସେରେସ୍ ଅଭିମୁଖେ ବାହାରି ସେଠାରେ ୨୦୧୫ରେ ପହଞ୍ଚିଥିଲା।

୧୯୫୯ ସେପ୍ଟେମ୍ବର ୨୭ରେ ଜାପାନରେ 'ଭୀରା' ଝଡ଼ର ପ୍ରଭାବରେ ୫,୦୦୦ ଲୋକଙ୍କର ଜୀବନ ଯାଇଥିଲା। ଏହାକୁ ଇସେ-ୱାନ ଟାଇଫୁ ବୋଲି ମଧ କୁହାଯାଏ। ଏହା କାଟାଗୋରି-୫ ଝଡ଼ ହୋଇଥିବାରୁ ଜାପାନରେ ଲ୍ୟାଣ୍ଡଫଲ କରିବା ପରେ ବହୁ ଧନ ଜୀବନ କ୍ଷୟକ୍ଷତି କରିଥିଲା।

## ପଶ୍ଚିମବଙ୍ଗରେ ହିଂସା: ଜଣେ ମୃତ

କୋଲକାତା,୨୬।୯(ପି.ଟି.)



ଛାତ୍ର ମୃତ୍ୟୁ ପ୍ରତିବାଦରେ ବୁଧବାର ଭାଜପା ପକ୍ଷରୁ ବନ୍ଦ ପାଳନବେଳେ ପଶ୍ଚିମବଙ୍ଗରେ ହିଂସା ଘଟିଛି। କେତେକ ଜିଲାରେ ଭାଜପା ଏବଂ ତୃଣମୂଳ କଂଗ୍ରେସ (ଟିଏମ୍‌ସି) କର୍ମୀ ହାତାହାତି ହୋଇଛନ୍ତି। ହିଂସାବେଳେ ମେଦିନାପୁରରେ ଜଣଙ୍କ ମୃତ୍ୟୁ ଘଟିଛି। ହିଂସାରେ ସମ୍ପୃକ୍ତି ଅଭିଯୋଗରେ ୧୬୦୦ରୁ ଅଧିକ ଲୋକ ଗିରଫ ହୋଇଛନ୍ତି।

ଦିନାଜପୁର ଜିଲାରେ ଗଣ୍ଡଗୋଳବେଳେ ଦୁଇ ଛାତ୍ରଙ୍କ ମୃତ୍ୟୁ ଘଟିବା ପରେ ଭାଜପା ବିରୋଧ ପ୍ରଦର୍ଶନ କରିଆସୁଛି। ବୁଧବାର ଦଳ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା। ଏହା ଯୋଗୁ ପରିବହନ ସେବା ବ୍ୟାହତ ହୋଇଥିବା ବେଳେ ବିଭିନ୍ନ ସ୍ଥାନରେ ଦୋକାନ ବଜାର ବନ୍ଦ ରହିଥିଲା। ବନ୍ଦ ହିଂସାକାଣ୍ଡରେ ମେଦିନାପୁର ଜିଲାରେ ଜଣେ ଦୋକାନୀଙ୍କୁ ହତ୍ୟା କରାଯାଇଛି। ଏମ୍‌ପି ରୂପା ଗାଙ୍ଗୁଲୀ ଗରିୟାହାଟ୍ ଅଞ୍ଚଳରେ ଶୋଭାଯାତ୍ରା କରିଥିଲେ। ପୋଲିସ ସୂଚନା ଅନୁଯାୟୀ, ପଶ୍ଚିମ ମେଦିନାପୁର, ପଶ୍ଚିମ ବର୍ଦ୍ଧମାନ, ଦକ୍ଷିଣ ଦିନଜାପୁର ଏବଂ ଉତ୍ତର ଦିନାଜପୁରରେ ଭାଜପା ଏବଂ ଟିଏମ୍‌ସି କର୍ମୀଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଏହି ଅଞ୍ଚଳରେ ଭାଜପା ବନ୍ଦ ସମର୍ଥନରେ ଏବଂ ଟିଏମ୍‌ସି ବନ୍ଦ ବିପକ୍ଷରେ ରାଲି କରିଥିଲେ। ରେଳ ସେବା ବାଧାପ୍ରାପ୍ତ ହେବାରୁ ଯାତ୍ରୀ ହନ୍ତସନ୍ତ ହୋଇଛନ୍ତି।

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,
ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର, ଫୋନ୍: ୦୬୭୪-୨୫୪୯୬୬୩

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୩ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟକୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଅଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତି ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଆକାଉଣ୍ଟର ନାମ / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| ଋଣଗ୍ରହୀତା: ଶ୍ରୀ ଭାଗ୍ୟଧର ସାହୁ, ପ୍ଲଟ୍ ନଂ.: ଏନ୍-୬/ ୨୩୦, ଅଶୋକ ଚାରୁ ନିବାସ, ଫ୍ଲାଟ୍ ନଂ.: ୪୦୧, ୟୁନିଟ୍-୩, ଖାରବେଳ ନଗର, ଭୁବନେଶ୍ୱର-୭୫୧୦୦୧ | ସମ୍ପତ୍ତିର ମାଲିକ: ଶ୍ରୀ ଭାଗ୍ୟଧର ସାହୁ | ଶ୍ରୀ ଭାଗ୍ୟଧର ସାହୁଙ୍କ ନାମରେ ଥିବା ସମ୍ପତ୍ତି (ଜମି ଏବଂ ଗୃହ)ର ସମସ୍ତ ଅଂଶବିଶେଷ ଯାହାର ମୌଜା: ଅଟଳା, ତହସିଲ/ଏସ୍‌ଆରଓ: ବାଲିଅନ୍ତା, ଥାନା ନଂ.: ୧୬, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୩୫୯/୨୩୭, ପ୍ଲଟ୍ ନଂ.: ୨୨୭/୮୬୬, କ୍ଷେତ୍ର: ଏକର୦.୦୯୨ଡିସିମିଲି, ଅନୁରୂପ ସାବକ ଖାତା ନଂ.: ୩୫୯/୧୦୮, ପ୍ଲଟ୍ ନଂ.: ୨୨୭, କିସମ: ଘରବାରି, ସଂଶୋଧିତ ମ୍ୟୁଟେଟେଡ଼ ଖାତା ନଂ.: ୩୫୯/୮୦୧, ପ୍ଲଟ୍ ନଂ.: ୨୨୭/୮୬୬, କ୍ଷେତ୍ର: ଏକର୦.୦୯୨ଡିସିମିଲି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ସବ୍ ପ୍ଲଟ୍ ନଂ.: ୭୧ ଏବଂ ୭୨, ଦକ୍ଷିଣ: ରାସ୍ତା, ପୂର୍ବ: ସବ୍ ପ୍ଲଟ୍ ନଂ.: ୭୬, ପଶ୍ଚିମ: ସବ୍ ପ୍ଲଟ୍ ନଂ.: ୭୩ | ୧୧.୦୫.୨୦୧୮ | ୨୫.୦୯.୨୦୧୮ | ୧୧.୦୫.୨୦୧୮ ସୁଦ୍ଧା ଟ.୪୯,୪୭,୮୮୯/- + ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |

ତାରିଖ: ୨୫.୦୯.୨୦୧୮
ସ୍ଥାନ: ଭୁବନେଶ୍ୱର
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

## ରେଳଷ୍ଟେଶନ୍ ଉଡ଼ାଇବାକୁ ପାକ୍‌ରୁ ଚିଠି

ନୂଆଦିଲ୍ଲୀ,୨୬।୯

ଅକ୍ଟୋବର ୨୦ରେ ରାଜ୍ୟର ୮ଟି ରେଳ ଷ୍ଟେଶନକୁ ଉଡ଼ାଇ ଦେବା ଲାଗି ପାକିସ୍ତାନ ପଟୁ ଏକ ଧମକପୂର୍ଣ୍ଣ ଚିଠି ଆସିଥିବା ଜଣାପଡ଼ିଛି। ହରିୟାଣାର ଅମ୍ବାଲା କ୍ୟାଣ୍ଟନ୍‌ମେଣ୍ଟ ରେଲ୍‌ୱେ ଷ୍ଟେଶନ ନିର୍ଦ୍ଦେଶକଙ୍କ ନିକଟକୁ ଏହି ଚିଠି ଆସିଛି। ଏହାପରେ ରାଜ୍ୟର ରେଳ ଷ୍ଟେଶନଗୁଡ଼ିକରେ ସୁରକ୍ଷା



ବ୍ୟବସ୍ଥା କଡ଼ାକଡ଼ି କରିଦିଆଯାଇଛି। ଏହି ଚିଠି ଆତଙ୍କବାଦୀ ସଙ୍ଗଠନ ଲଶ୍କର-ଇ-ତୋଇବା ଅପରେଟିଭଙ୍କ ନିକଟରୁ ଆସିଥିବା ସନ୍ଦେହ କରାଯାଉଛି। ଚିଠିରେ ଲେଖାଥିବା ଠିକଣା ପାକିସ୍ତାନର କରାଚୀ ସହର ବୋଲି ସୂଚନା ମିଳିଛି। ରାଜ୍ୟର ଜାଗାଧ୍ରୀ, ସାହାରନ୍‌ପୁର, ଝଖାଲ୍, ହିସାର, କର୍ନାଲ୍, ରୋହତକ୍ ଏବଂ ସୋନିପତ୍ ରେଳ ଷ୍ଟେଶନକୁ ଉଡ଼ାଇ ଦେବା ଲାଗି ଚିଠିରେ ଉଲ୍ଲେଖ କରାଯାଇଛି। କେବଳ ସେତିକି ନୁହେଁ, ରାଜ୍ୟରେ ଥିବା ଡେରା ଏବଂ ପେଟ୍ରୋଲ୍ ପମ୍ପଗୁଡ଼ିକୁ ଉଡ଼ାଇ ଦେବା ଲାଗି ମଧ ଧମକ ଦିଆଯାଇଛି। ଏକ ମାମଲା ଦାଏର କରି ପୋଲିସ ତଦନ୍ତ ଆରମ୍ଭ କରିଛି।








ଆଧାର ବର୍ତ୍ତମାନ ବାସ୍ତବ ରୂପ ଧାରଣ କରିଛି। କିନ୍ତୁ ଏହାର ନକାରାତ୍ମକ ପ୍ରଭାବ ଦିଗରେ ସରକାର ଦୃଷ୍ଟି ଦେବା ଆବଶ୍ୟକ। ସାଇବର ସୁରକ୍ଷା ସମେତ ବିଭିନ୍ନ କ୍ଷେତ୍ର ଉପରେ କେନ୍ଦ୍ର ପଦକ୍ଷେପ ଗ୍ରହଣ କରିବା ଉଚିତ।

-ପୱନ ଦୁଗ୍ଗଲ, ସାଇବର ସୁରକ୍ଷା ବିଶେଷଜ୍ଞ



# ଦୁଃଖ ଡାକିଆଣିବ



ମୁଁ ଦୁଃଖିତ ଏବଂ ମର୍ମାହତ। ଆଧାର ସମ୍ପର୍କିତ ବିତର୍କ କେବଳ ମୋବାଇଲ ସିମ୍ କିମ୍ବା ବ୍ୟାଙ୍କ ଖାତାରେ ସୀମିତ ନାହିଁ। ଅନ୍ତରଙ୍ଗ ତଥ୍ୟ ଏକାଠି କରୁଥିବା ଏହି ବ୍ୟବସ୍ଥାକୁ ସରକାରୀ ଯୋଜନା ସହିତ ସମାନ ଭାବେ ଦେଖିବା ଉଚିତ ନୁହଁ। ଆଧାର ଏକ ସ୍କିମ୍ ନୁହଁ। ଆଧାର ଜନ୍ମ ପଛରେ ଥିବା ମନ୍ଦ ଉଦ୍ଦେଶ୍ୟକୁ ସାଧାରଣ ନାଗରିକ ବୁଝିବାରେ ଅକ୍ଷମ। ଦୁଃଖର ବିଷୟ ଯେ, ସୁପ୍ରିମ୍‌କୋର୍ଟର ବିଚାରପତିମାନେ ମଧ ଏହି ଆଧୁନିକ ଡକାୟତିକୁ ବୁଝିପାରିନାହାନ୍ତି। ଏତେ ବୃହତ୍ ଜନସଂଖ୍ୟା ବିଶିଷ୍ଟ ଦେଶର ପ୍ରତ୍ୟେକ ନାଗରିକଙ୍କ ତଥ୍ୟର ମୂଲ୍ୟ ଆକଳନ କରିବା ଅସମ୍ଭବ। ଏହି ଅଦୃଶ୍ୟ ଶତ୍ରୁ ଭବିଷ୍ୟତରେ ଅନେକ ଦୁଃଖ ଦେଶବାସୀଙ୍କ ପାଇଁ ଡାକିଆଣିବ।

- ତଥାଗତ ସତପଥୀ, ଢେଙ୍କାନାଳ ଏମ୍‌ପି

## ଧାରା ୩୩(୨), ୪୭ ଓ ୫୭ ବାଦ୍ ପଡ଼ିଲା

ସୁପ୍ରିମକୋର୍ଟ ଆଧାରକୁ ବୈଧ ଘୋଷଣା କରିଥିଲେ ହେଁ ଏହି ଆଇନରେ ଥିବା ଧାରା ୩୩(୨), ୪୭ ଓ ୫୭କୁ ବାଦ୍ ଦେଇଥିବା ବେଳେ ଧାରା ୨(ଘ) ଅଧୀନରେ ୬ ମାସରୁ ଅଧିକ ସମୟ ଧରି ଡାଟାକୁ ଗଚ୍ଛିତ ରଖାଯାଇପାରିବ ନାହିଁ ବୋଲି ବିଚାରପତି ଏ.କେ.ସିକ୍ରି କହିଛନ୍ତି।

### ଧାରା ୩୩(୨) କ'ଣ

ଆଧାର ଆଇନର ଧାରା ୩୩ ଅଧୀନରେ କେତେକ କ୍ଷେତ୍ରରେ ସୂଚନା ପ୍ରଘଟ କରାଯାଇପାରିବ। ଧାରା ୩୩(୧)ରେ ଉଲ୍ଲେଖ କରାଯାଇଛି ଯେ, ଜିଲା ବିଚାରପତି ଚାହିଁଲେ ତାଙ୍କ ଅନୁମତି ନେଇ ବ୍ୟକ୍ତିବିଶେଷଙ୍କ ସୂଚନା, ପରିଚୟ ଓ ଅନ୍ୟ ବୈଧତା ସମ୍ପର୍କିତ ରେକର୍ଡକୁ ପ୍ରଘଟ କରାଯାଇପାରିବ। ତେବେ ଏଥିପାଇଁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ନିଜର ପକ୍ଷ ରଖିବା ପାଇଁ ସୁଯୋଗ ମିଳିବ।

ଅନ୍ୟପକ୍ଷରେ ଧାରା ୩୩(୨) କହୁଛି ଯେ, ସୂଚନା ପ୍ରଦାନ କରିବା ଲାଗି ଧାରା୩୩(୧)ର ଉପଧାରା(୨) ଅଥବା ଉପଧାରା(୫)ରେ ଉଲ୍ଲେଖ କରାଯାଇଥିବା ବିଷୟ କିମ୍ବା ଧାରା ୨୮ ଅଥବା ଧାରା୨୯ର ଉପଧାରା(୨)ରେ ସୂଚନା ପ୍ରଦାନ କରାଯାଇପାରିବ, କିନ୍ତୁ ଏଥିପାଇଁ ଜିଲା ବିଚାରପତିଙ୍କ ଅନୁମତି ନେବାକୁ ପଡିବ।

### ଧାରା ୪୭

ଏହି ଧାରାରେ ଧର୍ତ୍ତବ୍ୟ ଅପରାଧ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଅଧିକୃତ ଅଧିକାରୀ ଅଭିଯୋଗ ନ ଆଣିଲେ କୌଣସି ଅଦାଲତ ଆଧାର ଆଇନ ଅନୁଯାୟୀ ଧର୍ତ୍ତବ୍ୟ ଅପରାଧ ମାମଲା ଗ୍ରହଣ କରିପାରିବେ ନାହିଁ। ତେବେ ଆଧାର ଆଇନ ଅଧୀନରେ ଚିଫ୍ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ, ଚିଫ ଜୁଡିସିଆଲ ମାଜିଷ୍ଟ୍ରେଟ ହିଁ କେବଳ ଧର୍ତ୍ତବ୍ୟ ଅପରାଧ ମାମଲାର ବିଚାର କରିପାରିବେ।

### ଧାରା ୫୭ କ'ଣ କହୁଛି

ଯେକୌଣସି ଉଦ୍ଦେଶ୍ୟରେ ବ୍ୟକ୍ତିର ଚିହ୍ନଟ ଲାଗି କର୍ପୋରେଟ ସଂସ୍ଥା କିମ୍ବା କମ୍ପାନୀ ଉକ୍ତ ଧାରାରେ ଆଧାର ତଥ୍ୟ ମାଗିପାରିବେ। ଜଷ୍ଟିସ ସିକ୍ରି ତାଙ୍କ ରାୟରେ ଏହା ଅସାମ୍ବିଧାନିକ ବୋଲି ଉଲ୍ଲେଖ କରିଛନ୍ତି। ଏହି ଧାରାର ଅପବ୍ୟବହାର କରି ପେଟିଏମ୍, ଏୟାରଟେଲ ପେମେଣ୍ଟସ ବ୍ୟାଙ୍କ ବହୁ କମ୍ପାନୀ ଗ୍ରାହକଙ୍କ ତଥ୍ୟ ହାସଲ କରୁଥିଲେ। ଏହି ଧାରାକୁ ବାଦ୍ ଦିଆଯାଇଛି।

### ଧାରା ୨(ଘ)

ସୁପ୍ରିମକୋର୍ଟ ଆଧାର ଆଇନର ଉପରୋକ୍ତ ଧାରା ସମ୍ପର୍କରେ ଉଲ୍ଲେଖ କରି କହିଛନ୍ତି ଯେ, ୬ ମାସରୁ ଅଧିକ ସମୟ ଧରି ଡାଟାକୁ ଗଚ୍ଛିତ ରଖାଯାଇପାରିବ ନାହିଁ। ୫ ବର୍ଷ ପର୍ଯ୍ୟନ୍ତ ଡାଟାକୁ ଗଚ୍ଛିତ ରଖିଲେ ଏହାକୁ ଆଇନ ଦୃଷ୍ଟିରୁ ଖରାପ କୁହାଯିବ।

# ମହାବିପଦ ସାଜିପାରେ ଆଧାର

ନୂଆଦିଲ୍ଲୀ, ୨୬।୯(ପି.ଟି.)

ଆଧାର ଆଇନର ସାମ୍ବିଧାନିକ ବୈଧତା ରହିଥିବା ବୁଧବାର ଐତିହାସିକ ରାୟ ଦେଇ ସୁପ୍ରିମକୋର୍ଟ କହିଛନ୍ତି। ମାମଲାର ବିଚାର କରିଥିବା ସୁପ୍ରିମକୋର୍ଟଙ୍କ ପାଞ୍ଚଜଣିଆ ଖଣ୍ଡପୀଠରେ ସଦସ୍ୟତା କରିଛନ୍ତି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼। ବୁଧବାର ଜଷ୍ଟିସ୍ ଏ.କେ. ସିକ୍ରି ରାୟ ଘୋଷଣା କରିବା ପରେ ସେ ପୃଥକ୍ ରାୟ ଲେଖି ନିଜର ଭିନ୍ନ ବିଚାର ଉପସ୍ଥାପନ କରିଛନ୍ତି। ଆଧାର ଏକ ମହାବିପଦ ରୂପେ ଉଭା ହୋଇପାରେ। ରାଜ୍ୟ ସଭାରେ ଆଧାର ଆଇନ ଗୃହୀତ ହୋଇ ନ ଥିଲେ ସୁଦ୍ଧା ସର୍ବୋଚ୍ଚ ଅଦାଲତ ଆଧାର ଆଇନକୁ କାର୍ଯ୍ୟକାରୀ କରାଇବା ଏକ ଛଳନାପୂର୍ଣ୍ଣ କାର୍ଯ୍ୟ। ସମ୍ବିଧାନର ଧାରା ୧୧୦ର ଉଲ୍ଲଂଘନ କରୁଥିବାରୁ ଏହି ଆଇନକୁ ଉଚ୍ଛେଦ କରିବା ଉଚିତ ବୋଲି ଜଷ୍ଟିସ୍ ଚନ୍ଦ୍ରଚୂଡ଼ କହିଛନ୍ତି। ସେହିପରି ପ୍ରିଭେନ୍ସନ ଅଫ ମନି ଲଣ୍ଡରିଂ ଆକ୍ଟ (ପିଏମ୍‌ଏଲ୍‌ଏ)ରେ ଥିବା ନିୟମକୁ ଦେଖିଲେ ଏପରି ଲାଗୁଛି, ସତେ ଯେମିତି ବ୍ୟାଙ୍କରେ ଆକାଉଣ୍ଟ ଖୋଲିଥିବା ସବୁ ଲୋକ ଅର୍ଥ ହଡ଼ପକାରୀ। ସମସ୍ତ ଆକାଉଣ୍ଟଧାରୀଙ୍କୁ ଲୁଟେରା କିମ୍ବା ଆତଙ୍କବାଦୀ ବୋଲି ଭାବିବା ଅତି କ୍ରୂର ଚିନ୍ତାଧାରା ବୋଲି ସମ୍ପୃକ୍ତ ବିଚାରପତି କହିଛନ୍ତି। ଖଣ୍ଡପୀଠର ପାଞ୍ଚ ବିଚାରପତିଙ୍କ ମଧ୍ୟରୁ କେବଳ ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ ବିଚାର ଭିନ୍ନ ଥିବାରୁ ସଂଖ୍ୟାଗରିଷ୍ଠତା ଦୃଷ୍ଟିରୁ ଏହା କାଟ୍ ଖାଇଗଲା। ଅନ୍ୟ ୪ ବିଚାରପତିଙ୍କ ସହମତିକ୍ରମେ ଆଧାରକୁ ବୈଧାନିକ ମାନ୍ୟତା ମିଳିଯାଇଛି। ଜଷ୍ଟିସ୍ ଚନ୍ଦ୍ରଚୂଡ଼ କହିଛନ୍ତି ଯେ, ଧାରା ୧୧୦ରେ ଅର୍ଥ ବିଲ୍ ସଂକ୍ରାନ୍ତରେ ସ୍ୱତନ୍ତ୍ର ବିଧିବ୍ୟବସ୍ଥା ରହିଛି। କିନ୍ତୁ ଆଧାର ଆଇନ ଏସବୁରୁ ଊର୍ଦ୍ଧ୍ୱରେ। ତଥାପି ଅର୍ଥବିଲ୍ ଆକାରରେ ଆଧାର ଆଇନ ଗୃହୀତ ହୋଇଗଲା। କିନ୍ତୁ ଏହାକୁ ବର୍ତ୍ତମାନ ପରିପ୍ରେକ୍ଷୀରେ ସାମ୍ବିଧାନିକ ମାନ୍ୟତା ମିଳିଥିବା କୁହାଯାଇପାରିବ ନାହିଁ। ଏହି ଆଇନକୁ କାର୍ଯ୍ୟକାରୀ କରିଦେଲେ କେନ୍ଦ୍ରର ଆଧାର ଯୋଜନା ରକ୍ଷା ହୋଇପାରିବ ନାହିଁ ବୋଲି ଜଷ୍ଟିସ୍ ଚନ୍ଦ୍ରଚୂଡ଼ ଦର୍ଶାଇଛନ୍ତି। ସେ ଆହୁରି କହିଛନ୍ତି ଯେ, ଆଜିକାଲି ସଭିଙ୍କ ଜୀବନରେ ମୋବାଇଲ ଫୋନ୍ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପାଲଟିଗଲାଣି। ଏପରିସ୍ଥଳେ ସିମ୍ କାର୍ଡକୁ ଆଧାର ସହ ସଂଯୋଗ କରାଯିବା ଗୋପନୀୟତା (ପ୍ରିଭେସୀ), ବ୍ୟକ୍ତିଗତ ସ୍ୱାଧୀନତା, ସ୍ୱୟଂଶାସନ ପାଇଁ ଏକ ବଡ଼ବିପଦ ରୂପେ ଉଭା ହୋଇଛି। ମୋବାଇଲ ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକ ଗ୍ରାହକଙ୍କ ଆଧାର ତଥ୍ୟକୁ ହଟାଇଦେବା ଉଚିତ। ଆଧାର ଯୋଗୁ ସୂଚନା ପ୍ରିଭେସୀ, ଆତ୍ମପରିଚୟ ଏବଂ ତଥ୍ୟ ସୁରକ୍ଷାକୁ ନେଇ ଥିବା ନିୟମର ଉଲ୍ଲଂଘନ ହେଉଥିବା ଜଷ୍ଟିସ୍ ଚନ୍ଦ୍ରଚୂଡ଼ ମତବ୍ୟକ୍ତ କରିଛନ୍ତି। ୟୁନିକ୍ ଆଇଡେଣ୍ଟିଫିକେଶନ ଅଥରିଟି ଅଫ୍ ଇଣ୍ଡିଆ (ୟୁଆଇଡିଏଆଇ) ମଧ ସ୍ୱୀକାର କରିସାରିଛି ଯେ, ଏହା ଲୋକଙ୍କ ଗୁରୁତ୍ୱପୂର୍ଣ୍ଣ ସୂଚନା ସଂଗ୍ରହ କରି ରଖିଛି। ଏହାଦ୍ୱାରା ଗୋପନୀୟତା ଅଧିକାର ଆଇନର ଉଲ୍ଲଂଘନ ହେଉଛି ବୋଲି ଜଷ୍ଟିସ୍ ଚନ୍ଦ୍ରଚୂଡ଼ କହିଛନ୍ତି। ବିନା ଅନୁମତିରେ ଲୋକଙ୍କ ତଥ୍ୟକୁ ନେଇ ତୃତୀୟ ପକ୍ଷ ଅପବ୍ୟବହାର କରିପାରିବେ ବୋଲି ସେ ଆଶଙ୍କା ବ୍ୟକ୍ତ କରିଛନ୍ତି। ଏବେ ଆଧାର ବିନା ଭାରତରେ ରହିବା ଅସମ୍ଭବ ହୋଇପଡ଼ିଛି। କିନ୍ତୁ ଏହା ଫଳରେ ସମ୍ବିଧାନର ଧାରା ୧୪ର ଉଲ୍ଲଂଘନ ହେଉଛି। ସମସ୍ତ ଡାଟାବେସ୍‌ରେ ଯଦି ଆଧାର ସଂଯୋଗ କରାଯାଏ, ଲୋକଙ୍କ ଗୋପନୀୟତା ବଜାୟ ରହିପାରିବ ନାହିଁ ବୋଲି ସେ କହିଛନ୍ତି। ତା'ଛଡ଼ା ଆଇନ ପ୍ରଣୟନ କରିବା ଅଧିକାର ପାର୍ଲାମେଣ୍ଟର ରହିଛି। ତେଣୁ ପାର୍ଲାମେଣ୍ଟରେ ବିଲ୍ ଗୃହୀତ ନ ହେବା ଯାଏ ନ୍ୟାୟପାଳିକା ଏଭଳି ଆଇନ କାର୍ଯ୍ୟକାରୀ କରିବା ଠିକ୍ ହେଉ ନାହିଁ ବୋଲି ଜଷ୍ଟିସ୍ ଚନ୍ଦ୍ରଚୂଡ଼ କହିଛନ୍ତି। ତେବେ ଆଧାର ମାମଲାର ଆବେଦନକାରୀ ଏବଂ ସାମାଜିକ କର୍ମୀଙ୍କ ସମେତ ଆଇଟି ଜଗତ ସୁପ୍ରିମକୋର୍ଟଙ୍କ ରାୟକୁ ସ୍ୱାଗତ କରିଛନ୍ତି। ଆଉ କେତେଜଣଙ୍କୁ ଏହି ଐତିହାସିକ ରାୟ ନିରାଶ କରିଛି।

## ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ ଭିନ୍ନ ମତ



ସବୁ ବ୍ୟାଙ୍କ ଆକାଉଣ୍ଟଧାରୀ ଲୁଟେରା କିମ୍ବା ଆତଙ୍କବାଦୀ ନୁହନ୍ତି




## ଗୋପନୀୟତା ଭଙ୍ଗ ହେଉନି: ୟୁଆଇଡିଏଆଇ

ନୂଆଦିଲ୍ଲୀ,୨୬।୯: ଆଧାର ସମ୍ପର୍କିତ ରାୟକୁ ୟୁଆଇଡିଏଆଇ ସ୍ୱାଗତ କରିଛି। ସର୍ବୋଚ୍ଚ ଅଦାଲତ ବାୟୋମେଟ୍ରିକ ପରିଚୟ ପ୍ରଣାଳିକୁ ବୈଧ ବୋଲି ଘୋଷଣା କରିଛନ୍ତି। ଏହାଦ୍ୱାରା ବ୍ୟକ୍ତି ଉପରେ ନଜର ରଖାଯାଏନି କି ଗୋପନୀୟତା ଭଙ୍ଗ ହୁଏନି। ନ୍ୟାୟପାଳିକା ଦ୍ୱାରା ଆଧାର ଆଇନର ସମୀକ୍ଷା ହୋଇଛି ବୋଲି ୟୁଆଇଡିଏଆଇ କର୍ତ୍ତୃପକ୍ଷ କହିଛନ୍ତି।

## ୨୧.୦୮ କୋଟି ପାନ୍-ଆଧାର ସଂଯୋଗ

ସୁପ୍ରିମକୋର୍ଟ ଆଧାରକୁ ବୈଧ ଘୋଷଣା କରିଥିବା ବେଳେ ଅଦ୍ୟାବଧି ୨୧.୦୮ କୋଟି ପାନ୍ ସହ ଆଧାରକୁ ସଂଯୋଗ କରାଯାଇଛି। ବୁଧବାର ସରକାରଙ୍କ ପକ୍ଷରୁ ପ୍ରକାଶିତ ତଥ୍ୟରୁ ଏହା ସ୍ପଷ୍ଟ ହୋଇଛି। ଏଥିରେ କୁହାଯାଇଛି ଯେ, ଆୟକର ବିଭାଗ ଅଦ୍ୟାବଧି ୨୧,୦୮,୧୬,୬୭୬ ପାନ୍‌କୁ ଆଧାର ସହ ସଂଯୋଗ କରିଛନ୍ତି।

## 'ଲୋକଙ୍କୁ ଆଶ୍ୱସ୍ତ କରିଛି ରାୟ'

ନୂଆଦିଲ୍ଲୀ, ୨୬।୯(ଆଇଏଏନ୍‌ଏସ୍)

କେନ୍ଦ୍ର ସରକାରଙ୍କ ଆଧାର ଯୋଜନା କେଉଁ କ୍ଷେତ୍ରରେ ଲାଗୁ ହେବ କି ନାହିଁ, ସେ ସମ୍ପର୍କରେ ବୁଧବାର ସୁପ୍ରିମକୋର୍ଟ ସ୍ପଷ୍ଟ କରିଦେଇଛନ୍ତି। ପ୍ରଧାନ ବିଚାରପତି ଦୀପକ ମିଶ୍ର ଅଧକ୍ଷତା କରୁଥିବା ୫ ଜଣିଆ ଖଣ୍ଡପୀଠ ସନ୍ତୁଳିତ ରାୟ ଦେଇ ସବୁ ପକ୍ଷକୁ ସନ୍ତୁଷ୍ଟ କରିବାକୁ ଉଦ୍ୟମ କରିଛନ୍ତି। ଏହା ବିବାଦର ସ୍ଥାୟୀ ସମାଧାନ ଭଳି ମନେହେଉ ନ ଥିଲେ ସୁଦ୍ଧା ଦୀର୍ଘଦିନ ହେଲା ଆଧାର ଦ୍ୱନ୍ଦ୍ୱରେ ଯୁଝୁଥିବା ସାଧାରଣ ନାଗରିକଙ୍କୁ ସାମାନ୍ୟ ଆଶ୍ୱସ୍ତି ପ୍ରଦାନ କରିଛି ବୋଲି ଆଇନ ବିଶେଷଜ୍ଞମାନେ କହିଛନ୍ତି।

ପୂର୍ବତନ ଆଟର୍ନି ଜେନେରାଲ (ଏଜି) ସୋଲି ସୋରାବ୍‌ଜୀ ଏବଂ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଆଧାର ସମ୍ପର୍କିତ ରାୟକୁ ସ୍ୱାଗତ କରିଛନ୍ତି। ସବୁ ଦୃଷ୍ଟିରୁ ଦେଖିବାକୁ ଗଲେ ଏହା 'ଉତ୍ତମ ରାୟ', ଯାହାକି ସାଧାରଣ ନାଗରିକଙ୍କ ପାଇଁ ସହାୟକ ହେବ ବୋଲି ଦୁହେଁ କହିଛନ୍ତି। ତେବେ ଖଣ୍ଡପୀଠର ଅନ୍ୟତମ ସଦସ୍ୟ ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଭିନ୍ନ ରାୟ ଦେଇଥିବାରୁ ଏହାକୁ ଉଭୟେ ପ୍ରଶଂସା କରିଛନ୍ତି। ଆଧାର ଆଇନ ଅର୍ଥ ବିଲ୍ ଆକାରରେ ଗୃହୀତ କରାଯିବା ଆବଶ୍ୟକ ନ ଥିଲା। ଏହାଦ୍ୱାରା ସମ୍ବିଧାନ ସହ ଧୋକା ହୋଇଛି। ତା'ଛଡ଼ା ଗୋପନୀୟତା ଅଧିକାରକୁ ପ୍ରଭାବିତ କରୁଥିବାରୁ ଆଧାରକୁ ବୈଧାନିକ ମାନ୍ୟତା ପ୍ରଦାନ କରାଯିବା ଅନୁଚିତ ବୋଲି ଜଷ୍ଟିସ୍ ଚନ୍ଦ୍ରଚୂଡ଼ କହିଛନ୍ତି। ତାଙ୍କ ରାୟ ଶୁଣି ବ୍ୟକ୍ତିଗତ ଭାବେ ଖୁସିଥିବା ସୋରାବ୍‌ଜୀ କହିଛନ୍ତି। ପ୍ରଶାନ୍ତ ଭୂଷଣ କହିଛନ୍ତି ଯେ, ଆଜି ସୁପ୍ରିମକୋର୍ଟ ଆଉ ଏକ ଐତିହାସିକ ରାୟ ଦେଇଛନ୍ତି। ଆଧାର ଆଇନର ବିଭିନ୍ନ ବ୍ୟବସ୍ଥାକୁ ଅଦାଲତ ଅସାମ୍ବିଧାନିକ ଦର୍ଶାଇଛନ୍ତି। ଟେଲିକମ୍ କମ୍ପାନୀ ସମେତ କୌଣସି ଘରୋଇ କମ୍ପାନୀ, ବ୍ୟାଙ୍କ, ସ୍କୁଲ ଏବଂ ଏୟାରଲାଇନ୍ସ ସେବା ପ୍ରଦାନ ପାଇଁ ଆଧାରକୁ ବାଧ୍ୟତାମୂଳକ କରିପାରିବେ ନାହିଁ। ଖାଲି ସେତିକି ନୁହେଁ, କୌଣସି ପରିସ୍ଥିତିରେ ଜଣେ ବ୍ୟକ୍ତିଙ୍କ ବାୟୋମେଟ୍ରିକ୍ ଡାଟା ଖାପ ନ ଖାଇଲେ ସୁଦ୍ଧା ତାଙ୍କୁ ସରକାରୀ ସୁବିଧାରୁ ବଞ୍ଚିତ କରାଯାଇପାରିବ ନାହିଁ। ଏଭଳି ରାୟ ଦେଇ ସୁପ୍ରିମକୋର୍ଟ ସାଧାରଣ ନାଗରିକଙ୍କ ମନରେ ବଡ଼ଧରଣର ଆଶ୍ୱସ୍ତି ଆଣିଦେଇଛନ୍ତି ବୋଲି ଭୂଷଣ କହିଛନ୍ତି।

ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ ବିଚାରକୁ ସମର୍ଥନ ଜଣାଇ ଭୂଷଣ କହିଛନ୍ତି, ଏହି ବରିଷ୍ଠ ବିଚାରପତି ଦୃଢ଼ ମତପୋଷଣ କରିଛନ୍ତି। ଆଧାର ଆଇନକୁ ଅର୍ଥ ବିଲ୍ ଆକାରରେ ଗୃହୀତ କରାଇବା ସମ୍ବିଧାନକୁ ବେଖାତିର କରିବା ସଙ୍ଗେ ସମାନ। କାହିଁକି ନା ରାଜ୍ୟ ସଭାକୁ ଏକପାଖିଆ କରି ଏହି ବିଲ୍ ଗୃହୀତ କରାଯାଇଛି। ତେଣୁ ଆଧାର କାର୍ଡ ଜରିଆରେ ସଂଗୃହୀତ ସମସ୍ତ ତଥ୍ୟକୁ ନଷ୍ଟ କରିଦେବା ଉଚିତ ବୋଲି ଜଷ୍ଟିସ୍ ଚନ୍ଦ୍ରଚୂଡ଼ କହିଛନ୍ତି। ଏହା ସ୍ୱାଗତଯୋଗ୍ୟ ବିଚାର ବୋଲି ଭୂଷଣ କହିଛନ୍ତି। ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ ବିଚାର ସହ ଖଣ୍ଡପୀଠର ଅନ୍ୟ ସଦସ୍ୟମାନେ ସହମତ ହୋଇ ନ ଥିଲେ ବି ତାଙ୍କ ମତ ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ବରିଷ୍ଠ ଆଇନଜୀବୀ ଭୂଷଣ କହିଛନ୍ତି। ସେ ଯାହା ହେଉନା କାହିଁକି ଲୋକେ ରାୟକୁ ନେଇ ଖୁସି। ଏବେ ସେମାନଙ୍କୁ ସବୁକ୍ଷେତ୍ରରେ ଆଧାର କାର୍ଡ ଦେଖାଇବାକୁ ପଡ଼ିବ ନାହିଁ ବୋଲି ଭୂଷଣ ପ୍ରକାଶ କରିଛନ୍ତି।



ପ୍ରଶାନ୍ତ ଭୂଷଣ



ସୋଲି ସୋରାବ୍‌ଜୀ

## ଆଧାର ବୈଧତା: ନ୍ୟାୟିକ ବିତର୍କ



**୨୦୦୯ ଜାନୁୟାରୀ ୨୮:** ୟୁଆଇଡିଏଆଇ ସଂକ୍ରାନ୍ତୀୟ ବିଜ୍ଞପ୍ତି ଆଣିଲେ କେନ୍ଦ୍ର ସରକାର।

**୨୦୧୦-୨୦୧୧:** 'ନ୍ୟାଶନାଲ ଆଇଡେଣ୍ଟିଫିକେଶନ୍ ଅଥରିଟି ଅଫ୍ ଇଣ୍ଡିଆ ବିଲ୍, ୨୦୧୦ ଆଗତ। ପରେ ଏହାକୁ ଅର୍ଥ ବ୍ୟାପାର ସ୍ଥାୟୀ କମିଟିକୁ ପଠାଇ ଦିଆଯାଇଥିଲା। କମିଟିର ରିପୋର୍ଟ ଆଧାର ଗୋପନୀୟତା, ସୁରକ୍ଷା ଆଦି ସମ୍ବେଦନଶୀଳ ପ୍ରସଙ୍ଗରେ ଆପତ୍ତି ଉଠାଇଥିଲା।

**୨୦୧୨ ନଭେମ୍ବର ୩୦:** କର୍ନାଟକ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି କେ.ଏସ୍. ପୁଟ୍ଟାସ୍ୱାମୀ ଏବଂ ଅନ୍ୟମାନେ ଆଧାରର ବୈଧତାକୁ ଚ୍ୟାଲେଞ୍ଜ୍ କରି ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ।

**୨୦୧୩ ନଭେମ୍ବର ୩୦:** ପିଆଇଏଲ୍ ପରିପ୍ରେକ୍ଷୀରେ ପ୍ରତିକ୍ରିୟା ଦାଖଲ କରିବା ଲାଗି ସୁପ୍ରିମକୋର୍ଟ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

**୨୦୧୬ ମାର୍ଚ୍ଚ ୩:** 'ଆଧାର ବିଲ୍, ୨୦୧୬' ଲୋକ ସଭାରେ ଆଗତ। ପରେ ଅର୍ଥ ବିଲ୍ ଆକାରରେ ମଞ୍ଜୁର।

**୨୦୧୭ ମେ:** ଆଧାର ବିଲ୍‌କୁ ଅର୍ଥ ବିଲ୍ ଭାବେ ପାର୍ଲାମେଣ୍ଟରେ ପାସ୍ କରିବା ନେଇ ସରକାରଙ୍କ ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ୍ କଲେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା କଂଗ୍ରେସ ନେତା ଜୟରାମ ରମେଶ।

**୨୦୧୭ ଅଗଷ୍ଟ ୨୪:** ଗୋପନୀୟତା (ପ୍ରିଭେସୀ) ଅଧିକାର ଏକ ମୌଳିକ ଅଧିକାର ବୋଲି ସୁପ୍ରିମକୋର୍ଟର ୯ଜଣିଆ ପୀଠ ରାୟ ଦେଲେ।

**୨୦୧୭ ଡିସେମ୍ବର ୧୫:** ୨୦୧୮ ମାର୍ଚ୍ଚ ୩୧ ସୁଦ୍ଧା ବିଭିନ୍ନ ସେବା ଏବଂ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ସହ ଆଧାର ଲିଙ୍କ୍ ବାଧ୍ୟତାମୂଳକ ପାଇଁ ସୁପ୍ରିମକୋର୍ଟଙ୍କ ଆଦେଶ।

**୨୦୧୮ ଜାନୁୟାରୀ ୧୭:** ସୁପ୍ରିମକୋର୍ଟର ୫ ଜଣିଆ ପୀଠରେ ଆଧାର ମାମଲାର ଶୁଣାଣି ଆରମ୍ଭ।

**୨୦୧୮ ଜାନୁୟାରୀ ୨୫:** ୧୦ ଦିନ ମଧ୍ୟରେ ଆଦେଶରେ ସଂଶୋଧନ କରିବା ଲାଗି ରାଜ୍ୟର ତଳକୋର୍ଟଗୁଡ଼ିକୁ ଆଦେଶ ଦେବା ପାଇଁ ସୁପ୍ରିମକୋର୍ଟ ଛତିଶଗଡ଼ ହାଇକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିବା ବେଳେ ଆଧାର କାର୍ଡ ନକଲ ଗ୍ରହଣ କରିବା ଲାଗି ତଳକୋର୍ଟକୁ ଆଦେଶ ଦେବାକୁ ସୁପ୍ରିମକୋର୍ଟ କହିଥିଲେ।

**ଫେବୃୟାରୀ ୨୧:** ଆଧାର ଯୋଜନାରେ ନାଗରିକଙ୍କ ବାୟୋମେଟ୍ରିକ୍ ଡାଟା ବେଆଇନ ଭାବେ ସଂଗ୍ରହ କରାଯାଉଥିବା ନେଇ ଉଠୁଥିବା ଅଭିଯୋଗର ବିଧିବଦ୍ଧ ସମାଧାନ ହେବା ଉଚିତ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଥିଲେ।

**ମାର୍ଚ୍ଚ ୭:** ସର୍ବଭାରତୀୟ ପରୀକ୍ଷାଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ପାଇଁ ଆଧାର ନମ୍ବର ବାଧ୍ୟତାମୂଳକ ନୁହେଁ ବୋଲି କୋର୍ଟ ସ୍ପଷ୍ଟ କଲେ।

**ମାର୍ଚ୍ଚ ୧୩:** ଆଧାର ଲିଙ୍କ୍ ସମୟ ସୀମା ବୃଦ୍ଧି।

**ମାର୍ଚ୍ଚ ୩:** ଆଧାର ଆଇନ ନିରପେକ୍ଷ ଏବଂ ଯଥୋଚିତ ବୋଲି ସୁପ୍ରିମକୋର୍ଟଙ୍କୁ କେନ୍ଦ୍ର ସରକାର ଅବଗତ କଲେ।

**ଏପ୍ରିଲ ୧୭:** ଆଧାର ତଥ୍ୟର ଅପବ୍ୟବହାର ନେଇ ସୁପ୍ରିମକୋର୍ଟଙ୍କ ଚିନ୍ତାବ୍ୟକ୍ତ।

**ଏପ୍ରିଲ ୨୫:** ମୋବାଇଲ୍ ନମ୍ବର ସହ ଆଧାର ଲିଙ୍କ୍ ବାଧ୍ୟତାମୂଳକ ପ୍ରସଙ୍ଗରେ ଅଦାଲତଙ୍କ ପ୍ରଶ୍ନ।

**ମେ ୧୦:** ସୁପ୍ରିମକୋର୍ଟରେ ରାୟ ସଂରକ୍ଷିତ।

**ସେପ୍ଟେମ୍ବର ୨୬:** କେତେଗୁଡ଼ିଏ କଟକଣା ସହ ଆଧାରକୁ ବୈଧ ଘୋଷଣା କଲେ ସୁପ୍ରିମକୋର୍ଟ।

## ଶ୍ରେୟ ପାଇଁ ଟଣାଓଟରା

ନୂଆଦିଲ୍ଲୀ, ୨୬।୯ (ପି.ଟି)

ଦେଶର ବୃହତ୍ ସ୍ୱାର୍ଥକୁ ଦୃଷ୍ଟିରୁ ଆଧାରର ବୈଧତା ବଜାୟ ରହିବ ବୋଲି ବୁଧବାର ସୁପ୍ରିମକୋର୍ଟ ଏହି ରାୟ ଦେବା ପରେ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ଏହାକୁ ସ୍ୱାଗତ କରିଛନ୍ତି। ନ୍ୟାୟିକ ସମୀକ୍ଷା ପରେ ଆଧାର ସମ୍ପର୍କିତ ବିଚାରକୁ ଅଦାଲତ ଗ୍ରହଣ କରିଛନ୍ତି। ତେଣୁ ଏହା ଏକ ଐତିହାସିକ ରାୟ ବୋଲି କେନ୍ଦ୍ର ସରକାର କହିଛନ୍ତି। ଅନ୍ୟପକ୍ଷେ ଶାସକ ଭାଜପା ଏବଂ ବିରୋଧୀ କଂଗ୍ରେସ ଶ୍ରେୟ ନେବାରେ ବ୍ୟସ୍ତ। ସୁପ୍ରିମକୋର୍ଟ କେତେକ ନିୟମକୁ ବାଦ୍ ଦେଇଥିବାରୁ ଏହି ରାୟ ଭାଜପାକୁ ଚାପୁଡ଼ା ମାରିବା ସଙ୍ଗେ ସମାନ ବୋଲି କଂଗ୍ରେସ କହିଛି। ତେବେ ଗରିବଙ୍କ ଲାଗି ଲଢୁଥିବା ମୋଦି ସରକାରଙ୍କ ପାଇଁ ଏହା ମହାବିଜୟ ବୋଲି ଭାଜପା କହିଛି।

ଆଧାର ସମ୍ପର୍କିତ ରାୟ ପ୍ରକାଶ ପାଇବା ପରେ ଭାଜପା ଏବଂ କଂଗ୍ରେସ ନିଜକୁ ପ୍ରଶଂସା କରିବା ସହ ଅପରକୁ ଟାର୍ଗେଟ କରିଛନ୍ତି। ମୋବାଇଲ୍ ଫୋନ୍, ବ୍ୟାଙ୍କ ଆକାଉଣ୍ଟ ଓ ସ୍କୁଲରେ ନାମଲେଖା କ୍ଷେତ୍ରରେ ଆଧାରର ଆବଶ୍ୟକତା ନ ଥିବା କୋର୍ଟ ସ୍ପଷ୍ଟ କରିବା ସହ ଏଥିରେ ଥିବା କେତେକ ନିୟମକୁ ବାଦ୍ ଦେଇଛନ୍ତି। ଏନେଇ ଖୁସି ବ୍ୟକ୍ତ କରି କଂଗ୍ରେସ ନେତା କପିଲ ଶିବଲ କହିଛନ୍ତି, ଆଧାର ଆଇନର ଧାରା ୫୭ରେ ଥିବା କଠୋର ବ୍ୟବସ୍ଥାକୁ ସୁପ୍ରିମକୋର୍ଟ ଉଚ୍ଛେଦ କରିଥିବାରୁ କେନ୍ଦ୍ର ଲୋକଙ୍କ ଉପରେ ନଜର ରଖିପାରିବ ନାହିଁ। ଅର୍ଥ ବିଲ୍ ଆକାରରେ ଅଣାଯାଇଥିବା ଆଧାର ବିଲ୍‌କୁ ରାଜ୍ୟ ସଭାରେ ଉପସ୍ଥାପନ କରା ନ ଗଲେ କଂଗ୍ରେସ ପୁଣି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବ ବୋଲି ଶିବଲ କହିଛନ୍ତି।

ଅପରପକ୍ଷେ 'ଚାପୁଡ଼ା' ଉପାଖ୍ୟାନ ଉପରେ ଭାଜପା ମୁଖପାତ୍ର ସମ୍ବିତ୍ ପାତ୍ର କହିଛନ୍ତି ଯେ, ସୁପ୍ରିମକୋର୍ଟଙ୍କ ରାୟ ବିରୋଧୀ ଦଳର ମୁଖା ଖୋଲିଦେଇଛି। କଂଗ୍ରେସ ଦୁର୍ନୀତି ପାଇଁ ମଧ୍ୟସ୍ଥଙ୍କ ସହଯୋଗ ନେଉଥିବାବେଳେ ମୋଦି ସରକାର ଲୋକଙ୍କୁ ସିଧାସଳଖ ସାମାଜିକ ଯୋଜନାରେ ସାମିଲ କରିବା ପାଇଁ ଆଧାରକୁ ମାଧ୍ୟମ କରିଛନ୍ତି ବୋଲି ପାତ୍ର କହିଛନ୍ତି।



ସମ୍ବିତ ପାତ୍ର



କପିଲ ଶିବଲ

## କେନ୍ଦ୍ରକୁ ଶିକ୍ଷା



ଆଧାର କଂଗ୍ରେସ ପାଇଁ ସଶକ୍ତୀକରଣର ଏକ ଅସ୍ତ୍ର। ହେଲେ ଭାଜପା ଏହାକୁ ଏକ ଦମନକାରୀ ଓ ନଜର ରଖିବାର ଅସ୍ତ୍ର ଭାବେ ବ୍ୟବହାର କରୁଥିଲା। କଂଗ୍ରେସର ଆଭିମୁଖ୍ୟକୁ ସମର୍ଥନ କରିଥିବାରୁ ସୁପ୍ରିମକୋର୍ଟଙ୍କୁ ଧନ୍ୟବାଦ।

-ରାହୁଲ ଗାନ୍ଧୀ, କଂଗ୍ରେସ ଅଧକ୍ଷ



ଆଧାର ଲୋକଙ୍କ ଉପରେ ନଜର ରଖିବାର ଉପକରଣ ନୁହେଁ। ଏହା ବୈଧ ଓ ରାଷ୍ଟ୍ର ହିତ ପାଇଁ ଉଦ୍ଦିଷ୍ଟ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ଅଦାଲତଙ୍କ ରାୟ ଗଣତନ୍ତ୍ର ଓ ବଞ୍ଚିତ ବର୍ଗର ଲୋକଙ୍କୁ ସଶକ୍ତ କରିବ।

-ରବିଶଙ୍କର ପ୍ରସାଦ, ଆଇନ ଓ ଆଇଟି ମନ୍ତ୍ରୀ



ଆଧାର ଆଇନର ଅନେକ ନିୟମକୁ ସୁପ୍ରିମକୋର୍ଟ ଅସାମ୍ବିଧାନିକ ଭାବେ ଅବିହିତ କରି ଉଚ୍ଛେଦ କରିଦେଇଛନ୍ତି। ଏହା ଆଇନ ମନ୍ତ୍ରଣାଳୟ ପାଇଁ ଏକ ନମ୍ର ଶିକ୍ଷା।

- ପି. ଚିଦାମ୍ବରମ୍, ପୂର୍ବତନ ଅର୍ଥମନ୍ତ୍ରୀ



ଜାତୀୟ ବାୟୋମେଟ୍ରିକ୍ ଆଇଡି କାର୍ଯ୍ୟକ୍ରମ ଜରିଆରେ ବର୍ଷକୁ ୯୦,୦୦୦ କୋଟି ଟଙ୍କା ସଞ୍ଚୟ କରି ଗରିବଙ୍କୁ ସହାୟତା ଦିଆଯାଇ ପାରୁଛି। ଏହି କାର୍ଯ୍ୟକ୍ରମକୁ ବୈଧ ଘୋଷଣା କରିଛନ୍ତି ସୁପ୍ରିମକୋର୍ଟ। ସର୍ବୋଚ୍ଚ ଅଦାଲତଙ୍କ ରାୟ ସ୍ୱାଗତଯୋଗ୍ୟ।

-ଅରୁଣ ଜେଟ୍‌ଲୀ, ଅର୍ଥମନ୍ତ୍ରୀ



ଲୋକଙ୍କର କେତେଗୁଡ଼ିଏ ଅଧିକାର ରହିବା ଉଚିତ। ବ୍ୟାଙ୍କ ଆକାଉଣ୍ଟ ଓ ମୋବାଇଲ୍ ଫୋନ୍‌କୁ ଆଧାର ସହିତ ଯୋଡ଼ାଯିବା ଦ୍ୱାରା ଜଣଙ୍କର ସମସ୍ତ ବ୍ୟକ୍ତିଗତ ତଥ୍ୟ ସାର୍ବଜନୀନ ହେବ। ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିରୁ ଏହି ଯୁକ୍ତି ସତ୍ୟ ପ୍ରମାଣିତ ହୋଇଛି। ଏହି ରାୟ ସାଧାରଣ ଜନତାଙ୍କ ପାଇଁ ବିଜୟ।

-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ



ଉପା ସରକାର ଅମଳରେ ଆଧାର 'ନିରାଧାର' ହୋଇ ରହିଥିଲା। ଏହାର କୌଣସି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ନ ଥିଲା। ସୁପ୍ରିମକୋର୍ଟ ଏବେ ଏହାର ବୈଧତାକୁ ବଜାୟ ରଖିଛନ୍ତି। ଅଦାଲତଙ୍କ ରାୟକୁ ନେଇ କଂଗ୍ରେସ ପାଇଁ ଉଲ୍ଲସିତ ହେବା ଭଳି କିଛି ନାହିଁ।

-ଅମିତ୍ ଶାହ, ଭାଜପା ରାଷ୍ଟ୍ରୀୟ ଅଧକ୍ଷ



ଅଦାଲତଙ୍କ ରାୟ ଐତିହାସିକ। ଏହାକୁ ନେଇ ଅତ୍ୟନ୍ତ ଖୁସି।

-କେ.କେ. ବେଣୁଗୋପାଳ, ଆଟର୍ନି ଜେନେରାଲ



ସୁପ୍ରିମକୋର୍ଟ ଏକ ସନ୍ତୁଳିତ ରାୟ ଦେଇଛନ୍ତି। ଅଦାଲତ ଆଧାରର ମୌଳିକତାକୁ ବଜାୟ ରଖିଛନ୍ତି, ଯାହାକି ସରକାରଙ୍କ ପାଇଁ ଏକ ବିଜୟ।

-ମୁକୁଲ ରୋହତ୍‌ଗୀ, ପୂର୍ବତନ ଆଟର୍ନି ଜେନେରାଲ

# ପର୍ଯ୍ୟଟନ ଓଡ଼ିଶାରେ ପ୍ରହସନ

**ପର୍ଯ୍ୟଟନ ହେଉଛି ରାଜ୍ୟ ବିକାଶର ପରିଚୟ। ଉପଯୁକ୍ତ ପର୍ଯ୍ୟଟନ ରାଜସ୍ୱ ଆଣିବା ସହ ସ୍ଥାନୀୟ ଜନସାଧାରଣଙ୍କ ପାଇଁ ରୋଜଗାର ସୃଷ୍ଟିର ମାଧ୍ୟମ ହୋଇଥାଏ। ମାତ୍ର ପ୍ରଶାସନର ପଥଭ୍ରଷ୍ଟ ପର୍ଯ୍ୟଟନ ନୀତି ଏବଂ ଦୂରଦୃଷ୍ଟିବିହୀନ ଯୋଜନା ଏହାର ଉପଯୁକ୍ତ ବିକାଶ କରାଇ ଦେଉନାହିଁ। ପ୍ରାକୃତିକ ପରିବେଶ,ସୁଦୀର୍ଘ ବେଳାଭୂମି, ଐତିହାସିକ ଏବଂ ସାଂସ୍କୃତିକ ପରମ୍ପରା ଓଡ଼ିଶା ପର୍ଯ୍ୟଟନର ମୁଖ୍ୟ ଉପାଦାନ। ମାତ୍ର ତା'ର ବହୁଳ ପ୍ରଚାର ହେଉଥିବା ବେଳେ ଉନ୍ନୟନ ଦେଖିବାକୁ ମିଳୁନାହିଁ।**

## ନାହିଁ ସ୍ପଷ୍ଟ ସୂଚନା

ରାଜଧାନୀରେ ଥିବା ଲିଙ୍ଗରାଜ ମନ୍ଦିରକୁ ଅଣହିନ୍ଦୁମାନଙ୍କର ପ୍ରବେଶ ନାହିଁ। ଫଳରେ ସେମାନେ ମନ୍ଦିରର ଉତ୍ତର ଦ୍ୱାର ନିକଟରେ ଥିବା ପ୍ଲାଟଫର୍ମ ଉପରେ ଦର୍ଶନ କରିଥାନ୍ତି। ଏହି ସମୟରେ ମନ୍ଦିରର ସେବାୟତମାନେ ଅର୍ଥ ଆଦାୟ କରିବା ଦେଖାଯାଉଛି, ଯାହା ବିଦେଶୀ ପର୍ଯ୍ୟଟକଙ୍କୁ ନକାରାତ୍ମକ ବାର୍ତ୍ତା ଦେଉଛି। ଏହାକୁ ସ୍ଥାନୀୟ ପୋଲିସ ବାରଣ କରିବା ବଦଳରେ ଜାଣିଶୁଣି ନୀରବ ରହୁଛି। ଏ ସମ୍ପର୍କରେ ସ୍ଥାନୀୟ ଥାନା ଅଧିକାରୀ ଜନାର୍ଦ୍ଦନ ପାଢୀ କହିଛନ୍ତି, ଏମିତି ସମସ୍ୟା ଆଉ ଦେଖାଯାଉ ନାହିଁ। ପୋଲିସ ପ୍ରଶାସନକୁ ଛାଡ଼ିଦେଲେ ମନ୍ଦିର ପ୍ରଶାସନର ବି ଦାୟିତ୍ୱ ରହୁଛି। ପର୍ଯ୍ୟଟକଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦିଆଯାଉଛି। ନିଖୋଜ ଘଟଣା ଅଧିକ ପୋଲିସ ନଜରକୁ ଆସୁଥିବା ସେ କହିଛନ୍ତି। ମାତ୍ର ସ୍ଥାନୀୟ କେତେଜଣ ଛୋଟ ଦୋକାନୀ ନାମ ଗୋପନ ରଖି କହିଛନ୍ତି ଯେ, ଅନେକ ପର୍ଯ୍ୟଟକ ଅର୍ଥ ଆଦାୟକୁ ନେଇ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଏଥିପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ଆଶ୍ଚର୍ଯ୍ୟର ବିଷୟ, ଉକ୍ତ ପ୍ଲାଟଫର୍ମରେ ଲାଗିଥିବା ଫଳକର ଲେଖା ସ୍ପଷ୍ଟ ନୁହେଁ, ଯାହାକୁ ଜଣେ ରାଜ୍ୟ ବାହାରର ପର୍ଯ୍ୟଟକ ପଢି ସଚେତନ ହୋଇପାରିବ।



କେବଳ ପାହାଡ, ପର୍ବତ କିମ୍ବା ପୁରାତନ ସ୍ଥାପତ୍ୟ ଏବଂ ହୋଟେଲ ଗଢିଦେଲେ ପର୍ଯ୍ୟଟକ ଦୌଡି ଆସନ୍ତି ନାହିଁ। ବିଶ୍ୱର ବିଭିନ୍ନ ସ୍ଥାନରେ ସଫଳ ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକୁ ଦେଖିଲେ ଅନେକ କଥା ସ୍ପଷ୍ଟ ବୁଝାପଡେ। ଯେଉଁଠାରେ ସାଧାରଣ ନାଗରିକଙ୍କ ଦ୍ୱାରା ପର୍ଯ୍ୟଟକ ସ୍ୱାଗତର ବାସ୍ନା ପାଇଥାନ୍ତି, ସେହି ସବୁ ସ୍ଥାନରେ ପର୍ଯ୍ୟଟକଙ୍କ ଭିଡ ଜମେ। ଦକ୍ଷିଣ ଭାରତର କେରଳ ରାଜ୍ୟ ଏହାର ଏକ ଜ୍ୱଳନ୍ତ ଉଦାହରଣ। ସେହି ରାଜ୍ୟ ଭଳି ଓଡ଼ିଶାରେ ମଧ୍ୟ ସୁନ୍ଦର ବେଳାଭୂମି ରହିଛି। କିନ୍ତୁ ଆମର ସ୍ଥାନୀୟ ବାସିନ୍ଦାଙ୍କ ଦ୍ୱାରା ସମୁଦ୍ର କୂଳକୁ ପ୍ରବଳମାତ୍ରାରେ ଅପରିଷ୍କାର କରାଯିବା, ପର୍ଯ୍ୟଟକଙ୍କୁ ବିଭିନ୍ନ ପ୍ରକାର ହଇରାଣ ହରକତ କରାଯିବା ସହ ଆକ୍ରମଣ କରାଯାଉଥିବାର ଖବର ମିଳୁଛି। ମନେରଖିବାକୁ ହେବ ଯେ, ପର୍ଯ୍ୟଟନରେ ଆସିଥିବା ବ୍ୟକ୍ତି ସମ୍ପୂର୍ଣ୍ଣ ଭାବେ ଅସହାୟ। ସେମାନଙ୍କୁ ସୁରକ୍ଷା ବ୍ୟବସ୍ଥା ତଥା ପୋଲିସଠାରୁ ଆରମ୍ଭ କରି ଟ୍ରାଭେଲ ଏଜେଣ୍ଟ, ସ୍ଥାନୀୟ ଜନତାଙ୍କ ଦ୍ୱାରା ସୁରକ୍ଷା ଓ ସୁବିଧା ଦିଆଯିବାର ମାନସିକତା ଓଡ଼ିଶାରେ ସୃଷ୍ଟି କରାଯାଇପାରିନାହିଁ। ସେହିଭଳି ସୁରକ୍ଷିତ ବାତାବରଣ କେରଳ, ଗୋଆ ଏବଂ ପଣ୍ଡିଚେରୀ ଭଳି ସ୍ଥାନରେ ଦେଖିବାକୁ ମିଳିଥାଏ। ଅଟୋରିକ୍ସା ଚାଳକ, ଟୁରିଷ୍ଟ ଗାଇଡ୍,ସିଗାରେଟ୍ ଦୋକାନୀ ଏବଂ ହୋଟେଲ ମ୍ୟାନେଜରଙ୍କଠାରୁ ଆରମ୍ଭ କରି ୱେଟରଙ୍କ ପର୍ଯ୍ୟନ୍ତ ସମସ୍ତେ ଏହି ବିରାଟକାୟ ବ୍ୟବସାୟ ଦ୍ୱାରା ଲାଭବାନ ହେଉଥିବା ସତ୍ତ୍ୱେ ସେ ଦିଗରେ ନିଜର କର୍ତ୍ତବ୍ୟକୁ ପାଳନ କଲାଭଳି ପରିଲକ୍ଷିତ ହେଉନାହିଁ। ପର୍ଯ୍ୟଟନ ଏକ ସାମାଜିକ ବ୍ୟବସାୟ। କରଦାତାଙ୍କ ଅର୍ଥରେ ପର୍ଯ୍ୟଟନର ବିକାଶ ପାଇଁ ବହୁଳ ଅର୍ଥ ଖର୍ଚ୍ଚ କରାଯାଉଥିଲେ ମଧ୍ୟ ଏହା ସହ ପ୍ରତ୍ୟକ୍ଷ ସମ୍ପର୍କ ରଖୁଥିବା କେତେଜଣ ଅସାମାଜିକ ବ୍ୟକ୍ତିଙ୍କ ଦୌରାତ୍ମ୍ୟ ଯୋଗୁ ରାଜ୍ୟ ଲୋକହସା ହେବାକୁ ବାଧ ହେଉଛି। ଏମିତି କେତେକ ଅପ୍ରିୟ ଉଦାହରଣ ନିମ୍ନରେ ପ୍ରଦାନ କରାଗଲା।

### ପର୍ଯ୍ୟଟକ ସୁରକ୍ଷା ଢିଲା



ପୁରୀ-ଭୁବନେଶ୍ୱର ମଧ୍ୟରେ ଯାତ୍ରୀମାନଙ୍କ ସାମୟିକ ବିନୋଦନ ପାଇଁ ପଟ୍ଟନାଇକିଆ ଠାରେ 'ଯାଯାବର' ନିର୍ମାଣ କରାଯାଇଛି। ଯାତ୍ରୀ ରହଣି ସହ ଖାଇବା ପିଇବା ବ୍ୟବସ୍ଥା ମଧ୍ୟ ସେଠାରେ ଉପଲବ୍ଧ। ମାତ୍ର ଏହାର ଆଖପାଖର କିଛି ଅସାମାଜିକ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଏବଂ ପ୍ରଶାସନିକ ଉଦାସୀନତା ଅନେକ ସମସ୍ୟାର କାରଣ ପାଲଟିଛି। ସରକାର କିଛିମାସ ପୂର୍ବେ ଉକ୍ତ ସ୍ଥାନକୁ ସରକାରୀ-ଘରୋଇ ସହଭାଗିତା(ପିପିପି) ମୋଡ୍ ଜରିଆରେ ଟିମ୍ ଆଡମାର୍କ ନାମକ ଏକ ଘରୋଇ ସଂସ୍ଥାକୁ ପ୍ରଦାନ କରିଛନ୍ତି। ତା'ର ପରିଚାଳନାରୁ ପ୍ରଶାସନ ବର୍ତ୍ତମାନ ସମ୍ପୂର୍ଣ୍ଣ ମୁକ୍ତ। ଘରୋଇ ସଂସ୍ଥାକୁ ଦେବା ପରେ ପ୍ରଶାସନ ଆନୁଷଙ୍ଗିକ ସହଯୋଗ ନ କରିବା ଏହାର ନିବେଶକଙ୍କୁ ହତୋତ୍ସାହିତ କରିଛି। ଏନେଇ ଟିମ୍ ଆଡମାର୍କର ସିଏମ୍‌ଡି ନିଶିକାନ୍ତ ମିଶ୍ର କହିଛନ୍ତି, ପର୍ଯ୍ୟଟନ ଋତୁରେ ପ୍ରଶାସନ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ପୋଲିସ୍ ମୁତୟନ କରିବାର ମଧ୍ୟ ଆବଶ୍ୟକତା ରହିଛି। ଏହାଦ୍ୱାରା ପର୍ଯ୍ୟଟକମାନେ ନିଜକୁ ସୁରକ୍ଷିତ ମନେ କରିପାରିବେ। ପିପିପି ମୋଡ୍‌ରେ ଘରୋଇ ସଂସ୍ଥାକୁ ଦେବା ପରେ ପ୍ରଶାସନ ଆନୁଷଙ୍ଗିକ ସୁବିଧା ଯୋଗାଇ ନ ଦେବା ଦୁର୍ଭାଗ୍ୟଜନକ। ପ୍ରଶାସନର ଏପରି ମନୋଭାବ ଭବିଷ୍ୟତରେ ଅନ୍ୟମାନଙ୍କୁ ପର୍ଯ୍ୟଟନରେ ନିବେଶ କରିବା ପାଇଁ ହତୋତ୍ସାହିତ କରିବ ବୋଲି ନିଶିକାନ୍ତ କହିଛନ୍ତି। ତେଣୁ ପ୍ରଶାସନ ଏକ ମନ୍ତ୍ରୀସ୍ତରୀୟ କମିଟି ଗଠନ କରି ପିପିପି ମୋଡରେ ଦିଆଯାଇଥିବା ପ୍ରକଳ୍ପର ସ୍ଥିତି ସମ୍ପର୍କରେ ସମୀକ୍ଷା କରୁ। ଏଗୁଡିକର ପରିଚାଳନା ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ ଗଠନ କରାଯାଉ, ଏଥିରେ ଜଣେ ପ୍ରଶାସନିକ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଉ। ବିଭିନ୍ନ ଜିଲାରେ ଥିବା ଏହିସବୁ ସ୍ଥାନର ସୁରକ୍ଷା ଓ ଉନ୍ନୟନ ନେଇ ସ୍ଥାନୀୟ ଜିଲାପାଳଙ୍କୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦିଅନ୍ତୁ ବୋଲି ସେ କହିଛନ୍ତି।

### ଅଭୟାରଣ୍ୟର ସୁରକ୍ଷା ଲୋଡ଼ା

ରାଜଧାନୀକୁ ସଂଲଗ୍ନ ହୋଇଥିବା ଚନ୍ଦକା-ଡମପଡା ଅଭୟାରଣ୍ୟ ଏକମାତ୍ର ସଂରକ୍ଷିତ ଜଙ୍ଗଲ। ଏହା ଦେଶର ଅନ୍ୟ କୌଣସି ଠାରେ ଦେଖାଯାଏନାହିଁ। ହାତୀ ଏଠାରେ ଚଲାବୁଲା କରିଥାନ୍ତି। ପର୍ଯ୍ୟଟନକୁ ଉତ୍ସାହିତ କରାଯାଉଛି ବୋଲି ଦାବି କରୁଥିବା ସରକାର ସେହି ଜଙ୍ଗଲ ମଧ୍ୟରେ ଶିଳ୍ପାଞ୍ଚଳ ଗଢୁଛନ୍ତି। କେତେକ ବ୍ୟକ୍ତି ବିଶେଷଙ୍କ ସୁବିଧା ପାଇଁ ରାସ୍ତା ନିର୍ମାଣ କରାଯାଉଛି। ସେଠାରେ ଏକ ପ୍ରଶସ୍ତ ପୋଲିସ ଫାଇରିଂ ରେଞ୍ଜ ନିର୍ମାଣ କରାଯାଇ ଯବାନମାନଙ୍କୁ ଗୁଳିଚାଳନା ପ୍ରଶିକ୍ଷଣ ଦିଆଯାଉଛି। ଫଳରେ ହାତୀ ଏବଂ ଅନ୍ୟାନ୍ୟ ଦୁର୍ଲଭ ପ୍ରାଣୀମାନଙ୍କ ଯିବା ଆସିବାକୁ ପ୍ରଭାବିତ କରୁଛି। କେରଳ ଭଳି ରାଜ୍ୟରେ ପ୍ରାକୃତିକ ପରିବେଶର ଯେପରି କ୍ଷତି ନ ହୁଏ, ସେଥିପ୍ରତି ବିଶେଷ ଧ୍ୟାନ ଦିଆଯାଇଥାଏ। ଅତୀତରେ ବହୁ ରାଷ୍ଟ୍ରୀୟ କମ୍ପାନୀ ବିଭିନ୍ନ ପ୍ଲାଣ୍ଟ କରିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ ବି ସ୍ଥାନୀୟ ପ୍ରଶାସନ ଏବଂ ଜନସାଧାରଣ ତାହାକୁ ବିରୋଧ କରିଛନ୍ତି।

### ଭିତ୍ତିଭୂମି ଲାଗି ଲୋଡ଼ା ଦୂରଦୃଷ୍ଟି

ଉତ୍ତମ ବ୍ୟବହାର ଯେପରି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ, ସେହିପରି ଉପଯୁକ୍ତ ଭିତ୍ତିଭୂମି ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧିରେ ସହାୟକ ହୋଇଥାଏ। ମାତ୍ର ଓଡ଼ିଶାରେ ଆବଶ୍ୟକ ଭିତ୍ତିଭୂମି ଥାଇ ନିବେଶ ପାଇଁ ପଛଘୁଞ୍ଚା ଦେବା ନକାରାତ୍ମକ ବାର୍ତ୍ତା ଦେଉଛି। ଏହା ଉପରେ ମତ ଦେଇ 'ଟ୍ରାଭେଲ ଲିଙ୍କ୍'ର ପରିଚାଳକ ବେଞ୍ଜାମିନ୍ ସାଇମନ୍ କୁହନ୍ତି, ପୁରୀ ପରି ବିଶାଖାପାଟଣାରେ ମଧ୍ୟ ବେଳାଭୂମି ରହିଛି। ସେଠାରେ ଏକାଧିକ ତାରକା ହୋଟେଲ ଥିବାରୁ ଅଧିକ ସଂଖ୍ୟକ ବାହାର ପର୍ଯ୍ୟଟକ ଆସିପାରୁଛନ୍ତି। ଆମ ରାଜ୍ୟରେ ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରୀୟ ହୋଟେଲ ଖୋଲିବାର ଆବଶ୍ୟକତା ରହିଛି। ସେମାନେ ଆସିବା ଦ୍ୱାରା ହିଁ ବାହାର ପର୍ଯ୍ୟଟକଙ୍କୁ ସବୁ ସମୟରେ ପାଇପାରିବା। ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାର ସମୟ ଆସିଛି ବୋଲି ବେଞ୍ଜାମିନ୍ କହିଛନ୍ତି। ଉପକୂଳ ଓଡ଼ିଶାରେ ପୁରୀ ହିଁ ଆମ ପର୍ଯ୍ୟଟନର ଆକର୍ଷଣର କେନ୍ଦ୍ରବିନ୍ଦୁ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସବୁ ଧର୍ମାବଲମ୍ବୀଙ୍କ ପାଇଁ ଉପଲବ୍ଧ ନୁହେଁ। ତେଣୁ ମନ୍ଦିର ସମ୍ପର୍କିତ ତଥ୍ୟକୁ ଲାଇଟ ଆଣ୍ଡ ସାଉଣ୍ଡ ଫିଚର ରୂପେ ଉପସ୍ଥାପନ କରାଗଲେ, ଉତ୍ତମ ପଦକ୍ଷେପ ହୁଅନ୍ତା ବୋଲି ମନେହୁଏ। ଶ୍ରୀମନ୍ଦିର ସନ୍ନିକଟ ପାଠାଗାରର ଉନ୍ନତୀକରଣ, ଲିଙ୍ଗରାଜ ମନ୍ଦିର ଉତ୍ତର ଦ୍ୱାର ନିକଟରେ ଥିବା ପ୍ଲାଟଫର୍ମକୁ ବହୁମୁଖୀରେ ପରିଣତ କରିବାର ଆବଶ୍ୟକତା ରହିଛି। ପୂର୍ବାପେକ୍ଷା ବିମାନରେ ଗମନାଗମନ ବୃଦ୍ଧି ପାଇଛି। ତେଣୁ ଓଡ଼ିଶା ମଧ୍ୟରେ ବିଭିନ୍ନ ସ୍ଥାନକୁ ନିୟମିତ ବିମାନସେବା, ଦେଶର ପ୍ରମୁଖ ସହରକୁ ଆକାଶମାର୍ଗରେ ଯୋଡା ଯାଇ ପାରିଲେ, ତାହା ଧନୀ ଶ୍ରେଣୀର ପର୍ଯ୍ୟଟକଙ୍କୁ ଓଡ଼ିଶା ଆସିବାକୁ ବାଧ୍ୟ କରିବ ବୋଲି ପର୍ଯ୍ୟଟନ ଶିଳ୍ପରେ ଜଡିତ ଥିବା ଅଭିଜ୍ଞ ବ୍ୟକ୍ତିମାନେ ମତ ପ୍ରକାଶ କରିଛନ୍ତି। ମୋଟ ଉପରେ କହିବାକୁ ଗଲେ, ଉତ୍ତମ ଏବଂ ଅନ୍ତର୍ଜାତୀୟମାନର ଭିତ୍ତିଭୂମି ପର୍ଯ୍ୟଟକ ସଂଖ୍ୟା ବୃଦ୍ଧି କରିବ।

### ସମ୍ବେଦନଶୀଳ ନୁହେଁ ପ୍ରଶାସନ

ପୁରୀ ବେଳାଭୂମିରେ ଅନେକ ସମୟରେ ବିଦେଶୀ ପର୍ଯ୍ୟଟକ ହଇରାଣ ହରକତ ହେବା ସହ ଆକ୍ରମଣର ଶିକାର ହେଉଛନ୍ତି। ସେମାନଙ୍କ ଅଭିଯୋଗ ଶୁଣିବା ସ୍ଥାନୀୟ ସମୁଦ୍ର କୂଳ ଥାନାରେ କେହି ସମ୍ବେଦନଶୀଳ ହେଉନାହାନ୍ତି। ବେଳାଭୂମିକୁ ବହୁସଂଖ୍ୟାରେ ଅନ୍ୟ ଭାଷାଭାଷୀ ଏବଂ ବିଦେଶୀ ପର୍ଯ୍ୟଟକ ଆସୁଥିବାରୁ ସେଠାରେ ବହୁଭାଷାରେ ଦକ୍ଷତା ଥିବା ଅଧିକାରୀଙ୍କୁ ନିଯୁକ୍ତ କରାଯିବା ଆବଶ୍ୟକ। ମାତ୍ର ପ୍ରଶାସନ ଏଦିଗକୁ ଗୁରୁତ୍ୱ ଦେଉନାହିଁ। ସମୁଦ୍ରକୂଳ ଥାନା ଅଧିକାରୀ ବିଶ୍ୱରଞ୍ଜନ ସେନାପତି କହିଛନ୍ତି, ବାହାରୁ ଆସୁଥିବା ପର୍ଯ୍ୟଟକ ଅନେକ ସମୟରେ ଚୋରି, ବୁଡିଯିବା ଘଟଣା ନେଇ ଅଭିଯୋଗ କରିଥାନ୍ତି। ଦିନକୁ ଦିନ ପର୍ଯ୍ୟଟକଙ୍କ ସଂଖ୍ୟା ବଢିବାରେ ଲାଗିଛି। ତେଣୁ ସେମାନଙ୍କୁ ସୁରକ୍ଷା ଦେବା ପାଇଁ ମାନବ ସମ୍ବଳ ବୃଦ୍ଧିର ଆବଶ୍ୟକତା ରହିଛି। ମହିଳା ପର୍ଯ୍ୟଟକ ଗାଧୋଉଥିବା ବେଳେ ଅନେକ ଅସାମାଜିକ ବ୍ୟକ୍ତି ସେମାନଙ୍କ ଫଟୋ ଏବଂ ଭିଡିଓ ଉତ୍ତୋଳନ କରୁଥିବା ମଧ୍ୟ ଅଭିଯୋଗ ହେଉଥିବା ଥାନାଧିକାରୀ ସ୍ୱୀକାର କରିଛନ୍ତି। ବିଦେଶୀ ପର୍ଯ୍ୟଟକଙ୍କ ପାଇଁ ଥାନାରେ ବହୁଭାଷାରେ ଦକ୍ଷତା ଥିବା ବ୍ୟକ୍ତିଙ୍କ ନିଯୁକ୍ତି ସ୍ୱାଗତଯୋଗ୍ୟ ପଦକ୍ଷେପ ହୋଇପାରିବ ବୋଲି ସେ କହିଛନ୍ତି। ବର୍ତ୍ତମାନ ମଧ୍ୟ ସମୁଦ୍ରକୂଳରେ ଥିବା ଏକାଧିକ ସମସ୍ୟା ରାଜ୍ୟ ପର୍ଯ୍ୟଟନର ନକାରାତ୍ମକ ଚିତ୍ର ପ୍ରଦର୍ଶନ କରୁଛି। ଏ ସମ୍ପର୍କରେ ସ୍ଥାନୀୟ ଅଧିବାସୀ ସତ୍ୟ ମିଶ୍ର କହିଛନ୍ତି, ସମୁଦ୍ରରେ ଜୁଆର ଭଟ୍ଟା ଲାଗି ରହିଥାଏ। କେଉଁ ସମୟରେ ଜୁଆର ରହୁଛି, ସେ ସମ୍ପର୍କରେ ବେଳାଭୂମିରେ ପ୍ରତିଦିନ ସୂଚନା ଦିଆଯାଉନାହିଁ। ଏହାକୁ ଗୁରୁତର ସହ ବିଚାର କଲେ, ତାହା ସମୁଦ୍ରରେ ବୁଡି ପ୍ରାଣ ହରାଉଥିବା ମୃତକଙ୍କ ସଂଖ୍ୟା କମ୍ କରିପାରନ୍ତା ବୋଲି ସତ୍ୟ କହିଛନ୍ତି। ବିଦେଶୀ ତଥା ରାଜ୍ୟ ବାହାରର ପର୍ଯ୍ୟଟକମାନଙ୍କ ପାଇଁ ଚେଞ୍ଜିଂ ରୁମ୍, ମହିଳାଙ୍କ ପାଇଁ ଆବଶ୍ୟକ ଶୌଚାଳୟ, ଲକର ବ୍ୟବସ୍ଥା ଏବଂ ସର୍ବୋପରି ଗାଧୋଇବା ପାଇଁ ସ୍ୱତନ୍ତ୍ର ପୋଷାକ ଦିଆଯାଉନାହିଁ। ଏସବୁ ସୁବିଧା ସୁଯୋଗର ବ୍ୟବସ୍ଥା କରାଗଲେ, ପର୍ଯ୍ୟଟକ ବାରମ୍ବାର ଆସିବେ ବୋଲି ସତ୍ୟ କହିଛନ୍ତି। ପୁରୀ ବାବଦରେ ଯେତିକି ସୂଚନା ସରକାରୀ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବା କଥା ତାହା ହୋଇନାହିଁ। ଲାଇଫ୍ ଗାର୍ଡ ଏବଂ ଟୁରିଷ୍ଟ ଗାଇଡ୍‌ଙ୍କୁ ବହୁଭାଷୀ କରିବା ସହ ଉପଯୁକ୍ତ ପ୍ରଶିକ୍ଷଣ ଦେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।



### ଖର୍ଚ୍ଚ ହେଉଛି ଅର୍ଥ, ମାତ୍ର ପର୍ଯ୍ୟଟକଙ୍କ ଦେଖାନାହିଁ

ରାଜଧାନୀରେ ବର୍ଷର ବିଭିନ୍ନ ସମୟରେ ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ କରାଯାଉଥିବା ଉତ୍ସବ ଯଥା-ରାଜାରାଣୀ ମହୋତ୍ସବ, ଧଉଳି ମହୋତ୍ସବ, ଖଣ୍ଡଗିରି ମହୋତ୍ସବ ଇତ୍ୟାଦିରେ ପର୍ଯ୍ୟାପ୍ତ ଅର୍ଥ ଖର୍ଚ୍ଚ କରାଯାଉଛି। ମାତ୍ର ଏହି ସବୁ କାର୍ଯ୍ୟକ୍ରମକୁ ଭିତ୍ତିକରି ପର୍ଯ୍ୟଟକଙ୍କୁ ଓଡ଼ିଶା ଆଣିବାରେ ପ୍ରଶାସନ ବିଫଳ ହୋଇଛି। ରାଜଧାନୀ ଏବଂ ଏହାର ଆଖପାଖ ଅଞ୍ଚଳର ଜନସାଧାରଣଏହି କାର୍ଯ୍ୟକ୍ରମ ଉପଭୋଗ କରିବା ସାର ହେଉଛି। ଯାହା ଏହାର ଆୟୋଜନର ପ୍ରକୃତ ଲକ୍ଷ୍ୟ ନୁହେଁ। ପର୍ଯ୍ୟଟନ ବିଭାଗର ପ୍ରୋତ୍ସାହନରେ ହେଉଥିବା ଏହିସବୁ କାର୍ଯ୍ୟ ପ୍ରକୃତ ପର୍ଯ୍ୟଟନ ଉନ୍ନୟନର ପରିପନ୍ଥୀ। ପ୍ରତିବର୍ଷ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ସମ୍ପର୍କରେ ସରକାର ଡିଣ୍ଡିମ ପିଟନ୍ତି। ମାତ୍ର ସମାନ ପର୍ଯ୍ୟଟକଙ୍କୁ ଏକାଧିକ ଥର ଗଣାଯାଇ ସଂଖ୍ୟା ବୃଦ୍ଧି କରାଯାଉଥିବା କୁହାଯାଉଛି। ଆଶ୍ଚର୍ଯ୍ୟର କଥା, କୋଣାର୍କ, ରାଜାରାଣୀ ଏବଂ ଉଦୟଗିରିକୁ ଯେତେମାତ୍ରାରେ ବାହାର ପର୍ଯ୍ୟଟକ ଆସିବା କଥା ଆସୁନାହାନ୍ତି।

### ଅନ୍ତର୍ଜାତୀୟ ସଂସ୍ଥାର ନିବେଶ

ଅନ୍ୟ ସ୍ଥାନରେ ପର୍ଯ୍ୟଟକମାନେ ମହଙ୍ଗା ହୋଟେଲରେ ନ ରହି ସ୍ଥାନୀୟ ବାସିନ୍ଦାଙ୍କ ସହ ରହିବାର ଆନନ୍ଦ ଗୋଟାଇ ଥାଆନ୍ତି। ଏହାଦ୍ୱାରା ସେମାନେ ସ୍ଥାନୀୟ ପରିବେଶ, ଚାଲିଚଳନ ସମ୍ପର୍କରେ ଆସିପାରୁଛନ୍ତି। ଫଳସ୍ୱରୂପ ତାଙ୍କୁ ଆତିଥ୍ୟତା ପ୍ରଦାନ କରି ଆର୍ଥିକ ଭାବେ ସ୍ଥାନୀୟ ଲୋକେ ଲାଭବାନ ହୋଇପାରୁଛନ୍ତି। ଏହି ବ୍ୟବସ୍ଥାକୁ ଆହୁରି ସୁବ୍ୟବସ୍ଥିତ ଏବଂ ଶୃଙ୍ଖଳିତ ଭାବେ ପରିଚାଳନା କରୁଛନ୍ତି 'AIRBNB' ଭଳି ଆନ୍ତର୍ଜାତିକ ସଂସ୍ଥା। ସାରା ଭାରତର ବିଭିନ୍ନ ରାଜ୍ୟରେ ୨୬ ହଜାରରୁ ଅଧିକ ଗୃହ ପର୍ଯ୍ୟଟକମାନଙ୍କୁ ଯୋଗାଇ ଦିଆଯାଇପାରୁଛି। ହେଲେ ଓଡ଼ିଶାରେ ଏହି ସଂସ୍ଥାର କୌଣସି ଶାଖା ନାହିଁ। ତେଣୁ ପର୍ଯ୍ୟଟକମାନଙ୍କ ପ୍ରତି ଆମର ମନୋଭାବରେ ଯଥେଷ୍ଟ ପରିବର୍ତ୍ତନର ଆବଶ୍ୟକତା ରହିଛି। ଫଳରେ ନାମୀଦାମୀ ସଂସ୍ଥା ଆମ ରାଜ୍ୟରେ ପର୍ଯ୍ୟଟକଙ୍କ ପାଇଁ ସୁବିଧା ଯୋଗାଇବାକୁ ଇଚ୍ଛା ପ୍ରକାଶ କରିବେ, ଯାହା ପର୍ଯ୍ୟଟକ ବୃଦ୍ଧିରେ ସହାୟକ ହୋଇପାରିବ। ପର୍ଯ୍ୟଟନ ଜଗତର ବଡ ବଡ ତାରକାମାନେ ଓଡ଼ିଶାମୁଖୀ ନ ହେବା ଦ୍ୱାରା ରାଜ୍ୟ ପରମ୍ପରାଗତ ପର୍ଯ୍ୟଟକଙ୍କ ଭରସାରେ ରହିବାକୁ ବାଧ ହେଉଛି, ତେଣୁ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ନିହାତି ଆବଶ୍ୟକ। କେବଳ ପ୍ରବାସ ସୁବିଧା ନୁହେଁ, ପର୍ଯ୍ୟଟନ ଶିଳ୍ପ ସହ ଜଡିତଥିବା ନାମୀଦାମୀ ସଂସ୍ଥାକୁ ରାଜ୍ୟକୁ ଆଣିବା ପାଇଁ ବିହିତ ପଦକ୍ଷେପ ନେବା ଆବଶ୍ୟକ।

### ପ୍ରଶିକ୍ଷଣ ଜରୁରୀ

ଓଡ଼ିଶା ପର୍ଯ୍ୟଟନ ଶିଳ୍ପ ସହ ଜଡିତ ଥିବା ପ୍ରତ୍ୟେକ ବ୍ୟକ୍ତି ବିଶେଷଙ୍କର ପ୍ରଶିକ୍ଷଣର ଆବଶ୍ୟକତା ରହିଛି। ଅଭିଜ୍ଞ ପର୍ଯ୍ୟଟନବିତ୍ ବେଞ୍ଜାମିନ୍ ସାଇମନ କହିଛନ୍ତି, ଟ୍ରାଭେଲ ଡ୍ରାଇଭର, ହୋଟେଲ ରିସେପସନ୍ ଠାରୁ ଆରମ୍ଭ କରି ରୁମ୍ ବୟ, ସ୍ଥାପତ୍ୟ ସ୍ଥଳୀରେ ଥିବା ଫଟୋଗ୍ରାଫର ଏବଂ ସ୍ଥାନୀୟ ଦୋକାନୀ ସିଧାସଳଖ ପର୍ଯ୍ୟଟକଙ୍କ ସମ୍ପର୍କରେ ଆସିଥାନ୍ତି। ତେଣୁ ସେମାନଙ୍କ ବ୍ୟବହାର ପରିମାର୍ଜିତ ହେବା ଆବଶ୍ୟକ। ସେମାନଙ୍କୁ ନିୟମିତ ବ୍ୟବଧାନରେ ପ୍ରଶିକ୍ଷଣ ଦେବାର ବ୍ୟବସ୍ଥା କରାଯିବା ଦରକାର। ବିଭିନ୍ନ ସମୟରେ ପର୍ଯ୍ୟଟକଙ୍କୁ ତଥ୍ୟ ସମ୍ପର୍କରେ ଅବଗତ କରିବା ପାଇଁ ଉଚ୍ଚଶିକ୍ଷିତ ଇଣ୍ଟରପ୍ରିଟର ଅନୁବାଦକ ମାନଙ୍କର ଆବଶ୍ୟକତା ରହିଛି। ଓଡ଼ିଶାରେ ସଫଳ ଅନୁବାଦକ ନ ଥିବାରୁ ରାଜ୍ୟକୁ ବାହାର ରାଜ୍ୟ ତଥା ଦେଶର ଅନୁବାଦକଙ୍କ ଉପରେ ନିର୍ଭର କରିବାକୁ ପଡୁଛି। ଏଥିପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ପର୍ଯ୍ୟାପ୍ତ ଅର୍ଥ ଖର୍ଚ୍ଚ ହେଉଥିବା ସୂଚନା ମିଳୁଛି। ରାଜ୍ୟରେ ହୋଟେଲ ଏବଂ ଟ୍ୟୁରିଜିମ୍ ମ୍ୟାନେଜମେଣ୍ଟ ପାଠ୍ୟକ୍ରମରେ ବିଦେଶୀ ଭାଷା ଅନୁବାଦକ କୋର୍ସକୁ ପ୍ରୋତ୍ସାହନ ଦେବା ଉଚିତ ବୋଲି ବେଞ୍ଜାମିନ୍ ମତ ପୋଷଣ କରିଛନ୍ତି। ସ୍ଥାନୀୟ ଯୁବକମାନେ ନିଜ ଅଞ୍ଚଳର ପର୍ଯ୍ୟଟନ ସହ ବେଶ ପରିଚିତ। ସେମାନଙ୍କ ମଧ୍ୟରୁ ପାଠଶାଠ ପଢିଥିବା ଯୁବକଙ୍କୁ ଅନୁବାଦକ ତାଲିମ ଦିଆଯିବାର ଆବଶ୍ୟକତା ରହିଛି।

### ଆବଶ୍ୟକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ ନୀତି

ରାଜ୍ୟରେ ଉପଯୁକ୍ତ ପର୍ଯ୍ୟଟନ ନୀତିର ଅଭାବ ପରିଲକ୍ଷିତ ହେଉଛି ବୋଲି ଅନେକ ସମୟରେ ଅଭିଯୋଗ ହୋଇଥାଏ। ପର୍ଯ୍ୟଟନ ଶିଳ୍ପ ସହ ଜଡିତ ଥିବା ବ୍ୟକ୍ତି ବିଶେଷ ନିକଟରେ ପର୍ଯ୍ୟଟନ ଉନ୍ନୟନ ବିକାଶ ପ୍ରାଧିକରଣ ଗଠନ ସପକ୍ଷରେ ମତ ରଖିଛନ୍ତି। କିଛିମାସ ତଳେ ହୋଟେଲ ଏବଂ ରେଷ୍ଟୁରାଣ୍ଟ ଆସୋସିଏଶନ୍ ଅଫ୍ ଓଡ଼ିଶା(ହାରୋ) ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏ ସମ୍ପର୍କିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏନେଇ ହାରୋର ଅଧ୍ୟକ୍ଷ ଜେ.କେ. ମହାନ୍ତି କହିଛନ୍ତି, ପର୍ଯ୍ୟଟନ ବିଭାଗରେ ଦକ୍ଷତା ବିକାଶ ପ୍ରାଧିକରଣ ଭଳି ଏକ ସଂସ୍ଥା ଗଠନ ହେଉ। ଏଥିରେ ଜଣେ ଅଭିଜ୍ଞତା ସମ୍ପନ୍ନ ପ୍ରଶାସନିକ ଅଧିକାରୀଙ୍କୁ ମୁଖ୍ୟ ଭାବେ ଦାୟିତ୍ୱ ଦିଆଯାଉ। ତାଙ୍କ କାର୍ଯ୍ୟକାଳ ଅନ୍ତତଃ ୫ ବର୍ଷ ରଖାଯାଉ। ଅଫିସରଙ୍କ ଅଚାନକ ବଦଳି କାର୍ଯ୍ୟ ରୂପାୟନ କ୍ଷେତ୍ରରେ ବାଧା ସୃଷ୍ଟି କରୁଛି। ତେଣୁ ଟାର୍ଗେଟ ସ୍ଥିର କରି ନିର୍ଦ୍ଦିଷ୍ଟ ସମୟସୀମା ପ୍ରଦାନ କରାଗଲେ, ଏହା ଫଳପ୍ରଦ ହୋଇପାରନ୍ତା ବୋଲି ମହାନ୍ତି କହିଛନ୍ତି। ଆସୋସିଏଶନ୍ ପକ୍ଷରୁ ଦୃଷ୍ଟି ଆକର୍ଷଣ କରାଯାଇଥିବା ଅନ୍ୟାନ୍ୟ ପ୍ରମୁଖ ପ୍ରସଙ୍ଗଗୁଡିକ ହେଉଛି- ଭୁବନେଶ୍ୱର ବିମାନବନ୍ଦରରେ ବିଦେଶୀ ପର୍ଯ୍ୟଟକଙ୍କ ପାଇଁ ଇ-ଟୁରିଷ୍ଟ ଭିଜା ସେବା, ଜାତୀୟ ଏବଂ ଅନ୍ତର୍ଜାତୀୟ ଗଣମାଧ୍ୟମରେ ଉପଯୁକ୍ତ ପ୍ରଚାରପ୍ରସାର, ଜଳ ଭିତ୍ତିକ ପର୍ଯ୍ୟଟନକୁ ପ୍ରୋତ୍ସାହନ, ଏକାଧିକ ବିଦେଶୀ ଭାଷା(ଫ୍ରେଞ୍ଚ, ଜର୍ମାନ, ଚାଇନିଜ୍, ଇଟାଲିୟାନ ଏବଂ ସ୍ପାନିଶ୍ ) ଭାଷାର ଦକ୍ଷ ଗାଇଡ୍, ସ୍ୱତନ୍ତ୍ର ଟୁରିଷ୍ଟ ପୋଲିସ ବ୍ୟବସ୍ଥା ଇତ୍ୟାଦି। ରାଜଧାନୀ ଭୁବନେଶ୍ୱର ଏବଂ ପୁରୀର ପର୍ଯ୍ୟଟନ କ୍ଷେତ୍ରକୁ ଉନ୍ନୟନ କରାଯାଇ ଉପଯୁକ୍ତ ଭାବରେ ପ୍ରଚାର କରାଗଲେ ରାଜ୍ୟରେ ପର୍ଯ୍ୟଟନ ଶିଳ୍ପର ଉନ୍ନତି ହୋଇପାରିବ ବୋଲି ଅନେକେ ମତ ରଖିଛନ୍ତି।

୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ବଜେଟ୍‌ରେ ପର୍ଯ୍ୟଟନ ପାଇଁ ୨୧୩ କୋଟିର ବ୍ୟୟବରାଦ ରହିଛି, ଯାହା ମୋଟ ଅଟକଳର ମାତ୍ର (.୧୭ ପ୍ରତିଶତ)। ଏଥିମଧ୍ୟରେ ୧୧ କୋଟି ଟଙ୍କା ଖର୍ଚ୍ଚରେ ବରିଷ୍ଠ ନାଗରିକଙ୍କୁ ଅନ୍ୟସ୍ଥାନକୁ ନେଇ ତୀର୍ଥ କରାଇବା ପାଇଁ ମଧ୍ୟ ରଖାଯାଇଛି। ଭିତ୍ତିଭୂମି, ଆତିଥ୍ୟକୁ ବାଦ୍ ଦେଇ ପ୍ରଚାରରେ ବାର୍ଷିକ ପ୍ରାୟ ୭୦ରୁ ୭୫ କୋଟି ଖର୍ଚ୍ଚ ହୋଇଯିବ। ଅତିରିକ୍ତ ବଜେଟରେ କରାଯାଇଥିବା ବ୍ୟୟବରାଦ ମଧ୍ୟ ନଗଣ୍ୟ। ବାକି ରହିଥିବା ଟଙ୍କାରେ କି ପ୍ରକାର ଭିତ୍ତିଭୂମି ଉନ୍ନୟନ କରାଯାଇ ପାରିବ, ତାହା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସମଗ୍ର ଘଟଣାକୁ ଅନୁଶୀଳନ କଲେ ପର୍ଯ୍ୟଟନ ଯେ ପ୍ରହସନ ପାଲଟି ଯାଇଛି, ଏଥିରେ ସନ୍ଦେହ ନାହିଁ।

ଫଟୋ: ମନୋରଞ୍ଜନ ମିଶ୍ର, ଯଜ୍ଞେଶ୍ୱର ମହାନ୍ତି ଓ ମୌସମ ନନ୍ଦ

ରିପୋର୍ଟ: ଚିଦାନନ୍ଦ ଜେନା, ଭୁବନେଶ୍ୱର

# ରୋମାଞ୍ଚ ଆଣେ କଟେଜ ରହଣି



ସାନ୍ତାଳି କୁଡ଼ିଆ

**ଶିମିଳିପାଳ ଅଭୟାରଣ୍ୟ**

**ଯେଉଁଠି ପ୍ରାକୃତିକ ସୌନ୍ଦର୍ଯ୍ୟ କରେ ଆନମନା**

**ପର୍ଯ୍ୟଟକଙ୍କୁ ମିଳେ ନିଆରା ଆଦିବାସୀ ଖାଦ୍ୟ**

ଶିମିଳିପାଳ ଅଭୟାରଣ୍ୟରେ ଥିବା ମେଘାସନ ପାହାଡ଼ଠାରୁ ଆରମ୍ଭ କରି ବିଭିନ୍ନ ଝରଣା, ଜଳ ପ୍ରପାତ, ସବୁଜ ବନାନୀ, କଳା ବାଘ ଭଳି ବିରଳ ବନ୍ୟପ୍ରାଣୀ, ବିଭିନ୍ନ ପ୍ରଜାତିର ପକ୍ଷୀ ଓ ଏହାର ଜୈବ ବିବିଧତା ପର୍ଯ୍ୟଟକଙ୍କୁ ସବୁବେଳେ ଆକୃଷ୍ଟ କରି ଆସୁଛି। ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଏହାର ଶୋଭା ବଢାଉଛି। ପର୍ଯ୍ୟଟକଙ୍କ ପାଇଁ ବର୍ଷର ୭ ମାସ ଖୋଲା ରହୁଥିବା ଏହି ଅଭୟାରଣ୍ୟରେ ରାତ୍ରୀଯାପନର ଅନୁଭୂତି ବେଶ୍ ରୋମାଞ୍ଚକର। ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ସବୁ ପର୍ଯ୍ୟଟକଙ୍କୁ ଆନମନା କରେ। ପରିବେଶ ପର୍ଯ୍ୟଟନର ବିକାଶ ଲକ୍ଷ୍ୟ ନେଇ ଅଭୟାରଣ୍ୟର ବିଭିନ୍ନ ସ୍ଥାନରେ କଟେଜ ପ୍ରକଳ୍ପ କରାଯାଇଛି ଯେଉଁଠି ପର୍ଯ୍ୟଟକଙ୍କ ରହଣି ସୁବିଧା ରହିଛି।

ଶିମିଳିପାଳକୁ ଯିବା ପାଇଁ ଅଛି ୨ଟି ପ୍ରବେଶ ପଥ। ପର୍ଯ୍ୟଟକମାନେ ମୟୂରଭଞ୍ଜ ଜିଲା ସଦର ମହକୁମା ବାରିପଦା ପଟୁ ଆସି ଲୁଲୁଙ୍ଗ ଗେଟ୍ ଦେଇ ଅଭୟାରଣ୍ୟକୁ ପ୍ରବେଶ କରିଥାନ୍ତି। ସେହିପରି ଯଶିପୁର କାଳିଆଣି ଗେଟ୍ ଦେଇ ପର୍ଯ୍ୟଟକମାନେ ଯାତାୟାତ କରିଥାନ୍ତି। ପ୍ରାକୃତିକ ସୌନ୍ଦର୍ଯ୍ୟଭରା ପରିବେଶରେ ଜାମୁଆଣି, କୁମାରୀ, ଗୁଡୁଗୁଡ଼ିଆ ଓ ରାମତୀର୍ଥଠାରେ ସେମାନଙ୍କ ରହଣି ପାଇଁ ନିର୍ମିତ ସୁଦୃଶ୍ୟ 'କଟେଜ' ଆକର୍ଷଣ ପାଲଟିଛି। ଏସବୁ ସ୍ଥାନରେ ଟେଣ୍ଟ ବ୍ୟବସ୍ଥା ସାଙ୍ଗକୁ ସାନ୍ତାଳୀ ଓ ଆଦିବାସୀଙ୍କ କୁଡ଼ିଆ, ବାଉଁଶ କୁଡ଼ିଆ ଓ ମଞ୍ଚା ରହିଛି। କେତେକ କୁଡ଼ିଆରେ ବାତାନୁକୂଳ ବ୍ୟବସ୍ଥା ହୋଇଛି। ରାମତୀର୍ଥକୁ ବିଜୁଳି ସଂଯୋଗ ହୋଇଥିବାବେଳେ ଅନ୍ୟ ସ୍ଥାନରେ ସୌରାଲୋକ ରାତିର ଅନ୍ଧାର ଦୂର କରୁଛି। ଅଭୟାରଣ୍ୟର କୁମାରୀ ଓ ମୁକ୍ତାପୁରଠାରେ ରହିଛି ଆଧୁନିକ ରେଷ୍ଟୁରାଣ୍ଟ ବ୍ୟବସ୍ଥା, ଯେଉଁଠି ପର୍ଯ୍ୟଟକଙ୍କୁ ସ୍ୱତନ୍ତ୍ର 'ଆଦିବାସୀ ଖାଦ୍ୟ' ପରଷାଯାଏ। ପ୍ରତି କୁଡିଆରେ ମଧ୍ୟ ଖାଦ୍ୟ, ପାନୀୟ ପହଞ୍ଚାଇ ଦିଆଯାଏ। ଜୋମୁଆଣିରେ ୨୧, କୁମାରୀରେ ୧୪, ଗୁଡୁଗୁଡିଆରେ ୬, ରାମତୀର୍ଥରେ ୧୦ଟି କୁଡିଆ ରହିଛି। ଏକାଧିକ ପର୍ଯ୍ୟଟକଙ୍କ ରହିବା ପାଇଁ ଡରମିଟୋରି ବ୍ୟବସ୍ଥା ମଧ୍ୟ କରାଯାଇଛି। ରାତ୍ରୀଯାପନ କରୁଥିବା ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ସ୍କ୍ୱାଡ ନିୟୋଜିତ ରହିଛନ୍ତି। କଟେଜରେ ରହିବା ସମୟରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ ସାଙ୍ଗକୁ ବିରଳ ବନ୍ୟପ୍ରାଣୀ ଦେଖିବାର ସୁଯୋଗ ପାଇଥାନ୍ତି ପର୍ଯ୍ୟଟକମାନେ।

ପ୍ରତିବର୍ଷ ନଭେମ୍ବର ପହିଲାରେ ୭ ମାସ ପାଇଁ ଶିମିଳିପାଳ ଖୋଲାଯିବା ପରେ ଏଠି ଭିଡ ଲାଗି ରହିଥାଏ। କଟେଜରେ ରାତ୍ରୀଯାପନ କରିବା ପାଇଁ ଅଗ୍ରିମ ଅନଲାଇନ ବୁକିଂ କରିବାକୁ ପଡ଼େ। କୁଡିଆର ଆକାର ଅନୁଯାୟୀ, ୩ରୁ ୪ ହଜାର ଟଙ୍କା ପର୍ଯ୍ୟନ୍ତ ଭଡ଼ା ଧାର୍ଯ୍ୟ କରାଯାଇଛି। ବନ ବିଭାଗ ଏହାକୁ ପରିଚାଳନା କରୁଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପକ୍ଷେତ୍ର ନିର୍ଦ୍ଦେଶକ ଯଜ୍ଞଦତ୍ତ ପତି କହିଛନ୍ତି, କଟେଜ ରହଣି ସୁବିଧା ପରେ ଶିମିଳିପାଳ ବୁଲି ଆସୁଥିବା ପର୍ଯ୍ୟଟକଙ୍କ ସଂଖ୍ୟା ପ୍ରତିବର୍ଷ ବଢି ଚାଲିଛି। ୨୦୧୬-୧୭ ରେ ୨୯ ହଜାର ୧୩୦ ଏବଂ ୨୦୧୭-୧୮ରେ ୩୦ ହଜାର ୬୬୬ ପର୍ଯ୍ୟଟକ ଶିମିଳିପାଳକୁ ଆସିଛନ୍ତି। ରାଜସ୍ୱ ବାବଦକୁ ୨୦୧୬-୧୭ରେ ୬୮ ଲକ୍ଷ ୩୭ ହଜାର ୪୮୧ ଟଙ୍କା ଏବଂ ୨୦୧୭-୧୮ରେ ୯୫ ଲକ୍ଷ ୬୬ ହଜାର ୩୪୯ ଟଙ୍କା ଆଦାୟ ହୋଇଛି। ଏହି ପ୍ରକଳ୍ପକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଯୋଜନା ରହିଛି। ବାରିପଦାଠାରେ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କାର୍ଯ୍ୟାଳୟରେ ପର୍ଯ୍ୟଟକଙ୍କ ପାଇଁ ଏକ ଲାଇବ୍ରେରି ଖୋଲାଯିବ। ସେଠାରେ ୱାଇଲ୍ଡ ଲାଇଫ ସମ୍ପର୍କିତ ପୁସ୍ତକ ପଢି ପର୍ଯ୍ୟଟକ ଶିମିଳିପାଳ ସମ୍ପର୍କରେ ଅନେକ ତଥ୍ୟ ପାଇପାରିବେ। ଜାତୀୟ ଉଦ୍ୟାନ ମାନ୍ୟତା ଅପେକ୍ଷାରେ ଥିବା ଶିମିଳିପାଳରେ ୧୦୭୬ ପ୍ରକାରର ବିଭିନ୍ନ ଉଦ୍ଭିଦ ରହିଛି। ଏହାଛଡ଼ା ୪୨ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ, ୨୪୨ ପ୍ରଜାତିର ପକ୍ଷୀ, ୩୦ ପ୍ରଜାତିର ସରୀସୃପ ମଧ୍ୟ ରହିଛନ୍ତି।

– ରିପୋର୍ଟ: ରବିନାରାୟଣ ଚଲାନ, ବାରିପଦା



ପାକିସ୍ତାନ ଜେଲରେ ବନ୍ଦୀ ଥିବାବେଳେ କଏଦୀଙ୍କ ଆକ୍ରମଣରେ ପ୍ରାଣ ହରାଇଥିଲେ ଭାରତୀୟ ନାଗରିକ ସରବ୍‌ଜିତ୍ ସିଂ। ଏହି ହତ୍ୟା ମାମଲାରେ ବୁଧବାର ସ୍ଥାନୀୟ କୋର୍ଟ ସାକ୍ଷୀମାନଙ୍କୁ ସମନ୍ କରିଛନ୍ତି। ଆସନ୍ତା ମାସ ସେମାନଙ୍କୁ ହାଜର ହେବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏଯାଏ ଜଣେ ହେଲେ ସାକ୍ଷୀ କୋର୍ଟରେ ହାଜର ହୋଇ ବୟାନ ଦେଇ ନ ଥିବା ବିଷୟକୁ ନେଇ ଲାହୋର ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ମହମ୍ମଦ ମୋଏନ୍ ଖୋଖର୍ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।



# ଚେନ୍ନାଇରେ ଇନ୍‌ଭେଷ୍ଟର୍ସ ମିଟ୍

ଭୁବନେଶ୍ୱର,୨୬।୯(ବ୍ୟୁରୋ)

ରାଜ୍ୟକୁ ପୁଞ୍ଜି ନିବେଶକାରୀମାନଙ୍କୁ ଆକୃଷ୍ଟ କରିବା ସକାଶେ ରାଜ୍ୟ ସରକାର ମୁମ୍ବାଇ, ଦିଲ୍ଲୀ ପରେ ତାମିଲନାଡୁର ରାଜଧାନୀ ଚେନ୍ନାଇ ଠାରେ ମେକ୍ ଇନ ଓଡିଶା ଇନଭେଷ୍ଟର୍ସ ମିଟ୍ ବୁଧବାର ଆୟୋଜନ କରିଛନ୍ତି। ଓଡିଶାରେ ପୁଞ୍ଜିନିବେଶ କରିବାକୁ ମୁଖ୍ୟମନ୍ତ୍ରୀ ନିବେଶକାରୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ଏହ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗ ଦେଇ ଭାରତୀୟ ଶିଳ୍ପର ପୁଞ୍ଜିପତିମାନଙ୍କୁ ସମ୍ବୋଧନ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଓଡିଶା ପୂର୍ବ ଭାରତର ଦ୍ୱାର ଭାବେ ଦେଶରେ ଦ୍ରୁତ ପ୍ରସାର ଲାଭ କରୁଅଛି। ମେକ୍ ଇନ ଓଡିଶା କନ୍‌କ୍ଲେଭର ପ୍ରଥମ ସଂସ୍କରଣରେ ୨ ଲକ୍ଷ କୋଟି ପୁଞ୍ଜି ନିବେଶ ପାଇଁ ଘୋଷଣା କରାଯାଇଛି। ପ୍ରକଳ୍ପ ଉତ୍ପାଦନକ୍ଷମ ହେବା ଯାଏ ରାଜ୍ୟ ସରକାର ସମସ୍ତ ସହଯୋଗ ଯୋଗାଇ ଦେବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଓଡିଶାରେ ପୁଞ୍ଜି ନିବେଶ କରିବାକୁ ଆଗେଇ ଆସିଥିବା ୬୫ ପ୍ରତିଶତ ପ୍ରକଳ୍ପ ମଧ୍ୟରୁ କେତେକ କାର୍ଯ୍ୟକ୍ଷମ ହୋଇଥିବା ବେଳେ ଆଉ କେତେକ ଅନୁମୋଦନ ସ୍ତରରେ ରହିଛି। ରାଜ୍ୟର ବିକାଶ ସମ୍ପର୍କରେ ସୂଚନା ଦେଇ



ଚେନ୍ନାଇ ଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁଞ୍ଜି ନିବେଶକାରୀଙ୍କ ସହିତ ଆଲୋଚନା କରୁଛନ୍ତି ।

## ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପାରାଦୀପ ଦେଶର ଏକ ବୃହତ୍ ଓ ଦ୍ରୁତ ବିକଶିତ ବନ୍ଦର। ଧାମରା ବନ୍ଦର ମଧ୍ୟ ଦ୍ରୁତ ଗତିରେ ବିକଶିତ ହୋଇ ଚାଲିଛି। ଏହାଛଡା ପୂର୍ବତଟ ଅର୍ଥନୈତିକ କରିଡର ପାଇଁ ରାଜ୍ୟ ସରକାର କେନ୍ଦ୍ରାପଡା ଜିଲାରେ ମହାନଦୀରେ ପ୍ରଥମ ନଦୀଭିତ୍ତିକ ବନ୍ଦର ନିର୍ମାଣ କରିବାକୁ ଯାଉଛନ୍ତି। ଏହି ବନ୍ଦରର ବାର୍ଷିକ କାରବାର କ୍ଷମତା ୪୫ ନିୟୁତ ଟନ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହାଛଡା ରାଜ୍ୟର ଉପକୂଳରେ ୧୨ଟି ମଧ୍ୟମ ବନ୍ଦରର ବିକାଶ କାର୍ଯ୍ୟ ଆରମ୍ଭ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମାନବ ସମ୍ବଳର ବିକାଶ କରିବା ପାଇଁ ରାଜ୍ୟ ସରକାର ସ୍କିଲ୍ ଓଡିଶା ନାମକ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହାଛଡା ରାଜଧାନୀ ଭୁବନେଶ୍ୱରରେ ୧୮ ମହଲା ବିଶିଷ୍ଟ ବିଶ୍ୱ ଦକ୍ଷତା କେନ୍ଦ୍ର ପ୍ରସ୍ତୁତ ହୋଇ ରହିଛି। ରାଜ୍ୟର ଯୁବ ଗୋଷ୍ଠୀଙ୍କର ଦକ୍ଷତା ବିକାଶ କରିବା ସହିତ ଉତ୍ତମ ଫିଜିକାଲ, ଡିଜିଟାଲ ଓ ଇଣ୍ଟେଲେକଚୁଆଲ ଭିତ୍ତିଭୂମି ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି। ନିକଟରେ ରାଜ୍ୟ ସରକାର ଷ୍ଟାର୍ଟ ଅପ ଓଡିଶା ଆରମ୍ଭ କରିଥିବା ବେଳେ ଏଥିରେ ୨୫୦ ଷ୍ଟାର୍ଟ ଅପ ପଞ୍ଜୀକୃତ ହୋଇ ସାରିଲେଣି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ୨୦୨୦ ବେଳକୁ ଓଡିଶା ଦେଶର ପ୍ରଥମ ୩ଟି ଷ୍ଟାର୍ଟ ଅପ ହବ୍‌ରେ ପରିଣତ ହୋଇ ସାରିଥିବ। ଏହାଛଡା ଓଡିଶା ପୂର୍ବ ଭାରତର ମାନୁଫାକ୍ଚରିଂ ହବ୍ ଭାବେ ଦ୍ରୁତଗତିରେ ବିକଶିତ ହେବାରେ ଲାଗିଛି। ଓଡିଶା ଦେଶର ବୃହତ ଷ୍ଟିଲ,ଷ୍ଟେନଲେସ ଷ୍ଟିଲ ଓ ଆଲୁମିନିୟମ ଉତ୍ପାଦନକାରୀ ରାଜ୍ୟ। ଏହାଛଡା ଗତ ୧୮ ବର୍ଷ ମଧ୍ୟରେ ରାଜ୍ୟରେ ବନ୍ଦରଗୁଡ଼ିକର ବାର୍ଷିକ ପରିଚାଳନା କ୍ଷମତା ୧୯୦ ନିୟୁତ ମେଟ୍ରିକ ଟନକୁ ବୃଦ୍ଧି ହୋଇଛି। ଶକ୍ତି ଉତ୍ପାଦନ କ୍ଷମତା ତିନିଗୁଣ ବୃଦ୍ଧି ହୋଇଥିବା ବେଳେ ରାସ୍ତା ସଂଯୋଗ ୫୦ ପ୍ରତିଶତକୁ ବଢିଛି। 'ଗୋ ସୁଇଫ୍ଟ' ନାମରେ ରାଜ୍ୟ ସରକାର ପୁଞ୍ଜିନିବେଶକାରୀଙ୍କୁ ସହଯୋଗ କରିବା ସକାଶେ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା କାର୍ଯ୍ୟକାରୀ କରିଛନ୍ତି। ଗୋ ସୁଇଫ୍ଟ ଜରିଆରେ ଗତ ୧୦ ମାସରେ ରାଜ୍ୟରେ ପୁଞ୍ଜିନିବେଶ କରିବାକୁ ୪୦୦ ପ୍ରସ୍ତାବ ଆସିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ୨୦୧୮ ନଭେମ୍ବର ୧୧ରୁ ୧୫ ମଧ୍ୟରେ ଓଡିଶା ସରକାର ଭୁବନେଶ୍ୱରରେ ମେକ୍ ଇନ ଓଡିଶା କନକ୍ଲେଭର ଦ୍ୱିତୀୟ ସଂସ୍କରଣ କରିବାକୁ ଯାଉଛନ୍ତି। ଏହା ୫ ଦିନ ଧରି ଚାଲିବ। ଏହାର ସ୍ଲୋଗାନ ରହିଛି 'ଆଇ ଆମ ଓଡିଶା'। ରାଜ୍ୟରେ ପୁଞ୍ଜିନିବେଶ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରାଯିବ। ସେହିପରି ପାରାଦୀପରେ ପ୍ରସ୍ତାବିତ ୧୦ ଏମ୍‌ଟିପିଏ ପ୍ଲାଣ୍ଟ ପାଇଁ ଜେଏସ୍‌ଡବ୍ଲ୍ୟୁକୁ ରାଜ୍ୟ ସରକାର ୨୯୦୦ ଏକର ପ୍ରଦାନ କରିବା ନେଇ ଶିଳ୍ପ ବିଭାଗ ସୂତ୍ରରୁ ପ୍ରକାଶ। ରାଜ୍ୟ ସରକାର ଏହି ଇନ୍‌ଭେଷ୍ଟର୍ସ ମିଟ୍‌ରେ ଏଫଆଇସିସିଆଇ ଜାତୀୟ କାର୍ଯ୍ୟନିର୍ବାହୀ ସଦସ୍ୟ ଏମ. ରଫିକ ଅହମ୍ମଦ, ରାମ୍‌କୋ ଗ୍ରୁପ ଚେୟାରମ୍ୟାନ ପିଆରଭି ରାଜୁ, ଶ୍ରୀରାମ ଗ୍ରୁପ ଅଧ୍ୟକ୍ଷ ଆର. ତ୍ୟାଗରାଜନ, ଚେଟିନାଡ ଗ୍ରୁପର ଏମ୍‌ଡି ଏମଏଏମ୍‌ଆର ମୁଥିଆ, ଟିଏସଡିଏଲପି ଏମ.ଡି. ଆବ୍ରାହମ ଷ୍ଟିପେନସୋ, ଶିଳ୍ପମନ୍ତ୍ରୀ ଅନନ୍ତ ଦାସ, ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ, ଉନ୍ନୟନ କମିଶନର ଆର. ବାଲକ୍ରିଷ୍ଣନ ପ୍ରମୁଖ ଯୋଗ ଦେଇଥିଲେ।

## ବର୍ଷାରେ ଧାନଫସଲ ନଷ୍ଟ: ଯୁବଚାଷୀଙ୍କ ଆତ୍ମହତ୍ୟା

ପଟ୍ଟାମୁଣ୍ଡାଇ,୨୬।୯(ସ୍ୱ.ପ୍ର.)

ଗତ ଲଗାଣ ବର୍ଷାରେ ଧାନଫସଲ ସଂପୂର୍ଣ୍ଣ ନଷ୍ଟ ହୋଇଯିବା ଦେଖି କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ବଡଗରା ଗ୍ରାମର ଯୁବ ଚାଷୀ ରମେଶ ରାଉତ(୪୬) ବୁଧବାର ସକାଳେ ଘରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଫଳରେ ତାଙ୍କର ତିନୋଟି ଛୋଟ ପୁଅ ଓ ସ୍ତ୍ରୀ ଦୁଲାଳି ବେସାହାରା ହୋଇ ପଡିଛନ୍ତି। ରମେଶ ଜଣେ ଭାଗଚାଷୀ। ସେ ନିଜ ଗ୍ରାମରେ ଥିବା ସ୍ୱୟଂ ସହାୟିକା ଗୋଷ୍ଠୀରୁ ପ୍ରାୟ ଲକ୍ଷେ ଟଙ୍କା ଋଣ ନେଇ ସାଢେ ୩ ଏକର ଜମିରେ ଧାନ ଚାଷ କରିଥିଲେ। ଏବର୍ଷ ଧାନ ଫସଲ ଭଲ ହୋଇଥିଲା। ମାତ୍ର ଚଳିତ ମାସ ପ୍ରଥମ ସପ୍ତାହରେ ଲଘୁଚାପଜନିତ ଲଗାଣ ବର୍ଷାରେ ଧାନ କିଆରି ପାଣିରେ ସମ୍ପୂର୍ଣ୍ଣ ବୁଡି ଯାଇଥିଲା। ପନ୍ଦର ଦିନ ଧରି ବର୍ଷା ଜଳ ନିଷ୍କାସିତ ହୋଇ ନ ପାରିବାରୁ ଧାନ ଫସଲ ପଚିଯାଇ ନଷ୍ଟ ହୋଇଯାଇଛି। ବୁଧବାର ସକାଳେ ରମେଶ ଧାନ ଜମି ଦେଖି ଦୁଃଖରେ ଭାଙ୍ଗି ପଡିଥିଲେ। ଋଣ ଶୁଝିବା ଓ ପରିବାର ଖର୍ଚ୍ଚ ତୁଲାଇବା ଚିନ୍ତା ତାଙ୍କୁ ଘାରିଥିଲା। ଶେଷରେ ଘରେ ପତ୍ନୀ ଓ ପୁଅ ବାହାରକୁ ଯାଇଥିବା ବେଳେ ବେକରେ ରଶି ଲଗାଇ ରମେଶ ଆତ୍ମହତ୍ୟା କରିଥିଲେ। ଏଥିନେଇ ସଂପୃକ୍ତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତେବେ ଏ ନେଇ ପୋଲିସ ପାଖରେ କିଛି ଖବର ନାହିଁ ।

## ସଂକ୍ଷେପରେ

### ଟ୍ରାଇ ହେବ ଡିସିଆର୍‌ଏଆଇ

ନୂଆଦିଲ୍ଲୀ,୨୬।୯: କେନ୍ଦ୍ର ସରକାର ଦୂରସଞ୍ଚାର ନିୟାମକ କର୍ତ୍ତୃପକ୍ଷ(ଟ୍ରାଇ) ନାମକୁ ପରିବର୍ତ୍ତନ କରିଛନ୍ତି। ଏହା ଏବେ ଡିଜିଟାଲ କମ୍ୟୁନିକେଶନ୍ସ ରେଗୁଲେଟୋରୀ ଅଥରିଟି ଅଫ୍ ଇଣ୍ଡିଆ(ଡିସିଆର୍‌ଏଆଇ) ବା ଭାରତୀୟ ଡିଜିଟାଲ ଯୋଗାଯୋଗ ନିୟାମକ କର୍ତ୍ତୃପକ୍ଷ ଭାବେ ନାମିତ ହେବ ବୋଲି କେନ୍ଦ୍ର ଟେଲିକମ ମନ୍ତ୍ରୀ ମନୋଜ ସିହ୍ନା ବୁଧବାର ସୂଚନା ଦେଇଛନ୍ତି। ଟେଲିକମ୍ ଭିତ୍ତିଭୂମି ସଂସ୍ଥା ଟିଏଆଇପିଏର ବୈଠକରେ ଯୋଗ ଦେଇ ସେ ଟ୍ରାଇ ଅଧକ୍ଷ ଆର୍.ଏସ୍.ଶର୍ମାଙ୍କୁ ଡିସିଆର୍‌ଏଆଇ ଅଧକ୍ଷ ଭାବେ ସମ୍ବୋଧନ କରିଥିଲେ। ଖୁବଶୀଘ୍ର ଏହା କାର୍ଯ୍ୟକାରୀ ହେବ ବୋଲି ସେ କହିଛନ୍ତି।

### ବ୍ୟାଙ୍କରେ ଅଗ୍ନିକାଣ୍ଡ, ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ




ଯାଜପୁର ରୋଡ,୨୬।୯(ନି.ପ୍ର): ଯାଜପୁର ରୋଡ ସହର ଚୋରଦା ନିକଟରେ ଥିବା ମଣିପୁରମ୍ ସୁନା ଋଣ ବ୍ୟାଙ୍କରେ ବୁଧବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ଏଥିରେ ପ୍ରାୟ ୧୧ ଲକ୍ଷ ଟଙ୍କାର ବ୍ୟାଙ୍କ ସମ୍ପତ୍ତି ନଷ୍ଟ ହୋଇଥିବା ସୂଚନା ମିଳିଛି। ବିଦ୍ୟୁତ୍ ଶର୍ଟସର୍କିଟ୍ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ବ୍ୟାଙ୍କର ଦରକାରୀ କାଗଜପତ୍ର, କମ୍ପ୍ୟୁଟର, ଅନ୍ୟାନ୍ୟ ଆସବାବପତ୍ର ପୋଡିଯାଇଛି। ବୁଧବାର ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବିଦ୍ୟୁତ ନ ଥିଲା। ତେବେ ୨ଟାରେ ବିଦ୍ୟୁତ ଆସିଥିବାରୁ ହଠାତ୍ ବ୍ୟାଙ୍କର ଶୀତତାପ ନିୟନ୍ତ୍ରିତ ଯନ୍ତ୍ର (ଏସି) ବିସ୍ଫୋରକ ଶବ୍ଦ କରି ଫାଟି ଯାଇଥିଲା। ଫଳରେ ବ୍ୟାଙ୍କ ପରିସର ଧୂଆଁମୟ ହୋଇପଡ଼ିଥିଲା। ଏ ନେଇ ଯାଜପୁର ରୋଡ ଦମକଳ କେନ୍ଦ୍ରକୁ ଫୋନ୍ କରାଯାଇଥିଲା। ମାତ୍ର ଅଗ୍ନିଶମ ବାହିନୀ କର୍ମଚାରୀମାନେ ଧର୍ମଘଟରେ ବସିଥିବାରୁ ଦମକଳ ବିଭାଗ ଅଧିକାରୀ ଜିନ୍ଦଲ ଦମକଳ ବିଭାଗକୁ ଅବଗତ କରିଥିଲେ। ଏହାପରେ ଜିନ୍ଦଲ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବା ଯୋଗୁ ଏକ ବଡ଼ ଧରଣର ଅଗ୍ନିକାଣ୍ଡ ହେବାରୁ ବର୍ତ୍ତି ଯାଇଥିଲା।

### ପାଇଖାନା ଭିତରୁ ହାତ ଗୋଡ଼ ବନ୍ଧା ଅବସ୍ଥାରେ ଛାତ୍ରୀ ଉଦ୍ଧାର

ମାଲକାନଗିରି,୨୬।୯(ଡି.ଏନ.ଏ)- ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ ସତୀଗୁଡ଼ା ବାଳିକା ସେବାଶ୍ରମ ବିଦ୍ୟାଳୟର ପାଇଖାନା ଭିତରୁ ଜଣେ ଛାତ୍ରୀଙ୍କୁ ହାତଗୋଡ଼ ବନ୍ଧାଯାଇଥିବା ଅବସ୍ଥାରେ ବୁଧବାର ଉଦ୍ଧାର କରାଯାଇଛି। ତାଙ୍କୁ ଚିକିତ୍ସା ଲାଗି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମଙ୍ଗଳବାର ରାତିରେ ଅଷ୍ଟମ ଶ୍ରେଣୀ ଛାତ୍ରୀ ଜଣକ ପାଇଖାନା ଯାଇ ଆସିବା ସମୟରେ କେତେ ଜଣ ତାଙ୍କ ହାତ ଗୋଡ଼ ବାନ୍ଧି ଜୋର ଜବରଦସ୍ତ ପାଇଖାନା ଭିତରେ ଆବଦ୍ଧ କରି ଚାଲି ଯାଇଥିଲେ । ଏହି ସମୟରେ ସେ ପାଟି କରିବାରୁ ଏହା ଶୁଣି ତାଙ୍କ ସହପାଠୀ ମାନେ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଡାକି ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଜିଲା ସଦର ମହକୁମାସ୍ଥିତ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏଭଳି ଘଟଣା ପରେ ବିଦ୍ୟାଳୟରେ ଛାତ୍ରୀଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଆଇନ ମନ୍ତ୍ରୀଙ୍କୁ ଭେଟିବେ ସଚିବାଳୟ ସେବାସଂଘ

ଭୁବନେଶ୍ୱର,୨୬।୯(ବ୍ୟୁରୋ)

ରାଜ୍ୟରେ ସରକାରୀ କାର୍ଯ୍ୟ ଓ ତର୍ଜମା ସଚିବାଳୟ ସେବାସଂଘର କର୍ମଚାରୀମାନେ କରିଥାନ୍ତି। ହେଲେ ଘଟଣାକ୍ରମରେ ସଂଘର କର୍ମଚାରୀମାନେ ଆଇନର ଜାଲରେ ଛନ୍ଦି ହୋଇ ଯାଇଛନ୍ତି। ଯେଉଁଥିପାଇଁ ସେମାନଙ୍କ ପଦୋନ୍ନତି ଓ ଚାକିରିକାଳ ଭବିଷ୍ୟତକୁ ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି। ଏହାର ତୁରନ୍ତ ସମାଧାନ ପାଇଁ ସଂଘ ଗୁରୁବାର ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି।

ପ୍ରକାଶ ଯେ, ସଚିବାଳୟ ସେବା ବର୍ଗରେ ୧୯୮୦ ମସିହାର ନିୟମାବଳୀ ଅନୁଯାୟୀ ଅନୁଶାସନ ସଚିବ ପଦକୁ ପଦୋନ୍ନତି ବ୍ୟବସ୍ଥା ଥିଲା, ଯାହାଫଳରେ ସଚିବାଳୟ ସେବା ବର୍ଗ ଏବଂ ଆଇନ ବିଭାଗର ଅଧିକାରୀଙ୍କର ପଦୋନ୍ନତି ହୋଇପାରୁଥିଲା। ୨୦୦୧ ମସିହାରେ ଗୃହ ବିଭାଗ ଉକ୍ତ ନିୟମରେ ସଂଶୋଧନ ଆଣିଥିଲେ। ନୂତନ ସଂଶୋଧନ ଅନୁଯାୟୀ ସଚିବାଳୟର ବିଭିନ୍ନ ବିଭାଗରେ କାର୍ଯ୍ୟରତ ଆଇନ ଅଧିକାରୀଙ୍କୁ ଅନୁଶାସନ ସଚିବ ପଦକୁ ପଦୋନ୍ନତି ପାଇଁ ସେତେବେଳେ ବିଚାରକୁ ନିଆଯିବ, ଯେତେବେଳେ ମୂଳ କ୍ୟାଡରରେ କାର୍ଯ୍ୟରତ ସେମାନଙ୍କ ସମସାମୟିକ ଅଧିକାରୀଙ୍କୁ ବିଚାରକୁ ନିଆଯିବ। ଏ ପ୍ରକାର ନିୟମ ଦ୍ୱାରା ପଦୋନ୍ନତି ସଙ୍କୁଚିତ ହେବାର ଆଶଙ୍କା ପ୍ରକାଶ ପାଇଥିଲା। ସେ ସମୟରେ ଏହାକୁ ଆଳ କରି ବିଧି ଅଧିକାରୀମାନେ ରାଜ୍ୟ ପ୍ରଶାସନିକ ନ୍ୟାୟାଧିକରଣଙ୍କ ଦ୍ୱାରସ୍ଥ ହୋଇଥିଲେ। ନ୍ୟାୟାଧିକରଣ ଏହାକୁ ବିଚାରକରି ଆଇନ ଅଧିକାରୀମାନଙ୍କୁ ପୂର୍ବ ନିୟମ ଅନୁଯାୟୀ ପରାମର୍ଶ ଦେବାକୁ କହିଥିଲେ। ହେଲେ ଗୃହବିଭାଗ ଏ ରାୟ ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟ ୨୦୦୧ରେ ସଂଶୋଧିତ ଆଇନକୁ ଅସାମ୍ବିଧାନିକ ଦର୍ଶାଇଥିଲେ। ଫଳରେ ୧୯୮୦ ମସିହାର ଉକ୍ତ ପୁରୁଣା ନିୟମ କାର୍ଯ୍ୟକାରୀ ହେବାକୁ ଯାଉଛି, ଯାହାଫଳରେ ୨୦୦୦ରୁ ପିଛିଲା ଭାବେ ଯୋଗ୍ୟ ଆଇନ ଅଧିକାରୀମାନେ ଅନୁଶାସନ ସଚିବ ଓ ତଦୂର୍ଦ୍ଧ୍ୱ ପଦକୁ ପଦୋନ୍ନତି ପାଇବେ। ଏଥିରେ ସଚିବାଳୟ ସେବା ବର୍ଗର କର୍ମଚାରୀମାନେ କ୍ଷତିଗ୍ରସ୍ତ ଆଶଙ୍କା କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବା ପାଇଁ ଯୋଜନା କରୁଛନ୍ତି।

## 'ଅସ୍ତ୍ର' କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ



ବାଲେଶ୍ୱର ଅଫିସ, ୨୬।୯

ବାଲେଶ୍ୱରଚାନ୍ଦିପୁରସ୍ଥିତସମନ୍ୱିତପରୀକ୍ଷଣ କେନ୍ଦ୍ରରୁ ବୁଧବାର ଅପରାହ୍ନ ୨ଟା୨୫ ମିନିଟ ସମୟରେ 'ଅସ୍ତ୍ର' କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରାଯାଇଥିବା ଜଣାପଡିଛି। ଚାନ୍ଦିପୁର ଆକାଶ ମାର୍ଗରୁ ସୁଖୋଇ ଯୁଦ୍ଧ ବିମାନରେ ଏହି କ୍ଷେପଣାସ୍ତ୍ରକୁ ପରୀକ୍ଷା କରାଯାଇଥିଲା। ୩.୮ ମିଟର ଲମ୍ବ,୧୭୮ ମିଲିମିଟର ଚଉଡା ଏବଂ ୧୬୦ କିଲୋ ଓଜନ ବିଶିଷ୍ଟ ଏହି କ୍ଷେପଣାସ୍ତ୍ର ୧୫ କିଲୋଗ୍ରାମ ପାରମ୍ପାରିକ ବିସ୍ଫୋଟକ ସାମଗ୍ରୀ ବହନ କରିବାର କ୍ଷମତା ରଖିଛି। ପ୍ରତିରକ୍ଷା ଗବେଷଣା ବିକାଶ ସଙ୍ଗଠନ ତରଫରୁ ଏହି କ୍ଷେପଣାସ୍ତ୍ରକୁ ବିକଶିତ କରାଯାଇଛି।

## ■ରାଜ୍ୟରେ ପ୍ରଶାସନିକ ଅଚଳାବସ୍ଥା

# ସ୍କୁଲ, କଲେଜ, ମୁଖ୍ୟ ଦପ୍ତର, କୋର୍ଟ କଚେରି ବନ୍ଦ

ଭୁବନେଶ୍ୱର,୨୬।୯ (ବ୍ୟୁରୋ)

ରାଜ୍ୟରେ ଶିକ୍ଷା, ଆଇନ ସେବା, ସରକାରୀ ସେବା ଅଚଳ ହୋଇ ଯାଇଛି। ଶିକ୍ଷକମାନଙ୍କ ଆନ୍ଦୋଳନ ଯୋଗୁ ମାସେରୁ ଊର୍ଦ୍ଧ୍ୱ କାଳ ହେବ ରାଜ୍ୟରେ ବ୍ଲକଗ୍ରାଣ୍ଟ ସ୍କୁଲ ଓ କଲେଜରେ ପାଠପଢା ଠପ ହୋଇଥିବା ବେଳେ ସେକ୍ସନ ଅଫିସର ଓ ଜୁନିୟର ଆସିଷ୍ଟାଣ୍ଟଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ରାଜ୍ୟର ବିଭାଗୀୟ ମୁଖ୍ୟ ଦପ୍ତରରେ ତାଲା ଝୁଲୁଛି। ସେହିପରି ପୋଲିସ -ଆଇନଜୀବୀ ଗଣ୍ଡଗୋଳ ଯୋଗୁ କୋର୍ଟ କଚେରିରେ କୌଣସି କାର୍ଯ୍ୟ ହେଉ ନାହିଁ। ଜାମିନ ପାଇବାକୁ ଥିବା କଏଦୀ ଜେଲରେ କାଳ କାଟୁଛନ୍ତି। ସ୍କୁଲ ଓ କଲେଜରେ ପାଠପଢା ବନ୍ଦ ଯୋଗୁ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକମାନେ ଚିନ୍ତାରେ ଥିବା ବେଳେ ୯ ତାଲା ବିଭାଗୀୟ ମୁଖ୍ୟଦପ୍ତର ସମେତ ରାଜ୍ୟର ଅନ୍ୟ ଜିଲାରେ ଥିବା ମୁଖ୍ୟ ଦପ୍ତରରେ ଅଚଳାବସ୍ଥା ଦେଖା ଦେଇଛି। ସେହିପରି ଅଗ୍ନିଶମ ବିଭାଗର କର୍ମଚାରୀମାନେ ମଧ୍ୟ ନିଜର ଦାବି ପୂରଣ ନେଇ ଆନ୍ଦୋଳନ ଚଳାଇଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରେ ଘରପୋଡି ଭଳି ଘଟଣା ହେଉଥିଲେ ମଧ୍ୟ ଦମକଳ ବାହିନୀ ଯାଉନାହାନ୍ତି। ସରକାରଙ୍କ ନିର୍ଦ୍ଦେଶ ପାଳନ ହେଉ ନ ଥିବା ବେଳେ ଦୂର ଦୂରାନ୍ତରୁ ଆସୁଥିବା ଲୋକମାନେ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ତେବେ ସରକାରଙ୍କର ଆନ୍ତରିକତା ଅଭାବରୁ ରାଜ୍ୟରେ ଏଭଳି ଏକ ଅଚଳାବସ୍ଥା ଲାଗି ରହିଥିବା ନେଇ ଆଲୋଚନା ହେଉଛି। ତୁରନ୍ତ ସରକାର ଏ ଦିଗରେ ପଦକ୍ଷେପ ନେବାକୁ ବିଭିନ୍ନ ମହଲରୁ ଦାବି କରାଯାଉଛି।

ସରକାରଙ୍କ ଏଭଳି ବେପରୁଆ ମନୋଭାବକୁ ବିଭିନ୍ନ ମହଲରେ ନାପସନ୍ଦ କରାଯାଉଛି। ବିରୋଧୀ ଦଳଗୁଡିକ ମଧ୍ୟ ଏହି ପ୍ରସଙ୍ଗରେ ସରକାରଙ୍କୁ କଡା ସମାଲୋଚନା କରୁଛନ୍ତି। ଏହା ସତ୍ତ୍ୱେ ସରକାର ନୀରବଦ୍ରଷ୍ଟା ସାଜିବା ବିସ୍ମୟ ସୃଷ୍ଟି କରିଛି।

ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ସରକାରଙ୍କ ଏଭଳି ଅଭିମୁଖ୍ୟକୁ କଡା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ପାଠପଢା ବନ୍ଦ, ଓକିଲଙ୍କ ଆନ୍ଦୋଳନ ଯୋଗୁ କୋର୍ଟ ବନ୍ଦ, ମୁଖ୍ୟ ଦପ୍ତର ସେକ୍ସନ ଅଫିସରଙ୍କ ଆନ୍ଦୋଳନ ଯୋଗୁ ପ୍ରଶାସନିକ କାର୍ଯ୍ୟ ବନ୍ଦ ହୋଇ ଯାଇଛି। ସରକାରଙ୍କ କାମ ଅଚଳାବସ୍ଥା ଦୂର କରିବା । ମାତ୍ର ଏଠି ତାହା ହେଉ ନାହିଁ। ମୋ ଜୀବନ କାଳରେ ଏଭଳି ଅବସ୍ଥା କେବେ ଦେଖି ନ ଥିଲି ବୋଲି ସେ କହିଛନ୍ତି।

ବ୍ଲକ୍‌ଗ୍ରାଣ୍ଟ ଶିକ୍ଷକ ସଂଗଠନ ନେତା ଗୋଲକ ନାୟକ କହିଛନ୍ତି ଯେ ରାଜ୍ୟ ସରକାର ନିଜ ଜିଦ୍‌ରେ ଅଟଳ ରହିଥିବାରୁ ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ବାଧାପ୍ରାପ୍ତ ହେଉଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ସତ୍ତ୍ୱେ କେତେକ ଅଧିକାରୀଙ୍କ ମନମୁଖି କାର୍ଯ୍ୟ ଯୋଗୁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରିବାକୁ ସେ ଦାବି କରିଛନ୍ତି।




ବିଶ୍ୱପର୍ଯ୍ୟଟନ ଦିବସକୁ ସ୍ୱାଗତ ଜଣାଇବା ଉଦ୍ଦେଶ୍ୟରେ ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକାକଳା ।

## ବିଷପାନ କରି ଦମ୍ପତିଙ୍କ ଆତ୍ମହତ୍ୟା

ବିଞ୍ଝାରପୁର,୨୬।୯(ଡି.ଏନ୍.ଏ.)

### ଅସହ୍ୟ ହେଲା ପୁତ୍ର ଶୋକ

ଏକମାତ୍ର ପୁତ୍ରର ମୃତ୍ୟୁ ଅସହ୍ୟ ହେଲା। ପୁତ୍ର ମୃତ୍ୟୁ ଦୁଃଖ ସହି ନ ପାରି ଏକ ଦମ୍ପତି ଶେଷରେ ବିଷପାନ କରି ଆତ୍ମହତ୍ୟା କରିଛନ୍ତି। ଏଭଳି ଏକ ହୃଦୟବିଦାରକ ଘଟଣା ଘଟିଛି ଯାଜପୁର ଜିଲା ବିଞ୍ଝାରପୁର ଥାନା ଉତ୍ତରଙ୍ଗ ଗ୍ରାମରେ। ମିଳିଥିବା ସୂଚନା ଅନୁସାରେ ପ୍ରଦୀପ ଜେନା ଓ ପ୍ରଭାତି ଜେନାଙ୍କ ଏକମାତ୍ର ପୁତ୍ର ଓମ୍ (୭) ପିଲାଟି ଦିନରୁ ଥାଲାସେମିଆ ବା ରକ୍ତଶିକୁଳୀ ରୋଗରେ ପୀଡିତ ଥିଲା। ପ୍ରତ୍ୟେକ ମାସ ଓମ୍‌କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରୁ ନିୟମିତ ଭାବେ ରକ୍ତ ଦିଆ ଯାଉଥିଲା। ହେଲେ ସୋମବାର ଓମ୍‌ଙ୍କ ମୃତ୍ୟୁ ଘଟିଥିଲା। ପୁତ୍ର ଶୋକରେ ପ୍ରଦୀପ ଓ ପ୍ରଭାତି ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ। ଜୀବନ ରଖି କିଛି ଲାଭ ନାହିଁ ଚିନ୍ତା କରି ଉଭୟେ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଥିଲେ। ଶେଷରେ ବୁଧବାର ସନ୍ଧ୍ୟାରେ ପ୍ରଦୀପ(୩୦) ଓ ତାଙ୍କ ସ୍ତ୍ରୀ ପ୍ରଭାତୀ(୨୮) କୀଟନାଶକ ଔଷଧ ଖାଇ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ। ବିଷଜ୍ୱାଳାରେ ଦମ୍ପତି ଛଟପଟ ହେଉଥିବା ଜଣାପଡ଼ିବା ପରେ ଉଭୟଙ୍କୁ ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସ ସହାୟତାରେ ଚିକିତ୍ସା ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ଉଭୟଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଦମ୍ପତିଙ୍କ ଏଭଳି ମୃତ୍ୟୁ ସମଗ୍ର ବିଞ୍ଝାରପୁର ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

## ୨୦୩୦ ସୁଦ୍ଧା ତୃତୀୟ ବୃହତ୍ ଅର୍ଥନୀତି ହେବ ଭାରତ

ନୂଆଦିଲ୍ଲୀ,୨୬।୯:

ଗତବର୍ଷ ଫ୍ରାନ୍ସକୁ ପଛରେ ପକାଇ ଭାରତ ବିଶ୍ୱର ୬ଷ୍ଠ ଅର୍ଥନୀତି ଭାବେ ନିଜକୁ ପ୍ରତିଷ୍ଠା କରିଥିଲା। ୨୦୩୦ ସୁଦ୍ଧା ଦୁଇଟି ଦେଶ ଜର୍ମାନୀ ଓ ଜାପାନକୁ ପଛରେ ପକାଇ ଭାରତ ତୃତୀୟ ବୃହତ୍ ଅର୍ଥନୀତିର ଦେଶ ହୋଇଯିବ। ଏଚ୍‌ଏସ୍‌ବିସି ହୋଲ୍ଡିଙ୍ଗ୍ସ ପିଏଲ୍‌ସି ପକ୍ଷରୁ ପ୍ରସ୍ତୁତ ରିପୋର୍ଟରେ କୁହାଯାଇଛି ଯେ, ଜିଡିପିରେ ଭାରତ ବର୍ତ୍ତମାନର ସ୍ଥିତିରୁ ୩ ପାଦ ଉପରକୁ ଉଠିଆସିବ। ଦୀର୍ଘକାଳୀନ ର୍‍ୟାଙ୍କିଙ୍ଗରେ ବିଶାଳକାୟ ଅର୍ଥନୀତିର ଦେଶ ଭାରତ ଦ୍ରୁତଗତିରେ ଉପରକୁ ଉଠିବ। ଏହା ତ୍ୱରିତ ବିକାଶ ଏବଂ କର୍ମକ୍ଷମ ଜନସଂଖ୍ୟାରେ ଜର୍ମାନୀ ଓ ଜାପାନକୁ ପଛରେ ପକାଇ ଦେବ।

# ରାତିଅଧିଆ ହଷ୍ଟେଲ ଛାଡ଼ିଲେ ୬୦ ଛାତ୍ରୀ

## ■ଜିଲାପାଳଙ୍କୁ ଭେଟିବା ପାଇଁ ଚାଲିଲେ ୨୫ କି.ମି.

ପାରଳାଖେମୁଣ୍ଡି,୨୬।୯(ସ୍ୱ.ପ୍ର.)

**ଜିରାଙ୍ଗ ଉନ୍ନୀତ ଉଚ୍ଚ ବିଦ୍ୟାଳୟ**
- ସମସ୍ୟାରେ ଅତିଷ୍ଠ ହୋଇ ଛାଡ଼ିଥିଲେ ହଷ୍ଟେଲ
- ଅଧା ବାଟରୁ ଫେରାଇନେଲା ପ୍ରଶାସନ
- ସମସ୍ୟା ଦୂର ପାଇଁ ମିଳିଲା ପ୍ରତିଶ୍ରୁତି

ଗଜପତି ଜିଲାର ବିଭିନ୍ନ ସେବାଶ୍ରମ ଏବଂ ସରକାରୀ ବିଦ୍ୟାଳୟ ସମେତ ହଷ୍ଟେଲରେ ନାନା ଅବ୍ୟବସ୍ଥା ଯୋଗୁ ଅନେକ ସମୟରେ ଛାତ୍ରୀଛାତ୍ର ସ୍କୁଲ ଓ ହଷ୍ଟେଲ ଛାଡୁଛନ୍ତି। ପୂର୍ବରୁ ମୋହନା ବ୍ଲକର ଅନ୍ତରବା ଓ ଲୁହାଗୁଡି ସ୍କୁଲର ଛାତ୍ରୀ ହଷ୍ଟେଲ୍ ଛାଡ଼ି ଚାଲିଚାଲି ପ୍ରଶାସନକୁ ସମସ୍ୟା ଜଣାଇବା ପାଇଁ ଆସିବାର ନଜିର ରହିଛି। ମଙ୍ଗଳବାର ରାତିରେ ପୁଣି ଏହି ବ୍ଲକ ଅଧୀନ ଜିରାଙ୍ଗ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ହଷ୍ଟେଲରେ ନାନା ସମସ୍ୟା ନେଇ ୬୦ଜଣ ଛାତ୍ରୀ ହଷ୍ଟେଲ ଛାଡି ଚାଲିଆସିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଜିଲାପାଳଙ୍କୁ ଅଭିଯୋଗ ଜଣାଇବା ପାଇଁ ସେମାନେ ଚାଲିଚାଲି ୨୫କିମି ଆସିଥିବା ବେଳେ ସ୍କୁଲ କର୍ତ୍ତୃପକ୍ଷ ଓ ପ୍ରଶାସନିକ ଅଧିକାରୀ ସେମାନଙ୍କୁ ବୁଝାଇଶୁଝାଇ ଫେରାଇ ନେଇଛନ୍ତି। ତେବେ ଏହା ଶିକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ହଷ୍ଟେଲ ଅନ୍ତେବାସୀଙ୍କ କହିବା ଅନୁଯାୟୀ, ଏହି ବିଦ୍ୟାଳୟରେ ୩୪୩ ଛାତ୍ରୀଛାତ୍ର ପଢୁଥିବାବେଳେ ଷଷ୍ଠରୁ ଦଶମଶ୍ରେଣୀ ପର୍ଯ୍ୟନ୍ତ ୧୬୦ ଛାତ୍ରୀ ହଷ୍ଟେଲରେ ରହୁଛନ୍ତି। ଏଠାରେ ବହୁବିଧ ସମସ୍ୟା ଲାଗିରହିଛି। ମାଟ୍ରିକ ପରୀକ୍ଷା ପାଖେଇ ଆସୁଥିବାବେଳେ ଶିକ୍ଷକ ଅଭାବ ଯୋଗୁ ପାଠପଢା ବ୍ୟାହତ ହେଉଛି। ହଷ୍ଟେଲରେ ବିଦ୍ୟୁତ ଚାଲିଗଲେ ବିକଳ୍ପ ସୁବିଧା ନାହିଁ। ତେଣୁ ହଇରାଣ ହେବାକୁ ପଡୁଛି। ପାଚେରି କାମ ସରିନଥିବାରୁ ଅନ୍ତେବାସୀମାନେ ଅସୁରକ୍ଷିତ ମଣୁଛନ୍ତି। ବର୍ଷା ହେଲେ ଛାତରୁ ପାଣି ଗଳୁଛି। ଡ୍ରେନେଜ୍ ବ୍ୟବସ୍ଥା ନାହିଁ। ପ୍ରଧାନ ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ ପରିଚାଳନା କମିଟିକୁ ଏସବୁ ଜଣାଇ ନିରାଶ ହେବା ପରେ ଜିଲାପାଳଙ୍କୁ ଭେଟିବା ପାଇଁ ଅନ୍ତେବାସୀମାନେ ନିଷ୍ପତ୍ତି ନେଇଥିଲେ। ମଙ୍ଗଳବାର ରାତିରେ ସେମାନେ ଜିଲା ସଦର ମହକୁମା ପାରଳାଖେମୁଣ୍ଡି ଅଭିମୁଖେ ବାହାରିଥିଲେ। ଆର୍.ଉଦୟଗିରି ବ୍ଲକର ରଣ୍ଡିବା ଗ୍ରାମ ପର୍ଯ୍ୟନ୍ତ ପ୍ରାୟ ୨୫କି.ମି. ଆସିଥିବାବେଳେ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ବୁଝାଶୁଝା କରି ଫେରାଇ ନେଇଥିଲେ। ଏ ସଂକ୍ରାନ୍ତରେ ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ସିଂ କହିଛନ୍ତି, ଗତ ସୋମବାର ଛାତ୍ରୀମାନେ ସମସ୍ୟାର ସମାଧାନ ପାଇଁ ତାଙ୍କୁ ଜଣାଇଥିଲେ ଏବଂ ସେ ଉଚ୍ଚ ପଦାଧିକାରୀଙ୍କୁ ତାହା ଜଣାଇଛନ୍ତି। ଏହାସତ୍ତ୍ୱେ ମଙ୍ଗଳବାର ରାତି ୧.୩୦ ମିନିଟରେ ଛାତ୍ରୀମାନେ ହଷ୍ଟେଲ ଛାଡ଼ିବା ଶୁଣିବା ପରେ ସେ ତୁରନ୍ତ ଗୋଷ୍ଠୀ ମଙ୍ଗଳ ଅଧିକାରୀ ଏବଂ ଜିଲା ମଙ୍ଗଳ ଅଧିକାରୀଙ୍କୁ ଅବଗତ କରାଇଥିଲେ। ଖବର ପାଇ ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଛାତ୍ରୀମାନଙ୍କ ସହିତ ଆଲୋଚନା କରିଥିଲେ। ସ୍ଥାନୀୟ ସରପଞ୍ଚ, ସ୍କୁଲ ପରିଚାଳନା କମିଟି ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି ସ୍ୱାଇଁ କହିଥିଲେ। ଅନ୍ୟପକ୍ଷେ ଘଟଣା ନେଇ ଗ୍ରାମବାସୀ ପ୍ରଶାସନକୁ ଦୋଷ ଦେଇଛନ୍ତି। ତୁରନ୍ତ ସମସ୍ୟା ଦୂର ନହେଲେ ରାସ୍ତାକୁ ଓହ୍ଲାଇବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।





ପୃଥିବୀର ଭିନ୍ନ ଭିନ୍ନ ସ୍ଥାନରେ ଲୋକେ ଈଶ୍ୱରଙ୍କୁ କେହି କୃଷ୍ଣ, କେହି ଖ୍ରୀଷ୍ଟ, କେହି ଆଲ୍ଲା ପ୍ରଭୃତି ନାମରେ ଡାକିଥାଆନ୍ତି। କିନ୍ତୁ ଈଶ୍ୱର ଏକ।

- ରାମକୃଷ୍ଣ ପରମହଂସ

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ମର୍ନିଂ ଟୁରିଜମ୍ ୱାକ୍, କଳିଙ୍ଗ ଷ୍ଟାଡିୟମ୍‌ଠାରୁ ଉତ୍କଳ ମଣ୍ଡପ, ସକାଳ ୭ଟା। ଫୁଡ୍ ଫେଷ୍ଟିଭାଲ୍ ଉଦ୍‌ଘାଟନ, ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଅପରାହ୍ଣ ୪ଟା। ପର୍ଯ୍ୟଟନ ବିଭାଗ ସାଂସ୍କୃତିକ ପରିଷଦ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ଜାତୀୟ ଓପନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ତୃତୀୟ ଦିବସ, କଳିଙ୍ଗ ଷ୍ଟାଡିୟମ୍, ସକାଳ ୭ଟାରୁ ଆରମ୍ଭ।
- ୧୦ମ କଟନଫାବ୍-୨୦୧୮, ଗେଟ୍ ନଂ. ୩, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ଣ ୧୦ଟା ୩୦ରୁ ରାତି ୯ଟା।
- ସେଭ୍ ଦି ଚିଲ୍‌ଡ୍ରେନ୍ ପକ୍ଷରୁ ଶିଶୁ ଅଧିକାର ଉପରେ ଦିନିକିଆ କର୍ମଶାଳା, ହୋଟେଲ ଦି ପ୍ରେସିଡେନ୍ସି, ନୟାପଲ୍ଲୀ, ପୂର୍ବାହ୍ଣ ୧୦ଟା ୩୦।
- ନ୍ୟାଶନାଲ୍ ସିଲ୍କ ଏକ୍ସପୋ, ହୋଟେଲ ନ୍ୟୁ ମାରିୟନ, ପୂର୍ବାହ୍ଣ ୧୦ଟା ୩୦ରୁ ରାତି ୮ଟା ୩୦।
- ସିଲ୍କ ଫାବ୍ ପ୍ରଦର୍ଶନୀ, ହୋଟେଲ କଳିଙ୍ଗ ଅଶୋକ, ଗୌତମ ନଗର, ପୂର୍ବାହ୍ଣ ୧୧ଟାରୁ ରାତି ୮ଟା।
- ମିଡିଆ ରିସର୍ଚ୍ଚ ଆଣ୍ଡ ଡେଭେଲପ୍‌ମେଣ୍ଟ ଷ୍ଟଡିଜ୍ ପକ୍ଷରୁ 'ବିକାଶ କ୍ଷେତ୍ରରେ ସିଭିଲ୍ ସୋସାଇଟି ଏବଂ ଗଣମାଧ୍ୟମର ଭୂମିକା' ଶୀର୍ଷକ ଆଲୋଚନାଚକ୍ର, ଓଏସ୍‌ଏସ୍‌ଏ ଭବନ, ଭାରତୀୟ ବିଦ୍ୟାଭବନ ନିକଟ, ପୂର୍ବାହ୍ଣ ୧୧ଟା।
- 'ଭାରତୀୟ ସଭ୍ୟତାକୁ ଆଦିବାସୀ ସଂସ୍କୃତି ଓ ଏହାର ଅବଦାନ' ଶୀର୍ଷକ ବକ୍ତୃତାମାଳା କାର୍ଯ୍ୟକ୍ରମ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ମଦନପୁର କ୍ୟାମ୍ପସ୍, ପୂର୍ବାହ୍ଣ ୧୧ଟା।
- ନାରୀ ଉତ୍କଳ ଭାରତର ରାଜ୍ୟ ସମ୍ମିଳନୀ, ଲୋହିଆ ଏକାଡେମୀ, ପୂର୍ବାହ୍ଣ ୧୧ଟା।
- ପଞ୍ଚ୍ ଷ୍ଟ୍ରାଇକ୍ସରେ ଓଡ଼ିଶାର ସତ୍ୟପୀର ପ୍ରଧାନଙ୍କ ଗିନିଜ୍ ୱାର୍ଲ୍ଡ ରେକର୍ଡ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ, ସୂଚନା ଭବନ, ପୂର୍ବାହ୍ଣ ୧୧ଟା ୩୦।
- ବାପୁଜୀଙ୍କ ୧୫୦ତମ ଜୟନ୍ତୀ ସମାରୋହ ଓ ପ୍ରଦର୍ଶନୀ, ଓଡ଼ିଶା ରାଜ୍ୟ ଅଭିଲେଖାଗାର, ସନ୍ଧ୍ୟା ୬ଟା।
- ଉପାସନା ପକ୍ଷରୁ ୬ଷ୍ଠ ଲତା ମଙ୍ଗେସ୍‌କର ନାଇଟ୍, ସୂଚନା ଭବନ, ସନ୍ଧ୍ୟା ୬ଟା ୧୫।
- ମନୋମାନିନୀର ୨୬ତମ ସମ୍ମାନ ଓ ସମ୍ବର୍ଦ୍ଧନା ଉତ୍ସବ 'ବର୍ଣ୍ଣାଳି-୨୦୧୮'ର ଉଦ୍‌ଯାପନୀ ସନ୍ଧ୍ୟା, ଭଞ୍ଜ କଳାମଣ୍ଡପ, ସନ୍ଧ୍ୟା ୬ଟା ୩୦।

**କଟକ**

- ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ ଅବସରରେ ସଚେତନତା ଶୋଭାଯାତ୍ରା, ବାରବାଟୀ ଦୁର୍ଗ, ସକାଳ ୭ଟା ୩୦।
- ୬୬ତମ ରାଜ୍ୟ ପୋଲିସ ବୃତ୍ତିଗତ ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବ, ରିଜର୍ଭ ପୋଲିସ ପଡ଼ିଆ, ବକ୍ସିବଜାର, ସକାଳ ୯ଟା।
- ପୋତାପୋଖରୀ ପଇସା ପୂଜା କମିଟି ପକ୍ଷରୁ ମା' ଦୁର୍ଗାଙ୍କ ନୂତନ ପୂଜା ମଣ୍ଡପ ଓ ବିଗ୍ରହ ପ୍ରତିଷ୍ଠା ମହୋତ୍ସବରେ ପୁରୀ ପୀଠାଧୀଶ୍ୱର ଜଗତଗୁରୁ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ଯୋଗଦାନ, ପୋତାପୋଖରୀ, ଅପରାହ୍ଣ ୫ଟା।
- ଶ୍ରୀଶ୍ରୀ ୟୁନିଭର୍ସିଟି ପକ୍ଷରୁ ମହାସତ୍‌ସଙ୍ଗ, ୟୁନିଭର୍ସିଟି ପରିସର, ସନ୍ଧ୍ୟା ୬ଟା।

**ପୁରୀ**

- ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ବେଳାଭୂମି ସଫେଇ ଅଭିଯାନ, ବେଳାଭୂମି, ସକାଳ ୭ଟା।

**କଟକ ସଦର**

- ପ୍ରହରାଜ ପ୍ରତିଭା ପୂଜା ପରିଷଦ ପକ୍ଷରୁ ସ୍ୱର୍ଗତ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ଜୟନ୍ତୀ ଓ କବିତା ପାଠୋତ୍ସବ, କନ୍ଦରପୁର, ଅପରାହ୍ଣ ୩ଟା।

# ସୋସିଆଲ ମିଡିଆରେ ଅଭିନେତ୍ରୀଙ୍କୁ ଧମକ

## କମିଶନରଙ୍କ ଦ୍ୱାରସ୍ଥ ହେଲେ ଅଭିନେତ୍ରୀ

**ଭୁବନେଶ୍ୱର, ୨୬।୯(ବ୍ୟୁରୋ):** ସୋସିଆଲ ମିଡିଆରେ ଜଣେ ଅଭିନେତ୍ରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରାଯିବା ସହିତ ତାଙ୍କ ମୁହଁରେ ଏସିଡ୍ ପକାଇ ଦେବାକୁ ଧମକ ଦିଆଯାଉଛି। ଏପରି କି ତାଙ୍କ ଫଟୋକୁ ଅଶ୍ଳୀଳ କରି ଭାଇରାଲ କରିବାକୁ ଧମକ ଦେଉଛନ୍ତି। ଜଣେ ଅପରିଚିତ ଯୁବକ ବାରମ୍ବାର ହ୍ୱାଟ୍‌ସଆପ ଏବଂ ଫେସ୍‌ବୁକ୍‌ରେ ତାଙ୍କୁ ଏଭଳି ଧମକ ଦେଉଛନ୍ତି। ଏକ ପ୍ରମୁଖ ଟିଭି ଚ୍ୟାନେଲରେ ପ୍ରସାରିତ ଧାରାବାହିକରେ ଅଭିନୟ କରୁଥିବା ସମ୍ପୃକ୍ତ ଅଭିନେତ୍ରୀ ଏ ନେଇ ବୁଧବାର ପୋଲିସ କମିଶନର ସତ୍ୟଜିତ ମହାନ୍ତିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏଥିସହ ଅଭିଯୁକ୍ତଙ୍କୁ ଗିରଫ କରି ଉଚିତ ଶାସ୍ତି ଦେବାକୁ ସେ ସୋସିଆଲ ମିଡିଆରେ ଦାବି କରିଛନ୍ତି। ୧୫ ଦିନ ହେବ ଅଭିଯୁକ୍ତ ଜଣକ ତାଙ୍କୁ ଏପରି ଭାବେ ନିୟମିତ ଅଲଗା ଅଲଗା ନମ୍ବରରୁ ମାନସିକ ଯନ୍ତ୍ରଣା ଦେଉଛନ୍ତି ବୋଲି ସେ ଗଣମାଧ୍ୟମକୁ ଜଣାଇଛନ୍ତି। ପୋଲିସ ଘଟଣାର ଖୋଳତାଡ଼ ଆରମ୍ଭ କରିଛି।



କଟକ ଅଫିସ/ପୁରୀ ଅଫିସ/ଭୁବନେଶ୍ୱର(ବ୍ୟୁରୋ)/ଖୋର୍ଦ୍ଧା ଅଫିସ,୨୬।୯- ଆଧାର କାର୍ଡର ସାମ୍ବିଧାନିକ ବୈଧତାକୁ ନେଇ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ବୁଧବାର ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ୫ ଜଣିଆ ଖଣ୍ଡପୀଠ ବ୍ୟକ୍ତିଗତ ଗୋପନୀୟତାକୁ ଗୁରୁତ୍ୱ ଦେବାକୁ ଯାଇ ଆଧାର ନିୟମକୁ କେତେକାଂଶରେ କାଟଛାଣ୍ଟ କରିଛନ୍ତି। ବ୍ୟାଙ୍କ ଆକାଉଣ୍ଟ, ମୋବାଇଲ ଫୋନ ନମ୍ବର, ସ୍କୁଲ ନାମଲେଖା ସହିତ ଘରୋଇ କମ୍ପାନୀଗୁଡ଼ିକରେ ଆଧାର ବାଧ୍ୟତାମୂଳକ ନୁହେଁ। ଏଥିସହିତ ଆଧାର ତଥ୍ୟକୁ ସୁରକ୍ଷିତ ରଖିବା ପାଇଁ ସ୍ୱତନ୍ତ୍ର ଆଇନ ଆଣିବାକୁ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏହି ଗୁରୁତ୍ୱପୂର୍ଣ୍ଣ ରାୟକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି। ଏ ସଂକ୍ରାନ୍ତରେ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କ ମତାମତକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା।



# ସୁପ୍ରିମକୋର୍ଟଙ୍କ ରାୟକୁ ନେଇ ଭିନ୍ନ ମତ

### କେନ୍ଦ୍ର ସରକାରଙ୍କ ହୀନଚକ୍ରାନ୍ତ ଧୂଳିସାତ୍



ଆଧାର କାର୍ଡକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟ ଯେଉଁ ଫଇସଲା ଶୁଣାଇଛନ୍ତି ତାହା ବେଶ୍ ସ୍ୱାଗତଯୋଗ୍ୟ। ସରକାର ସାଧାରଣ ଜନତାଙ୍କ ବ୍ୟକ୍ତିଗତ ଗୋପନୀୟତା ନଷ୍ଟ କରିବାକୁ ଯେଉଁ ହୀନ ଚକ୍ରାନ୍ତ ଚଳାଇଥିଲେ ତାହା ଏହି ରାୟ ଦ୍ୱାରା ଧୂଳିସାତ ହୋଇଛି। କେନ୍ଦ୍ର ସରକାର ନିଜର ଫାଇଦା ପାଇଁ କେତେକ କର୍ପୋରେଟ ହାଉସ ନିକଟରେ ମୁଣ୍ଡ ବିକ୍ରି କରିଦେଇଛନ୍ତି। ସେମାନଙ୍କୁ ଖୁସି କରିବାକୁ ଯାଇ ସମସ୍ତ ସୀମା ପାର କରି ଯାଇଛନ୍ତି। ତେଣୁ ଜନତାଙ୍କ ମୁଣ୍ଡବ୍ୟଥାକୁ ଅନୁଭବ କରି ସୁପ୍ରିମକୋର୍ଟ ଯେଉଁ ରାୟ ଦେଇଛନ୍ତି ତାହା ସମାଜ ଓ ସାଧାରଣ ଲୋକଙ୍କ ପାଇଁ ଅତ୍ୟନ୍ତ ମଙ୍ଗଳଦାୟକ।

**- ସମସିଦା ତୟବ, ସଦସ୍ୟା, ଏଆଇସିସି, କଟକ**

### ଜଷ୍ଟିସ ଚନ୍ଦ୍ରଚୂଡ଼ଙ୍କ ମନ୍ତବ୍ୟ ମୂଲ୍ୟବାନ



ଆଧାର ଉପରେ ସୁପ୍ରିମକୋର୍ଟ ଯେଉଁ ରାୟ ଦେଇଛନ୍ତି ତାହା ନିଶ୍ଚିତ ଭାବେ ଐତିହାସିକ। ତେବେ ୫ ଜଣିଆ ଖଣ୍ଡପୀଠର ୪ ଜଣ ବିଚାରପତି ଆଧାରର ସାମ୍ବିଧାନିକ ବୈଧତାକୁ ନେଇ ଏକମତ ହୋଇଥିବାବେଳେ ବିଚାରପତି ଜଷ୍ଟିସ ୱାଇ.ବି. ଚନ୍ଦ୍ରଚୂଡ଼ ଆଧାରକୁ ମନି ବିଲ୍ ଭାବେ ପାସ୍ କରିବାକୁ ଅସାମ୍ବିଧାନିକ ଭାବେ ଅଭିହିତ କରିଛନ୍ତି । ଚନ୍ଦ୍ରଚୂଡ଼ଙ୍କ ଏହି ମନ୍ତବ୍ୟକୁ ମୁଁ ମୂଲ୍ୟବାନ ଭାବେ ଗ୍ରହଣ କରୁଛି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପବ୍ଲିକ ସ୍କିମ୍‌ଗୁଡ଼ିକରେ ଆଧାରକୁ ବାଧ୍ୟତାମୂଳକ କରାଯିବାର ଆବଶ୍ୟକତା ଥିଲା। ତାହା ଏବେ ସମ୍ପାଦନ କରାଯିବ।

**- ଆଡ୍‌ଭୋକେଟ ଜୟଦୀପ ପାଲ୍, ଓଡ଼ିଶା ହାଇକୋର୍ଟ**

### ସାଧାରଣ ମଣିଷ ପ୍ରଭାବିତ ହେବେ



ସୁପ୍ରିମକୋର୍ଟ ଆଧାର କାର୍ଡ ଉପରେ ଯେଉଁ ରାୟ ଦେଇଛନ୍ତି ତାହା ସର୍ବସମ୍ମତ ନୁହେଁ। ବିଭିନ୍ନ ଯୋଜନାରେ ଲାଭବାନ ହେଉଥିବା ସାଧାରଣ ଜନତା ଏହା ଦ୍ୱାରା ପ୍ରଭାବିତ ହେବାର ଆଶଙ୍କା ଉପୁଜିଛି। କିନ୍ତୁ ବ୍ୟାଙ୍କ, ଟେଲିକମ୍, ଏୟାରଲାଇନ ଏବଂ ସ୍କୁଲ ଭଳି ଅନୁଷ୍ଠାନଗୁଡ଼ିକରେ ଆଧାରକୁ ବାଧ୍ୟତାମୂଳକ ନ କରିବାକୁ ମୁଁ ସ୍ୱାଗତ କରୁଛି। ସେହିଭଳି ଏହି ରାୟ ପ୍ରକାଶ ପାଇବା ବେଳେ ବିଚାରପତି ଜଷ୍ଟିସ ଚନ୍ଦ୍ରଚୂଡ଼ଙ୍କ ମନ୍ତବ୍ୟକୁ ମୁଁ ସ୍ୱାଗତ କରୁଛି। ସୁପ୍ରିମକୋର୍ଟଙ୍କ ଏହି ରାୟ ପରେ ଆଧାରର ଅପବ୍ୟବହାର ହେବନାହିଁ। ଏଣିକି ଲୋକଙ୍କ ବ୍ୟକ୍ତିଗତ ତଥ୍ୟ ପ୍ରଘଟ ନ କରିବା ପାଇଁ ସରକାର କଡ଼ା ପଦକ୍ଷେପ ଗ୍ରହଣ କରିବାକୁ ବାଧ ହେବେ।

**- ରାମକୃଷ୍ଣ ପଣ୍ଡା, ଜାତୀୟ ପରିଷଦ ସଭ୍ୟ, ସିପିଆଇ**

### ଜନମଙ୍ଗଳରେ ଆଧାର ବ୍ୟବହାର ହେଉ



ଜନମଙ୍ଗଳକାରୀ ଯୋଜନାରେ ଆଧାର ବ୍ୟବହାର କରାଗଲେ ମୋର ଆପତ୍ତି ନାହିଁ କିନ୍ତୁ ଆଧାର ମାଧ୍ୟମରେ ଜଣେ ବ୍ୟକ୍ତିର ଗୋପନୀୟ ତଥ୍ୟ ଉପରେ ନଜର ରଖିବା ଓ ବ୍ୟବସାୟ ପାଇଁ ଆଧାର ତଥ୍ୟକୁ ବ୍ୟବହାର କରିବା ନିଶ୍ଚିତ ଭାବେ ନିନ୍ଦନୀୟ।

**- ଶୈଳେନ୍ଦ୍ର ରାଜ, ସାମାଜିକ କର୍ମୀ, କଳାହାଣ୍ଡି**

### ମୂଳ ଉଦ୍ଦେଶ୍ୟ ସାଧିତ ହୋଇଛି



ଜଣେ ଲୋକଙ୍କ ବ୍ୟକ୍ତିଗତ ଗୋପନୀୟତାକୁ ନେଇ ଆଧାର ବିତର୍କର ବଳୟକୁ ଆସିଥିଲା। ଏହାକୁ ନେଇ ଯେଉଁ ତର୍ଜମା ଚାଲିଥିଲା ତାହାକୁ ସୁପ୍ରିମକୋର୍ଟ ତାଙ୍କ ରାୟ ମାଧ୍ୟମରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ଏହି ରାୟ ବ୍ୟକ୍ତିଗତ ଗୋପନୀୟତା ରକ୍ଷା କରିବାରେ ସହାୟକ ହୋଇପାରିବ। ଆଧାରକୁ ନେଇ ଯେଉଁ ଦୂରଦୃଷ୍ଟି ରଖାଯାଇଛି ତାହା ମଧ୍ୟ ଏହି ରାୟ ଦ୍ୱାରା ସଫଳ ହୋଇପାରିବ।

**- ସବ୍ୟସାଚୀ ମିଶ୍ର, ସାମାଜିକ କର୍ମୀ, ଭୁବନେଶ୍ୱର**

### ବ୍ୟକ୍ତିଗତ ଅଧିକାର କାଏମ ରହିଛି



କେନ୍ଦ୍ର ସରକାର ଲୋକମାନଙ୍କୁ ମୌଳିକ ଅଧିକାରରୁ ବଞ୍ଚିତ କରିବା ନେଇ ଚଳାଇଥିବା ଉଦ୍ୟମରେ ବିଫଳ ହୋଇଛନ୍ତି। ବ୍ୟକ୍ତିଗତ ଅଧିକାର କାଏମ ରହିଛି। ସୁପ୍ରିମକୋର୍ଟଙ୍କ ଏହି ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ମୋଦି ସରକାର ଆଧାର ଜରିଆରେ ଯେଉଁ ଏକ ଛତ୍ରବାଦ ଚଳାଇ ଲୋକଙ୍କୁ ଭୟଭୀତ କରିବାକୁ ଚେଷ୍ଟା କରିଥିଲେ ସେଥିରେ ସୁପ୍ରିମକୋର୍ଟ ରୋକ ଲାଗାଇଛନ୍ତି।

**- ନରସିଂହ ମିଶ୍ର, ବିରୋଧୀ ଦଳ ନେତା**

### ରାୟକୁ ଭାଜପା ସ୍ୱାଗତ କରୁଛି



ଆଧାର କାର୍ଡକୁ ନେଇ ବିବାଦ ଦେଖା ଦେଇଥିଲା। ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଆଧାରକୁ ବାଧ୍ୟତାମୂଳକ କରିଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ଏହି ନିଷ୍ପତ୍ତିକୁ ଭାଜପା ସ୍ୱାଗତ କରୁଛି। ଏହି ରାୟ ଦ୍ୱାରା ସରକାରୀ ଅର୍ଥ ବାଟମାରଣା ରୋକାଯିବା ସହ ଦୁର୍ନୀତି ମଧ୍ୟ ହ୍ରାସ ପାଇବ।

**- ପ୍ରଦୀପ ପୁରୋହିତ, ଭାଜପା ବିଧାୟକ**

### କେନ୍ଦ୍ର ସରକାର ଲୋକଙ୍କ ଉପରେ ଚାପ ସୃଷ୍ଟି କରିବାକୁ ଉଦ୍ୟମ କରୁଥିଲେ



ଆଧାର ସମ୍ପର୍କରେ ବୁଧବାର ସୁପ୍ରିମକୋର୍ଟ ଦେଇଥିବା ରାୟ ସ୍ୱାଗତଯୋଗ୍ୟ। ଆଧାର ସବୁ କ୍ଷେତ୍ରରେ ବାଧ୍ୟତାମୂଳକ ନୁହେଁ, ଏକଥା କେନ୍ଦ୍ର ସରକାରଙ୍କୁ ସର୍ବୋଚ୍ଚ ଅଦାଲତ ଚେତେଇ ଦେଇଛନ୍ତି। ଏଥିସହିତ ଆଧାର ଜରିଆରେ ବ୍ୟକ୍ତିଗତ ତଥ୍ୟ ଯେପରି ଚୋରି ନ ହେବ ସେ ନେଇ ମଧ୍ୟ କଡା ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ସରକାର ଅଧାର ଜରିଆରେ ଜନସାଧାରଣଙ୍କ ଉପରେ ଯେଉଁ ଚାପ ସୃଷ୍ଟି କରିବାକୁ ଉଦ୍ୟମ କରିଥିଲେ ସେଥିରେ ସୁପ୍ରିମକୋର୍ଟ ରୋକ ଲାଗାଇଛନ୍ତି।

**- ସମୀର ରଞ୍ଜନ ଦାଶ, ବିଜେଡି ମୁଖପାତ୍ର**

### କେନ୍ଦ୍ର ସରକାରଙ୍କ ଦମନମୂଳକ ନୀତିକୁ ଝଟ୍‌କା ଲାଗିଛି



ଆଧାର ଜରିଆରେ କେନ୍ଦ୍ର ସରକାର ବିରୋଧୀ ଦଳଗୁଡ଼ିକ ଉପରେ ଦାଉ ସାଧୁଥିଲେ। ତାହାର ପର୍ଦ୍ଦାଫାଶ ହୋଇଛି। କେନ୍ଦ୍ର ସରକାରଙ୍କ ଦମନମୂଳକ ନୀତିକୁ ସୁପ୍ରିମକୋର୍ଟଙ୍କ ରାୟ ଝଟକା ଦେଇଛି। ଆଧାର ବ୍ୟବହାର ନେଇ ଯେଉଁ ଅପଚେଷ୍ଟା କରିବାକୁ କେନ୍ଦ୍ର ସରକାର ଉଦ୍ୟମ କରିଥିଲେ ସେଥିରେ ପୂର୍ଣ୍ଣଚ୍ଛେଦ ପଡିଛି। ସର୍ବୋଚ୍ଚ ଅଦାଲତଙ୍କ ଏହି ରାୟକୁ ସମାଜବାଦୀ ପାର୍ଟି ସ୍ୱାଗତ କରୁଛି।

**- ରବି ବେହେରା, ସମାଜବାଦୀ ପାର୍ଟି ରାଜ୍ୟ ସଭାପତି**

### ରାୟର ପୁଣି ଥରେ ସମୀକ୍ଷା ହେବା ଦରକାର



ଆଧାର କାର୍ଡରେ ୧୨୦ କୋଟି ଲୋକଙ୍କ ବ୍ୟକ୍ତିଗତ ତଥ୍ୟ ରହିଛି। ଏହାକୁ କେତେଦୂର ସୁରକ୍ଷିତ ରଖାଯାଇ ପାରିବ ସେନେଇ ଚିନ୍ତା ପ୍ରକଟ କରାଯାଇଛି। ଆଧାରକୁ ଯେ କୌଣସି ଯୋଜନା ସହ ଯୋଡାଗଲେ ଆପତ୍ତି ନାହିଁ, ମାତ୍ର ଏହାର ସୁରକ୍ଷା କେନ୍ଦ୍ର ସରକାର ଦେଇ ପାରିବେ ତ? କେନ୍ଦ୍ର ସରକାର ବିଦେଶୀ କମ୍ପାନୀଙ୍କ ସହ ଯେପରି ବନ୍ଧୁତା କରୁଛନ୍ତି ଆମଦେଶର ସମ୍ପୂର୍ଣ୍ଣ ତଥ୍ୟ ଯେ ସେମାନଙ୍କ ହାତକୁ ନ ଯିବ ତାହା କିଏ କହିବ। ସୁପ୍ରିମକୋର୍ଟ ବିଚାରପତିଙ୍କ ଆଧାରକୁ ମନି ବିଲରେ ପରିଣତ ନ କରିବା ରାୟକୁ ଆମେ ସ୍ୱାଗତ କରୁଛୁ। ମାତ୍ର ଆଧାର ବାଧ୍ୟତାମୂଳକ ନ ହେବା ଉଚିତ। ସୁପ୍ରିମକୋର୍ଟଙ୍କ ରାୟର ପୁଣି ଥରେ ସମୀକ୍ଷା ହେବା ଦରକାର।

**- ଜନାର୍ଦ୍ଦନ ପତି, ସିପିଆଇ(ଏମ) ରାଜ୍ୟ ସମ୍ପାଦକ**

### ପୁଣି ଥରେ ଆଇନଗତ ତର୍ଜମା ହେବା ଜରୁରୀ



ଆଧାର ଯୋଗୁ ଗୋପନୀୟତା କ୍ଷୁଣ୍ଣ ହେବାର ଆଶଙ୍କା ରହିଛି। ସୁପ୍ରିମକୋର୍ଟଙ୍କ ରାୟ ପରେ ମଧ ତାହା ଅମୀମାଂଶିତ ହୋଇ ରହିଲା। ୯ ଜଣ ସାମ୍ବିଧାନିକ ବେଞ୍ଚ ଗୋପନୀୟତା ବ୍ୟକ୍ତିର ମୌଳିକ ଅଧିକାର ବୋଲି କହିଛନ୍ତି। ଆଧାର ଆଇନ ବଳରେ ଲୋକମାନେ ଯେଉଁ ତଥ୍ୟ ଦେଇଛନ୍ତି ତାହା ସୁରକ୍ଷିତ ରହିବ ବୋଲି କିଏ ଗ୍ୟାରେଣ୍ଟି ଦେବ। ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ବୃହତର ବେଞ୍ଚରେ ପୁଣିଥରେ ଏହାର ଆଇନଗତ ତର୍ଜମା ହେବା ଜରୁରୀ।

**- ବିଶ୍ୱପ୍ରିୟ କାନୁନଗୋ, ମାନବିକ ଅଧିକାର କର୍ମୀ**

### ବାସ୍ତବରେ ଆବଶ୍ୟକ ନ ଥିଲେ ଆଧାର ବାଧ୍ୟତାମୂଳକ କରିବା ଠିକ୍ ନୁହେଁ



ଆଧାର ବୈଧତା ନେଇ ସୁପ୍ରିମକୋର୍ଟ ଯେଉଁ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି, ତାହା ସ୍ୱାଗତଯୋଗ୍ୟ। କାରଣ ସ୍କୁଲରେ ପିଲାଙ୍କ ନାମଲେଖା, ମୋବାଇଲ, ବ୍ୟାଙ୍କିଙ୍ଗ୍ ଭଳି କ୍ଷେତ୍ରରେ ଆଧାର ସଂଯୋଗର ଆବଶ୍ୟକତା ନାହିଁ ବୋଲି ସୁପ୍ରିମକୋର୍ଟ ତାଙ୍କ ରାୟରେ ଦର୍ଶାଇଛନ୍ତି। ବାସ୍ତବରେ ଯେଉଁଥିରେ ଆଧାର କାର୍ଡର ଆବଶ୍ୟକତା ନାହିଁ, ସେଠାରେ ଏହାକୁ ବାଧ୍ୟତାମୂଳକ କରିବା ଠିକ୍ ନୁହେଁ। ଅପରପକ୍ଷେ ଆଧାର କାର୍ଡ ଯୋଗୁ ଦେଶର ନାଗରିକମାନଙ୍କର ଠିକ୍ ତଥ୍ୟ ସରକାରଙ୍କ ପାଖରେ ରହିପାରୁଛି। ତେଣୁ ଏହାର କାର୍ଯ୍ୟକାରିତା ଉପରେ ସନ୍ଦେହ କରିବା ଉଚିତ ନୁହେଁ।

**- କୃଷ୍ଣଚନ୍ଦ୍ର ନାୟକ, କର୍ମଜୀବୀ, ଭୁବନେଶ୍ୱର**

### କେତେକ କ୍ଷେତ୍ରକୁ ବାଦ୍ ଦିଆଯାଇଥିବାରୁ ଖୁସି ଲାଗୁଛି



ସୁପ୍ରିମକୋର୍ଟଙ୍କ ରାୟ ପରେ ଆଧାର ଏବେ ବୈଧ ଏବଂ ବାଧ୍ୟତାମୂଳକ ହୋଇଛି। ତେବେ ଏଥିରୁ କେତେକ କ୍ଷେତ୍ରକୁ ବାଦ୍ ଦିଆଯାଇଥିବାରୁ ଖୁସି ଲାଗୁଛି। ସବୁଥିରେ ଆଧାର ସଂଯୋଗ ନାମରେ ପୂର୍ବରୁ ବାରମ୍ବାର ଯେଉଁ ହଇରାଣ କରାଯାଉଥିଲା, ତାହା ଆଉ ହେବ ନାହିଁ। ସେହିଭଳି ମୋବାଇଲ, ବ୍ୟାଙ୍କିଙ୍ଗ୍‌ରେ ଆଧାର ସଂଯୋଗୀକରଣକୁ ବାଦ୍ ଦିଆଯାଇଥିବାରୁ ଲୋକେ ଏବେ ବିନା ଦ୍ୱିଧାରେ ଏହାକୁ ବ୍ୟବହାର କରିପାରିବେ।

**- ଦୀପକ କୁମାର ମିଶ୍ର, ବ୍ୟବସାୟୀ, ଭୁବନେଶ୍ୱର**

### ରାୟକୁ ସ୍ୱାଗତ କରିବା ଦରକାର



ପାନ୍‌କାର୍ଡ, ଆୟକର ରିଟର୍ନ ଆଦି କ୍ଷେତ୍ରରେ ଆଧାର ସଂଯୋଗ ନିହାତି ଆବଶ୍ୟକ। କାରଣ ଏ ସବୁ ତଥ୍ୟ ରହିଲେ, ତାହା ଦେଶର ହିତ ପାଇଁ ଲାଗିବ। ତେଣୁ ସୁପ୍ରିମକୋର୍ଟଙ୍କ ରାୟକୁ ସ୍ୱାଗତ କରିବା ଦରକାର। ଯେଉଁମାନେ ପୂର୍ବରୁ ଆଧାରକୁ ଅସୁରକ୍ଷିତ ଦର୍ଶାଇ ବିରୋଧ କରୁଥିଲେ, ତାହା ଏବେ ହୋଇପାରିବ ନାହିଁ। କାରଣ ଏହା ଯେ ସମ୍ପୂର୍ଣ୍ଣ ସୁରକ୍ଷିତ, ତାହା ପ୍ରକାଶ ପାଇଛି। ସେହିପରି ବିଦ୍ୟାଳୟ, ଘରୋଇ କମ୍ପାନୀ ପ୍ରମୁଖଙ୍କୁ ଏଥିରୁ ବାଦ୍ ଦିଆଯିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ ହୋଇପାରିଛି।

**- କେଶବ ଚନ୍ଦ୍ର ନାୟକ, କର୍ମଜୀବୀ, ଭୁବନେଶ୍ୱର**

### ସାଧାରଣ ଲୋକେ ଉପକୃତ ହୋଇପାରିବେ



ଯେଉଁ ଗରିବ ଲୋକମାନଙ୍କ ପାଖରେ ନିଜର ପରିଚୟ ବୋଲି କିଛି ନ ଥିଲା, ଆଧାର ସେମାନଙ୍କୁ ଏକ ନୂଆ ପରିଚୟ ଦେଇଛି। ଆଧାର କାର୍ଡ ରହିବା ଦ୍ୱାରା ସରକାରଙ୍କ ପାଖରେ ସମସ୍ତ ତଥ୍ୟ ରହିପାରିବ। ପୁଣି ଏଥିରେ ହୋଇଥିବା ସଂଶୋଧିକରଣ କାରଣରୁ କିଛି ସମସ୍ୟା ମଧ୍ୟ ନାହିଁ। ଆଗରୁ ବାରମ୍ବାର ତ୍ରୁଟି ଯୋଗୁ ବିଭିନ୍ନ କ୍ଷେତ୍ରରେ ଆଧାର ସଂଯୋଗ ବେଳେ ସାଧାରଣ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏବେ ସୁପ୍ରିମକୋର୍ଟଙ୍କ ୫ଜଣିଆ ଖଣ୍ଡପୀଠ ଦେଇଥିବା ରାୟ ପରେ ଲୋକେ ଉପକୃତ ହୋଇପାରିବେ।

**- ରୋଜାଲିନ୍ ସାହୁ, ଶିକ୍ଷୟିତ୍ରୀ, ଭୁବନେଶ୍ୱର**

### ଛାତ୍ରୀଛାତ୍ରମାନେ ଉପକୃତ ହେବେ



ଶିକ୍ଷାନୁଷ୍ଠାନରେ ଆଧାର ବାଧ୍ୟତାମୂଳକ ନୁହେଁ। ସୁପ୍ରିମକୋର୍ଟ ଏହି ରାୟ ଦେଇଛନ୍ତି। ଏହାଦ୍ୱାରା ଛାତ୍ରୀଛାତ୍ର ଉପକୃତ ହେବେ। ସିବିଏସ୍‌ଇ, ୟୁଜିସି ଓ ନିଟ୍ ପରୀକ୍ଷା ଲାଗି ଆଧାର କାର୍ଡ ବାଧ୍ୟତାମୂଳକ ରହିଥିଲା। ଏହା ଫଳରେ ଛାତ୍ରୀଛାତ୍ରଙ୍କୁ ଉଚ୍ଚତର ଶିକ୍ଷା ଲାଗି ଆବେଦନ ସମୟରେ ଆଧାର କାର୍ଡ ଜନିତ ସମସ୍ୟା ରହିବ ନାହିଁ।

**- ଜ୍ୟୋତିର୍ମୟୀ ପଣ୍ଡା, କଲେଜ ଛାତ୍ରୀ, ପୁରୀ**

### ସ୍ୱାଗତଯୋଗ୍ୟ ପଦକ୍ଷେପ



ଆଧାର ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ୫ଜଣିଆ ଖଣ୍ଡପୀଠ ଦେଇଥିବା ରାୟ ସ୍ୱାଗତଯୋଗ୍ୟ ପଦକ୍ଷେପ। ବିଭିନ୍ନ କ୍ଷେତ୍ରରେ ଆଧାର ଲିଙ୍କ୍ ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ସୁପ୍ରିମକୋର୍ଟଙ୍କ ଏହି ରାୟ ପରେ ସାଧାରଣ ଲୋକେ ଉପକୃତ ହେବେ।

**- ସ୍ୱାଧୀନ ପଣ୍ଡା, ସାମାଜିକ କର୍ମୀ, ପୁରୀ**

### ଅଣ ଭାରତୀୟ ଫାଇଦା ଉଠାଇବେ



ସୁପ୍ରିମକୋର୍ଟଙ୍କ ରାୟ ସ୍ୱାଗତଯୋଗ୍ୟ। କିନ୍ତୁ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ଲାଗି ଆଧାର କାର୍ଡକୁ ବାଧ୍ୟତାମୂଳକ କରାଯିବା ଉଚିତ। ଆଧାର ଲିଙ୍କ୍ ଯୋଗୁ ବ୍ୟାଙ୍କ କର୍ତ୍ତୃପକ୍ଷ ଜଣେ ଗ୍ରାହକଙ୍କ ଅନ୍ୟ କେଉଁ ବ୍ୟାଙ୍କରେ ଆକାଉଣ୍ଟ ରହିଛି ଜାଣିପାରୁଥିଲେ। ଏଥିରୁ ବାଦ୍ ଦିଆଯିବା ଦ୍ୱାରା ଗ୍ରାହକଙ୍କ ସମ୍ପର୍କରେ ବ୍ୟାଙ୍କ ନିକଟରେ କୌଣସି ତଥ୍ୟ ରହିବ ନାହିଁ। ଅନ୍ୟପଟେ ବହୁ ଅଣ ଭାରତୀୟଙ୍କୁ ଏହାର ଫାଇଦା ଉଠାଇବାରେ ସହାୟକ ହେବ।

**- ସୂର୍ଯ୍ୟନାରାୟଣ ମିଶ୍ର, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ, ପୁରୀ**

### ସାଧାରଣ ଲୋକେ ଆଶ୍ୱସ୍ତ



ସୁପ୍ରିମକୋର୍ଟଙ୍କ ଏହା ଏକ ଐତିହାସିକ ରାୟ। ପୂର୍ବରୁ ଆଧାରରେ ବାରମ୍ବାର ଭୁଲ ଯୋଗୁ ବ୍ୟାଙ୍କ ଅଥବା କୌଣସି କାର୍ଯ୍ୟରେ ଆଧାର ଲିଙ୍କ୍ ବେଳେ ସାଧାରଣ ଜନତା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଫଳରେ ଅନେକ କାର୍ଯ୍ୟରେ ବିଳମ୍ବ ମଧ୍ୟ ଘଟୁଥିଲା। ଏହି ରାୟ ପରେ ସାଧାରଣ ଲୋକେ ଆଶ୍ୱସ୍ତି ଅନୁଭବ କରିଛନ୍ତି।

**- ଜୟ ଦାସଗୁପ୍ତା, କମିଟି ସଦସ୍ୟ, ପୁରୀ ରେଲୱେ ଷ୍ଟେଶନ**

### ବ୍ୟାଙ୍କରେ ଆକାଉଣ୍ଟ ଖୋଲିବା ସହଜ ହେବ



ପୂର୍ବରୁ ଆଧାରରେ ନାମ, ବୟସ, ଠିକଣା ଭୁଲ ଯୋଗୁ ଏହାର ସୁଧାର ଲାଗି ଲୋକଙ୍କୁ ଅନେକ ସମୟରେ ଅସୁବିଧା ହେଉଥିଲା। ଫଳରେ ଲୋକେ ବହୁ ଯୋଜନାରୁ ବଞ୍ଚିତ ହେଉଥିଲେ। ଏପରି କି ବ୍ୟାଙ୍କ ଆକାଉଣ୍ଟ ଖୋଲିବା ଲାଗି ଆଧାର ଲିଙ୍କ୍ ଯୋଗୁ ଅନେକ ସମୟରେ ହଇରାଣ ହେବାକୁ ପଡୁଥିଲା। ଏବେ ସୁପ୍ରିମକୋର୍ଟଙ୍କ ଏହି ରାୟ ପରେ ଆଉ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ଲାଗି ସମସ୍ୟାର ସମ୍ମୁଖୀନ ହେବାକୁ ପଡିବ ନାହିଁ।

**- ପ୍ରେମାନନ୍ଦ ବେହେରା, ସାମାଜିକ କର୍ମୀ, ପୁରୀ**

### କେନ୍ଦ୍ର ସରକାରଙ୍କୁ ଝଟ୍‌କା



ସୁପ୍ରିମକୋର୍ଟଙ୍କ ଆଧାର ରାୟ କେନ୍ଦ୍ର ସରକାରଙ୍କୁ ଝଟ୍‌କା ଦେଇଛି। ଏହା ସାଧାରଣ ଲୋକଙ୍କ ପାଇଁ ଆଶ୍ୱସ୍ତି ଆଣି ଦେଇଛି। କୌଣସି ବ୍ୟାଙ୍କ ଆକାଉଣ୍ଟ, ସ୍କୁଲରେ ନାମଲେଖା, ମୋବାଇଲ ସହ ଆଧାର ଲିଙ୍କ କ୍ଷେତ୍ରରେ ଆଧାର କାର୍ଡ ବାଧ୍ୟତାମୂଳକ ନ ହେବାର ରାୟ ସ୍ୱାଗତଯୋଗ୍ୟ। ଆଧାରକୁ ଲାଗୁ କରିବା ବାଧ୍ୟତାମୂଳକ ଥିବାରୁ ବିଭିନ୍ନ କ୍ଷେତ୍ରରେ ସାଧାରଣ ଲୋକ ହଇରାଣ ହେଉଥିଲେ। କୋର୍ଟ ସାଧାରଣ ଲୋକଙ୍କ ସମସ୍ୟାକୁ ବୁଝି ପାରି ଉପଯୁକ୍ତ ନ୍ୟାୟ ଦେଇଛନ୍ତି।

**- ମନ୍ମଥ ମିଶ୍ର, ଆଇନଜୀବୀ, ଖୋର୍ଦ୍ଧା**



କୃଷିମନ୍ତ୍ରୀଙ୍କ ବିରୋଧରେ ବୁଧବାର ଥାନାରେ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଅଭିଯୋଗ କରାଯାଉଛି।

## ମହିଳାଙ୍କ ପ୍ରତି ଅଶୋଭନୀୟ ମନ୍ତବ୍ୟ ଘଟଣା

# କୃଷିମନ୍ତ୍ରୀଙ୍କ ନାମରେ ଥାନାରେ ଏତଲା

**ପିପିଲି, ୨୬।୯(ଡି.ଏନ୍.ଏ.)**

କୃଷିମନ୍ତ୍ରୀ ପ୍ରଦୀପ ମହାରଥୀ ମହିଳାଙ୍କ ପ୍ରତି ଦେଇଥିବା ଅପମାନସୂଚକ ମନ୍ତବ୍ୟ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ସେ ସମାଲୋଚନାର ଶିକାର ହୋଇଛନ୍ତି। ଏ ନେଇ ବୁଧବାର କୃଷି ମନ୍ତ୍ରୀଙ୍କ ବିରୋଧରେ ପିପିଲି-ଡେଲାଙ୍ଗ ଥାନାରେ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଅଭିଯୋଗ କରାଯାଇଛି। ପିପିଲି-ଡେଲାଙ୍ଗ ଭାଜପା ମହିଳା ମୋର୍ଚ୍ଚା ସହସଂଯୋଜିକା ଗୀତାଞ୍ଜଳି ମିଶ୍ରଙ୍କ ସମେତ ଅନ୍ୟ ମହିଳାନେତ୍ରୀମାନେ ଥାନାରେ ପହଞ୍ଚି ପିପିଲି ଆଇଆଇସି ଶରତ କୁମାର ସାହୁଙ୍କୁ ଲିଖିତ ଅଭିଯୋଗ କରିଥିଲେ। କୃଷି ମନ୍ତ୍ରୀଙ୍କ ଅଶୋଭନୀୟ ମନ୍ତବ୍ୟ ସମଗ୍ର ମହିଳା ଜାତିର ସମ୍ମାନ ଉପରେ ଆଞ୍ଚ ଆଣିଥିବାରୁ ସେମାନେ ଅଭିଯୋଗ କରିବା ସହ ଏହାର ତଦନ୍ତ କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

# ଟ୍ରକ୍ ଚଢ଼ିଲା, ୨ ବାଇକ ଆରୋହୀ ମୃତ

**କଟକ ଅଫିସ୍, ୨୬।୯:** ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଓଏମ୍‌ପି ଓଭରବ୍ରିଜ ଉପରେ ଏକ ଟ୍ରକ୍ ଧକ୍କାରେ ଦୁଇ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଜଗତ୍‌ସିଂହପୁର ଜିଲାର ସଚିକାନ୍ତ ନାୟକ ଓ ଗଞ୍ଜାମ ଜିଲାର ପ୍ରଦୀପ ଜେନା। ରବିବାର ରାତି ପ୍ରାୟ ସାଢ଼େ ୧୦ଟାରେ ଏହି ଦୁଃଖଦ ଘଟଣା ଘଟିଛି। ମିଳିଥିବା ସୂଚନାନୁଯାୟୀ, ଏକ ବାଇକ୍‌ରେ ସଚିକାନ୍ତ ଓ ପ୍ରଦୀପ ଜଗତପୁର ଆଡୁ ଲିଙ୍କରୋଡ୍ ଅଭିମୁଖେ ଆସୁଥିଲେ। ଓଏମ୍‌ପି ଓଭରବ୍ରିଜ୍ ଉପରକୁ ଉଠୁଥିବାବେଳେ ଏକ ଟ୍ରକ୍ ସେମାନଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଉଭୟେ ରାସ୍ତାରେ ଛିଟିକି ପଡିଥିବାବେଳେ ସେମାନଙ୍କ ଉପରେ ଟ୍ରକ୍‌ଟି ଚଢ଼ି ପଳାଇଥିଲା। ସ୍ଥାନୀୟ ଲୋକଙ୍କ ସହ ଉକ୍ତ ବାଟଦେଇ ଯାଉଥିବା ଯାତ୍ରୀମାନେ ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଏସ୍‌ସିବି ମେଡିକାଲ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା। ଦୁର୍ଘଟଣା ଘଟାଇ ଫେରାର ଟ୍ରକ୍‌କୁ ଠାବ କରିବା ପାଇଁ ପୋଲିସ ଉଦ୍ୟମ ଚଳାଇଥିବା ଜଣାପଡ଼ିଛି।



ଜଣକ ମୁହଁରୁ ସଦାବେଳେ ହସ ଝରିପାରେ,
ତଥାପି ସେ ଅସଲ ସଇତାନ ହୋଇପାରେ।
- ସେକ୍ସପିୟର

## ସଂକ୍ଷେପରେ

### ଯାନ୍ତ୍ରିକ ତ୍ରୁଟି ଯୋଗୁ ବିମାନ ଅବତରଣ

**ଭୁବନେଶ୍ୱର, ୨୬।୯(ବ୍ୟୁରୋ):** ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ବୁଧବାର ଉଡ଼ାଣ ଆରମ୍ଭ କରିବା ପରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଏକ ବିମାନ ଜରୁରୀ ଅବତରଣ କରିଛି। ଏୟାର ଏସିଆର ଉକ୍ତ ବିମାନ(ନଂ.୧୫୫୩୬)ଟି ଅପରାହ୍ନ ୨ଟା ୩୦ରେ କଲିକତା ଅଭିମୁଖେ ଉଡାଣ ଆରମ୍ଭ କରିଥିଲା। ଉଡ଼ାଣର କିଛି ସମୟ ପରେ ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ ପାଇଲଟ ଜରୁରୀ ଅବତରଣ କରିଥିଲେ। ଯାନ୍ତ୍ରିକ ତ୍ରୁଟିର ମରାମତି ହେବା ପରେ ରାତି ୯ଟା ୧୫ ମିନିଟରେ ବିମାନଟି କଲିକତା ଅଭିମୁଖେ ଉଡାଣ କରିଥିଲା।

### ଦୁର୍ବୃତ୍ତ ଭାଙ୍ଗିଲେ ଐତିହ୍ୟ ସ୍ମାରକୀ

**ପୁରୀ ଅଫିସ, ୨୬।୯:** ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲାଗି ପୁରୀର ପ୍ରବେଶ ପଥ ମାଳତୀପାଟପୁରଠାରେ ଐତିହ୍ୟ ସ୍ମାରକୀ କୋଣାର୍କ ଚକ (ପଥରରେ ନିର୍ମିତ) ଲଗାଯାଇଥିଲା। ହେଲେ କେହି ଦୁର୍ବୃତ୍ତ ଏହାକୁ ଭାଙ୍ଗି ଦେଇଛନ୍ତି। ଏହାକୁ ନେଇ ପର୍ଯ୍ୟଟକ ଓ ବୁଦ୍ଧିଜୀବୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ପୁରୀର ପ୍ରମୁଖ ପ୍ରବେଶ ପଥ ହେଉଛି ମାଳତୀପାଟପୁର ଛକ। ୨୦୧୫ ନବକଳେବର ସମୟରେ ଏହାର ସୌନ୍ଦର୍ଯ୍ୟକରଣ ପାଇଁ ବିଭିନ୍ନ ପ୍ରକାର ପ୍ରକଳ୍ପ ହାତକୁ ନିଆଯାଇଥିଲା। ଏଠାରେ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ସାଙ୍ଗକୁ ତିଆରି ହୋଇଛି ଓଭରବ୍ରିଜ୍। ଲାଗିଛି ହାଇମାଷ୍ଟ ଲାଇଟ୍। ଲନ୍ ବି କରାଯାଇଛି। ସହର ମଧ୍ୟରେ ଭିଡ଼କୁ କମାଇବା ଲାଗି ନିର୍ମାଣ ହୋଇଛି ମାଳତୀପାଟପୁର ଓଭରବ୍ରିଜ୍। ଏହି ଓଭରବ୍ରିଜ୍ ତଳେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲାଗି ପୂର୍ତ୍ତ ବିଭାଗ ପକ୍ଷରୁ ପଥରରେ ନିର୍ମିତ ଏକ କୋଣାର୍କ ଚକ ଲଗାଯାଇଥିଲା। ହେଲେ ଏହାକୁ କେହି ଦୁର୍ବୃତ୍ତ ଭାଙ୍ଗି ଦେଇଛନ୍ତି। କୋଣାର୍କ ଚକ ଖଣ୍ଡ ଖଣ୍ଡ ହୋଇଯାଇଛି।

### ଗୋଦାମରୁ ଚୋରି, ୬ ଟିଭି ଜବତ

#### ୨ କର୍ମଚାରୀ ଗିରଫ

**ଭୁବନେଶ୍ୱର, ୨୬।୯(ବ୍ୟୁରୋ):** ଶହୀଦନଗର ଥାନା ଅଞ୍ଚଳରେ ଏକ ଘରୋଇ ଇଲୋକ୍ଟ୍ରୋନିକ୍ସ କମ୍ପାନୀର ଗୋଦାମରୁ ଏଲଇଡି ଟିଭି ଚୋରି ଅଭିଯୋଗରେ ପୋଲିସ ସଂସ୍ଥାର ଦୁଇ କର୍ମଚାରୀଙ୍କୁ ଗିରଫ କରିଛି। ଏଥିସହ ଚୋରି ହୋଇଥିବା ୬ଟି ଟିଭିକୁ ଜବତ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ଜଗତ୍‌ସିଂହପୁର ଜିଲା ମରିଚପୁର ଅଞ୍ଚଳର ଶାନ୍ତନୁ ଦାସ ଓ ମାହାଙ୍ଗା ଅଞ୍ଚଳର ରଞ୍ଜନ କୁମାର ପ୍ରଧାନ। ସୂଚନା ମୁତାବକ, ପାତ୍ର ଇଲୋକ୍ଟ୍ରୋନିକ୍ସର ଗୋଦାମରୁ ଟିଭି ଚୋରି ହୋଇଥିବା ନେଇ ଦାୟିତ୍ୱରେ ଥିବା ମ୍ୟାନେଜର ଜିତେନ୍ଦ୍ର ପ୍ରଧାନ ଗତ ୨୪ ତାରିଖରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା(୪୩୮/୧୮) ରୁଜୁ କରି ଘଟଣାର ତଦନ୍ତ କରିଥିଲା। ପୋଲିସ ଗୋଦାମରେ କାମ କରୁଥିବା କର୍ମଚାରୀମାନଙ୍କୁ ପଚରାଉଚରା କରିବା ପରେ ଶାନ୍ତନୁ ଏବଂ ରଞ୍ଜନ ଟିଭି ଚୋରି କରିଥିବା ମାନିଥିଲେ। ସେମାନଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି।

## ହତ୍ୟା ଅଭିଯୋଗକୁ ପୋଲିସର ଅଣଦେଖା

# ପ୍ରତିବାଦରେ ମୃତଦେହ ରଖି ରାସ୍ତାରୋକୋ

**ଖୋର୍ଦ୍ଧା ଅଫିସ,୨୬।୯**

- ଟେକା ମାଡ କରି ପୋଲିସକୁ ଘଉଡ଼ାଇଲେ ଆନ୍ଦୋଳନକାରୀ
- ମୃଦୁ ଲାଠି ଚାଳନା କରି ପ୍ରତ୍ୟାହୃତ କରାଗଲା ଅବରୋଧ
- ଏସ୍‌ଡିପିଓଙ୍କ ସମେତ ୧୪ ଆହତ

ଖୋର୍ଦ୍ଧା ସଦର ଥାନା ବାଜପୁର ଗାଁରେ ବୁଧବାର ଶଙ୍କର ବେହେରା(୩୫)ଙ୍କ ମୃତ୍ୟୁ ଘଟିଥିଲା। ପରିବାର ଲୋକ ହତ୍ୟା ଅଭିଯୋଗ ଆଣିଥିବାବେଳେ ପୋଲିସ ଅଣଦେଖାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ପୋଲିସ ତଦନ୍ତରେ ତ୍ୱରାନ୍ୱିତ ନ ହେବା, ହତ୍ୟାକାରୀଙ୍କୁ ଗିରଫ ଦାବିରେ ମୃତକଙ୍କ ପରିବାର ଓ ଆତ୍ମୀୟ ଲୋକ ମୃତଦେହକୁ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ କଲିକତା-ଚେନ୍ନାଇ ୧୬ ନଂ. ଜାତୀୟ ରାଜପଥରେ ରଖି ଅବରୋଧ କରିଥିଲେ। ନ୍ୟାୟ ନ ମିଳିବାରୁ ଉତ୍ତେଜିତ ଆନ୍ଦୋଳନକାରୀ ଟେକାମାଡ କରି ପୋଲିସକୁ ଘଉଡାଇଥିଲେ। ରାସ୍ତାରୋକୋ ନ ହଟିବାରୁ ଜାତୀୟ ରାଜପଥ କଡରେ ଶତାଧିକ ଯାନବାହନ ଅଟକି ରହିଥିଲା। ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବାକୁ ପୋଲିସ ମୃଦୁ ଲାଠି ଚାଳନା କରିବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ପଥର ମାଡରେ ଖୋର୍ଦ୍ଧା ଏସ୍‌ଡିପିଓ ଯୁଗଳ କିଶୋର ଦାସ, ଆଇଆଇସି ରଣଜିତ ସାହୁ, ବାରାକ ଇନ୍ସପେକ୍ଟର ଅର୍ଜ୍ଜୁନ ରାଉତ ଆହତ ହୋଇଛନ୍ତି। ପୋଲିସର ଲାଠିମାଠରେ ଜଣେ ଖବରଦାତା ଓ ୧୦ ଜଣ ଆନ୍ଦୋଳନକାରୀ ଆହତ ହୋଇଛନ୍ତି।

ବାଜପୁରର ଶଙ୍କର ଗାଁର କେତେଜଣ ଲୋକଙ୍କଠାରୁ ଟଙ୍କା ହାତ କରଜ କରିଥିଲେ। ଟଙ୍କା ପରିଶୋଧ ନ କରିବାରୁ ଧାର ଦେଇଥିବା ଲୋକ ବାରମ୍ବାର ମାଗୁଥିଲେ। ମଙ୍ଗଳବାର ରାତିରେ ବାଜପୁର ଡିହଗାଁର ୨ ଜଣ ବ୍ୟକ୍ତି ଧାର ଟଙ୍କା ମାଗିଥିଲେ। ହେଲେ ଶଙ୍କରଙ୍କୁ ନ ପାଇବାରୁ ଘର ସମ୍ମୁଖରେ ଅପେକ୍ଷାରେ ଥିଲେ। ଶଙ୍କର ନ ଆସିବାରୁ ସ୍ତ୍ରୀ ନିବେଦିତାଙ୍କୁ ଧମକଚମକ ଦେଇଥିଲେ। ରାତିରେ ଟଙ୍କା ପରିଶୋଧ ନ କଲେ ଶଙ୍କରଙ୍କୁ ଜୀବନରୁ ମାରି ଦେବାକୁ ସେମାନେ ଧମକ ଦେଇଥିଲେ। ଘରର ଅଭାବ ଅସୁବିଧା ସମ୍ପର୍କରେ ନିବେଦିତା ବୁଝାଇଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ସେମାନେ କିଛି ଶୁଣି ନ ଥିଲେ। ଗଲାବେଳେ ଘର ଉପକରଣ ଫୋପଡା ଫୋପଡି କରି ଦେଇଥିଲେ। ନିବେଦିତାଙ୍କ ଶାଶୁ ଓ ଦିଅରଙ୍କୁ ଧମକଚମକ ଦେଇ ପରିସ୍ଥିତି ଭୟାବହ ହେବ ବୋଲି କହି ଯାଇଥିଲେ। ରାତିରେ ଶଙ୍କର ଘରକୁ ଆଉ ଫେରି ନ ଥିଲେ। ପରିବାର ପକ୍ଷରୁ ଖୋଜାଖୋଜି କରାଯାଇଥିଲେ ମଧ୍ୟ ଟେର ମିଳି ନ ଥିଲା। ଏଭଳିସ୍ଥଳେ ବୁଧବାର ପୂର୍ବାହ୍ନରେ ଶଙ୍କରଙ୍କ ମୃତଦେହ ବାଜପୁର ଗୋଡିପୋଖରୀ ଆମ୍ବଗଛରେ ଝୁଲୁଥିଲା। ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କଲେ ଶଙ୍କର ଆତ୍ମହତ୍ୟା ନୁହେଁ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଉଠିଥିଲା। ଏଭଳିସ୍ଥଳେ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚିବାରେ ଡେରି କରିଥିଲା। ସେହିପରି ପୋଲିସର ପଦକ୍ଷେପ କିଛି ନ ଥିବାରୁ ପରିବାର ଓ ସ୍ଥାନୀୟ ଲୋକ ଉତ୍ତେଜିତ ହୋଇପଡିଥିଲେ। ନ୍ୟାୟ ପାଇଁ ବୁଧବାର ଅପରାହ୍ନ ୩ଟାରେ ୧୬ ନଂ. ଜାତୀୟ ରାଜପଥକୁ ଖୋର୍ଦ୍ଧା ଜିଲାପାଳଙ୍କ ଅଫିସ ସମ୍ମୁଖରେ ଅବରୋଧ କରିଥିଲେ। ଖବରପାଇ ଏସଡିପିଓ ଘଟଣାସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଆନ୍ଦୋଳନକାରୀ ହଟି ନ ଥିଲେ। ଆନ୍ଦୋଳନକାରୀ ପୋଲିସ ବ୍ୟବହାରରେ ଅତିଷ୍ଠ ହୋଇପଡିଥିଲେ। ପରେ ଆନ୍ଦୋଳନକାରୀ ଟେକାମାଡ କରି ପୋଲିସକୁ ଘଉଡାଇ ଦେଇଥିଲେ। ପ୍ରାୟ ୨ ଘଣ୍ଟା ଧରି ରାସ୍ତା ଉପରେ ଟାୟାର ଜାଳି ରାସ୍ତାରୋକୋ ଚାଲୁ ରହିଥିଲା। ବର୍ଷା ସତ୍ତ୍ୱେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇ ନ ଥିଲା। ଶେଷରେ ଅପରାହ୍ନ ୫ଟା ପରେ ପୋଲିସ ମୃଦୁ ଲାଠି ଚାଳନା ୫ ମିନିଟ ଧରି କରିଥିଲା। ଏ ନେଇ ଏସ୍‌ପି ଦୀପ୍ତି ରଞ୍ଜନ ରାୟ କୁହନ୍ତି, ଏସଡିପିଓ ଓ ମୁଁ ବୁଝାଶୁଝା କରିବା ପରେ ମଧ୍ୟ ଆନ୍ଦୋଳନକାରୀ ବୁଝି ନ ଥିଲେ। ପୋଲିସ ଉପରକୁ ଟେକାମାଡ କଲେ। ଏଥିରେ ଏସ୍‌ଡିପିଓ ଆହତ ହୋଇଛନ୍ତି। ପରେ ପୋଲିସ ବାଧ୍ୟହୋଇ ମୃଦୁ ଲାଠି ଚାଳନା କରି ରାସ୍ତାରୋକୋ ପ୍ରତ୍ୟାହୃତ କରିଥିଲା। ତେବେ ଯଦି ଯୁବକଙ୍କୁ ହତ୍ୟା କରାଯାଇଥିବା ପ୍ରମାଣ ବ୍ୟବଚ୍ଛେଦ ରିପୋର୍ଟରେ ଜଣାଗଲେ ପୋଲିସ ଆଇନ ଅନୁସାରେ ପଦକ୍ଷେପ ନେବ। ସେହିପରି ଯଦି ଆତ୍ମହତ୍ୟା କରିବାକୁ ବାଧ୍ୟ କରାଯାଇଥାଏ ତେବେ ତା'ର ତର୍ଜମା କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅପରପକ୍ଷେ ରାସ୍ତାରୋକୋ କରିଥିବା ଆନ୍ଦୋଳନକାରୀଙ୍କ ଉପରେ ମଧ୍ୟ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି।



ଜାତୀୟ ରାଜପଥରୁ ଅବରୋଧ ହଟାଇବା ପାଇଁ ପୋଲିସ ଲାଠିଚାଳନା କରୁଛି।




# କାର୍ଡବୋର୍ଡରେ ଚାର୍ ମିନାର

**ପୁରୀ ଅଫିସ,୨୬।୯**

ଭାରତର ଅନ୍ୟତମ ପର୍ଯ୍ୟଟନସ୍ଥଳୀ ଚାର୍ ମିନାର। ଏହାର ସୂକ୍ଷ୍ମ କାରୁକାର୍ଯ୍ୟ ଏବଂ ସୌନ୍ଦର୍ଯ୍ୟ ପର୍ଯ୍ୟଟଙ୍କ ଆକର୍ଷଣ ସାଜିଥାଏ। ବର୍ଷତମାମ୍ ଏହାକୁ ଦେଖିବା ଲାଗି ପର୍ଯ୍ୟଟକଙ୍କ ଭିଡ଼ ଜମେ। ଗୁରୁବାର ବିଶ୍ୱ ପର୍ଯ୍ୟଟନ ଦିବସ ଉପଲକ୍ଷେ ଭାରତର ଏହି ପର୍ଯ୍ୟଟନସ୍ଥଳୀକୁ କାର୍ଡବୋର୍ଡରେ ତିଆରି କରିଛନ୍ତି ପୁରୀ ମରିଚିକୋଟ ଲେନ୍‌ର ଶିଳ୍ପୀ ବାନାମ୍ବର ପଟ୍ଟନାୟକ। ବାନାମ୍ବର କହିଛନ୍ତି, ଏହାକୁ ତିଆରି କରିବାରେ ୬ ଖଣ୍ଡ କାର୍ଡବୋର୍ଡ, ଅଠା ଏବଂ କିଛି ସାଦା କାଗଜ ବ୍ୟବହାର କରାଯାଇଛି। ଏଥିପାଇଁ ପ୍ରାୟ ୧୦ରୁ ୧୨ ଦିନ ସମୟ ଲାଗିଛି। କାର୍ଡବୋର୍ଡକୁ ବିଭିନ୍ନ ଆକାରରେ କଟାଯାଇ ଅଠାରେ ଯୋଡେଇ ହୋଇ ଏହି କଳାକୃତି ପ୍ରସ୍ତୁତ ହୋଇଛି। ଏହାର ଉଚ୍ଚତା ପ୍ରାୟ ସାଢେ ୩ ଫୁଟ ରହିଛି। ବିଶ୍ୱ ପର୍ଯ୍ୟଟନ ଦିବସ ଉପଲକ୍ଷେ ଭାରତର ଏହି ଅନ୍ୟତମ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ତିଆରି କରିବାକୁ ମନସ୍ଥ କରିଥିଲି ବୋଲି କହିଛନ୍ତି ବାନାମ୍ବର।

ସୂଚନାଥାଉ କି, ପୂର୍ବରୁ ବାନାମ୍ବର କାର୍ଡବୋର୍ଡରେ ହାଇଦ୍ରାବାଦ୍‌ର ଏକ ମ୍ୟୁଜିୟମ୍ ବିଲ୍ଡିଂ ମଡେଲ, ୨୫ ଫୁଟ ଉଚ୍ଚର ନନ୍ଦିଘୋଷ ରଥ, ୫ ଫୁଟର ରଥ, ୧୬ ଫୁଟ ଓ ୧୭ ଫୁଟ ଉଚ୍ଚର ଗଣେଶ ମୂର୍ତ୍ତି ଏବଂ କାର୍ଡବୋର୍ଡ ଓ ଷ୍ଟୋନରେ ଝୁଲଣ କୁଞ୍ଜ ତିଆରି କରିସାରିଛନ୍ତି। ୨୦୧୬ରେ କର୍ନାଟକ ବିଜାପୁରରେ କାର୍ଡବୋର୍ଡରେ ତିଆରି କରିଥିବା ୧୭ ଫୁଟର ଗଣେଶ ମୂର୍ତ୍ତି ପାଇଁ ସେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସର ଅଧିକାରୀ ହୋଇଛନ୍ତି।



**ରାଜଧାନୀ ରାସ୍ତାରେ ବନ୍ୟାର ଭ୍ରମ:** ପ୍ରବଳ ବର୍ଷାରେ ବୁଧବାର ଭୁବନେଶ୍ୱର ସଚିବାଳୟ ମାର୍ଗ ଜଳମଗ୍ନ ହୋଇଛି।

# ୨୮ରୁ ଓଡ଼ିଶା ୱେଡିଂ ଏକ୍ସପୋ-୨୦୧୮

**ଭୁବନେଶ୍ୱର, ୨୬।୯**

ODISHA WEDDING EXPO 2018

ଦୁଇଟି ମନ ଓ ଦୁଇଟି ପ୍ରାଣକୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବାର ବିଧିବଦ୍ଧ ସ୍ୱୀକୃତି ହେଉଛି ବିବାହ। ସାତ ଦୀପ, ଆଠ କଳସ ଓ ବାହା ବେଦିର ହୋମ ନିଆକୁ ସାକ୍ଷୀ ରଖି ଜନ୍ମଜନ୍ମାନ୍ତର ସାଥୀଟିଏ ବାଛିବାର ଏ ହେଉଛି ଆମ ପରମ୍ପରା। ଆଜିର ଅତ୍ୟାଧୁନିକ ଯୁଗରେ ବିବାହକୁ ଆଉଟିକେ ସହଜ, ସରଳ ଓ ସୁନ୍ଦର କରିବା ପାଇଁ ଆସନ୍ତା ୨୮ରୁ ୩୦ ପର୍ଯ୍ୟନ୍ତ ଡ୍ରିମ୍‌ଜ କ୍ରିଏଶନ ଇଭେଣ୍ଟ ମ୍ୟାନେଜମେଣ୍ଟ୍ ସଂସ୍ଥା ଆରମ୍ଭ କରୁଛି 'ଓଡିଶା ୱେଡିଂ ଏକ୍ସପୋ-୨୦୧୮'। ଏହା ଡ୍ରିମ୍‌ଜ କ୍ରିଏଶନର ଚତୁର୍ଥ ସଂସ୍କରଣ ହୋଇଥିବା ବେଳେ ସ୍ଥାନୀୟ ସ୍ୱସ୍ତି ପ୍ରିମିୟମ୍ ହୋଟେଲ୍‌ରେ ତିନି ଦିନ ଧରି ପୂର୍ବାହ୍ନ ୧୧ଟାରୁ ରାତି ୯ ଟା ପର୍ଯ୍ୟନ୍ତ ଏହା ଚାଲିବ। ରାଜ୍ୟ ଓ ରାଜ୍ୟ ବାହାରୁ ୮୦ରୁ ଉର୍ଦ୍ଧ୍ୱ ସଂସ୍ଥା ଏଠାରେ ଷ୍ଟଲ୍ ପକାଇବେ। ଏଥିରେ ହୋଟେଲ୍, ବିବାହ ମଣ୍ଡପ, କ୍ୟାଟରିଂ, ଆଲ୍‌ବମ୍ ମେକର, ଡେକୋରେଟର, ୱେଡିଂ ପ୍ଲାନର, ଫର୍ନିଚର, ଫୁଲ ସଜ୍ଜା, ଜୁଏଲେରି ଠାରୁ ଆରମ୍ଭ କରି ବିବାହ ସହ ଜଡିତ ବହୁବିଧ ସଂସ୍ଥା ଏଠାରେ ନିଜର ସାମଗ୍ରୀ ଓ ସେବା ପ୍ରଦର୍ଶନ କରିବେ। ଚଳିତବର୍ଷ ରୁପାଗହଣା ଶୋ'ରୁମ ଚାନ୍ଦି ଭଣ୍ଡାର ଏହାକୁ ଉପସ୍ଥାପନ କରୁଥିବା ବେଳେ ସୁସମ୍ପର୍କ, ଲା ଲାମ୍ବ ଏବଂ ଶୁଭ ଆୟୋଜନ ଭଳି ୱେଡିଂ ପ୍ଲାନର ସଂସ୍ଥା ସହଯୋଗ କରୁଛନ୍ତି ବୋଲି ଡ୍ରିମ୍‌ଜ କ୍ରିଏଶନର ନିର୍ଦ୍ଦେଶିକା ପଦ୍ମାଳୟା ରଥ ପ୍ରକାଶ କରିଛନ୍ତି।

## ଐତିହାସିକ ଶିକ୍ଷାନୁଷ୍ଠାନରେ ଦୁର୍ନୀତିର କଳାଦାଗ

# ରେଭେନ୍‌ଶାରେ ପଶିବ ଭିଜିଲାନ୍ସ

**କଟକ ଅଫିସ,୨୬।୯**

- ଅନିୟମିତତା ଧରିଥିଲା ଉଚ୍ଚଶିକ୍ଷା ବିଭାଗ ତଦନ୍ତ କମିଟି
- ନିଆଯାଇନି ପଦକ୍ଷେପ



ଦୁର୍ନୀତିରେ ଛନ୍ଦି ହୋଇପଡିଥିବା ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ପଶିବ ଭିଜିଲାନ୍ସ। କେଉଁ ସବୁ କ୍ଷେତ୍ରରେ ଜାଲିଆତି ଓ ଅନିୟମିତତା ହୋଇଛି ସେସବୁର ପର୍ଦ୍ଦାଫାଶ କରିବ। ଏ ନେଇ ସରକାରୀସ୍ତରରୁ ଚିଠି ହୋଇଥିବା ଜଣାପଡ଼ିଛି। ପୂର୍ବରୁ ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ତଦନ୍ତ କମିଟି ବିଶ୍ୱବିଦ୍ୟାଳୟର କାଗଜପତ୍ର ଯାଞ୍ଚ କରି ବ୍ୟାପକ ଅନିୟମିତତା ହୋଇଥିବା ନେଇ ରିପୋର୍ଟ ଦେଇଥିଲା। ତେବେ ଏଯାଏ କୌଣସି ପଦକ୍ଷେପ ନିଆଯାଇ ନ ଥିବାବେଳେ ଭିଜିଲାନ୍ସ ତଦନ୍ତ ହେଲେ ଆହୁରି ବହୁ ଗୁମର ପଦାକୁ ଆସିବ ବୋଲି କୁହାଯାଉଛି। ରେଭେନ୍‌ଶା ଭଳି ଏକ ଐତିହାସିକ ଶିକ୍ଷାନୁଷ୍ଠାନରେ ଦୁର୍ନୀତିର କଳାଦାଗ ଏବେ ବିଶ୍ୱବିଦ୍ୟାଳୟର ଭାବମୂର୍ତ୍ତିକୁ ନେଇ ବଡ଼ ପ୍ରଶ୍ନ ଉଠିଛି।

ରେଭେନ୍‌ଶାର ପ୍ରଶାସନିକ କାର୍ଯ୍ୟରେ ଅନିୟମିତତା ହୋଇଥିବା ନେଇ କୁଳାଧିପତି ତଥା ରାଜ୍ୟପାଳଙ୍କ ନିକଟରେ ବହୁ ଅଭିଯୋଗ ହୋଇଥିଲା। ଗତ ମାସରେ ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ସଚିବ ପ୍ରଶାନ୍ତ କୁମାର ଦାସ ଓ ଅନ୍ୟଜଣେ ଅଧିକାରୀ ବିଶ୍ୱବିଦ୍ୟାଳୟ କୁଳସଚିବ ମହେଶ୍ୱର ଅଗସ୍ତିଙ୍କ କାର୍ଯ୍ୟାଳୟରେ ବିଭିନ୍ନ କାଗଜପତ୍ର ଯାଞ୍ଚ କରିଥିଲେ। ପରେ ଅତିରିକ୍ତ ସଚିବ ଦାସ ରେଭେନ୍‌ଶାରେ ବିଭିନ୍ନ କ୍ଷେତ୍ରରେ ଦୁର୍ନୀତି ହୋଇଥିବା ନେଇ ଗଣମାଧ୍ୟମକୁ କହିଥିଲେ। ଏହାର କିଛିଦିନ ପରେ କୁଳସଚିବ ଅଗସ୍ତିଙ୍କୁ ରାଜ୍ୟ ଉଚ୍ଚଶିକ୍ଷା ବିଭାଗର କାର୍ଯ୍ୟାଳୟକୁ ଡକାଯାଇ ଅଧିକ ପଚରାଉଚରା କରାଯାଇଥିଲା। ଏଥିରୁ ଦୁର୍ନୀତି ସଂକ୍ରାନ୍ତରେ ସ୍ପଷ୍ଟ ସୂଚନା ମିଳିଥିଲା।

ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ତଦନ୍ତବେଳେ ୨୦୧୪-୧୫ ଶିକ୍ଷାବର୍ଷରେ ରେଭେନ୍‌ଶାରେ ବିନା ଟେଣ୍ଡରରେ ୯୫ ଲକ୍ଷ ଟଙ୍କାର କମ୍ପ୍ୟୁଟର କିଣାଯାଇଥିବା ଜଣାପଡ଼ିଥିଲା। ଏହାଛଡ଼ା ୨୦୧୫-୧୬ ଶିକ୍ଷାବର୍ଷରେ ଠିକା ଅଧ୍ୟାପକମାନଙ୍କୁ ମନମୁଖୀ ଭାବେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ରିଡରପାହ୍ୟା ପ୍ରଦାନ କରିଥିଲେ। ୨୦୧୭-୧୮ ଶିକ୍ଷା ବର୍ଷରେ ମଧ୍ୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନ୍ୟଏକ ଗୁରୁତର ବେନିୟମ କାର୍ଯ୍ୟ ହୋଇଥିଲା। ବିନା ବିଜ୍ଞପ୍ତିରେ ବିଭିନ୍ନ ବିଭାଗରେ ଅତିଥି ଅଧ୍ୟାପକମାନଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିଲା। କ୍ୟାରିୟର ଆଡ୍‌ଭାନ୍ସମେଣ୍ଟ ସ୍କିମ (ସିଏଏସ୍) ଜରିଆରେ ହୋଇଥିବା ପଦୋନ୍ନତି ପ୍ରକ୍ରିୟାରେ ମଧ୍ୟ ଅନିୟମିତତା ହୋଇଥିଲା। ୨୦୧୭ ଜୁନ୍ ୨୪ରୁ ଜୁଲାଇ ୨୨ ମଧ୍ୟରେ ଏହି ପ୍ରକ୍ରିୟାରେ ବିଶ୍ୱବିଦ୍ୟାଳୟର ୧୦ଜଣ ସହଯୋଗୀ ପ୍ରଫେସରଙ୍କୁ ପ୍ରଫେସର ପଦୋନ୍ନତି ମିଳିଥିଲା। ଏଥିରେ ବିଶ୍ୱବିଦ୍ୟାଳୟର ସମ୍ବିଧାନ ୧୯୯୦ର ଶଂସୋଧନ ନିୟମକୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରାଯାଇଥିଲା। ସାକ୍ଷାତକାର ପ୍ରକ୍ରିୟା ସମୟରେ ୩ଜଣ ବିଷୟ ବିଶାରଦ ପରିବର୍ତ୍ତେ ୨ଜଣ ବିଷୟ ବିଶାରଦଙ୍କୁ ନିଯୁକ୍ତ କରାଯାଇଥିଲା। ତଦନ୍ତ ସମୟରେ ଏହା ଜଣାପଡିଥିବା ନେଇ ସେ ସମୟରେ ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ସଚିବ ଦାସ କହିଥିଲେ।

## ଅପରେଶନ ପରୀ-୨

# ଉଦ୍ଧାର ହେଲେ ୨୨୮୧ ଶିଶୁ

**ଭୁବନେଶ୍ୱର, ୨୬।୯(ବ୍ୟୁରୋ)**

ଓଡ଼ିଶା ପୋଲିସ ପକ୍ଷରୁ ଗତ ୧ ତାରିଖରୁ ଆରମ୍ଭ ହୋଇଥିବା ଅପରେଶନ ପରୀ-୨ରେ ମୋଟ ୨୨୮୧ ନିଖୋଜ ଶିଶୁଙ୍କୁ ଉଦ୍ଧାର କରାଯାଇଛି। ରାଜ୍ୟ ଭିତରୁ ୨୧୮୯ ଶିଶୁ ଉଦ୍ଧାର ହୋଇଥିବାବେଳେ ରାଜ୍ୟ ବାହାରୁ ୯୨ ଜଣ ଉଦ୍ଧାର ହୋଇଛନ୍ତି। ଏମାନେ ବିଭିନ୍ନ ହୋଟେଲ, ଗ୍ୟାରେଜ, ପ୍ଲାଣ୍ଟ, ଫ୍ୟାକ୍ଟ୍ରି ଓ ଘରୋଇ ସହାୟକ ଭାବେ କାର୍ଯ୍ୟ କରୁଥିଲେ।

ବୁଧବାର ଭୁବନେଶ୍ୱରସ୍ଥିତ ଡିଜି କ୍ୟାମ୍ପ ଅଫିସରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅପରେଶନ ପରୀ-୨ରେ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ଯୋଗଦେଇ ଉଦ୍ଧାରକାରୀ ଟିମର ପ୍ରଶଂସା କରିଛନ୍ତି। ଆନ୍ଧ୍ରପ୍ରଦେଶରୁ ଉଦ୍ଧାର ୪୯ ଶିଶୁଙ୍କୁ ଡିଜିପି ଶର୍ମା ସ୍ୱାଗତ କରିଛନ୍ତି, ଯେଉଁମାନଙ୍କ ମଧ୍ୟରେ ୨୬ ବାଳକ ଓ ୨୩ ବାଳିକା ରହିଛନ୍ତି। ଉଦ୍ଧାର କାର୍ଯ୍ୟରେ ନିୟୋଜିତ ରାଜ୍ୟ ପୋଲିସ ଏବଂ ମହିଳା ଓ ଶିଶୁ ବିଭାଗର ୮ଟି ଟିମକୁ ଡିଜିପି ଶର୍ମା ସମ୍ବର୍ଦ୍ଧିତ କରିଛନ୍ତି। ଶର୍ମା କହିଛନ୍ତି, କେନ୍ଦ୍ର ସରକାରଙ୍କ ପକ୍ଷରୁ ଅପରେଶନ ମୁସ୍କାନ ଓ ସ୍ମାଇଲ ବନ୍ଦ ହେବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ପରୀ-୨ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ୨୫ ଦିନରେ ଏତେ ସଂଖ୍ୟକ ପିଲାଙ୍କୁ ଉଦ୍ଧାର କରାଯିବା ଏକ ରେକର୍ଡ ବୋଲି ଡିଜି ଶର୍ମା କହିଛନ୍ତି। ଉଦ୍ଧାର ଶିଶୁମାନଙ୍କୁ ଜିଲା ଶିଶୁ କଲ୍ୟାଣ ସମିତିକୁ ହସ୍ତାନ୍ତର କରାଯିବା ପରେ ସେମାନଙ୍କୁ କାଉନ୍‌ସେଲିଂ କରାଯିବା ପରେ ସେମାନେ ପାଠ ପଢିବା ସହ ଏକ ସୁନ୍ଦର ଭବିଷ୍ୟତ ଗଢିପାରିବେ। ପ୍ରଥମ ପର୍ଯ୍ୟାୟରେ ସେପ୍ଟେମ୍ବର ୧ରୁ ୧୫ ତାରିଖ ମଧ୍ୟରେ ରାଜ୍ୟ ଭିତରେ ନିଖୋଜ ଥିବା ୨୧୮୯ ଶିଶୁଙ୍କୁ ଉଦ୍ଧାର କରାଯାଇଥିଲା। ଏମାନଙ୍କ ମଧ୍ୟରୁ ୧୮୨୬ ବାଳକ ଓ ୩୬୩ ବାଳିକା ରହିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସେପ୍ଟେମ୍ବର ୧୫ରେ ୮ଟି ଟିମ ଗଠନ କରାଯାଇ ରାଜ୍ୟ ବାହାରକୁ ଉଦ୍ଧାର କାର୍ଯ୍ୟ କରିବା ପାଇଁ ପଠାଯାଇଥିଲା। ଉଦ୍ଧାରକାରୀ ଦଳ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଛତିଶଗଡ, ମହାରାଷ୍ଟ୍ର, ଦିଲ୍ଲୀ, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ତାମିଲନାଡୁରୁ ୯୨ ନିଖୋଜ ଶିଶୁଙ୍କୁ ଉଦ୍ଧାର କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ କ୍ରାଇମବ୍ରାଞ୍ଚ ଏଡିଜି ସନ୍ତୋଷ ଉପାଧ୍ୟାୟ, ଆଇଜି ଅରୁଣ ବୋଥ୍ରା ପ୍ରମୁଖ ଉପସ୍ଥିତ ଥିଲେ।

## କୋଣାର୍କ ସୂର୍ଯ୍ୟମନ୍ଦିର: ପର୍ଯ୍ୟଟନ ବିଭାଗ ନିର୍ମାଣ କରିବ ଶୌଚାଳୟ

# ଦକ୍ଷିଣ ଦ୍ୱାର ଦେଇ ପ୍ରବେଶ କରିବେ ଭିଆଇପି

**ପୁରୀ ଅଫିସ, ୨୬।୯**

କୋଣାର୍କ ସୂର୍ଯ୍ୟମନ୍ଦିର ସମ୍ମୁଖରେ ଦିନକୁ ଦିନ ଉଠାଦୋକାନ ବୃଦ୍ଧି ପାଉଛି। ସୂର୍ଯ୍ୟମନ୍ଦିର ସମ୍ମୁଖରେ ପାଲ ଟାଣି ବ୍ୟବସାୟ ଚାଲିଛି। ଏହାଦ୍ୱାରା ବିଶ୍ୱ ଐତିହ୍ୟ କୋଣାର୍କ ମନ୍ଦିର ମର୍ଯ୍ୟାଦା ହରାଇବା ସହ ପରିବେଶଗତ ପ୍ରଦୂଷଣ ମଧ୍ୟ ବୃଦ୍ଧି ପାଉଛି। ୨୦୧୨ ମସିହାରୁ ଏଭଳି ସ୍ଥିତି ଲାଗି ରହିଥିଲେ ହେଁ ଉଠାଦୋକନୀଙ୍କୁ ଉଚ୍ଛେଦ ଏବଂ ଥଇଥାନ ଲାଗି କୌଣସି ପଦକ୍ଷେପ ନିଆଯାଉନାହିଁ। ବୁଧବାର ପୂର୍ବାହ୍ନରେ ଜିଲାପାଳ ଜ୍ୟୋତିପ୍ରକାଶ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ପ୍ରସଙ୍ଗରେ ଆଲୋଚନା ହୋଇଛି। କୋଣାର୍କ ସ୍ଥିତ ଓଟିଡିସିର ଗୀତାଞ୍ଜଳି ରେଷ୍ଟୁରାଣ୍ଟ ପଛ ପାର୍ଶ୍ୱ ଜମିରେ ଉଠାଦୋକାନୀଙ୍କୁ ଥଇଥାନ କରାଯିବାକୁ ବୈଠକରେ ଆଲୋଚନା ହୋଇଛି। ଉକ୍ତ ଜମିରେ କ୍ରାଫ୍ଟ କମ୍ପ୍ଲେକ୍ସ ନିର୍ମାଣ ଲାଗି ଅନୁଦାନ ଦେବା ଲାଗି ପର୍ଯ୍ୟଟନ ବିଭାଗକୁ ଅନୁରୋଧ କରାଯିବ। ଉକ୍ତ କମ୍ପ୍ଲେକ୍ସ ନିର୍ମାଣ ଲାଗି ପ୍ଲାନ ଏବଂ ଏଷ୍ଟିମେଟ ପ୍ରସ୍ତୁତ କରିବା ଲାଗି ପୂର୍ତ୍ତ ବିଭାଗକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଦିନକୁ ଦିନ ଉଠାଦୋକାନୀଙ୍କ ସଂଖ୍ୟା ବଢୁଥିବା ବେଳେ ପ୍ରକୃତ ଦୋକାନୀଙ୍କ ତାଲିକା ପ୍ରସ୍ତୁତ କରିବା ଲାଗି କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିବା ସୂଚନା ମିଳିଛି।

କୋଣାର୍କ ସୂର୍ଯ୍ୟମନ୍ଦିରର ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ମିଳିଥିବା ସୂଚନା ଅନୁଯାୟୀ, କୋଣାର୍କ ସୂର୍ଯ୍ୟମନ୍ଦିରକୁ ଆସୁଥିବା ଭିଆଇପିମାନେ ମୁଖ୍ୟ ପ୍ରବେଶ ପଥ ଦେଇ ନ ଯାଇ ମନ୍ଦିରର ଦକ୍ଷିଣ ଦ୍ୱାର ଦେଇ ପ୍ରବେଶ କରିବେ। କୋଣାର୍କ ମେଡିକାଲ ଛକ ଓ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଛକରେ ବ୍ୟାରିକେଡ୍ ଲଗାଯିବ। ସୂର୍ଯ୍ୟମନ୍ଦିର ନିକଟରେ ଓ କୋଣାର୍କ ସହରରେ ଥିବା ସମସ୍ତ ଶୌଚାଳୟ ସଫା ରଖିବାକୁ ପଦକ୍ଷେପ ନେବାକୁ କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ପର୍ଯ୍ୟଟନ ବିଭାଗ ପକ୍ଷରୁ ସୂର୍ଯ୍ୟମନ୍ଦିର ନିକଟରେ ଅନ୍ତର୍ଜାତୀୟ ସ୍ତରରେ ଶୌଚାଳୟ ବ୍ଲକ ନିର୍ମାଣ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଛି।



ଅନ୍ୟପକ୍ଷରେ କୋଣାର୍କ ସ୍ଥିତ ଆଇଓସିଏଲ ପର୍ଯ୍ୟଟନ ପ୍ରକଳ୍ପ ପରିସରରେ ଥିବା ପାର୍କିଂସ୍ଥଳରେ ଟୁରିଷ୍ଟ ବସ, ଟ୍ୟାକ୍ସି ଆଦି ପାର୍କିଂ କରୁନାହାନ୍ତି। ରାସ୍ତା ଉପରେ ପାର୍କିଂ କରୁଥିବାରୁ ଟ୍ରାଫିକ ସମସ୍ୟା ଉପୁଜୁଛି। ଏଣିକି କୋଣାର୍କକୁ ଆସୁଥିବା ସମସ୍ତ ଟୁରିଷ୍ଟ ବସ ଓ ଟ୍ୟାକ୍ସି ପାର୍କିଂ ସ୍ଥଳରେ ରଖିବେ। ଏଥିଲାଗି କୋଣାର୍କ ଏନ୍‌ଏସି ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ସଚେତନ କରାଯିବ। ଟୁରିଷ୍ଟ ବସ୍ ଓ ଟ୍ୟାକ୍ସି ଆଦି ଯେଭଳି ରାସ୍ତା ଉପରେ ନ ରହି ପାର୍କିଂ ସ୍ଥଳକୁ ଯିବ ସ୍ଥାନୀୟ ପୋଲିସ ସେ ଦିଗରେ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏପରି କି ଆବଶ୍ୟକ ପଡିଲେ ରାସ୍ତା ଉପରେ ପାର୍କିଂ କରୁଥିବା ଟୁରିଷ୍ଟ ବସ୍ ଓ ଟ୍ୟାକ୍ସିଠାରୁ ଜରିମାନା ଆଦାୟ କରାଯିବ।

ଅସରାଏ ବର୍ଷା ହେଲେ ସୂର୍ଯ୍ୟମନ୍ଦିର ପରିସରରେ ଆଣ୍ଠୁଏ ଲେଖାଏ ପାଣି ଜମୁଛି। ଏ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଜଳ ନିଷ୍କାସନ ଲାଗି ପଦକ୍ଷେପ ନିଆଯାଇଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସର୍ଭେ ଓ ମାଷ୍ଟର ପ୍ଲାନ ପ୍ରସ୍ତୁତି ଚାଲିଥିବା ବୈଠକରେ ଏଏସ୍‌ଆଇ ପକ୍ଷରୁ କୁହାଯାଇଥିଲା। ନବଗ୍ରହ ମନ୍ଦିର ରାସ୍ତା ନିର୍ମାଣ କରିବା ଲାଗି ଏଏସ୍‌ଆଇକୁ କୁହାଯାଇଛି। କୋଣାର୍କ ସୂର୍ଯ୍ୟମନ୍ଦିର ପରିସର ଲାଇଟ ଆଣ୍ଡ ସାଉଣ୍ଡ ଶୋ ପ୍ରକଳ୍ପ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଏହି ଶୋ ଲାଗି ନୂତନ ସମୟ ଧାର୍ଯ୍ୟ ହୋଇଛି। ମାର୍ଚ୍ଚରୁ ଅକ୍ଟୋବର ପର୍ଯ୍ୟନ୍ତ ସୂର୍ଯ୍ୟମନ୍ଦିର ସୂର୍ଯ୍ୟୋଦୟଠାରୁ ସନ୍ଧ୍ୟା ୭ଟା ୩୦ ପର୍ଯ୍ୟନ୍ତ ଖୋଲା ରହିବ। ଏହି ସମୟରେ ସନ୍ଧ୍ୟା ୭ଟା ୩୦ରୁ ୮ଟା୧୦ ଏବଂ ୮ଟା ୨୦ରୁ ରାତି ୯ଟା ପର୍ଯ୍ୟନ୍ତ ଲାଇଟ ଆଣ୍ଡ ସାଉଣ୍ଡର ଦୁଇଟି ଶୋ କରାଯିବ। ସେହିପରି ନଭେମ୍ବରଠାରୁ ଫେବୃୟାରୀ ପର୍ଯ୍ୟନ୍ତ ସୂର୍ଯ୍ୟମନ୍ଦିର ପର୍ଯ୍ୟଟକଙ୍କ ପାଇଁ ସୂର୍ଯ୍ୟୋଦୟଠାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଖୋଲା ରହିବ। ଏହି ସମୟରେ ୬ଟା ୩୦ରୁ ୭ଟା ୧୦ ଏବଂ ୭ଟା ୪୦ରୁ ୮ଟା ୨୦ ପର୍ଯ୍ୟନ୍ତ ୨ଟି ଶୋ କରାଯିବ। ଏହି ନୂତନ ସମୟ ସାରଣୀ ଲାଗୁ କରାଯାଇଥିବା ବୈଠକରେ ଆଲୋଚନା ହୋଇଥିଲା।

ବୈଠକରେ ଏଏସ୍‌ଆଇ ଭୁବନେଶ୍ୱର ସର୍କଲର ସୁପରିଣ୍ଟେଣ୍ଡେଣ୍ଟ ଅରୁଣ ମଲ୍ଲିକ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ସରୋଜ ପ୍ରଧାନ, ପର୍ଯ୍ୟଟନ ବିଭାଗ ସହକାରୀ ନିର୍ଦ୍ଦେଶକ ବିଜୟ ଜେନା, କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ଏନ୍. ଶ୍ରୀନିବାସ, ଏଏସ୍‌ଆଇର କୋଣାର୍କ ଦାୟିତ୍ୱରେ ଥିବା ବରିଷ୍ଠ ସଂରକ୍ଷଣ ସହାୟକ ଚିତ୍ତରଞ୍ଜନ ଦାସ, ଜିଲା ଶିଳ୍ପକେନ୍ଦ୍ରର ପରିଚାଳକ, ପିକେଡିଏ ସଚିବ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।



ସ୍ୱାସ୍ଥ୍ୟ ସବୁଠାରୁ ବଡ଼ ଉପହାର, ସନ୍ତୋଷ ସବୁଠାରୁ ବଡ଼ ସମ୍ପଦ ଏବଂ ବିଶ୍ୱସ୍ତତା ସବୁଠାରୁ ବଡ଼ ସମ୍ପର୍କ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ରାଜ୍ୟ ଭିଏଚ୍‌ପି କାର୍ଯ୍ୟକାରୀ ଅଧ୍ୟକ୍ଷଙ୍କ ଇସ୍ତଫା

ଭୁବନେଶ୍ୱର,୨୬।୯(ବ୍ୟୁରୋ): ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ଅନିଶ୍ଚିତତା ଭିତରେ ଗତି କରୁଥିବା ବେଳେ କେନ୍ଦ୍ର ସରକାର ଏ ଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି। ଅଧ୍ୟାଦେଶ ମାଧ୍ୟମରେ ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ନେଇ ସରକାର ପଦକ୍ଷେପ ନେଇପାରିଥାନ୍ତେ, ମାତ୍ର ଆନ୍ତରିକତା ଅଭାବ କାରଣରୁ ଏହା କରାଯାଉନାହିଁ। ଶହ ଶହ ବର୍ଷର ପୁରୁଣା ମନ୍ଦିର ଓ ମଠଗୁଡ଼ିକର ସୁରକ୍ଷା ପ୍ରତି ମଧ ସରକାର ଦୃଷ୍ଟି ଦେଉ ନ ଥିବା ବିଶ୍ୱ ହିନ୍ଦୁ ପରିଷଦ(ଭିଏଚ୍‌ପି)ର ରାଜ୍ୟ କାର୍ଯ୍ୟକାରୀ ଅଧ୍ୟକ୍ଷ ଡ. ବଦ୍ରିନାଥ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ବୁଧବାର ପରିଷଦ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ଏହି ଅଭିଯୋଗ ଆଣିଥିଲେ। ବିଶ୍ୱ ହିନ୍ଦୁ ପରିଷଦର ଅନ୍ତର୍ଜାତୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ଡ. ପ୍ରବୀଣ ଭାଇ ତୋଗାଡ଼ିଆଙ୍କ ନୀତି, ଆଦର୍ଶକୁ ସମ୍ମାନ ଦିଆ ନ ଯିବାରୁ ସେ ଯେଉଁଭଳି ଭାବେ ପରିଷଦରୁ ଅବ୍ୟାହତି ନେଲେ, ତାହା ନିନ୍ଦନୀୟ ବୋଲି ପଟ୍ଟନାୟକ କହିଥିଲେ। ସେହିପରି ବର୍ତ୍ତମାନ ବିଶ୍ୱ ହିନ୍ଦୁ ପରିଷଦ ଏକ ରାଜନୈତିକ ଦଳରେ ପରିଣତ ହୋଇଗଲାଣି ବୋଲି ଅଭିଯୋଗ କରି ସେ ଓ ଅଧ୍ୟକ୍ଷ ଅରୁଣ କୁମାର ଉପାଧ୍ୟାୟ ପରିଷଦରୁ ଇସ୍ତଫା ପ୍ରଦାନ କରିଥିବା ସୂଚନା ଦେଇଛନ୍ତି।

### ଅଗରତାଲାରେ ଓଡ଼ିଆ ଛାତ୍ରୀଛାତ୍ରଙ୍କୁ ନିର୍ଯାତନା

**ରାଜ୍ୟ ସରକାରଙ୍କ ସହଯୋଗ ଲୋଡ଼ିଲେ ଛାତ୍ରୀଛାତ୍ର**

ପୁରୀ ଅଫିସ,୨୬।୯: ତ୍ରିପୁରାର ଅଗରତାଲାସ୍ଥିତ ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନରେ ପଢୁଥିବା ଓଡ଼ିଆ ଛାତ୍ରୀଛାତ୍ର ନିର୍ଯାତନାର ଶିକାର ହେଉଛନ୍ତି। ସ୍ଥାନୀୟ ଛାତ୍ର ଓ ଅଣଛାତ୍ରମାନେ ନିର୍ଯାତନା ଦେଉଥିଲେ ମଧ ପ୍ରତିଷ୍ଠାନ କର୍ତ୍ତୃପକ୍ଷ ଏହା ଉପରେ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଏନେଇ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଘଟଣା ପଦାକୁ ଆସିଛି। ତୁରନ୍ତ ଏଥିରେ ହସ୍ତକ୍ଷେପ କରି ନ୍ୟାୟ ଦେବାକୁ ରାଜ୍ୟ ସରକାରଙ୍କୁ ଭିଡିଓ ମାଧ୍ୟମରେ ଅନୁରୋଧ କରିଛନ୍ତି ସମ୍ପୃକ୍ତ ଛାତ୍ରୀଛାତ୍ର। ଉକ୍ତ ଭିଡିଓରୁ ଜଣାପଡିଛି ଯେ, ଏଠାରେ ଓଡ଼ିଶାର ବିଭିନ୍ନ ଜିଲାରୁ ଶତାଧିକ ଛାତ୍ରୀ ବିଏଡ୍‌ରେ ଅଧ୍ୟୟନ କରୁଛନ୍ତି। ସପ୍ତାହ ତଳେ ଓଡ଼ିଆ ଛାତ୍ରୀଛାତ୍ର ଆନ୍ଦୋଳନ କରୁଥିବାବେଳେ ସେମାନଙ୍କୁ ଆକ୍ରମଣ ପ୍ରତିବାଦ କରିବାରୁ ସେମାନେ ଆକ୍ରମଣର ଶିକାର ହୋଇଥିଲେ। କୌଣସି କାର୍ଯ୍ୟରେ ବଜାରକୁ ଯାଉଥିବାବେଳେ ସ୍ଥାନୀୟ ଛାତ୍ରମାନେ ଅଣଛାତ୍ରଙ୍କ ସହ ମିଶି ଅଶ୍ଳୀଳ ଇଙ୍ଗିତ କରୁଛନ୍ତି। ଏପରିକି ଆକ୍ରମଣ କରିବା ସହ ହତ୍ୟା ଧମକ ଦେଉଛନ୍ତି। ତେଣୁ ଜୀବନ ଭୟରେ ଏବେ ଓଡ଼ିଆ ଛାତ୍ରୀଛାତ୍ର କ୍ୟାମ୍ପସ ବାହାରକୁ ଯିବା ବନ୍ଦ କରିଦେଇଛନ୍ତି। ଏ ସଂକ୍ରାନ୍ତରେ କଲେଜ କର୍ତ୍ତୃପକ୍ଷଙ୍କ ସହ ସେଠାକାର ପୋଲିସ ଓ ପ୍ରଶାସନକୁ ଜଣାଇଲେ କିଛି ସୁଫଳ ମିଳୁନି।

### ନନ୍ଦନକାନନରେ ଚିତ୍ରା ହରିଣ ମୃତ

ବାରଙ୍ଗ,୨୬।୯(ଡି.ଏନ୍.ଏ.): ନନ୍ଦନକାନନ ପ୍ରାଣୀ ଉଦ୍ୟାନର ତୃଣଭୋଜି ସଫାରିରେ ରହୁଥିବା ୧୮ବର୍ଷର ଏକ ଅଣ୍ଡିରା ଚିତ୍ରାହରିଣର ବୁଧବାର ଅପରାହ୍ନରେ ମୃତ୍ୟୁ ଘଟିଛି। ବୟସାଧିକ୍ୟ କାରଣରୁ ଏହାର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ବର୍ତ୍ତମାନ ଏଠାରେ ମୋଟ ହରିଣ ସଂଖ୍ୟା ୮୦୦ରୁ ଅଧିକ ରହିଛି।

■ ମତ୍ସ୍ୟଜୀବୀଙ୍କ ୭ଦଫା ଦାବି ପୂରଣ ହେଲାନି

# ଘେରିଲେ ଚିଲିକା ବ୍ଲକ, ତହସିଲ

ଖୋର୍ଦ୍ଧା ଅଫିସ/ବାଲୁଗାଁ, ୨୬।୯(ଡି.ଏନ.ଏ.)

୭ଦଫା ଦାବି ପୂରଣ ନ ହେବାରୁ ଚିଲିକା ମତ୍ସ୍ୟଜୀବୀ ମହାସଂଘ ପକ୍ଷରୁ ବୁଧବାର ଆଇନ ଅମାନ୍ୟ ଆନ୍ଦୋଳନ କରି ଚିଲିକା ବ୍ଲକ ଓ ତହସିଲ ଏକା ସମୟରେ ଘେରାଉ କରିଛନ୍ତି। ଶହଶହ ମତ୍ସ୍ୟଜୀବୀ ମହିଳାପୁରୁଷ ସରକାରୀ ବିରୋଧୀ ସ୍ଲୋଗାନ ଦେଇଥିଲେ। ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇଥିବା ବିକ୍ଷୋଭ ସମାବେଶ ଅପରାହ୍ନ ୩ଟାରେ ଶେଷ ହୋଇଥିଲା। ତେବେ ବ୍ରହ୍ମଗିରି ବିଧାୟକ ସଞ୍ଜୟ ଦାଶବର୍ମାଙ୍କ ଉପରେ ଆନ୍ଦୋଳନକାରୀ ବର୍ଷି ତାଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। ଆନ୍ଦୋଳନକାରୀମାନେ ତହସିଲଦାର ଓ ବିଡିଓଙ୍କୁ ସ୍ମାରକପତ୍ର ଦେଇ ଆନ୍ଦୋଳନ ପ୍ରତ୍ୟାହୃତ କରିଛନ୍ତି। ଏଥିସହ ଘୋଷଣା କରିଛନ୍ତି ଆସନ୍ତା ୨୮ ତାରିଖରେ ନିଷେଦ୍ଧାଦେଶ ନଳବଣରେ ସମାବେଶ ହେବ। ନଇରୀର ଚିଲିକା ଘାଟଠାରୁ ଏକ ବିଶାଳ ନୌଯାତ୍ରାରେ ବିକ୍ଷୋଭ ଶୋଭାଯାତ୍ରା ଆରମ୍ଭ ହୋଇ ନଳବଣରେ ଶେଷ ହେବ। ଅଭିଯୋଗକାରୀମାନେ ପୁରୁଣା ଦାବିକୁ ଦୋହରାଇ ଆନ୍ଦୋଳନକୁ ତ୍ୱରାନ୍ୱିତ କରିଛନ୍ତି।

**୨୮ ତାରିଖରେ ନଳବଣରେ ସମାବେଶ**



ଚିଲିକା ତହସିଲ ଓ ବ୍ଲକ ସମ୍ମୁଖରେ ମତ୍ସ୍ୟଜୀବୀଙ୍କ ବିକ୍ଷୋଭ।

ଅଭିଯୋଗ ଅନୁସାରେ, ବିଧାନସଭା ମୌସୁମୀ ଅଧିବେଶନରେ ଚିଲିକା ବିଲ୍ ଗୃହୀତ କରାଇବାର ଦାବି ରହିଛି। ସେହିଭଳି ସମୁଦ୍ରରୁ ଚିଲିକାକୁ ସଂଯୋଗ ହୋଇଥିବା ଅରଖକୁଦା ମୁହାଣ, ପାଲୁରୁ କେନାଲରୁ ଆଲିମ ଓ ସରୁ ଜାଲ ଉଚ୍ଛେଦ ପରି ଅନୁରୂପ ଦାବି ରହିଛି। ଅପରପକ୍ଷେ ଦହିଖିଆ ନାଳଠାରୁ ଟାଟା ବନ୍ଧ, ସିଡୁଆ ନାଳଠାରୁ ମଗର ମୁଖ ନାଳ, ସିଆଣ୍ଡି ନାଳଠାରୁ କଳାଖାଇ ନାଳ ଏବଂ ଚିଲିକାରୁ ସରୁ ଓ ମଶାରି ଜାଲ ଉଚ୍ଛେଦ କରି ମତ୍ସ୍ୟ ଉତ୍ପାଦନ ବୃଦ୍ଧି କରାଇବା ଦାବି ମଧ ରହିଛି। ମତ୍ସ୍ୟଜୀବୀଙ୍କର ନ୍ୟାଯ୍ୟ ଦାବି ଚିଲିକାରୁ ବେଆଇନ ଚିଙ୍ଗୁଡ଼ି ଘେରି ସୈରାତ ଘୋଷଣା କରିଥିବା ପ୍ରକ୍ରିୟାକୁ ରାଜ୍ୟ ସରକାର ବନ୍ଦ କରିବା, ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ଓ ବନ୍ଧ ଘେରି ଉଚ୍ଛେଦ ଅନୁରୂପ ଦାବି ରହିଛି। ଦାବିଗୁଡିକ ନେଇ ନିକଟରେ ସରକାରଙ୍କୁ ଅବଗତ କରାଯାଇଥିଲେ ମଧ ସୁଫଳ ମିଳିଲା ନାହିଁ। ଦାବି ପୂରଣ ନ ହେବାରୁ ସରକାର ଦାୟୀ ରହିବେ ବୋଲି ଆନ୍ଦୋଳନରତ ମତ୍ସ୍ୟଜୀବୀମାନେ ବୁଧବାର ଚେତାବନୀ ଦେଇଛନ୍ତି। ଆନ୍ଦୋଳନସ୍ଥଳରେ ପ୍ରତିବାଦ ସଭାରେ କହିଥିଲେ, ଚିଲିକାରେ ମାଛ ମାରିବାରେ ମତ୍ସ୍ୟଜୀବୀମାନଙ୍କୁ ଏକକ ଅଧିକାର ଦିଆଯାଉ। ସେହିଭଳି ଚିଲିକାରେ ଚିଙ୍ଗୁଡି ମାଫିଆଙ୍କ ଦୌରାତ୍ମ୍ୟ ଏଯାଏଁ ରହିଛି। ଏହାରି ପଛରେ ନ୍ୟସ୍ତସ୍ୱାର୍ଥ ରାଜନେତା ଓ ପ୍ରଶାସକ ରହିଥିବାରୁ ମତ୍ସ୍ୟଜୀବୀଙ୍କ ଦାବି ପୂରଣରେ ଅନ୍ତରାୟ ସୃଷ୍ଟି ହେଉଛି। ଏଣୁ ମହାସଂଘ ପକ୍ଷରୁ ଆନ୍ଦୋଳନକୁ ତ୍ୱରାନ୍ୱିତ କରାଗଲା। ଚିଲିକା ମତ୍ସ୍ୟଜୀବୀ ମହାସଭାର ସଭାପତି ରବୀନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ସମ୍ପାଦକ ଦୁଃଖିଶ୍ୟାମ ବେହେରା, ମତ୍ସ୍ୟଜୀବୀ ନେତା ବସନ୍ତ ନାୟକ, ପରେଶ ଜାଲି, ମହାଦେବ ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା, ଇନ୍ଦ୍ରମଣି ବେହେରା, ଦୁଃଖିଶ୍ୟାମ ଜାଲି ଓ ଦୁଃଖିରାମ ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ରାସାୟନିକ ବିପର୍ଯ୍ୟୟ ପରିଚାଳନା ସମୂହ ବୈଠକ

ଭୁବନେଶ୍ୱର,୨୬।୯(ବ୍ୟୁରୋ)

ଖୋର୍ଦ୍ଧା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ଜିଲା ରାସାୟନିକ ବିପର୍ଯ୍ୟୟ ପରିଚାଳନା ସମୂହ ବୈଠକ ଏଡିଏମ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କାରଖାନା ଓ ବାଷ୍ପିତ, ଉପନିର୍ଦ୍ଦେଶକ ଡ. ମଳୟ କୁମାର ପ୍ରଧାନ ଯୋଗଦେଇ ବୈଠକର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏହାସହ କାରଖାନା ଭିତରେ ଓ ବାହାରେ ଘଟୁଥିବା ଜରୁରିକାଳୀନ ପରିସ୍ଥିତିର ମୁକାବିଲା କରିବା ପାଇଁ ସର୍ବଦା ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ। ବୈଠକରେ କାରଖାନା ଓ ବାଷ୍ପିତ, ସହନିର୍ଦ୍ଦେଶକ ସ୍ୱରୂପ ଜେନା ଯୋଗଦେଇ ବିଗତ ବର୍ଷର କାର୍ଯ୍ୟ ପ୍ରଣାଳୀ ସମ୍ବନ୍ଧରେ ସୂଚନା ଦେଇଥିଲେ। ଖୋର୍ଦ୍ଧା ଅତିରିକ୍ତ ଜିଲାପାଳ ଅଫ୍ ସାଇଡ୍ ମକ୍‌ଡ୍ରିଲର ଆୟୋଜନ ଲାଗି ପ୍ରାକ୍ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିବା ସହ ଜରୁରିକାଳୀନ ପରିସ୍ଥିତିରେ ସରକାରଙ୍କ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ କହିଥିଲେ। ସେହିପରି ଜାତୀୟ ରାଜପଥରେ ରାସାୟନିକ ଓ ଦହନଶୀଳ ଦ୍ରବ୍ୟ ପରିବହନ ସମୟରେ ଘଟୁଥିବା ଦୁର୍ଘଟଣାର କିଭଳି ତତ୍‌କ୍ଷଣାତ୍ ମୁକାବିଲା କରାଯିବ, ତାହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏ ନେଇ ବୈଠକରେ ଉପସ୍ଥିତ ପୋଲିସ, ଓସ୍‌ଡମା, ଓଡ୍ରାଫ୍ ଓ ଏନ୍‌ଡିଆର୍‌ଏଫ୍ ଟିମ୍‌ର ବରିଷ୍ଠ କର୍ମକର୍ତ୍ତା ଏବଂ ଖୋର୍ଦ୍ଧା ଜିଲାର ସମସ୍ତ ଏମ୍‌ଏଏଚ୍ ଓ ହାର୍ଜାଡସ୍ କାରଖାନାଗୁଡ଼ିକର ବରିଷ୍ଠ ପ୍ରତିନିଧିଙ୍କ ସହ ଆଲୋଚନା ହୋଇଥିଲା। ବୈଠକ ଶେଷରେ ଅଞ୍ଜନା ଦାଶ ଧନ୍ୟବାଦ ଦେଇଥିଲେ।




ବୈଠକରେ ଉପସ୍ଥିତ ଅଧିକାରୀ ଓ ବିଭିନ୍ନ ବିଭାଗର କର୍ମକର୍ତ୍ତା।

# ୧୫୦ ଦୃଷ୍ଟିହୀନ ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ୍ ପ୍ରଦାନ

■ ଉଚ୍ଚଶିକ୍ଷାରେ ସାହାଯ୍ୟ କରିବ ସ୍ୱତନ୍ତ୍ର ସଫ୍ଟୱେର୍

ଭୁବନେଶ୍ୱର,୨୬।୯(ବ୍ୟୁରୋ)

ଉଚ୍ଚଶିକ୍ଷା ଲାଭ କରୁଥିବା ୧୫୦ଜଣ ଦୃଷ୍ଟିହୀନ ଛାତ୍ରୀଛାତ୍ରଙ୍କୁ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ(ଏସ୍‌ଏସ୍‌ଇପିଡି) ବିଭାଗ ପକ୍ଷରୁ ଲାପ୍‌ଟପ୍ ପ୍ରଦାନ କରାଯାଇଛି। ଗଣ୍ଡମୁଣ୍ଡାସ୍ଥିତ ନ୍ୟାଶନାଲ କ୍ୟାରିୟର ସର୍ଭିସ୍ ସେଣ୍ଟର୍ ଫର୍ ଡିଫରେଣ୍ଟ୍‌ଲି ଏବଲ୍‌ଡ(ଏନ୍‌ସିଏସ୍‌ସିଡିଏ) ଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଭାଗୀୟ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ମାଗଣାରେ ଲାପ୍‌ଟପ୍ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଏସ୍‌ଇପିଡି ବିଭାଗ ପ୍ରମୁଖ ଶାସନ ସଚିବ ନିତେନ ଚନ୍ଦ୍ର, ବିଭାଗୀୟ ନିର୍ଦ୍ଦେଶକ ସୁଶାନ୍ତ ମହାପାତ୍ର, ବିଭାଗର ଅନୁଶାସନ ସଚିବ ଅମ୍ବିକା ପ୍ରସାଦ ପଟ୍ଟନାୟକ, ଏନ୍‌ସିଏସ୍‌ସିଡିଏ, ଭୁବନେଶ୍ୱରର ସହାୟକ ନିର୍ଦ୍ଦେଶକ ରାମ କିଶୋର ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଦୃଷ୍ଟିହୀନ ଛାତ୍ରୀଛାତ୍ର ଓ ଅଧିକାରୀମାନେ।

ଏହି ଅବସରରେ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ କହିଥିଲେ, ଇଣ୍ଟରନେଟ୍ ଜ୍ଞାନକୌଶଳ ଦ୍ୱାରା ସାରା ପୃଥିବୀର ତଥ୍ୟ ଏବଂ ଅନ୍ୟାନ୍ୟ ପାଠ୍ୟକ୍ରମ ସମ୍ପର୍କରେ ଜାଣିବା ପାଇଁ ଦୃଷ୍ଟିହୀନ ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ୍ ପ୍ରଦାନ କରାଯାଉଛି। ଏହି ଲାପ୍‌ଟପ୍‌ରେ ସ୍ୱତନ୍ତ୍ର ଜଜ୍ ସଫ୍ଟୱେର୍ ଥିବାରୁ ଏହା ସେମାନଙ୍କ ଉଚ୍ଚଶିକ୍ଷାରେ ବିଶେଷ ସହାୟ ହେବ। ଏହିଭଳି ୨୫୦ ଲାପ୍‌ଟପ୍ ପ୍ରଦାନ କରିବା ପାଇଁ ରାଜ୍ୟ ସରକାର ବାର୍ଷିକ ବ୍ୟୟ ଅଟକଳ ୫୦ ଲକ୍ଷରୁ ୨ କୋଟି ଟଙ୍କାକୁ ବୃଦ୍ଧି କରିଥିବା ମନ୍ତ୍ରୀ କହିଥିଲେ। ବିଭାଗୀୟ ପ୍ରମୁଖ ଶାସନ ସଚିବ ନିତେନ ଚନ୍ଦ୍ର କହିଥିଲେ, ରାଜ୍ୟରେ ଥିବା କର୍ପୋରେଟ୍ ହାଉସ୍‌ଗୁଡ଼ିକ ନିଜ ସିଏସ୍‌ଆର୍ ପାଣ୍ଠିରୁ ଦିବ୍ୟାଙ୍ଗମାନଙ୍କ ସଶକ୍ତୀକରଣ ପାଇଁ ୫ ପ୍ରତିଶତ ବିନିଯୋଗ କରିବା ଉଚିତ। ଏ କ୍ଷେତ୍ରରେ ସ୍ୱତନ୍ତ୍ର ଭାବେ ବ୍ଲକ ଏବଂ ଜିଲାସ୍ତରରେ ଅଧିକାରୀ ଓ କର୍ମଚାରୀ ନିୟୋଜିତ କରିବାରେ ଓଡ଼ିଶା ଦେଶର ୬ ରାଜ୍ୟ ମଧ୍ୟରୁ ଅନ୍ୟତମ ବୋଲି ସେ କହିଥିଲେ। ଦିବ୍ୟାଙ୍ଗମାନଙ୍କୁ ଦିଆଯାଇଥିବା ଉପକରଣର ସଦୁପଯୋଗ କରି ଆତ୍ମନିର୍ଭରଶୀଳ ହେବାକୁ ବିଭାଗୀୟ ନିର୍ଦ୍ଦେଶକ କହିଥିଲେ। ଏସ୍‌ଏସ୍‌ଇପିଡି ବିଭାଗର ଅନୁଶାସନ ସଚିବ ଅମ୍ବିକା ପ୍ରସାଦ ପଟ୍ଟନାୟକ ଧନ୍ୟବାଦ ଦେଇଥିବା ବେଳେ ଅସିତ୍ ପାଣି ଓ ଦୀପ୍ତିକାନ୍ତ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦାବି ପୂରଣ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବେ ଭିଏଡବ୍ଲ୍ୟୁ

ଭୁବନେଶ୍ୱର,୨୬।୯(ବ୍ୟୁରୋ)

ଓଡ଼ିଶା ୩ଥର କୃଷି କର୍ମଣ ପୁରସ୍କାର ପାଇଥିବା ବେଳେ ଏହା କେବଳ ତଳସ୍ତରରେ କାମ କରୁଥିବା ଗ୍ରାମ୍ୟ କୃଷି କର୍ମଚାରୀମାନଙ୍କ ଯୋଗୁ ସମ୍ଭବ ହୋଇପାରୁଛି। ୨୦୧୭ ମସିହା ଅକ୍ଟୋବରରେ ହୋଇଥିବା ଗ୍ରାମ୍ୟ କୃଷି କର୍ମଚାରୀଙ୍କ ବାର୍ଷିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଓ କୃଷି ବିଭାଗ ଶାସନ ସଚିବ ସୌରଭ ଗର୍ଗ ଯୋଗଦେଇଥିଲେ। ଏହି ସମୟରେ ଗ୍ରାମ୍ୟ କୃଷି କର୍ମଚାରୀ(ଭିଏଡବ୍ଲ୍ୟୁ)ଙ୍କ ପଦବୀର ନାମ ପରିବର୍ତ୍ତନ କରି ପଞ୍ଚାୟତ କୃଷି ଅଧିକାରୀ କରିବା, ପଦବୀର ପୁନଃବିନ୍ୟାସ ଓ ନୂତନ କ୍ୟାଡର ରୁଲ ପ୍ରସ୍ତାବ ଆଦି କେତେକ ଅଣଅର୍ଥନୈତିକ ଦାବି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରାଯାଇଥିଲା। ଦାବିଗୁଡ଼ିକ ଯଥାଶୀଘ୍ର ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ମଧ ମିଳିଥିଲା। ଇତିମଧ୍ୟରେ ୧୧ମାସ ବିତି ଯାଇଥିଲେ ମଧ ପ୍ରଶାସନିକ ଅବହେଳା କାରଣରୁ ଆଜି ପର୍ଯ୍ୟନ୍ତ କୌଣସି ବି ଦାବି ପୂରଣ ହୋଇପାରି ନ ଥିବା ଅଭିଯୋଗ କରିଛି ଓଡ଼ିଶା ରାଜ୍ୟ ଗ୍ରାମ୍ୟ କୃଷି କର୍ମଚାରୀ ଓ ମହିଳା ଗ୍ରାମ୍ୟ କୃଷି କର୍ମଚାରୀ ସଂଘ। ଏ ନେଇ ସଂଘ ପକ୍ଷରୁ କର୍ମଚାରୀ ଭବନଠାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ସଂଘ ସଭାପତି ଦିଲୀପ କୁମାର ସାମନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଗ୍ରାମ୍ୟ କୃଷି କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ସରକାର ସେମାନଙ୍କ ନ୍ୟାଯ୍ୟ ଦାବିଗୁଡ଼ିକ ପ୍ରତି ଅଣଦେଖା କରୁଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନ ନେଲେ ତଳସ୍ତରରେ କାର୍ଯ୍ୟ କରୁଥିବା ସମସ୍ତ ଗ୍ରାମ୍ୟ କୃଷି କର୍ମଚାରୀ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ସଂଘ ସାଧାରଣ ସମ୍ପାଦକ ଅମୀୟ କୁମାର ରାଉତ ସୂଚନା ଦେଇଛନ୍ତି।

## ୧୮ ଜଣଙ୍କୁ ରାଜ୍ୟସ୍ତରୀୟ ଜାତୀୟ ସେବା ପୁରସ୍କାର

ଭୁବନେଶ୍ୱର, ୨୬।୯(ବ୍ୟୁରୋ)

ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ୨୦୧୭-୧୮ ଶିକ୍ଷାବର୍ଷ ପାଇଁ ୧୨ ସାମାଜିକ କର୍ମୀ ଓ ୬ଜଣ କାର୍ଯ୍ୟକ୍ରମ ଅଧିକାରୀଙ୍କୁ ରାଜ୍ୟସ୍ତରୀୟ ଜାତୀୟ ସେବା ପୁରସ୍କାର ପ୍ରଦାନ କରାଯାଇଛି। ବୁଧବାର ଉତ୍କଳ ଅଡିଟୋରିୟମ୍‌ରେ ଅନୁଷ୍ଠିତ ଉତ୍ସବରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ ମୁଖ୍ୟଅତିଥି ରୂପେ ଯୋଗଦେଇ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଆଗାମୀ ଦିନରେ ଏନ୍‌ଏସ୍‌ଏସ୍‌କୁ ଜାତୀୟସ୍ତରରେ ଏକ ନମ୍ବର କରିବା ପାଇଁ ରାଜ୍ୟ ସରକାର ସମସ୍ତ ସହଯୋଗ କରିବେ ବୋଲି ମନ୍ତ୍ରୀ କହିଛନ୍ତି। ବିଭାଗୀୟ ଶାସନ ସଚିବ ବିଷ୍ଣୁପଦ ସେଠୀଙ୍କ ପୌରୋହିତ୍ୟରେ ସମ୍ମାନିତ ଅତିଥିଭାବେ ଅତିରିକ୍ତ ଶାସନ ସଚିବ ଡ. ପ୍ରାର୍ଥସାରଥି ମିଶ୍ର, ମୁଖ୍ୟବକ୍ତା ଭାରତ ସରକାରଙ୍କ ଆଞ୍ଚଳିକ ନିର୍ଦ୍ଦେଶାଳୟର ଆଞ୍ଚଳିକ ନିର୍ଦ୍ଦେଶକ ଏମ୍. ରାମକ୍ରିଷ୍ଣା, ବିଭାଗୀୟ ପରାମର୍ଶଦାତା ଡ. ଉପେନ୍ଦ୍ର ନାଥ ସାହୁ, ଉତ୍କଳ ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମ ସଂଯୋଜକ ଡ. ମନୋରଞ୍ଜନ ମହାନ୍ତି ଯୋଗଦେଇଥିଲେ।

■ ନୂଆସାହି ମହାବୀର ପୂଜା କମିଟିର ପ୍ରସ୍ତୁତି ବୈଠକ

## ୪ ହଜାର ଭକ୍ତଙ୍କ ପାଇଁ ହେବ ପ୍ରସାଦ ବ୍ୟବସ୍ଥା

ଭୁବନେଶ୍ୱର,୨୬।୯(ବ୍ୟୁରୋ)

■ ପାରମ୍ପରିକ ବାଦ୍ୟରେ ଭସାଣି ଉତ୍ସବ
■ ଆକର୍ଷଣୀୟ ଲାଇଟ୍ ଗେଟ୍, ତୋରଣ ଉପରେ ଗୁରୁତ୍ୱ

ନୟାପଲ୍ଲୀ ନୂଆସାହିର ୩୯ନଂ. ୱାର୍ଡରେ ଥିବା ମହାବୀର ପୂଜା ମଣ୍ଡପଠାରେ ମଙ୍ଗଳବାର ଶ୍ରୀ ନୂଆସାହି ମହାବୀର ପୂଜା କମିଟି ପକ୍ଷରୁ ଚଳିତବର୍ଷ ପୂଜାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ବରିଷ୍ଠ ନାଗରିକ ରମେଶ ଚନ୍ଦ୍ର ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ। କମିଟିର କାର୍ଯ୍ୟକାରୀ ସଭାପତି ମିଳନ୍ କୁମାର ପାଇକରାୟ ଗତବର୍ଷ ପୂଜାର ହିସାବ ପ୍ରଦାନ କରିବା ସହ ଚଳିତବର୍ଷ ପୂଜା ପାଇଁ ହୋଇଥିବା ବ୍ୟୟ ଅଟକଳ ବୈଠକରେ ଉପସ୍ଥାପନା କରିଥିଲେ। ଏଥର ପୂଜା ବଜେଟ୍ ୫ଲକ୍ଷ ଟଙ୍କା ରଖାଯାଇଛି। ପୂଜା ୪ଦିନ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପାଖାପାଖି ୪ହଜାର ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯିବ। ଚଳିତବର୍ଷ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ଶାସ୍ତ୍ରୀନଗର ଶାଖା ପକ୍ଷରୁ ଏକ ପବିତ୍ର ଝାଙ୍କୀର ଆୟୋଜନ କରାଯିବ, ଯାହାକି ପୂଜାର ପ୍ରମୁଖ ଆକର୍ଷଣ ରହିବ। ଏଥିସହ ଆକର୍ଷଣୀୟ ଲାଇଟ୍ ଗେଟ୍ ଓ ତୋରଣ ନିର୍ମାଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଥିବା ପାଇକରାୟ ସୂଚନା ଦେଇଥିଲେ। ସେହିପରି ବିଭିନ୍ନ ପାରମ୍ପରିକ ବାଦ୍ୟ ଯଥା ଘଣ୍ଟପାଟୁଆ, ସମ୍ବଲପୁରୀ ବାଦ୍ୟରେ ଭସାଣି ଉତ୍ସବ ଶାନ୍ତିଶୃଙ୍ଖଳାର ସହ କରାଯିବ। ଡିଜେ ସାଉଣ୍ଡର ମଧ ବ୍ୟବସ୍ଥା ହେବ। ସବୁବର୍ଷ ଭଳି ଏଥର ମଧ ଯେପରି ପୂଜାରେ ଶାନ୍ତିଶୃଙ୍ଖଳା ବଜାୟ ରହିବ, ସେ ଦିଗରେ ଧ୍ୟାନ ଦିଆଯିବ ବୋଲି କମିଟି କର୍ମକର୍ତ୍ତାମାନେ କହିଥିଲେ। ବୈଠକରେ କମିଟି ସଭାପତି ବିବେକାନନ୍ଦ କର, କର୍ତ୍ତା ରମେଶ ଚନ୍ଦ୍ର ବେହେରା, ସମ୍ପାଦକ ଶୈଳେନ୍ଦ୍ର ପ୍ରସାଦ ରାୟ, ସଂଯୋଜକ ରାଧାବଲ୍ଲଭ ବରାଳଙ୍କ ସହ ସ୍ଥାନୀୟ ଅଞ୍ଚଳର ସମସ୍ତ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

## ନିଶା ଫାଉଣ୍ଡେଶନ ପକ୍ଷରୁ ସମ୍ବର୍ଦ୍ଧିତ ହେବେ ଏ.ବି. ସିଂ

ଭୁବନେଶ୍ୱର,୨୬।୯

ଶିକ୍ଷା ଏବଂ ଯୁବ ସଶକ୍ତିକରଣ କ୍ଷେତ୍ରରେ ବିଶେଷ ଅବଦାନ ରଖୁଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ। ନିଶା ଫାଉଣ୍ଡେଶନ, ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ ଏବଂ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପାର୍ଲାମେଣ୍ଟ ହାଉସରେ ଏ ନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସମ୍ବର୍ଦ୍ଧିତ ହେବାକୁ ଥିବା ୧୦ ବ୍ୟକ୍ତିଙ୍କ ମଧ୍ୟରେ ଆକାଶ ଇନଷ୍ଟିଚ୍ୟୁଟ ଭୁବନେଶ୍ୱରର ମୁଖ୍ୟ ଅଜୟ ବାହାଦୁର ସିଂ ରହିଛନ୍ତି। ଶିକ୍ଷା କ୍ଷେତ୍ରକୁ ଅବଦାନ ଲାଗି ତାଙ୍କୁ ସମ୍ମାନିତ କରାଯିବ। 'ଜିନ୍ଦେଗୀ' ନାମକ କାର୍ଯ୍ୟକ୍ରମ ଦ୍ୱାରା ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ପ୍ରଦାନ କ୍ଷେତ୍ରରେ ସିଂ ବର୍ତ୍ତମାନ କାର୍ଯ୍ୟରତ। ତାଙ୍କର ବିଭିନ୍ନ କାର୍ଯ୍ୟପନ୍ଥା ଉପରେ ସିଂ ପାୱାର ପଏଣ୍ଟ ଯୋଗେ ପ୍ରେଜେଣ୍ଟେଶନ ରଖିବେ।



## ଉଦ୍ୟୋଗ ସଚେତନତା ଶିବିର

ଭୁବନେଶ୍ୱର,୨୬।୯(ବ୍ୟୁରୋ)

ଜିଲା ଶିଳ୍ପ କେନ୍ଦ୍ର ସମ୍ମିଳନୀ କକ୍ଷରେ ବୁଧବାର ଉଦ୍ୟୋଗ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିଏମ୍‌ସି ମେୟର ଅନନ୍ତ ନାରାୟଣ ଜେନା ଉଦ୍‌ଘାଟନ କରିଥିଲେ। ଯୁଗ୍ମ ନିର୍ଦ୍ଦେଶକ ତଥା ସାଧାରଣ ପରିଚାଳକ ନିରାକାର ମିଶ୍ର ବିଭିନ୍ନ ଯୋଜନା ସମ୍ପର୍କରେ କହିଥିଲେ। ଆଞ୍ଚଳିକ ନିର୍ଦ୍ଦେଶକ ଚିତ୍ତରଞ୍ଜନ ପଟ୍ଟନାୟକ ଯୋଗଦେଇ ଉପସ୍ଥିତ ୯୮ଜଣ ପ୍ରଶିକ୍ଷାର୍ଥୀଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଓଡ଼ିଶା ଅର୍ଥ ନିଗମର ଶାଖା ପରିଚାଳକ ଗଗନ ପାଣି ଯୋଗଦେଇଥିଲେ। ଶିଳ୍ପ ବିକାଶ ଅଧିକାରୀ ପ୍ରତାପ କୁମାର ସେଠୀ ସ୍ୱାଗତ ଭାଷଣ ଦେଇଥିଲେ।



ଭୁବନେଶ୍ୱର ଭଞ୍ଜକଳା ମଣ୍ଡପଠାରେ ବୁଧବାର ମନୋମାନିନୀର ସମ୍ବର୍ଦ୍ଧନା ଉତ୍ସବ 'ବର୍ଣ୍ଣାଳି ୨୦୧୮' ଅବସରରେ ପରିବେଷିତ ନାଟକ 'ପେଟେଣ୍ଟ ମେଡିସିନ୍'ର ଏକ ଦୃଶ୍ୟ।

# ଉତ୍କଳରୁ ଆରମ୍ଭ ହୋଇଥିଲା ବୌଦ୍ଧ ଧର୍ମରେ ତନ୍ତ୍ର ଉପାସନା

ଭୁବନେଶ୍ୱର,୨୬।୯(ବ୍ୟୁରୋ)

ବୌଦ୍ଧ ଧର୍ମରେ ତନ୍ତ୍ର ଉପାସନା ପଦ୍ଧତି ଉତ୍କଳରୁ ଆରମ୍ଭ ହୋଇ ପରବର୍ତ୍ତୀ ସମୟରେ ଏହା ଭାରତର ନାଳନ୍ଦା ସମେତ ବିଭିନ୍ନ ଅଞ୍ଚଳରେ ବୌଦ୍ଧ ଧର୍ମକୁ ପ୍ରଭାବିତ କରିଥିଲା। ଏପରି କି, ତିବ୍ବତରେ ମଧ ଉତ୍କଳୀୟ ତନ୍ତ୍ର ଉପାସନାର ପ୍ରମାଣ ମିଳିଛି। ଭାରତର ଦୁଇଶହରୁ ଊର୍ଦ୍ଧ୍ୱ ବୌଦ୍ଧ ପୀଠର ଖନନ ସମୟରେ ଏହାର ପ୍ରମାଣ ମିଳିଥିବା ଏଠାରେ ମତପ୍ରକାଶ ପାଇଛି। ବିଶିଷ୍ଟ ଗବେଷକ ତଥା ଲୋକପ୍ରିୟ ଲେଖକ ଗଣେଶ ପ୍ରସାଦ ପରିଜାଙ୍କ ଊନବିଂଶତମ ସ୍ମୃତି ଦିବସ ଅବସରରେ ଆୟୋଜିତ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମରେ ଏ ନେଇ ମତପ୍ରକାଶ ପାଇଛି।

'ଶାରଳା ସ୍ମାରକ' ପକ୍ଷରୁ ରାଜ୍ୟ ଅଭିଲେଖାଗାର ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ ରାଜ୍ୟ ଅର୍ଥ ଓ ଅବକାରୀ ମନ୍ତ୍ରୀ ଶଶିଭୂଷଣ ବେହେରା। ଏହି ଅବସରରେ ମନ୍ତ୍ରୀ କହିଥିଲେ, ଗଣେଶ ପ୍ରସାଦ ପରିଜା ଝଙ୍କଡ଼ଠାରେ ମହାକବି ଶାରଳା ଦାସଙ୍କ ବଂଶରେ ଜନ୍ମଗ୍ରହଣ କରିଥିଲେ। ଓଡ଼ିଆ ସାହିତ୍ୟ ପ୍ରତି ତାଙ୍କର ଅନେକ ଅବଦାନ ରହିଥିଲା। ଜଗନ୍ନାଥ ସଂସ୍କୃତି, ଶକ୍ତି ଉପାସନା ଓ ବୌଦ୍ଧ ଧର୍ମ ସମ୍ପର୍କିତ ତାଙ୍କ ପୁସ୍ତକଗୁଡ଼ିକ ବେଶ୍ ଲୋକପ୍ରିୟ ହୋଇପାରିଥିଲା। କାର୍ଯ୍ୟକ୍ରମରେ ବିଶିଷ୍ଟ ବୌଦ୍ଧ ଗବେଷକ ତଥା ପ୍ରତ୍ନତତ୍ତ୍ୱବିତ୍ ସୁନୀଲ ପଟ୍ଟନାୟକ 'ଓଡ଼ିଶାରେ ବୌଦ୍ଧ ଧର୍ମ ଓ ତନ୍ତ୍ର ଉପାସନା' ଶୀର୍ଷକ ପ୍ରସଙ୍ଗ ଉପରେ ବକ୍ତବ୍ୟ ରଖିଥିଲେ। ଗଣେଶ ପ୍ରସାଦ ପରିଜାଙ୍କ ଦ୍ୱାରା ସୃଷ୍ଟ ସାହିତ୍ୟର ବିଭିନ୍ନ ଦିଗ ମଧ୍ୟରେ ବୌଦ୍ଧ ଧର୍ମ ଓ ତନ୍ତ୍ର ଉପାସନା ପ୍ରମୁଖ ବୋଲି ସେ କହିଥିଲେ। ସେହିପରି ସାହିତ୍ୟିକ ଡ. ସୌରୀବନ୍ଧୁ କର କହିଥିଲେ, ଗଣେଶ ପ୍ରସାଦ ପରିଜାଙ୍କ ରଚନାର ବୈଶିଷ୍ଟ୍ୟ ହେଲା ସେ ଅତ୍ୟନ୍ତ ସାବଲୀଳ ଓ ବୋଧଗମ୍ୟ ଭାଷାରେ ରଚନା କରୁଥିଲେ। ଜଣେ ସୁଲେଖକ ଓ ସୁବକ୍ତାଙ୍କର ସମନ୍ୱୟ ତାଙ୍କଠାରେ ଦେଖିବାକୁ ମିଳୁଥିଲା। ଶାରଳା ସ୍ମାରକର ଉପସଭାପତି ଡା. ନିମାଇଁ ଚରଣ ପରିଜାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାପତି ସାତକଡି ହୋତା ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଡ. ଦେବାଶିଷ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବିଶିଷ୍ଟ ଓଡ଼ିଶୀ ଗବେଷିକା ତଥା ନୃତ୍ୟାଙ୍ଗନା ଡ. ନୀତା ବହିଦାରଙ୍କୁ ତୃତୀୟ ଗଣେଶ ପରିଜା ସମ୍ମାନ ପ୍ରଦାନ କରାଯାଇଥିଲା। ସଭା ପ୍ରାରମ୍ଭରେ ଗାୟିକା ଛନ୍ଦା ମିଶ୍ର ଶାରଳା ବନ୍ଦନା ଓ ଶାରଳା ଦାସଙ୍କ ବିଲଙ୍କା ରାମାୟଣ ଆବୃତ୍ତି କରିଥିଲେ।



ବଲିଉଡ୍ ଅଭିନେତ୍ରୀ ସନି ଲିଓନଙ୍କ ବେଙ୍ଗାଲୁରରେ ହେବାକୁ ଥିବା ଲାଇଭ୍ କନସର୍ଟ କାର୍ଯ୍ୟକ୍ରମକୁ ପୁଣିଥରେ ବିରୋଧ କରାଯାଇଛି। ମାନ୍ୟତା ଟେକ୍ ପାର୍କସ୍ଥିତ ହ୍ୱାଇଟ୍ ଅର୍କିଡ ହୋଟେଲରେ ନଭେମ୍ବରରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମକୁ କେତେକ କନ୍ନଡର ସଙ୍ଗଠନ। ବିରୋଧ କରି ଏହା ଉପରେ କଟକଣା ଲଗାଇବାକୁ ଦାବି କରିଛନ୍ତି। ଏହା ସହ ସେମାନେ ସର୍ତ୍ତ ରଖିଛନ୍ତି, ସନି କନ୍ନଡ ଗୀତରେ ନାଚ କରନ୍ତୁ। ଏହା ପୂର୍ବରୁ ୨୦୧୭ରେ ନୂଆବର୍ଷ ଉପଲକ୍ଷେ ସନିଙ୍କର କାର୍ଯ୍ୟକ୍ରମକୁ କର୍ନାଟକ ରକ୍ଷଣ ବେଦିକା (କେଆରଭି) ପକ୍ଷରୁ ବିରୋଧ କରାଯାଇଥିଲା।

## ସଂକ୍ଷେପରେ

### ଲାଞ୍ଚ ନେଇ ଇନ୍ଦ୍ରାବତୀ ପ୍ରକଳ୍ପ ଅମିନ ଗିରଫ

କଟକ ଅଫିସ,୨୬।୯: ୩୦ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ କଳାହାଣ୍ଡି ଜିଲା କୁସୁମଖୁଣ୍ଟିସ୍ଥିତ ଉପର ଇନ୍ଦ୍ରାବତୀ ପ୍ରକଳ୍ପର ଅମିନ ତୋଫାନ କୁମାର ମହନ୍ତ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ବୁଧବାର ସେ ଏହି ଲାଞ୍ଚ କଳାହାଣ୍ଡି ଜିଲା ଜୟପାଟଣା ଅଞ୍ଚଳର କ୍ଷୀରସିନ୍ଧୁ ପାଣିଗ୍ରାହୀଙ୍କଠାରୁ ଗ୍ରହଣ କରୁଥିଲେ। ଇନ୍ଦ୍ରାବତୀ ପ୍ରକଳ୍ପ ନିମନ୍ତେ କ୍ଷୀରସିନ୍ଧୁଙ୍କଠାରୁ ସରକାର ଜମି ଅଧିଗ୍ରହଣ କରିଥିଲେ। ଜମି କ୍ଷତିପୂରଣ ବାବଦକୁ କ୍ଷୀରସିନ୍ଧୁ ସରକାରଙ୍କଠାରୁ ୧୦ ଲକ୍ଷ ୧୩ ହଜାର ୨୧୯ ଟଙ୍କା ପାଇବା କଥା। ଏଥିପାଇଁ ସେ ଇନ୍ଦ୍ରାବତୀ ପ୍ରକଳ୍ପର ଜମି ଅଧିଗ୍ରହଣ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଅମିନ ମହନ୍ତଙ୍କୁ ଭେଟିଥିଲେ। ମାତ୍ର ମହନ୍ତ ଏଥିପାଇଁ ୩୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ବୁଧବାର ପୂର୍ବାହ୍ନ ୧୧ଟା ୪୦ରେ ଅମିନ ମହନ୍ତ କୁସୁମଖୁଣ୍ଟି ନିକଟ ମୋଟର ଛକଠାରେ କ୍ଷୀରସିନ୍ଧୁଙ୍କଠାରୁ ୩୦ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବାବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ।

■ ଜଣେ ମହିଳାଙ୍କ ଦୁଇ ସ୍ୱାମୀ ପ୍ରସଙ୍ଗ

# କୃଷିମନ୍ତ୍ରୀଙ୍କ ସରକାରୀ ବାସଭବନ ଘେରିଲା ଭାଜପା ମହିଳା ମୋର୍ଚ୍ଚା

ଭୁବନେଶ୍ୱର,୨୬।୯(ବ୍ୟୁରୋ): ଜଣେ ମହିଳାଙ୍କର ଦୁଇଜଣ ଲେଖା ସ୍ୱାମୀ ବୋଲି କୃଷିମନ୍ତ୍ରୀ ପ୍ରଦୀପ ମହାରଥୀ କହିଥିବା ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାପରେ ଏହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଏନେଇ ଉଭୟ ଭାଜପା ଓ କଂଗ୍ରେସ ମହିଳା ସଙ୍ଗଠନ ପକ୍ଷରୁ ମହାରଥୀଙ୍କ ଇସ୍ତଫା ଦାବି କରାଯାଇଛି। ବୁଧବାର ଭାଜପା ମହିଳା ମୋର୍ଚ୍ଚା କର୍ମୀମାନେ ମହାରଥୀଙ୍କ ସରକାରୀ ବାସଭବନକୁ ଧସେଇ ପଶିବାକୁ ପ୍ରୟାସ କରିଥିଲେ। ଏହି ସମୟରେ ପୋଲିସ ଏବଂ ମହିଳା ମୋର୍ଚ୍ଚା କର୍ମୀଙ୍କ ମଧ୍ୟରେ ଠେଲାପେଲା ପରିସ୍ଥିତି ସୃଷ୍ଟି ହୋଇଥିଲା। ଘଟଣାସ୍ଥଳରୁ କେତେଜଣ ମହିଳା ମୋର୍ଚ୍ଚା କର୍ମୀଙ୍କୁ ପୋଲିସ୍ ଅଟକ ରଖି ପରବର୍ତ୍ତୀ ସମୟରେ ଛାଡ଼ି ଦେଇଥିବା ଜଣାପଡିଛି।

### ମୋ ବକ୍ତବ୍ୟକୁ କଦର୍ଥ କରାଯାଇଛି: ମହାରଥୀ



ଆନ୍ଦୋଳନକାରୀଙ୍କୁ ପୋଲସ ଅଟକାଇବାକୁ ଚେଷ୍ଟା କରୁଛି।

ମାତ୍ର ମୁଁ କୌଣସି ଭୁଲ୍ କଥା କହିନି ବୋଲି ମହାରଥୀ କହିଛନ୍ତି। ମହାରଥୀ କହିଛନ୍ତି ଯେ, ବିନା କାରଣରେ ମୋ ବକ୍ତବ୍ୟକୁ କଦର୍ଥ କରିବାର ପ୍ରୟାସ କରାଯାଉଛି। ମୁଁ ଏପରି କିଛି କହି ନାହିଁ। ସୋସିଆଲ ମିଡିଆ ଏବଂ ଗଣମାଧ୍ୟମରେ ମତେ ବଦନାମ କରାଯାଉଛି। ଏନେଇ ମୁଁ ଅତ୍ୟନ୍ତ ମର୍ମାହତ। ମହିଳାମାନଙ୍କୁ ମୁଁ ସମ୍ମାନ ଦିଏ। ମୋ କଥାକୁ ଟୁଇଷ୍ଟ କରାଯାଉଛି। ସବୁବେଳେ ମୋ ନିର୍ବାଚନମଣ୍ଡଳୀର ମହିଳାମାନଙ୍କୁ ଅଗ୍ରାଧିକାର ଦେଇଛି। ସେମାନଙ୍କ ଆଶୀର୍ବାଦ ପାଇଁ ୬ଥର ବିଧାୟକ ଭାବେ ନିର୍ବାଚିତ ହୋଇଛି। ମା'ମାନଙ୍କ କ୍ଷେତ୍ରରେ ସେଭଳି କିଛି କହି ନାହିଁ। ମୋ କଥାରେ କିଛି ହେଲେ ତ୍ରୁଟି ନାହିଁ, ତେଣୁ କ୍ଷମା ମାଗିବାର ପ୍ରଶ୍ନ ଉଠୁ ନାହିଁ। ସେ ଆହୁରି କହିଛନ୍ତି ଯେ, ଆଗକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସତ୍ୟବାଦୀରେ ହେବାକୁ ଥିବା ଏକ କାର୍ଯ୍ୟକ୍ରମରେ ଯୋଗଦେବେ। ମୁଖ୍ୟମନ୍ତ୍ରୀ ମୋ ନିର୍ବାଚନମଣ୍ଡଳୀ ଦେଇ ଯିବେ। ଏହି ଅବସରରେ ମୁଁ ୩୦ହଜାର ମହିଳାଙ୍କୁ ଏକତ୍ର କରିବାକୁ ଲକ୍ଷ୍ୟ ରଖିଛି। ମହିଳାମାନେ ଆସିଲେ ସେମାନଙ୍କ ସ୍ୱାମୀମାନେ ମଧ୍ୟ ସେଠାକୁ ଆସିବେ। ଯଦ୍ୱାରା ସେମାନଙ୍କ ସଂଖ୍ୟା ମିଶିଲେ ୬୦ହଜାର ହେବ। ଏହାଛଡା ଆଉ କିଛି ମୁଁ କହିନାହିଁ। ମୋ କଥାକୁ ଅତିରଞ୍ଜିତ କରି ମୋ ନାମରେ ବଦ୍‌ନାମ କରାଯାଉଛି ବୋଲି ସେ କହିଛନ୍ତି।

# ୪୨ ଦିନରେ ଶିକ୍ଷକଙ୍କ ଆନ୍ଦୋଳନ

■ ୨୮ରେ ସବୁ ଜିଲାରେ ସଚେତନତା ସଭା

ଭୁବନେଶ୍ୱର, ୨୬।୯(ବ୍ୟୁରୋ) ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ଲୋୟର ପିଏମ୍‌ଜିରେ ଦିଆଯାଇଥିବା ଧାରଣା ବୁଧବାର ୪୨ଦିନରେ ପହଞ୍ଚିଛି। ଛାତ୍ରୀଛାତ୍ରଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ଶିକ୍ଷକମାନେ କାର୍ଯ୍ୟବନ୍ଦ ଆନ୍ଦୋଳନରୁ ଓହରିଯାଇ କଳାବ୍ୟାଜ ପରିଧାନ କରି ପାଠ ପଢ଼ାଉଛନ୍ତି। ମିଳିତ ମଞ୍ଚର ଗୋଟିଏ ଦାବି ଯିଏ ଯେଉଁ ଦିନଠାରୁ ଯୋଗ୍ୟ ବିବେଚିତ ସେହିଦିନଠାରୁ ଚାକିରି ସର୍ତ୍ତାବଳୀ ସହିତ ପୂର୍ଣ୍ଣ ଅନୁଦାନ ଦିଆଯାଉ। ଦାବିପୂରଣ ନ କରି ସରକାର ଯଦି ଜିଦ୍‌ରେ ବସିବେ ତେବେ ଆଗାମୀ ଦିନରେ ରାଜ୍ୟବାସୀଙ୍କ ନିକଟରେ ଉତ୍ତରଦାୟୀ ହେବେ। ୬ହଜାର ଶିକ୍ଷାନୁଷ୍ଠାନ ଭାଙ୍ଗିବ। ଲକ୍ଷ ଲକ୍ଷ ଛାତ୍ରୀଛାତ୍ର ପାଠପଢ଼ାରୁ ବଞ୍ଚିତ ହେବେ। ଅପରପକ୍ଷେ ଆସନ୍ତା ୨୮ତାରିଖ ଦିନ ସମସ୍ତ ଜିଲାରେ ସଚେତନତା ସଭା ଅନୁଷ୍ଠିତ ହେବ। ଅକ୍ଟୋବର ୨ରେ ହଜାର ହଜାର ଶିକ୍ଷକ ଅଧ୍ୟାପକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୧୨ ଘଣ୍ଟିଆ ଅନଶନରେ ବସିବେ। ଏହା ସତ୍ତ୍ୱେ ସରକାର ନ ଶୁଣିଲେ ପବିତ୍ର ଗୋପବନ୍ଧୁ ଜୟନ୍ତୀରେ ଛାତ୍ର, ଅଭିଭାବକ ଓ ବୁଦ୍ଧିଜୀବୀଙ୍କୁ ସାଥିରେ ନେଇ ବଡ଼ ଜନ ସମାବେଶ ହେବ। ଅସନ୍ତୋଷ ବ୍ୟାପିବ, ଏହାର ପରିଣତି ସରକାରଙ୍କୁ ଭୋଗିବାକୁ ପଡ଼ିବ ବୋଲି ମିଳିତମଞ୍ଚର ତିନି ଆବାହକ ପ୍ରକାଶ ଚନ୍ଦ୍ର ମହାନ୍ତି, ଗୋଲକ ନାୟକ ଓ ପବିତ୍ର ମହାଲା କହିଛନ୍ତି। ଭୁବନେଶ୍ୱରଠାରେ ଚାଲିଥିବା ଅହୋରାତ୍ର ଧାରଣାରେ ବୁଧବାର ନୟାଗଡ଼ ଓ ସମ୍ବଲପୁର ଜିଲାର ଶିକ୍ଷକ ଏବଂ ଅଧ୍ୟାପକଙ୍କ ତରଫରୁ ନିରଞ୍ଜନ ଆଚାର୍ଯ୍ୟ, ସରୋଜ କୁମାର ରଥ, ବ୍ୟୋମକେଶ ରଥ, କବିରାଜ ବିଶ୍ୱାଳ, ମାଣିକେଶ୍ୱର ସ୍ୱାଇଁ, ବିନାୟକ ପରିଡ଼ା, ଅନ୍ତର୍ଯ୍ୟାମୀ ପତି, ହରିନାରାୟଣ ପଣ୍ଡା, କେଶବ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇଥିଲେ।

■ ଆୟୁଷ୍ମାନ ଯୋଜନା ପ୍ରତ୍ୟାଖ୍ୟାନ ପ୍ରସଙ୍ଗ

# ୩୦ରୁ ଭାଜପାର ଜନଜାଗରଣ ଯାତ୍ରା



ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା ଓ ଅନ୍ୟମାନେ।

■ ସବୁ ବର୍ଗର ଲୋକଙ୍କ ଦସ୍ତଖତ ସଂଗ୍ରହ କରାଯିବ: ଭାଜପା

■ ରାଜ୍ୟର ଆବଶ୍ୟକତାକୁ ଦୃଷ୍ଟି ନ ଦେଇ ଅନେକ ଯୋଜନା କରାଯାଉଛି: ବିଜେଡି

ଭୁବନେଶ୍ୱର,୨୬।୯(ବ୍ୟୁରୋ): କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନାରେ ରାଜ୍ୟବାସୀ ସାମିଲ ହେବା ପାଇଁ ଭାଜପା ପକ୍ଷରୁ ଆମନ୍ତ୍ରଣ କରାଯାଇଛି । ଏଥିପାଇଁ ଆସନ୍ତା ୩୦ରୁ ସପ୍ତାହବ୍ୟାପୀ ରାଜ୍ୟରେ ଜନଜାଗରଣ ଯାତ୍ରା ପାଇଁ ଦଳ ଆହ୍ୱାନ ଦେଇଛି। ଓଡ଼ିଆ ଲୋକଙ୍କ ସ୍ୱାର୍ଥ ବିରୋଧୀ ରାଜ୍ୟ ସରକାରଙ୍କ ବିରୋଧରେ ଏହି ଜନଜାଗରଣ କରାଯିବ ବୋଲି ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା କହିଛନ୍ତି।

ବୁଧବାର ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପଣ୍ଡା କହିଛନ୍ତି, ଦଳର କାର୍ଯ୍ୟକର୍ତ୍ତାମାନେ ସେପ୍ଟେମ୍ବର ୩୦ରୁ ସପ୍ତାହବ୍ୟାପୀ ପ୍ରତି ଘରେ ପହଞ୍ଚିବେ। ଆୟୁଷ୍ମାନ ଭାରତ ଯୋଜନାରେ ଓଡ଼ିଶା ସାମିଲ ହେବା ଦାବିରେ ଦସ୍ତଖତ ସଂଗ୍ରହ କରାଯିବ। ରାଜ୍ୟର ସମସ୍ତ ପଞ୍ଚାୟତ ଏବଂ ସହରାଞ୍ଚଳରେ ବ୍ୟାପକ ପଥପ୍ରାନ୍ତ ସଭା କରି ଜନମତ ଗଢି ତୋଳିବା ପାଇଁ ଦଳ ପକ୍ଷରୁ ପ୍ରୟାସ କରାଯିବ। ଏହି ଯୋଜନାରେ ଓଡ଼ିଶାବାସୀଙ୍କୁ ସାମିଲ କରିବାକୁ ରାଜ୍ୟସରକାରଙ୍କୁ ବାଧ୍ୟ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଗୁରୁତର ରୋଗରେ ଦେଶର କେହି ଗରିବ ଲୋକ ପୀଡ଼ିତ ହେଲେ ପ୍ରତି ବ୍ୟକ୍ତିକୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ କେନ୍ଦ୍ର ସରକାର ଆୟୁଷ୍ମାନ ଭାରତ ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନା ଦ୍ୱାରା ଦେଶର ସମସ୍ତ ସରକାରୀ ଓ ବେସରକାରୀ ଡ଼ାକ୍ତରଖାନାରେ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ସ୍ୱାସ୍ଥ୍ୟସେବା ଯୋଜନା କାର୍ଯ୍ୟକାରୀ ହୋଇଛି।

ମାତ୍ର ଓଡ଼ିଶାବାସୀଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇବାକୁ ଚାହୁଁଥିବା ବେଳେ ରାଜ୍ୟ ସରକାର ଏଥିରେ କଣ୍ଟା ସାଜିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗରିବ ଓଡ଼ିଆଙ୍କ ମାଗଣା ଚିକିତ୍ସା ନୁହେଁ ବରଂ ନିଜର ଚୌକି ବଞ୍ଚାଇବା ଉପରେ ପ୍ରାଥମିକତା ଦେଉଛନ୍ତି। ତେଣୁ ଆୟୁଷ୍ମାନ ଭାରତ ବଦଳରେ ଓଡ଼ିଆଙ୍କୁ ଠକିବା ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କରାଯାଇଛି ବୋଲି ପଣ୍ଡା ଅଭିଯୋଗ କରିଛନ୍ତି ।

ଭାଜପା ରାଜ୍ୟ ସଭାପତିଙ୍କ ଏଭଳି ଅଭିଯୋଗ ବିରୋଧରେ କଡା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବିଜେଡି ମୁଖପାତ୍ର ଅମର ପ୍ରସାଦ ଶତପଥୀ । ସେ କହିଛନ୍ତି, କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନା ଦ୍ୱାରା ରାଜ୍ୟର ବହୁ ହିତାଧିକାରୀ ବାଦ୍ ପଡିବେ ବୋଲି ଅନୁଭବ କଲୁ। ସେଥିଲାଗି ନିଜସ୍ୱ ରାଜସ୍ୱ ପାଣ୍ଠିରୁ ବିଜୁ ସ୍ୱାସ୍ଥ୍ୟ ଯୋଜନା କାର୍ଯ୍ୟକାରୀ କଲୁ। କେନ୍ଦ୍ର ସରକାର ଅଧିକାଂଶ ସମୟରେ ରାଜ୍ୟର ଆବଶ୍ୟକତାକୁ ଦୃଷ୍ଟି ନ ଦେଇ ବହୁ ଯୋଜନା କରୁଛନ୍ତି, ଯେଉଁଥିପାଇଁ ରାଜ୍ୟ ସରକାର ପରବର୍ତ୍ତୀ ସମୟରେ ତାକୁ ଅଗ୍ରାହ୍ୟ କରିବାକୁ ବାଧ୍ୟ ହେଉଥିବା ସେ କହିଛନ୍ତି।

# ୨୮ରେ ୨୨ହଜାର ଔଷଧ ଦୋକାନରେ ତାଲା ଝୁଲିବ

ଭୁବନେଶ୍ୱର, ୨୬।୯(ବ୍ୟୁରୋ) ଅନ୍‌ଲାଇନରେ ଔଷଧ ବିତରଣ ପ୍ରତିବାଦରେ ଆସନ୍ତା ୨୮ ତାରିଖରେ ସାରା ଦେଶରେ ୨୪ ଘଣ୍ଟା ଧରି ସମସ୍ତ ଔଷଧ ଦୋକାନ ବନ୍ଦ ରହିବ। ଅଖିଳ ଭାରତୀୟ ଔଷଧ ବ୍ୟବସାୟୀ ମହାସଂଘ ପକ୍ଷରୁ ଦିଆଯାଇଥିବା ଔଷଧ ବ୍ୟବସାୟ ବନ୍ଦ ଡାକରାକୁ ଉତ୍କଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନ୍ (ୟୁସିଡିଏ) ସମର୍ଥନ କରିଛି। ଫଳରେ ରାଜ୍ୟର ୨୨ହଜାର ଔଷଧ ଦୋକାନରେ ତାଲା ଝୁଲିବ। ତେବେ ବନ୍ଦ ସମୟରେ ଜରୁରିକାଳୀନ ସେବାକୁ ଦୃଷ୍ଟିରେ ରଖି ସରକାରୀ ଓ ବେସରକାରୀ ଡାକ୍ତରଖାନା ପରିସରରେ ଥିବା ଔଷଧ ଦୋକାନଗୁଡ଼ିକ ଖୋଲା ରହିବ। ବୁଧବାର ୟୁନିଟ୍-୪ସ୍ଥିତ ଅଟଳ ଭବନଠାରେ ୟୁସିଡିଏ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ୟୁସିଡିଏର ସମ୍ପାଦକ ବନୋଜ ଜେନା କହିଛନ୍ତି, ଇ-ଫାର୍ମାସୀ ତଥା ଅନ୍‌ଲାଇନରେ ଔଷଧ ବିତରଣକୁ ବିରୋଧ କରି ଏହି ବନ୍ଦ ଡାକରା ଦିଆଯାଇଛି। ସରକାରଙ୍କ ନିଷ୍ପତ୍ତି ବିରୋଧରେ ମେଡିଶିନ ଷ୍ଟୋର ବନ୍ଦ ରଖିବା ପାଇଁ ନିଷ୍ପତ୍ତି ହୋଇଛି। ସଂଘର ସଦସ୍ୟ ହୃଷିକେଷ ମିଶ୍ର, ଗିରିଜା ପ୍ରସାଦ ରଥଙ୍କ ସୂଚନା ଅନୁସାରେ, କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ୱେବ୍‌ପୋର୍ଟାଲ ମାଧ୍ୟମରେ ଔଷଧ ବିତରଣ ଏବଂ ବିକ୍ରି ଆଦି ପାଇଁ ଅଧିସୂଚନା ଜାରି କରିଥିଲେ। ଏବେ ସମସ୍ତ ଔଷଧ ବିକ୍ରି ଅନଲାଇନ୍ କରିଦିଆଯାଇଛି। ଏହି ଅନ୍‌ଲାଇନ ବ୍ୟବସ୍ଥା ଦ୍ୱାରା ବଡ ବ୍ୟବସାୟୀମାନେ କେନ୍ଦ୍ର ସରକାରଙ୍କ ଔଷଧ ବିତରଣ ଆଇନକୁ ଖୋଲାଖୋଲି ଉଲ୍ଲଂଘନ କରିଚାଲିଛନ୍ତି। ସୋସିଆଲ ମିଡିଆରେ ବିଜ୍ଞାପନ ସହ ପ୍ରଚାର ଚଳାଇ ଲୋକଙ୍କ ଜୀବନସହ ଖେଳ ଖେଳୁଛନ୍ତି। ଏହା ପ୍ରତିବାଦରେ ସଂଘ ରାସ୍ତାକୁ ଓହ୍ଲାଇବା ପାଇଁ ନିଷ୍ପତ୍ତି ନେଇଛି। ଆଗାମୀ ଦିନରେ ସରକାର ଯଦି ଏ ଦିଗରେ ଦୃଷ୍ଟି ନ ଦିଅନ୍ତି ତେବେ ସଂଘ ଅନିର୍ଦ୍ଦିଷ୍ଟ କାଳ ପାଇଁ ଔଷଧ ଦୋକାନ ବନ୍ଦ ରଖିବାକୁ ପଛାଇବ ନାହିଁ ବୋଲି ଅଖିଳ ଭାରତୀୟ ଔଷଧ ବ୍ୟବସାୟୀ ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ସୁନ୍ଦରୀକୁ କାବୁ କରିବାକୁ ଉଦ୍ୟମ



ବନ୍ତଲା,୨୬।୯(ଡି.ଏନ.ଏ.) ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟ ଅଞ୍ଚଳରେ ଆତଙ୍କ ଖେଳାଉଥିବା ବାନ୍ଧବଗଡ଼ର ବାଘୁଣୀ ସୁନ୍ଦରୀକୁ ଧରାଯିବା ପ୍ରକ୍ରିୟା ବୁଧବାରଠାରୁ ଆରମ୍ଭ ହୋଇଛି। ଆଠମଲ୍ଲିକ ବନଖଣ୍ଡରେ ଥିବା ସୁନ୍ଦରୀକୁ କାବୁ କରିବା ପାଇଁ ଆଜି ଗଠନ ହୋଇଥିବା ସ୍ୱତନ୍ତ୍ର ଟିମ୍ ଯାଇଥିଲେ ବି ସଫଳ ହୋଇପାରି ନାହାନ୍ତି। ତେବେ ଆଗାମୀ ୨ଦିନ ମଧ୍ୟରେ ଏ ନେଇ ସଫଳତା ମିଳିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ସୁନ୍ଦରୀକୁ କେମିତି ଧରାଯାଇ ପାରିବ ସେ ନେଇ ଆଠମଲ୍ଲିକ ବନ ବିଭାଗ ବଙ୍ଗଳାରେ ଏକ ବୈଠକ ବସିଥିଲା। ଏଥିରେ ମଧ୍ୟପ୍ରଦେଶ କାହ୍ନା ଜାତୀୟ ବ୍ୟାଘ୍ର ପ୍ରକଳ୍ପର ଭେଟେରେନାରୀ ଡାକ୍ତର ସନ୍ଦୀପ ଅଗ୍ରୱାଲ, ବାଘଧରାଳି ସନ୍ତୋଷ ସିଂହ ଠାକୁର, ରମେଶ ରାହିଙ୍ଗଦଲ, ସତ୍ୟମ ସିଂହ ଠାକୁର, ଡେରାଡୁନ ଡବ୍ଲ୍ୟୁଆଇଆଇର ଡ. ରମେଶ ଓ ଡ. ପ୍ରୟାଗ, ନନ୍ଦନକାନନ ଭେଟେରେନାରୀ ଡାକ୍ତର ଏସ୍.କେ. ସାହୁ ଓ ତାଙ୍କ ଟିମ୍, ସାତକୋଶିଆ ଅଭୟାରଣ୍ୟର ଭେଟେରେନାରୀ ଡାକ୍ତର କିଶୋର ସାହୁ, ଡାକ୍ତର ମନୋଜ ପାତ୍ର, ଆଠମଲ୍ଲିକ ଡିଏଫ୍‌ଓ ସମ୍ୟକ ସାମନ୍ତରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକରେ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯିବା ସହ ବିଭିନ୍ନ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଅତିରିକ୍ତ ପ୍ରଧାନ ମୁଖ୍ୟ ବନସଂରକ୍ଷକ ତଥା ସାତକୋଶିଆ କ୍ଷେତ୍ର ନିର୍ଦ୍ଦେଶକଙ୍କ ନେତୃତ୍ୱରେ ଏହି କମିଟି କାର୍ଯ୍ୟ କରିବାକୁ ସ୍ଥିର କରାଯାଇଥିଲା। ପରେ ଉକ୍ତ ଟିମ୍ ବାଘୁଣୀ ଥିବା ଆଠମଲ୍ଲିକର ରଙ୍ଗପୁର, ଲେହେଡ଼ି, ତେଲନଇ, କୁନ୍ଦପୁର ଓ ରଙ୍ଗମାଟିଆ ଜଙ୍ଗଲକୁ ଯାଇଥିଲେ। କିନ୍ତୁ ସୁବିଧା ସୁଯୋଗ ନ ମିଳିବାରୁ ଫେରି ଆସିଥିଲେ। ଅପରାହ୍ନରେ ପୁନର୍ବାର ଟିମ୍ ସଦସ୍ୟମାନେ ରଙ୍ଗମାଟିଆ ଅଞ୍ଚଳକୁ ଯାଇଥିଲେ। ବାଘୁଣୀକୁ ଧରାଯିବା ପରେ ସୁରକ୍ଷିତ ଭାବେ ଆଣିବା ପାଇଁ ଆଠମଲ୍ଲିକ ରେଞ୍ଜ କାର୍ଯ୍ୟାଳୟରେ ୩ଟି ଯନ୍ତା ରଖାଯାଇଛି। କିନ୍ତୁ ବାଘୁଣୀ ଯେଉଁ ଜାଗାରେ ଅଛି ସେଠାରେ ଟ୍ରାଙ୍କୁଲାଇଜ କରିବାର ସୁବିଧା ନାହିଁ କି ଯନ୍ତା ଦ୍ୱାରା ଆଣିବା ପାଇଁ ରାସ୍ତା ନାହିଁ।


**BHUBANESWAR MUNICIPAL CORPORATION**

**Adv No : 32255** **Dt.26.09.2018**

**NOTICE INVITING APPLICATIONS**

Applications are invited for **"Empanelment of Stray Dog/Cattle catching agencies with Bhubaneswar Municipal Corporation (BMC)"** in conformity with the documents required as per the detailed Advertisement Notice. Please refer to Website www.bmc.gov.in for complete details and downloading the detailed Advertisement Notice. The Last date & time of submission of proposal (By Hand/Speed Post/Registered Post/Courier) is **06.10.2018 till 3:30 PM.**

For any queries please contact bmcpmu@bmc.gov.in

**By Order,**

**Dy. Commissioner (Cattle Drive & ABC Program)**
**Bhubaneswar Municipal Corporation**

**Progress Through Partnership for a Better Bhubaneswar**

**BHUBANESWAR MUNICIPAL CORPORATION**

**Adv No : 32263** **Dt.26.09.2018**

**NOTICE INVITING EXPRESSION OF INTEREST (EOI)**

Sealed Applications are invited for **"Empanelment of Goushalas with Bhubaneswar Municipal Corporation (BMC) for keeping stray bulls / cows"** in conformity with the terms detailed out in the EOI document. Please refer to Website www.bmc.gov.in for complete details and downloading the EOI document. The Last date & time of submission of proposal (By Hand/Speed Post/Registered Post/Courier) is **03.10.2018 till 3:30 PM.**

For any queries please contact bmcpmu@bmc.gov.in

**By Order,**

**Dy. Commissioner (Cattle Drive & ABC Program)**
**Bhubaneswar Municipal Corporation**

**Progress Through Partnership for a Better Bhubaneswar**

**BHUBANESWAR MUNICIPAL CORPORATION**

**Adv No : 32259** **Dt.26.09.2018**

**NOTICE INVITING EXPRESSION OF INTEREST (EOI)**

Sealed Applications are invited for **"Selection of Agency/Not for Profit Organisation for Maintenance of Animal Welfare Centre at Jamukoli"** in conformity with the terms detailed out in the EOI document. Please refer to Website www.bmc.gov.in for complete details and downloading the EOI document. The Last date & time of submission of proposal (By Hand/Speed Post/Registered Post/Courier) is **03.10.2018 till 3:30 PM.**

For any queries please contact bmcpmu@bmc.gov.in

**By Order,**

**Dy. Commissioner (Cattle Drive & ABC Program)**
**Bhubaneswar Municipal Corporation**

**Progress Through Partnership for a Better Bhubaneswar**

**କଟକ ଉନ୍ନୟନ କର୍ତ୍ତୃପକ୍ଷ**
C.D.A
**ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ - ୧୨**

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର - 10 ରେ ପ୍ଲଟ ନଂ - 10-5D/1390 ଟିକୁ ଶ୍ରୀ ସୁଶୀଲ କୁମାର ସାହୁ ପିତା - ଶ୍ରୀ ଶିରିଶଚନ୍ଦ୍ର ସାହୁ, ସା/ପୋ - ଟାଙ୍ଗରପଡା, ଥା - ସୁଆଁପାଟଣା, ଜି - କେଉଁଝରଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ସୁଶୀଲ କୁମାର ସାହୁ, ଉକ୍ତ ଆବଣ୍ଟିତ ପ୍ଲଟସହ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ସୂତ୍ରରେ ଶ୍ରୀମତୀ ସୁରେଖା ଶତପଥୀ, ସ୍ୱା - ଶ୍ରୀ କମଳ କୁମାର ଶତପଥୀ, ଗ୍ରା - ଶଙ୍କରପୁର, ପୋ - ବଣସିଂହ, ଥା - ଢେଙ୍କାନାଳ ସଦର, ଜି - ଢେଙ୍କାନାଳଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

**ସଚିବ**

**idco** | **ODISHA NEW OPPORTUNITIES**
Your power to grow
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
*(A Government of Odisha Undertaking)*
IDCO Towers, Janpath, Bhubaneswar - 751022

OFFICE OF THE CHIEF GENERAL MANAGER (P&C) IDCO, IDCO TOWERS, BHUBANESWAR.
Tender Call Notice No. H.O./P&C/EST/E-920/03/2011/19685 DT:- 24.09.2018

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. **Name of the Work** : Providing & laying of different dia D.I. S/S (K-9) Pipes for improvement of existing Water Supply System to the Units in Jemadei Area & extension of Water Supply to Kholadwar Mouza & FPP, Khurda.
2. **Estimated Cost** : **Rs. 73.38 Lakh (Apprx.)**
3. **Period of completion** : **04 (Four) calendar months.**
4. **Other details**

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar-751022 | Bid ID.No.PC-EST -E-63/2018-19 | 27.09.2018 at 16.00 Hrs. | 12.10.2018 up to 17.00 Hrs |

**Further details can be seen from the e-Procurement Portal. www.tendersodisha.gov.in** . Corrigendum or addendum if any will not be published in news papers and can only be seen in the e-procurement portal **www.tenderodisha.gov.in** as well as IDCO website **www.idco.in** .

**Sd/-**
**Chief General Manager (P&C)**
**IDCO, Bhubaneswar**

**OFFICE OF THE NOTIFIED AREA COUNCIL, BHUBAN**
**Bhuban (Odisha), Pin-759017, E-mail: bhubann.hud@nic.in**
**No. 1212** **Date: 26.09.2018**

**CORRIGENDUM**

In partial modification to this office Tender Call Notice No. 1196 dated 20.09.2018 the following changes have been made due to unavoidable circumstances.

| | | |
|---|---|---|
| Last date & Time of sale of bid document | : | Dt. 03.10.2018 upto 4.00 P.M. |
| Last date & Time of receipt of bid document | : | Dt. 05.10.2018 upto 1.00 P.M. |
| Date & Time of Opening of tenders | : | Dt. 05.10.2018 at 3.00 P.M. |

All other terms and conditions remain unchanged.

**Sd./- Executive Officer,**
**Bhuban NAC**

**OFFICE OF THE PARADEEP MUNICIPALITY, PARADEEP**
**INVITATION FOR BID**
**E-PROCUREMENT NOTICE**
**Bid Reference No:- PDP_MUN_4(5)_2018-19**
**Bid Identification No:- 2018_ORULB_49668**
**No: 7382** **Dated: 25.09.2018**

The Executive Officer, Paradeep Municipality on behalf of Paradeep Municipality invites bids on percentage basis on online mode from registered firms/ service Providers/ contractors of Municipality/ State Govt. / Govt Registered organization satisfying the eligibility criteria as per NIT for "Sanitation service" in Paradeep Municipality of Estimated cost from Rs. 10.46 lakh to 29.60 lakh. The Bidders shall be sincere & dedicated to Sanitation service and shall have ownership/ lease agreement of vehicle/ equipments required for the work. Bid documents consisting of work, estimated cost, Cost of tender paper, EMD, period of contract, Class of contractors and the set of terms and conditions of contract. Bids shall be received on online from Dt. 27.09.18, 17.00 hour up to Dt. 06.10.18 at 17 hour and shall be opened online on Dt. 10.10.2018 at 11.30 A.M. The date and time of dropping of original document in the tender box is 09.10.2018 upto 12.00 P.M. and will be opened on dt. 09.10.2018 at 3.30 P.M. Further details and necessary documents can be seen from the procurement Portal i.e. www. tendersorissa.gov.in.

**Sd./- Executive Officer, Paradeep Municipality**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER CENTRAL CIRCLE (R&B), NIRMAN SOUDHA PHASE-II, 2ND FLOOR, BHUBANESWAR**
**Mail i.d.: seccbbsr@gmail.com**
**E-procurement Short Tender Call Notice No. 12 of 2018-19**
**No. 4694 (Estg.) Bhubaneswar the 24th September' 2018**

**No.647-B:-** The Superintending Engineer, Central Circle (R&B) Bhubaneswar on behalf of the Governor of Odisha invites percentage rate bids for 1 No. of Composite Building work to be received in online bidding, double cover system for construction works as detailed in: https://tendersorissa.gov.in. The details of bid documents will be available in the above website from 4.00 P.M. of 29.09.2018 to 5.00 P.M. of 09.10.2018. The bidders must possess compatible Digital Sugnature Certificate of Class II or III. Bids received online shall be opened at 11.00 A.M. of 10.10.2018 in the Office of the Superintending Engineer, Central Circle (R&B), Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum/ Corrigendum, if required, will be available only in the Website.

**Sd./- Er. R.K. Sahu**
**Superintending Engineer**
34005/11/0021/1819 **Central Circle (R&B), Bhubaneswar**

# ଦୋଛକିରେ ଆରିଏନ୍

ନବାଗତ ଆରିଏନ୍ ଦୋଛକିରେ ପଡିଯାଇଛନ୍ତି। ତାଙ୍କୁ ଏକାଥରେ ଦୁଇଟି ଲକ୍ଷ୍ୟ ହାସଲ କରିବାକୁ ପଡିବ। ତେଣୁ ମାପିଚୁପି ପାଦ ପକାଉଛନ୍ତି। ଟିକେ ଯଦି ଓଲମ ବିଲମ ହୋଇଯାଏ ତା'ହେଲେ ସବୁ ପରିଶ୍ରମ ବୃଥା। ହଁ, ଏଭଳି ଘଟଣା ଘଟିଛି ତାଙ୍କର ରିଲ୍ ଲାଇଫ୍‌ରେ। ଫିଲ୍ମଟି ହେଲା 'ଯୋଉଠି ଥିଲେ ବି ତୁ ମୋର'। ଆରିଏନ୍ କହନ୍ତି, ଏଥିରେ ମୋତେ ଏକ ଗୁରୁତ୍ୱପୂର୍ଣ୍ଣ ରୋଲ୍ ମିଳିଛି। ଜଣେ ବିଜନେସମ୍ୟାନ ଭୂମିକାରେ ଅଭିନୟ କରୁଛି। ଯା ଭିତରେ ମୋ ମନକୁ ଜଣେ ସୁନ୍ଦରୀ ଚୋରି କରି ନେଇଛି। ପ୍ରେମ ସାଗରରେ ଉବୁଟୁବୁ ହେଉଛି ସିନା ହେଲେ ପ୍ରେମ ଆଉ ବିଜ୍‌ନେସ-ଏ ଦୁଇଟି ଜିନିଷକୁ ବେଶ୍ ସମାନ୍ତରାଳ ଭାବରେ ଚଲାଇବାକୁ ପଡୁଛି। ଏଥିରେ ମୁଁ କେତେ ସକ୍‌ସେସ ହେଉଛି ତାହା ଫିଲ୍ମଟି ଦେଖିଲେ ହିଁ ଜାଣିପାରିବେ।' ଏକ ତ୍ରିକୋଣୀୟ ପ୍ରେମ କାହାଣୀକୁ ଆଧାର କରି ଏହି ଫିଲ୍ମଟି ନିର୍ମିତ ହୋଇଛି। ଚିତ୍ରଟିର ନିର୍ଦ୍ଦେଶନା ଦେଇଛନ୍ତି ଶ୍ରୀକାନ୍ତ ଗୌତମ। ଆରିଏନ୍‌ଙ୍କ ବ୍ୟତୀତ ସମ୍ବିତ, ରିୟା, ବବି ମିଶ୍ର, ପୁପିନ୍ଦର, ଐଶ୍ୱର୍ଯ୍ୟା ବେହେରା ପ୍ରମୁଖ କଳାକାର ଏଥିରେ ଅଭିନୟ କରିଛନ୍ତି। ଏହା ପୂର୍ବରୁ ଶ୍ରୀଧର ମାର୍ଥାଙ୍କ ପ୍ରଯୋଜିତ ଏବଂ ନିରଞ୍ଜନ ବେହେରାଙ୍କ ନିର୍ଦ୍ଦେଶିତ 'ଯୋଗୀ : ଦ ହାଇ ଭୋଲଟେଜ ଡ୍ରାମା'ରେ ମଡେଲ କମ୍ ଆକ୍ଟର ଆରିଏନ ନିଜର କ୍ୟାରିୟର ଆରମ୍ଭ କରିଥିଲେ। ତେବେ ଆରିଏନଙ୍କ ଓଡ଼ିଆ ସିନେମା କ୍ୟାରିୟରରେ ଗୋଟିଏ ସଂଯୋଗ ପରିଲକ୍ଷିତ ହୋଇଛି। ପ୍ରଥମ ସିନେମା ଏବଂ ଦ୍ୱିତୀୟ ସିନେମାର ପ୍ରାରମ୍ଭ ଅକ୍ଷର 'ଯ' ରହିଛି, ଯାହା ତାଙ୍କ ପାଇଁ ଶୁଭପ୍ରଦ ହେବ ବୋଲି କହନ୍ତି ଏହି ଅଭିନେତା।



ରିୟା–ଆରିଏନ

# ସତ ହେଲା ସ୍ୱପ୍ନ



(ବାମରୁ) ରାଜେଶ, ଅତୁଲ, ମନୋଜ,ଶ୍ରୀଧର

ପ୍ରଯୋଜକ ଶ୍ରୀଧର ମାର୍ଥାଙ୍କ ସ୍ୱପ୍ନ ସତ ହୋଇଛି। ଭିନ୍ନ ଧରଣର କାହାଣୀକୁ ନେଇ ଏକ ମନଛୁଆଁ ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣ କରିବାକୁ ଆଶା ରଖିଥିଲେ ସେ। ଶେଷରେ ତ ଏହି ଆଶା ପୂରଣ ହୋଇଛି, ତା' ସହ ଏଭଳି ପରିଶ୍ରମର ମୂଲ୍ୟ ଦର୍ଶକ ନିଶ୍ଚୟ ବୁଝିବେ ବୋଲି ସେ ଦୃଢ଼ୋକ୍ତି ବ୍ୟକ୍ତ କରନ୍ତି। ଚଳଚ୍ଚିତ୍ରଟି ହେଲା 'ପାଟଣାଗଡ଼'। ନିଜର ଏଭଳି ଆଭିମୁଖ୍ୟ ସମ୍ପର୍କରେ ସେ କହନ୍ତି, '' ଏକ ସତ ଘଟଣାକୁ ଆଧାରକରି ଏହି ଫିଲ୍ମଟି ନିର୍ମାଣ କରିଛି। କେବଳ ଓଡ଼ିଆ ନୁହେଁ, ତେଲୁଗୁ ଏବଂ ହିନ୍ଦୀ ଭାଷାରେ ମଧ୍ୟ ଏହା ନିର୍ମିତ ହେବ। ଆମ ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ପାର୍ସଲ ବୋମା ବିସ୍ଫୋରଣ ମୋ ମନକୁ ଆନ୍ଦୋଳିତ କରିଥିଲା। କାହାଣୀ ଅନୁଯାୟୀ ହିଁ ଦୃଶ୍ୟାୟନ କରାଯାଇଛି।'' ଏହି ଫିଲ୍ମର ମୁଖ୍ୟ ଭୂମିକାରେ ମନୋଜ ମିଶ୍ର ଅଭିନୟ କରିଛନ୍ତି। ବଲିଉଡ୍ ଅଭିନେତା ଅତୁଲ କୁଲକର୍ଣ୍ଣୀଙ୍କୁ ଏଥିରେ ଏକ ପ୍ରମୁଖ ଭୂମିକାରେ ଦେଖିବାକୁ ମିଳିବ। ରେଞ୍ଜ ରୟାଲ ସିନେ ଲ୍ୟାବ୍ ବ୍ୟାନରରେ ଉକ୍ତ ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ଜାତୀୟ ଚଳଚ୍ଚିତ୍ର ପୁରସ୍କାରପ୍ରାପ୍ତ ତଥା ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ନିର୍ଦ୍ଦେଶକ ରାଜେଶ ଟଚ୍‌ରିଭର।



ପରିଣିତି

# ବଲିଉଡ୍ ହାଲ୍‌ଚାଲ୍

❖ଅଭିନେତା ଅରବାଜ ଖାଁ ଆସନ୍ତା ବର୍ଷ ପୁଣି ଥରେ ଘରସଂସାର କରିବେ। ମଲ୍ଲାଇକା ଆରୋରାଙ୍କୁ ଡିଭୋର୍ସ ଦେବା ପରେ ଅରବାଜ ତାଙ୍କର ପ୍ରେମିକା ଜର୍ଜିଆ ଆନ୍ଦ୍ରିୟାନୀଙ୍କୁ ବିବାହ କରିବାକୁ ଯାଉଛନ୍ତି। ଆସନ୍ତା ବର୍ଷ ପ୍ରଥମାର୍ଦ୍ଧରେ ଏହି ପ୍ରେମୀଯୁଗଳ କୋର୍ଟ ମ୍ୟାରେଜ କରିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ଶୁଣିବାକୁ ମିଳୁଛି।

❖ପୁଣି ଥରେ ଅଭିନୟ ଜଗତକୁ ଫେରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି କିମ୍ ଶର୍ମା। ଯଶ ଚୋପ୍ରାଙ୍କ ସୁପରହିଟ୍ ଫିଲ୍ମ 'ମୋହବତେଁ'ରେ ସେ ଅଭିନୟ କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଭାଗ୍ୟଦେବୀ ତାଙ୍କୁ ସାହା ହୋଇ ନ ଥିଲେ। ଅଧିକାଂଶ ଫିଲ୍ମ ଫ୍ଲପ୍ ହେବା ପରେ ସେ ଅଭିନୟକୁ ଗୁଡ୍‌ବାୟ କରି ଘରସଂସାର କରିଥିଲେ। ହେଲେ ଅଲ୍ଲୀ ପୁଞ୍ଜାନିଙ୍କ ସହ ଡିଭୋର୍ସ ପରେ କିମ୍ ଏବେ କେନିଆରୁ ଭାରତ ଫେରି ଆସିଛନ୍ତି।

❖ଏଣିକି କୁଆଡ଼େ ବୋଲ୍ଡ ଶଟ୍ ଦେବାକୁ ରାଜି ହେବେ ନାହିଁ କାଇରା ଆଡୱାନୀ। ନଗ୍ନତାର ଆଶ୍ରୟ ନେଇ ଶସ୍ତା ଲୋକପ୍ରିୟତା ପାଇବାକୁ ସେ ବଲିଉଡ୍‌କୁ ଆସିନାହାନ୍ତି ବୋଲି କହି ବୁଲୁଛନ୍ତି। ତେଲୁଗୁ ଫିଲ୍ମ 'ଅର୍ଜୁନ ରେଡ୍ଡୀ'ର ହିନ୍ଦୀ ରିମେକ୍‌ରେ ଶାହୀଦ କପୁରଙ୍କ ଅପୋଜିଟ୍‌ରେ ଅଛନ୍ତି କାଇରା।

❖ପ୍ରିୟଙ୍କା ଚୋପ୍ରା ଏବେ ଇଟାଲୀରେ ଡେରା ପକାଇଛନ୍ତି। ତାଙ୍କର ଜଣେ ସାଙ୍ଗଙ୍କର ଏନ୍‌ଗେଜମେଣ୍ଟରେ ଯୋଗଦେବାକୁ ସେ ସେଠାକୁ ଯାଇଛନ୍ତି। ତା' ସହ ସେଠାରେ କିଛି ଦର୍ଶନୀୟ ସ୍ଥାନ ବୁଲି ଦେଖିବେ ଏବଂ ଶପିଂ କରିବାର ଯୋଜନା ମଧ୍ୟ ରହିଛି।



ପ୍ରିୟଙ୍କା

ଅପେରା ହାଲ୍‌ଚାଲ୍

# ଚ୍ୟାଲେଞ୍ଜକୁ ପସନ୍ଦ କରନ୍ତି କିଶୋର

ଓଡ଼ିଆ ଯାତ୍ରା ଜଗତରେ ସେ କେତେ ଲୋକପ୍ରିୟ ତାହା କହିବା ବାହୁଲ୍ୟ। ତାଙ୍କ ନିର୍ଦ୍ଦେଶିତ ପ୍ରତିଟି ନାଟକରେ ଦର୍ଶକ ଭରପୂର ଏଣ୍ଟରଟେନମେଣ୍ଟ ପାଇଥାଆନ୍ତି। ନାଟକଟିକୁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଏଭଳି ସଜାଇ ଦିଅନ୍ତି ଯାହା ତାଙ୍କ ନିର୍ଦ୍ଦେଶନା ଦକ୍ଷତାକୁ ସ୍ୱତଃ ପ୍ରମାଣିତ କରିଥାଏ। ଓଡ଼ିଆ ଯାତ୍ରାଜଗତରେ ସେ ଜଣେ ଆଗଧାଡିର ତଥା ଲୋକପ୍ରିୟ ନିର୍ଦ୍ଦେଶକ। ସେ ହେଲେ କିଶୋର ଖଣ୍ଡୁଆଳ। ଚଳିତ ଯାତ୍ରା ସିଜନରେ କିଶୋର ନିଜର ଆଧିପତ୍ୟକୁ ପୂର୍ବବର୍ଷ ଭଳି ବଜାୟ ରଖିବାରେ ସକ୍ଷମ ହୋଇଛନ୍ତି। ଏବର୍ଷ ତାଙ୍କ ନିର୍ଦ୍ଦେଶିତ ନାଟକଗୁଡ଼ିକ ଆରମ୍ଭରୁ ହିଁ ଦର୍ଶକଙ୍କୁ ପ୍ରଭାବିତ କରିଛି। ବିଶେଷଭାବରେ ସେ ନବାଗତ ନାଟ୍ୟକାରଙ୍କୁ ସୁଯୋଗ ଦେବା ସହ ରିସ୍କ ଉଠାଇବାକୁ ପସନ୍ଦ କରିଥାଆନ୍ତି। ଚଳିତବର୍ଷ ତାଙ୍କ ନିର୍ଦ୍ଦେଶିତ ନାଟକଗୁଡିକ ମଧ୍ୟରେ ରହିଛି ବାଘାଯତୀନ ଲୋକନାଟ୍ୟର 'ରାତି ସପନକୁ କରିଛି ସାଥୀ' (ରଚନା–ଅନୁରାଗ), ସ୍ୱର୍ଣ୍ଣମହଲରରେ ଅଧ୍ୟାପକ ଚିନ୍ମୟ ଦାସଙ୍କ ରଚିତ ନାଟକ 'ପ୍ରେମ ସବାରିରେ ପ୍ରୀତି ନାୟିକା', ଶତରୂପା ମିଶ୍ରଙ୍କ ରଚିତ ନାଟକ 'କେମିତି ରାତି ସେ କେମିତି ସାଥୀ' (ରଙ୍ଗମହଲ), 'ରଜନୀ ସଜନୀ ରାତି ପାହିଲା', 'ବରଣୀ କନିଆ ବରଷା ରାଣୀ' (ଶିବାନୀ ଗଣନାଟ୍ୟ) ଏବଂ ଅପେରା ଦାରୁବ୍ରହ୍ମର 'ସଜନୀ ନୁହେଁ ସେ କନିଆ ରାଣୀ'। ତେବେ ଆଗାମୀ ଦିନରେ ଭିନ୍ନ ଭିନ୍ନ ସ୍ୱାଦର ନାଟକ ନିର୍ଦ୍ଦେଶନା ଦେଇ ଯାତ୍ରାପ୍ରେମୀଙ୍କୁ ଭରପୂର ମନୋରଞ୍ଜନ ରଖିବାକୁ ଆଶା ରଖିଛନ୍ତି କିଶୋର।



କିଶୋର ଖଣ୍ଡୁଆଳ

# ଫିଟ୍‌ନେସ ମନ୍ତ୍ର

ପରିଣିତି ଚୋପ୍ରା ଏବେ ଗୋଟିଏ କାମରେ ବ୍ୟସ୍ତ। ଯୁଆଡ଼େ ଗଲେ ଏହାକୁ ସେ ପ୍ରାଥମିକତା ଦେଉଛନ୍ତି। ତାହା କ'ଣ ଜାଣନ୍ତି ? ଫିଟ୍‌ନେସ। ଯାହା ତ ନିଜେ ଶିଖିଛନ୍ତି, ସେହି ଫର୍ମୁଲାଗୁଡ଼ିକୁ ଅନ୍ୟମାନଙ୍କୁ ଶିଖେଇବାକୁ ପଛାଉ ନାହାନ୍ତି ପରିଣିତି। 'ଆଜିକାଲି ଜଣେ ନିଜର ଫିଟ୍‌ନେସକୁ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ। କାରଣ ଆମେ ଫିଟ୍ ରହିଲେ ହିଁ କିଛି କାମ କରିପାରିବା। ମୁଁ ଏବେ ଯେଉଁ ଫିଟ୍ ଆଣ୍ଡ ଫାଇନ ଅଛି ତାହା ଭିତିରି କଥା ମୋ ସାଙ୍ଗମାନଙ୍କୁ କହୁଛି ବୋଲି କହିଛନ୍ତି ସେ।

# ଅପେକ୍ଷାରେ ତନୁଶ୍ରୀ

'ଆଶିକ୍ ବନାୟା ଆପ୍‌ନେ'ର ଅଭିନେତ୍ରୀ 'ତନୁଶ୍ରୀ ଦତ୍ତା ପୁଣି ଥରେ ବଲିଉଡ୍‌କୁ କମ୍‌ବ୍ୟାକ୍ କରୁଛନ୍ତି। ଯେତେବେଳେ ସେ ବଲିଉଡ୍‌ରେ ପାଦ ଦେଲେ ସେତେବେଳେ ନାୟିକା ଦୌଡ଼ରେ ନିଜକୁ ସାମିଲ କରିବାକୁ ଆଶା ରଖିଥିଲେ। ହେଲେ ବାସ୍ତବରେ ସେମିତି କିଛି ହେଲା ନାହିଁ। ବଲିଉଡ୍‌ରେ ନିଜର ସ୍ୱପ୍ନ ମାଟିରେ ମିଶିଯିବା ପରେ ଅଭିନୟଠାରୁ ଦୂରେଇ ଯାଇଥିଲେ ସେ। ଆଉ ତା'ପରେ ଘରସଂସାର କରି ଆମେରିକାରେ ରହୁଥିଲେ। ନିକଟରେ ମୁମ୍ବାଇରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ସେ ପୁଣି ଆକ୍ଟିଂକୁ ଫେରିବାକୁ ଆଗ୍ରହୀ ବୋଲି ପ୍ରକାଶ କରିଥିଲେ। 'ଏବେ ଯଦି ମୋତେ ଆକ୍ଟିଂ କରିବାକୁ ସୁଯୋଗ ମିଳେ ତେବେ ତାହାକୁ ହାତଛଡ଼ା କରିବି ନାହିଁ। ମୋର ବଲିଉଡ୍‌କୁ ପୁଣି ଫେରିବାକୁ ଇଚ୍ଛା ଅଛି ହେଲେ ଏ ନେଇ ମୋତେ କେବେ ସୁଯୋଗ ମିଳିବ ତାହା ମୁଁ କହିପାରିବି ନାହିଁ। ମୋତେ ଅଫର ମିଳିଲେ ନିଶ୍ଚୟ ଗ୍ରହଣ କରିବି ବୋଲି କହିଛନ୍ତି ତନୁଶ୍ରୀ। ୨୦୦୫ରେ ତନୁଶ୍ରୀଙ୍କର ହିନ୍ଦୀ ସିନେମା କ୍ୟାରିୟର ଆରମ୍ଭ ହୋଇଥିଲା। ମାତ୍ର ୫ବର୍ଷର ଅଭିନୟ ଯାତ୍ରା ମଧ୍ୟରେ ସେ 'ଚକୋଲେଟ୍ : ଡିପ୍ ଡାର୍କ ସିକ୍ରେଟ', 'ଢୋଲ୍', 'ରିସ୍କ, 'ଗୁଡ୍‌ବୟ ବ୍ୟାଡ୍ ବୟ'ରେ ଅଭିନୟ କରିଥିଲେ। ତାଙ୍କ ଅଭିନୀତ ଶେଷ ଚଳଚ୍ଚିତ୍ର ଥିଲା 'ଆପାର୍ଟମେଣ୍ଟ' (୨୦୧୦)।

ଏମିତି ବି ହୋଇଥିଲା

# କୁକୁର କଥା ଏବେ ବି ମନେପଡୁଛି

ହଁ, କୁକୁର କଥା ମନେପଡ଼ିଲା ବେଳକୁ ଯେତିକି ଡର ଲାଗୁଛି ସେତିକି ହସ ମାଡୁଛି। ମୋର ପ୍ରଥମ ଓଡ଼ିଆ ସିନେମା ଥିଲା 'ମନ ମୋର ପ୍ରଜାପତି'। ଏଥିରେ ମୋତେ ଏକ କୁକୁର ଗୋଡ଼ାଇବା ସିନ୍ ରହିଛି। କଥା କ'ଣ କି ଚଳଚ୍ଚିତ୍ରର କାହାଣୀ ଅନୁସାରେ ମୋ ପ୍ରେମିକାଙ୍କ ଘରେ ଏକ ପୋଷା କୁକୁର ଥାଏ। ଥରେ ତା' ଘରକୁ ଗଲାବେଳେ କୁକୁରଟି ମୋତେ ଗୋଡ଼ାଇଲା। ମୁଁ ଜାଣୁଛି ଯେ ଏହା ଫିଲ୍ମ ଶୁଟିଂ ହେଉଛି, ତଥାପି ମନରେ ଭୟ ଆସୁଥିଲା–କାଳେ କୁକୁର ମୋତେ କାମୁଡ଼ିଦେବ? ସାହସର ସହ ଶଟ୍ ଦେଇଥିଲି । ଠାକୁରଙ୍କ ଆଶୀର୍ବାଦକୁ ଶଟ୍‌ଟି ଏକାଥରେ ଓକେ ହୋଇଥିଲା। ଲକ୍ଷ୍ମୀପୂଜା ପ୍ରଡକ୍ସନ ବ୍ୟାନରରେ ଏହି ଫିଲ୍ମର ପ୍ରଯୋଜନା କରିଥିଲେ ଅନାମ ଚରଣ ସାହୁ। ଏଥିରେ ଦୀପକଙ୍କ ସହ ସ୍କ୍ରିନ ଶେୟାର କରିଥିଲେ ବଙ୍ଗୀୟ ଅଭିନେତ୍ରୀ କୋଏଲ ବାନାର୍ଜୀ।



ଦୀପକ

ଧରିତ୍ରୀ DHARITRI
Bhubaneswar, Thursday, 27 September 2018



Dollar 72.60 (↓ 9) | Sensex 36,542.27 (↓ 109.79) | Nifty 11,053.30 (↓ 13.65) | Gold 31,650.00 (↓ 75) | Silver 38,750.00 (↑ 460)

“ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ପ୍ରକ୍ରିୟା ସହଜ କରିବାରେ ସରକାରଙ୍କ ଆଧାର ଯୋଜନା ବିଶେଷ ଭାବେ ସହାୟକ ହୋଇଛି ।
– ରଜନୀଶ କୁମାର, ଏସ୍‌ବିଆଇ ଅଧ୍ୟକ୍ଷ



“ ଏୟାର ଇଣ୍ଡିଆର ଫାଇନାନ୍ସକୁ ରିଷ୍ଟ୍ରକଚର କରିବାକୁ ସରକାର କାର୍ଯ୍ୟ କରୁଛନ୍ତି ।
– ସୁଭାଷ ଚନ୍ଦ୍ର ଗର୍ଗ, ଅର୍ଥନୈତିକ ବ୍ୟାପାର ସଚିବ



## ସଂକ୍ଷେପରେ

### କ୍ୟାବିନେଟ୍ ମଞ୍ଜୁରୀ ନୂଆ ଟେଲିକମ୍ ନୀତିକୁ ସବୁଜ ସଙ୍କେତ

**ନୂଆଦିଲ୍ଲୀ,୨୬-୯:** କେନ୍ଦ୍ର କ୍ୟାବିନେଟ୍ ବୁଧବାର ନୂଆ ଟେଲିକମ ନୀତିକୁ ଅନୁମୋଦନ କରିଛନ୍ତି। ଏହି ନୂଆ ନୀତିକୁ ରାଷ୍ଟ୍ରୀୟ ଡିଜିଟାଲ ଯୋଗାଯୋଗ ନୀତି (ନ୍ୟାଶନାଲ ଡିଜିଟାଲ କମ୍ୟୁନିକେଶନ ପଲିସି) ୨୦୧୮ ନାମ ଦିଆଯାଇଛି। ନୂଆ ନୀତି ଅନୁଯାୟୀ ୨୦୨୨ ସୁଦ୍ଧା ଦେଶରେ ଟେଲିକମ କ୍ଷେତ୍ରରେ ୧୦,୦୦୦ କୋଟି ଡଲାର ନିବେଶ କରାଯିବାର ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ସେହିପରି ଏହି ନୀତି ଯୋଗୁ ଦେଶରେ ୪୦ ଲକ୍ଷ ରୋଜଗାର ସୁଯୋଗ ସୃଷ୍ଟି ହେବ। ନୂଆ ନୀତି ଅନୁଯାୟୀ ଦ୍ରୁତଗତିରେ ବ୍ରଡବ୍ୟାଣ୍ଡ ପହଞ୍ଚାଇବା, ୫ଜି ଏବଂ ଅପ୍ଟିକାଲ ଫାଇବର ଭଳି ଅତ୍ୟାଧୁନିକ ପ୍ରଯୁକ୍ତି ଯୋଗାଣ ଉପରେ ଗୁରୁତ୍ୱ ଦିଆଯାଇଛି। ଋଣରେ ବୁଡ଼ିଯାଇଥିବା ଟେଲିକମ କମ୍ପାନୀଙ୍କୁ ଉଦ୍ଧାର କରିବା ପାଇଁ ସ୍ପେକ୍ଟ୍ରମ ଶୁଳ୍କକୁ ତର୍କସଙ୍ଗତ କରିବା ଉପରେ ନୂଆ ନୀତିରେ ଜୋର୍ ଦିଆଯାଇଛି ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ସମସ୍ତଙ୍କୁ ୫୦ମେଗାବିଟ୍ ପ୍ରତି ସେକେଣ୍ଡ ଗତିରେ ବ୍ରଡ଼ବ୍ୟାଣ୍ଡ ସେବା ଯୋଗାଇବା, ୫ଜି ସେବା ଓ ୨୦୨୨ ସୁଦ୍ଧା ୪୦ ଲକ୍ଷ ନୂଆ ରୋଜଗାର ସୃଷ୍ଟି ଲାଗି ବ୍ୟବସ୍ଥା କରାଯାଇଛି।

### ସରକାରୀ କମ୍ପାନୀ ହେବ ଜିଏସ୍‌ଟିଏନ

**ନୂଆଦିଲ୍ଲୀ,୨୬-୯(ପି.ଟି.):** ସାମଗ୍ରୀ ଓ ସେବା ଟିକସ ନେଟ୍‌ୱର୍କ(ଜିଏସ୍‌ଟିଏନ୍) ଏକ ସରକାରୀ କମ୍ପାନୀରେ ପରିଣତ ହେବ। ବୁଧବାର କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଏହାକୁ ମଞ୍ଜୁରୀ ମିଳିଛି। ବୈଠକ ପରେ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ସୂଚନା ଦେଇ କହିଛନ୍ତି, ଜିଏସ୍‌ଟିଏନ୍‌ର ମୋଟ ୧୦୦ ଅଂଶ ମଧ୍ୟରୁ କେନ୍ଦ୍ର ସରକାରଙ୍କ ଅଧୀନରେ ୫୦% ଏବଂ ବାକି ୫୦% ରାଜ୍ୟ ସରକାରଙ୍କ ଅଧୀନରେ ରହିବ। ବର୍ତ୍ତମାନ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏଥିରେ ମୋଟ ୪୯% ଅଂଶ ରହିଛି। ବାକି ୫୧% ଅଂଶ ଏଚ୍‌ଡିଏଫ୍‌ସି ଲିମିଟେଡ୍, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍, ଆଇସିଆଇସିଆଇ ବ୍ୟାଙ୍କ, ଏନ୍‌ଏସ୍‌ଇ ଷ୍ଟ୍ରାଟେଜିକ୍ ଇନ୍‌ଭେଷ୍ଟମେଣ୍ଟ ଏବଂ ଏଲ୍‌ଆଇସି ହାଉସିଂ ଫାଇନାନ୍ସ ଲିମିଟେଡ୍ ଭଳି ୫ଟି ଅଣସରକାରୀ ଆର୍ଥିକ ପ୍ରତିଷ୍ଠାନ ଅଧୀନରେ ଅଛି। ପୂର୍ବରୁ ଏହାକୁ ଜିଏସ୍‌ଟି ପରିଷଦର ମଞ୍ଜୁରୀ ମିଳିସାରିଛି।

### ଚିନି ଶିଳ୍ପକୁ ୫,୫୩୮ କୋଟିର ପ୍ୟାକେଜ୍

**ନୂଆଦିଲ୍ଲୀ,୨୬-୯(ପି.ଟି.):** ଉଭୟ ଚିନି କଳ ଏବଂ ଆଖୁ ଚାଷୀଙ୍କ ପାଇଁ ସରକାର ୫,୫୩୮ କୋଟି ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ଉତ୍ପାଦନ ଏବଂ ରପ୍ତାନି ଆଦିକୁ ଦୃଷ୍ଟିରେ ରଖି ୨୦୧୮-୧୯ ବିପଣନ ବର୍ଷ ପାଇଁ ଏହି ସହାୟତା ପ୍ରଦାନ କରାଯିବ। ବୁଧବାର କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଏହାକୁ ମଞ୍ଜୁରୀ ମିଳିଛି। ବର୍ତ୍ତମାନ ଚିନି କଳଗୁଡିକ ଉପରେ ପ୍ରାୟ ୧୩ ହଜାର କୋଟି ଟଙ୍କା ବାକି ପଡ଼ିଛି। ଏ କ୍ଷେତ୍ରରେ ମିଲ୍ ମାଲିକମାନଙ୍କୁ ସାହାଯ୍ୟ କରିବା ପାଇଁ ଖାଦ୍ୟ ମନ୍ତ୍ରଣାଳୟ ପୂର୍ବରୁ ପ୍ରସ୍ତାବ ଦେଇଥିଲା। ଏହାକୁ ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ମଞ୍ଜୁରୀ ପ୍ରଦାନ କରିଛି। ମୋଟ ୫୫୩୮ କୋଟି ମଧ୍ୟରୁ ୧,୩୭୫ କୋଟି ଟଙ୍କା ମିଲରମାନଙ୍କୁ ପରିବହନ ସବ୍‌ସିଡି ଏବଂ ବାକି ୪୧୬୩ କୋଟି ଟଙ୍କା ଆଖୁଚାଷୀଙ୍କୁ ପ୍ରଦାନ କରାଯିବ।

### ୫୯ ମିନିଟ୍‌ରେ ମିଳିବ କୋଟିଏ ଟଙ୍କାର ଋଣ

**ନୂଆଦିଲ୍ଲୀ,୨୬-୯:** ଅଣୁ,କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ (ଏମ୍‌ଏସ୍‌ଏମ୍‌ଇ)କୁ ଋଣ ପ୍ରବାହ ବଢ଼ାଇବା ଉଦ୍ଦେଶ୍ୟରେ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଏକ ୱେବ୍ ପୋର୍ଟାଲର ଶୁଭାରମ୍ଭ କରିଛନ୍ତି। ଏହି ପୋର୍ଟାଲ ଜରିଆରେ ଜଣେ ଉଦ୍ୟୋଗୀ ମାତ୍ର ୫୯ ମିନିଟରେ ୧ କୋଟି ଟଙ୍କାର ଋଣ ପାଇପାରିବେ। ଏହି ପୋର୍ଟାଲ ଜରିଆରେ ଜଣେ ଉଦ୍ୟୋଗୀ ସ୍ମଲ ଇଣ୍ଡଷ୍ଟ୍ରିଜ ଡେଭଲପମେଣ୍ଟ ବ୍ୟାଙ୍କ ଅଫ ଇଣ୍ଡିଆ(ସିଡ୍‌ବୀ) ଏବଂ ୫ ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କରୁ କୋଟିଏ ଟଙ୍କାର ଋଣ ହାସଲ କରିପାରିବେ। ପୂର୍ବେ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗକୁ ଋଣ ପ୍ରଦାନ ପାଇଁ ଅନ୍ୟୂନ ୨୦ରୁ ୨୫ ଦିନ ସମୟ ଲାଗୁଥିଲା। ତେବେ ଏହି ପୋର୍ଟାଲ ଜରିଆରେ ମାତ୍ର ୫୯ ମିନିଟ୍‌ରେ ତାଙ୍କୁ ଋଣ ମିଳିଯିବ। ତେବେ ଋଣ ଅନୁମୋଦନର ୭ରୁ ୮ ଦିନ ଭିତରେ ସେ ଋଣ ଅର୍ଥ ପାଇଯିବେ।

# ଜାରି ରହିବ ଭାରତର ଅଭିବୃଦ୍ଧି ଧାରା

ନୂଆଦିଲ୍ଲୀ,୨୬-୯(ପି.ଟି)




- ଏଡିବିର ଆକଳନ
- ୨୦୧୮ରେ ଅଭିବୃଦ୍ଧି ୭.୩% ରହିବ
- ଟଙ୍କା ମୂଲ୍ୟ ହ୍ରାସ, ବିତ୍ତ ବଜାର ଅସ୍ଥିରତା ଚ୍ୟାଲେଞ୍ଜ
- ମୁଦ୍ରା ସ୍ଫୀତି ପ୍ରଭାବିତ ହେବ

ଭାରତୀୟ ଅର୍ଥନୀତି ଅଭିବୃଦ୍ଧିଧାରା ଜାରି ରଖିବାକୁ ସକ୍ଷମ ହେବ। ଚଳିତ ଆର୍ଥିକ ବର୍ଷରେ ଅର୍ଥନୀତି ୭.୩% ହାରରେ ଅଭିବୃଦ୍ଧି ହାସଲ କରିବା ନେଇ ଆକଳନ କରାଯାଇଛି। ଏସିଆନ୍ ଡେଭ୍‌ଲପମେଣ୍ଟ ବ୍ୟାଙ୍କ (ଏଡିବି) ବୁଧବାର ଏହା କହିଛି। ମାତ୍ର ଡଲାର ତୁଳନାରେ ଟଙ୍କା ମୂଲ୍ୟ ହ୍ରାସ, ବିତ୍ତ ବଜାରର ଅସ୍ଥିରତା ଘରୋଇ ବଜାର ଲାଗି ଏକ ଚ୍ୟାଲେଞ୍ଜ ବୋଲି ଏହି ମଲ୍ଟି ଲାଟେରାଲ ଲେଣ୍ଡିଂ ଏଜେନ୍ସି ପ୍ରକାଶ କରିଛି। ଏଡିବି ଏହାର ବାର୍ଷିକ ଇକୋନୋମିକ ପବ୍ଲିକେଶନ 'ଦି ଏସିଆନ ଡେଭଲପମେଣ୍ଟ ଆଉଟଲୁକ୍ ୨୦୧୮'ରେ ଏହି ବିଷୟକୁ ଉଲ୍ଲେଖ କରିଛି। ଆଭ୍ୟନ୍ତରୀଣ ଚାହିଦା ବୃଦ୍ଧି ଯୋଗୁ ଏସିଆର ବିଭିନ୍ନ ଅଭିବୃଦ୍ଧିଶୀଳ ରାଷ୍ଟ୍ରଗୁଡିକର ଅଭିବୃଦ୍ଧିଧାରା ସ୍ଥିତାବସ୍ଥାରେ ରହିଛି। ତୈଳ ତଥା ଗ୍ୟାସ ଦର ଭାରତର ଅଭିବୃଦ୍ଧି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଏଡିବି କହିଛି।

ଅପରପକ୍ଷରେ ବାଣିଜ୍ୟକୁ ନେଇ ବିଭିନ୍ନ ଦେଶ ସହ ରହିଥିବା ବିଭିନ୍ନ ଅସୁବିଧା ଯୋଗୁ ଘରୋଇ ବଜାରର ବୃଦ୍ଧି କ୍ଷେତ୍ରରେ ବାଧକ ହେଉଛି। ମାତ୍ର ମୋଟା ମୋଟି ଭାବେ କହିବାକୁ ଗଲେ ଏଭଳି ବିଭିନ୍ନ ବାଧକ ସତ୍ତ୍ୱେ ଭାରତ ଅଭିବୃଦ୍ଧି ପଥରେ ଅଗ୍ରସର ହେବ ବୋଲି ଏହା କହିଛି। ୨୦୧୮ ବର୍ଷ ଲାଗି ଅଭିବୃଦ୍ଧି ଆକଳନକୁ ଏହା ଅପରିବର୍ତ୍ତିତ ରଖିଛି। ଏହି ସମୟରେ ଅଭିବୃଦ୍ଧି ୭.୩%ରେ ରହିବ। ଅପରପକ୍ଷରେ ୨୦୧୯ରେ ଅଭିବୃଦ୍ଧି ୭.୬% ରହିବ ବୋଲି ଏହା ପୂର୍ବାନୁମାନ କରିଛି। ବିମୁଦ୍ରୀକରଣ ଏବଂ ନୂଆ ପରୋକ୍ଷ ଟିକସ ବ୍ୟବସ୍ଥା ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି)ର ପ୍ରଭାବ କ୍ଷୀଣସ୍ଥାୟୀ । ଟଙ୍କାର ମୂଲ୍ୟ ହ୍ରାସ, ଅସ୍ଥିର ବାହ୍ୟ ବିତ୍ତ ବଜାର ଏକ ଚ୍ୟାଲେଞ୍ଜ ହୋଇଥିବା ବେଳେ ଏହା ମୁଦ୍ରାସ୍ଫୀତିକୁ ବଢାଇବ। ବିତ୍ତୀୟ ଧାରା ଉପରେ ଏହାର ପ୍ରଭାବ ମଧ୍ୟ ପରିଲକ୍ଷିତ ହେବ ବୋଲି ବ୍ୟାଙ୍କ ପ୍ରକାଶ କରିଛି।

# ହୋଣ୍ଡା ଟୁହ୍ୱିଲର୍ସ ଇଣ୍ଡିଆର ରପ୍ତାନି ୨ ନିୟୁତ ଟପିଲା

ନୂଆଦିଲ୍ଲୀ,୨୬-୯

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡର ରପ୍ତାନି ୨ ନିୟୁତ ମାଇଲଖୁଣ୍ଟ ଅତିକ୍ରମ କରିଛି। ପ୍ରଥମ ୧ ନିୟୁତ ଗାଡି ରପ୍ତାନି ଲାଗି କମ୍ପାନୀକୁ ୧୪ ବର୍ଷ ସମୟ ଲାଗିଥିବା ବେଳେ ପରବର୍ତ୍ତୀ ୧ ନିୟୁତ ୟୁନିଟ ଯାନ ରପ୍ତାନି ମାତ୍ର ୩ ବର୍ଷ ମଧ୍ୟରେ ହୋଇଥିବା କମ୍ପାନୀ ପ୍ରକାଶ କରିଛି। ଏହି ୩ ବର୍ଷରେ କମ୍ପାନୀର ରପ୍ତାନି ୩ ଗୁଣ ବୃଦ୍ଧି ହୋଇଛି। ବିଦେଶରେ କମ୍ପାନୀର ବିଭିନ୍ନ ମଡେଲ ଯାନଗୁଡିକର ଚାହିଦା ବୃଦ୍ଧି ହେବାରୁ ରପ୍ତାନି ବଢିଛି। ୨୦୦୧ରେ କମ୍ପାନୀ କେବଳ ଆକ୍ଟିଭା ରପ୍ତାନି କରୁଥିଲା। ବର୍ତ୍ତମାନ ଏହା ୧୬ଟି ମଡେଲ ରପ୍ତାନି କରୁଛି। ସ୍କୁଟର ରପ୍ତାନିରେ କମ୍ପାନୀ ୬୩% ବଜାର ଅଂଶ ସହ ପ୍ରଥମ ସ୍ଥାନରେ ରହିଛି। ବର୍ତ୍ତମାନ ଡିଓ ମଡେଲର ରପ୍ତାନି ସର୍ବାଧିକ ରହିଛି। ସାର୍କ ରାଷ୍ଟ୍ର ଏବଂ ଲାଟିନ ଆମେରିକାର ଦେଶଗୁଡିକୁ କମ୍ପାନୀ ରପ୍ତାନି କରୁଥିବା ଜଣାଯାଇଛି। ଗୁଣାତ୍ମକ ମାନ ଏବଂ ପରିମାଣ ଜରିଆରେ ଭାରତ ଏବଂ ବିଶ୍ୱରେ ଅଗ୍ରଣୀ ଭୂମିକା ନେବାକୁ ଚାହୁଁଥିବା କମ୍ପାନୀର ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ଯଦବିନ୍ଦର ସିଂ ଗୁଲେରିଆ ସୂଚନା ଦେଇଛନ୍ତି।

# ପୁଣେରେ ଆର୍‌ଡିସି ସ୍ଥାପନ କଲା ଫକ୍ସୱାଗନ୍




ପୁଣେ,୨୬-୯

ଫକ୍ସୱାଗନ ଗ୍ରୁପ ସେଲସ୍ ଇଣ୍ଡିଆ ପକ୍ଷରୁ ପୁଣେର ଚକାନଠାରେ ଆଞ୍ଚଳିକ ବିତରଣ କେନ୍ଦ୍ର (ଆରଡିସି) ସ୍ଥାପନା ସମ୍ପର୍କରେ ଘୋଷଣା କରାଯାଇଛି। କମ୍ପାନୀର ପୁଣେସ୍ଥିତ ପ୍ଲାଣ୍ଟ ପରିସରରେ ୨୫,୦୦୦ ବର୍ଗ ମିଟର ସ୍ଥାନରେ ଏହା ସ୍ଥାପନ ହୋଇଛି। ଏହି ପଦକ୍ଷେପ ଦ୍ୱାରା ଘରୋଇ ବଜାରରେ କମ୍ପାନୀ ନିଜ ସ୍ଥିତିକୁ ଦୃଢୀକରଣ କରିବାରେ ବିଶେଷ ଭାବେ ସହାୟକ ହେବ ବୋଲି ପ୍ରକାଶ କରିଛି। ନୂଆ ଆରଡିସିରେ ଷ୍ଟେଟ ଅଫ୍ ଆର୍ଟ ସୁବିଧା ସହ କମ୍ପାନୀର ସଦ୍ୟତମ ଅନୁପାଳନ ତଥା ବିଶ୍ୱ ସ୍ତରୀୟ ମାନକ ବ୍ୟବସ୍ଥା ରହିଛି। ନୂଆ ଆରଡିସିକୁ ଆଫ୍‌ଟର ସେଲସ ଆଣ୍ଡ ଭେଇକିଲ ଲଜିଷ୍ଟିକ୍ସ ଡାଇରେକ୍ଟର ଗ୍ରୁପ ଜଷ୍ଟିନ୍ ନୋଲଟେ ଉଦ୍‌ଘାଟନ କରିଛନ୍ତି। ଏଥିରେ କମ୍ପାନୀର ବରିଷ୍ଠ ଅଧିକାରୀ ପି. ରବିଚନ୍ଦ୍ରନ, ପ୍ରଭିନ ସେଟ୍ଟୀ ଉପସ୍ଥିତ ଥିଲେ। ପ୍ରଥମ ପର୍ଯ୍ୟାୟରେ ରପ୍ତାନି ବାଣିଜ୍ୟକୁ ଏହା ପରିଚାଳନା କରିବ। ଆସନ୍ତା ବର୍ଷ ପ୍ରଥମାର୍ଦ୍ଧରେ ଏହାର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ଷମ ହେବ ବୋଲି କମ୍ପାନୀ କହିଛି।

## ସମାନ ତେଲ ଟିକସ

# ରାଜି ହେଲେ ୪ ରାଜ୍ୟ, ୨ କେନ୍ଦ୍ରଶାସିତ ଅଞ୍ଚଳ

ଚଣ୍ଡିଗଡ଼,୨୬-୯

ଦେଶରେ ତେଲ ଦର ବୃଦ୍ଧି ସମସ୍ତଙ୍କ ପାଇଁ ମୁଣ୍ଡବ୍ୟଥା ହୋଇଥିବା ବେଳେ ୪ ରାଜ୍ୟ ଓ ୨ କେନ୍ଦ୍ର ଶାସିତ ଅଞ୍ଚଳ ଗୋଟିଏ ପ୍ରକାର ଟିକସ ଆଦାୟ ଲାଗି ରାଜି ହୋଇଛନ୍ତି। ହରିୟାଣା ଅର୍ଥମନ୍ତ୍ରୀ କ୍ୟାପ୍ଟେନ ଅଭିମନ୍ୟୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା।




ଏଥିରେ ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ମନୀଷ ସିସୋଦିଆ, ପଞ୍ଜାବ ଅର୍ଥ ମନ୍ତ୍ରୀ ମନପ୍ରିତ ବାଦଲଙ୍କ ସମେତ ଚଣ୍ଡିଗଡ଼, ଉତ୍ତର ପ୍ରଦେଶ, ହରିୟାଣା, ହିମାଚଳ ପ୍ରଦେଶର ଅଧିକାରୀମାନେ ଉପସ୍ଥିତ ରହି ପେଟ୍ରୋଲ ଓ ଡିଜେଲର ଗୋଟିଏ ପ୍ରକାର ଟିକସ ଆଦାୟ ଲାଗି ରାଜି ହୋଇଛନ୍ତି। ତୈଳ ଦରକୁ କିଭଳି ଏକ ସମାନ ରଖାଯିବ ସେ ନେଇ ଏକ ଉପକମିଟି ଗଠନ କରାଯାଇଛି। ଏହି ଉପକମିଟିର ସୁପାରିସ କ୍ରମେ ଦର ଧାର୍ଯ୍ୟ କରାଯିବ। କେନ୍ଦ୍ର ସରକାରଙ୍କ ଗୋଟିଏ ଦେଶ ଗୋଟିଏ ଟିକସ ବ୍ୟବସ୍ଥା ଅନ୍ତର୍ଗତରେ ଏଭଳି ବ୍ୟବସ୍ଥା ଆପଣାଯାଉଛି। ଏଥିସହ ମଦ, ଗାଡ଼ିର ପଞ୍ଜୀକରଣ, ପରିବହନ ପରମିଟ୍‌କୁ ମଧ୍ୟ ସମାନ କରିବା ପାଇଁ ସେମାନେ ସହମତ ହୋଇଛନ୍ତି।

# ହିରୋ ଚ୍ୟାଲେଞ୍ଜ ଟାଇଟଲ ସ୍ପନସରଶିପର ସମ୍ପ୍ରସାରଣ

ନୂଆଦିଲ୍ଲୀ,୨୬-୯




ହିରୋ ମୋଟୋକର୍ପ ଲିମିଟେଡ ପକ୍ଷରୁ ହିରୋ ଚ୍ୟାଲେଞ୍ଜ ଟାଇଟଲ ସ୍ପନସରଶିପକୁ ସମ୍ପ୍ରସାରଣ କରାଯାଇଛି। ୨୦୧୮ ହିରୋ ୱାର୍ଲଡ ଚ୍ୟାଲେଞ୍ଜ ଆଲବାନୀର ବାମସରେ ନଭେମ୍ବର ୨୯ରୁ ଡିସେମ୍ବର ୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ହିରୋୱାର୍ଲଡ ଚ୍ୟାଲେଞ୍ଜ ଏକ ନୂତନ ଅନୁଭୂତି ପ୍ରଦାନ ଦିଗରେ ବିଶେଷ ଭାବେ ସହାୟକ ହେବ ବୋଲି ବିଶ୍ୱର ଶ୍ରେଷ୍ଠ ଗଲଫର ଟାଇଗର ଉଡସ୍ କହିଛନ୍ତି। ଏକ ପ୍ରମୁଖ ବ୍ରାଣ୍ଡ ଭାବେ ଯୁବ ଗଲଫରଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା ହିରୋ ମୋଟୋକର୍ପର ଅଧ୍ୟକ୍ଷ, ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ପୱନ ମୁଞ୍ଜାଲ କହିଛନ୍ତି। ହିରୋ ୱାର୍ଲଡ ଚ୍ୟାଲେଞ୍ଜ ୪ଟି ରାଉଣ୍ଡରେ ସମ୍ପନ୍ନ ହେବ। ଏଥିରେ ୩.୫ ନିୟୁତ ଡଲାରର ପର୍ସ ରହିଛି। ଏହାବାଦ ୧ ନିୟୁତ ଡଲାରର ବିଜେତା ପ୍ରାଇଜ ପ୍ରଦାନ କରାଯିବାର ଯୋଜନା ରହିଛି।

# ଷ୍ଟାଇଲ ସ୍ପାରେ ଫେଷ୍ଟିଭ୍ ଅଫର

ଭୁବନେଶ୍ୱର,୨୬-୯

STYLESPA Live Smart

ପ୍ରମୁଖ ଫର୍ନିଚର ବ୍ରାଣ୍ଡ ଷ୍ଟାଇଲ ସ୍ପା ପକ୍ଷରୁ ସେପ୍ଟେମ୍ବର ଫେଷ୍ଟିଭ ଅଫର୍ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅଫର ଗ୍ରାହକମାନେ ବଜାଜ ଫାଇନାନ୍ସ ସହ ଲାଭ କରିପାରିବେ। ଏଥିରେ ଗ୍ରାହକ ୦% ଇଣ୍ଟ୍ରେଷ୍ଟ ସୁବିଧା ପାଇବେ। ଏହାର ଅବଧି ୩୦ ସେପ୍ଟେମ୍ବର ରହିଛି। ସେହିଭଳି ଡାଉନପେମେଣ୍ଟ ସୁବିଧା ସହ କଟକ, ଭୁବନେଶ୍ୱର, ପୁରୀ ଏବଂ ଯାଜପୁର ରୋଡର ଗ୍ରାହକ ବଜାଜ ଫାଇନାନ୍ସ ସୁବିଧା ପାଇ ପାରିବେ। କମ୍ପାନୀ ସୋଫା, ବେଡ୍ ଏବଂ ଡାଇନିଂ ବର୍ଗରେ ନୂଆ ପ୍ରଡକ୍ଟ ବଜାରକୁ ଆଣିଛି। ସାରା ଦେଶରେ ଏହା ୯୦ ନିଜସ୍ୱ ଆଉଟଲେଟ ଦ୍ୱାରା ସେବା ଯୋଗାଇ ଦେଉଛି। ଗ୍ରାହକମାନେ କମ୍ପାନୀର ଆଉଟଲେଟରୁ ଅନ୍ତର୍ଜାତୀୟ ମାନର ପ୍ରଡକ୍ଟ ଲାଭ କରିବାକୁ ସକ୍ଷମ ହେବେ। ପ୍ରଡକ୍ଟଗୁଡିକ ୟୁରୋପିଆନ ଟେକ୍ନୋଲୋଜି ଆଧାରିତ। ହୋମ ଫର୍ନିଚର, ମଡ୍ୟୁଲାର କିଚେନ, ଅଫିସ ଫର୍ନିଚର, ଇଣ୍ଟେରିୟର ସଲ୍ୟୁଶନ ଗ୍ରାହକ ଲାଭ କରିପାରିବେ ବୋଲି ଷ୍ଟାଇଲ ସ୍ପା ପକ୍ଷରୁ ପ୍ରକାଶ।

# ଆଦିତ୍ୟ ହ୍ୟୁଣ୍ଡାଇରେ ଏମ୍ପ୍ଲଇ ମୋଟିଭେଶନ ପ୍ରୋଗ୍ରାମ

ଭୁବନେଶ୍ୱର,୨୬-୯



ଭୁବନେଶ୍ୱର ତମାଣ୍ଡୋସ୍ଥିତ ଆଦିତ୍ୟ ହ୍ୟୁଣ୍ଡାଇ ଶୋ'ରୁମଠାରେ ଏକ ଏମ୍ପ୍ଲଇ ମୋଟିଭେଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡର ଏରିଆ ପାର୍ଟସ ଆଣ୍ଡ ସର୍ଭିସ ମ୍ୟାନେଜର ସୌମ୍ୟ ଘୋଷ, ଆଦିତ୍ୟ ହ୍ୟୁଣ୍ଡାଇ ପରିଚାଳନା ନିର୍ଦ୍ଦେଶକ ଆଦିତ୍ୟ ପାତ୍ର, ସହକାରୀ ଉପସଭାପତି ହରମୋହନ ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ଉଚ୍ଚ ପଦାଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟପାଇଁ ୧୩ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗ୍ରାହକ ସନ୍ତୁଷ୍ଟିକୁ ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ ଦିଗରେ କାର୍ଯ୍ୟ କରିବାକୁ କର୍ମଚାରୀଙ୍କୁ ପାତ୍ର ଏହି ଅବସରରେ ସୂଚନା ଦେଇଥିଲେ।

## ଅର୍ଥର ଅର୍ଥ



Rupkumar Pradhan
**CERTIFIED FINANCIAL PLANNER**[CM]
"Director, SmartFin Wealth Management Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

# ପୋର୍ଟାବିଲିଟିରେ ବଦଳାଇ ହେବ ସ୍ୱାସ୍ଥ୍ୟ ବୀମା କମ୍ପାନୀ

**ପ୍ର– ମୋର କିଛି ଟଙ୍କା ଡାକଘର ସଞ୍ଚୟ ସ୍କିମ୍‌ରେ ନିବେଶ କରିବା ପାଇଁ ଚାହୁଁଛି। ଡାକଘରେ ସଞ୍ଚୟ କରିବା ପାଇଁ କେଉଁ କେଉଁ ସ୍କିମ୍ ରହିଛି ଏବଂ ଏଥିରେ କେତେ ପରିମାଣରେ ସୁଧ ମିଳୁଛି ତାହା ଜାଣିବାକୁ ଚାହୁଁଛି। ଏଥି ସହିତ ସୁକନ୍ୟା ସମୃଦ୍ଧି ସ୍କିମ୍‌ର ସୁଧ ହାର ବିଷୟରେ ସୂଚନା ଦେବା ପାଇଁ ଅନୁରୋଧ।**
**–ମାଳତି ମଞ୍ଜରୀ ଜେନା, କେନ୍ଦ୍ରାପଡା**

ଉ–ଡାକଘର ସଞ୍ଚୟ ଯୋଜନାରେ ଅନେକ ସ୍କିମ୍ ରହିଛି। କେନ୍ଦ୍ର ସରକାର ପ୍ରତି ତିନିମାସରେ ଥରେ ସମୀକ୍ଷା କରି ଏ ସବୁ ସ୍କିମ୍‌ର ସୁଧହାର ପରିବର୍ତ୍ତନ କରିଥାଆନ୍ତି। କେନ୍ଦ୍ର ସରକାର ଗତ ତ୍ରୈମାସିକ ସମୀକ୍ଷା ବୈଠକରେ ଡାକଘର ସଞ୍ଚୟ ଯୋଜନାରେ ରହିଥିବା ସ୍କିମ୍‌ରେ ସୁଧହାର ବୃଦ୍ଧି କରିଛନ୍ତି। ସୁକନ୍ୟା ସମୃଦ୍ଧି ସ୍କିମ୍‌ର ସୁଧହାର ବର୍ତ୍ତମାନ ୮.୫% ରହିଛି। ନିଜ ଝିଅର ଉଚ୍ଚ ଶିକ୍ଷା କିମ୍ବା ବିବାହ ଖର୍ଚ୍ଚ ପୂରଣ କରିବା ପାଇଁ ସୁକନ୍ୟା ସମୃଦ୍ଧି ସ୍କିମ୍‌ରେ ସଞ୍ଚୟ କରିବା ଏକ ଭଲ ବିକଳ୍ପ। ଡାକଘର ସଞ୍ଚୟ ଯୋଜନାରେ ଥିବା ସମସ୍ତ ସ୍କିମ୍‌ର ସୁଧ ହାର ବିଷୟରେ ଜାଣିବା ପାଇଁ ପାର୍ଶ୍ୱସ୍ଥ ସାରଣୀକୁ ଦୃଷ୍ଟି ଦିଅନ୍ତୁ।

| ସ୍କିମ୍ | ବର୍ତ୍ତମାନ ସୁଧ ହାର ବାର୍ଷିକ(%) (୨୦୧୮ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ) | ନୂତନ ସୁଧ ହାର ଲାଗୁ ହେବ, ବାର୍ଷିକ(%) (୨୦୧୮ ଅକ୍ଟୋବର ୧ରୁ ଡିସେମ୍ବର ୩୧ ପର୍ଯ୍ୟନ୍ତ) |
|---|---|---|
| ସୁକନ୍ୟା ସମୃଦ୍ଧି ସ୍କିମ୍ | ୮.୧ | ୮.୫ |
| ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା | ୮.୩ | ୮.୭ |
| ପବ୍ଲିକ୍ ପ୍ରୋଭିଡେଣ୍ଟ ଫଣ୍ଡ | ୭.୬ | ୮.୦ |
| ଜାତୀୟ ସଞ୍ଚୟ ସାର୍ଟିଫିକେଟ | ୭.୬ | ୮.୦ |
| କିଷାନ ବିକାଶ ପତ୍ର | ୭.୩(୧୧୮ ମାସରେ ପରିପକ୍ୱ ରାଶି ମିଳିବ) | ୭.୭( ୧୧୨ ମାସରେ ପରିପକ୍ୱ ରାଶି ମିଳିବ) |
| ଡାକଘର ମାସିକ ଆୟ ଯୋଜନା | ୭.୩ | ୭.୭ |
| ଡାକଘର ପୌନଃପୁନିକ ଯୋଜନା | ୬.୯ | ୭.୩ |
| ଡାକଘର ମିଆଦି ଜମା- ୫ ବର୍ଷ | ୭.୪ | ୭.୮ |
| ଡାକଘର ମିଆଦି ଜମା-୩ ବର୍ଷ | ୬.୯ | ୭.୨ |
| ଡାକଘର ମିଆଦି ଜମା-୨ ବର୍ଷ | ୬.୭ | ୭.୦ |
| ଡାକଘର ମିଆଦି ଜମା-୧ ବର୍ଷ | ୬.୬ | ୬.୯ |
| ଡାକଘର ସଞ୍ଚୟ ଜମା ଖାତା | ୪.୦ | ୪.୦ |

**ପ୍ର– ମୋ' ପରିବାର ପାଇଁ ଏକ ସ୍ୱାସ୍ଥ୍ୟବୀମା ପଲିସି କିଣିଥିଲି। ଏହା ଏକ ଫ୍ୟାମିଲି ଫ୍ଲୋଟର ପଲିସି। ପ୍ରତିବର୍ଷ ପ୍ରିମିୟମ ଦେଇ ଆସୁଛି। ଚଳିତ ବର୍ଷ ପ୍ରିମିୟମ ରାଶି ବଢି ଯାଇଛି। ଏକ ଚିଠି ନୋଡାଲ ଗ୍ରିଭାନ୍ସ ସେଲ୍‌କୁ ଲେଖିଥିଲେ ବି କୌଣସି ଉତ୍ତର ପାଇନାହିଁ। ଏ କ୍ଷେତ୍ରରେ କ'ଣ କରାଯାଇ ପାରିବ, ଦୟାକରି ପରାମର୍ଶ ଦିଅନ୍ତୁ।**
**– ସନାତନ ସାହୁ, ବ୍ରହ୍ମପୁର**

ଉ–ସ୍ୱାସ୍ଥ୍ୟବୀମା ପଲିସି ହେଉଛି ଏକ ବିନାଧାର୍ଯ୍ୟ ଦର ପଲିସି। ଏହା ଧାର୍ଯ୍ୟ–ଦର ପରାମର୍ଶଦାତା କମିଟି (ଟାରିଫ୍ ଆଡ୍‌ଭାଇଜରି କମିଟି) ଦ୍ୱାରା ନିୟନ୍ତ୍ରଣ କରାଯାଏ ନାହିଁ। ସମସ୍ତ ସ୍ୱାସ୍ଥ୍ୟବୀମା କମ୍ପାନୀ ବିଗତ ବର୍ଷର ଦାବି ଅର୍ଥ ପରିଶୋଧର ଅଭିଜ୍ଞତା ଓ ଅନ୍ୟାନ୍ୟ ଖର୍ଚ୍ଚକୁ ଦୃଷ୍ଟିରେ ରଖି ସମସ୍ତ ସ୍ୱାସ୍ଥ୍ୟବୀମା ପଲିସିର ବାର୍ଷିକ ପ୍ରିମିୟମ ରାଶି ପରିବର୍ତ୍ତନ କରିପାରିବେ। ଏଥିପାଇଁ ସେମାନଙ୍କ ହାତରେ ସ୍ୱାଧୀନତା ରହିଛି। ଯଦି ଆପଣ ଅଧିକ ପ୍ରିମିୟମ ଦେବା କ୍ଷେତ୍ରରେ ସନ୍ତୁଷ୍ଟ ନୁହନ୍ତି ତେବେ ପୋର୍ଟାବିଲିଟି ସୁବିଧା ମାଧ୍ୟମରେ ଅନ୍ୟ ଏକ ସ୍ୱାସ୍ଥ୍ୟବୀମା କମ୍ପାନୀକୁ ପରିବର୍ତ୍ତନ କରିପାରିବେ।

**ପ୍ର– ଦଶ ବର୍ଷ ସମୟସୀମା ଭିତରେ ୨୦ ଲକ୍ଷ ଟଙ୍କାର ଏକ ପାଣ୍ଠି ଗଠନ କରିବା ପାଇଁ ମ୍ୟୁଚୁଆଲ୍ ଫଣ୍ଡ୍‌ରେ କେତେ ଟଙ୍କା ମାସିକ ନିବେଶ କରିବା ଦରକାର? ଏ ବିଷୟରେ ପରାମର୍ଶ ଦେବା ପାଇଁ ଅନୁରୋଧ**
**– ପୁଷ୍ପଲତା ମିଶ୍ର, ବାଲୁଗାଁ**

ଉ– ମ୍ୟୁଚୁଆଲ୍ ଫଣ୍ଡ୍‌ରେ ବିଭିନ୍ନ ପ୍ରକାରର ସ୍କିମ୍ ରହିଛି। ଇକ୍ୱିଟି, ବାଲାନ୍ସଡ୍ ଇତ୍ୟାଦି। ନିୟମିତ ଓ ଶୃଙ୍ଖଳିତ ଉପାୟରେ ସଞ୍ଚୟ କଲେ ଯେକୌଣସି ଆର୍ଥିକ ଲକ୍ଷ୍ୟକୁ ହାସଲ କରାଯାଇ ପାରିବ। ୨୦ ଲକ୍ଷ ଟଙ୍କାର ଏକ ପାଣ୍ଠି ଗଠନ କରିବା ପାଇଁ ଯଦି ଆପଣଙ୍କ ମ୍ୟୁଚୁଆଲ୍ ଫଣ୍ଡ ବର୍ଷକୁ ଅତି କମ୍‌ରେ ୧୨% ସୁଧ ପ୍ରଦାନ କରେ ତେବେ ଆପଣଙ୍କୁ ମାସିକ ୮୬୦୮ ଟଙ୍କା ନିବେଶ କରିବାକୁ ପଡିବ।

**ଆମ ଠିକଣା**
ବିଜ୍‌ନେସ ଧରିତ୍ରୀ, ବି–୧୫,
ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦



ଭାରତ ପରି ଟିମ୍ ବିପକ୍ଷରେ ମ୍ୟାଚ୍ ଟାଇ ରଖିବା ଆମ ଲାଗି ଏକ ସ୍ମରଣୀୟ ବିଜୟ ସହ ସମାନ ।

–ଅସଘର ଆଫଘାନ, ଆଫଗାନିସ୍ତାନ ଅଧିନାୟକ



ଆଫଗାନିସ୍ତାନ କ୍ରିକେଟ୍‌ରେ ବହୁତ ଉନ୍ନତି ହୋଇଛି। ଏସିଆ କପ୍ ଆରମ୍ଭରୁ ସେମାନେ ଭଲ ଖେଳି ଆସୁଛନ୍ତି ଏବଂ ଆମେ ତାଙ୍କ ଖେଳକୁ ଉପଭୋଗ କରୁଛୁ ।

–ମହେନ୍ଦ୍ର ସିଂ ଧୋନୀ, ଅଭିଜ୍ଞ ଭାରତୀୟ କ୍ରିକେଟର

## ସଂକ୍ଷେପରେ

### ଜାତୀୟ କୁସ୍ତିରେ ଭାଗନେବ ଓଡ଼ିଶା

କଟକ ଅଫିସ,୨୬।୯: ରାଜସ୍ଥାନର ଚିତୋରଗଡ଼ଠାରେ ହେବାକୁ ଥିବା ୨୩ବର୍ଷରୁ କମ୍ ଜାତୀୟ କୁସ୍ତି ଚାମ୍ପିୟନଶିପ ନିମନ୍ତେ ଓଡ଼ିଶା ପୁରୁଷ ଓ ମହିଳା ଦଳ ରାଜସ୍ଥାନ ଯାତ୍ରା କରିଛି। ଆସନ୍ତା ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ଏହି ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ପୁରୁଷ ବିଭାଗର ୫୭ କେଜି ବର୍ଗରେ ପ୍ରଶାନ୍ତ କୁମାର ବିଶ୍ୱାଳ, ୬୧ କେଜି ବର୍ଗରେ ସଦାଶିବ ବାରିକ, ୬୫କେଜି ବର୍ଗରେ ଅଭିଜିତ ଖୁଣ୍ଟିଆ, ୭୦କେଜି ବର୍ଗରେ କାଳି ପ୍ରସାଦ ବେହେରା, ୭୪କେଜି ବର୍ଗରେ କେଦାର ଦଳାଇ, ୭୯କେଜି ବର୍ଗରେ ଚିନ୍ମୟ କୁମାର ରଣା ଓଡ଼ିଶା ପକ୍ଷରୁ ଭାଗ ନେବେ। କୋଚ୍ ଭାବେ ଲକ୍ଷ୍ମୀପ୍ରସାଦ ପଟ୍ଟନାୟକ ଓ ଅମ୍ରିତ କୁମାର ସାହୁ ମ୍ୟାନେଜର ଭାବେ ପୁରୁଷ ଦଳରେ ଯାତ୍ରା କରିଛନ୍ତି। ସେହିପରି ମହିଳା ବିଭାଗର ୫୦କେଜି ବର୍ଗରେ ସୁବର୍ଣ୍ଣା ନାୟକ, ୫୩କେଜି ବର୍ଗରେ ଶିବାନୀ ଜେନା, ୫୫କେଜି ବର୍ଗରେ ପୂଜା ମହାରଣା, ୫୭କେଜି ବର୍ଗରେ ଆଜିଜା ବେଗମ, ୫୯କେଜି ବର୍ଗରେ ପାର୍ବତୀ ଦଳାଇ, ୭୨କେଜି ବର୍ଗରେ ମଧୁସ୍ମିତା ସ୍ୱାଇଁ ଦଳରେ ରହିଛନ୍ତି। ନରସିଂହ ଲେଙ୍କା କୋଚ୍ ଓ ସନ୍ତୋଷ କୁମାର ଦାସ ରାଜ୍ୟ ମହିଳା ଦଳର ମ୍ୟାନେଜର ଭାବେ ଯାତ୍ରା କରିଛନ୍ତି। ଗତ ସେପ୍ଟେମ୍ବର ୫ରେ ସଚିନ ତେନ୍ଦୁଲକର ଇନ୍‌ଡୋର ହଲରେ ଅନୁଷ୍ଠିତ ରାଜ୍ୟ କୁସ୍ତି ପ୍ରତିଯୋଗିତାରୁ ଏହି ଦଳ ଚୟନ କରାଯାଇଛି ବୋଲି ଓଡ଼ିଶା କୁସ୍ତି ଆସୋସିଏଶନ ସମ୍ପାଦକ ବିନୋଦ ଚନ୍ଦ୍ର ଦାସ ସୂଚନା ଦେଇଛନ୍ତି।

### ଭାରତୀୟ ଟିଟି କୋଚ୍‌ଙ୍କ ଇସ୍ତଫା

ନୂଆଦିଲ୍ଲୀ,୨୬।୯: ଭାରତୀୟ ଟେବୁଲ ଟେନିସ (ଟିଟି) ଦଳକୁ ଶକ୍ତ ଧକ୍କା ଲାଗିଛି। ଗତ ଦୁଇ ବର୍ଷ ମଧ୍ୟରେ ଭାରତୀୟ ଟିଟି ଦଳର ଭାଗ୍ୟ ପରିବର୍ତ୍ତନ କରିଥିବା ଇଟାଲିଆନ୍ କୋଚ୍ ମାସିମୋ କୋଷ୍ଟାଣ୍ଟିନି ପଦରୁ ଇସ୍ତଫା ଦେଇଛନ୍ତି। ସେ ମୁଖ୍ୟ ବିଦେଶୀ କୋଚ୍ ଭାବେ କାର୍ଯ୍ୟରତ ଥିଲେ। ବ୍ୟକ୍ତିଗତ କାରଣ ଦର୍ଶାଇ ଇସ୍ତଫା ଦେଇଛନ୍ତି। କୋଷ୍ଟାଣ୍ଟିନିଙ୍କ ନେତୃତ୍ୱରେ ଭାରତୀୟ ଦଳ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସିଆନ ଗେମ୍ସରେ ଚମତ୍କାର ପ୍ରଦର୍ଶନ କରି ବହୁ ସଂଖ୍ୟକ ପଦକ ଜିତିଥିଲା। ତାଙ୍କ ପତ୍ନୀଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନ ଥିବାରୁ ସେ ପଦରୁ ଓହରିବାକୁ ନିଷ୍ପତ୍ତି ନେଇଛନ୍ତି। ଗତବର୍ଷ ଇଟାଲିରେ ତାଙ୍କ ପତ୍ନୀ ଏକ କାର୍ ଦୁର୍ଘଟଣାର ଶିକାର ହୋଇଥିଲେ। ଏହାବାଦ୍ ସେନିଗାଲିଆଠାରେ ତାଙ୍କର ଏକ ପାରିବାରିକ ରେଷ୍ଟୁରାଣ୍ଟ ରହିଛି, ଯାହାର ଦାୟିତ୍ୱ ତାଙ୍କ ପତ୍ନୀ ନେଉଥିଲେ। ଏବେ ଏହାର ଦାୟିତ୍ୱ ତାଙ୍କ ଉପରେ ପଡ଼ିଛି। କୋଷ୍ଟାଣ୍ଟିନିଙ୍କ କାର୍ଯ୍ୟକାଳ ଚଳିତ ମାସ ୩୦ ତାରିଖରେ ଶେଷ ହୋଇଥାନ୍ତା। ମାତ୍ର କ୍ରୀଡ଼ା ପ୍ରାଧିକରଣ (ସାଇ) ଓ ଟିଟିଏଫ୍‌ଆଇ ତାଙ୍କ କାର୍ଯ୍ୟକାଳକୁ ୨୦୨୦ ଟୋକିଓ ଅଲିମ୍ପିକ୍ସ ପର୍ଯ୍ୟନ୍ତ ବୃଦ୍ଧି କରିବା ନେଇ ଇଚ୍ଛୁକ ଥିଲେ।

### ଡାଇମଣ୍ଡରେ ସନ୍‌ରାଇଜ, ଗୋଲ୍ଡରେ ୟଙ୍ଗ ଉତ୍କଳ ଚାମ୍ପିୟନ

କଟକ ଅଫିସ,୨୬।୯: ବାରବାଟୀ ଷ୍ଟାଡିୟମରେ ଚାଲିଥିବା ପ୍ରଥମ ଡିଭିଜନ ଫୁଟବଲ ଲିଗ୍‌ର ଡାଇମଣ୍ଡ ପର୍ଯ୍ୟାୟରେ ସନ୍‌ରାଇଜ୍ କ୍ଲବ ଚାମ୍ପିୟନ ହୋଇଛି। ବର୍ତ୍ତମାନ ସୁଦ୍ଧା ଖେଳାଯାଇଥିବା ମ୍ୟାଚ୍‌ଗୁଡ଼ିକ ମଧ୍ୟରେ ସନ୍‌ରାଇଜ୍ କ୍ଲବ ସର୍ବାଧିକ ୧୬ ପଏଣ୍ଟ ହାସଲ କରିଛି। ୭ ମ୍ୟାଚ୍‌ରୁ ୫ଟି ବିଜୟ ଓ ଗୋଟିଏ ପରାଜୟ, ଗୋଟିଏ ଡ୍ର ବଳରେ ସନ୍‌ରାଇଜ୍ କ୍ଲବ ଏହି ସଫଳତା ପାଇଛି। ଅନ୍ୟପକ୍ଷରେ ଗୋଲ୍ଡ ଲିଗ୍ ପର୍ଯ୍ୟାୟରେ ୬ଟି ମ୍ୟାଚ୍ ଖେଳି ୫ଟି ବିଜୟ ଓ ଗୋଟିଏ ଡ୍ର ବଳରେ ୧୬ ପଏଣ୍ଟ ହାସଲ କରିଥିବା ୟଙ୍ଗ ଉତ୍କଳ କ୍ଲବ ଚାମ୍ପିୟନ ହୋଇଛି। ଡାଇମଣ୍ଡ ଲିଗ୍ ଓ ଗୋଲ୍ଡ ଲିଗ୍ ଗ୍ରୁପ୍‌କୁ ବାଦ ଦେଇ ଅବଶିଷ୍ଟ ଦଳଗୁଡ଼ିକୁ ନେଇ ହୋଇଥିବା ସିଲଭର ଲିଗ୍‌ର ଫାଇନାଲ ମ୍ୟାଚ୍ ଆସନ୍ତା ୨୯ରେ ସନ୍‌ସାଇନ୍ କ୍ଲବ ଓ ସାଇ ମଧ୍ୟରେ ଖେଳାଯିବ। ୱାଇଭିସିଜି ଓ ୱେଷ୍ଟର୍ନ ମହାବୀର କ୍ଲବ ମଧ୍ୟରେ ରିଲିଗେଶନ ମ୍ୟାଚ୍ ମଧ୍ୟ ଏହିଦିନ ଅନୁଷ୍ଠିତ ହେବ। ଉକ୍ତ ମ୍ୟାଚରେ ପରାଜୟବରଣ କରିବା ଦଳ ଆସନ୍ତା ଫାଓ ଲିଗ୍‌ରୁ ବାଦ ପଡ଼ିବ ବୋଲି ଜଣାପଡ଼ିଛି। ବୁଧବାର ଅନୁଷ୍ଠିତ ୨ଟି ମ୍ୟାଚ୍ ଡ୍ର ରହିଥିଲା। ଜୟଦୁର୍ଗା କ୍ଲବ ଓ ପୂର୍ବତଟ ରେଲୱେ ମଧ୍ୟରୁ ଅନୁଷ୍ଠିତ ମ୍ୟାଚ୍ ଗୋଲଶୂନ୍ୟ ରହିଥିବା ବେଳେ ରାଇଜିଂ ଷ୍ଟୁଡେଣ୍ଟ ଓ ସ୍ପୋର୍ଟ୍ସ ହଷ୍ଟେଲ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ୨-୨ ଗୋଲରେ ଶେଷ ହୋଇଥିଲା।

# ଟ୍ରେନିଂ ଉପରେ ଧ୍ୟାନ ଦେଉଛି: ଅମିତ୍



ଅମିତ୍ ରୋହି ଦାସ



ପି.ଆର. ଶ୍ରୀଜେଶ



ମନଦୀପ ସିଂ



ଏସ୍.ଭି. ସୁନୀଲ

ଭୁବନେଶ୍ୱର, ୨୬।୯(ସ୍ପୋର୍ଟ୍ସ ବ୍ୟୁରୋ)

ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ଓ ବିଶ୍ୱକପ୍‌କୁ ନଜରରେ ରଖି ହକି ଇଣ୍ଡିଆ ପକ୍ଷରୁ ଏକ ୨୫ ଜଣିଆ କୋର ଗ୍ରୁପ୍ ଖେଳାଳି ତାଲିକା ଘୋଷଣା କରାଯାଇଥିଲା। ତେବେ ଆଶ୍ଚର୍ଯ୍ୟଜନକ ଭାବେ ଏହି ଗ୍ରୁପ୍‌ରେ କୌଣସି ଓଡ଼ିଆ ଖେଳାଳିଙ୍କୁ ସ୍ଥାନ ମିଳି ନ ଥିଲା। ବିରେନ୍ଦ୍ର ଲାକ୍ରା ଆହତ ଥିବାବେଳେ ସେ ରିହାବିଲିଟେଶନରେ ଥିବା କଥା କୁହାଯାଇଥିଲା। ଏହି ଘଟଣାକୁ ନେଇ ରାଜ୍ୟର ଗଣମାଧ୍ୟମଗୁଡ଼ିକ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ପରେ କିନ୍ତୁ ଅମିତ୍ ରୋହିଦାସଙ୍କୁ ଏହି କୋର ଗ୍ରୁପ୍‌ରେ ସାମିଲ କରାଯାଇଥିଲା। ସେତେବେଳେ ଓଡ଼ିଆ ହକି ପ୍ରଶଂସକ ଅବଶ୍ୟ ଆଶ୍ୱସ୍ତି ଲାଭ କରିଥିଲେ। କିନ୍ତୁ ହକି ଇଣ୍ଡିଆ ଏଭଳି ଆଚରଣକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଏବେ ଏ ନେଇ ମୁହଁ ମତ ରଖିଛନ୍ତି ଅମିତ। କୋର ଗ୍ରୁପ୍‌ରେ ପରେ ସାମିଲ ହେବା ସମ୍ପର୍କରେ ମୁଁ କିଛି କହିପାରିବି ନାହିଁ ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ ମୁଁ ଅଧିକ କିଛି ଜାଣିନି। ତେବେ ମୋତେ ଡାକରା ମିଳିବା ପରେ ଟ୍ରେନିଂ କ୍ୟାମ୍ପରେ ଯୋଗ ଦେଇଛି। ମୋତେ କାହିଁକି ପ୍ରଥମେ ସାମିଲ କରାଯାଇ ନ ଥିଲା ଓ ପରେ କିଭଳି କୋର ଗ୍ରୁପ୍‌ରେ ସାମିଲ ହେଲି ସେ ବିଷୟରେ ମୁଁ ଆଦୌ ଚିନ୍ତା କରୁନାହିଁ। ବରଂ ଟ୍ରେନିଂ ଉପରେ ଧ୍ୟାନ ଦେଉଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟରେ କୋର ଗ୍ରୁପ୍‌ର ଅଭ୍ୟାସ ଜୋରଦାର ଚାଲିଛି। ଆଗକୁ ବିଶ୍ୱକପ ଭଳି ବଡ଼ ଇଭେଣ୍ଟ ରହିଛି। ତେଣୁ ଆମେ ଏହି କ୍ୟାମ୍ପକୁ ବେଶ୍ ଗୁରୁତ୍ୱ ଦେଉଛୁ ବୋଲି ସେ କହିଛନ୍ତି।

ଏସିଆରେ ଭାରତ ଶ୍ରେଷ୍ଠ ଦଳ ବିବେଚିତ ହେଉଥିଲେ ମଧ୍ୟ ଏସିଆନ ଗେମ୍ସର ସେମି ଫାଇନାଲ ପରାଜୟ ଆମକୁ କଷ୍ଟ ଦେଇଛି। ଶେଷ କେତୋଟି ମିନିଟର ତ୍ରୁଟି ଦଳ ପାଇଁ ବେଶ୍ ମହଙ୍ଗା ପଡିଲା। ତେବେ ଏହି ତ୍ରୁଟି ସୁଧାରିବା ଉପରେ ଆମେ ଏବେ ଫୋକସ୍ କରୁଛୁ। ଆଗକୁ ଏଭଳି ଭୁଲ ଯେପରି ନ ହୁଏ ସେ ନେଇ ଆମେ ପ୍ରସ୍ତୁତି ଚଳାଉଛୁ। ଏସିଆନ୍ ଗେମ୍ସରେ ଆମେ ସେମିଫାଇନାଲ ପର୍ଯ୍ୟନ୍ତ ଦମ୍‌ଦାର ପ୍ରଦର୍ଶନ କରି ଐତିହାସିକ ସଫଳତା ହାସଲ କରିଥିଲୁ। କିନ୍ତୁ ଶେଷରେ ଆମେ ପାକିସ୍ତାନକୁ ହରାଇ ବ୍ରୋଞ୍ଜ୍‌ରେ ସନ୍ତୁଷ୍ଟ ହେବାକୁ ପଡିଲା। ବିଶ୍ୱକପ୍ ପୂର୍ବରୁ ଚାମ୍ପିୟନ୍ସ ଟ୍ରଫି ଆମ ପାଇଁ ବେଶ୍ ଚ୍ୟାଲେଞ୍ଜିଂ ସୃଷ୍ଟି କରିଛି। ଏହି ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ କରିପାରିଲେ ବିଶ୍ୱକପ୍ ଦଳରେ ସ୍ଥାନ ପାଇହେବ। ଅନ୍ତିମ ଏକାଦଶରେ ସ୍ଥାନ ପାଇବାକୁ ଆଶା ରଖିଛି। କିନ୍ତୁ ପ୍ରଦର୍ଶନ, ଦକ୍ଷତା ଓ ଫିଟ୍‌ନେସ ଉପରେ ସବୁ କିଛି ନିର୍ଭର କରେ ବୋଲି ଅମିତ କହିଛନ୍ତି।

ଅନ୍ୟତମ ଅଭିଜ୍ଞ ଓଡ଼ିଆ ଖେଳାଳି ବୀରେନ୍ଦ୍ର ଲାକ୍ରା ଆହତ ହୋଇ ରିହାବିଲିଟେଶନରେ ଅଛନ୍ତି। ସେ ଖୁବ୍‌ଶୀଘ୍ର ଫିଟ୍ ହୋଇ ଦଳକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଅମିତ ଆଶା ପ୍ରକାଶ କରିଛନ୍ତି। ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିବାରେ ଭାରତର ପୁରୁଣା ଦୁର୍ବଳତା ମଧ୍ୟ ଚିନ୍ତାର ବିଷୟ। ତେବେ ଏହାକୁ ଦୂର କରାଯିବା ପାଇଁ ମ୍ୟାନେଜମେଣ୍ଟ ସବୁବେଳେ ଚେଷ୍ଟିତ ବୋଲି ସେ କହିଛନ୍ତି। ଏସିଆନ ଗେମ୍ସ ଭଳି ଏକାଧିକ ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟରେ ଭାରତ ଭଲ ସ୍ଥିତିରେ ଥାଇ ମଧ୍ୟ ଶେଷ ମୁହୂର୍ତ୍ତରେ ଗୋଲ ବରଣ କରି ମ୍ୟାଚ୍ ହାତଛଡ଼ା କରୁଛି। ଏଭଳି ସମସ୍ୟା ତଥା ଦୁର୍ବଳତାକୁ ଦୂର କରିବା ପାଇଁ କ୍ୟାମ୍ପରେ ବେଶ୍ ଅଭ୍ୟାସ କରାଯାଉଛି। ପ୍ରଥମେ ଓମାନରେ ଆସନ୍ତା ଅକ୍ଟୋବର ୧୮ରୁ ୨୮ ତାରିଖ ମଧ୍ୟରେ ଖେଳାଯିବାକୁ ଥିବା ଏସିଆନ ଚାମ୍ପିୟନ୍ସ ଟ୍ରଫି କିଭଳି ଭଲ ପ୍ରଦର୍ଶନ କରିହେବ ସେ ନେଇ ଆମେ ଅଗ୍ରାଧିକାର ଦେଉଛୁ ବୋଲି ଅମିତ ସାକ୍ଷାତକାରରେ କହିଛନ୍ତି।

## କେବିସି ଅଭିଜ୍ଞତା ଚମତ୍କାର ଥିଲା: ଶ୍ରୀଜେସ୍

ମିଲେନିୟମ ଷ୍ଟାର ଅମିତାଭ ବଚ୍ଚନଙ୍କ ଦ୍ୱାରା ସଂଚାଳିତ ଜଣାଶୁଣା ରିୟଲିଟି କୁଇଜ୍ ଶୋ' 'କୌନ ବନେଗା କରୋରପତି' ରେ ଅଂଶଗ୍ରହଣ କରି ଆମେ ଏକ ଭିନ୍ନ ପ୍ରକାରର ଅଭିଜ୍ଞତା ହାସଲ କରିଛୁ ବୋଲି ଅଭିଜ୍ଞ ଗୋଲକିପର ପି.ଆର. ଶ୍ରୀଜେସ୍ କହିଛନ୍ତି। ଏହି ଅଭିଜ୍ଞତା ଅତ୍ୟନ୍ତ ଚମତ୍କାର ଥିଲା। ବିଶ୍ୱକପ୍ ପାଇଁ ଆମେ ପ୍ରସ୍ତୁତି କରୁଛୁ। ତେଣୁ କେବିସି ମାଧ୍ୟମରେ ଆମେ ସାରା ଦେଶକୁ ଏ ନେଇ ଅବଗତ କରାଇବାକୁ ସୁଯୋଗ ପାଇଥିଲୁ। ଅମିତାଭ ସାର ମଧ୍ୟ ହକିକୁ ବେଶ୍ ଭଲ ଭାବେ ବୁଝନ୍ତି ଓ ଭଲ ପାଆନ୍ତି। ତେଣୁ ତାଙ୍କଠାରୁ ଆମେ ପ୍ରେରଣା ପାଇଛୁ। ଚାମ୍ପିୟନ୍ସ ଟ୍ରଫି ସମେତ ବିଶ୍ୱକପ୍‌ରେ ଭାରତ ଭଲ ପ୍ରଦର୍ଶନ କରୁ ଓ ସେ ଏନେଇ ଆମକୁ ଶୁଭେଚ୍ଛା ଜଣାଇଥିଲେ।

ଭୁବନେଶ୍ୱରର ଷ୍ଟାଡିୟମ ଅତି ସୁନ୍ଦର। ତେବେ ନୂଆ ଟର୍ଫ ବିଛା ଯାଇଥିବାରୁ ସାମାନ୍ୟ ସମସ୍ୟା ରହିଛି। ଏହା ସେଟଲ ହେବା ପାଇଁ କିଛି ଦିନ ସମୟ ଲାଗିବ। ତେବେ ଅଭ୍ୟାସରେ କୌଣସି ଅସୁବିଧା ଅନୁଭବ କରିନାହୁଁ। ଏସିଆନ୍ ଗେମ୍ସରେ ସେମିଫାଇନାଲରେ ଆମେ କେତୋଟି ତ୍ରୁଟି କରିଥିଲୁ। ଯାହା ଫଳରେ ଆମେ ସ୍ୱର୍ଣ୍ଣପଦକ ବଜାୟ ରଖି ପାରିଲୁ ନାହିଁ। କିନ୍ତୁ ଏହି ତ୍ରୁଟି ସୁଧାରିବା ଲକ୍ଷ୍ୟରେ ରହିଛୁ। ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ବ୍ରୋଞ୍ଜକୁ ସ୍ୱର୍ଣ୍ଣରେ ପରିଣତ କରିବାକୁ ଆମେ ଚେଷ୍ଟିତ। ଏଥିପାଇଁ କ୍ୟାମ୍ପରେ ଆମେ କଠିନ ଅଭ୍ୟାସ ତଥା ପରିଶ୍ରମ ଜାରି ରଖିଛୁ। କୋଚ୍ ହରେନ୍ଦ୍ର ସିଂଙ୍କ ତତ୍ତ୍ୱାବଧାନରେ ଦଳ ସମ୍ପୂର୍ଣ୍ଣ ଲୟରେ ରହିଛି।

## ସର୍ଦ୍ଦାରଙ୍କଠାରୁ ବହୁତ କିଛି ଶିକ୍ଷା କରିଛୁ: ମନଦୀପ ସିଂ

ନିକଟରେ ଅବସର ଘୋଷଣା କରିଥିବା ପୂର୍ବତନ ଭାରତୀୟ ଅଧିନାୟକ ସର୍ଦ୍ଦାର ସିଂ ମୋ ପାଇଁ ଜଣେ ରୋଲ ମଡେଲ ବୋଲି ୨୩ ବର୍ଷୀୟ ଯୁବ ଫରୱାର୍ଡ ମନଦୀପ ସିଂ କହିଛନ୍ତି। ତାଙ୍କ ସହିତ ଖେଳିବାର ସୁଯୋଗ ହାସଲ କରିଛୁ ଓ ତାଙ୍କଠାରୁ ହକି ସମ୍ପର୍କରେ ବହୁତ କିଛି ଶିକ୍ଷା କରିଛି। ଏବେ ସେ ଅବସର ନେଇଥିବାରୁ ଦଳରେ ତାଙ୍କର ଅନୁପସ୍ଥିତି ଅନୁଭୂତ ହେବ। ସେ ନିଜେ ତାଙ୍କ ଆଡୁ ଅବସର ଘୋଷଣା କରିଥିଲେ। ତାଙ୍କ ଉପରେ ଏ ନେଇ ଚାପ ନ ଥିଲା। ଖେଳିବା ସମୟରେ ସେ ଆମକୁ ବହୁତ ପରାମର୍ଶ ଦେଇଛନ୍ତି। ତାଙ୍କଠାରୁ ପ୍ରେରଣା ପାଇଁ ଆଗକୁ ଭଲ ପ୍ରଦର୍ଶନ କରିବାକୁ ଚେଷ୍ଟିତ ହେବୁ ବୋଲି ସେ କହିଛନ୍ତି। ଗତ ଏସିଆନ ଗେମ୍ସରେ ଭଲ ପ୍ରଦର୍ଶନ କରିଥିଲୁ। ପେନାଲ୍ଟି କର୍ନର ମଧ୍ୟମରେ ଆମେ ମଧ୍ୟ ବହୁତ ଗୋଲ କରିଛୁ। ଏସିଆ ଗେମ୍ସରେ ମଧ୍ୟ ରେକର୍ଡ ସଂଖ୍ୟକ ଗୋଲ ଦେଇଛୁ। ତେବେ ସେମି ଫାଇନାଲ ମ୍ୟାଚ୍‌ରେ ହାରିବୁ ବୋଲି କେବେବି ଭାବି ନ ଥିଲୁ। ତେବେ ସେହି ତ୍ରୁଟିରୁ ଆମେ ବହୁତ କିଛି ଶିକ୍ଷା କରିଛୁ। ଏହି ଭୁଲ ଆଗାମୀ ଚାମ୍ପିୟନ୍ସ ଟ୍ରଫି ଓ ବିଶ୍ୱକପ୍‌ରେ ଆମେ ଦୋହରାଇବୁ ନାହିଁ ବୋଲି ମନଦୀପ କହିଛନ୍ତି। ବଡ଼ ଭାଇଙ୍କଠାରୁ ହକି ଖେଳିବାର ପ୍ରେରଣା ପାଇଥିଲି। ଯଦିଓ ମଝିରେ କ୍ରିକେଟ ଖେଳିବାରେ ମନୋନିବେଶ କରିଥିଲି। କିନ୍ତୁ ହକି ସବୁବେଳେ ମୋର ପ୍ରଥମ ପସନ୍ଦ ଥିଲା। ପ୍ରତ୍ୟେକ ଖେଳାଳି ପଡିଆରେ ଅତିକମ୍‌ରେ ୧୦୦ ପ୍ରତିଶତ ପ୍ରଦର୍ଶନ କରିବା ଉଚିତ୍। ଆଗକୁ ଆମ ପାଇଁ କଡ଼ା ଚ୍ୟାଲେଞ୍ଜ୍ ରହିଛି ଓ ଏଥିରେ ଆମେ ଉତ୍ତୀର୍ଣ୍ଣ ହେବୁ ବୋଲି ମନଦୀପ ଆଶା ପ୍ରକାଶ କରିଛନ୍ତି। ୨୦୧୬ରେ ଲକ୍ଷ୍ନୌରେ ଜୁନିୟର ବିଶ୍ୱକପ୍ ଚାମ୍ପିୟନ ହେବା ସବୁଠାରୁ ବଡ଼ ସଫଳତା ଥିଲା। ଏହି ବିଜୟରୁ ଆମକୁ ଯଥେଷ୍ଟ ଆତ୍ମ ବିଶ୍ୱାସ ମିଳିଥିଲା ବୋଲି ମନଦୀପ କୁହନ୍ତି।

## ଦଳର ପ୍ରସ୍ତୁତି ଠିକ୍ ଅଛି: ସୁନୀଲ

ଏସିଆନ ଚାମ୍ପିୟନ୍ସ ଟ୍ରଫି ଓ ବିଶ୍ୱକପ୍ ପାଇଁ ଆମ ଦଳର ପ୍ରସ୍ତୁତି ଠିକ୍‌ଠାକ୍ ରହିଛି। କୋଚ୍‌ଙ୍କ ପରାମର୍ଶ କ୍ରମେ ଆମେ ପ୍ରସ୍ତୁତି ଚଳାଇଲେ ଭଲ ମିଳିବ ବୋଲି ବୋଲି ଅଭିଜ୍ଞ ହାଫ୍‌ବ୍ୟାକ୍ ଖେଳଳି ଏସ୍.ଭି. ସୁନୀଲ କହିଛନ୍ତି। ଏସିଆନ ଗେମ୍ସ ତ୍ରୁଟି ନ ଦୋହରାଇବା ଉପରେ ଗୁରୁତ୍ୱ ଦେଉଛୁ। ଟିମ୍ ପୂରା ଫର୍ମରେ ରହିଛି ଓ ଠିକ୍ ଦିଗରେ ଗତି କରୁଛି। ଭୁବନେଶ୍ୱର ଦର୍ଶକ ଆମ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ଏଠାକାର ପରିବେଶ ବେଶ୍ ସୁନ୍ଦର। ଇତିମଧ୍ୟରେ ଏକ ସପ୍ତାହ ହେବ କ୍ୟାମ୍ପ ଚାଲିଆସୁଛି। ଏଠାରେ ସବୁ ପ୍ରକାର ସୁବିଦା ସୁଯୋଗ ରହିଛି । ଏଠାକାର ଆନୁଷଙ୍ଗିକ ସୁବିଧାସୁଯୋଗ ବିଶ୍ୱସ୍ତରୀୟ ବୋଲି ସୁନୀଲ କହିଛନ୍ତି। ଚାମ୍ପିୟନ୍ସ ଟଫ୍ରି ସମେତ ବିଶ୍ୱକପ୍‌ରେ ଭାରତ ଭଲ ପ୍ରଦର୍ଶନ କରିବେ ବୋଲି ସେ ଆଶା ପ୍ରକଟ କରିଛନ୍ତି।

# ଭାରତ– ବାଂଲାଦେଶ ଫାଇନାଲ

**ଏସିଆ କପ୍ କ୍ରିକେଟ**

ଆବୁଧାବି,୨୬।୯(ପି.ଟି.)

ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ଟାଇଟଲ ପାଇଁ ଭାରତ ଓ ବାଂଲାଦେଶ ଶୁକ୍ରବାର ଫାଇନାଲ ମୁକାବିଲାରେ ଅବତୀର୍ଣ୍ଣ ହେବେ। ପୂର୍ବରୁ ଭାରତ ଗ୍ରୁପ୍ ଓ ସୁପର–୪ ପର୍ଯ୍ୟାୟରେ ଅପରାଜେୟ ରହି ଶୀର୍ଷରେ ରହିବା ସହ ଫାଇନାଲରେ ପ୍ରବେଶ କରିଥିଲା। ବୁଧବାର ସୁପର–୪ ପର୍ଯ୍ୟାୟର ଅନ୍ତିମ ତଥା ଷଷ୍ଠ ମ୍ୟାଚ୍‌ରେ ବାଂଲାଦେଶ ୩୭ ରନରେ ପାକିସ୍ତାନକୁ ହରାଇ ଫାଇନାଲକୁ ଉଠିଛି। ସ୍ଥାନୀୟ ସେଖ ଜାୟେଦ ଷ୍ଟାଡିୟମରେ ବାଂଲାଦେଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୪୮.୫ ଓଭରରେ ୨୩୯ ରନ କରି ଅଲଆଉଟ ହୋଇଥିଲା। ଜବାବରେ ପାକିସ୍ତାନ ୫୦ ଓଭରରେ ୯ ଉଇକେଟ ହରାଇ ୨୦୨ ରନରେ ସୀମିତ ରହି ପରାଜୟ ବରଣ କରିଛି।

୨୪୦ ରନ ଟାର୍ଗେଟର ପିଛା କରି ପାକିସ୍ତାନ ନିୟମିତ ବ୍ୟବଧାନରେ ଉଇକେଟ ହରାଇବା ସହ ଆବଶ୍ୟକ ହାରରେ ରନ ସଂଗ୍ରହ କରିପାରି ନ ଥିଲା। ବାଂଲାଦେଶ ବୋଲରଙ୍କ ସମ୍ମୁଖରେ ପାକିସ୍ତାନ ବ୍ୟାଟ୍ସମ୍ୟାନ ସଂଘର୍ଷ କରୁଥିବା ଦେଖାଯାଇଥିଲା। ଦଳ ଆରମ୍ଭରୁ ଝଟ୍‌କା ଖାଇଥିଲା। ମାତ୍ର ୩ ରନରେ ୨ ଉଇକେଟ ହରାଇ ପାକିସ୍ତାନ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଯୁବ ଓପନର ଇମାମ–ଉଲ– ହକ ୮୩ ରନର ଲଢୁଆ ପାଳି ଖେଳିଥିଲେ ମଧ୍ୟ ଏହା ଯଥେଷ୍ଟ ହୋଇ ନ ଥିଲା। ଅଭିଜ୍ଞ ସୋଏବ ମଲିକ ୩୦, ଆସିଫ ଅଲୀ ୩୧, ଅଧିନାୟକ ସର୍ଫରାଜ ଅହମ୍ମଦ ୧୦ ରନ କରି ପ୍ୟାଭିଲିୟନ ଫେରିଥିଲେ। ସେହିପରି ଶାହିନ ଆଫ୍ରିଦି ୧୪ ରନ କରି ଅପରାଜିତ ରହିଥିବା ବେଳେ ଅନ୍ୟମାନେ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ବାଂଲାଦେଶ ତରଫରୁ ଦ୍ରୁତ ବୋଲର ମୁସ୍ତାଫିଜୁର ରହମାନ ସର୍ବାଧିକ ୪, ମେହିଦି ହାସନ ମିରାଜ ୨, ରୁବେଲ ହୋସେନ, ମହମୁଦୁଲ୍ଲା, ସୌମ୍ୟ ସରକାର ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ମାତ୍ର ୧୨ ରନରେ ଟପ୍ ଅର୍ଡର ୩ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ଚତୁର୍ଥ ଉଇକେଟ ଯୋଡିରେ ମୁଶଫିକର ଓ ମିଥୁନ ୧୪୪ ରନର ଭାଗୀଦାରି ସ୍ଥାପନ କରି ସ୍ଥିତି ସମ୍ଭାଳିଥିଲେ। ମିଥୁନ ୬୦ ରନ କରି ଆଉଟ ହୋଇଥିବା ବେଳେ ମୁସଫିକର ୯୯ ରନ ପ୍ୟାଭିଲିୟନ ଫେରିବା ସହ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହମୁଦୁଲ୍ଲା ୨୫, ମେହିଦି ହାସନ ମିରାଜ ୧୨, ଅଧିନାୟକ ମାଶ୍ରାଫି ମୋର୍ତ୍ତାଜା ୧୩ ରନ କରି ଆଉଟ ହୋଇଥିଲେ। ବାକି ବ୍ୟାଟ୍ସମ୍ୟାନମାନେ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ପାକିସ୍ତାନ ପକ୍ଷରୁ ଜୁନେଦ ଖାଁ ସର୍ବାଧିକ ୪, ଶାହିନ ଶାହ ଆଫ୍ରିଦି ଓ ହାସନ ଅଲୀ ଦୁଇଟି ଲେଖାଏ, ଶଦାବ ଖାଁ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ୪୮.୫ ଓଭରରେ ୨୩୯ ଅଲଆଉଟ୍ (ମୁଶଫିକର– ୯୯, ମିଥୁନ– ୬୦, ମହମୁଦୁଲ୍ଲା– ୨୫, ଜୁନେଦ– ୪/୧୯, ଆଫ୍ରିଦି– ୨/୪୭, ହାସନ– ୨/୬୦)।

ପାକିସ୍ତାନ ୫୦ ଓଭରରେ ୨୦୨/୯ (ଇମାମ– ୮୩, ସୋଏବ– ୩୦, ଆସିଫ– ୩୧, ମୁସ୍ତାଫିଜୁର– ୪/୪୩, ମିରାଜ– ୨/୨୮, )



ମୁସ୍ତାଫିଜୁର ରହମାନ– ୪/୪୩

# ବିଜୟ ହଜାରେ ଟ୍ରଫି: ଦିଲ୍ଲୀକୁ ହରାଇଲା ଓଡ଼ିଶା

କଟକ ଅଫିସ,୨୬।୯

ଚଳିତ ବିଜୟ ହଜାରେ ଟ୍ରଫି କ୍ରିକେଟରେ ଓଡ଼ିଶାକୁ ପ୍ରଥମ ବିଜୟ ସ୍ୱାଦ ମିଳିଛି। ନୂଆଦିଲ୍ଲୀସ୍ଥିତ ଏୟାରଫୋର୍ସ କମ୍ପ୍ଲେକ୍ସ ଗ୍ରାଉଣ୍ଡରେ ବୁଧବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ଶକ୍ତିଶାଳୀ ଦିଲ୍ଲୀକୁ ୯ରନ୍‌ରେ ପରାସ୍ତ କରିଛି। ଏଥିସହ ପଏଣ୍ଟ ଟେବୁଲରେ ଗୋଟିଏ ସ୍ଥାନ ଉପରକୁ ଉଠି ଦଳ ୭ମ ସ୍ଥାନରେ ପହଞ୍ଚିଛି। ୪୮ଓଭର ବିଶିଷ୍ଟ ଏହି ମ୍ୟାଚ୍‌ରେ ଓଡ଼ିଶାର ୩ ଖେଳାଳି ଅର୍ଦ୍ଧଶତକ ହାସଲ କରିବା ସହ ୭ ବୋଲର ଉଇକେଟ ହାସଲ କରିଥିଲେ। ଗୌତମ ଗମ୍ଭୀରଙ୍କ ନେତୃତ୍ୱାଧୀନ ଦିଲ୍ଲୀ ପାଇଁ ଏହାଥିଲା ଚଳିତ ସିଜନରେ ପ୍ରଥମ ପରାଜୟ। ଓଡ଼ିଶା ପରବର୍ତ୍ତୀ ମ୍ୟାଚ୍ ୨୮ରେ ମଧ୍ୟପ୍ରଦେଶ ବିପକ୍ଷରେ ଖେଳିବ।

ଅଧିନାୟକ ଗୋବିନ୍ଦ ପୋଦ୍ଦାର ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ୩.୫ ଓଭରରେ ଓଡ଼ିଶାର ଦଳଗତ ସ୍କୋର ୨୦ ହୋଇଥିବା ବେଳେ ଓପନର ଅନୁରାଗ ଷଡ଼ଙ୍ଗୀ(୫ରନ୍) ସିମରନଜିତ ସିଂଙ୍କ ବଲରେ ଉଇକେଟ କିପର ଉନ୍ମୁକ୍ତ ଚାନ୍ଦଙ୍କ ହାତରେ ଧରାପଡ଼ି ପ୍ୟାଭିଲିୟନ ଫେରିଥିଲେ। ଅନ୍ୟତମ ଓପନର ରାଜେଶ ଧୂପର ଓ ଅଧିନାୟକ ଗୋବିନ୍ଦ ବଡଶଟ୍ ଖେଳିବା ସହ ସହଜରେ ରନ୍ ସଂଗ୍ରହ କରିଥିଲେ। ୮.୧ ଓଭରରେ ଓଡ଼ିଶା ସ୍କୋର ୫୦ ଛୁଇଁଥିଲା । ଦଳୀୟ ସ୍କୋର ୯୨ ହୋଇଥିବା ବେଳେ ରାଜେଶ ୫ଟି ଚୌକା ଓ ଗୋଟିଏ ଛକା ବଳରେ ୪୬ରନ୍ କରି ମନନ ଶର୍ମାଙ୍କ ବଲରେ ଏଲବିଡବ୍ଲ୍ୟୁ ହୋଇଥିଲେ। ୧୯ତମ ଓଭରରେ ଓଡ଼ିଶାର ସ୍କୋର ୧୦୦ ଟପିଥିଲା। ପୂର୍ବତନ ଅଧିନାୟକ ବିପ୍ଳବ ସାମନ୍ତରାୟ ଓ ଅଧିନାୟକ ଗୋବିନ୍ଦ ସତର୍କତାର ସହ ବ୍ୟାଟିଂ କରିଥିଲେ। ୬୭ଟି ବଲରେ ଗୋବିନ୍ଦ ଅର୍ଦ୍ଧଶତକ ପୂରଣ କରିଥିଲେ। ବ୍ୟକ୍ତିଗତ ୫୬ରନରେ ଗୋବିନ୍ଦ ନୀତୀଶ ରାଣାଙ୍କ ବଲରେ ଏଲବିଡବ୍ଲ୍ୟୁ ହେବା ବେଳକୁ ଓଡ଼ିଶାର ସ୍କୋର ଥିଲା ୧୪୧। ପରେ ବିପ୍ଳବ ଓ ଶୁଭ୍ରାଂଶୁ ସେନାପତିଙ୍କ ମଧ୍ୟରେ ୪ର୍ଥ ଉଇକେଟରେ ଶତକୀୟ ଭାଗୀଦାରି ସୃଷ୍ଟି ହୋଇଥିଲା। ୭୨ବଲରୁ ଅର୍ଦ୍ଧଶତକ ପୂରଣ କରିଥିବା ବିପ୍ଳବ ୬୩ରନ୍‌ରେ ଆଉଟ ହୋଇଥିଲେ। ନିର୍ଦ୍ଧାରିତ ୪୮ ଓଭରରେ ଓଡ଼ିଶାର ସ୍କୋର ୪ ଉଇକେଟ ବିନିମୟରେ ୨୪୯ ରନ୍ ହୋଇଥିଲା। ଶୁଭ୍ରାଂଶୁ ୫୯ରନ୍‌ରେ ଓ ସୂର୍ଯ୍ୟକାନ୍ତ ପ୍ରଧାନ ୧ରନ୍‌ରେ ଅପରାଜିତ ଥିଲେ। ୨୫୦ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ଦିଲ୍ଲୀ ୨୪ରନରେ ୨ଟି ଉଇକେଟ ହରାଇଥିଲା। ଓପନର ଉନ୍ମୁକ୍ତ ଚାନ୍ଦ(୪ରନ)ଙ୍କୁ ଦୀପକ ବେହେରା ଓ ଧ୍ରୁବ ସୋରେ(୦)ଙ୍କୁ ସୂର୍ଯ୍ୟକାନ୍ତ ପ୍ରଧାନ ଆଉଟ କରିଥିଲେ। ଅଧିନାୟକ ଗମ୍ଭୀର ଓ ନୀତୀଶ ରାଣାଙ୍କ ମଧ୍ୟରେ ୪୮ରନ୍‌ର ଭାଗୀଦାରି ସୃଷ୍ଟି ହୋଇଥିଲା। ନୀତୀଶଙ୍କୁ ୨୪ରନରେ ଗୋବିନ୍ଦ ଉଇକେଟକିପର ରାଜେଶଙ୍କ ହାତରେ ଧରାପକାଇ ଓଡ଼ିଶାକୁ ବଡ ବ୍ରେକ୍‌ଥ୍ରୁ ଦେଇଥିଲେ। ପରେ ଗୌତମଙ୍କୁ ୪୪ରନ୍‌ରେ ଅନୁରାଗ ଏଲବିଡବ୍ଲ୍ୟୁ କରିବା ଫଳରେ ମ୍ୟାଚ ପୁନର୍ବାର ଓଡ଼ିଶା ପକ୍ଷକୁ ଢଳିଥିଲା। ୧୦୨ରନ୍‌ରେ ଦିଲ୍ଲୀ ୪ଜଣଙ୍କ ଉଇକେଟ ହରାଇ ସାରିଥିଲା। ପରବର୍ତ୍ତୀ ସମୟରେ ଆକ୍ରମଣାତ୍ମକ ବ୍ୟାଟିଂ କରୁଥିବା ରିଷଭ ପନ୍ତ(୩୯ରନ୍), ହିମତ ସିଂ(୭ରନ୍), ମନନ ଶର୍ମା(୧୭ରନ୍) ସ୍ୱଳ୍ପ ରନ ବ୍ୟବଧାନରେ ଆଉଟ ହେବାରୁ ଓଡ଼ିଶାର ବିଜୟ ନିଶ୍ଚିତ ହୋଇଥିଲା। ଅନ୍ତିମ ୪ ଓଭରରେ ଦିଲ୍ଲୀକୁ ବିଜୟ ପାଇଁ ୫୦ରନ୍ ଆବଶ୍ୟକ କରୁଥିବା ବେଳେ ୪୦ରନ୍ କରିବାକୁ ସକ୍ଷମ ହୋଇଥିଲା। ୨୪୦ରନ୍‌ରେ ଦିଲ୍ଲୀ ଅଲଆଉଟ ହୋଇଥିଲା। ସୁବୋଧ ଭଟି ୪୨, ନଭଦୀପ ୨୫ରନ୍ ଓ ଲଳିତ ଯାଦବ ୨୫ରନ କରିଥିଲେ। ଓଡ଼ିଶା ପକ୍ଷରୁ ପପୁ ରାୟ ଓ ଦୀପକ ବେହେରାଙ୍କୁ ୨ଟି ଲେଖାଏ ଉଇକେଟ ମିଳିଥିବା ବେଳେ ସୂର୍ଯ୍ୟକାନ୍ତ ପ୍ରଧାନ, ଗୋବିନ୍ଦ ପୋଦ୍ଦାର, ଅନୁରାଗ ଷଡ଼ଙ୍ଗୀ, ପ୍ରୟାସ ସିଂ, ବିପ୍ଳବ ସାମନ୍ତରାୟ ଗୋଟିଏ ଲେଖାଏ ଉଇକେଟ ପାଇଥିଲେ।



ଶୁଭ୍ରାଂଶୁ ସେନାପତି



ବିପ୍ଳବ ସାମନ୍ତରାୟ



ଗୋବିନ୍ଦ ପୋଦ୍ଦାର

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା: ୪୮ ଓଭରରେ ୨୪୯/୪( ବିପ୍ଳବ–୬୩, ଶୁଭ୍ରାଂଶୁ–୫୯, ସିମରଜିତ ସିଂ –୧/୨୭)।

ଦିଲ୍ଲୀ: ୨୪୦/ଅଲଆଉଟ (ଗମ୍ଭୀର–୪୪, ସୁବୋଧ–୪୨, ଦୀପକ ବେହେରା–୨/୨୫, ପପୁ ରାୟ–୨/୩୭)।

## ପ୍ରି- କ୍ୱାର୍ଟରରେ ସାଇନା

ସିଅଲ, ୨୬।୯(ପି.ଟି.)

ଭାରତର ସାଇନା ନେହ୍ୱାଲ ଏଠାରେ ଚାଲିଥିବା କୋରିଆ ଓପନ ପ୍ରତିଯୋଗିତାର ପ୍ରି–କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ତେବେ ଅନ୍ୟ ଦୁଇ ଭାରତୀୟ ସମୀର ବର୍ମା ଓ ଉଦୀୟମାନ ଖେଳାଳି ବୈଷ୍ଣବୀ ରେଡ୍ଡୀ ପରାଜୟ ସହ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ବୁଧବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡର ଏକ ମୁକାବିଲାରେ ପ୍ରାକ୍ତନ ଏକ ନମ୍ବର ଖେଳାଳି ସାଇନା ୨୧–୧୨, ୨୧–୧୧ ସିଧାସଳଖ ଗେମ୍‌ରେ କୋରିଆର କିମ୍ ହେୟୋ ମିନ୍‌ଙ୍କୁ ପରାସ୍ତ କରିଛନ୍ତି।

## ଚୟନକର୍ତ୍ତାଙ୍କୁ ମାଥ୍ୟୁସଙ୍କ ଆବେଦନ

କଲମ୍ବୋ,୨୬।୯

ଦିନିକିଆ ଦଳର ନେତୃତ୍ୱ ଛାଡ଼ିବା ପରେ ବରିଷ୍ଠ ଅଲରାଉଣ୍ଡର ଆଞ୍ଜେଲୋ ମାଥ୍ୟୁସ ଇଂଲଣ୍ଡ ଗସ୍ତ ଲାଗି ଘୋଷିତ ଶ୍ରୀଲଙ୍କା ଦଳରୁ ବାଦ୍ ପଡ଼ିଛନ୍ତି। ଫିଟ୍‌ନେସ ସମସ୍ୟା କାରଣରୁ ବାଦ୍ ପଡ଼ିଥିବା ଜାଣିବା ପରେ ପୂର୍ବତନ ଅଧିନାୟକ ଜାତୀୟ ଚୟନକର୍ତ୍ତାଙ୍କୁ ୟୋ ୟୋ ଟେଷ୍ଟର ସମ୍ମୁଖୀନ ହେବା ଲାଗି ଅନୁମତି ମାଗିଛନ୍ତି। ଯଦି ଓ ଏପର୍ଯ୍ୟନ୍ତ ଦଳ ଘୋଷଣା ହୋଇନାହିଁ। କିନ୍ତୁ ଚୂଡ଼ାନ୍ତ ଖେଳାଳିଙ୍କ ତାଲିକା କ୍ରୀଡ଼ା ମନ୍ତ୍ରଣାଳୟକୁ ପଠାଇ ଦିଆଯାଇଛି।

ଭୁବନେଶ୍ୱରରେ ହେବାକୁ ଥିବା ହକି ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ଖେଳାଳିଙ୍କୁ ପରୀକ୍ଷା ନିରୀକ୍ଷା କରାଯିବ ।

–ହରେନ୍ଦ୍ର ସିଂ, ଭାରତୀୟ ହକି ଦଳର ମୁଖ୍ୟକୋଚ୍



ଏସିଆ କପ୍‌ରେ ବାଂଲାଦେଶ ଓ ଆଫଗାନିସ୍ତାନ ବିପକ୍ଷରେ ଦଳର ନୈରାଶ୍ୟଜନକ ପ୍ରଦର୍ଶନର ଫଳ ମୋତେ ଭୋଗିବାକୁ ପଡୁଛି ।

–ଆଞ୍ଜେଲୋ ମାଥ୍ୟୁସ, ଶ୍ରୀଲଙ୍କା କ୍ରିକେଟର



# ପୂର୍ଣ୍ଣିମାଙ୍କୁ ବ୍ରୋଞ୍ଜ, ଅଞ୍ଜଳି, ଅନିଲଙ୍କ ମିଟ୍ ରେକର୍ଡ

ଭୁବନେଶ୍ୱର, ୨୬।୯(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସରେ ବ୍ରୋଞ୍ଜ ପଦକ ପାଇଛନ୍ତି ଓଡ଼ିଆ ଆଥଲେଟ୍ ପୂର୍ଣ୍ଣିମା ହେମ୍ବ୍ରମ । ମହିଳା ୪୦୦ ମିଟର ରେସ୍‌ରେ ହରିୟାଣାର ଅଞ୍ଜଳି ଦେବୀ ୧୬ ବର୍ଷର ମିଟ୍ ରେକର୍ଡ ଭାଙ୍ଗିଛନ୍ତି । ସେହିପରି ପୁରୁଷ ହାଇଜମ୍ପରେ ସର୍ଭିସେସର ସର୍ଭେସ ଅନିଲ କୁଶାରେ ୨.୨୪ ମିଟର ଡେଇଁ ମିଟ୍ ରେକର୍ଡର ଅଧିକାରୀ ହୋଇଛନ୍ତି ।

**ସିମୁରା ପଦକରୁ ବଞ୍ଚିତ**

ଓଡ଼ିଆ ଆଥଲେଟଙ୍କ ପାଇଁ ଖୁସି ଖବର ଆଣିଛନ୍ତି ପୂର୍ଣ୍ଣିମା ହେମ୍ବ୍ରମ । ବୁଧବାର ମହିଳା ୧୦୦ ମିଟର ହର୍ଡଲ୍ସରେ ରେଲୱେ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ପୂର୍ଣ୍ଣିମା ୧୪.୦୨ ସେକେଣ୍ଡ ସମୟ ନେଇ ୪ର୍ଥ ସ୍ଥାନ ଅଧିକାର କରିଥିଲେ । ତାମିଲନାଡୁର ସି.କାନିମୋଝି ୧୩.୭୧, ଜାପାନର ହିତୋମି ସିମୁରା ୧୩.୭୪ ଓ ତାମିଲନାଡୁର ଆର.ନିତ୍ୟା ୧୩.୯୯ ପ୍ରଥମ ତିନିସ୍ଥାନ ଅଧିକାର କରିଥିଲେ । ମାତ୍ର ସିମୁରା ବିଦେଶୀ ପ୍ରତିଯୋଗୀ ହୋଇଥିବାରୁ ନିୟମ ଅନୁସାରେ ପ୍ରତିଯୋଗିତାରେ ଭାଗ ନେଇପାରିବେ ମାତ୍ର ପଦକର ଦାବିଦାର ହୋଇପାରି ନାହାନ୍ତି । ଫଳରେ ନିତ୍ୟା ରୌପ୍ୟ ପଦକ ହାସଲ କରିଥିବାବେଳେ ୪ର୍ଥ ସ୍ଥାନରେ ଥିବା ପୂର୍ଣ୍ଣିମା ବ୍ରୋଞ୍ଜ ପଦକର ଅଧିକାରିଣୀ ହୋଇଛନ୍ତି । ପ୍ରକାଶ ଯୋଗ୍ୟ ଯେ, ଉଭୟ ଜାତୀୟ ରେକର୍ଡ ଓ ମିଟ୍ ରେକର୍ଡ ହର୍ଡଲ୍ସ କୁଇନ୍ ଅନୁରାଧା ବିଶ୍ୱାଳଙ୍କ ନାମରେ ରହିଛି । ୨୦୦୨ ସେପ୍ଟେମ୍ବର ୮ ତାରିଖରେ ନୂଆଦିଲ୍ଲୀଠାରେ ସେ ୧୩.୩୮ ସେକେଣ୍ଡ ସମୟ ନେଇ ଜାତୀୟ ରେକର୍ଡର ଅଧିକାରିଣୀ ହୋଇଥିଲେ । ଇତି ମଧ୍ୟରେ ୧୬ ବର୍ଷ ବିତି ଯାଇଥିଲେ ହେଁ ଏହି ରେକର୍ଡ ଏବେ ମଧ୍ୟ ଅତୁଟ ରହିଛି ।

**୪x୧୦୦ ପୁରୁଷ ରିଲେରେ ଓଡ଼ିଶା ଫେଲ୍**

୪x୧୦୦ ମିଟର ରିଲେ ରେସ୍‌ରେ ଓଡ଼ିଶା ପୁରୁଷ ଦଳ ଫାଇନାଲରେ ପ୍ରବେଶ କରିବାରେ ଅସମର୍ଥ ହୋଇଛନ୍ତି । ହିଟ୍–୧ରେ ରେସ୍ କରିଥିବା ଓଡ଼ିଶା ଦଳ ୪୩.୪୭ ସେକେଣ୍ଡ ସମୟ ନେଇ ୧୧ ଦଳଙ୍କ ମଧ୍ୟରେ ସବୁଠାରୁ ଶେଷ ସ୍ଥାନରେ ରହିଥିଲା । ଫାଇନାଲକୁ ଉନ୍ନୀତ ହୋଇଥିବା ଦଳଗୁଡ଼ିକ ହେଲେ ପଶ୍ଚିମବଙ୍ଗ(୪୨.୭୨ ସେକେଣ୍ଡ), ଅଲ୍ ଇଣ୍ଡିଆ ପୋଲିସ(୪୨.୬୫), ମଣିପୁର(୪୦.୯୮), ସର୍ଭିସେସ(୪୦.୬୬), ରେଲୱେ(୪୧.୧୧), ପଞ୍ଜାବ(୪୧.୪୩), ଦିଲ୍ଲୀ (୪୧.୫୨)ଓ ତାମିଲନାଡୁ(୪୧.୯୧) ।

**୨୦ କିଲୋମିଟର ଚାଲି**

ପୂର୍ବାହ୍ନରେ ଅନୁଷ୍ଠିତ ୨୦ କିଲୋମିଟର ଚାଲିରେ ସର୍ଭିସେସର ଗଣପତି ୧:୨୮.୩୫ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ । ହରିୟାଣାର ସନ୍ଦୀପ କୁମାର ୧:୨୮.୫୨ ଓ ସର୍ଭିସେସର ଦେଭିନ୍ଦର ସିଂ ୧:୨୯.୧୩ ସେକେଣ୍ଡ ସମୟ ନେଇ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଥିଲେ ।

**୧୧୦ ମିଟର ହର୍ଡଲ୍ସ**

ପୁରୁଷ ୧୧୦ ମିଟର ହର୍ଡଲ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ତାମିଲନାଡୁର ଜେ.ସୁରିନ୍ଦର । ସେ ୧୩.୮୯ ସେକେଣ୍ଡ ସମୟ ନେଇ ପ୍ରଥମ ହୋଇଥିବାବେଳେ ତେଲେଙ୍ଗାନାର କୁପ୍ପୁସାମି ପ୍ରେମ୍ କୁମାର ୧୪.୨୪ ଓ ସର୍ଭିସେସର ମେମନ ପୌଲୋସ ୧୪.୪୧ ସେକେଣ୍ଡ ସହିତ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି ।

**ସଞ୍ଜିତ ଦ୍ରୁତତମ ଧାବକ**

ପୁରୁଷ ୧୦୦ ମିଟର ରେସ୍‌ରେ ୧୦.୩୯ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ସହ ଦ୍ରୁତତମ ଧାବକ ହୋଇଛନ୍ତି ସର୍ଭିସେସର ସଞ୍ଜିତ । ରେଲୱେର ବି.ଶିବା କୁମାର ୧୦.୫୩ ଓ ସର୍ଭିସେସର ବିଦ୍ୟା ସାଗର ୧୦.୫୪ ସେକେଣ୍ଡ ସମୟ ନେଇ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି ।

**ଚନ୍ଦ୍ରଲେଖା ଦ୍ରୁତତମ ଧାବିକା**

ମହିଳା ୧୦୦ ମିଟର ରେସ୍‌ରେ ତାମିଲନାଡୁର ଚନ୍ଦ୍ରଲେଖା ୧୧.୪୭ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣପଦକ ସହ ଦ୍ରୁତତମ ଧାବିକା ବିବେଚିତ ହୋଇଛନ୍ତି । ଏସ.ଅର୍ଚ୍ଚନା ୧୧.୭୧ ସେକେଣ୍ଡ ସହ ରୌପ୍ୟ ଓ କର୍ନାଟକର ରିନା ଜର୍ଜ ୧୧.୭୫ ସେକେଣ୍ଡ ନେଇ ବ୍ରୋଞ୍ଜ ପଦକ ପାଇଛନ୍ତି ।

**ମହିଳା ଲଙ୍ଗଜମ୍ପ**

ରେଲୱେ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଭି.ନୀନା ମହିଳା ଲଙ୍ଗଜମ୍ପରେ ୬.୩୭ ମିଟର ଡେଇଁ ସ୍ୱର୍ଣ୍ଣ ପଦକ ପାଇଛନ୍ତି । ତାମିଲନାଡୁର ହର୍ଷିନୀ ସର୍ବାନନ ୬.୨୧ ଓ ରେଲୱେର କାର୍ତ୍ତିକା ୬.୧୪ ମିଟର ଡେଇଁ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ।

**ପୁରୁଷ ୪୦୦ ମିଟର ରେସ୍**

ସର୍ଭିସେସର ନୋଆ ନିର୍ମଳ ତୋମ ୪୬.୫୬ ସେକେଣ୍ଡ ସମୟ ନେଇ ପୁରୁଷ ୪୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ପଞ୍ଜାବର ଅର୍ଶଦୀପ ସିଂ ଭିର୍କ ୪୭.୧୩ ଓ ଚଣ୍ଡିଗଡ଼ର ଏ. ଆଲେକ୍ସ୪୭.୩୬ ସେକେଣ୍ଡ ସମୟ ନେଇ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି ।

**ମହିଳା ୪୦୦ ମିଟର**

ହରିୟାଣାର ଅଞ୍ଜଳି ଦେବୀ ମହିଳା ୪୦୦ ମିଟର ରେସ୍‌ରେ ୧୬ ବର୍ଷର ମିଟ୍ ରେକର୍ଡ ଭାଙ୍ଗିଛନ୍ତି । ସେ ଏଠାରେ ୫୧.୭୯ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ପୂର୍ବରୁ ମିଟ୍ ରେକର୍ଡ ଦିଲ୍ଲୀର କେ.ଏମ.ବୀଣାମୋଲଙ୍କ ନାମରେ ଥିଲା । ସେ ୨୦୦୨ରେ ୫୧.୯୦ ସେକେଣ୍ଡ ସମୟ ନେଇ ମିଟ୍ ରେକର୍ଡର ଅଧିକାରିଣୀ ଥିଲେ । ଏଠାରେ ପଞ୍ଜାବର ପ୍ରାଚୀ ୫୩.୧୭ ଓ ରେଲୱେର ସି.ସରଭାଥ ୫୩.୫୪ ସେକେଣ୍ଡ ସମୟ ନେଇ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଥିଲେ ।

**ପୁରୁଷ ହାଇଜମ୍ପ**

ପୁରୁଷ ହାଇଜମ୍ପରେ ସର୍ଭିସେସର ସର୍ଭେସ ଅନିଲ କୁଶାରେ ୨.୨୪ ମିଟର ଡେଇଁ ସ୍ୱର୍ଣ୍ଣ ପଦକ ହାସଲ କରିବା ସହ ମିଟ୍ ରେକର୍ଡର ଅଧିକାରୀ ହୋଇଛନ୍ତି । ପୂର୍ବରୁ ମିଟ୍ ରେକର୍ଡ ଚେନ୍ନାଇର ଭି.ଏସ.ଯାଦବଙ୍କ ନାମରେ ଥିଲା । ସେ ୨୦୧୭ରେ ୨.୨୩ ମିଟର ଡେଇଁ ଏପର୍ଯ୍ୟନ୍ତ ମିଟ୍ ରେକର୍ଡର ଅଧିକାରୀ ଥିଲେ । ରେଲୱେର ସିଦ୍ଧାର୍ଥ ଯାଦବ ୨.୧୬ ଓ ସର୍ଭିସେସର ବି.ଚେତନ ୨.୧୬ ମିଟର ଡେଇଁ ଏଠାରେ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଥିଲେ ।

**ମହିଳା ଶଟ୍‌ପୁଟ୍**

ମହିଳା ଶଟ୍‌ପୁଟ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ରେଲୱେର ନଭଜିତ କୌର ଧିଲୋନ । ସେ ଜାତୀୟ ଓ ମିଟ୍ ରେକର୍ଡଠାରୁ ବହୁ ଦୂରରେ ରହିଥିଲେ ହେଁ ୧୫.୦୦ ମିଟର ଦୂରକୁ ଶଟ୍‌ପୁଟ୍ ଫିଙ୍ଗି ପ୍ରଥମସ୍ଥାନ ଅଧିକାର କରିଥିଲେ । ଆସାମର ଡୁଣ୍ଡଲାଇ ନାର୍ଜାରେ ୧୪.୨୧ ଓ ରେଲୱେର ପି.ଉମା ୧୪.୧୭ ମିଟର ସହ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଥିଲେ ।

**ପୁରୁଷ ଡିସ୍କସ୍**

ସର୍ଭିସେସର ଧରମରାଜ ଯାଦବ ପୁରୁଷ ଡିସ୍କସ୍ ଥ୍ରୋରେ ୫୯.୫୬ ମିଟର ସହ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ । ଯାଦବଙ୍କ ସାଥି ଭାଜିର ୫୪.୦୪ ମିଟର ସହିତ ରୌପ୍ୟ ଏବଂ ହରିୟାଣାର ସଚିନ ୫୩.୬୫ ମିଟର ଥ୍ରୋ କରି ବ୍ରୋଞ୍ଜ ପଦକ ହାସଲ କରିଥିଲେ ।

**ପୁରୁଷ ୧୫୦୦ ମିଟର**

ରେଲୱେ ପ୍ରତିଯୋଗୀମାନେ ପୁରୁଷ ୧୫୦୦ ମିଟରରେ କ୍ଲିନ୍ ସୁଇପ୍ କରିଛନ୍ତି । ଅଜୟ କୁମାର ସରୋଜ ୩:୪୬.୪୯ ସେକେଣ୍ଡ ସହ ସ୍ୱର୍ଣ୍ଣ, ବିଶ୍ୱମ୍ଭର କୋଲୋକାର ୩:୪୭.୫୧ ସେକେଣ୍ଡ ସହ ରୌପ୍ୟ ଓ ସାଜେଶ ଜୋସେଫ ୩:୪୮.୭୪ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ପାଇଛନ୍ତି ।

**ମହିଳା ୧୫୦୦ ମିଟର**

ରେଲୱେର ପି.ୟୁ.ଚିତ୍ରା ମହିଳା ୧୫୦୦ ମିଟର ଟାଇଟଲ ହାସଲ କରିଛନ୍ତି । ସେ ୪:୨୪.୩୫ ସେକେଣ୍ଡ ସହ ସ୍ୱର୍ଣ୍ଣ, ଅନ୍ୟତମ ରେଲୱେ ପ୍ରତିଯୋଗୀ ଶିପ୍ରା ସରକାର ୪:୨୫.୪୫ ସେକେଣ୍ଡରେ ରୌପ୍ୟ ଏବଂ ବିହାରର ସୁଗନ୍ଧା କୁମାରୀ ୪:୩୦.୦୦ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ଅଧିକାର କରିଛନ୍ତି ।

**ଡେକାଥଲନ**

୧୦୦ ମିଟର ରେସ୍, ଲଙ୍ଗଜମ୍ପ, ଶଟ୍‌ପୁଟ, ହାଇଜମ୍ପ, ୪୦୦ ମିଟର ରେସ୍, ୧୧୦ ମିଟର ହର୍ଡଲ୍ସ, ଡିସ୍କସ୍ ଥ୍ରୋ, ପୋଲ୍‌ଭଲ୍ଟ, ଜାଭେଲିନ୍ ଥ୍ରୋ, ୧୫୦୦ ମିଟର ଆଦି ୧୦ଟି ଇଭେଣ୍ଟକୁ ନେଇ ଅନୁଷ୍ଠିତ ପୁରୁଷ ଡେକାଥଲନ ଇଭେଣ୍ଟରେ ସର୍ଭିସେସର ବୁଟା ସିଂ ୬୯୫୩ ପଏଣ୍ଟ ହାସଲ ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ରେଲୱେର ଅଭିଷେକ ଶେଟ୍ଟି ୬୮୫୫ ଓ ସର୍ଭିସେସର ମହମ୍ମଦ ହାଫସି ୬୭୪୪ ପଏଣ୍ଟ ସହ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି । ଏଥିରେ ଅଂଶଗ୍ରହଣ କରିଥିବା ଓଡ଼ିଶାର ସୁକଦେବ ମହାନ୍ତି ୪୯୨୪ ପଏଣ୍ଟ ପାଇ ୧୦ମ ସ୍ଥାନରେ ରହିଛନ୍ତି ।



ମହିଳା ୪୦୦ ମିଟର ରେସ୍‌ର କୃତୀ ପ୍ରତିଯୋଗୀମାନେ ପଦକ ସହ ।



ମହିଳା ୧୦୦ ମିଟର ହର୍ଡଲ୍ସ ପଦକ ପ୍ରଦାନ ଉତ୍ସବରେ ଅନୁପସ୍ଥିତ ଅଛନ୍ତି ଜାପାନର ହିତୋମି ସିମୁରା । ନିକଟରେ ଅଛନ୍ତି ଅତିଥି ତଥା ଜାତୀୟ ରେକର୍ଡଧାରୀ ଅନୁରାଧା ବିଶ୍ୱାଳ ।



ପୁରୁଷ ୪୦୦ ମିଟର ରେସ ଜିତିବା ପରେ ଖୁସି ମନାଉଛନ୍ତି ସର୍ଭିସେସର ନୋଆ ନିର୍ମଳ ତୋମ ।

## ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍

# ଭାରତୀୟ ଦଳରେ ଅମିତଙ୍କୁ ନିଆଗଲାନି

ନୂଆଦିଲ୍ଲୀ, ୨୬।୯(ପି.ଟି.)

ଯାହା ଆଶଙ୍କା କରାଯାଉଥିଲା, ଶେଷରେ ତାହା ସତ ହେଲା । ଆସନ୍ତା ମାସ ଓମାନର ବନ୍ଦର ରାଜଧାନୀ ମସ୍କାଟରେ ହେବାକୁଥିବା ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ହକି ପାଇଁ ବୁଧବାର ୧୮ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି । ଏହି ଦଳରେ କୌଣସି ଓଡ଼ିଆ ଖେଳାଳି ସ୍ଥାନ ଦିଆଯାଇ ନାହିଁ । ପୂର୍ବରୁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ କ୍ୟାମ୍ପ ପାଇଁ ହକି ଇଣ୍ଡିଆ ପକ୍ଷରୁ ପ୍ରକାଶିତ ୨୫ ଜଣିଆ କୋର ଗ୍ରୁପ୍ ଖେଳାଳି ତାଲିକାରେ କୌଣସି ଓଡ଼ିଆ ଖେଳାଳି ସାମିଲ ହୋଇ ନ ଥିଲେ । ମାତ୍ର ପରେ ଅମିତ କ୍ୟାମ୍ପରେ ଅଛନ୍ତି ବୋଲି କୋଚ୍ ହରେନ୍ଦ୍ର ସିଂ ପ୍ରକାଶ କରିଥିଲେ । ଗଣମାଧ୍ୟମ ଚାପରେ ଅମିତ୍‌ଙ୍କୁ କ୍ୟାମ୍ପରେ ସାମିଲ କରାଯାଇଥିବା ଆଲୋଚନା ହୋଇଥିଲା । ମାତ୍ର ଏବେ ତାହା ସତରେ ପରିଣତ ହୋଇଛି । କୋର୍ ଗ୍ରୁପ୍‌ରେ ନ ଥିବାରୁ ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ପାଇଁ ଅମିତ୍‌ଙ୍କୁ ଚୟନକର୍ତ୍ତାମାନେ ଅଣଦେଖା କରିଥିବା ପ୍ରମାଣିତ ହୋଇଛି । ପି.ଆର. ଶ୍ରୀଜେସଙ୍କ ବଦଳରେ ତାରକା ମିଡଫିଲ୍ଡର ମନପ୍ରୀତ ସିଂଙ୍କୁ ଦଳର ଅଧିନାୟକ କରାଯାଇଛି । ଭାରତ ଡିଫେଣ୍ଡିଂ ଚାମ୍ପିୟନ ଭାବରେ ଚାମ୍ପିୟନ୍ସ ଟ୍ରଫିରେ ଅଂଶଗ୍ରହଣ କରିବ । ୨୦୧୬ରେ ଭାରତ ଚାମ୍ପିୟନ ହୋଇଥିଲା । ମାଲେସିଆରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଭାରତ ୩–୨ ଗୋଲରେ ପାକିସ୍ତାନକୁ ହରାଇ ଟାଇଟଲ ଜିତିଥିଲା ।

**ଭାରତୀୟ ଦଳ**

ଗୋଲକିପର: ପି.ଆର. ଶ୍ରୀଜେସ, କ୍ରିଷ୍ଣନ୍ ବାହାଦୂର ପାଠକ

ଡିଫେଣ୍ଡର୍ସ: ହରମନପ୍ରୀତ ସିଂ, ଗୁରିନ୍ଦର ସିଂ, ବରୁନ କୁମାର, କୋଥାଜିତ୍ ସିଂ ଖାଡଙ୍ଗମ୍, ସୁରେନ୍ଦର କୁମାର, ଜରମନପ୍ରୀତ ସିଂ, ହାର୍ଦ୍ଦିକ ସିଂ

ମିଡଫିଲ୍ଡରର୍ସ: ମନପ୍ରୀତ ସିଂ (ଅଧିନାୟକ), ସୁମିତ ନିଳକାନ୍ତ ଶର୍ମା, ଲଳିତ କୁମାର ଉପାଧ୍ୟାୟ, ଚିଙ୍ଗଲେନସାନ ସିଂ କାଙ୍ଗୁଜାମ (ଉପଅଧିନାୟକ)

ଫରୱାର୍ଡ୍ସ: ଆକାଶଦୀପ ସିଂ, ଗୁରଜନ୍ତ ସିଂ, ମନଦୀପ ସିଂ ଓ ଦିଲପ୍ରୀତ୍ ସିଂ ।



ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ହକି ପାଇଁ ମନୋନୀତ ଭାରତୀୟ ଦଳ ।

## ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ହକି



### ଉଗ୍ରରୂପ ନେଉଛି ପୋଲିସ-ଆଇନଜୀବୀ ବିବାଦ

# ଆଇନଜୀବୀଙ୍କ ନବୀନ ନିବାସ ଘେରାଉ ସ୍ଥଗିତ

**ସରକାରୀ କାର୍ଯ୍ୟାଳୟ ବନ୍ଦ ଆନ୍ଦୋଳନ ଜାରି**

**କଟକ ଅଫିସ,୨୬।୯**

ମାଡ଼ ଘଟଣାକୁ ନେଇ ଆଇନଜୀବୀ ଓ ପୋଲିସ ମଧ୍ୟରେ ଉପୁଜିଥିବା ବିବାଦ କ୍ରମଶଃ ଉଗ୍ରରୂପ ନେବାରେ ଲାଗିଛି। ଅଗଷ୍ଟ ୨୯ରୁ ଆଇନଜୀବୀମାନେ ଚଳାଇଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ଆସନ୍ତା ୨୮ ତାରିଖ ଶୁକ୍ରବାର ପର୍ଯ୍ୟନ୍ତ ବଳବତ୍ତର ରହିବ। ଶନିବାର ହାଇକୋର୍ଟ ବାର୍ ଆସୋସିଏଶନର ସାଧାରଣ ପରିଷଦ ବୈଠକ ପରେ ଆନ୍ଦୋଳନର ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ। ତେବେ ଗୁରୁବାର ନବୀନ ନିବାସ ଘେରାଉ ପାଇଁ ଯେଉଁ କାର୍ଯ୍ୟକ୍ରମ ସ୍ଥିର କରାଯାଇଥିଲା ତାହାକୁ ଆଇନଜୀବୀମାନେ ସ୍ଥଗିତ ରଖିଛନ୍ତି। ମୁଖ୍ୟମନ୍ତ୍ରୀ ଏବେ ରାଜ୍ୟ ବାହାରେ ଥିବାରୁ ଏହି ନିଷ୍ପତ୍ତି ନିଆଯାଇଥିବା ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ତେବେ କଟକରେ ଆଇନଜୀବୀମାନେ ସେମାନଙ୍କ ଆନ୍ଦୋଳନକୁ ଆହୁରି ତୀବ୍ରତର କରିଛନ୍ତି। ମଙ୍ଗଳବାର ଭଳି ବୁଧବାର ମଧ୍ୟ ହାଇକୋର୍ଟ ସନ୍ନିକଟ ସମସ୍ତ ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ବନ୍ଦ କରି ଏହା ସମ୍ମୁଖରେ ପିକେଟିଂ କରିଥିଲେ। ତେବେ ଏଥିରୁ ବ୍ୟାଙ୍କ୍ ଓ ସ୍କୁଲ୍‌କୁ ଆଇନଜୀବୀମାନେ ବନ୍ଦ କରି ନ ଥିଲେ।

## ହାବିଲଦାର, କନଷ୍ଟେବଲ ମହାସଂଘର ଆନ୍ଦୋଳନ ଧମକ

ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ଚାଉଳିଆଗଞ୍ଜ ଥାନାରେ ରୁଜୁ ହୋଇଥିବା ମାମଲାରେ ମଙ୍ଗଳବାର ବିଳମ୍ବିତ ରାତିରେ ଜଣେ ହୋମ୍‌ଗାର୍ଡଙ୍କ ସମେତ ଦୁଇଜଣଙ୍କୁ ଗିରଫ କରାଯାଇଛି। ଏଥିରେ ଆଇନଜୀବୀମାନେ ସନ୍ତୁଷ୍ଟ ନ ହୋଇ ଆନ୍ଦୋଳନ ଜାରି ରଖିଥିବାରୁ ଜବାବ ଦେବାକୁ ଅଣ୍ଟାଭିଡ଼ିଛି ହାବିଲ୍‌ଦାର ଓ କନଷ୍ଟେବଲ ମହାସଂଘ। ମହାସଂଘ ଏହି ଗିରଫଦାରିର ପ୍ରତିବାଦ କରିବା ସହ ଆଇନଜୀବୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରି ସରକାରଙ୍କ ଉପରେ ଅଯଥା ଚାପ ପକାଉଥିବା ଅଭିଯୋଗ କରିଛି। ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମହାସଂଘ ସଭାପତି ସନ୍ତୋଷ ଶତପଥୀ କହିଛନ୍ତି, ସହିବାର ଗୋଟିଏ ସୀମା ଥାଏ। ହେଲେ ତାହା ପାର ହୋଇସାରିଛି। ଯଦି ପୋଲିସ ବିଭାଗ ଉପରେ ଚାପ ପ୍ରୟୋଗ କରି ଆଉ କୌଣସି ପୋଲିସ କର୍ମଚାରୀଙ୍କୁ ଗିରଫ କରାଯାଏ ତେବେ ମହାସଂଘ ଆନ୍ଦୋଳନକୁ ଓହ୍ଲାଇବ। ଆନ୍ଦୋଳନ ବେଳେ ଯଦି କୌଣସି କ୍ଷୟକ୍ଷତି ଘଟେ ତେବେ ସେଥିପାଇଁ ଆଇନଜୀବୀମାନେ ଦାୟୀ ରହିବେ। ଆଇନଜୀବୀମାନଙ୍କ ଦାବି ଅନୁଯାୟୀ, ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ କରାଗଲା। ହେଲେ ସେଥିରେ ସେମାନେ ସନ୍ତୁଷ୍ଟ ହେଲେ ନାହିଁ। ହାଇକୋର୍ଟଙ୍କ ରାୟ ପରେ କ୍ରାଇମବ୍ରାଞ୍ଚ ତଦନ୍ତ ଭାର ଗ୍ରହଣ କଲା। ଆଇନଜୀବୀଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ ଜଣେ ପୋଲିସ କର୍ମଚାରୀଙ୍କ ସମେତ ଦୁଇ ଜଣଙ୍କୁ ଗିରଫ କରାଗଲା। ତାହା ପରେ ମଧ୍ୟ ଆଇନଜୀବୀମାନେ ଆନ୍ଦୋଳନ କରିବା ହାଇକୋର୍ଟର ଅବମାନନା ସହ ସମାନ ବୋଲି ଶତପଥୀ କହିଛନ୍ତି।

# ପରିଚାଳନା କମିଟି ବୈଠକ ଆଜି

**ପୁରୀ ଅଫିସ,୨୬।୯**



ସୁପ୍ରିମ୍‌କୋର୍ଟରେ ଶ୍ରୀମନ୍ଦିର ପରିଚାଳନାଗତ ସଂସ୍କାର ମାମଲା ବିଚାରାଧୀନ ଥିବା ବେଳେ ଗୁରୁବାର ଅନୁଷ୍ଠିତ ହେବ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ। ପୂର୍ବାହ୍ନ ୧୧ଟାରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଆଲୋଚନା କରାଯିବ। ଏହି ବିଷୟ ଗୁଡ଼ିକ ହେଲା ପୂର୍ବ ବୈଠକର ବିବରଣୀ ପଠନ ଓ ଦୃଢୀକରଣ, ଷୋଳପୂଜାର ପ୍ରସ୍ତୁତି ବ୍ୟବସ୍ଥା ସହ ନୀତି ସମୀକ୍ଷା, ଜମିଜମା ସଂକ୍ରାନ୍ତ ସମାନ ନୀତି, ସୁପ୍ରିମ୍‌କୋର୍ଟଙ୍କ ଆଦେଶ କ୍ରମେ ଗୃହୀତ ପଦକ୍ଷେପ ସମ୍ପର୍କରେ ଆଲୋଚନା, ୩ଟି ସବ୍ କମିଟିର ରିପୋର୍ଟ ଉପସ୍ଥାପନ, ବୈଷୟିକ କମିଟି ଦ୍ୱାରା ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉପସ୍ଥାପିତ ଉନ୍ନୟନ ପ୍ରକଳ୍ପର ଉପସ୍ଥାପନ, ବ୍ରହ୍ମ ପରିବର୍ତ୍ତନ ସଂକ୍ରାନ୍ତରେ ଗଠିତ ସବ୍ କମିଟିଙ୍କ ସମେତ ସଂସ୍ଥା ସବ୍ କମିଟି, ନୀତି ସବ୍ କମିଟି, ଅର୍ଥ ସବ୍ କମିଟିଙ୍କ ରିପୋର୍ଟ ଉପସ୍ଥାପନ ହେବ।

ତେବେ ଶ୍ରୀମନ୍ଦିର ସଂସ୍କାର ମାମଲାରେ ନିକଟରେ ଆମିକସ୍ କ୍ୟୁରି ଗୋପାଳ ସୁବ୍ରମଣ୍ୟମ୍ ବିଭିନ୍ନ ପକ୍ଷଙ୍କ ମତ ସଂଗ୍ରହ କରି ଫେରିଯାଇଛନ୍ତି। ସେବକଙ୍କୁ ଆଚାର ବ୍ୟବହାର ପରିବର୍ତ୍ତନ ଲାଗି ତିନି ସପ୍ତାହ ସମୟ ଦେଇଛନ୍ତି। ଆମିକସ୍ କ୍ୟୁରିଙ୍କ ରିପୋର୍ଟ ପ୍ରଦାନ ପରେ ସୁପ୍ରିମ୍‌କୋର୍ଟ ମାମଲାର ଚୂଡ଼ାନ୍ତ ରାୟ ଶୁଣାଣି କରିବାକୁ ଥିବା ବେଳେ ଶ୍ରୀମନ୍ଦିର ପରିଚାଳନା କମିଟିର ଏହି ବୈଠକ ବେଶ୍ ଗୁରୁତ୍ୱ ବହନ କରୁଥିବା କୁହାଯାଉଛି।


## ପରିବହନ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡ଼ିଶା, କଟକ

## ବିଜ୍ଞାପନ

ଏତଦ୍ୱାରା ବିଭିନ୍ନ ମାର୍ଗରେ ନୂତନ ପରମିଟ୍ ପ୍ରାପ୍ତି ନିମନ୍ତେ ଆବେଦନ କରିଥିବା ବସ୍ ମାଲିକ ତଥା ଆପତ୍ତି ଦାଖଲ କରିଥିବା ପ୍ରତିପକ୍ଷଙ୍କୁ ଜଣାଇ ଦିଆଯାଉଅଛି ଯେ, କ୍ରମିକ ସଂଖ୍ୟା ୧ ରୁ ୬୦ ଏବଂ ୬୧ ରୁ ୧୨୦ ପର୍ଯ୍ୟନ୍ତ ଶୁଣାଣି ଧାର୍ଯ୍ୟ ତାରିଖ ୨୭.୦୯.୧୮ ଓ ୨୮.୦୯.୦୯.୧୮କୁ ଆଇନଜୀବୀ ଙ୍କ କାର୍ଯ୍ୟାଳୟ ବନ୍ଦ ଆନ୍ଦୋଳନ ପରିପ୍ରେକ୍ଷୀରେ ସ୍ଥଗିତ ରଖାଗଲା। ଏହାର ଶୁଣାଣି ନିମନ୍ତେ ପୁନଃ ତାରିଖ ନିର୍ଦ୍ଧାରଣ ପରେ ଦୈନିକ ଖବର କାଗଜ ମାଧ୍ୟମରେ ସୂଚାଇ ଦିଆଯିବ।

ସଚିବ
ରାଜ୍ୟ ପରିବହନ ପ୍ରାଧିକାରୀ
ଓଡ଼ିଶା, କଟକ










3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ସ୍ୱାସ୍ଥ୍ୟ ସବୁଠାରୁ ବଡ଼ ଉପହାର, ସନ୍ତୋଷ ସବୁଠାରୁ ବଡ଼ ସମ୍ପଦ ଏବଂ ବିଶ୍ୱସ୍ତତା ସବୁଠାରୁ ବଡ଼ ସମ୍ପର୍କ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ଦବିଲା ପର୍ଯ୍ୟଟନସ୍ଥଳୀ ରାସ୍ତା : ମରାମତି ଦାବି



ଲଳିତଗିରି,୨୬।୯(ସ୍ୱ.ପ୍ର.): ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଲଳିତଗିରି ବୌଦ୍ଧବିହାର ଓ ଓଳାଶୁଣି ପୀଠକୁ ସଂଯୋଗ କରୁଥିବା ମାହାଙ୍ଗା ପୂର୍ତ୍ତବିଭାଗ ଅଧୀନ ବାଲିଚନ୍ଦ୍ରପୁର-ଲଳିତଗିରି ପୂର୍ତ୍ତ ରାସ୍ତା ଦବିଯାଇଛି। ଅକରପଡା ନିକଟରେ ଏହି ରାସ୍ତା ପ୍ରାୟ ୫୦ ମିଟରରୁ ଊର୍ଦ୍ଧ୍ୱ ତଳକୁ ଦବି ଯାଇଛି। ସେହିପରି ପୁରୁଷୋତ୍ତମପୁର ନିକଟ ରାସ୍ତାରେ ୧୦ ମିଟରରୁ ଊର୍ଦ୍ଧ୍ୱ ଫାଟି ଯାଇଛି। ଏଥିଯୋଗୁ ଗମନାଗମନ ବେଳେ ନାନା ସମସ୍ୟା ସୃଷ୍ଟି ହେଉଛି। ରାସ୍ତାରେ ଛୋଟ ବଡ ଦୁର୍ଘଟଣାମାନ ଘଟୁଥିବା ଅଭିଯୋଗ ହେଉଛି। ପ୍ରତିଦିନ ବହୁ ପର୍ଯ୍ୟଟକ ଏହି ରାସ୍ତା ଦେଇ ବୌଦ୍ଧବିହାର ଓ ଓଳାଶୁଣି ପୀଠକୁ ଯାତାୟାତ କରିଥାନ୍ତି। ସେହିପରି ଯାଜପୁର,କଟକ ଓ କେନ୍ଦ୍ରାପଡା ଅଞ୍ଚଳର ଲୋକେ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ବହୁ ଛାତ୍ରୀଛାତ୍ର ଏହି ରାସ୍ତାଦେଇ ଯାତାୟାତ କରିଥାନ୍ତି। ତୁରନ୍ତ ଏହି ରାସ୍ତା ମରାମତି କରିବା ପାଇଁ ସାଧାରଣରେ ଦାବି ହୋଇଛି। ଖୁବ୍‌ଶୀଘ୍ର ଏହି ରାସ୍ତାକୁ ମରାମତି କରାଯିବ ବୋଲି ମାହାଙ୍ଗା ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଚିତ୍ତରଞ୍ଜନ ଜେନା କହିଛନ୍ତି।

### ଅନନ୍ତ ବାସୁଦେବ ମନ୍ଦିରରେ ବିଷ୍ଣୁ ମହାଯଜ୍ଞ ପୂର୍ଣ୍ଣାହୁତି

ରଘୁନାଥପୁର, ୨୬।୯( ଡି.ଏନ.ଏ.): ରଘୁନାଥପୁର ଦୁରାସାହି ଚନ୍ଦନ ପୋଖରୀସ୍ଥିତ ଅନନ୍ତ ବାସୁଦେବ ମନ୍ଦିରରେ ପଞ୍ଚାଦିନ ବ୍ୟାପୀ ବିଷ୍ଣୁ ମହାଯଜ୍ଞ ଆଧାତ୍ମିକ ଭାବାବେଗରେ ମଙ୍ଗଳବାର ମଧରାତ୍ରିରେ ପୂର୍ଣ୍ଣାହୁତି ହୋଇଛି। ମୁଖ୍ୟ ପୁରୋଧା ବାବା ବଂଶୀଧର ଦାସମହାରାଜାଙ୍କ ପୌରୋହିତ୍ୟରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ଶ୍ରୀକ୍ଷେତ୍ରରୁ ଆଜ୍ଞାମାଳ ଆସିବା ସହ ଜଳାଧିବାସ, ସୂର୍ଯ୍ୟପୂଜା, ବିଷ୍ଣୁ ସହସ୍ର ନାମ, ଗୀତା ପାଠ, ଶତରୁଦ୍ରରେ ଆହୁତି, ଗୁରୁପୂଜା ଆଦି କାର୍ଯ୍ୟକ୍ରମ ଭିତ୍ତିରେ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଆଗନ୍ତୁକଙ୍କ ମଧ୍ୟରେ ଜୁନାଗଡରୁ ବାବା ବିଷ୍ଣୁ ପୁରୀ, ସ୍ୱାମୀ ବିଷ୍ଣୁଗିରି ମହାରାଜା, ପଣ୍ଡିତ ଶ୍ରୀବତ୍ସ ଦାସ ମହାପାତ୍ର, ଉମାକାନ୍ତ ସାହୁ ପ୍ରମୁଖ ଯୋଗଦେଇ କର୍ମଧର୍ମ ଓ ଅଚ୍ୟୁତାନନ୍ଦ ମାଳିକା ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ଜାନକୀ ବଲ୍ଲଭ ରାମାନୁଜ ଦାସ ଓ ବାବା ଅନନ୍ତ ସରସ୍ୱତୀ ମହାରାଜା ପ୍ରମୁଖ ଯୋଗ ଦେଇଥିଲେ। ପ୍ରବଚନ କାର୍ଯ୍ୟକ୍ରମକୁ ହୃଷୀକେଶ ନାୟକ ପରିଚାଳନା କରିଥିଲେ। ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଯଜ୍ଞ କାର୍ଯ୍ୟରେ ଯୋଗଦେଇଥିଲେ।

### ନିଃଶୁଳ୍କ ଚକ୍ଷୁ ପରୀକ୍ଷା, ଚିକିତ୍ସା ଶିବିର



ଆଠଗଡ ୨୬।୯ (ସ୍ୱ.ପ୍ର.) : ଆଠଗଡ ବ୍ଲକ ଅନ୍ତର୍ଗତ ବେଣ୍ଟପଦା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବୁଧବାର ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଓ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଆଠଗଡ ବିଜୁ ଯୁବବାହିନୀ ଓ କଟକ ରୋଟାରୀ କ୍ଲବ ଆନୁକୂଲ୍ୟରେ ଏହି ଶିବିର ଆୟୋଜନ କରାଯାଇଥିଲା। ଏହି ଅବସରରେ ପ୍ରାୟ ୩୩ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ସେଥିରୁ ୧୫ଜଣଙ୍କ ମୋତିଆବିନ୍ଦୁଥିବା ଚିହ୍ନଟ କରାଯାଇଛି। ମୋତିଆ ବିନ୍ଦୁର ଅସ୍ତ୍ରୋପଚାର ନିମନ୍ତେ ସେମାନଙ୍କୁ କଟକସ୍ଥିତ ରୋଟାରୀ କ୍ଲବ ଚକ୍ଷୁ ଚିକିତ୍ସା ଶିବିରକୁ ପଠାଯାଇଛି। ଯୁବବାହିନୀ ସଭାପତି ମନୋରଞ୍ଜନ ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ଏହି ଶିବିରରେ ଶ୍ରୀଧର ନାୟକ, ଶୁଭଦର୍ଶିନୀ ଦାସ ଓ ପ୍ରମିଳା ରାଉତ ପ୍ରମୁଖ ଚିକିତ୍ସାରେ ସହାୟତା କରିଥିଲେ। ସୁଲିପ୍ତା ଶୁଭଦର୍ଶିନୀ ସାହୁ, ଅର୍ଚ୍ଚନା ରାଉଳ, ସୁଚରିତା ସାହୁ, ଅଜୟ ଓଝା ଏବଂ ରାକେଶ ମହାନ୍ତି ପ୍ରମୁଖ ଶିବିର ପରିଚାଳନାରେ ସହାୟତା କରିଥିଲେ।

# ରୋଷେଇ ବେଳେ ଫାଟିଲା ଗ୍ୟାସ ଟାଙ୍କି

ନିଶ୍ଚିନ୍ତକୋଇଲି,୨୬।୯(ସ୍ୱ.ପ୍ର.)



- ବର୍ତ୍ତିଲେ ପରିବାରର ୩ ସଦସ୍ୟ
- ଗ୍ରାମବାସୀ ଲିଭାଇଲେ ନିଆଁ
- ଆସିଲେନି ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ
- ଚୁଲା ଲଗାଇବା ସମୟରେ ରେଗୁଲେଟରକୁ ବ୍ୟାପିଥିଲା ନିଆଁ

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ଜନାର୍ଦ୍ଦନପୁର ପଞ୍ଚାୟତର ଗୋପୀନାଥପୁର ଗ୍ରାମରେ ବୁଧବାର ରାତି ୮ଟାରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ରୋଷେଇ ସମୟରେ ଗ୍ୟାସ ଟାଙ୍କି ଫାଟିଯିବାରୁ ଗୋଟିଏ ପକ୍କାଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ପରିବାରର ୩ ଜଣ ସଦସ୍ୟ ଏହି ଅଗ୍ନିକାଣ୍ଡରୁ ବର୍ତ୍ତିଯାଇଛନ୍ତି। ଏହି ଅଗ୍ନିକାଣ୍ଡରେ ଗ୍ରାମର ରାମଚନ୍ଦ୍ର ସାହୁଙ୍କ ପରିବାର ସଦସ୍ୟ କ୍ଷତିଗ୍ରସ୍ତ ହୋଇଛନ୍ତି। ତାଙ୍କର ସମସ୍ତ ଆସବାବପତ୍ର ଜଳିପୋଡି ନଷ୍ଟ ହୋଇଯାଇଛି। ନିଆ ଲିଭାଇବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ନିଶ୍ଚିନ୍ତକୋଇଲି ଓ ସାଲେପୁର ଅଗ୍ନିଶମ ସେବା ସଂସ୍ଥାରେ ଯୋଗାଯୋଗ କରାଯାଇଥିଲା। ମାତ୍ର ଏହାର କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇଥିବାରୁ ଘଟଣାସ୍ଥଳକୁ ଆସି ନ ଥିଲେ। ଗ୍ରାମବାସୀ ସ୍ଥାନୀୟ କୂଅ ଓ ପୋଖରୀରୁ ପାଣି ପମ୍ପ ସାହାଯ୍ୟରେ ପାଣି ଉଠାଇ ନିଆଁ ଲିଭାଇଥିଲେ। ସୂଚନାଯୋଗ୍ୟ, ରାମଚନ୍ଦ୍ରଙ୍କ ବୋହୂ ତେଜସ୍ୱିତା ରାତିରେ ରାନ୍ଧିବା ପାଇଁ ରୋଷେଇ ଘରକୁ ଯାଇଥିଲେ। ରନ୍ଧନ ଚୁଲାର ପୁରୁଣା ଟାଙ୍କିରେ ଗ୍ୟାସ ସରିଯାଇଥିବାରୁ ପରିବର୍ତ୍ତନ କରି ନୂଆ ଟାଙ୍କି ଲଗାଇଥିଲେ। ଚୁଲାରେ ରୋଷେଇ ଲାଗି ନିଆଁ ଲଗାଇବା ସମୟରେ ହଠାତ୍ ନିଆଁ ଉଠି ରେଗୁଲେଟର ପର୍ଯ୍ୟନ୍ତ ବ୍ୟାପି ଯାଇଥିଲା। ଏହି ସମୟରେ ତେଜସ୍ୱିତା ରୋଷେଇ ଘରୁ ବାହାରକୁ ଆସି ଡାକ ପକାଇଥିଲେ। ଡାକଶୁଣି ଘରେ ଥିବା ଝିଅ ଆକାଂକ୍ଷା ଓ ଶ୍ୱଶୁର ରାମଚନ୍ଦ୍ର ବାହରକୁ ଚାଲିଆସିଥିଲେ। ଏହି ସମୟ ମଧ୍ୟରେ ଗ୍ୟାସ ଟାଙ୍କିରେ ଅଗ୍ନି ସଂଯୋଗ ହେବା ଯୋଗୁ ଫାଟିଯାଇଥିଲା। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।




ଆଠଗଡ ତିଗିରିଆ ମିଳିତ ସଂଗ୍ରାମୀ ମଞ୍ଚ ପକ୍ଷରୁ ଧାରଣା ଦିଆଯାଇଛି।

### ଉପଖଣ୍ଡ ସରକାରୀ ଡାକ୍ତରଖାନା ସମସ୍ୟାର ସମାଧାନ ଦାବି

## ମିଳିତ ସଂଗ୍ରାମୀ ମଞ୍ଚ ପକ୍ଷରୁ ପ୍ରତୀକ ଅନଶନ, ଧର୍ମଘଟ

ଆଠଗଡ,୨୬।୯ (ସ୍ୱ.ପ୍ର.)

ଆଠଗଡ ଉପଖଣ୍ଡ ସରକାରୀ ଚିକିତ୍ସାଳୟରେ ନାନାବିଧ ସମସ୍ୟା ରହିଛି। ଏହାର ସମାଧାନ ଦାବି କରି କିଛିଦିନ ପୂର୍ବରୁ ଜୟ ଆଠଗଡ ନାମକ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଡାକ୍ତରଖାନା ଅଧୀକ୍ଷକଙ୍କ ଦୃଷ୍ଟିଆକର୍ଷଣ କରାଯାଇଥିଲା। ଏନେଇ ବୁଧବାର ଆଠଗଡ ତିଗିରିଆ ମିଳିତ ସଂଗ୍ରାମୀ ମଞ୍ଚ ପକ୍ଷରୁ ଡାକ୍ତରଖାନା ଆଗରେ ପ୍ରତୀକ ଅନଶନ ଓ ଧର୍ମଘଟ କରାଯାଇଛି। ଏହି ଉପଖଣ୍ଡ ସରକାରୀ ଡାକ୍ତରଖାନା ଉପରେ ଆଠଗଡ, ତିଗିରିଆ, ବଡମ୍ବା, ନରସିଂହପୁର, ବାଙ୍କୀ ଓ ଟାଙ୍ଗୀ ଚୌଦ୍ୱାର ବ୍ଲକର ଲୋକେ ନିର୍ଭର କରିଥାନ୍ତି। ମାତ୍ର ନିରାମୟ ଯୋଜନାରେ ଏଠାରେ ପର୍ଯ୍ୟାପ୍ତ ପରିମାଣର ଔଷଧ ରହିଥିଲେ ମଧ ଆବଶ୍ୟକ ସଂଖ୍ୟକ ଡାକ୍ତର ନାହାନ୍ତି। ଏନେଇ ମିଳିତ ମଞ୍ଚ ପକ୍ଷରୁ ରୋଗୀଙ୍କ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ଦାବି କରାଯାଇଥିଲା। ଏହି ଧାରଣାରେ ମନୋରଞ୍ଜନ ଦାସ, ପ୍ରକାଶ ସାହୁ, ଝରିଆ ନାଏକ, ନିର୍ମଳ କୁମାର ପତ୍ରୀ ଓ ଜଗଦାନନ୍ଦ ତ୍ରିପାଠୀ ପ୍ରମୁଖ ସାମିଲ ହୋଇଥିଲେ।

### କଲଭର୍ଟ ନିର୍ମାଣକୁ ନେଇ କୋଟକଣାବାସୀଙ୍କ ଧାରଣା ୨ୟ ଦିନରେ

## ପୋଲିସ ସୁରକ୍ଷାରେ କାର୍ଯ୍ୟ ଆରମ୍ଭ ଦାବି

ରଘୁନାଥପୁର, ୨୬।୯( ଡି.ଏନ.ଏ.)




କଲଭର୍ଟ ନିର୍ମାଣ ଦାବିରେ ଧାରଣା ଦେଇଥିବା ଗ୍ରାମବାସୀ।

ଦୁଇବର୍ଷ ତଳୁ ରଘୁନାଥପୁର ବ୍ଲକ ଧରାଧରପୁର ପଞ୍ଚାୟତ କୋଟକଣାସ୍ଥିତ ଫଗୁ ସାହୁ ଘର ନିକଟ ଦାଣ୍ଡଗାଡ଼ିଆ ବନ୍ଧ ରାସ୍ତାରେ ଖୋଳି ଦିଆଯାଇଥିବା ସ୍ଥାନରେ କଲଭର୍ଟ ନିର୍ମାଣ ଦାବି ନେଇ ଗ୍ରାମବାସୀଙ୍କ ଧାରଣା ୨ୟ ଦିନରେ ପହଞ୍ଚିଛି। ଗ୍ରାମବାସୀ ଉକ୍ତ ସ୍ଥାନରେ ପୋଲିସ ସୁରକ୍ଷାରେ କାର୍ଯ୍ୟ ଆରମ୍ଭ ପାଇଁ ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ବି ଗ୍ରାମବାସୀ ଏହାକୁ ଗ୍ରହଣ କରିନାହାନ୍ତି। ଗ୍ରାମର ପ୍ରଭଞ୍ଜନ ବିଶ୍ୱାଳ, ପୂର୍ବତନ ସରପଞ୍ଚ କୃଷ୍ଣ ଚନ୍ଦ୍ର ଜେନା କୁହନ୍ତି ଯେ, କଲଭର୍ଟ ପାଇଁ ୱାର୍କ ଅର୍ଡର ଦିଆଯିବା ପରେ ଜଣେ ମାତ୍ର ବ୍ୟକ୍ତି ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟ ଆରମ୍ଭ କରାଇ ଦେଉ ନାହାନ୍ତି। ଦୁଇବର୍ଷ ହେଲା ରାସ୍ତା ଖୋଳା ହୋଇପଡ଼ିଛି। ଆଉ କେତେଦିନ ଗଲେ ବ୍ଲକ ପ୍ରଶାସନ କାର୍ଯ୍ୟ ସାରିବ ବୋଲି ଧାରଣାକାରୀ ପ୍ରଶ୍ନ ରଖିଛନ୍ତି। ଅନ୍ୟପକ୍ଷରେ କେତେଜଣ ବ୍ୟକ୍ତି, ଗ୍ରାମବାସୀ ପୋଲିସ ସୁରକ୍ଷାରେ କାର୍ଯ୍ୟ ଆରମ୍ଭ କରିବାକୁ ଲିଖିତ ଜଣାଇଥିଲେ ସୁଦ୍ଧା ବିଡିଓ କ'ଣ ପାଇଁ ପଛଘୁଞ୍ଚା ଦେଉଛନ୍ତି ତାହାର କାରଣ ଜଣାପଡୁନି ବୋଲି ପ୍ରକାଶ କରିଛନ୍ତି। ମାମୁଲି ସମସ୍ୟା ଧୀରେ ଧୀରେ ଜଟିଳ ରୂପ ନେବାରେ ଲାଗିଛି। ଗୋଟେ ପଟେ ଗ୍ରାମବାସୀ ଅହୋରାତ୍ର ଧାରଣାରେ ବସି ରହିବା ପାଇଁ ବ୍ୟବସ୍ଥା କରିଥିବାବେଳେ, ବ୍ଲକ ପ୍ରଶାସନ କାର୍ଯ୍ୟଧାରା ପ୍ରତି ସନ୍ଦେହ ପ୍ରକାଶ ପାଇଛି। ଏ ସମ୍ପର୍କରେ ବିଡିଓ ପଞ୍ଚାନନ ପଟ୍ଟାୟତଙ୍କ ସହ ଯୋଗାଯୋଗ କରିବାରେ ସେମାନଙ୍କୁ ସମସ୍ତ ପ୍ରକାର ବୁଝାଇଥିଲେ ବି ସେମାନେ ମାନିବାକୁ ନାରାଜ। କିଛିଦିନ ସମୟ ଦେବାକୁ କହିଲେ ବି ଶୁଣୁନାହାନ୍ତି। ମୁଁ ଆଉ କ'ଣ କରିପାରିବି ବୋଲି କହି ବିଡିଓ ପଟ୍ଟାୟତ ଅସହାୟତା ପ୍ରକାଶ କରିଛନ୍ତି। ତେବେ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।

### ଅଗ୍ନିଶମ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ: ମିଳୁନି ସହଯୋଗ

ରଘୁନାଥପୁର, ୨୬।୯( ଡି.ଏନ.ଏ.)

ରଘୁନାଥପୁର ବ୍ଲକ ଅଞ୍ଚଳ ପାଇଁ ନିୟୋଜିତ ଥିବା ଅଗ୍ନିଶମ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ଅଞ୍ଚଳରେ ପ୍ରଭାବ ପରିଲକ୍ଷିତ ହୋଇଛି। ଅଗ୍ନିଶମ କର୍ମଚାରୀଙ୍କୁ ଓଡ଼ିଶା ପୋଲିସ କର୍ମଚାରୀମାନଙ୍କ ସହିତ ସମାନ ଦରାମା ଓ ଭତ୍ତା ପ୍ରଦାନ, ହାବିଲଦାର ଓ ଫାୟାରମ୍ୟାନ ଆସୋସିଏଶନଙ୍କୁ ସହକାରୀ ପଞ୍ଜୀକରଣ ଭୁକ୍ତ କରିବା, ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ନିୟମିତ ଦରମା ପ୍ରଦାନ ସହ ନିଜ ଜିଲାରେ ନିଯୁକ୍ତି ଆଦି ଦାବି ନେଇ କର୍ମଚାରୀଙ୍କ ପକ୍ଷରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧାରଣା ଦିଆଯାଇଥିବା ସମ୍ପର୍କରେ ଏଲଏଫ୍‌ଏମ୍ କାର୍ତ୍ତିକ ଚନ୍ଦ୍ର ସେଠୀ ଓ ସୁରେଶ କୁମାର ବାରିକ ପ୍ରକାଶ କରିଛନ୍ତି। ଧାରଣାରେ ହାବିଲଦାର ଦିଲୀପ କୁମାର ପରିଡା ଓ ଏଫଏମ୍‌ଡି ଜନ୍ମେଜୟ ସାହୁ, ସୁଧାଂଶୁ ଶେଖର ସ୍ୱାଇଁ, ବାବୁଲି ସାହୁ, ଶାନ୍ତନୁ ପ୍ରଧାନ ଓ ପ୍ରିୟବ୍ରତ ଶ୍ରୀଚନ୍ଦନ ସାମିଲ ହୋଇଛନ୍ତି।



ଧାରଣାରେ ସାମିଲ ଥିବା ଅଗ୍ନିଶମ କର୍ମଚାରୀ।

## ରାଶନକାର୍ଡ ହିତାଧିକାରୀଙ୍କୁ ମିଳିବ ମାଗଣା ଏଲ୍‌ଇଡି ବଲ୍‌ବ

ନିଶ୍ଚିନ୍ତକୋଇଲି, ୨୬।୯(ସ୍ୱ.ପ୍ର)

ରାଜ୍ୟ ସରକାରଙ୍କ ଆମ ଘରେ ଏଲଇଡି ଯୋଜନାରେ ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଥିବା ରାଶନକାର୍ଡ ହିତାଧିକାରୀଙ୍କୁ ୪ଟି ଏଲଇଡି ବଲ୍‌ବ ଯୋଗାଇ ଦିଆଯିବ। ଏନେଇ ବିଦ୍ୟୁତ୍ ବିଭାଗ ପକ୍ଷରୁ ଯୋଗାଣ ବିଭାଗ ନିକଟରୁ ରାଶନ କାର୍ଡ ତାଲିକା ସଂଗ୍ରହ ଆରମ୍ଭ ହୋଇଛି। ଏହି ଯୋଜନାରେ ନିଶ୍ଚିନ୍ତକୋଇଲି ବ୍ଲକରେ ପ୍ରତ୍ୟେକ ରାଶନ କାର୍ଡ ହିତାଧିକାରୀଙ୍କୁ ଅକ୍ଟୋବରରେ ୨ ଟି ଓ ଡିସେମ୍ବରରେ ୨ଟି ବଲ୍‌ବ ପ୍ରଦାନ କରାଯିବ ବୋଲି ଯୋଗାଣ ଅଧିକାରୀ ପ୍ରିତମ ଦାସ ସୂଚନା ଦେଇଛନ୍ତି। ନିଶ୍ଚିନ୍ତକୋଇଲି ବ୍ଲକର ୪୧ ପଞ୍ଚାୟତରେ ୭୯ ଜଣ ଡିଲରଙ୍କ ମାଧ୍ୟମରେ ୪୦ ହଜାର ୬୨୬ଜଣ ହିତାଧିକାରୀଙ୍କୁ ମାଗଣା ଏଲଇଡି ବଲ୍‌ବ ବଣ୍ଟାଯିବା ଲାଗି ବ୍ୟବସ୍ଥା କରାଯାଇଛି। ସୂଚନାଯୋଗ୍ୟ, କିଛି ଦିନ ତଳେ କେନ୍ଦ୍ର ସରକାରଙ୍କ ଅନୁଦାନରେ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟରେ ଉଜ୍ଜ୍ୱଳା ଯୋଜନାରେ ଏଲଇଡି ବଲ୍‌ବ ୭୦ ଟଙ୍କାରେ ପ୍ରଦାନ କରାଯାଉଥିଲା। ଜଣେ ବିଦ୍ୟୁତ୍ ହିତାଧିକାରୀଙ୍କୁ ସର୍ବାଧିକ ୧୦ଟି ବଲବ ପ୍ରଦାନ କରାଯାଉଥିଲା। ଏହାର ୱାରେଣ୍ଟି ୨ ବର୍ଷ ଥିଲେ ମଧ ସମ୍ପୃକ୍ତ ଠିକା କମ୍ପାନୀ ବଲବ୍ ବିକି ସାରିବା ପରେ କେଉଁ ଆଡେ ଫେରାର ହୋଇଯାଇଛି। ଏହି ଏଲଇଡି ବଲବ୍‌ଗୁଡିକ କିଛି ଦିନ ବ୍ୟବହାର ହେବା ପରେ ନଷ୍ଟ ହୋଇଯାଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଥିଲା।

## ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଅତିଥିମାନେ କଳାକାରଙ୍କୁ ପୁରସ୍କୃତ କରୁଛନ୍ତି।

ନେମାଳ,୨୬।୯(ଡି.ଏନ୍.ଏ.)

ନେମାଳସ୍ଥିତ ମହାପୁରୁଷ ଅଚ୍ୟୁତାନନ୍ଦ ମହାବିଦ୍ୟାଳୟ ପରିସରରେ 'ମୁଁ ହିରୋ ମୁଁ ଓଡିଶା' କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଅକ୍ଷୟ କୁମାର ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀ ସୁରେଶ ଚନ୍ଦ୍ର ପ୍ରଧାନ ଓ ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଜିଲାପରିଷଦ ସଭ୍ୟ ଅଚ୍ୟୁତାନନ୍ଦ ଦାସ ଯୋଗଦେଇଥିଲେ। ବିଶିଷ୍ଟ ଅତିଥିଭାବେ ନେମାଳ ଥାନା ଆଇଆଇସି ପ୍ରଭାତ କୁମାର ମଲିକ ଓ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ବିନୟ କୁମାର ଦାସ, ବିଜୁ ଯୁବ ବାହିନୀର ଜିଲା ସଂଯୋଜକ ସରୋଜ ସ୍ୱାଇଁ ଓ ସୁଧାଂଶୁ ଶେଖର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଓଡିଶାର କଳା ସଂସ୍କୃତି ଓ ପରମ୍ପରା ବଜାୟ ରଖିବା ସହ ଯୁବପିଢିଙ୍କୁ ପ୍ରୋତ୍ସାହନ ଦେବା ଉକ୍ତ କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟସ୍ତରରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା କଳାକାରମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ୧୪ ପଞ୍ଚାୟତର ବିଜୁ ଯୁବ ବାହିନୀ କର୍ମକର୍ତ୍ତାମାନେ ଯୋଗଦେଇଥିଲେ । ଶେଷରେ ବ୍ଲକ ଯୁବ ସଂଯୋଜିକା ସଞ୍ଜୁକ୍ତା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

### କଂଗ୍ରେସର କର୍ମୀ ସମ୍ମିଳନୀ

ଲଳିତଗିରି,୨୬।୯(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ୍ ଅନ୍ତର୍ଗତ ମଉଦା ପଞ୍ଚାୟତସ୍ଥିତ ମଉଦାଠାରେ ବୁଧବାର କଂଗ୍ରେସର ଏକ କର୍ମୀସମ୍ମିଳନୀ ରମାକାନ୍ତ ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି । କଂଗ୍ରେସ ନେତା ଗଣେଶ୍ୱର ସ୍ୱାଇଁଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ମୁଖ୍ୟଅତିଥିଭାବେ ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର କୁମାର ସାହୁ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ମାହାଙ୍ଗା ବ୍ଲକ୍‌ର ପୂର୍ବତନ ଯୁବ କଂଗ୍ରେସ ସଭାପତି ଅଲେଖ ପ୍ରସାଦ ସ୍ୱାଇଁ ଓ କଂଗ୍ରେସ ନେତା ସମରେନ୍ଦ୍ର ମହାନ୍ତି ସାମିଲ ହୋଇଥିଲେ। ସମ୍ମିଳନୀରେ ସୁଧୀର ଚନ୍ଦ୍ର ମିଶ୍ର, ଦୋଳଗୋବିନ୍ଦ ପଣ୍ଡା, ଋଷି କୁମାର ମିଶ୍ର, ତ୍ରିଲୋଚନ ବାରିକ,ପ୍ରହଲ୍ଲାଦ ପରିଡା, ଜଗବନ୍ଧୁ ପରିଡା ଓ ଗଗନ ଦେହୁରୀ ପ୍ରମୁଖ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

### ଯୁବତୀଙ୍କୁ ବଳାତ୍କାର ଉଦ୍ୟମ ଘଟଣା

## ଦେଢ଼ମାସ ପରେ ବି ଗିରଫ ହୋଇନାହାନ୍ତି ଅଭିଯୁକ୍ତ

ବାଙ୍କୀ,୨୬।୯ (ସ୍ୱ.ପ୍ର.)

ବାଙ୍କୀ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଦେଢ଼ମାସ ପୂର୍ବେ ବଳାତ୍କାର ଉଦ୍ୟମ ହୋଇଥିଲା। ଏନେଇ ପୀଡିତା ସେତେବେଳେ ବାଙ୍କୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଥାନାରେ ମାମଲା (ନଂ-୨୧୪/୧୮) ରୁଜୁ ହୋଇଥିଲା। ମାତ୍ର ଏପର୍ଯ୍ୟନ୍ତ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନ ଥିବାରୁ ପୀଡିତା ଗତ ସୋମବାର ବାଙ୍କୀ ତାଲୁକ ଆଇନ ସେବା କମିଟି ଅଧକ୍ଷଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ (ନଂ-୮/୧୮) ପଞ୍ଜୀକରଣ କରାଯାଇଛି। ତାଙ୍କ ଅଭିଯୋଗ ଅନୁଯାୟୀ, ଅଗଷ୍ଟ ୯ ସକାଳେ ସେ ଗ୍ରାମ ରାସ୍ତାରେ ଚାଲିଚାଲି ବାଙ୍କୀ ସହରକୁ ଆସୁଥିଲେ। ଏହି ସମୟରେ ଉକ୍ତ ବାଟଦେଇ ଯାଉଥିବା ଗ୍ରାମର ବାଉରୀ ସ୍ୱାଇଁ ତାଙ୍କୁ ବାଇକ୍‌ରେ ବାଙ୍କୀରେ ଛାଡିଦେବେ ବୋଲି କହିଥିଲେ। ସେ ବିଶ୍ୱାସ କରି ସ୍ୱାଇଁଙ୍କ ସହ ବାଇକ୍‌ରେ ଆସିଥିଲେ। ମାତ୍ର ସ୍ୱାଇଁ ତାଙ୍କୁ ନିକଟସ୍ଥ ଏକ ଜଙ୍ଗଲକୁ ନେଇ ବଳାତ୍କାର କରିବାକୁ ଉଦ୍ୟମ କରିଥିଲେ। ସେ ଚିତ୍କାର କରିବାରୁ ସ୍ୱାଇଁ ତାଙ୍କ ଭ୍ୟାନିଟି ବ୍ୟାଗ ନେଇ ଘଟଣାସ୍ଥଳରୁ ଚାଲିଯାଇଥିଲେ। ବ୍ୟାଗରେ ଆଧାରକାର୍ଡ, ବ୍ୟାଙ୍କ ପାସ ବୁକ ସହ ନଗଦ ୫ ହଜାର ଟଙ୍କା ଥିଲା ବୋଲି ପୀଡିତା କହିଛନ୍ତି। ପରେ ଜଙ୍ଗଲ ଜଗୁଆଳି ତାଙ୍କୁ ନେଇ ଗ୍ରାମରେ ଛାଡିଥିଲେ। ଏନେଇ ସେ ବାଙ୍କୀ ଥାନାରେ ଅଭିଯୋଗ କରିଥିଲେ ମଧ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାରୁ ପୀଡିତା କ୍ଷୋଭ ପ୍ରକାଶ କରିଛନ୍ତି। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ବାଙ୍କୀ ଉପଖଣ୍ଡ ପୋଲିସ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ କହିଛନ୍ତି ଅଭିଯୁକ୍ତଙ୍କୁ ଗିରଫ କରିବା ଲାଗି ଉଦ୍ୟମ ଜାରି ରହିଛି।

## ଆନ୍ତଃ ମହାବିଦ୍ୟାଳୟସ୍ତରୀୟ କବାଡି ପ୍ରତିଯୋଗିତା

ବାଙ୍କୀ,୨୬।୯ (ସ୍ୱ.ପ୍ର.)

ବାଙ୍କୀ କଲେଜ ପରିଷରରେ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆନ୍ତଃମହାବିଦ୍ୟାଳୟ ଜୋନ୍‌ସ୍ତରୀୟ କବାଡି ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାକୁ ଅଧକ୍ଷ ଡ.ବାବାଜୀ ଚରଣ ଶତପଥୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କଲେଜ କ୍ରୀଡା ସଂସଦର ଉପସଭାପତି ପ୍ରାଧାପକ ମନୋଜ କୁମାର ମହାପାତ୍ର, ପ୍ରଧାପକ ଗୋକୁଳାନନ୍ଦ ନାୟକ, ଅଧାପକ ବିଭାସ ଦାଶ, ଶୈଳେନ୍ଦ୍ର ଦେଓ, ଯୋଗୀନାଥ ମଲ୍ଲିକ, ବୃନ୍ଦାବନ ପ୍ରଧାନ, କ୍ରୀଡା ଅଧାପକ ରବିନାରାୟଣ ପ୍ରଧାନ, ଦିଲୀପ ସାହୁ, ଜିତେନ୍ଦ୍ର ଦେଓ, କ୍ରୀଡା ଶିକ୍ଷକ କୃପାସିନ୍ଧୁ ପ୍ରଧାନ ଓ ରାଣୀ ଶୁକଦେଇ ମହିଳା କଲେଜର କ୍ରୀଡା ଅଧାପକ ନିରଞ୍ଜନ ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରତିଯୋଗିତାର ପ୍ରଥମ ଦିନରେ ୧୦ ମହାବିଦ୍ୟାଳୟର କବାଡି ଖେଳାଳିମାନେ ଯୋଗଦେଇଥିଲେ।



କବାଡି ପ୍ରତିଯୋଗିତାକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

## ବିଜେଡି ମହିଳା ସମାବେଶରେ କେନ୍ଦ୍ରକୁ ସମାଲୋଚନା

ସାଲେପୁର, ୨୬।୯ (ଡି.ଏନ୍.ଏ)




ମହିଳା ସମାବେଶରେ ଯୋଗଦେଇଥିବା ବିଜେଡି ନେତୃବୃନ୍ଦ।

- ରାଜସ୍ୱ ଆକାରରେ କେନ୍ଦ୍ର ସରକାର ନେଉଛନ୍ତି ୧ ଟଙ୍କା ଦେଉଛନ୍ତି ୨୫ ପଇସା
- ଅନ୍ତୁଡ଼ିଶାଳରୁ ଶ୍ମଶାନ ପର୍ଯ୍ୟନ୍ତ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି ରାଜ୍ୟ ସରକାର

ସାଲେପୁର ବ୍ଲକ ଅନ୍ତର୍ଗତ ସଉରୀ ପଞ୍ଚାୟତସ୍ଥିତ ପ୍ରସିଦ୍ଧ ଚାଟେଶ୍ୱର ମହାଦେବ ମନ୍ଦିର ପଡ଼ିଆରେ ବୁଧବାର ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡ଼ି ମହିଳା ମହାସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଜେଡିର ନାରୀନେତ୍ରୀମାନେ ରାଜ୍ୟ ସରକାରଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସହ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ମହାସମାବେଶରେ ସାଲେପୁର ବ୍ଲକ୍ ବିଜୁ ଜନତା ଦଳ ମହିଳା ସଭାନେତ୍ରୀ ରାଜଶ୍ରୀ ଜେନା ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥିଭାବେ ରାଜ୍ୟ ଯୋଜନା ଓ ସଂଯୋଜନା ଦକ୍ଷତା ବିକାଶ ମନ୍ତ୍ରୀ ତଥା ଜିଲା ପର୍ଯ୍ୟବେକ୍ଷକ ଉଷାଦେବୀ ଯୋଗଦେଇ ରାଜ୍ୟ ସରକାର ମହିଳାମାନଙ୍କ ଉନ୍ନତି ପାଇଁ ବହୁବିଧ ଯୋଜନା ପ୍ରଣୟନ କରିଛନ୍ତି। ଏଥିଯୋଗୁ ମହିଳାଙ୍କ ସାମାଜିକ ଓ ଆର୍ଥିକସ୍ତରରେ ବିକାଶ ଘଟିଛି ବୋଲି ସେ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ ବିଜୁ ଜନତା ଦଳ ମହିଳା ସଭାନେତ୍ରୀ ତଥା ବିଧାୟିକା ପ୍ରମିଳା ମଲ୍ଲିକ୍ ଯୋଗଦେଇ ନବୀନ ସରକାରଙ୍କର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କେନ୍ଦ୍ର ସରକାର ରାଜ୍ୟରୁ ବିଭିନ୍ନ କ୍ଷେତ୍ରରେ ୧ଟଙ୍କାର ରାଜସ୍ୱ ନେଉଥିବା ବେଳେ ମାତ୍ର ୨୫ପଇସା ହାରରେ ଅର୍ଥପ୍ରଦାନ କରୁଛନ୍ତି ବୋଲି ସେ କହିଥିଲେ। ସମ୍ମାନିତ ଅତିଥିଭାବେ ସାଲେପୁର ନିର୍ବାଚନ ମଣ୍ଡଳୀର ବିଜେଡ଼ି ନେତା ପ୍ରାକ୍ତନ୍ ଜିଲା ପରିଷଦ ଅଧକ୍ଷ ପ୍ରଶାନ୍ତ ବେହେରା ଯୋଗଦେଇ ମହିଳାମାନଙ୍କ ପ୍ରଗତି ନିମନ୍ତେ ରାଜ୍ୟ ସରକାର ଅନ୍ତୁଡ଼ିଶାଳରୁ ଶ୍ମଶାନ ପର୍ଯ୍ୟନ୍ତ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ ଜିଲା ବିଜୁଜନତାଦଳ ମହିଳା ସଭାନେତ୍ରୀ ସୁଭଦ୍ରା ଦାସ, ଜିଲା ପରିଷଦ ଅଧକ୍ଷା ଜ୍ୟୋତିରେଖା ନାୟକ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ରାଜ୍ୟ ବିଜେଡ଼ି କାର୍ଯ୍ୟକାରିଣୀ ସଦସ୍ୟ ତଥା ବରିଷ୍ଠନେତା ଦିଲୀପ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ଜିଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଟାଙ୍ଗୀ ବ୍ଲକ୍ ଅଧକ୍ଷା ଜୟଶ୍ରୀ ପ୍ରଧାନ, ପିକୋଲ ସରପଞ୍ଚ ତଥା ଯୁବନେତା ରଣଜିତ୍ ଦାସ, ଜିଲା ପରିଷଦ ସଭ୍ୟ ଅଶୋକ କୁମାର ଭୂୟାଁ, ସୁବାଶିଷ ପ୍ରଧାନ, ବ୍ଲକ୍ ଉପାଧକ୍ଷ ରମେଶ ଚନ୍ଦ୍ର ଜେନା, ରଞ୍ଜିତା ସେଠୀ, ତୃପ୍ତିରେଖା ପରିଡ଼ା ସ୍ନେହଲତା ସ୍ୱାଇଁ, ସଞ୍ଜୁକ୍ତା ଭୂୟାଁ ଓ ଲକ୍ଷ୍ମୀପ୍ରିୟା ମହାରଣା ପ୍ରମୁଖ ଯୋଗଦେଇଥିଲେ। ଶେଷରେ ସାଲେପୁର ବ୍ଲକ୍ ବିଜେଡ଼ି କାର୍ଯ୍ୟକାରୀ ସଭାପତି ତଥା ଯୁବନେତା ନାରାୟଣ ପତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ମହିଳା ମହାସମାବେଶରେ ପ୍ରାୟ ୬ହଜାରରୁ ଊର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୭ ସେପ୍ଟେମ୍ବର, ୨୦୧୮



ସ୍ୱାସ୍ଥ୍ୟ ସବୁଠାରୁ ବଡ଼ ଉପହାର, ସନ୍ତୋଷ ସବୁଠାରୁ ବଡ଼ ସମ୍ପଦ ଏବଂ ବିଶ୍ୱସ୍ତତା ସବୁଠାରୁ ବଡ଼ ସମ୍ପର୍କ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ମହିଳା ଖବରଦାତାଙ୍କୁ ଆଇନଜୀବୀଙ୍କ ଦୁର୍ବ୍ୟବହାର

କଟକ ଅଫିସ,୨୬।୯: ମାଡ଼ ଘଟଣାକୁ ନେଇ ଆଇନଜୀବୀମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ବୁଧବାର ସେମାନେ ବିଭିନ୍ନ ସ୍ଥାନରେ ଆନ୍ଦୋଳନ କରିଥିଲେ। ଏ ସଂକ୍ରାନ୍ତରେ ଗଣମାଧ୍ୟମ ପ୍ରତିନିଧିମାନେ ଖବର ସଂଗ୍ରହ କରୁଥିଲେ। ତେବେ ହାଇକୋର୍ଟ ପରିସରରେ ଆନ୍ଦୋଳନ ଚାଲିଥିବାବେଳେ ଜଣେ କାର୍ଯ୍ୟରତ ମହିଳା ଖବରଦାତାଙ୍କୁ ଆଇନଜୀବୀମାନେ ଆକ୍ରମଣ ଓ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଦୁର୍ବ୍ୟବହାରର ଶିକାର ମହିଳା ଖବରଦାତା ହେଲେ ସ୍ନେହଲତା ମହାରଣା। ସେ ଏକ ଓଡ଼ିଆ ଦୈନିକ ଖବରକାଗଜର ସ୍ଥାନୀୟ ପ୍ରତିନିଧି। ଏନେଇ ସ୍ନେହଲତା ମର୍କତନଗର ଥାନାରେ ଲିଖିତ ଅଭିଯୋଗ କରିବା ସହ ଏସିପିଙ୍କୁ ଅବଗତ କରାଯାଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, ବୁଧବାର ହାଇକୋର୍ଟ ପରିସରରେ ଆଇନଜୀବୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଥିବାବେଳେ ସ୍ନେହଲତା ତାଙ୍କ ମୋବାଇଲରେ ଏହାର ଭିଡିଓ ଉତ୍ତୋଳନ କରୁଥିଲେ। ଫଳରେ କେତେଜଣ ଆଇନଜୀବୀ ତାଙ୍କୁ ବିରୋଧ କରିବା ସହ ଅଶ୍ଳୀଳ ଭାଷାରେ ତାଙ୍କୁ ଗାଳିଗୁଲଜ କରିଥିଲେ। ଏପରିକି ସେମାନେ ତାଙ୍କ ମୋବାଇଲ ଫୋନ୍ ଛଡାଇ ନେବାକୁ ଉଦ୍ୟମ କରୁଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି।

### ଇଦା ସରିୟା କାର୍ଯ୍ୟାଳୟ ଉଦ୍‌ଘାଟିତ

କଟକ ଅଫିସ, ୨୬।୯: ବୁଧବାର ତୁଳସୀପୁର ମସ୍‌ଜିଦ୍ ନିକଟରେ ଇଦା ସରିୟା ମୁସଲିମ ପର୍ସନାଲ ଲ କୋର୍ଟର ନୂତନ ଓଡ଼ିଶା ରାଜ୍ୟ କାର୍ଯ୍ୟାଳୟର ଉଦ୍‌ଘାଟିତ ହୋଇଛି । ଓଡ଼ିଶାର ମୁସଲିମ ଯୁବତୀ ଯୁବକମାନଙ୍କୁ ଇସଲାମିକ କାନୁନ୍ ଅନୁଯାୟୀ ବିବାହ (ନିକା) ଓ ତଲାକ୍ ବିଷୟରେ ଅବଗତ କରିବା ସହ ପାରିବାରିକ ନ୍ୟାୟ ପ୍ରଦାନ ପାଇଁ ଏହି ଇସ୍‌ଲାମିକ କୋର୍ଟ କାର୍ଯ୍ୟାଳୟର ପ୍ରତିଷ୍ଠା କରାଯାଇଛି । ଏହି ସଭାରେ ମୌଲାନା ଆସିକୁଲ କାଦ୍ରୀ ମିସବାହୀ, ମୁଫ୍‌ତି ମହସିନ ରଜା ସକାଫି (ଯୁଗ୍ମ-କାଜି), ଉପଦେଷ୍ଟା ମୌଲାନା ସାହାବୁଦ୍ଦିନ ବରକାତି, କର୍ପୋରେଟର ରମ୍‌ଜାନ୍ ଖାନ୍, ଶେଖ ମୁନ୍ତାକିମ୍ ବକ୍ସ, ଆୟୋଜକ ମହମ୍ମଦ ସବିର୍, ମୁଫ୍‌ତି ମୁସରଫ ରଜା ମିସ୍‌ବାହୀ (କାଜି), ମନୱାର ହୁସେନ ହବିବି, ଯୁଗ୍ମ ସମ୍ପାଦକ ମୌଲାନା ନିଜାମୁଦ୍ଦିନ ବରକାତି, ମୌଲାନା ସାହେଦିନ ମିସ୍‌ବାହୀ, ମହମ୍ମଦ ସାଦ୍ଦିକ ହୁସେନ୍ ପ୍ରମୁଖ ଉପସ୍ଥିତ ଥିଲେ । ସନ୍ଧ୍ୟାରେ କଟକ ସମେତ ବିଭିନ୍ନ ଅଞ୍ଚଳରୁ ମୁସଲିମମାନେ ସାମିଲ ହୋଇ ଇସ୍‌ଲାମିକ ପ୍ରବଚନ ସଭାରେ ଯୋଗ ଦେଇଛନ୍ତି । ଏହା ଓଡ଼ିଶାର ପ୍ରଥମ ଇସ୍‌ଲାମିକ ଇଦାରେ ସରିୟା କାର୍ଯ୍ୟାଳୟ ।

### ଫାଇଲେରିଆ ନିରାକରଣ ଅଭିଯାନର ଶୁଭାରମ୍ଭ

କଟକ ଅଫିସ,୨୬।୯: କଟକ ସେକ୍ଟର-୭ସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ବୁଧବାର ଫାଇଲେରିଆ ନିରାକରଣ ଅଭିଯାନ ଆରମ୍ଭ ହୋଇଯାଇଛି। ଏହି ଅଭିଯାନରେ ବାରବାଟୀ-କଟକ ବିଧାୟକ ଦେବାଶିଷ ସାମନ୍ତରାୟ ଯୋଗଦେଇ ଉପସ୍ଥିତ ଜନୈକ ବ୍ୟକ୍ତିଙ୍କୁ ଆଲବେନଡାଇଜଲ ବଟିକା ଖୁଆଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଏହି ଅଭିଯାନ ୨୮ ତାରିଖ ପର୍ଯ୍ୟନ୍ତ ସମଗ୍ର ଜିଲାରେ ଚାଲିବ । ଏଥିରେ ସିଏମ୍‌ସି ମେୟର ମୀନାକ୍ଷୀ ବେହେରା, କମିଶନର ଶରତ ଚନ୍ଦ୍ର ନାୟକ, ସିଡିଏମ୍‌ଓ ଡା. ବିଭୂତି ଭୂଷଣ ନାୟକ, ଏଡିଏମ୍‌ଓ ଡା. ବି.କେ. ମହଲା, ଏମ୍.କେ. କଲିମୁଲ୍ଲା, ମେଡିକାଲ ଅଫିସର ଡା. ଅମ୍ରିତା ନନ୍ଦ, ସିଏମ୍‌ସି ସ୍ୱାସ୍ଥ୍ୟ ଷ୍ଟାଣ୍ଡିଂ କମିଟି ଅଧକ୍ଷ ରଞ୍ଜନ ବିଶ୍ୱାଳ, ସ୍ଥାନୀୟ କର୍ପୋରେଟର ସୁପ୍ରିୟା ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ବିଜେଡିର ପ୍ରସ୍ତୁତି ବୈଠକ

ଫୁଲନଖରା,୨୬।୯(ଡି.ଏନ୍.ଏ.): ଅକ୍ଟୋବର ୨ରୁ ଆରମ୍ଭ ହେବାକୁ ଯାଉଛି ବିଜେଡିର ଜନସମ୍ପର୍କ ପଦଯାତ୍ରା । ଏନେଇ କଟକସଦର ବ୍ଲକ ବିଜେଡି ସଭାପତି ପ୍ରମୋଦ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ବୁଧବାର ତେଲଙ୍ଗାପେଣ୍ଠସ୍ଥିତ ଟୁଇନସିଟି କ୍ଲବରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟଅତିଥି ଭାବେ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ଯୋଗଦେଇ ଆରମ୍ଭ ହେବାକୁ ଥିବା ଜନସମ୍ପର୍କ ଯାତ୍ରା ତେଲଙ୍ଗାପେଣ୍ଠସ୍ଥିତ ଗାନ୍ଧୀସ୍ମୃତି ପୀଠରୁ ଆରମ୍ଭ ହୋଇ ଖଣ୍ଡେୟତା ପଞ୍ଚାୟତରେ ଶେଷ ହେବ ବୋଲି ଉପସ୍ଥିତ କର୍ମୀମାନଙ୍କୁ କହିଥିଲେ।

## ପୂଜା ପାଇଁ ସିଏମ୍‌ସିର ଦ୍ୱିତୀୟ ସ୍ୱତନ୍ତ୍ର ବୈଠକ

# ସମସ୍ୟା ଦୂର ହେଉ ନ ଥିବାରୁ ବର୍ଷିଲେ କର୍ପୋରେଟର

- ବୈଠକରେ ଖର୍ଚ୍ଚ ହେଲାଣି ଲକ୍ଷାଧିକ ଟଙ୍କା
- ଜାଇକାର ବେପରୁଆ କାର୍ଯ୍ୟକୁ ନେଇ ହୋହଲ୍ଲା
- ଉଠିଲା ଏଲ୍‌ଇଡି, ବିଶୁଦ୍ଧ ଜଳ ଯୋଗାଣ ପ୍ରସଙ୍ଗ

କଟକ ଅଫିସ,୨୬।୯

ଆସୁଛି ଦୁର୍ଗାପୂଜା। ଏଥିପାଇଁ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ବୁଧବାର ସିଏମ୍‌ସି କାର୍ଯ୍ୟାଳୟରେ ଦ୍ୱିତୀୟ ସ୍ୱତନ୍ତ୍ର ବୈଠକ ବସିଥିଲା। ହେଲେ ପୂର୍ବର ବୈଠକରେ ହୋଇଥିବା ନିଷ୍ପତ୍ତି ଓ ଅଭିଯୋଗ ନେଇ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଆରମ୍ଭରୁ କର୍ପୋରେଟରମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ହୋହଲ୍ଲା କରିଥିଲେ। ବିଶେଷକରି ଜାଇକାର ବେପରୁଆ କାର୍ଯ୍ୟକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏଥିସହ ସହରର ପରିମଳ ବ୍ୟବସ୍ଥାକୁ ନେଇ ପ୍ରଶ୍ନ କରିବା ସହ ଏଲ୍‌ଇଡି ଯୋଗାଣକାରୀ ସଂସ୍ଥାର ଓଡିଶା ମୁଖ୍ୟ ଓ ଜନସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କ ଉପରେ କର୍ପୋରେଟରମାନେ ଖୁବ୍ ବର୍ଷିଥିଲେ। କାହିଁକି ବାରମ୍ବାର ବୈଠକ ବସି ଅଯଥା ଟଙ୍କା ଶ୍ରାଦ୍ଧ କରାଯାଉଛି ବୋଲି ପ୍ରଶ୍ନ କରିଥିଲେ ପୂର୍ବତନ ମେୟର ନିବେଦିତା ପ୍ରଧାନ। ସେ କହିଲେ, ବୈଠକରେ ଯୋଗଦେବା ପାଇଁ ଜଣେ କର୍ପୋରେଟରଙ୍କୁ ୭୦୦ ଟଙ୍କା ଭତ୍ତା ଦିଆଯିବାର ବ୍ୟବସ୍ଥା ରହିଛି। ଏହି ହିସାବରେ ଦୁଇଟି ପୂଜା ବୈଠକରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ସରିଲାଣି। ହେଲେ ଏଯାଏ କେଉଁଠାରେ କାମ ଆରମ୍ଭ ହେଲାନାହିଁକି ଆଲୋଚିତ ସମସ୍ୟାର ସମାଧାନ କରାଗଲା ନାହିଁ।



ସିଏମ୍‌ସି ବୈଠକରେ ଉପସ୍ଥିତ ଅଧିକାରୀ ଓ କର୍ପୋରେଟରମାନେ।

ଜାଇକା କାମ ଚାଲିଥିବା ଅଞ୍ଚଳରେ ରାସ୍ତା ଅତ୍ୟନ୍ତ ଖରାପ ହୋଇପଡିଛି। ଯେଉଁଠି କାମ ସରିଛି ସେଠାରେ ମଧ୍ୟ ରାସ୍ତାଗୁଡିକୁ ମରାମତି କରାଯାଉନି। ଏପରିକି ଜାଇକାର ମନମୁଖୀ କାର୍ଯ୍ୟ ଯୋଗୁ ଏବେ ବିଭିନ୍ନ ରାସ୍ତାରେ ମାଟି ଧସିବା ସହ ବଡ଼ ବଡ଼ ଖାଲ ବିପଦର ଆଁ ମେଲିଲାରି। ସହରରେ ଅଧିକାଂଶ ଏଲ୍‌ଇଡି ଷ୍ଟ୍ରିଟ୍ ଲାଇଟ ଅଚଳ ହୋଇପଡିଛି। ପୂଜା ସମୟରେ ଭିଡ଼ ଭିତରେ ଲୋକଙ୍କ ଅବସ୍ଥା କ'ଣ ହେବ ବୋଲି କର୍ପୋରେଟରମାନେ ପ୍ରଶ୍ନ କରିବା ସହ ଗୃହ ମଧ୍ୟ ଭାଗକୁ ଆସି ପ୍ରବଳ ହୋହଲ୍ଲା କରିଥିଲେ। ଏହାପରେ ସିଏମ୍‌ସି କମିଶନର ଶରତ ଚନ୍ଦ୍ର ନାୟକ କହିଲେ, ସହରରେ ଜାଇକା ଏବଂ ଆର୍ ଆଣ୍ଡ୍ ବି ଅଧୀନରେ ଥିବା ୪୮ଟି ରୁଟ୍ ଚିହ୍ନଟ ହୋଇଛି। ଏହି ରୁଟ୍‌ରେ ଥିବା ରାସ୍ତାଘାଟର ସମସ୍ୟା ରହିଛି। ତେଣୁ ଆସନ୍ତା ୧୫ ତାରିଖ ମଧ୍ୟରେ ଉକ୍ତ ରାସ୍ତାଘାଟଗୁଡିକର ମରାମତି ସାରିବାକୁ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି କର୍ପୋରେଟର ଗିରିବାଳା ବେହେରା କହିଲେ ଯେ, ପୂର୍ବ ବୈଠକରେ ସହରରେ ଅଳିଆ ସଫେଇ ପାଇଁ ଯେତେ ସଂଖ୍ୟକ କର୍ମଚାରୀ ଏବଂ ଟ୍ରାକ୍ଟର ଦେବାକୁ କୁହାଯାଇଥିଲା, ତାହା ଏପର୍ଯ୍ୟନ୍ତ ଆରମ୍ଭ ହେଲା ନାହିଁ। ଦୁଇ ଦୁଇଥର ବୈଠକ ବସିବାର ଲାଭ କ'ଣ ବୋଲି ସେ ପ୍ରଶ୍ନ କରିଥିଲେ।

ଅନ୍ୟପକ୍ଷରେ ସହରର ପ୍ରତି ପୂଜାମଣ୍ଡପରେ କିଭଳି ପ୍ଲାଷ୍ଟିକ ବର୍ଜନ ସଚେତନତା କାର୍ଯ୍ୟକ୍ରମ ଫଳପ୍ରଦ ହେବ ସେ ସଂକ୍ରାନ୍ତରେ କିଛି ଆଲୋଚନା ହୋଇ ନ ଥିଲା। କିନ୍ତୁ କମିଶନର ଏହା ଉପରେ ଗୁରୁତ୍ୱ ଦେଇ ଗୁରୁବାରଠାରୁ ଅଳିଆ ଉଠାଇବା ପାଇଁ ପ୍ରତି ୱାର୍ଡକୁ କୁଲି ସୁଇପର ଏବଂ ୪ ଟ୍ରିପର ବ୍ୟବସ୍ଥା କରିବାକୁ ସିଏମ୍‌ସି ହେଲ୍‌ଥ ଅଫିସରଙ୍କୁ କହିଥିଲେ। ପୂଜା ଆରମ୍ଭ ପର୍ଯ୍ୟନ୍ତ ସବୁ କର୍ପୋରେଟରଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ ସମନ୍ୱୟ ରଖି କାମ କରିବେ ବୋଲି କମିଶନର ନିର୍ଦ୍ଦେଶ ଦେଇଥିଲେ। ତେବେ ଏହି ସ୍ୱତନ୍ତ୍ର ବୈଠକରେ ଏନଏଚଆଇ କର୍ତ୍ତୃପକ୍ଷ ଅନୁପସ୍ଥିତ ଥିଲେ। ତେଣୁ ମଧୁପାଟଣା ଶିଖରପୁର ଭଳି ଜାତୀୟ ରାଜପଥ କଡରେ ଥିବା କିଛି ପୂଜାମଣ୍ଡପରେ ଥିବା ସମସ୍ୟା ବିଷୟରେ ଆଲୋଚନା ହୋଇପାରି ନାହିଁ। ପୂର୍ବାହ୍ନ ୧୧ଟା ୩୦ରେ ଆରମ୍ଭ ହୋଇଥିବା ଏହି ବୈଠକ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ମେୟର ମିନାକ୍ଷୀ ବେହେରା, ଡେପୁଟି ମେୟର ଅଜୟ ବାରିକ, କମିଶନର ଶରତ ଚନ୍ଦ୍ର ନାୟକ, ହେଲ୍‌ଥ ଷ୍ଟାଣ୍ଡିଂ କମିଟି ଅଧକ୍ଷ ରଞ୍ଜନ ବିଶ୍ୱାଳ ଓ କର୍ପୋରେଟରଙ୍କ ସମେତ ଜାଇକା, ଜନସ୍ୱାସ୍ଥ୍ୟ ବିଭାଗ, ଏଲଇଡି ଲଗାଣକାରୀ ସଂସ୍ଥା, ଆର୍ ଆଣ୍ଡ୍ ବି, ସେସୁର ଅଧିକାରୀମାନେ ଉପସ୍ଥିତ ଥିଲେ।

### ସ୍କୁଟରରେ ସହର ବୁଲିଲେ ଜିଲାପାଳ

କଟକ ଅଫିସ, ୨୬।୯: କଟକ ସହରର ସମସ୍ୟା ବିଷୟରେ ଜାଣିବା ପାଇଁ ବୁଧବାର ସକାଳୁ କଟକ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଏକ ସ୍କୁଟରରେ ସହର ପରିକ୍ରମା କରିଛନ୍ତି। ଏହି ସମୟରେ ତାଙ୍କ ସହ ଥିଲେ ତାଙ୍କ ପିଏସଓ ଏବଂ ଆବାସିକ ଅଧିକାରୀ ପ୍ରବୋଧ ରାଉତ। ବିଡାନାସୀ, ସତୀଚଉରା, ଶେଖବଜାର, ଖଟବିନ ସାହି ଦେୱାନ ବଜାର, ଛତ୍ରବଜାର ଆଦି ଅଞ୍ଚଳ ବୁଲି ସହରର ପରିମଳ ବ୍ୟବସ୍ଥା, ରାସ୍ତାକଡ ଭେଣ୍ଡିଂଜୋନ ଏବଂ ରାସ୍ତାଘାଟ ସମସ୍ୟାର ରିଆଲିଟି ଚେକ କରିଥିଲେ। ସୂଚନା ଅନୁଯାୟୀ, ଅନ୍ୟ ସମୟରେ ଜିଲାପାଳ ବିଭାଗୀୟ ଅଧିକାରୀଙ୍କ ସହ କଟକ ସହରର ବୁଲି ଥିଲେ ମଧ୍ୟ ବାସ୍ତବିକ କିଛି ତଥ୍ୟ ମିଳିପାରୁ ନଥିଲା। ତେଣୁ ବୁଧବାର ନିଜ ଆକ୍ଟିଭା ସ୍କୁଟିରେ ସକାଳ ୮.୧୫ରୁ ନିଜ ଆବାସିକ କାର୍ଯ୍ୟାଳୟରୁ ବାହାରି ଦୁଇ ଘଣ୍ଟା ସହର ବୁଲିଛନ୍ତି ଜିଲାପାଳ ।

### ପ୍ଲାଷ୍ଟିକ, ପଲିଥିନ ବର୍ଜନ ସଚେତନତା କାର୍ଯ୍ୟକ୍ରମ

କଟକ ଅଫିସ, ୨୬।୯: ଆସନ୍ତା ୨ ତାରିଖ ଗାନ୍ଧୀ ଜୟନ୍ତୀରୁ ରାଜ୍ୟରେ ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର ବନ୍ଦ ହେବ। ଏହି ପରିପ୍ରେକ୍ଷୀରେ ଦେଉଳସାହିସ୍ଥିତ ରଘୁନାଥଜୀଉ ଜୁନିୟର ମହାବିଦ୍ୟାଳୟ ପକ୍ଷରୁ ବୁଧବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଅଧକ୍ଷା ଅନିମା ଜେନା ଅଧକ୍ଷତା କରି ପ୍ଲାଷ୍ଟିକ ଓ ପଲିଥିନ ହିଁ ରୋଗର କାରଣ ବୋଲି କହିଥିଲେ। ଦୈନନ୍ଦିନ ଜୀବନରେ ଯଥାସମ୍ଭବ ପଲିଥିନଠାରୁ ମୁକ୍ତ ରହିବା ସହିତ ସମାଜକୁ ସୁସ୍ଥ ରଖିବାକୁ ସେ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ପରିବେଶବିତ ତଥା ପୂର୍ବତନ ଅଧକ୍ଷ ପ୍ରତାପ କିଶୋର ମହାନ୍ତି ଯୋଗଦେଇ ଆଧୁନିକ ମଣିଷ କିପରି ନିଜ ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକ ଏବଂ ପଲିଥିନ ବ୍ୟବହାର କରି ନିଜ ପାଇଁ ତଥା ସମାଜ ପାଇଁ ଭୟଙ୍କର ବିପଦକୁ ଆମନ୍ତ୍ରଣ କରୁଛି ସେ ସମ୍ପର୍କରେ କହିଥିଲେ। ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ଅଧ୍ୟାପକ ପ୍ରଶାନ୍ତ କୁମାର ପ୍ରଧାନ ସ୍ୱାଗତ ଭାଷଣରେ ଛାତ୍ରୀଛାତ୍ରଙ୍କୁ ପଲିଥିନଠାରୁ ନିଜକୁ ଦୂରେଇ ରଖିବାକୁ କହିଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ମୀରା ବେଉରା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ବରିଷ୍ଠ ଅଧ୍ୟାପକ ସାରଦାକାନ୍ତ ମିଶ୍ର ଏବଂ ଡ. ରବିନାରାୟଣ ମହାରଣା ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ରଞ୍ଜନ ଜେନା, ପ୍ରଶାନ୍ତ ଦାସ, ନରେନ୍ଦ୍ର ଶର୍ମା, ଅଧ୍ୟାପିକା ସୁଦୀପ୍ତା ଦାସ, ସସ୍ମିତା ରଥ, ନବନିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପିକା ଡ. ସ୍ନେହଲତା ମିଶ୍ର ଧନ୍ୟବାଦ ଦେଇଥିଲେ।

## ସ୍ୱାଧୀନତା ସଂଗ୍ରାମୀ ଦୋଳଗୋବିନ୍ଦଙ୍କ ସ୍ମୃତିସଭା



ରାଜ୍ୟପାଳ ପ୍ରଫେସର ଗଣେଶି ଲାଲ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି।

କଟକ ସଦର,୨୬।୯(ଡି.ଏନ୍.ଏ.)

ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମନ୍ତ୍ରୀ ଦୋଳଗୋବିନ୍ଦ ପ୍ରଧାନଙ୍କ ଏକାଦଶାହ ଉପଲକ୍ଷେ ବୁଧବାର ଡିହସାହି(ଗତିରାଉତପାଟଣା) ଠାରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟପାଳ ପ୍ରଫେସର ଗଣେଶି ଲାଲ ଯୋଗଦେଇ ସ୍ୱର୍ଗତ ପ୍ରଧାନଙ୍କ ଫଟୋରେ ମାଲ୍ୟାର୍ପଣ କରିବା ସହ ସ୍ମୃତିରେ ଲିଖିତ 'ସଦର ଗାନ୍ଧୀ' ନାମକ ଏକ ପୁସ୍ତକ ଉନ୍ମୋଚନ କରିଥିଲେ। ଏହାପରେ ସ୍ୱର୍ଗତ ପ୍ରଧାନଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ରତ୍ନାକର ବେହେରା, ଉଗ୍ରେସନ ଭୂୟାଁ, ସରପଞ୍ଚ ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଦୋଳଗୋବିନ୍ଦ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ଲୁଟ୍: ଜଣେ ଗିରଫ

କଟକ ସଦର,୨୬।୯(ଡି.ଏନ୍.ଏ.)

ସୁନା ଅଳଙ୍କାର ଲୁଟ୍ କରିଥିବା ଅଭିଯୋଗରେ କିଶୋରନଗର ଥାନା ପୋଲିସ ବୁଧବାର ଜଣଙ୍କୁ ଗିରଫ କରିଛି। ସେ ହେଲେ ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ବନ୍ଧମୁଣ୍ଡା ଅଞ୍ଚଳର ଶରତ ସାହୁ। ସୂଚନା ଥାଉକି, ଗତ ରବିବାର ଶରତ ଏକ ବାଇକ୍‌ରେ ଏହି ଥାନା ଅଧୀନ ଶୋଗଲ ଗ୍ରାମର ପ୍ରମୋଦ ମଲ୍ଲିକଙ୍କ ଘରେ ପହଞ୍ଚିଥିଲେ। ସୁନା ଅଳଙ୍କାର ସଫା କରିବା ଆଳରେ ଚଞ୍ଚକତା କରି ପ୍ରମୋଦଙ୍କ ଘରୁ ସୁନା ନେଇ ପଳାଇଥିଲେ। ଏ ସମ୍ପର୍କରେ ଥାନାରେ ମାମଲା (ନଂ. ୧୨୦/୧୮)ରୁଜୁ ହୋଇଥିଲା।



ମହିଳାଙ୍କ ପ୍ରତି ଆକ୍ଷେପମୂଳକ ମନ୍ତବ୍ୟ ଦେଇଥିବା ଅଭିଯୋଗରେ ବୁଧବାର ବାଦାମବାଡି ଠାରେ କଟକ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

## ଭାଗବତ ଜନ୍ମ ଉତ୍ସବରେ ଶଙ୍କରାଚାର୍ଯ୍ୟ

କଟକ ଅଫିସ, ୨୬।୯

୨୫ତମ ଭାଗବତ ଜନ୍ମଉତ୍ସବ ତେଲେଙ୍ଗାବଜାରସ୍ଥିତ ରଘୁନାଥଜୀଉ ମନ୍ଦିରରେ ବୁଧବାର ପାଳିତ ହୋଇଯାଇଛି। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ପୁରୀ ଗୋବର୍ଦ୍ଧନ ପୀଠ ମହାଧୀଶ ଜଗତଗୁରୁ ଶଙ୍କରାଚାର୍ଯ୍ୟ। ଦୀର୍ଘ ୨୪ବର୍ଷ ଧରି ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିଆସୁଥିବା ଆୟୋଜକମାନଙ୍କୁ ଶଙ୍କରାଚାର୍ଯ୍ୟ ଆର୍ଶୀବାଦ ଦେଇଥିଲେ। ସେହିଭଳି ଅନ୍ୟତମ ଅତିଥି ଭାବେ ସ୍ୱାମୀ ଅସୀମାନନ୍ଦ ସରସ୍ୱତୀ ଯୋଗଦେଇ ଘରେ ଘରେ ଭାଗବତ ପାଠର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏହି ଅବସରରେ ଡ. ଗୋପାଳ ବାରିକଙ୍କ ଦ୍ୱାରା ଲିଖିତ ଆଧ୍ୟାତ୍ମିକ ପୁସ୍ତକ 'ତୁମ୍ଭ ଇଚ୍ଛା ପୂର୍ଣ୍ଣ ହେଉ' ଉନ୍ମୋଚିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମେୟର ମିନାକ୍ଷୀ ବେହେରା, ବରିଷ୍ଠ ଆଇନଜୀବୀ ଅଶୋକ ମହାପାତ୍ର, ବରିଷ୍ଠ ଖବରଦାତା ଦୀପେଶ ମହାପାତ୍ର ଏବଂ ବରିଷ୍ଠ ଡାକ୍ତର ଦୁର୍ଗାଚରଣ ଦାଶ ଯୋଗଦେଇଥିଲେ।

## ବ୍ୟବସାୟୀ ଦିଲୀପ ସାହୁ ହତ୍ୟା ଘଟଣା

# ଅଜିତ୍‌ଙ୍କ ବନ୍ଧୁକ ବୋଲି ସ୍ପଷ୍ଟ କଲା ପୋଲିସ

କଟକ ଅଫିସ, ୨୬।୯

ଟଙ୍କା ଦେଣନେଣକୁ ନେଇ ରବିବାର ପୁରୀଘାଟ ଥାନା ଅନ୍ତର୍ଗତ ପିଠାପୁର କୋଠାସାହି ଅଞ୍ଚଳରେ ଦିଲୀପ ସାହୁ (୩୫)ଙ୍କୁ ଗୁଳିମାଡ଼ ହୋଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ହତ୍ୟାକାଣ୍ଡକୁ ୪ ଦିନ ବିତିଯାଇଥିଲେ ମଧ୍ୟ ଏଯାଏ ମୁଖ୍ୟ ଅଭିଯୁକ୍ତ ଅଜିତ ଜେନାଙ୍କ ପାଖରେ ପହଞ୍ଚି ପାରିନି ପୋଲିସ। ଅଜିତ୍ କୌଣସି ଫୋନ୍ ବ୍ୟବହାର କରୁ ନ ଥିବାରୁ ଟ୍ରାକ୍ କରାଯାଇ ପାରୁ ନ ଥିବା କହୁଛି। ତେବେ ଅଜିତ୍ ହିଁ ଦିଲୀପଙ୍କ ଉପରକୁ ଗୁଳି କରିଥିବା ପୋଲିସ ସ୍ପଷ୍ଟ କରିଛି। ଅଜିତ୍‌ଙ୍କ ପରିବାର ଲୋକଙ୍କୁ ପଚରାଉଚରା ପରେ ଉକ୍ତ ବନ୍ଧୁକ ଅଜିତ୍‌ଙ୍କର ବୋଲି ଜଣାପଡିଛି। ବେଆଇନ ଭାବେ ବନ୍ଧୁକ କିଣି ଅଜିତ୍ ପାଖରେ ରଖିଥିବା ପରିବାର ଲୋକ ସୂଚନା ଦେଇଥିବା ପୋଲିସ କହିଛି। ତାଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଥିବାବେଳେ ବୁଧବାର କଟକରେ ରହୁଥିବା ଦୁଇ ସହଯୋଗୀଙ୍କୁ ପୋଲିସ ପଚରାଉଚରା କରିଛି। ଅଜିତ୍ କଟକ ଛାଡି ଅନ୍ୟ କେଉଁଆଡେ ପଳାଇ ଯାଇଥିବା ପୋଲିସ ସନ୍ଦେହ କରୁଛି। ଶୀଘ୍ର ତାଙ୍କୁ ଗିରଫ କରାଯିବ ବୋଲି ପୁରୀଘାଟ ଥାନା ଅଧିକାରୀ ରଶ୍ମୀ ରଞ୍ଜନ ସାହୁ କହିଛନ୍ତି। ଏପଟେ ଦିଲୀପଙ୍କ ପାଇଁ ପିଠାପୁର ଥାନା ଭଗତପୁର ଅଞ୍ଚଳର ଲୋକେ ମହମବତୀ ଶୋଭାଯାତ୍ରା କରିଛନ୍ତି। ଦିଲୀପଙ୍କ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ କରିବାକୁ ସେମାନେ ଦାବି କରିଛନ୍ତି। ସୂଚନାଯୋଗ୍ୟ, ବର୍ଷକ ତଳେ ଦିଲୀପଙ୍କଠାରୁ ଅଜିତ୍ ୫ ଲକ୍ଷ ଟଙ୍କା ଧାର ନେଇଥିଲେ। ମାତ୍ର ଅଜିତ ଉକ୍ତ ଟଙ୍କା ପରିଶୋଧ ନ କରିବାରୁ ଉଭୟଙ୍କ ମଧ୍ୟରେ ଥିବା ସମ୍ପର୍କରେ ତିକ୍ତତା ଆସିଥିଲା। ରବିବାର ଦିଲୀପ ଟଙ୍କା ଆଣିବା ପାଇଁ ଅଜିତ୍‌ଙ୍କ ଘରକୁ ଯାଇଥିଲେ। ମାତ୍ର ଅଜିତ୍ ଟଙ୍କା ଦେଇ ନ ଥିଲେ। ଏହାକୁ ନେଇ ଅଜିତ ଓ ଦିଲୀପଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଅଜିତ ଉତ୍ତେଜିତ ହୋଇ ଦିଲୀପଙ୍କ ଉପରକୁ ଦୁଇ ରାଉଣ୍ଡ୍ ଗୁଳି ଚଳାଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବନ୍ଧୁକ ଓ ଖୋକା ଜବତ କରିବା ସହ ଦିଲୀପଙ୍କୁ ଏସ୍‌ସିବି ମେଡିକାଲକୁ ନେଇଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।







କଟକ ଚାଉଳିଆଗଞ୍ଜ ଅଞ୍ଚଳରେ ବୁଧବାର ଅନୁଷ୍ଠିତ ଖୁଦୁରୁକୁଣୀ ମେଳନ ପରେ ବିସର୍ଜନ ପାଇଁ ମୃଣ୍ମୟ ପ୍ରତିମାଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୭ ସେପ୍ଟେମ୍ବର, ୨୦୧୮



ସ୍ୱାସ୍ଥ୍ୟ ସବୁଠାରୁ ବଡ଼ ଉପହାର, ସନ୍ତୋଷ ସବୁଠାରୁ ବଡ଼ ସମ୍ପଦ ଏବଂ ବିଶ୍ୱସ୍ତତା ସବୁଠାରୁ ବଡ଼ ସମ୍ପର୍କ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ବଜ୍ରପାତରେ ୬ ଗାଈ ମୃତ

**ବୋଲଗଡ଼,୨୬।୯ (ଡି.ଏନ.ଏ.):** ବୋଲଗଡ଼ ବ୍ଲକରେ ବୁଧବାର ଅପରାହ୍ନରେ ବଜ୍ରପାତ ଘଟି ୬ଟି ଗାଈ ପ୍ରାଣ ହରାଇଛନ୍ତି। ପିଚୁକୁଳି ପଞ୍ଚାୟତ ଟିକାତାଳ ଗ୍ରାମ ନିକଟ ଆମ୍ବତୋଟାଠାରେ ୫ଟି ଗାଈ ଚରୁଥିବା ବେଳେ ବଜ୍ରପାତ ଯୋଗୁ ସେମାନଙ୍କ ମୃତ୍ୟୁ ଘଟିଛି। ଟିକାତାଳ ଗ୍ରାମର ସୁନିଲ ମହାକୁଡ଼, ସୁରେଶ ମହାକୁଡ଼, ବିରଞ୍ଚି ବେହେରା, ବାବୁଲି ବେହେରା ଓ ମିଛୁ ବେହେରାଙ୍କ ଗୋଟିଏ ଲେଖାଏଁ ଗାଈ ମରିଯାଇଛନ୍ତି । ସେହିପରି ବାଙ୍କୋଇ ଗ୍ରାମ ନିକଟରେ ବଜ୍ରପାତ ଘଟି ସେହି ଗ୍ରାମର ଉଲା ବେହେରାଙ୍କ ଗୋଟିଏ ଗାଈର ମୃତ୍ୟୁ ଘଟିଛି।

### ହୁଣ୍ଡିରୁ ଚୋରି, ଯୁବକ ଗିରଫ

**ଖୋର୍ଦ୍ଧା ଅଫିସ,୨୬।୯:** ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି କରିବା ଅଭିଯୋଗରେ ବାଣପୁର ପୋଲିସ ବୁଧବାର ଗୁପ୍ତେଶ୍ୱର ରୋଡର ବିନୋଦ ଘଡାଇକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ବିନୋଦଙ୍କୁ ଜେଲ ଯିବାକୁ ପଡିଛି। ଅପରପକ୍ଷେ ହୁଣ୍ଡି ଭାଙ୍ଗିବାରେ ବ୍ୟବହୃତ ଶାବଳକୁ ପୋଲିସ ଜବତ କରିଛି। ଗତ ୬ ତାରିଖ ରାତ୍ରିରେ ଗାଲୁଆ ପଞ୍ଚାୟତସ୍ଥିତ ଶୈବପୀଠ ଗୁପ୍ତେଶ୍ୱର ଦେବଙ୍କ ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି ହୋଇଥିଲା। ଗାଲୁଆ ଗ୍ରାମର ପ୍ରଫୁଲ୍ଲ ହରିଚନ୍ଦନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା।

### ସଂଶୋଧିତ ପେନ୍‌ସନ ନିର୍ଦ୍ଧାରଣରେ ବିଳମ୍ବ

**ଟାଙ୍ଗୀ(ଖୋର୍ଦ୍ଧା),୨୬।୯(ଡି.ଏନ.ଏ.):** ଟାଙ୍ଗୀ ୟୁକୋ ବ୍ୟାଙ୍କ ତରଫରୁ ପେନ୍‌ସନଭୋଗୀଙ୍କ ସଂଶୋଧିତ ହାରରେ ପେନ୍‌ସନ୍ ନିର୍ଦ୍ଧାରଣକୁ ବିଳମ୍ବ କରାଯାଉଥିବା ଅଭିଯୋଗ ହେଉଛି। ଅଧିକ ବୟସ୍କ ପେନ୍‌ସନଭୋଗୀମାନେ ମାନସିକସ୍ତରେ ନିଜକୁ ଅସହାୟ ମଣୁଛନ୍ତି । କଣ୍ଟ୍ରୋଲର ଅଫ୍ ଆକାଉଣ୍ଟ୍‌ସରୁ ସଂଶୋଧିତ ହୋଇ ପେନ୍‌ସନ କାଗଜପତ୍ର ବ୍ୟାଙ୍କକୁ ଆସିଥିଲେ ମଧ ତାହା ନିର୍ଦ୍ଧାରଣ କରାଯାଉନାହିଁ । ଏହି ଘଟଣା ସମ୍ପର୍କରେ ଶାଖା ପରିଚାଳକ ରିମିଝିମି ରାଉତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ ଏକା ସାଙ୍ଗରେ କରାଯିବ ବୋଲି ସେ ପ୍ରକାଶ କରିଥିଲେ।

### ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ ଶିବିର

**ଖୋର୍ଦ୍ଧା ଅଫିସ,୨୬।୯:** ବାଣପୁର ଗୋଦାବରୀଶ ବିଦ୍ୟାପୀଠ ପରିସରରେ ୧୮ଟି ସ୍କୁଲର ୨୪ଜଣ ପ୍ରଶିକ୍ଷାର୍ଥୀଙ୍କୁ ନେଇ ମଙ୍ଗଳବାର ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବିଜୟ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରକୁ ବାଣପୁର ବିଇଓ ପ୍ରଫୁଲ୍ଲ ଚନ୍ଦ୍ର ବଳିୟାରସିଂହ ଉଦ୍‌ଘାଟନ କରିଥିଲେ। ଏଥିରେ ସେଣ୍ଟଜନ୍ ଆମ୍ବୁଲାନ୍ସ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଦୁଇ ପ୍ରଶିକ୍ଷକ ଦିଲୀପ କୁମାର ମିଶ୍ର ଓ ଅନନ୍ତ ଚରଣ ଖଟେଇ ଯୋଗଦେଇ ପାଣିରେ ବୁଡିଯିବା, ପିଲାମାନେ ପଡିଯିବା, ବଜ୍ରାପାତ, ବିଦ୍ୟୁତ ଆଘାତ, ଦୁର୍ଘଟଣା ଓ ଫିଟ୍‌ସ୍ ଆଦି ବିଭିନ୍ନ ଦୁର୍ଘଟଣାରେ ଆହତଙ୍କ କିପରି ଆଶୁ ଚିକିତ୍ସା କରାଯାଇ ପାରିବ ସେ ନେଇ ପ୍ରଶିକ୍ଷଣ ଦେଇଛନ୍ତି।

### ଭାଗବତ ଜନ୍ମୋତ୍ସବ

**ବେଗୁନିଆ,୨୬।୯(ଡି.ଏନ.ଏ.):** ଭାଦ୍ରବ ମାସ ଶୁକ୍ଳପକ୍ଷ ପୂର୍ଣ୍ଣମୀ ତଥା ଇନ୍ଦୁ ପୂର୍ଣ୍ଣମୀ ଦିନ ପ୍ରତିବର୍ଷ ପାଳନ ହୋଇଥାଏ ଭାଗବତ ଜନ୍ମୋତ୍ସବ। ଏହିଦିନ ମହାନ ଶାସ୍ତ୍ର ତଥା ଅଷ୍ଟାଦଶ ପୁରାଣ ମଧ୍ୟରେ ଶ୍ରେଷ୍ଠ କୁହାଯାଉଥିବା 'ଭାଗବତ' ରଚନାର ଶୁଭାରମ୍ଭ ହୋଇଥିଲା। ତେବେ ମଙ୍ଗଳବାର ଭାରତବର୍ଷରେ ଏହି ପର୍ବକୁ ଭାଗବତ ଟୁଙ୍ଗି, ମନ୍ଦିର, ମଠ ଓ ଘରେ ଘରେ ଆଡମ୍ବର ସହ ପାଳନ କରାଯିବା ସହ ବେଗୁନିଆ ବ୍ଲକ ଅଞ୍ଚଳରେ ପାଳନ କରାଯାଇଛି। ଏଥିପାଇଁ ପୁରପଲ୍ଲୀରେ ଉତ୍ସବର ମାହୋଲ ଦେଖାଦେଇଥିଲା। ହେଲେ ବ୍ଲକରେ ଥିବା ୨୧୪ଟି ଭାଗବତ ଟୁଙ୍ଗି ମଧ୍ୟରୁ ପ୍ରାୟ ୪୨ଟି ଟୁଙ୍ଗୀ ସତା ହରାଇ ବସିଛି। ମାତ୍ର ସରକାରଙ୍କ ପକ୍ଷରୁ ୨୦୧୫-୧୬ ଆର୍ଥିକ ବର୍ଷରେ ଭାଗବତ ଟୁଙ୍ଗୀ ପୁନରୁଦ୍ଧାର ପାଇଁ ପ୍ରଥମ ପର୍ଯ୍ୟାୟରେ ଆସିଥିବା ୭ଟି ଟୁଙ୍ଗିର ଅନୁଦାନ ଅର୍ଥ ବ୍ଲକ ପକ୍ଷରୁ ଏଯାଏ ଖର୍ଚ୍ଚ କରାଯାଉ ନ ଥିବାରୁ ବିଭିନ୍ନ ମହଲରୁ କ୍ଷୋଭ ପ୍ରକାଶ ପାଇଛି। ବେଗୁନିଆ, ବାଘମାରୀ, ସିକୋ, ତୁଳସୀପୁର, ଛତ୍ରପଡା, ବଡବେରଣା, କର୍ଣ୍ଣବାଡ, ସିମୋର ଆଦି ଗ୍ରାମରେ ଥିବା ଭାଗବତ ଟୁଙ୍ଗୀରେ ଆଡମ୍ବର ସହ ଏହି ପର୍ବ ପାଳନ କରାଯାଇଥିଲା। ଅନ୍ୟପକ୍ଷରେ କେତେକ ଗ୍ରାମରେ ଟୁଙ୍ଗି ସତା ହରାଇଥିଲେ ମଧ ଭାଗବତ ପ୍ରେମୀମାନେ ଏହି ପର୍ବକୁ ଉତ୍ସାହ ସହ ପାଳନ କରିଥିବା ଦେଖିବାକୁ ମିଳିଥିଲା।

## ମତ୍ସ୍ୟଜୀବୀଙ୍କ ୭ଦଫା ଦାବି ପୂରଣ ହେଲାନି

# ଘେରିଲେ ଚିଲିକା ବ୍ଲକ, ତହସିଲ

**ଖୋର୍ଦ୍ଧା ଅଫିସ/ବାଲୁଗାଁ, ୨୬।୯(ଡି.ଏନ.ଏ.)**

୭ଦଫା ଦାବି ପୂରଣ ନ ହେବାରୁ ଚିଲିକା ମତ୍ସ୍ୟଜୀବୀ ମହାସଂଘ ପକ୍ଷରୁ ବୁଧବାର ଆଇନ ଅମାନ୍ୟ ଆନ୍ଦୋଳନ କରି ଚିଲିକା ବ୍ଲକ ଓ ତହସିଲ ଏକା ସମୟରେ ଘେରାଉ କରିଛନ୍ତି। ଶହଶହ ମତ୍ସ୍ୟଜୀବୀ ମହିଳାପୁରୁଷ ସରକାରୀ ବିରୋଧୀ ସ୍ଲୋଗାନ ଦେଇଥିଲେ। ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇଥିବା ବିକ୍ଷୋଭ ସମାବେଶ ଅପରାହ୍ନ ୩ଟାରେ ଶେଷ ହୋଇଥିଲା। ତେବେ ବ୍ରହ୍ମଗିରି ବିଧାୟକ ସଞ୍ଜୟ ଦାଶବର୍ମାଙ୍କ ଉପରେ ଆନ୍ଦୋଳନକାରୀ ବର୍ଷି ତାଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। ଆନ୍ଦୋଳନକାରୀମାନେ ତହସିଲଦାର ଓ ବିଡିଓଙ୍କୁ ସ୍ମାରକପତ୍ର ଦେଇ ଆନ୍ଦୋଳନ ପ୍ରତ୍ୟାହୃତ କରିଛନ୍ତି। ଏଥିସହ ଘୋଷଣା କରିଛନ୍ତି ଆସନ୍ତା ୨୮ ତାରିଖରେ ନିଷେଧାଦେଶ ନଳବଣରେ ସମାବେଶ ହେବ। ନଈରୀର ଚିଲିକା ଘାଟଠାରୁ ଏକ ବିଶାଳ ନୌଯାତ୍ରାରେ ବିକ୍ଷୋଭ ଶୋଭାଯାତ୍ରା ଆରମ୍ଭ ହୋଇ ନଳବଣରେ ଶେଷ ହେବ। ଅଭିଯୋଗକାରୀମାନେ ପୁରୁଣା ଦାବିକୁ ଦୋହରାଇ ଆନ୍ଦୋଳନକୁ ତ୍ୱରାନ୍ୱିତ କରିଛନ୍ତି।

ଅଭିଯୋଗ ଅନୁସାରେ, ବିଧାନସଭା ମୌସୁମୀ ଅଧିବେଶନରେ ଚିଲିକା ବିଲ୍ ଗୃହୀତ କରାଇବାର ଦାବି ରହିଛି। ସେହିଭଳି ସମୁଦ୍ରରୁ ଚିଲିକାକୁ ସଂଯୋଗ ହୋଇଥିବା ଅରଖକୁଦା ମୁହାଣ, ପାଲୁରୁ କେନାଲରୁ ଆଲିମ ଓ ସରୁ ଜାଲ ଉଚ୍ଛେଦ ପରି ଅନୁରୂପ ଦାବି ରହିଛି। ଅପରପକ୍ଷେ ଦହିଖିଆ ନାଳଠାରୁ ଟାଟା ବନ୍ଧ, ସିଡୁଆ ନାଳଠାରୁ ମଗର ମୁଖି ନାଳ, ସିଆଣ୍ଡି ନାଳଠାରୁ କଳାଖାଇ ନାଳ ଏବଂ ଚିଲିକାରୁ ସରୁ ଓ ମଶାରି ଜାଲ ଉଚ୍ଛେଦ କରି ମତ୍ସ୍ୟ ଉତ୍ପାଦନ ବୃଦ୍ଧି କରାଇବା ଦାବି ମଧ ରହିଛି। ମତ୍ସ୍ୟଜୀବୀଙ୍କର ନ୍ୟାଯ୍ୟ ଦାବି ଚିଲିକାରୁ ବେଆଇନ ଚିଙ୍ଗୁଡି ଘେରି ସୈରାତ ଘୋଷଣା କରିଥିବା ପ୍ରକ୍ରିୟାକୁ ରାଜ୍ୟ ସରକାର ବନ୍ଦ କରିବା, ବେଆଇନ ଚିଙ୍ଗୁଡି ଘେରି ଉଚ୍ଛେଦ ଓ ବନ୍ଧ ଘେରି ଉଚ୍ଛେଦ ଅନୁରୂପ ଦାବି ରହିଛି। ଦାବିଗୁଡିକ ନେଇ ନିକଟରେ ସରକାରଙ୍କୁ ଅବଗତ କରାଯାଇଥିଲେ ମଧ ସୁଫଳ ମିଳିଲା ନାହିଁ। ଦାବି ପୂରଣ ନ ହେବାରୁ ସରକାର ଦାୟୀ ରହିବେ ବୋଲି ଆନ୍ଦୋଳନରତ ମତ୍ସ୍ୟଜୀବୀମାନେ ବୁଧବାର ଚେତାବନୀ ଦେଇଛନ୍ତି। ଆନ୍ଦୋଳନସ୍ଥଳରେ ପ୍ରତିବାଦ ସଭାରେ କହିଥିଲେ, ଚିଲିକାରେ ମାଛ ମାରିବାରେ ମତ୍ସ୍ୟଜୀବୀମାନଙ୍କୁ ଏକକ ଅଧିକାର ଦିଆଯାଉ। ସେହିଭଳି ଚିଲିକାରେ ଚିଙ୍ଗୁଡି ମାଫିଆଙ୍କ ଦୌରାତ୍ମ୍ୟ ଏଯାଏଁ ରହିଛି। ଏହାରି ପଛରେ ନ୍ୟସ୍ତସ୍ୱାର୍ଥ ରାଜନେତା ଓ ପ୍ରଶାସକ ରହିଥିବାରୁ ମତ୍ସ୍ୟଜୀବୀଙ୍କ ଦାବି ପୂରଣରେ ଅନ୍ତରାୟ ସୃଷ୍ଟି ହେଉଛି। ଏଣୁ ମହାସଂଘ ପକ୍ଷରୁ ଆନ୍ଦୋଳନକୁ ତ୍ୱରାନ୍ୱିତ କରାଗଲା। ଚିଲିକା ମତ୍ସ୍ୟଜୀବୀ ମହାସଭାର ସଭାପତି ରବୀନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ସମ୍ପାଦକ ଦୁଃଖିଶ୍ୟାମ ବେହେରା, ମତ୍ସ୍ୟଜୀବୀ ନେତା ବସନ୍ତ ନାୟକ, ପରେଶ ଜାଲି, ମହାଦେବ ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା, ଇନ୍ଦ୍ରମଣି ବେହେରା, ଦୁଃଖିଶ୍ୟାମ ଜାଲି ଓ ଦୁଃଖିରାମ ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ।

**୨୮ ତାରିଖରେ ନଳବଣରେ ସମାବେଶ**



ଚିଲିକା ବ୍ଲକ ଓ ତହସିଲ ସମ୍ମୁଖରେ ମତ୍ସ୍ୟଜୀବୀଙ୍କ ବିକ୍ଷୋଭ।

# ବଧୂ ହତ୍ୟା, ଶ୍ୱଶୁର ଗିରଫ

**ଟାଙ୍ଗୀ(ଖୋର୍ଦ୍ଧା)/ରଣପୁର, ୨୬।୯(ଡି.ଏନ.ଏ.)**

ନୟାଗଡ଼ ଜିଲା ଚାନ୍ଦପୁର ଥାନା ଅନ୍ତର୍ଗତ ଖଣ୍ଡିସି ଗ୍ରାମରେ ମଙ୍ଗଳବାର ରାତିରେ ଜଣେ ବଧୂଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ବଧୂଙ୍କ ବାପଘର ଓସ୍ତପଡ଼ା ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ଚାନ୍ଦପୁର ଥାନାରେ ଝିଅର ମାଆ ତୁଳସୀ ଯେନାଙ୍କ ଲିଖିତ ଅଭିଯୋଗରୁ ପ୍ରକାଶ ଯେ ଖାଡ଼ପଡ଼ା ପଞ୍ଚାୟତର ଖଣ୍ଡିସି ଗ୍ରାମର ବିଦ୍ୟାଧର ଯେନାଙ୍କ ପୁଅ ହେଉଛନ୍ତି ଆଲୋକ ଯେନା (୨୫)। ସେ ଓସ୍ତପଡ଼ା ଗ୍ରାମର ଗୋବିନ୍ଦ ଶ୍ରୀଚନ୍ଦନଙ୍କ ବଡ ଝିଅ ସରିତା ଶ୍ରୀଚନ୍ଦନ (୨୦)ଙ୍କୁ ଗତ ଦେଡବର୍ଷ ତଳେ ବିବାହ କରିଥିଲେ। ଯୌତୁକ ବାବଦକୁ ବାପଘର ପକ୍ଷରୁ ଅନେକ ସାମଗ୍ରୀ ଦିଆଯାଇଥିଲେ ମଧ ଅଧିକ ଯୌତୁକ ଆଣିବା ପାଇଁ ସରିତାଙ୍କ ଉପରେ ଶ୍ୱଶୂର ଘର ଲୋକେ ଚାପ ପକାଇ ଆସୁଥିଲେ । ସରିତାଙ୍କୁ ମାଡ, ଗାଳି ଆଦି ନିର୍ଯାତନା ଦିଆଯାଉଥିବା କୁହାଯାଇଛି। ତେବେ ଅଧିକ ନିର୍ଯାତନା ସହି ନ ପାରି ସରିତା ତା ବାପଘରକୁ ପଳାଇ ଆସିଥିଲେ ମଧ ଭଦ୍ରଲୋକମାନଙ୍କ ସହାୟତାରେ ଶ୍ୱଶୂର ଘରକୁ ପୁଣି ଆସିଥିଲା। ମଙ୍ଗଳବାର ରାତିରେ ଶ୍ୱଶୂର ଘର ଲୋକେ ସରିତା ମରିଯାଇଥିବା ବିଷୟରେ ବାପଘର ଓସ୍ତପଡା ଗ୍ରାମକୁ ଜଣାଇଥିଲେ । ଖବର ପାଇ ସରିତାର ବାପଘର ଲୋକେ ଆସି ଝିଅ ମରି ପଡ଼ିଥିବା ଓ ଶଶୁରଙ୍କ ବ୍ୟତୀତ ଅନ୍ୟମାନେ ଫେରାର ହୋଇଯାଇଥିବା ଦେଖିଥିଲେ । ଏନେଇ ଝିଅର ମାଆ ତୁଳସୀ ଯୌତୁକ ପାଇଁ ଝିଅକୁ ହତ୍ୟା କରାଯାଇଥିବା ଚାନ୍ଦପୁର ଥାନାରେ ଅଭିଯୋଗ କରିଥିଲେ । ଥାନାରେ ୧୨୮/୧୮ରେ ଏକ ହତ୍ୟା ମାମଲା ରୁଜୁ କରାଯାଇ ପୋଲିସ ଶ୍ୱଶୂରକୁ ଗିରଫ କରିଥିବା ବେଳେ ସ୍ୱାମୀ ଓ ପରିବାର ଲୋକେ ଫେରାର ଅଛନ୍ତି । ସରିତାଙ୍କ ୪ ମାସର ପୁତ୍ର ସନ୍ତାନ ଅଛି। ବୁଧବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ପ୍ରକାଶ କରିଛି।

# ତଳଗଡରେ ମୋ ସ୍କୁଲ କାର୍ଯ୍ୟକ୍ରମ



ମୋ ସ୍କୁଲ କାର୍ଯ୍ୟକ୍ରମରେ ଯୋଗଦେଇଥିବା ପୁରାତନ ଛାତ୍ରମାନେ।

**ବେଗୁନିଆ,୨୬।୯(ଡି.ଏନ.ଏ.)**

ବେଗୁନିଆ ବ୍ଲକ ତଳଗଡ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ମୋ ସ୍କୁଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ଜଗଦ୍ଦେବଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦିଲୀପ କୁମାର ବଳିୟାରସିଂହ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଅନୁଷ୍ଠିତ ବୈଠକରେ ସରକାରଙ୍କର ମୋ ସ୍କୁଲ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଦ୍ୟାଳୟର ବିପର୍ଯ୍ୟସ୍ତ ଭିତ୍ତିଭୂମିକୁ ସଜାଡିବା ପାଇଁ ପୁରାତନ ଛାତ୍ରୀଛାତ୍ରମାନଙ୍କର ସାହାଯ୍ୟ ଲୋଡା ବୋଲି ପ୍ରଧାନ ଶିକ୍ଷକ ଜଗଦ୍ଦେବ ନିବେଦନ କରିଥିଲେ। ଉପସ୍ଥିତ ଛାତ୍ରୀଛାତ୍ରମାନେ ସାହାଯ୍ୟର ହାତ ବଢାଇବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସେଠାରେ ୧୫ ଜଣିଆ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ପୁରାତନ ଛାତ୍ର ଦିଗନ୍ତ ବେହେରା ଓ ସମ୍ପାଦକ ଭାବେ ବିରୂପାକ୍ଷ ମହାପାତ୍ରଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପ୍ରଣୟ କୁମାର ସାମନ୍ତରାୟ, ସୂର୍ଯ୍ୟନାରାୟଣ କହଳସିଂହ, ସମିତ କୁମାର ଜଗଦ୍ଦେବ, ଜିତେନ୍ଦ୍ର ପ୍ରସାଦ ବଳିୟାରସିଂହ, ସ୍ମୃତିମୟ ସାମନ୍ତସିଂହାର, ଚିତ୍ତରଞ୍ଜନ ବେହେରା, ସୁନୀଲ କୁମାର ଛୋଟରାୟ ଯୋଗ ଦେଇଥିଲେ। ଶେଷରେ ଶିକ୍ଷକ ପ୍ରଭାକର ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଜିଲା ରାସାୟନିକ ବିପର୍ଯ୍ୟୟ ପରିଚାଳନା ସମୂହ ବୈଠକ

**ଖୋର୍ଦ୍ଧା ଅଫିସ,୨୬।୯**

ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ଜିଲା ରାସାୟନିକ ବିପର୍ଯ୍ୟୟ ପରିଚାଳନା ସମୂହ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ମନୋରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ଉପନିର୍ଦ୍ଦେଶକ ଫ୍ୟାକ୍ଟ୍ରି ଆଣ୍ଡ ବ୍ୟଏଲର ମଳୟ ପ୍ରଧାନ ଓ ସହକାରୀ ନିର୍ଦ୍ଦେଶକ ସ୍ୱରୂପ ଜେନା ଯୋଗ ଦେଇଥିଲେ। ଫ୍ୟାକ୍ଟ୍ରି ଓ ଡିପୋଗୁଡିକରେ, ରାସ୍ତାରେ ଯାଉଥିବା ବିଷାକ୍ତ ଗ୍ୟାସ ଯାନବାହନ ଲିକ୍ ହେଲେ ଅଥବା ଫାଟି ଗଲେ, କିମ୍ବା କଳକାରଖାନାରେ ସମ୍ପୃକ୍ତ ଗ୍ୟାସ ଲିକ୍ ହେଲେ ବିଭିନ୍ନ ପ୍ରକାର କ୍ଷତି କରିଥାଏ। ମନୁଷ୍ୟ ବିକଳାଙ୍ଗ ହୋଇଯିବା ପରି ବିଭିନ୍ନ ଅଘଟଣ ଘଟିବାର ସମ୍ଭାବନା ରହିଛି। ଏହାର ନିରାକରଣ ଦିଗରେ ଏନଡିଆରଏଫ ଟିମ୍, ଓଡ୍ରାଫ ଟିମ୍, ଅଗ୍ନିଶମ ବିଭାଗ ଦ୍ୱାରା ବିଭିନ୍ନ ରଣକୌଶଳ ଦିଗରେ ଆଲୋଚନା କରିଥିଲେ। ଜିଲା ଜରୁରିକାଳୀନ ଅଧିକାରୀ ସନ୍ଧ୍ୟାରାଣୀ ଗୁରୁ ଧନ୍ୟବାଦ ଦେଇଥିଲେ।





ବୈଠକରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ଶାଶୁବୋହୂ ମତାନ୍ତର: ଶ୍ୱଶୁରଙ୍କୁ ହତ୍ୟା

**ନିରାକାରପୁର,୨୬।୯ (ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ବଡପୋଖରିଆରେ ଏକ ଅଭାବନୀୟ ଘଟଣା ଘଟିଛି। ଶାଶୁ ବୋହୂଙ୍କ ମତାନ୍ତର ଯୋଗୁ ଶ୍ୱଶୁରଙ୍କୁ ଆକ୍ରମଣ କରିବା ଫଳରେ ବୁଧବାର ଶ୍ୱଶୁର ଡାକ୍ତରଖାନାରେ ମୃତ୍ୟୁବରଣ କରିଛନ୍ତି। ମୃତକ ହେଉଛନ୍ତି ବଡପୋଖରିଆ ପଶ୍ଚିମସାହିର କେଦାରନାଥ ଜେନା (୬୧)। ସୋମବାର ଅପରାହ୍ନ ପ୍ରାୟ ୨ଟା ସମୟରେ ଗାଁ ଦାଣ୍ଡରେ ଏହି ବୃଦ୍ଧବ୍ୟକ୍ତିଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରାଯାଇଥିଲା। ତେବେ ପରିବାର ପକ୍ଷରୁ ପ୍ରଥମେ ଖୋର୍ଦ୍ଧା, ଭୁବନେଶ୍ୱର ଓ ପରେ କଟକ ବଡ଼ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ମଙ୍ଗଳବାର ତାଙ୍କୁ ଫେରେଇ ଦେବାରୁ ସେ ଭୁବନେଶ୍ୱର କ୍ୟାପିଟାଲ ହସପିଟାଲରେ ଭର୍ତ୍ତି ହୋଇଥିଲେ । ବୁଧବାର ସକାଳ ୭.୧୫ରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ନିରାକାରପୁର ପୋଲିସଠାରୁ ପ୍ରକାଶ ଯେ, କେଦାରନାଥଙ୍କ ପୁଅ କିଛି ମାସ ତଳେ ବିବାହ କରିଥିଲେ। ତେବେ ଶାଶୁବୋହୂଙ୍କ ମଧ୍ୟରେ ମତାନ୍ତର ଲାଗି ରହୁଥିଲା। କୌଣସି ଘଟଣାକୁ କେନ୍ଦ୍ରକରି ଝିଅ ଓ ପୁଅଘର ଉଭୟ ପରିବାର ମଧ୍ୟରେ ପାଟିତୁଣ୍ଡ ହେଉଥିବା ସମୟରେ କେଦାରନାଥ ବିଲରୁ ଘରକୁ ଆସିଥିଲେ। ଏ ସମୟରେ ତାଙ୍କୁ ଆକ୍ରମଣ କରାଯାଇଥିଲା। ମୃତକଙ୍କ ସ୍ତ୍ରୀ କେତକୀ ଜେନା ମଙ୍ଗଳବାର ଘଟଣା ନେଇ ୧୦ଜଣଙ୍କ ନାମରେ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନାରେ ନଂ.୮୩/୧୮ରେ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ବ୍ୟବସ୍ଥା କରିବା ସହ ପୋଲିସ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ ପାଇଁ ତଦନ୍ତ ଜାରି ରଖିଛି।

# ଜାତୀୟ ସେବା ଯୋଜନା ଦିବସ

**ଖୋର୍ଦ୍ଧା ଅଫିସ,୨୬।୯**

ଖୋର୍ଦ୍ଧା ବଣିଆଟାଙ୍ଗିସ୍ଥିତ ଆଇନ୍‌ଷ୍ଟାଇନ୍ ଏକାଡେମୀ ଅଫ୍ ଟେକ୍‌ନୋଲୋଜି ଆଣ୍ଡ ମ୍ୟାନେଜ୍‌ମେଣ୍ଟ ପକ୍ଷରୁ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି। ଏ ଅବସରରେ ଚାରା ରୋପଣ, ପରିବେଶ ସ୍ୱଚ୍ଛତା ଉପରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଶୁଭେନ୍ଦୁ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ଜାତୀୟ ସେବା ଯୋଜନାର ପୂର୍ବରୁ ଶିଆଳିଆ, ରାଇରଙ୍ଗ ଆଦି ଗ୍ରାମରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ହୋଇଥିବା ରାସ୍ତା ସଫେଇ ଓ ଚାରା ରୋପଣର ଉତ୍ତୋଳିତ ଚିତ୍ର ପରଦାରେ ପ୍ରଦର୍ଶିତ ହେବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଐତିହାସିକ ସତ୍ୟବାଦୀ ବଳିଆରସିଂହ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିବା ବେଳେ ସିଭିଲ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ପ୍ରଫେସର ପଦ୍ମ ଚରଣ ତ୍ରିପାଠୀ, ସ୍କୁଲ ଅଫ ଇଞ୍ଜିନିୟରିଂ ଅଧ୍ୟକ୍ଷ ପ୍ରଫେସର ବିନାୟକ ଦାଶ ଏବଂ ଏନ୍‌ଏସ୍‌ଏସ୍‌ର ମୁଖ୍ୟ ସଂଯୋଜକ ଅଧ୍ୟାପକ ଅରୁଣାନନ୍ଦ ମହାପାତ୍ର ଅତିଥି ଭାବେ ଯୋଗଦେଇଥିଲେ। ଦୁଇଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ସର୍ବୋତ୍କୃଷ୍ଟ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଆକାଶ କୁମାର ସାହୁ, ନିବେଦିତା ଛାଟୋଇ ଓ ପ୍ରିୟଦର୍ଶିନୀ ମହାପାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ପ୍ରଫେସର ଶତ୍ରୁଘ୍ନ ମହାରଣା କାର୍ଯ୍ୟକ୍ରମ ପରିଚାଳନା ସହ ଧନ୍ୟବାଦ ଦେଇଥିଲେ।

# କଂଗ୍ରେସ କର୍ମୀ ସମ୍ମିଳନୀ

**କୃଷ୍ଣପ୍ରସାଦ,୨୬।୯(ଡି.ଏନ.ଏ.)**

କୃଷ୍ଣପ୍ରସାଦ ବ୍ଲକ୍ ବୁଦ୍ଧିବର ଗ୍ରାମ ପଞ୍ଚାୟତ ନଟା ଠାକୁରାଣୀଙ୍କ ପୀଠରେ କଂଗ୍ରେସ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ବ୍ଲକ୍ କଂଗ୍ରେସ ସଭାପତି ସଞ୍ଜୟ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ମଙ୍ଗଳବାର ଅନୁଷ୍ଠିତ ଏହି ବୈଠକରେ ଆଗାମୀ ନିର୍ବାଚନ ରଣକୌଶଳ ପ୍ରସ୍ତୁତ କରିବା ସହ ଦଳକୁ ସୁଦୃଢ଼ କରିବାକୁ ଗୁରୁତ୍ୱ ଦିଆଯାଇଥିଲା। ସମ୍ମିଳନୀରେ ଶିବରାମ ଜେନା,ଖଗେଶ୍ୱର ଜେନା, ବୁଲୁ ଦାସ, ଅନିଲ ଜେନା, ବିପିନ ଦାସ, ଦିବ୍ୟରଞ୍ଜନ ଜେନା ପ୍ରମୁଖ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# ବାଣପୁରରେ ବିଜେଡି କର୍ମୀ ସମ୍ମିଳନୀ

**ଖୋର୍ଦ୍ଧା ଅଫିସ/ବାଲୁଗାଁ, ୨୬।୯(ଡି.ଏନ.ଏ.)**

ବାଣପୁର ଏନ୍‌ଏସିର ଶହୀଦ୍ କୃତ୍ତିବାସ ଟାଉନ ହଲ ଭବନରେ ବାଣପୁର ଏନଏସି ବିଜେଡି ପକ୍ଷରୁ ବୁଧବାର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲେ। ଏନଏସି ସଭାପତି ଅଶ୍ୱିନୀ କୁମାର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଚିଲିକାର ପୂର୍ବତନ ବିଧାୟକ ରଘୁନାଥ ସାହୁ, ପର୍ଯ୍ୟବେକ୍ଷକ ଜ୍ୟୋତ୍ସ୍ନାରାଣୀ ଜେନା, ଏନଏସି ଅଧ୍ୟକ୍ଷା ପୁଷ୍ପାଞ୍ଜଳି ଜେନା, ଉପାଧ୍ୟକ୍ଷ ଦାଶରଥି ସାହୁ, ଯୁବ ସଭାପତି ସମିମ୍ ଉଦ୍ଦିନ୍ ଖାଁ ପ୍ରମୁଖ ଯୋଗ ଦେଇଥିଲେ। ବାଣପୁର ସହରରେ ଦଳକୁ ମଜବୁତ୍ କରିବା ପାଇଁ ନିଷ୍ପତ୍ତି ହୋଇଛି। ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବାକୁ କର୍ମୀଙ୍କୁ କୁହାଯାଇଛି।

# କଲମଛାଡ଼ ଆନ୍ଦୋଳନର ସମାଧାନ ପାଇଁ ବୈଠକ



ବ୍ଲକ ସମ୍ମୁଖରେ ଧାରଣାରତ ମହିଳାପୁରୁଷମାନେ।

**କୃଷ୍ଣପ୍ରସାଦ,୨୬।୯(ଡି.ଏନ.ଏ.)**

କୃଷ୍ଣପ୍ରସାଦ ବ୍ଲକ୍‌ରେ ଦୁର୍ନୀତି ଅଭିଯୋଗ କରି ଜନସାଧାରଣ ବିଡିଓଙ୍କ ସହ ଆଲୋଚନା କରିବାକୁ ଚାହିଁଥିଲେ। ବିଡିଓ ଅଶୋକ କୁମାର ମହାନ୍ତି ଆଲୋଚନା ନ କରିବାରୁ ଜନସାଧାରଣ ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଥିଲା। ବିଡିଓଙ୍କୁ ଖରାପ ବ୍ୟବହାର ପ୍ରତିବାଦରେ ବ୍ଲକ୍ କର୍ମଚାରୀ ମଙ୍ଗଳବାରଠାରୁ କଲମ ଛାଡ଼ ଆନ୍ଦୋଳନ ଚଳାଇଛନ୍ତି। ବୁଧବାର ଏହି ଆନ୍ଦୋଳନ ୨ୟ ଦିନରେ ପହଞ୍ଚିଛି। ଏଥିଯୋଗୁ ସୃଷ୍ଟି ହୋଇଥିବା ସମସ୍ୟାର ସମାଧାନ ପାଇଁ ବିଧାୟକ ସଞ୍ଜୟ ଦାସବର୍ମା କର୍ମଚାରୀଙ୍କୁ ନେଇ ବୈଠକ କରିଥିଲେ। ଆଲୋଚନା ପରେ ଗୁରୁବାର ସମସ୍ତ ବ୍ଲକ୍ କର୍ମଚାରୀ କାର୍ଯ୍ୟରେ ଯୋଗଦେବେ ବୋଲି ସୂଚନା ମିଳିଛି।

# ମନଲୋଭା ପର୍ଯ୍ୟଟନ ସ୍ଥଳ ଅବହେଳିତ

**ଖୋର୍ଦ୍ଧା ଅଫିସ,୨୬।୯**

ପର୍ଯ୍ୟଟକଙ୍କୁ ଟାଣି ଆଣିବାକୁ ଖୋର୍ଦ୍ଧା ଜିଲାରେ ରହିଛି ମନଲୋଭା ପର୍ଯ୍ୟଟନସ୍ଥଳ ଓ ପୁରାତନ କୀର୍ତ୍ତିରାଜି। ପୁଣି ଭିତ୍ତିଭୂମି ସୃଷ୍ଟି ପାଇଁ ରହିଛି ପର୍ଯ୍ୟାପ୍ତ ସୁଯୋଗ। ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଉଥିଲେ ହେଁ ମାନ୍ୟତା ପାଇବା ପରେ ପର୍ଯ୍ୟଟନସ୍ଥଳର ଭିତ୍ତିଭୂମି ବିକାଶ ପ୍ରତି ଉପଯୁକ୍ତ ଧ୍ୟାନ ଦିଆଯାଉନାହିଁ। ଫଳରେ ସରକାରୀ ଘୋଷିତ ପର୍ଯ୍ୟଟନସ୍ଥଳଗୁଡିକ ଅବହେଳିତ ଓ ଉପେକ୍ଷିତ ହୋଇ ରହିଛି। ଚିଲିକାକୁ ଛାଡି ଦେଲେ ଅନ୍ୟ ପର୍ଯ୍ୟଟକସ୍ଥଳରେ ବିଦେଶୀଙ୍କ ଦେଖାନାହିଁ। ଏଣୁ ପର୍ଯ୍ୟଟନ କ୍ଷେତ୍ରରେ ଖୋର୍ଦ୍ଧା ଯେଉଁ ସ୍ଥାନରେ ରହିବା କଥା ତାହାଠାରୁ ବହୁ ପଛରେ ପଡିଛି।



କାଙ୍କଣ ଶିଖରରେ ପୂଜା ପାଉଥିବା ଠାକୁରଙ୍କ ରଥଚକ।

### ଶୋଭାର ଭଣ୍ଡାର ଚିଲିକା

ଅପୂର୍ବ ଶୋଭାର ଭଣ୍ଡାର ନୀଳାମ୍ବୁ ଚିଲିକା। ଏସିଆର ବୃହତ୍ତମ ଲବଣାକ୍ତ ହ୍ରଦରେ ବିଦେଶାଗତ ପକ୍ଷୀଙ୍କ ସମାବେଶ ଓ ନୌବିହାର, କାକଳିର କୂଜନ, ଦିଗନ୍ତ ବିସ୍ତାରୀ ନୀଳ ଉର୍ମିମାଳାର ଦୃଶ୍ୟ ସବୁଦିନ ପାଇଁ ଅପାଶୋରା ହୋଇ ମନର ଚିତ୍ରପଟରେ ରହିଯାଏ। ସେହିଭଳି ପକ୍ଷୀଙ୍କ ଆନ୍ତର୍ଜାତିକ ଚିଲିକାର ମଙ୍ଗଳାଯୋଡିର ପଡ଼ିଆ ଘର ଶୀତଋତୁର ପ୍ରାରମ୍ଭରେ ବିଦେଶାଗତ ପକ୍ଷୀଙ୍କ ପ୍ରଥମ ପସନ୍ଦ। କେତେକ ବିଦେଶାଗତ ପକ୍ଷୀ ମଧ ମଙ୍ଗଳାଯୋଡିକୁ ନିଜ ବାସସ୍ଥଳ ଭାବେ ବାଛି ନେଲେଣି। ଚିଲିକାର ନିକଟବର୍ତ୍ତୀ ବାଲୁଗାଁ ପାଖରେ ମାମୁ ଭଣଜା ପାହାଡ ଅନୁରୂପ ଭାବେ ରହିଛି। କାଳିଜାଇଠାରୁ କିଛି ଦୂରରେ ନଳବଣରେ ପକ୍ଷୀଗୁଡିକଙ୍କ ସମାବେଶ ଯୋଗୁ ଏହାକୁ ପକ୍ଷୀ ଅଭୟାରଣ୍ୟ କୁହାଯାଏ। ସେହିଭଳି ପ୍ରସିଦ୍ଧ ଶକ୍ତିପୀଠ ବାଣପୁରର ଭଗବତୀ। ଅଷ୍ଟଭୂଜା ଦୁର୍ଗାଙ୍କର ଏହି ମୂର୍ତ୍ତି ଉଗ୍ର ଓ ପ୍ରଚଣ୍ଡ ରୁପାର ପ୍ରତିମାକୁ ସମ୍ପୂର୍ଣ୍ଣ ରୂପେ ଲୁହାର ବଳା ଓ ବସ୍ତ୍ରାବୃତ୍ତ କରାଯାଇଛି। ଏଣୁ ଦେବୀଙ୍କର ପାଷାଣ ରୁପଟି ସମ୍ପୂର୍ଣ୍ଣ ଲୁକ୍କାୟିତ। ସେହି ଆଭରଣ ଉପରେ ସୁନାର ଜିଭ, ରୁପାର ଦୁଇଟି ଚକ୍ଷୁ ଓ ପାଟି ରହିଛି। ମା' ଙ୍କର ମୂଳ ରୂପକୁ ଭକ୍ତ ଦର୍ଶନ କରିବାର ସୁଯୋଗ ପାଇ ନ ଥାଏ। ଏହାରି ପଛରେ ଅନେକ କାରଣ ଓ ଲୋକକଥା ରହିଛି।

### ସର୍ବଧର୍ମ ସମନ୍ୱୟର ପୀଠ

ଖୋର୍ଦ୍ଧା ବ୍ଲକ କାଇପଦରସ୍ଥିତ ସର୍ବଧର୍ମ ସମନ୍ୱୟର ପୀଠ ହେଉଛି ପୀର ବାବା ବୋଖାରୀଙ୍କ ପୀଠ। ଏଠାର ଦରଘାର ଶୀର୍ଷ ସ୍ଥାନରେ ହିନ୍ଦୁ ଦେବାଳୟ ପରି ପତାକା ଉଡୁଥିବାବେଳେ ଅନୁରୂପ ଭାବେ ତ୍ରିଶୂଳ ସ୍ଥାନ ପାଇଛି। ହିନ୍ଦୁ ଧର୍ମର ମାଳି ଏଠାରେ ଫୁଲ ଚନ୍ଦନ ଦେଉଥିବାବେଳେ ଗୁଡିଆ ଗୁଡରେ କୋରା ତିଆରି କରେ। ସବୁ ସମୟରେ ବାବାଙ୍କ ପାଖରେ ଜଳୁଥିବା ଘିଅର ଦୀପ କେବେ ଲିଭେନା। ହିନ୍ଦୁମାନେ ଏଠାରେ ଗୀତାପାଠ ଓ ମୁସଲମାନମାନେ କୋରାନ ପାଠ କରନ୍ତି। ତେବେ ମୁସଲମାନ ପୂଜକ ଏଠାର ପୂଜକ ଅଟନ୍ତି।

### ବାଘବଳଦ ସ୍ମୃତି ମନ୍ଦିର

ଗଡମାଣତୀରରେ ପ୍ରାୟ ୬୦ ଫୁଟ ଉଚ୍ଚତା ବିଶିଷ୍ଟ କଳାମୁଗୁନି ପଥର ଶିଳା ମା' ରାମଚଣ୍ଡୀଙ୍କ ପ୍ରତୀକ ରୂପେ ପୂଜା ପାଉଛନ୍ତି। ଏଠାର ବାଘ ବଳଦ ସ୍ମୃତି ମନ୍ଦିରର କାହାଣୀ ଅତ୍ୟନ୍ତ ଚିତ୍ତାକର୍ଷକ। ଅନ୍ୟପକ୍ଷେ ତନ୍ତ୍ରଦେବୀ ରୂପେ ପରିଚିତ ଦେବୀ ଟାଙ୍ଗୀ ବ୍ଲକ ଭୁଷଣ୍ଡପୁରର ଉଗ୍ରତାରା। ମା'ଙ୍କର ମୂର୍ତ୍ତି ୮ଇଞ୍ଚ ଉଚ୍ଚତା। ମା'ଙ୍କ ବାମପାଦ ଶିବଙ୍କ ବକ୍ଷରେ ଓ ଦକ୍ଷିଣ ପାଦ ଶିବଙ୍କ ଜଙ୍ଘରେ ରହିଛି। ଗଳାରେ ନରମୁଣ୍ଡମାଳ ଓ ହସ୍ତରେ ନାଗ ଶୋଭା ପାଉଛି। ଦେବୀଙ୍କର ତିନୋଟି ରକ୍ତଲୋଭା ଚକ୍ଷୁ, ଚତୁଃବାହୁ ରହିଛି। ସେହିଭଳି କୋଶଳାଶୁଣୀ, ଶାଳିଆଡ୍ୟାମ, ବରବରା ଜଙ୍ଗଲ ଓ ପର୍ବତ ଅନ୍ୟତମ ଚିତ୍ତାକର୍ଷକ ସ୍ଥାନ ମଧ ପର୍ଯ୍ୟଟକଙ୍କୁ ବିମୋହିତ କରି ଚାଲିଛି।

### ଲୀଳାକ୍ଷେତ୍ର ଅବହେଳିତ

ଶ୍ରୀଜଗନ୍ନାଥଙ୍କ ଗୋପନ ଆଶ୍ରୟସ୍ଥଳ ତଥା ଲୀଳାକ୍ଷେତ୍ର କାଙ୍କଣ ଶିଖରୀ ଓ ହରିହରେଶ୍ୱର ମନ୍ଦିର ପରି ପୀଠ ଉପେକ୍ଷିତ ହୋଇ ରହିଯାଉଛି। କାଙ୍କଣ ଶିଖରୀ ନିକଟସ୍ଥ ଚିଲିକା ପରିସରରେ କ୍ଷାରୀୟ ଲବଣାକ୍ତ ପାଣି ଅଞ୍ଚଳରେ ଅନ୍ତଃସ୍ରୋତା ଝର ଗଙ୍ଗା ଯମୁନା ନିର୍ଝର ରହିଛି। ମାଦଳା ପାଞ୍ଜି ଅନୁସାରେ ନଈରୀ ଗାଁ ଭିତର ହରିହରେଶ୍ୱର ମନ୍ଦିର ଭିତରେ ଜଗତରନାଥ ଜଗନ୍ନାଥ ୭ ମାସ ୨୭ ଦିନ ଲୀଳା କରିଥିଲେ। ଯେଉଁ ଉପରେ ବିଗ୍ରହ ଅବସ୍ଥାପିତ ହୋଇଥିଲେ ସେ ପିଢ଼ିର ସ୍ମାରକୀ ବର୍ତ୍ତମାନ ସୁଦ୍ଧା ବିଦ୍ୟମାନ। ୧୭୩୨ରେ ଏହି ହରିହରେଶ୍ୱର ମନ୍ଦିରରେ ଗୋଟିଏ ବର୍ଷ ରଥଯାତ୍ରା ହୋଇଥିଲା। ସେଠାରେ ଗୋଟିଏ ଦିନ ପାଇଁ ଖୋଳା ଯାଇଥିବା ଗୁଣ୍ଡିଚା କୂପ, ବଡଦାଣ୍ଡ, ଗୁଣ୍ଡିଚା ବରଗଛ, ଆଜି ମଧ ବିଦ୍ୟମାନ ଅଛି।



ସ୍ୱାସ୍ଥ୍ୟ ସବୁଠାରୁ ବଡ଼ ଉପହାର, ସନ୍ତୋଷ ସବୁଠାରୁ ବଡ଼ ସମ୍ପଦ ଏବଂ ବିଶ୍ୱସ୍ତତା ସବୁଠାରୁ ବଡ଼ ସମ୍ପର୍କ ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ଦୁଇ ବାଇକ ମୁହାଁମୁହିଁ ଧକ୍କା: ଜଣେ ମୃତ

ପିପିଲି, ୨୬।୯(ଡି.ଏନ୍.ଏ.): ପିପିଲି ବାଇପାସ୍ ରାସ୍ତାର ଦରଡ଼ା ଛକଠାରେ ବୁଧବାର ବାଇକ ସହ ବାଇକ ଧକ୍କା ହେବା ଫଳରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୨ଜଣ ଗୁରୁତର ହୋଇଛନ୍ତି। ଆହତମାନଙ୍କୁ ପ୍ରଥମେ ପିପିଲି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ଶୁଆବରେଇ ଗ୍ରାମର ପ୍ରାଣକୃଷ୍ଣ ପ୍ରଧାନ ବାଇକ ଯୋଗେ ପିପିଲି ଆସୁଥିଲେ। ପିପିଲି ଏନ୍ଏସି ବଣିଆ ସାହିର ସଞ୍ଜୟ ନାୟକ ବାଇକରେ ଭୁବନେଶ୍ୱର ଅଭିମୁଖେ ଯାଉଥିବାବେଳେ ଉଭୟ ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା। ଉଭୟେ ରାସ୍ତା ଉପରେ ଛିଟିକି ପଡ଼ିବାରୁ ସେଠାରେ ସାଇକେଲ ଧରି ଛିଡ଼ା ହୋଇଥିବା ଫେରିବାଲା ସହ ମଧ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ୩ଜଣଙ୍କୁ ଉଦ୍ଧାର କରି ୧୦୮ ଗାଡ଼ି ଯୋଗେ ପିପିଲି ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ପ୍ରାଣକୃଷ୍ଣଙ୍କୁ ମୃତ ଘୋଷଣା କରିଥିଲେ। ପିପିଲି ଥାନା ଏଏସ୍ଆଇ ବିନୟ କୁମାର ଦାଶ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଓ ବାଇକ ଜବତ କରିଥିଲେ । ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଯାଇଥିଲା।

### ଶେଷହେଲା ଜାଗୁଲେଈଙ୍କ କାଠିଯାତ୍ରା

ସାକ୍ଷୀଗୋପାଳ, ୨୬।୯(ଡି.ଏନ୍.ଏ.): ପୁରୀ ଜିଲା ସତ୍ୟବାଦୀ ବ୍ଲକ ଅଳଗୁମ ଗ୍ରାମର ପ୍ରତ୍ୟକ୍ଷ ଦେବୀ ମା'ଜାଗୁଲେଈଙ୍କ ପାରମ୍ପରିକ କାଠିଯାତ୍ରା ବୁଧବାର ଶେଷ ହୋଇଛି। ଏହି ଅବସରରେ ୧୨ପଡା ବିଶିଷ୍ଟ ଗ୍ରାମ ଉତ୍ସବମୁଖର ହୋଇଥିଲା। ବୁଧବାର ସୁରାଲାଗି ବରଗଛ ନିକଟରେ ଦାନ୍ତକାଠିଆ ମାଜଣା, ପଣା, ପଇଡ, ମହାପ୍ରସାଦ ସମର୍ପଣ କରାଯାଇଥିଲା। ସନ୍ଧ୍ୟାରେ ଦେବୀଙ୍କ ବିଜେ ପ୍ରତିମା ମନ୍ଦିରକୁ ପଟୁଆରରେ ଫେରିଥିଲେ। ପରାମ୍ପରା ଅନୁଯାୟୀ ଚନ୍ଦନପୁରରୁ ଆସିଥିବା ଟାହିଆ ଦେବୀଙ୍କୁ ଲାଗି କରାଯିବା ପରେ ହାନ୍ଦୋଳାରେ ଭୋଇ ସେବକମାନେ ଦେବୀଙ୍କୁ ବେଢ଼ା ପରିକ୍ରମା କରାଇ ମନ୍ଦିରକୁ ବିଜେ କରାଇଥିଲେ। ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ ଆଗାମୀ ଏକ ବର୍ଷ ପାଇଁ ବଟାବିରି ଯାବ ଦିଆଯାଇ ଦେବୀଙ୍କ ଆଖି ବନ୍ଦ କରାଯାଇଥିଲା।

### ଭିଣୋଇ ମୃତ୍ୟୁ ଖବର ପାଇ ଟଳିପଡ଼ିଲେ ଶଳା

ପୁରୀ ଅଫିସ, ୨୬।୯: ମୃତ୍ୟୁ କେତେବେଳେ କେମିତି ଆସେ ତାହା ଅଜଣା। ଜଣେ ସୁସ୍ଥ ସବଳ ମଣିଷ ବି ଅଚାନକ ମୃତ୍ୟୁଫାଶରେ ପଡିଯାଏ। ଭିଣୋଇ ମୃତ୍ୟୁ ଖବର ପାଇ ଦେଖିବାକୁ ଯାଇ ଶଳାଙ୍କ ଅଚାନକ ମୃତ୍ୟୁ ହୋଇଯିବା ଘଟଣା ଏକ ଦୁଃଖଦ ପରିସ୍ଥିତି ସୃଷ୍ଟି କରିଛି। ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଘଟିଛି ଏଭଳି ଘଟଣା। ପୁରୀ ଜିଲା ଲିଡ୍ ବ୍ୟାଙ୍କ ମ୍ୟାନେଜର ଭାବେ କାର୍ଯ୍ୟ କରନ୍ତି ପୁରୀ ତଳମାଳି ସାହିର ଭକ୍ତବତ୍ସଳ ତ୍ରିପାଠୀ (୫୫)। ବୁଧବାର ସକାଳେ ତାଙ୍କ ଭିଣୋଇ ଜଗନ୍ନାଥ ମିଶ୍ର ଅସୁସ୍ଥ ହୋଇପଡିଥିଲେ। ଖବରପାଇ ଭକ୍ତବତ୍ସଳ ଭିଣୋଇଙ୍କୁ ଆମ୍ବୁଲାନ୍ସ ଯୋଗେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଯାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଜଗନ୍ନାଥଙ୍କ ମୃତ୍ୟୁ ଘଟିଥିଲା। ଏହା ଦେଖି ସଙ୍ଗେ ସଙ୍ଗେ ଭକ୍ତବତ୍ସଳ ତଳେ ପଡି ଯାଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏହାପରେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ପୁରୀ ସହରରେ ଶୋକର ଛାୟା ଖେଳିଯାଇଛି। ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଉଦ୍ଧବ ଚନ୍ଦ୍ର ମାଝି ପ୍ରମୁଖ ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ସ୍ୱର୍ଗଦ୍ୱାର ଠାରେ ଭକ୍ତବତ୍ସଳଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ ବିଧୁଭୂଷଣ ତ୍ରିପାଠୀ ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ଭକ୍ତବତ୍ସଳ ମଙ୍ଗଳବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲାସ୍ତରୀୟ ବ୍ୟାଙ୍କ ସମୀକ୍ଷା କମିଟି ବୈଠକରେ ଯୋଗ ଦେଇଥିଲେ।

# ମତ୍ସ୍ୟଜୀବୀ ଘେରିଲେ ବ୍ଲକ, ତହସିଲ

ଖୋର୍ଦ୍ଧା ଅଫିସ/ବାଲୁଗାଁ, ୨୬।୯(ଡି.ଏନ.ଏ.)


ମତ୍ସ୍ୟଜୀବୀମାନେ ଚିଲିକା ବ୍ଲକ ଓ ତହସିଲ ଘେରାଉ କରିଛନ୍ତି।

**୭ଦଫା ଦାବି ପୂରଣ ନୋହିଲା**
- ୨୮ ତାରିଖରେ ନଳବଣରେ ସମାବେଶ

୭ଦଫା ଦାବି ପୂରଣ ନ ହେବାରୁ ଚିଲିକା ମତ୍ସ୍ୟଜୀବୀ ମହାସଂଘ ପକ୍ଷରୁ ବୁଧବାର ଆଇନ ଅମାନ୍ୟ ଆନ୍ଦୋଳନ କରି ଚିଲିକା ବ୍ଲକ ଓ ତହସିଲ ଏକା ସମୟରେ ଘେରାଉ କରିଛନ୍ତି। ଶହଶହ ମତ୍ସ୍ୟଜୀବୀ ମହିଳାପୁରୁଷ ସରକାରୀ ବିରୋଧୀ ସ୍ଲୋଗାନ ଦେଇଥିଲେ। ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇଥିବା ବିକ୍ଷୋଭ ସମାବେଶ ଅପରାହ୍ନ ୩ଟାରେ ଶେଷ ହୋଇଥିଲା। ତେବେ ବ୍ରହ୍ମଗିରି ବିଧାୟକ ସଞ୍ଜୟ ଦାଶବର୍ମାଙ୍କ ଉପରେ ଆନ୍ଦୋଳନକାରୀ ବର୍ଷି ତାଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। ଆନ୍ଦୋଳନକାରୀମାନେ ତହସିଲଦାର ଓ ବିଡିଓଙ୍କୁ ସ୍ମାରକପତ୍ର ଦେଇ ଆନ୍ଦୋଳନ ପ୍ରତ୍ୟାହୃତ କରିଛନ୍ତି। ଏଥିସହ ଘୋଷଣା କରିଛନ୍ତି ଆସନ୍ତା ୨୮ ତାରିଖରେ ନିଷେଧାଦେଶ ନଳବଣରେ ସମାବେଶ ହେବ। ନଈରୀର ଚିଲିକା ଘାଟଠାରୁ ଏକ ବିଶାଳ ନୌଯାତ୍ରାରେ ବିକ୍ଷୋଭ ଶୋଭାଯାତ୍ରା ଆରମ୍ଭ ହୋଇ ନଳବଣରେ ଶେଷ ହେବ। ଅଭିଯୋଗକାରୀମାନେ ପୁରୁଣା ଦାବିକୁ ଦୋହରାଇ ଆନ୍ଦୋଳନକୁ ତ୍ୱରାନ୍ୱିତ କରିଛନ୍ତି।

ଅଭିଯୋଗ ଅନୁସାରେ, ବିଧାନସଭା ମୌସୁମୀ ଅଧିବେଶନରେ ଚିଲିକା ବିଲ୍ ଗୃହୀତ କରାଇବାର ଦାବି ରହିଛି। ସେହିଭଳି ସମୁଦ୍ରରୁ ଚିଲିକାକୁ ସଂଯୋଗ ହୋଇଥିବା ଅରଖକୁଦା ମୁହାଣ, ପାଲୁରୁ କେନାଲରୁ ଆଲିମ ଓ ସରୁ ଜାଲ ଉଚ୍ଛେଦ ପରି ଅନୁରୂପ ଦାବି ରହିଛି। ଅପରପକ୍ଷେ ଦହିଖିଆ ନାଳଠାରୁ ଟାଟା ବନ୍ଧ, ସିଡୁଆ ନାଳଠାରୁ ମଗର ମୁଖ ନାଳ, ସିଆଣ୍ଡି ନାଳଠାରୁ କଳାଖାଇ ନାଳ ଏବଂ ଚିଲିକାରୁ ସରୁ ଓ ମଶାରି ଜାଲ ଉଚ୍ଛେଦ କରି ମତ୍ସ୍ୟ ଉତ୍ପାଦନ ବୃଦ୍ଧି କରାଇବା ଦାବି ମଧ ରହିଛି। ମତ୍ସ୍ୟଜୀବୀଙ୍କର ନ୍ୟାଯ୍ୟ ଦାବି ଚିଲିକାରୁ ବେଆଇନ ଚିଙ୍ଗୁଡି ଘେରି ସୈରାତ ଘୋଷଣା କରିଥିବା ପ୍ରକ୍ରିୟାକୁ ରାଜ୍ୟ ସରକାର ବନ୍ଦ କରିବା, ବେଆଇନ ଚିଙ୍ଗୁଡି ଘେରି ଉଚ୍ଛେଦ ଓ ବନ୍ଧ ଘେରି ଉଚ୍ଛେଦ ଅନୁରୂପ ଦାବି ରହିଛି। ଦାବିଗୁଡିକ ନେଇ ନିକଟରେ ସରକାରଙ୍କୁ ଅବଗତ କରାଯାଇଥିଲେ ମଧ ସୁଫଳ ମିଳିଲା ନାହିଁ। ଦାବି ପୂରଣ ନ ହେବାରୁ ସରକାର ଦାୟୀ ରହିବେ ବୋଲି ଆନ୍ଦୋଳନରତ ମତ୍ସ୍ୟଜୀବୀମାନେ ବୁଧବାର ଚେତାବନୀ ଦେଇଛନ୍ତି। ଆନ୍ଦୋଳନସ୍ଥଳରେ ପ୍ରତିବାଦ ସଭାରେ କହିଥିଲେ, ଚିଲିକାରେ ମାଛ ମାରିବାରେ ମତ୍ସ୍ୟଜୀବୀମାନଙ୍କୁ ଏକକ ଅଧିକାର ଦିଆଯାଉ। ସେହିଭଳି ଚିଲିକାରେ ଚିଙ୍ଗୁଡି ମାଫିଆଙ୍କ ଦୌରାତ୍ମ୍ୟ ଏଯାଏଁ ରହିଛି। ଏହାରି ପଛରେ ନ୍ୟସ୍ତସ୍ୱାର୍ଥ ରାଜନେତା ଓ ପ୍ରଶାସକ ରହିଥିବାରୁ ମତ୍ସ୍ୟଜୀବୀଙ୍କ ଦାବି ପୂରଣରେ ଅନ୍ତରାୟ ସୃଷ୍ଟି ହେଉଛି। ଏଣୁ ମହାସଂଘ ପକ୍ଷରୁ ଆନ୍ଦୋଳନକୁ ତ୍ୱରାନ୍ୱିତ କରାଗଲା। ଚିଲିକା ମତ୍ସ୍ୟଜୀବୀ ମହାସଭାର ସଭାପତି ରବୀନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ସମ୍ପାଦକ ଦୁଃଖିଶ୍ୟାମ ବେହେରା, ମତ୍ସ୍ୟଜୀବୀ ନେତା ବସନ୍ତ ନାୟକ, ପରେଶ ଜାଲି, ମହାଦେବ ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା, ଇନ୍ଦ୍ରମଣି ବେହେରା, ଦୁଃଖିଶ୍ୟାମ ଜାଲି ଓ ଦୁଃଖିରାମ ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ଅଗରତାଲାରେ ଓଡ଼ିଆ ଛାତ୍ରୀଛାତ୍ରଙ୍କୁ ନିର୍ଯାତନା

ପୁରୀ ଅଫିସ,୨୬।୯

- ସୋସିଆଲ ମିଡିଆରେ ଭିଡିଓ ଭାଇରାଲ
- ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନରେ ଘଟିଛି ଘଟଣା
- ରାଜ୍ୟ ସରକାରଙ୍କ ସହଯୋଗ ଲୋଡିଲେ ଛାତ୍ରୀଛାତ୍ର

ତ୍ରିପୁରାର ଅଗରତାଲାସ୍ଥିତ ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନରେ ପଢୁଥିବା ଓଡ଼ିଆ ଛାତ୍ରୀଛାତ୍ର ନିର୍ଯାତିତ ହେଉଛନ୍ତି। ସ୍ଥାନୀୟ ଛାତ୍ର ଓ ଅଣଛାତ୍ରମାନେ ନିର୍ଯାତନା ଦେଉଥିଲେ ମଧ ପ୍ରତିଷ୍ଠାନ କର୍ତ୍ତୃପକ୍ଷ ଏହା ଉପରେ କୌଣସି ପଦକ୍ଷେପ ନେଉନାହାନ୍ତି। ଏନେଇ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଘଟଣା ପଦାକୁ ଆସିଛି। ତୁରନ୍ତ ଏଥିରେ ହସ୍ତକ୍ଷେପ କରି ନ୍ୟାୟ ଦେବାକୁ ରାଜ୍ୟ ସରକାରଙ୍କୁ ଭିଡିଓ ମାଧମରେ ଅନୁରୋଧ କରିଛନ୍ତି ସମ୍ପୃକ୍ତ ଛାତ୍ରୀଛାତ୍ର। ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ। ଉକ୍ତ ଭିଡିଓରୁ ଜଣାପଡିଛି ଯେ, ଏଠାରେ ଓଡ଼ିଶାର ବିଭିନ୍ନ ଜିଲାରୁ ଶତାଧିକ ଛାତ୍ରୀ ବିଏଡ୍‌ରେ ଅଧ୍ୟୟନ କରୁଛନ୍ତି। ଗତ କିଛିଦିନ ହେବ ଶିକ୍ଷାନୁଷ୍ଠାନର ଏକଲବ୍ୟ କ୍ୟାମ୍ପସରେ ସ୍ଥାନୀୟ ଛାତ୍ର ସେମାନଙ୍କୁ ବିଭିନ୍ନ ପ୍ରସଙ୍ଗରେ ହଇରାଣ କରୁଛନ୍ତି। ସପ୍ତାହ ତଳେ ଓଡ଼ିଆ ଛାତ୍ରୀଛାତ୍ର ଆନ୍ଦୋଳନ କରୁଥିବାବେଳେ ସେମାନଙ୍କୁ ଆକ୍ରମଣ କରାଯାଇଥିଲା। ଏହାକୁ କେତେଜଣ ଓଡ଼ିଆ ଛାତ୍ରୀ ତୀବ୍ର ବିରୋଧ କରିବାରୁ ସେମାନେ ମଧ ଆକ୍ରମଣର ଶିକାର ହୋଇଥିଲେ। ସନ୍ଧ୍ୟାରେ କୌଣସି କାର୍ଯ୍ୟରେ ବଜାରକୁ ଯାଉଥିବାବେଳେ ସେମାନଙ୍କୁ ସମ୍ପୃକ୍ତ ଛାତ୍ରମାନେ ସ୍ଥାନୀୟ ଯୁବକଙ୍କ ସହ ମିଶି ହଇରାଣ କରିବା ସହ ଅଶ୍ଲୀଳ ଇଙ୍ଗିତ କରୁଛନ୍ତି। ଏପରିକି ହତ୍ୟା ଧମକ ମଧ ଦେଉଛନ୍ତି। ଏ ସମ୍ପର୍କରେ କଲେଜ କର୍ତ୍ତୃପକ୍ଷ ସେଠାକାର ପୋଲିସ ଓ ପ୍ରଶାସନକୁ ଜଣାଇଲେ ମଧ କିଛି ସୁଫଳ ମିଳୁନି। ବରଂ ସମ୍ପୃକ୍ତ ଛାତ୍ର ଓ ଅଣଛାତ୍ରମାନେ ଅଧିକ ଧମକ ଦେଉଥିବା ନିର୍ଯାତନାର ଶିକାର ଛାତ୍ରୀଛାତ୍ର ଜଣାଇ ସୁରକ୍ଷା ନିବେଦନ କରିଛନ୍ତି।


ସାମୁଦ୍ରିକ ଥାନା ପକ୍ଷରୁ ବୁଧବାର ଆରମ୍ଭ ହୋଇଥିବା ସାଗର କବଚ କାର୍ଯ୍ୟକ୍ରମ।

# ଆରମ୍ଭ ହେଲା ଅପରେଶନ ସୁରକ୍ଷା କବଚ

ପୁରୀ ଅଫିସ, ୨୬।୯

**ଉପକୂଳ ସୁରକ୍ଷା ଚିନ୍ତା**

ଉପକୂଳରେ ଯେକୌଣସି ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ଭାରତୀୟ ତଟରକ୍ଷୀ ବାହିନୀ (କୋଷ୍ଟ ଗାର୍ଡ) ପକ୍ଷରୁ ରାଜ୍ୟବ୍ୟାପୀ ଆରମ୍ଭ ହୋଇଛି ମକ୍‌ଡ୍ରିଲ 'ଅପରେଶନ ସାଗର କବଚ'। ବୁଧବାରଠାରୁ ଆରମ୍ଭ ହୋଇଥିବା ଏହି ଅପରେଶନ ଦୁଇଦିନ ଧରି ଚାଲିବ। ଜଣେ ବାହ୍ୟଶତ୍ରୁ କିମ୍ବା ଆତଙ୍କବାଦୀ ଉପକୂଳ ସୁରକ୍ଷାକୁ ଭେଦ କରି ପ୍ରବେଶ କଲେ ସେମାନଙ୍କୁ କିଭିଳି ପ୍ରତିହତ କରାଯାଇପାରିବ ଏବଂ ଉପକୂଳ ସୁରକ୍ଷା ଯାଞ୍ଚକୁ କିଭଳି ଦୃଢ଼ କରାଯାଇପାରିବ ତାହାର ମକ୍‌ଡ୍ରିଲ କରାଯାଇଥିଲା। ଏହି ଅପରେଶନରେ ପୁରୀ ପୋଲିସ ପକ୍ଷରୁ ଉପକୂଳରେ ୩ ପ୍ଲାଟୁନ ଫୋର୍ସ ସାମିଲ୍ ହୋଇଛନ୍ତି। ମକ୍‌ଡ୍ରିଲ୍‌ବେଳେ ଏମାନଙ୍କୁ ସମୁଦ୍ର ଉପକୂଳରେ ମୁତୟନ କରାଯାଇଥିବାବେଳେ ସମସ୍ତ ସାମୁଦ୍ରିକ ଥାନାକୁ ସତର୍କ କରାଇ ଦିଆଯାଇଛି। ଏପରି କି ଅଖରକୁଦା ସାମୁଦ୍ରିକ ଥାନାରେ ରହିଥିବା ବୋଟ୍ ଯୋଗେ ସମୁଦ୍ରରେ ମଧ ପାଟ୍ରୋଲିଂ କରାଯାଉଛି।

# ତଟ ଜଗିଛି ମେରାଇନ୍ ପୋଲିସ

ବ୍ରହ୍ମଗିରି, ୨୬।୯ (ଡି.ଏନ୍.ଏ.): ତଟରକ୍ଷୀ ବାହିନୀ ଓ ସାମୁଦ୍ରିକ ଥାନାର ମିଳିତ ଉଦ୍ୟମରେ ଉପକୂଳ ସୁରକ୍ଷା ପାଇଁ ବୁଧବାର ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ସମୁଦ୍ରରେ ବାହ୍ୟ ଶତ୍ରୁଙ୍କ ଆଗମନକୁ ପ୍ରତିରୋଧ କରିବା ସହ ଉପକୂଳକୁ ସୁରକ୍ଷା ଦେବା ପାଇଁ ଏହା ଅନୁଷ୍ଠିତ ହୋଇଛି । ଏନେଇ ଅରଖକୁଦା ମେରାଇନ ଥାନା ଅଧୀନରେ ବିଭିନ୍ନ ସ୍ଥାନରେ ପୋଲିସ ମୁତୟନ ରହିଛନ୍ତି । କେତେବେଳେ କେଉଁ ପରିସ୍ଥିତିରେ ଶତ୍ରୁମାନେ ଜଳପଥ ଦେଇ ସ୍ଥଳପଥରେ ପ୍ରବେଶ କରିବେ ସେଥିପ୍ରତି ପୋଲିସ ସଜାଗ ରହିଥିବା ଜଣାପଡିଛି। ସମୁଦ୍ର କୂଳବର୍ତ୍ତୀ ଅରଖକୁଦା, ସାନପାଟଣା ପ୍ରଭୃତି ସ୍ଥାନରେ ପୋଲିସ ମୁତୟନ ରହିଥିବା ଜଣାପଡିଛି ।

# ସ୍ତ୍ରୀଙ୍କୁ ନିର୍ଯାତନା ଦେଇ ସ୍ୱାମୀ ଗିରଫ

ନିମାପଡ଼ା,୨୬।୯(ଡି.ଏନ୍.ଏ.)

ସ୍ତ୍ରୀଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ନିମାପଡ଼ା ପୋଲିସ ବୁଧବାର ସ୍ୱାମୀ ରାଜେନ୍ଦ୍ର ପରିଡାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନା ଥାଉକି, ବାଲିପାଟଣା ଥାନା ଅଧୀନ ଗୁଆପୁର ଗ୍ରାମର ସୁଶାନ୍ତି ମେ' ୨୦୧୫ରେ ନିମାପଡ଼ା ଥାନା ଅଧୀନ ଦେଖୋତା ଗ୍ରାମର ରାଜେନ୍ଦ୍ରଙ୍କୁ ବିବାହ କରିଥିଲେ। ବିବାହ ସମୟରେ କନ୍ୟାଘର ପକ୍ଷରୁ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ହେଲେ ବିବାହର ୮ଦିନ ପରେ ଅଧିକ ଟଙ୍କା ଆଣିବା ପାଇଁ ଶାଶୁଘର ଲୋକେ ସୁଶାନ୍ତିଙ୍କୁ କହିବା ସହ ନିର୍ଯାତନା ଦେଉଥିଲେ। ସୁଶାନ୍ତିଙ୍କ ଅଭିଯୋଗକ୍ରମେ ପୋଲିସ ୫ଜଣଙ୍କ ବିରୋଧରେ ମାମଲା (ନଂ. ୨୬୪/୧୮)ରୁଜୁ କରି ତଦନ୍ତ ଚଳାଇଥିଲା।

# ସିଙ୍ଗାପୁର, ମାଲେସିଆରେ ଚମକିଲେ ଓଡ଼ିଶୀ ନୃତ୍ୟଶିଳ୍ପୀ

ପୁରୀ ଅଫିସ, ୨୬।୯


ଓଡ଼ିଶୀ ନୃତ୍ୟଶିଳ୍ପୀ ରୋଜାଲିନ୍ ମହାନ୍ତି।

ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟଶିଳ୍ପୀ ରୋଜାଲିନ୍ ମହାନ୍ତି ସିଙ୍ଗାପୁର ଓ ମାଲେସିଆରେ ଓଡ଼ିଶୀ ନୃତ୍ୟ ପରିବେଷଣ କରି ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର କରିଛନ୍ତି। ସିଙ୍ଗାପୁର ସ୍ଥିତ ଇସ୍କନ ଦ୍ୱାରା ପରିଚାଳିତ ଶ୍ରୀକୃଷ୍ଣ ମନ୍ଦିରରେ ୫ଦିବସୀୟ ରାଧାଷ୍ଟମୀ ମହୋତ୍ସବରେ ଯୋଗଦାନ କରି ସେ ଚିତ୍ତାକର୍ଷକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଶ୍ରୀଜଗନ୍ନାଥଙ୍କ ଚନ୍ଦନଯାତ୍ରା, ଜୟଦେବଙ୍କ ଗୀତଗୋବିନ୍ଦ, ଦଶାବତାର, ଏକକ ଅଭିନୟ ନୃତ୍ୟ ପରିବେଷଣ କରି ଭକ୍ତଙ୍କୁ ବିମୋହିତ କରିଥିଲେ। ପରେ ମାଲେସିଆର କୁଆଲାଲମପୁରସ୍ଥିତ ବୁଦ୍ଧ ମନ୍ଦିରରେ ଓଡ଼ିଶୀ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ପୂର୍ବରୁ ଜାପାନ, ଆମେରିକା ଓ ହଂକଂରେ ସେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଛନ୍ତି। ଏଥିସହିତ ବିଦେଶର ବିଭିନ୍ନ ସହରରେ ଆୟୋଜିତ ରଥଯାତ୍ରାରେ ଓଡ଼ିଶୀ ନୃତ୍ୟ ପରିବେଷଣ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଶ୍ରୀକ୍ଷେତ୍ରରେ ରଥଯାତ୍ରା, ସ୍ନାନଯାତ୍ରା, ଝୁଲଣଯାତ୍ରା, ଜନ୍ମାଷ୍ଟମୀ, ଦୋଳପୂର୍ଣ୍ଣମୀ ସମୟରେ ଦେଖିବାକୁ ମିଳେ ତାଙ୍କ ନୃତ୍ୟର ଝଲକ।

ଶ୍ରୀକ୍ଷେତ୍ରରେ ଜନ୍ମିତ ରୋଜାଲିନ ଗୁରୁ ଲିଙ୍ଗରାଜ ବେହେରା, ଗୋବିନ୍ଦ ଚନ୍ଦ୍ର ପାଲ, କୃଷ୍ଣ ଚରଣ ବେହେରା ଏବଂ ନାରାୟଣ ପାଣ୍ଡେଙ୍କ ସହିତ ନୃତ୍ୟ ପରିବେଷଣ କରି ଉଚ୍ଚକୋଟୀର ଦକ୍ଷତା ପ୍ରତିପାଦନ କରିଛନ୍ତି। ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ ନୂଆଦିଲ୍ଲୀରୁ ସଂସ୍କୃତରେ ଏମ୍‌ଏ ଏବଂ ଓଡ଼ିଶୀ ନୃତ୍ୟରେ ପ୍ରାଚୀନ କଳାକେନ୍ଦ୍ର ଚଣ୍ଡିଗଡ଼ରୁ ଏମ୍‌ଏ ଡିଗ୍ରୀ ହାସଲ କରିଛନ୍ତି। ଜଣେ କୋରିଓଗ୍ରାଫର ଭାବେ ମଧ ସେ ପରିଚିତ। ଦୂରଦର୍ଶନ ଦ୍ୱାରା ସେ ଜଣେ ବି-ଗ୍ରେଡ ନୃତ୍ୟଶିଳ୍ପୀ ଭାବେ ସମ୍ମାନଲାଭ କରିଛନ୍ତି।

# ଜିଲା ଷ୍ଟାଣ୍ଡିଂ କମିଟିର ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ

କଣାସ,୨୬।୯(ଡି.ଏନ୍.ଏ.)

**ଛତୁଆ ପ୍ରସ୍ତୁତ ଓ କେନ୍ଦ୍ର ପରିଚାଳନା ନେଇ ଅସନ୍ତୋଷ**

କଣାସ ବ୍ଲକର ଅଙ୍ଗନୱାଡି କେନ୍ଦ୍ରରେ ଯୋଗାଣ ହେଉଥିବା ଛତୁଆ ଓ କେନ୍ଦ୍ର ପରିଚାଳନାରେ ଅନିୟମିତତା ନେଇ ପୂର୍ବରୁ ବାରମ୍ବାର ଅଭିଯୋଗ ହେଉଥିଲେ ମଧ ପୁଣି ଏକ ଘଟଣା ଯୋଗୁ ଏହାର କାର୍ଯ୍ୟକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି । ଏହାକୁ ପରଖିବା ପାଇଁ ବୁଧବାର ପୁରୀ ଜିଲା ପରିଷଦର ମହିଳା, ଶିଶୁ କଲ୍ୟାଣ ଷ୍ଟାଣ୍ଡିଂ କମିଟି ପକ୍ଷରୁ କଣାସର ବିଭିନ୍ନ ଅଙ୍ଗନୱାଡିକେନ୍ଦ୍ର, ଖାଦ୍ୟ(ଛତୁଆ) ପ୍ରସ୍ତୁତ କେନ୍ଦ୍ର ଓ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଆସିଛନ୍ତି। ଷ୍ଟାଣ୍ଡିଂ କମିଟି ଅଧକ୍ଷା କୁଳତା ସାମଲଙ୍କ ନେତୃତ୍ୱରେ କମିଟି ସଦସ୍ୟମାନେ ନୂଆପଡ଼ା, ଟିଗିରିଆ, ରାହାନ୍ଦିଆ, ସିରେଇ ଗ୍ରାମର ବିଭିନ୍ନ ଅଙ୍ଗନୱାଡିକେନ୍ଦ୍ର ଓ ଛତୁଆ ପ୍ରସ୍ତୁତ କେନ୍ଦ୍ର(ମା' କ୍ଷେତ୍ରପାଳି ସ୍ୱୟଂ ସହାୟିକା ଗୋଷ୍ଠୀ) ବୁଲି ଦେଖି ଗଭୀର ଅସନ୍ତୋଷ ପ୍ରକାଶ କରିଥିଲେ। ଟିଗିରିଆ, ନୂଆପଡା ସମେତ ଅନ୍ୟ ଅଙ୍ଗନୱାଡିକେନ୍ଦ୍ରରେ ଅଣ୍ଡା ଯୋଗାଣରେ ଅନିୟମିତତା ଥିବାବେଳେ ଅଗଷ୍ଟରୁ ପିଲାମାନଙ୍କୁ ୫ଟି ଅଣ୍ଡା ବଦଳରେ ୩ଟି ଦିଆଯାଉଥିବା ନେଇ ଅଧକ୍ଷା ଅସନ୍ତୁଷ୍ଟ ହୋଇଥିଲେ। ତେବେ ଅଣ୍ଡାର ଦର ଅଧିକ ଥିବାରୁ ୩ଟି ଦିଆଯାଉଛି ବୋଲି ଅଙ୍ଗନୱାଡି କର୍ମୀ କହିଥିଲେ ସୁଦ୍ଧା ସରକାର ପ୍ରଦାନ କରୁଥିବା ଅର୍ଥରେ ବଜାର ଅଣ୍ଡା ଦରରେ ୫ଟି ଦେଇହେବ ବୋଲି ଅଧକ୍ଷା କହିଥିଲେ। ବିଶେଷ କରି ଛତୁଆ ପ୍ରସ୍ତୁତ କେନ୍ଦ୍ରଗୁଡିକ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶରେ ଥିବା, ଗହମ ଓ ବାଦାମ ବସ୍ତାରେ ପୋକ ଲାଗି ନଷ୍ଟ ହୋଇଯାଇଥିବା ଦେଖି ଟିମ ସଦସ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ। ଏପରିକି ଖାଦ୍ୟର ମାନ ପରୀକ୍ଷା କରିବା ପାଇଁ ଛତୁଆ ପ୍ୟାକେଟ ମାଗିଥିଲେ ମଧ ମିଳି ନଥିଲା। ଏନେଇ କମିଟି ଅଧକ୍ଷା କୁଳତା କୁହନ୍ତି, ପ୍ରାୟ ୧୦ଟି କେନ୍ଦ୍ର ବୁଲିଥିବାବେଳେ କମିଟିର ଅନ୍ୟ ସଦସ୍ୟମାନେ ୨ଟି ଛତୁଆ ଯୋଗାଣକାରୀ ସଂସ୍ଥା ପରିଦର୍ଶନ କରିବା ସହ ପ୍ରସ୍ତୁତ କେନ୍ଦ୍ରଗୁଡିକ ସଫା ରଖିବା ପାଇଁ କହିଥିଲେ। ନୂଆକରି ଆଇସିଡିଏସ୍ ଦାୟିତ୍ୱରେ ଥିବା ସିଡିପିଓ ପ୍ରେମବାଳା ତ୍ରିପାଠୀ ମତାମତ ଦେବାକୁ ମନା କରିଥିଲେ।

# ଜମିଜମା ସମସ୍ୟା: ଏକାଠି ହେଲେ ୫ ଗ୍ରାମବାସୀ

ପୁରୀ ଅଫିସ, ୨୬।୯


ବୈଠକରେ ଯୋଗ ଦେଇଥିବା ୫ ମୌଜାବାସୀ।

**୧୫ ଦିନର ମହଲତ, ସମାଧାନ ନ ହେଲେ ଜନ ଆନ୍ଦୋଳନ**

ବାଟ ଗାଁ, ସମଗରା, ବାଲୁଖଣ୍ଡ, ଆଳିକିଆ ଆଦି ଗ୍ରାମର ବାସିନ୍ଦା ନିଜ ଜମିକୁ ବର୍ଷ ବର୍ଷ ଧରି ସ୍ଥିତିବାନ ସ୍ୱତ୍ୱରେ ଚାଷବାସ କରି ସରକାରଙ୍କୁ ଖଜଣା ଦେଇ ଆସୁଥିଲେ। ଗତ କିଛି ବର୍ଷ ହେଲା ଉକ୍ତ ଗ୍ରାମରେ ଥିବା ଲୋକମାନେ ଜମିର ମାଲିକାନା ହରାଇଛନ୍ତି। ୫ବର୍ଷ ହେଲା ଜମି ବିକ୍ରି କରି ପାରୁ ନ ଥିବା ବେଳେ ଜମିର ମାଲିକାନା ଶ୍ରୀମନ୍ଦିର ହାତକୁ ଚାଲିଯାଇଛି। ସେହିପରି ବାଲିଗୁଆଳି ଗ୍ରାମର ଶହ ଶହ ଏକର ଜମିକୁ ପ୍ରଶାସନ ଅନାବାଦି ଘୋଷଣା କରିବା ପରେ ବିକ୍ରି ବନ୍ଦ କରାଯାଇଛି। ବାଲୁଖଣ୍ଡ ଅଭୟାରଣ୍ୟ ପରିବେଶ ସମ୍ବେଦନଶୀଳ ଅଞ୍ଚଳ ଘୋଷଣା ହେବା ପରେ ଉକ୍ତ ଅଞ୍ଚଳରେ ରହିଥିବା ଲୋକ ବି ଜମି ବିକ୍ରି କରିପାରୁ ନାହାନ୍ତି। ଦୀର୍ଘବର୍ଷ ହେଲା ଏଭଳି ସମସ୍ୟା ଲାଗି ରହିଥିଲେ ହେଁ ରାଜ୍ୟ ସରକାର ଏ ସମସ୍ୟାର ସମାଧାନ କରୁନାହାନ୍ତି। ଏହାକୁ ନେଇ ଆଞ୍ଚଳିକ ଭୂ ସମ୍ପତ୍ତି ସୁରକ୍ଷା ପରିଷଦ ଗର୍ଜିଛି। ଆଗାମୀ ୧୫ଦିନରେ ଏହି ଜମିଜମା ସମସ୍ୟାର ସମାଧାନ ନ ହେଲେ ପରିଷଦ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

ପରିଷଦ ପକ୍ଷରୁ ରେଣ୍ଟୁଅ ବାତ୍ୟା ଆଶ୍ରୟସ୍ଥଳରେ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବାଟ ଗାଁ, ସମଗରା, ଆଳିକିଆ, ବାଲିଗୁଆଳି, ମଙ୍ଗରାଜପୁର, ଚକ୍ରବର୍ତ୍ତୀ ପାଟଣା ଆଦି ଗ୍ରାମର ୬ଶହରୁ ଅଧିକ ଗ୍ରାମବାସୀ ଏକାଠି ହୋଇଥିଲେ। ବୈଠକରେ ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ ଯୋଗଦେଇ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ପୁରୀ ଜିଲାରୁ ରାଜସ୍ୱ ମନ୍ତ୍ରୀ ପ୍ରତିନିଧିତ୍ୱ କରୁଥିବା ବେଳେ ଏହି ସମସ୍ୟା ସମାଧାନ ନ ହେବା ଦୁର୍ଭାଗ୍ୟଜନକ ବୋଲି ସେ କହିଥିଲେ। ବାଲିଗୁଆଳି ଗ୍ରାମର ଜମିକୁ ଅନାବାଦି ଘୋଷଣାକୁ ନେଇ ସେ ପ୍ରଶାସନ ଉପରେ ବର୍ଷିଥିଲେ। ବାଲିଗୁଆଳି ମୌଜାର ଜମି ଯଦି ଅନାବାଦି ହେଲା ତେବେ ସ୍ୱାମୀ ନରାୟଣ ମନ୍ଦିର ଜମି କିଭଳି ସ୍ଥିତିବାନ ସ୍ୱତ୍ୱ ରହିଲା ବୋଲି ସେ ପ୍ରଶ୍ନ କରିଥିଲେ। ପରିବେଶ ସମ୍ବେଦନଶୀଳ ଅଞ୍ଚଳରେ କିଭଳି ସ୍ୱାମୀ ନାରାୟଣ ମନ୍ଦିର ନିର୍ମାଣ ଚାଲିଛି ବୋଲି ସେ ପ୍ରଶ୍ନ ଉଠାଇଥିଲେ।

ବୈଠକରେ ପୂର୍ବତନ ଜିଲାପରିଷଦ ଅଧକ୍ଷ ତଥା ଜିଲା ପରିଷଦ ସଦସ୍ୟ ଦିବାକର ପାତ୍ର ଯୋଗଦେଇ ଲୋକମାନଙ୍କ ଏହି ସମସ୍ୟାର ସମାଧାନ ଲାଗି ରାଜ୍ୟ ସରକାର ଓ ରାଜସ୍ୱ ମନ୍ତ୍ରୀ ସ୍ୱତନ୍ତ୍ର ଦୃଷ୍ଟି ଦେଉଥିବା ସେ କହିଥିଲେ। ଏହି ସଭାରେ ପୀତବାସ ନାୟକ, ଶଶିଭୂଷଣ ଶତପଥୀ, ଦାମୋଦର ମହାପାତ୍ର, ପର୍ଶୁରାମ ପ୍ରଧାନ, ଭୀମସେନ ପ୍ରଧାନ, ଧଡିଆ ପ୍ରଧାନ, ନୃସିଂହ ପ୍ରଧାନ ପ୍ରମୁଖ ଯୋଗଦେଇ ମତ ରଖିଥିଲେ।

# ବିଜେଡିରେ ମିଶିଲେ ଭାଜପା କର୍ମୀ

ଗୋପ, ୨୬।୯ (ଡି.ଏନ୍.ଏ.): କାକଟପୁର ନିର୍ବାଚନ ମଣ୍ଡଳୀ ତଥା ଗୋପ ବ୍ଲକ ଅଧୀନ ବୀରତୁଙ୍ଗ ପଞ୍ଚାୟତର କଣ୍ଟି ଓ କରମଳା ଗ୍ରାମର ୧୦ରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ବିଜେଡିରେ ମିଶିଛନ୍ତି। ଏହି ମିଶ୍ରଣ ଉତ୍ସବ କୋଣାର୍କ ସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଅନୁଷ୍ଠିତ ହୋଇଥିଲା। କାକଟପୁର ବିଧାୟକ ସୁରେନ୍ଦ୍ର ସେଠୀ ବିଜୁ ଜନତା ଦଳରେ ସାମିଲ ହେଇଥିବା କର୍ମୀମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ବିଧୂଷ ନାୟକ, ସିକନ ରାଉତ, ରଙ୍ଗରାଜ ଦାଶ, ବିଚିତ୍ର ରାଉତ, ଚିକିନା ମହାନ୍ତିଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ବୀରତୁଙ୍ଗ ପଞ୍ଚାୟତ ବିଜେଡି ସଭାପତି ହରିହର ବେଉରାଙ୍କ ନେତୃତ୍ୱରେ ବିଜେଡିରେ ସାମିଲ ହୋଇଥିଲେ। ଏହି ମିଶ୍ରଣ ପର୍ବରେ ଗୋପ ବ୍ଲକ ୧୪ ପଞ୍ଚାୟତ ବିଜୁ ଜନତା ଦଳ ଆବାହକ ବ୍ରହ୍ମାନନ୍ଦ ସାମନ୍ତରାୟ, କୋଣାର୍କ ବିଜେଡି ନଗର ସଭାପତି ଗୋପାଳ ଚନ୍ଦ୍ର ବେହେରା, ବିମ୍ବାଧର ବେଉରା, କାଉନସିଲର ପ୍ରତାପ ଗୋଚ୍ଛାୟତ, ବିଚିତ୍ରାନନ୍ଦ ସ୍ୱାଇଁ, ଯୁବନେତା ଧନଞ୍ଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


ଭାଜପା କର୍ମୀମାନେ ବିଧାୟକ ସୁରେନ୍ଦ୍ର ସେଠୀଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି।